# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶନିବାର, ଅଗଷ୍ଟ ୩୧/୨୦୨୪ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, August 31/2024 | Page 20 | ₹ 7.00 | SAMBALPUR

୫୦ଶ ଭାଗ ୨୭୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 277 | ମୂଲ୍ୟ ₹୭/-



DSPL - 91

ଓଡ଼ିଶା ଶାସନ

# ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ସମାରୋହ

**୩୧ ଅଗଷ୍ଟ ୨୦୨୪**



ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ମୋହନ ଚରଣ ମାଝୀ**ଙ୍କ
କରକମଳରେ
**୩୦**ଟି ଜିଲ୍ଲାରେ **୧୧୫୧** କୋଟି ଟଙ୍କାର
**୪୮୧**ଟି ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପର
ଶିଳାନ୍ୟାସ ଓ ଲୋକାର୍ପଣ



- **୩୪୫**ଟି ଉନ୍ନତିମୂଳକ ପ୍ରକଳ୍ପର ଲୋକାର୍ପଣ
- **୧୩୬**ଟି ଲୋକାଭିମୁଖୀ ପ୍ରକଳ୍ପର ଶିଳାନ୍ୟାସ
- ପ୍ରମୁଖ ପରିମଳ କର୍ମଚାରୀଙ୍କୁ ଉତ୍ସର୍ଗୀକୃତ ସେବା ପାଇଁ ସମ୍ମାନ
- **୨୭** ଜଣ ଓଡ଼ିଶା ପୌର ପ୍ରଶାସନିକ ସେବା ଅଧିକାରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ
- ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନା କାର୍ଯ୍ୟାନ୍ୱୟନ ଦିଗରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଶଂସିତ ସହଯୋଗୀମାନଙ୍କୁ ସମ୍ବର୍ଦ୍ଧନା

OIPR-13001/13/0001/2425





ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର

ଧରିତ୍ରୀ
DHARITRI
ଧରିତ୍ରୀ 50 Years

ଭୁବନେଶ୍ୱର, ଶନିବାର, ଅଗଷ୍ଟ ୩୧/୨୦୨୪ | Bhubaneswar, Saturday, August 31/2024

# ଛାତ୍ରୀଙ୍କ ହଷ୍ଟେଲ ୱାଶ୍‌ରୁମ୍‌ରେ ଗୁପ୍ତ କ୍ୟାମେରା

**▪ ଛାତ୍ରଙ୍କ ମୋବାଇଲରେ ବୁଲୁଛି ୩୦୦ରୁ ଊର୍ଦ୍ଧ୍ୱ ଭିଡିଓ**
**▪ ତଦନ୍ତ ନିର୍ଦ୍ଦେଶ ଦେଲେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ**

କ୍ରିଷ୍ଣା,୩୦।୮

ଆନ୍ଧ୍ର ପ୍ରଦେଶ କ୍ରିଷ୍ଣା ଜିଲାସ୍ଥିତ ଗୁଡ଼ଲାଭଲ୍ଲେରୁ କଲେଜ୍ ଅଫ୍ ଇଞ୍ଜିନିୟରିଂର ଛାତ୍ରୀମାନଙ୍କ ହଷ୍ଟେଲ ୱାଶ୍‌ରୁମ୍‌ରେ ଗୁପ୍ତ ସିସିଟିଭି କ୍ୟାମେରା ଠାବହେବା ପରେ ବଡ଼ ବିକ୍ଷୋଭ ଆରମ୍ଭ ହୋଇଛି। ଉକ୍ତ କ୍ୟାମେରାରେ ୩୦୦ରୁ ଊର୍ଦ୍ଧ୍ୱ ଭିଡିଓ ଶୁଟ୍ କରାଯାଇଥିବା ଅଭିଯୋଗ ଆଣି ଛାତ୍ରୀମାନେ ନ୍ୟାୟ ଦାବିରେ ରାସ୍ତାକୁ ଓହ୍ଲାଇଛନ୍ତି। ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଏହାର ତଦନ୍ତ ନିର୍ଦ୍ଦେଶ ଦେବା ପରେ ପୋଲିସ ମାମଲା ରୁଜୁକରି ଜଣେ ଫାଇନାଲ ଇୟର ଛାତ୍ରଙ୍କୁ ଅଟକ ରଖିଛି।

ଏସ୍.ଆର୍. ଗୁଡ଼ଲାଭଲ୍ଲେରୁ ଇଞ୍ଜିନିୟରିଂ କଲେଜ ବଏଜ୍ ହଷ୍ଟେଲରେ ରହୁଥିବା ଛାତ୍ରମାନଙ୍କ ମୋବାଇଲରୁ ମୋବାଇଲକୁ ଘୂରି ବୁଲୁଛି ୩୦୦ରୁ ଅଧିକ ଅଶ୍ଳୀଳ ଭିଡିଓ। ବହୁଳ ପ୍ରସାରିତ ଏହି ଆପତ୍ତିଜନକ ଭିଡିଓଗୁଡ଼ିକ ଏକ ସିସିଟିଭି କ୍ୟାମେରାରେ ଶୁଟ୍ କରାଯାଇଛି, ଯାହାକି ଉକ୍ତ କଲେଜର ଛାତ୍ରୀମାନଙ୍କ ହଷ୍ଟେଲ ୱାଶ୍‌ରୁମ୍‌ରେ ସଂଲଗ୍ନ କରାଯାଇଥିଲା। ଗୁରୁବାର ମଧ୍ୟରାତିରେ ଗୁପ୍ତ କ୍ୟାମେରା ଠାବ ହେବା ପରେ ଛାତ୍ରୀମାନେ କ୍ୟାମ୍ପସ୍‌ରେ ନିଜ ସୁରକ୍ଷା ଓ ପ୍ରିଭେସିକୁ ନେଇ ଚିନ୍ତିତ ହୋଇପଡ଼ିଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ଛାତ୍ରୀମାନେ କଲେଜରେ ଏକତ୍ରିତ ହୋଇ ସ୍ଲୋଗାନ ଦେଇଛନ୍ତି 'ୱି ୱାଣ୍ଟ୍ ଜଷ୍ଟିସ୍'। ୱାଶ୍‌ରୁମ୍‌କୁ ଗୁପ୍ତ କ୍ୟାମେରା କିପରି ଗଲା, ତାକୁ କିଏ ଲଗାଇଲା ଏବଂ ସେଥିରେ ଶୁଟ୍ ହୋଇଥିବା ଭିଡିଓ କ୍ଲିପ୍ସକୁ କିଏ ସର୍କୁଲେଟ୍ କଲା ; ଏହାର ବିଧିବଦ୍ଧ ତଦନ୍ତ କରାଯାଉ। ଦୋଷୀ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସେମାନେ ଦାବି କରିଛନ୍ତି। ବିବାଦ ବଢ଼ିବାରେ ଲାଗିଥିବାବେଳେ ମୁଖ୍ୟମନ୍ତ୍ରୀ ନାଇଡୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ପୋଲିସ ଉକ୍ତ କଲେଜକୁ ଯାଇ ତଦନ୍ତ ଆରମ୍ଭ କରିଛି। କଲେଜ ଷ୍ଟାଫ୍‌ଙ୍କ ଉପସ୍ଥିତିରେ ଛାତ୍ରମାନଙ୍କ ଲାପ୍‌ଟପ୍, ମୋବାଇଲ ଫୋନ୍ ଓ ଅନ୍ୟ ଇଲେକ୍ଟ୍ରୋନିକ୍ ଗ୍ୟାଜେଟଗୁଡ଼ିକୁ ଯାଞ୍ଚ କରିବା ପରେ କୌଣସି ଆପତ୍ତିଜନକ ପ୍ରମାଣ ମିଳି ନ ଥିବା ପୋଲିସ କହିଛି। ତେବେ ପୋଲିସ ଜଣେ ଶେଷ ବର୍ଷ ଇଞ୍ଜିନିୟରିଂ ଛାତ୍ରଙ୍କୁ ଅଟକ ରଖି ପଚରାଉଚରା କରୁଛି। ସମ୍ପୃକ୍ତ ଛାତ୍ରଙ୍କ ପରିଚୟ ପ୍ରଘଟ ☞ପୃଷ୍ଠା-୪

# ସରକାରୀ, ଘରୋଇ କାର୍ଯ୍ୟାଳୟରେ ରହିବ ସ୍ତନ୍ୟପାନ କକ୍ଷ

ଭୁବନେଶ୍ୱର,୩୦।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ରାଜ୍ୟ ସରକାର ମହିଳାଙ୍କ ପାଇଁ ଆଉ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ରାଜ୍ୟର ସମସ୍ତ ସରକାରୀ ଓ ଘରୋଇ କାର୍ଯ୍ୟାଳୟରେ ସ୍ତନ୍ୟପାନ କକ୍ଷ ରହିବ। ଏହାସହ ସର୍ବସାଧାରଣ ସ୍ଥାନରେ ମଧ ଏହି କକ୍ଷ ନିର୍ମାଣ ହେବ। ଏନେଇ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖାଯାଇଛି। ସବୁ କାର୍ଯ୍ୟାଳୟ ଓ ସର୍ବସାଧାରଣ ସ୍ଥାନରେ ସ୍ତନ୍ୟପାନ କରାଇବା ଲାଗି ଏକ ଆରାମଦାୟକ, ଏକାନ୍ତ ଏବଂ ସ୍ୱଚ୍ଛ ସ୍ଥାନ ଚୟନ କରାଯିବା ଲାଗି ଚିଠିରେ ଅନୁରୋଧ କରାଯାଇଛି। ଏହାଦ୍ୱାରା ମା' ଓ ଶିଶୁଙ୍କୁ ସମର୍ଥନ ସହ ସେମାନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ପ୍ରାଧାନ୍ୟ ମିଳିବ। ବିଶେଷକରି ସରକାରୀ ଓ ଘରୋଇ କାର୍ଯ୍ୟାଳୟରେ କାର୍ଯ୍ୟରତ ମହିଳାମାନେ ଅଧିକ ଉପକୃତ ହେବେ।

# ଅଭନି ଲେଖରାଙ୍କୁ ସ୍ୱର୍ଣ୍ଣ ପଦକ

**ପ୍ୟାରିସ୍ ପାରାଲିମ୍ପିକ୍ସ** | ମନୀଷଙ୍କୁ ରୌପ୍ୟ, ମୋନା ଓ ପ୍ରୀତିଙ୍କୁ ବ୍ରୋଞ୍ଜ


ଅଭନି ଲେଖରା


ମନୀଷ ନରୱାଲ


ମୋନା ଅଗ୍ରୱାଲ



ପ୍ରୀତି ପାଲ

ଚାଟେରକ୍ସ, ୩୦।୮ (ପି.ଟି.)

ପ୍ୟାରିସ୍‌ରେ ଚାଲିଥିବା ପାରାଲିମ୍ପିକ୍ସର ଦ୍ୱିତୀୟ ଦିନ ଶୁକ୍ରବାର ଭାରତକୁ ୪ଟି ପଦକ ମିଳିଛି। ମହିଳା ଶୁଟିଂ ତାରକା ଅଭନି ଲେଖରା ଦେଶ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତି ଥିବାବେଳେ ରୌପ୍ୟ ପଦକ ହାସଲ କରିଛନ୍ତି ଅନ୍ୟତମ ପୁରୁଷ ଶୁଟର ମନୀଷ ନରୱାଲ। ସେହିପରି ମହିଳା ଶୁଟର ମୋନା ଅଗ୍ରୱାଲ ଓ ଆଥଲେଟ୍ ପ୍ରୀତି ପାଲ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଅଭନି ମହିଳା ୧୦ ମିଟର ଏୟାର ରାଇଫଲ (ଏସଏଚ୧) ଇଭେଣ୍ଟରେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଏହାକୁ ମିଶାଇ କ୍ରମାଗତ ୨ ପାରାଲିମ୍ପିକ୍ସରେ ସେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୨୦୨୦ ଟୋକିଓ ଗେମ୍ସରେ ମଧ ସେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଅନ୍ୟତମ ଭାରତୀୟ ପ୍ରତିଯୋଗୀ ମୋନା ଅଗ୍ରୱାଲ ଏଠାରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଗୋଟିଏ ଇଭେଣ୍ଟରେ ୨ ଜଣ ଭାରତୀୟ ପୋଡିୟମ ମଣ୍ଡନ କରି ଇତିହାସ ରଚିଛନ୍ତି। ୨୨ ବର୍ଷୀୟ ରାଜସ୍ଥାନ ଜୟପୁରର ଅଭନି ଏଠାରେ ୨୪୯.୭ ପଏଣ୍ଟ ହାସଲ କରି ନିଜ ପାରାଲିମ୍ପିକ୍ସ ରେକର୍ଡରେ ଉନ୍ନତି ଆଣିଛନ୍ତି। ୩ ବର୍ଷ ତଳେ ଜାପାନ ରାଜଧାନୀରେ ସେ ୨୪୯.୬ ପଏଣ୍ଟ ହାସଲ କରି ସ୍ୱର୍ଣ୍ଣ ଜିତିଥିଲେ। ସେହିପରି ୩୭ ବର୍ଷୀୟା ମୋନା ୨୨୮.୭ ପଏଣ୍ଟ ସହିତ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପୂର୍ବରୁ ଶଟ୍‌ପୁଟ, ପାୱାରଲିଫ୍ଟିଙ୍ଗ ଓ ହୁଇଲଚେୟାର ଭଲିବଲ ଖେଳୁଥିବା ମୋନା ଏବେ ଶୁଟିଂକୁ କ୍ୟାରିୟର କରିଛନ୍ତି। ଭାରତର ପାରାଲିମ୍ପିକ୍ସ ଇତିହାସରେ ପ୍ରଥମଥର ପାଇଁ ୨ ଜଣ ପ୍ରତିଯୋଗୀ ଗୋଟିଏ ଇଭେଣ୍ଟରେ ପଦକ ହାସଲ କରିଛନ୍ତି। ଦକ୍ଷିଣ କୋରିଆର ଲୀ ୟୁନରି ୨୪୬.୮ ପଏଣ୍ଟ ପାଇ ରୌପ୍ୟ ପଦକ ଜିତିଛନ୍ତି। ଟୋକିଓ ଗେମ୍ସ ଗୋଲ୍ଡ ମେଡାଲିଷ୍ଟ ଶୁଟର ମନୀଷ ନରୱାଲ ପ୍ୟାରିସ୍ ପାରାଲିମ୍ପିକ୍ସରେ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ସେହିପରି ଆଥ୍‌ଲେଟିକ୍ସ ଟି୩୫ ବର୍ଗ ୧୦୦ ମିଟର ଇଭେଣ୍ଟରେ ପ୍ରୀତି ପାଲ ବ୍ରୋଞ୍ଜ ପଦକ ପାଇଛନ୍ତି। ଶୁକ୍ରବାର ଅନୁଷ୍ଠିତ ପୁରୁଷ ୧୦ ମିଟର ଏୟାର ପିସ୍ତଲ (ଏସ୍ଏଚ୍୧) ଇଭେଣ୍ଟରେ ମନୀଷ ଏହି ସଫଳତା ପାଇଛନ୍ତି। ଟୋକିଓରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
ନିଯୁକ୍ତି ଅପେକ୍ଷାରେ



# ନୂଆ ବନ୍ଦେ ଭାରତ ଟ୍ରେନ୍ ସହିତ ସଶକ୍ତ କରୁଛୁ ବିକଶିତ ଭାରତର ସଂକଳ୍ପ



## ୩ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌ର

ପତାକା ଦେଖାଇ ଶୁଭାରମ୍ଭ

ମିରଟ - ଲକ୍ଷ୍ନୌ | ମଦୁରାଇ - ବେଙ୍ଗାଲୁରୁ | ଚେନ୍ନାଇ - ନାଗରକୋଏଲ

ପ୍ରଧାନମନ୍ତ୍ରୀ

## ନରେନ୍ଦ୍ର ମୋଦୀଙ୍କ

ଦ୍ୱାରା

ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ

୩୧ ଅଗଷ୍ଟ ୨୦୨୪ | ପୂର୍ବାହ୍ନ ୧୧.୦୦ ଘଟିକା

ଗରିମାମୟ ଉପସ୍ଥିତି

**ଅଶ୍ୱିନୀ ବୈଷ୍ଣବ**
କେନ୍ଦ୍ର ରେଳ, ସୂଚନା ଏବଂ ପ୍ରସାରଣ ଓ ଇଲେକ୍ଟ୍ରୋନିକ୍ସ ତଥା ସୂଚନା ପ୍ରଯୁକ୍ତି ମନ୍ତ୍ରୀ

**ଭି. ସୋମାନ୍ନା**
କେନ୍ଦ୍ର ରେଳ ଏବଂ ଜଳଶକ୍ତି ମନ୍ତ୍ରୀ

**ରଭନୀତ ସିଂହ**
କେନ୍ଦ୍ର ରେଳ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ

### ବୈଶିଷ୍ଟ୍ୟାବଳୀ

- ବନ୍ଦେ ଭାରତ ଏକ୍ସପ୍ରେସ୍‌ର ନୂଆ ଏବଂ ଉନ୍ନୀତ ସଂସ୍କରଣ
- ଘଣ୍ଟା ପ୍ରତି ସର୍ବାଧିକ ୧୮୦ କିମି ବେଗ ସହିତ ସେମି ହାଇ ସ୍ପିଡ୍ ଟ୍ରେନ୍
- ଧକ୍କା–ନିରୋଧୀ 'କବଚ' ପ୍ରଣାଳୀ ଦ୍ୱାରା ସୁସଜ୍ଜିତ
- ଅତ୍ୟାଧୁନିକ ସୁବିଧା ସହିତ ବିମାନ ଭଳି ଯାତ୍ରାର ଅନୁଭୂତି
- ଦିବ୍ୟାଙ୍ଗଜନ ଯାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ
- ସମାନ ପବନ ବିତରଣ ପାଇଁ ସ୍ୱତନ୍ତ୍ର ଏୟାର୍ କଣ୍ଡିସନିଂ ଡକ୍ଟ
- ସ୍ପର୍ଶମୁକ୍ତ ବୈଶିଷ୍ଟ୍ୟାବଳୀ ସହିତ ବାୟୋ ଭାକ୍ୟୁମ୍ ଶୌଚାଳୟ
- ୩୬୦ ଡିଗ୍ରୀ ଘୂରିପାରୁଥିବା ଏବଂ ଆରାମଦାୟକ ରିକ୍ଲାଇନର୍ ସିଟ୍
- ସ୍ଲାଇଡିଂ ପାହାଚ ସହିତ ଅଟୋମେଟିକ୍ ଦ୍ୱାର
- ସବୁ କୋଚ୍‌ରେ ଜରୁରିକାଳୀନ ଆଲାର୍ମ ପୁଶ୍ ବଟନ୍ ଓ ଟକ୍ ବ୍ୟାକ୍ ୟୁନିଟ୍
- ପ୍ରତ୍ୟେକ କୋଚ୍‌ରେ ୩୨ ଇଞ୍ଚ ଯାତ୍ରୀ ସୂଚନା ଓ ଇନ୍‌ଫୋଟେନମେଣ୍ଟ ସିଷ୍ଟମ୍

DD NEWS ଡିଡି ନ୍ୟୁଜ୍‌ରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ

**ଭାରତୀୟ ରେଳ**
www.indianrailways.gov.in

ଆମକୁ ଫଲୋ କରନ୍ତୁ /RailMinIndia

**ଆଜିର ମନ୍ତବ୍ୟ**
ପ୍ରତିଦିନ ଖବରକାଗଜରେ ସବୁ ବୟସର ମହିଳା ବିରୋଧୀ ଅପରାଧ ଦେଖିବାକୁ ମିଳୁଛି। ଆମେ ଏହି ସମସ୍ୟାର ସମାଧାନ କରି ନ ପାରିଲେ ପୁରୁଷଙ୍କଠାରେ କିଛି ଭୁଲ୍ ରହିଛି ବୋଲି ଧରିନେବାକୁ ପଡ଼ିବ।
–ଶଶୀ ଥରୁର, କଂଗ୍ରେସ ଏମ୍‌ପି

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସଂଗ୍ରାମୀ ଯୁବ ଛାତ୍ର ସଙ୍ଗଠନର ଦ୍ୱିତୀୟ ବାର୍ଷିକ ସମାରୋହ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାଧୀନତା ସଂଗ୍ରାମୀ ଗଙ୍ଗାଧର ପାଇକରାୟଙ୍କ ସ୍ମୃତି ସମାରୋହ, ସ୍ଥାନ: ୟୁନିଟ୍‌–୩, ଗଙ୍ଗାଧର ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀଶ୍ରୀ ଆଖଣ୍ଡଳମଣି ସେବା ସଂସଦ ପକ୍ଷରୁ ଗଣେଶପୂଜା ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଶ୍ରୀଶ୍ରୀ ଆଖଣ୍ଡଳମଣି ସେବା ସଂସଦ ପ୍ରାଙ୍ଗଣ, ନୂଆସାହି, ନୟାପଲ୍ଲୀ, ସମୟ: ମଧ୍ୟାହ୍ନ ୧୨ଟା।
- ଶତାବ୍ଦୀର ଓଡ଼ିଶା ପକ୍ଷରୁ ଜାତୀୟ କର୍ମଶାଳା 'ଓଡ଼ିଶାର ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ବିକାଶ: ସମସ୍ୟା ଓ ତାହାର ସମାଧାନ' ସ୍ଥାନ: ଷ୍ଟଲୱାର୍ଟ ଯଯାତି ସମ୍ମିଳନୀ କକ୍ଷ, ଖାରବେଳ ନଗର, ସମୟ: ଅପରାହ୍ନ ୧୨ଟା ୪୫।
- ଭାରତୀୟ ଶିଶୁ ଚିକିତ୍ସକ ସଂଘର ୧୫ତମ ବାର୍ଷିକ ସମ୍ମିଳନୀ, ସ୍ଥାନ: କିଟ୍ ଅଡିଟୋରିୟମ(କ୍ୟାମ୍ପସ–୬), ସମୟ: ଅପରାହ୍ନ ୪ଟା ୩୦।

## କଟକ
- ବକ୍ସିବଜାର ବ୍ୟବସାୟୀ ସଂଘ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ବକ୍ସିବଜାର ଛକ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାୟତ୍ତ ଶାସନ ଦିବସ ଅବସରରେ ସିଏମ୍‌ସି ପକ୍ଷରୁ ଖାନ୍‌ନଗରଠାରେ ଗ୍ୟାସ୍ କ୍ରିମେଶନ ସେଣ୍ଟର ଉଦ୍‌ଘାଟନ, ସ୍ଥାନ:ଖାନ୍‌ନଗର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସ୍ୱାୟତ୍ତ ଶାସନ ଦିବସ ଅବସରରେ ସିଏମ୍‌ସି ପକ୍ଷରୁ ବକ୍ସିବଜାରଠାରେ ବକ୍ସିଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ଉଦ୍‌ଘାଟନ, ସ୍ଥାନ:ବକ୍ସିବଜାର, ସମୟ: ମଧ୍ୟାହ୍ନ ୧୨ଟା।
- ସିଏମ୍‌ସି ପକ୍ଷରୁ ନେତାଜୀ ସ୍ମାରକୀ ପ୍ରତିଷ୍ଠାନ ଉଦ୍‌ଘାଟନ, ସ୍ଥାନ: ଓଡ଼ିଆବଜାର, ସମୟ: ଅପରାହ୍ନ ୧୨ଟା ୩୦।
- ସିଏମ୍‌ସି ପକ୍ଷରୁ ଆର୍ଟ ଗ୍ୟାଲେରୀ ଉଦ୍‌ଘାଟନ, ସ୍ଥାନ: କଟକ ଟାଉନ୍ ହଲ୍, ସମୟ: ମଧ୍ୟାହ୍ନ ୧ଟା ୪୦।
- ସ୍ୱାୟତ୍ତ ଶାସନ ଦିବସ ଅବସରରେ ସିଏମ୍‌ସି ପକ୍ଷରୁ ସାଧାରଣ ସଭା, ସ୍ଥାନ: ସିଡ଼ିଏ, ସେକ୍ଟର–୬ସ୍ଥିତ ୱିଣ୍ଡ୍‌ସର ପ୍ୟାଲେସ, ସମୟ: ସନ୍ଧ୍ୟା ୬ଟା।

## ପୁରୀ
- ନିମାପଡ଼ା ଏନ୍‌ଏସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ସମାରୋହ, ସ୍ଥାନ: ଏନ୍‌ଏସି କାର୍ଯ୍ୟାଳୟ ପରିସର, ସମୟ: ସକାଳ ୯ଟା।
- ଭାଜପା ପକ୍ଷରୁ ନିର୍ବାଚନମଣ୍ଡଳୀସ୍ତରୀୟ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ନିମାପଡ଼ା ଗ୍ରୀନ୍‌ଲ୍ୟାଣ୍ଡ ମଣ୍ଡପ, ସମୟ: ଅପରାହ୍ନ ୩ଟା।

## ଖୋର୍ଦ୍ଧା
- ଜଟଣୀ ପୌର ପରିଷଦର ୫୨ତମ ପ୍ରତିଷ୍ଠା ଦିବସ ଓ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ, ସ୍ଥାନ: ପୌର କାର୍ଯ୍ୟାଳୟ, ଜଟଣୀ, ସମୟ: ପ୍ରାତଃ ୫ଟା ୩୦ରୁ ସନ୍ଧ୍ୟା ୬ଟା ୩୦।
- ସ୍ୱାୟତ୍ତ ଶାସନ ଦିବସ ଅବସରରେ ପତାକା ଉତ୍ତୋଳନ, ସ୍ଥାନ: ପୌର ପରିଷଦ କାର୍ଯ୍ୟାଳୟ, ଖୋର୍ଦ୍ଧା, ସମୟ: ସକାଳ ୮ଟା।
- ଗୋପ୍ରେମୀଙ୍କ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା, ସମୟ: ସକାଳ ୯ଟା।
- ସ୍ୱାୟତ୍ତ ଶାସନ ଦିବସ ଅବସରରେ ସାଧାରଣ ସଭା, ସ୍ଥାନ: ଟାଉନ ହଲ୍, ଖୋର୍ଦ୍ଧା, ସମୟ: ଅପରାହ୍ନ ୫ଟା।

## ବାଲେଶ୍ୱର
- ୧୪୮ତମ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ସହରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସମୟ: ସକାଳ ୭ଟା।
- ଜାତୀୟ ପତାକା ଉତ୍ତୋଳନ, ସମୟ: ସକାଳ ୮ଟା ୩୦।
- ନୂତନ ପ୍ରକଳ୍ପ ଉଦ୍‌ଘାଟନ, ସମୟ: ସକାଳ ୮ଟା ୪୦।
- ବିଭିନ୍ନ ଖେଳ ପ୍ରତିଯୋଗିତା, ସ୍ଥାନ: ପୌର ପରିଷଦ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସ୍ୱାୟତ୍ତ ଶାସନ ଦିବସ–୨୦୨୪, ସ୍ଥାନ: ଏନ୍‌ଏସି କାର୍ଯ୍ୟାଳୟ, ନୀଳଗିରି, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ପୌର ପରିଷଦ କାର୍ଯ୍ୟାଳୟ, ଜଳେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ରେମୁଣା ବିଜେଡି ପକ୍ଷରୁ ଗଣବିକ୍ଷୋଭ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ସମ୍ମୁଖ, ରେମୁଣା, ସମୟ: ପୂର୍ବାହ୍ନ ୧୦ଟା।
- ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ସର୍ବମଙ୍ଗଳା ବିଦ୍ୟାଳୟ, କୁଅଁରପୁର, ସମୟ: ପୂର୍ବାହ୍ନ ୧୦ଟା।
- ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା, ସ୍ଥାନ: ଖଇରା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସଂସ୍କୃତ ଦିବସ ପାଳନ, ସ୍ଥାନ: ଶ୍ୟାମରାଈ ସଂସ୍କୃତ ମହାବିଦ୍ୟାଳୟ, ଅଲିପୁର, ସାରଡାଙ୍ଗ, ସମୟ: ପୂର୍ବାହ୍ନ ୧୧ଟା।
- ସାହିତ୍ୟ ପରିଷଦର କବିତା ପାଠ ଉତ୍ସବ, ସ୍ଥାନ: ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ବସ୍ତା, ସମୟ: ଅପରାହ୍ନ ୪ଟା।
- ସ୍ୱାୟତ୍ତ ଶାସନ ଦିବସ ଅବସରରେ ସାଧାରଣ ସଭା, ସ୍ଥାନ: ଗାନ୍ଧୀ ସ୍ମୃତିଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ସମାରୋହ, ସ୍ଥାନ: ବାସୁଦେବପୁର ପୌରପାଳିକା କାର୍ଯ୍ୟାଳୟ ଓ ନୀଳମଣି ଟାଉନ ହଲ୍ ପରିସର, ସମୟ: ସକାଳ ୬ଟା।
- ଜିଲାସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ବାଗୁରାଇ ହାଇସ୍କୁଲ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଭୂମିକନ୍ୟା ମହିଳା ସଙ୍ଗଠନ ପକ୍ଷରୁ ପୂଜ୍ୟପୂଜା ସମ୍ମାନ ଓ କବିତା ପାଠୋତ୍ସବ, ସ୍ଥାନ: ଭାଗବତ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର
- ସ୍ୱାୟତ୍ତ ଶାସନ ଦିବସ ଅବସରରେ ପ୍ରଭାତ ଫେରି, ସାଧାରଣ ସଭା, ସ୍ଥାନ: ପୌର ପାଳିକା ପ୍ରାଙ୍ଗଣ, ଯୋଡ଼ା, ସମୟ: ସକାଳ ୬ଟା, ସନ୍ଧ୍ୟା ୭ଟା।
- ଶନିଗ୍ରହଙ୍କ ମନ୍ଦିରରେ ମେଳା, ପୂଜା ଏବଂ ଭଜନ କୀର୍ତ୍ତନ, ସ୍ଥାନ: ସମୋଟରାଗଡିଆ, ଛେନାପଦୀ, ହାଟଡିହୀ, ସମୟ: ସକାଳ ୬ ଟା ଏବଂ ସନ୍ଧ୍ୟା ୭ ଟା।
- ବ୍ଲକ୍‌ସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା, ସ୍ଥାନ: ଦ୍ରୌପଦୀ ଦେବୀ କଲ୍‌ଚରାଲ ଇନଷ୍ଟିଚ୍ୟୁଟ, ବଡ଼ବିଲ, କେନ୍ଦୁଝର, ସମୟ: ପୂର୍ବାହ୍ନ ୯ ଟା।
- କ୍ଷିତି ଜ୍ୟୋତି ଆଶ୍ରମ ପକ୍ଷରୁ ଫଳ ବଣ୍ଟନ, ସ୍ଥାନ : ଜିଲା ମୁଖ୍ୟ ଡାକ୍ତରଖାନା, କେନ୍ଦୁଝର ସମୟ: ପୂର୍ବାହ୍ନ ୧୧ ଟା।
- ଶ୍ରୀ ହନୁମାନଙ୍କ ମନ୍ଦିରରେ ବେଦ ଏବଂ ରାମଚରିତ ପାଠ, ଭଜନ, ସ୍ଥାନ: ହାବଳେଶ୍ୱର, ହାଟଡ଼ିହୀ, ସମୟ: ସକାଳ ଏବଂ ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ
- ନିଖିଳ ଭାରତ ସ୍ୱାୟତ୍ତଶାସନ ଦିବସ ପାଳନ ଅବସରରେ ରାମଧୂନ, ସ୍ଥାନ: ବାରିପଦା ମ୍ୟୁନିସିପାଲିଟି ଅଞ୍ଚଳ, ସମୟ: ଭୋର ୫ଟା।
- ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ମ୍ୟୁନିସିପାଲିଟି କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ସକାଳ ୯ଟା ୩୦।
- ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ:ଅଁଳା ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବିଭିନ୍ନ ମହିଳା ସମିତି ଦ୍ୱାରା ଉତ୍ପାଦିତ ସାମଗ୍ରୀ ପ୍ରଦର୍ଶନୀର ଉଦ୍‌ଘାଟନ, ସ୍ଥାନ: ମ୍ୟୁନିସିପାଲିଟି ପରିସର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସ୍ୱାୟତ୍ତଶାସନ ଦିବସ ପାଳନ ନିମନ୍ତେ ସଭା, ସ୍ଥାନ: ମ୍ୟୁନିସିପାଲିଟି ସମ୍ମିଳନୀ କକ୍ଷ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା ୪୦।
- ସନ୍ତରଣ ପ୍ରତିଯୋଗିତା,ସ୍ଥାନ: ବିଜୁ ପଟ୍ଟନାୟକ ସନ୍ତରଣ କେନ୍ଦ୍ର, ଲକ୍ଷ୍ମୀପୋଷି ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ନିୟୁ ରାଜସ୍ଥାନୀ କଟନ ଫାବ୍ ପ୍ରଦର୍ଶନୀ, ସ୍ଥାନ: ଛଉ ପଡ଼ିଆ ବାରିପଦା, ସମୟ:ପୂର୍ବାହ୍ନ ୧୧ଟାରୁ ରାତି ୧୦ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମ୍ୟୁନିସିପାଲିଟି କାର୍ଯ୍ୟାଳୟ ପରିସର,ବାରିପଦା, ସମୟ: ସନ୍ଧ୍ୟା ୬ଟା ୩୦।

## ବ୍ରହ୍ମପୁର
- ବ୍ରହ୍ମନଗର ଓ ଜ୍ୟୋତିନଗର ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ,ସ୍ଥାନ: ଜ୍ୟୋତି ନଗର ୨ୟ ଲେନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଗଙ୍ଗାଧର ମେହେର ଜୟନ୍ତୀରେ ସ୍ୱତନ୍ତ୍ର ବକ୍ତୃତା,ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ପଦାର୍ଥ ବିଜ୍ଞାନ ବିଭାଗର ବକ୍ତୃତା,ସ୍ଥାନ: ଏସଏନ ବୋଷ ଗ୍ୟାଲେରି, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଗୃହ ବିଜ୍ଞାନ ବିଭାଗ ପକ୍ଷରୁ ନାରୀ ଓ ଆଇନ ଉପରେ ବକ୍ତୃତା, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,ସମୟ: ଅପରାହ୍ନ ୩ଟା।
- ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳ ପଡିଆ,ସମୟ–ଅପରାହ୍ନ ୪ଟା।

## ଗଞ୍ଜାମ
- ସ୍ୱାୟତ୍ତ ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ହିଞ୍ଜିଳିକାଟୁ ପୌର ପରିଷଦ କାର୍ଯ୍ୟାଳୟ,ସମୟ: ସକାଳ ୭ଟା ୩୦। ସ୍ଥାନ:ଗୋପାଳପୁର ଏନଏସି ପରିସର, ବୁଗୁଡ଼ା ଏନ୍‌ଏସି ପରିସର,ସମୟ: ସକାଳ ୮ଟା।
- ସ୍ୱଚ୍ଛତା ରାଲି, ସ୍ଥାନ: ପୂର୍ତ୍ତ ଡାକ ବଙ୍ଗଳାଠାରୁ ପୌର କାର୍ଯ୍ୟାଳୟ, ହିଞ୍ଜିଳିକାଟୁ ,ସମୟ: ସକାଳ ୮ଟା ୩୦।
- ସ୍ୱାୟତ୍ତ ଶାସନ ଦିବସ ପାଳନ, ପ୍ରକଳ୍ପ ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ବୁଗୁଡ଼ା ବଡଦାଣ୍ଡ,ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ଗଞ୍ଜାମ ଏନଏସି ପରିସର, ସମୟ: ଅପରାହ୍ନ ୪ଟା।
- ସ୍ୱାୟତ୍ତ ଶାସନ ସପ୍ତାହ ଉଦଯାପନୀ ଉତ୍ସବ, ସ୍ଥାନ: ଦିଗପହଣ୍ଡି ବଜାର ଛକ, ସମୟ: ଅପରାହ୍ନ ୫ଟା।
- ସ୍ୱାୟତ୍ତ ଶାସନ ଦିବସ, ସ୍ଥାନ: ଆସିକା ଏନ୍‌ଏସି କାର୍ଯାଳୟ ପରିସର, ସମୟ: ଅପରାହ୍ନ ୫ଟା।
- ସ୍ୱାୟତ୍ତ ଶାସନ ଦିବସ ସାଧାରଣ ସଭା ଓ ସାଂସ୍କୃତିକ ଉତ୍ସବ, ସ୍ଥାନ: ହିଞ୍ଜିଳିକାଟୁ ନେତାଜୀ କଲ୍ୟାଣ ମଣ୍ଡପ,ସମୟ: ଅପରାହ୍ନ ୫ଟା୩୦।

## କନ୍ଧମାଳ
- ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ, ସ୍ଥାନ: ଇନଡୋର ହଲ, ଫୁଲବାଣୀ, ସମୟ: ସକାଳ ୯ଟା।
- ଜାତୀୟ ଖେଳ ଦିବସ ଉପଲକ୍ଷେ ଭଲିବଲ ଟୁର୍ନାମେଣ୍ଟ, ସ୍ଥାନ: ଏମକେଏସ୍‌ପି ପରିସର ଫୁଲବାଣୀ, ସମୟ: ପୂର୍ବାହ୍ନ୧୦ଟା।
- ପିଏମ୍ କିଶାନ, ସୁଭଦ୍ରା ଯୋଜନା ସମ୍ପର୍କିତ କର୍ମଶାଳା, ସ୍ଥାନ: ଦାରିଙ୍ଗବାଡି ବ୍ଲକ ସଭାଗୃହ,ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ
- ସ୍ୱାୟତ ଶାସନ ଦିବସ ପାଳନ ଓ ସାଧାରଣ ସଭା, ସ୍ଥାନ: ପୌର କାର୍ଯ୍ୟାଳୟ ଓ ମିନି ଷ୍ଟାଡିୟମ, ଢେଙ୍କାନାଳ, ସମୟ: ସକାଳ ୭ଟା ୩୦ ଓ ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର
- ପାରାଦୀପ ପୌରପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ସମାରୋହ, ସ୍ଥାନ: ଜୟଦେବ ଭବନ, ବଡ଼ପଡିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ପୌର ପରିଷଦ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ, ପଟ୍ଟାମୁଣ୍ଡାଇ, ସମୟ: ସକାଳ: ୭ଟା, ସ୍ଥାନ: ଟାଉନ ହଲ, କେନ୍ଦ୍ରାପଡ଼ା, ସମୟ: ଅପରାହ୍ନ ୫ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ନାଗପୁରା, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ସ୍ୱାୟତ୍ତ ଶାସନ ଦିବସ, ସ୍ଥାନ: ଯାଜପୁର ପୌର ପରିଷଦ କାର୍ଯ୍ୟାଳୟ ପରିସର, ସମୟ : ସକାଳ ୮ଟା, ସାଧାରଣ ସଭା: ସ୍ଥାନ: ଗୌତମ ବୁଦ୍ଧ ସଂସ୍କୃତି ଭବନ: ସମୟ: ଅପରାହ୍ନ ୫ଟା।
- ସ୍ୱାୟତ୍ତ ଶାସନ ଦିବସ, ସ୍ଥାନ: ବ୍ୟାସନଗର ପୌର ପରିଷଦ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୮ଟା।

## ନୟାଗଡ଼
- ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ, ସ୍ଥାନ: ଖଣ୍ଡପଡ଼ା ଏନ୍‌ଏସି କାର୍ଯ୍ୟାଳୟ, ସମୟ:ସକାଳ ସାଢ଼େ ୮ଟା, ସ୍ଥାନ: ଓଡ଼ଗାଁ ବ୍ଲକ୍ ରୋଡ ସରକାରୀ କଲ୍ୟାଣ ମଣ୍ଡପ, ସମୟ: ସକାଳ ୯ଟା, ସ୍ଥାନ: ଦଶପଲ୍ଲା ଏନ୍‌ଏସି କାର୍ଯ୍ୟାଳୟ, ସମୟ:ସକାଳ ୯ଟା, ସ୍ଥାନ: ନୟାଗଡ଼ ପଠାଣି ସାମନ୍ତ ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ ଟା।
- ଅପପୁଷ୍ଟି ମହିଳା ଓ ଶିଶୁଙ୍କୁ କୁକୁଡ଼ା ଚିଆଁ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଓଡ଼ଗାଁ ପ୍ରାଣୀ ଚିକିତ୍ସା କେନ୍ଦ୍ର, ସମୟ: ମଧ୍ୟାହ୍ନ ୧୨ଟା।
- ଜିଲା ପ୍ରଶାସନ ପକ୍ଷରୁ ଜାତୀୟ ଖେଳ ଦିବସରେ ଶରୀର ନିର୍ମାଣ ଓ ମହିଳାପୁରୁଷ ଠିକ୍ ହୁଅନ୍ତୁ, ସ୍ଥାନ: ନୟାଗଡ଼ ଇଣ୍ଡୋର ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା୩୦।

## ରାୟଗଡ଼ା
- ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ଗୁଣପୁର ପୌର ପରିଷଦ କାର୍ଯ୍ୟାଳୟ, ସମୟ: ସକାଳ ୭ଟା।
- ସ୍ୱାୟତ୍ତ ଶାସନ ଦିବସ –୨୦୨୪ ଉପଲକ୍ଷେ ପତାକା ଉତ୍ତୋଳନ: ସ୍ଥାନ: ପୌର ପରିଷଦ କାର୍ଯ୍ୟାଳୟ, ସମୟ: ସକାଳ ୮ଟା ୩୦।
- ମୁଖ୍ୟମନ୍ତ୍ରୀଙ୍କ ଭର୍ଚୁଆଲ ମିଟିଂ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ପିଏମ୍ ଜନମନ ସଚେତନତା ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ଖଜୁରୀ ଗ୍ରାମ, ବିଷମକଟକ ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## ନବରଙ୍ଗପୁର
- ସ୍ୱାୟତ ଶାସନ ଦିବସରେ ପତାକା ଉତ୍ତୋଳନ, ସ୍ଥାନ: ନବରଙ୍ଗପୁର ପୌର କାର୍ଯ୍ୟାଳୟ, ସମୟ: ୯ ଟା।
- ଏମ୍‌ପିଙ୍କ ସମୀକ୍ଷା ବୈଠକ, ସ୍ଥାନ: ପାପଡ଼ାହାଣ୍ଡି, ସମୟ:ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ନେଇ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ, ଶିକ୍ଷା ବିଭାଗର ସମୀକ୍ଷା ବୈଠକ, ସ୍ଥାନ: ଜିଲା ପଞ୍ଚାୟତ ସାଧନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ଏକ ଦିବସୀୟ ପ୍ରାଣୀଧନ ଗଣନା ତାଲିମ, ସ୍ଥାନ: ନବରଙ୍ଗପୁର ମିଶନ ଶକ୍ତି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନବରଙ୍ଗପୁର ସାଇ କଲ୍ୟାଣ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କୋରାପୁଟ
- ସ୍ୱାୟତ ଶାସନ ଦିବସ, ସ୍ଥାନ: ସୁନାବେଡ଼ା ପୌର କାର୍ଯ୍ୟାଳୟ ପରିସର, ସମୟ: ସକାଳ ୫ ଟା।
- ସ୍ୱାୟତ୍ତ ଶାସନ ଦିବସରେ ପତାକା ଉତ୍ତୋଳନ, ସ୍ଥାନ: ପୌରପରିଷଦ କାର୍ଯ୍ୟାଳୟ ଜୟପୁର, ସମୟ: ସକାଳ ୮ଟା।
- ଜୈବିକ କୃଷି ସମ୍ବନ୍ଧୀୟ ତାଲିମ ଶିବିର, ସ୍ଥାନ: ହଞ୍ଜରାଗୁଡ଼ା,ସେମିଳିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସ୍ୱାୟତ୍ତ ଶାସନ ଦିବସରେ ସାଂସ୍କୃତିକ କାଯ୍ୟକ୍ରମ, ସ୍ଥାନ: ଜୟପୁର ସଙ୍ଗମ କଲ୍ୟାଣ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ସମ୍ବଲପୁର
- ନିଃଶୁଳ୍କ ଯୋଗ ପ୍ରଶିକ୍ଷଣ ଶିବିର, ସ୍ଥାନ: ହାୱା ମଇଦାନ ପରିସର, ସମୟ: ସକାଳ ୬ଟା।
- ସ୍ୱାୟତ୍ତ ଶାସନ ଦିବସରେ ବିବିଧ କାର୍ଯ୍ୟକ୍ରମ, ସ୍ଥାନ: ଦୁର୍ଗାପାଲିସ୍ଥିତ ମହାନଗର ନିଗମ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ଭୁବନେଶ୍ୱର ସମ୍ଭାଗର ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସର ପାଞ୍ଚ ଦିନିଆ ରାଜ୍ୟ ପୁରସ୍କାର ଟେଷ୍ଟିଂ କ୍ୟାମ୍ପ, ସ୍ଥାନ: ସମ୍ବଲପୁରସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ–୧, ସମୟ : ସକାଳ ୯ଟା ୩୦।
- ବୁଣାକାରଙ୍କ ସକାଶେ ଆୟୋଜିତ ସ୍ୱତନ୍ତ୍ର ବ୍ୟବସାୟିକ ପରିଚାଳନା ପ୍ରଶିକ୍ଷଣ ଶିବିରର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସମ୍ବଲପୁର ଆଇଆଇଏମ୍‌ସ୍ଥିତ କୋଣାର୍କ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ନୂତନ ଅପରାଧିକ ଆଇନ ଆଲୋଚନାଚକ୍ର, ସ୍ଥାନ: ଜିଲା ଓକିଲ ସଂଘ ସଭାକକ୍ଷ, ସମୟ : ପୂର୍ବାହ୍ନ ୧୧ଟା।
- ଗଣ୍ଡା ସମାଜ କଲ୍ୟାଣ ପରିଷଦର ପଞ୍ଜୀକୃତ ଦିବସ, ସ୍ଥାନ: ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।

## ବଲାଙ୍ଗୀର
- ବଲାଙ୍ଗୀର ପୌର ପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ପୌର ପରିଷଦ କାର୍ଯ୍ୟାଳୟ, ବଲାଙ୍ଗୀର, ସମୟ: ସକାଳ ୭ଟା ୪୫ ମିନିଟ।
- ସ୍କୁଲ ସଫେଇ ଅଭିଯାନ, ସ୍ଥାନ: ନିଧିସାଗର ବିଦ୍ୟାପୀଠ, ବୁବେଲ, ବଲାଙ୍ଗୀର,ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ।

## ସୁବର୍ଣ୍ଣପୁର
- ସ୍ୱାୟତ୍ତ ଶାସନ ଦିବସ ଅବସରରେ ସୁବର୍ଣ୍ଣପୁର ପୌରାଧକ୍ଷାଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ସୁବର୍ଣ୍ଣପୁର ପୌର ପରିଷଦ କାର୍ଯ୍ୟାଳୟ, ସମୟ: ସକାଳ ୮ଟା ୩୦।
- ନବାଗତ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ସମାରୋହ, ସ୍ଥାନ:ବୀରମହାରାଜପୁର କଲେଜ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ଗୌଡଗାଡ଼ ଶିବ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ସୁବର୍ଣ୍ଣପୁରରେ ସ୍ୱାୟତ୍ତ ଶାସନ ଦିବସ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବିଜୁ ପଟ୍ଟନାୟକ ଛକ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼
- ସଂସ୍କୃତ ଦିବସ ପାଳନ, ସ୍ଥାନ: କମଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭଟଲି, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା
- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା, ସ୍ଥାନ: ସହରସ୍ଥିତ ଧର୍ମଶାଳା ଛକ ଶନି ମନ୍ଦିର, ସମୟ: ସକାଳ ୭ଟା।
- ସ୍ୱାୟତ୍ତ ଶାସନ ଦିବସ ପାଳିତ, ସ୍ଥାନ: ସହରସ୍ଥିତ ପୌର ପରିଷର କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ସାମାଜିକ ବୈଠକ, ସ୍ଥାନ: ସହର ସ୍ଥାତ ସିରୀୟାପାଲି ଗ୍ରାମ, ସମୟ: ଅପରାହ୍ନ ୪ଟା।
- ଏକ ଦିବସୀୟ ଗ୍ରାମାଞ୍ଚଳ କୀର୍ତ୍ତନ, ସ୍ଥାନ: ସହରସ୍ଥିତ ବଞ୍ଜାରି ଗ୍ରାମ, ସମୟ: ସନ୍ଧ୍ୟା ୭ଟା।

## ରାଉରକେଲା
- ଆର୍‌ଏମ୍‌ସି ଆୟୁକ୍ତଙ୍କୁ ଫେରାଦ ହେବେ ଗୋପାଳଟୋଲି ବସ୍ତିବାସୀ, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ଆର୍‌ଏମ୍‌ସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ମାସିକ ସାହିତ୍ୟ ଆସର, ସ୍ଥାନ: ବାସନ୍ତୀ ପାଠାଗାର, ସମୟ: ସନ୍ଧ୍ୟା ୬ଟା।
- ମାଗଣା ହାଟ ପ୍ରଦର୍ଶନୀ, ସ୍ଥାନ: ଆମ୍ବେଡ଼କର ବସ୍ତି, ସମୟ: ଅପରାହ୍ନ ୫ଟା ୩୦।
- ଆର୍‌ଏସ୍‌ପି ପକ୍ଷରୁ ବିବିଧ କାର୍ଯ୍ୟକ୍ରମ, ସ୍ଥାନ: ରାଉରକେଲା ଶିଳ୍ପାଞ୍ଚଳ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ଦେବଗଡ ପୌର ପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳନ, ରାମଧୁନ, ସ୍ଥାନ: ଦେବଗଡ ସହର, ସମୟ: ପ୍ରାତଃ ୪ଟା ୩୦।
- ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଗୋପବନ୍ଧୁ ଛକ, ଦେବଗଡ, ସମୟ: ସକାଳ ୬ଟା ୩୦।
- ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ପୌର ପରିଷଦ, ଦେବଗଡ, ସମୟ: ସକାଳ ୭ଟା ୩୦।
- ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ମିଷ୍ଟାନ ବଣ୍ଟନ, ସ୍ଥାନ: ପୌର ପରିଷଦ ଦେବଗଡ, ସମୟ: ସକାଳ ୮ଟା।
- ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ, ଫଳ ବଣ୍ଟନ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ଦେବଗଡ, ସମୟ: ସକାଳ ୮ଟା ୩୦।
- କୃଷି ବିଜ୍ଞାନ ପକ୍ଷରୁ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ: ଖଣ୍ଡଧୂଆଁ, କୁରେଇବାହାଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କୁକୁଡ଼ା ପାଳନରୁ ଉତ୍ପାଦନ ବୃଦ୍ଧି ସକାଶେ କ୍ଷେତ୍ର ପଦାଧିକାରୀଙ୍କ ନିମନ୍ତେ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ଭବାନୀପାଟଣା ପୌରପାଳିକା, ସମୟ: ସକାଳ ୮ଟା
- ଶିକ୍ଷା ବିଭାଗ ଉପରେ ଜିଲାପାଳଙ୍କ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ୧୬ତମ ଇଣ୍ଡିପେଣ୍ଡେଣ୍ଟ କପ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: କୋମନା ବ୍ଲକ ତରବୋଡ ଗାଁ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।
- ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ନୂଆପଡ଼ା ଏନ୍‌ଏସି କାର୍ଯ୍ୟାଳୟ, ସମୟ: ସକାଳ ୭ଟା।
- ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ଖରିଆର ରୋଡ ଏନ୍‌ଏସି, ସମୟ: ସକାଳ ୮ଟା।

## ବୌଦ୍ଧ
- ଜିଲା ପରିଷଦ ସମୀକ୍ଷା ବୈଠକ, ସ୍ଥାନ: ପଞ୍ଚାୟତ ଭବନ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚନ୍ଦ୍ର ଓ ବୁଧଙ୍କ ଏକତ୍ର ସ୍ଥିତି କାରଣରୁ ବିବାଦୀୟ ଚିନ୍ତା, ସମସ୍ୟାମୂଳକ କାମ ମାନସିକ ଅସ୍ଥିରତାକୁ ବୃଦ୍ଧି କରିବ। ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବେ। ସନ୍ତାନଙ୍କ ଶିକ୍ଷା, ବିବାହ ସମସ୍ୟା ମନକୁ ନିରସ କରିପାରେ। କେତେକ କ୍ଷେତ୍ରରେ କୌଣସି ହିତୈଷୀଙ୍କ ଆଶ୍ୱାସନାରୁ ସାମୟିକ ଆଶ୍ୱସ୍ତି ଲାଭ କରିପାରନ୍ତି।

**ବୃଷ** ବୃହସ୍ପତିଙ୍କ ସୁପ୍ରଭାବରୁ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ପ୍ରଶଂସିତ ହେବେ। କୌଣସି ସୂତ୍ରରୁ ଶୁଣା କଥାକୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ, ସବୁ ଠିକ୍ ହୋଇଯିବ। ବନ୍ଧୁ କିମ୍ବା ଆତ୍ମୀୟସ୍ୱଜନଙ୍କ ସ୍ୱାସ୍ଥ୍ୟହାନିର ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**ମିଥୁନ** ଚନ୍ଦ୍ରଙ୍କ ଶୁଭସଂସ୍ଥାନରୁ ଅର୍ଥଲାଭ ସହ ଅସଜଡ଼ା କାମ ଠିକ୍ ହୋଇଯିବ। ହିତୈଷୀଙ୍କ ପରାମର୍ଶରେ ବ୍ୟବସାୟକୁ ସଙ୍କୁଚିତ କରିବା ସହ ନୂତନ କର୍ମାରମ୍ଭର ଚିନ୍ତା ମଧ୍ୟ କରିପାରନ୍ତି। କଳା, ସାହିତ୍ୟ ଓ ସଙ୍ଗୀତ, ଉଚ୍ଚଶିକ୍ଷା କିମ୍ବା ବିଦେଶ ଯାତ୍ରା ପ୍ରତି ଆଗ୍ରହ ପ୍ରକାଶ କରିବେ। ପାରିବାରିକ କ୍ଷେତ୍ରରେ ସମସ୍ୟା କେତେକାଂଶରେ କମି କମି ଆସିବ।

**କର୍କଟ** ମୁଖଭାବସ୍ଥ ରବି ରାଶିସ୍ଥ ବୁଧଙ୍କ ପ୍ରଭାବରୁ ଯୁକ୍ତିଯୁକ୍ତ କଥା କହି ପ୍ରଶଂସିତ ହେବେ। ସତର୍କତା ଅଭାବରୁ ଚୋରି, ଧନହାନିର ସୂଚନା ରହିଛି। କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ, ଅନ୍ୟଥା କିଛି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରି ମୁଣ୍ଡରେ ହାତ ଦେଇ ବସିପାରନ୍ତି।

**ସିଂହ** ଦୀର୍ଘ ପ୍ରତୀକ୍ଷା ପରେ ଆଜି ବନ୍ଧୁଙ୍କ ନିକଟରୁ ହଠାତ୍ କୌଣସି ଶୁଭ ଖବର ପାଇ ଖୁସି ହେବେ। ପରିବାରର ଆବଶ୍ୟକତାକୁ ଯଥା ସମୟରେ ପୂରଣ କରିବାରେ ସମର୍ଥ ହେବେ। ଅଫିସିଆଲି କାମରେ ଅଟକି ରହିଥିବା କାମଟିକୁ ସମ୍ପନ୍ନ କରି କେତେକାଂଶରେ ଖୁସି ହେବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ପ୍ରଶଂସିତ ହୋଇପାରନ୍ତି।

**କନ୍ୟା** କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବେ ଏବଂ ସ୍ଥଗିତ କାମ ସମ୍ପନ୍ନ ହେବ। ଶତ୍ରୁତାର ଅବସାନ ଘଟାଇବା ସକାଶେ ଅନ୍ୟମାନଙ୍କ ସାହାଯ୍ୟ ନେବାକୁ ବାଧ୍ୟ ହେବେ। ଉପରିସ୍ଥଙ୍କ ଦ୍ୱାରା ପ୍ରେରିତ ହୋଇ ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ। ଗବେଷଣା, ପ୍ରକାଶନ, ପ୍ରଶାସନ କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା** ବନ୍ଧୁଙ୍କ ଅନୁରୋଧକ୍ରମେ ଅନ୍ୟମାନଙ୍କ ସହ ସମୟ ବିତାଇବାରେ ସହଯୋଗ କରିବେ। ଗୃହ ସମସ୍ୟା, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। ଯାନ୍ତ୍ରିକ ତ୍ରୁଟି ଯାତ୍ରାକୁ ବିଳମ୍ବ କରିପାରେ। ବିବାଦୀୟ ଘଟଣାରେ ବିଜୟୀ ଏବଂ ପ୍ରତିଯୋଗିତାରେ ସଫଳ ହେବେ।

**ବିଛା** ଆଜିର ଯାତ୍ରା ସମୟରେ ଅସାବଧାନତାବଶତଃ ଧନ ହାନିର ଆଶଙ୍କା ରହିଛି। ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବାକୁ ପଡ଼ିପାରେ। ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା ଅଥବା ସାହିତ୍ୟ, କଳା ଓ ରଚନାତ୍ମକ କାମରେ ପ୍ରଶଂସା ପାଇବେ। ଅଭାବନୀୟ ପରିସ୍ଥିତିରେ ପଡ଼ି ହଠାତ୍ ଗୁଡ଼ାଏ ଟଙ୍କା ଖର୍ଚ୍ଚକରି ଦୁଃଖିତ ହୋଇପାରନ୍ତି।

**ଧନୁ** ପରିବାର ଭିତରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ଉପୁଜିଥିବା ସମସ୍ୟା ଦୂରେଇଯିବ। ପରୋକ୍ଷ ଶତ୍ରୁତା କାରଣରୁ ନୂତନ କାମଟି ଆରମ୍ଭ କରୁ କରୁ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ହୋଇ ନ ପାରେ। ନିଜ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି।

**ମକର** ଆଜି କର୍ମକ୍ଷେତ୍ରରେ ଠିକ୍ ନିଷ୍ପତ୍ତି ନେଇ ଅଧସ୍ତନ କର୍ମଚାରୀଙ୍କ ଦ୍ୱାରା ପ୍ରଶଂସିତ ହେବେ। କଳା, କ୍ରୀଡ଼ା, ସଙ୍ଗୀତାଦି କ୍ଷେତ୍ରରେ କନ୍ୟା ସନ୍ତାନଙ୍କ କୃତିତ୍ୱରୁ ଗୌରବାନ୍ୱିତ ମନେକରିବେ। ଦୀର୍ଘଦିନରୁ ଛିନ୍ନ ହୋଇଥିବା ବନ୍ଧୁସମ୍ପର୍କ ପୁନଶ୍ଚ ଯୋଡ଼ି ହେବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟାକୁ ସମାଧାନ କରିପାରିବେ।

**କୁମ୍ଭ** ଆଜି ବିଭିନ୍ନ ସୂତ୍ରରୁ ବୈଷୟିକ ଉନ୍ନତି ଯୋଗୁ କାର୍ଯ୍ୟାରମ୍ଭ ସକାଶେ ଯୋଜନା କରିପାରନ୍ତି। ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିବେ, କିନ୍ତୁ ପରକ୍ଷଣରେ ଭୁଲ୍ ବୁଝାମଣା ଦୂର ହୋଇଯିବ। କାମର ଚାପ ପ୍ରଭାବରୁ ପରିବାର କଥା ଠିକ୍ ଭାବେ ବୁଝି ପାରିବେ ନାହିଁ। ଆଜିର ଯାତ୍ରାରେ ଲକ୍ଷ୍ୟ ହାସଲ ସହ ସମସ୍ୟା ସମାଧାନ ହେବ।

**ମୀନ** କର୍ମକ୍ଷେତ୍ରରେ ଆଲୋଚନା ପରିସରରେ ସତକଥା କହି ବିବାଦୀୟ ହୋଇପାରନ୍ତି। ପରିବାର ସଦସ୍ୟଙ୍କ ସହିତ ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ଦୂରଯାତ୍ରାର ଯୋଜନା କରିପାରନ୍ତି। ଆନୁଷ୍ଠାନିକ କାମରୁ କିମ୍ବା ସାମାଜିକ ସ୍ତରରେ ନିଜର କୃତିତ୍ୱ ହେତୁ ପ୍ରଶଂସିତ ହେବେ। ଆଜିର ପ୍ରତ୍ୟୁଷଯାତ୍ରାରେ ସତର୍କତା ଅବଲମ୍ବନ କରିବା ଭଲ ହେବ।

ଆଜି ଅଗଷ୍ଟ ୩୧ ତାରିଖ, ସ୍ୱାୟତ୍ତଶାସନ ଦିବସ, ଜାତୀୟ କୃମିନାଶ ଦିବସ, ଭାଦ୍ରବ କୃଷ୍ଣ ତ୍ରୟୋଦଶୀ, ଶନିବାର, ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣବଳରାମ ବେଶ, ରାଶିନକ୍ଷତ୍ର– ପୁଷ୍ୟା/କର୍କଟ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୧୦।୧୩ ଗତେ ଘ.୦୧।୦୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୪୦ ଗତେ ଘ.୧୦।୧୩ ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

### ଅଭନି ଲେଖରାଙ୍କୁ ...
୫୦ ମିଟର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିବା ୨୨ ବର୍ଷୀୟ ନରୱାଲ ଏଠାରେ ଭଲ ପ୍ରଦର୍ଶନ କରି ଅନେକ ସମୟ ପର୍ଯ୍ୟନ୍ତ ଅଗ୍ରଣୀ ରହିଥିଲେ ମଧ୍ୟ ଶେଷ ଭାଗରେ କ୍ରମାଗତ ଦୁର୍ବଳ ସ୍କୋର କରି ଦ୍ୱିତୀୟକୁ ଖସି ଆସିଥିଲେ। ଦକ୍ଷିଣ କୋରିଆର ଭେଟେରାନ ଶୁଟର ଜୋ ଜୋଙ୍ଗଡୁ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଭାରତୀୟ ପିସ୍ତଲ ଶୁଟର ଶିବା ନରୱାଲଙ୍କ ସାନଭାଇ ମନୀଷ ୨୩୪.୯ ପଏଣ୍ଟରେ ରହିଥିବାବେଳେ ଜୋଙ୍ଗଡୁ ୨୩୭.୪ ପଏଣ୍ଟ ସ୍କୋର କରିଥିଲେ। ଚାଇନାର ୟାଙ୍ଗ୍ ଚାଓ ୨୧୪.୩ ପଏଣ୍ଟ ସହିତ ବ୍ରୋଞ୍ଜ ପଦକ ପାଇଥିଲେ। ୧୦୦ ମିଟରରେ ପ୍ରୀତି ୧୪.୨୧ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହା ଥିଲା ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ। ପ୍ୟାରିସ୍ ପାରା ଆଥ୍‌ଲେଟିକ୍ସରେ ଭାରତର ଏହା ହେଉଛି ପ୍ରଥମ ପଦକ। ଚାଇନାର ଝୋଉ ଜିଆ (୧୩.୫୮) ଓ ଗୁଓ କ୍ୱିଆନକ୍ୱିଆନ (୧୩.୭୪) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଛନ୍ତି।

### ଛାତ୍ରୀଙ୍କ ହଷ୍ଟେଲ ...
ହୋଇନାହିଁ। ଅନ୍ୟପକ୍ଷେ କଲେଜ ପ୍ରଶାସନ ଛାତ୍ରାବାସରୁ ଏଭଳି କୌଣସି କ୍ୟାମେରା ମିଳି ନ ଥିବା କହିଛି। କ୍ୟାମ୍ପସରେ ଅତିରିକ୍ତ ସୁରକ୍ଷା ବନ୍ଦୋବସ୍ତ କରାଯିବ ବୋଲି କଲେଜ କର୍ତ୍ତୃପକ୍ଷ ଆଶ୍ୱାସନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ କ୍ରିଷ୍ଣା ଜିଲାପାଳ ଡି.କେ. ବାଲାଜୀ ଏବଂ ଏସ୍‌ପି ଗଙ୍ଗାଧର ରାଓ କଲେଜ ପରିସର ପରିଦର୍ଶନ କରି ବିକ୍ଷୋଭରୁ ଓହରିଯିବା ପାଇଁ ଛାତ୍ରୀମାନଙ୍କୁ ବୁଝାଶୁଝା କରିଛନ୍ତି। ଅଭିଯୋଗର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ ହୋଇଥିବା ଏସ୍‌ପି ସୂଚନା ଦେଇଛନ୍ତି। ଆଗକୁ ଯେପରି ଏଭଳି ଘଟଣାର ପୁନରାବୃତ୍ତି ନ ହେବ ସେ ଦିଗରେ ପଦକ୍ଷେପ ନେବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଚନ୍ଦବାବୁ ନାଇଡୁଙ୍କ ପୁଅ ତଥା ରାଜ୍ୟର ମାନବ ସମ୍ବଳ ବିକାଶ ମନ୍ତ୍ରୀ ନର ଲୋକେଶ ଏକ୍ସ'ରେ ସୂଚନା ଦେଇଛନ୍ତି।

# ଶ୍ରୀମନ୍ଦିରରୁ ବାଜିବ ରେଡିଓ



ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଗଜପତି ମହାରାଜା ଦିବ୍ୟସିଂହ ଦେବ, ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଏବଂ ଅନ୍ୟମାନେ।

**ପୁରୀ,୩୦।୮ (ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିରରୁ ବାଜିବ ରେଡିଓ। ଭକ୍ତ ଶୁଣିବେ ମହାପ୍ରଭୁଙ୍କ ମହିମା, ନୀତିକାନ୍ତି ଓ ପର୍ବପର୍ବାଣି ଆଦିର କଥା। ଶ୍ରୀମନ୍ଦିରର ସ୍ୱତନ୍ତ୍ର ଏଫ୍ଏମ୍ ରେଡିଓ ଷ୍ଟେଶନ ପ୍ରତିଷ୍ଠା କରାଯିବ। ସେହିପରି ନାଟମଣ୍ଡପରେ ଏୟାର କଣ୍ଡିଶନର ଲାଗିବ। ବାହାର ଓ ଭିତର ରତ୍ନଭଣ୍ଡାର ଦ୍ୱାରର କବାଟ ସୁନା ଛାଉଣି କରାଯିବ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସ୍ୱତନ୍ତ୍ର ଧାଡ଼ି ବ୍ୟବସ୍ଥା ହେବ। ଜିପିଆରଏସ୍ ସର୍ଭେ ସହ ଶ୍ରୀମନ୍ଦିର ପ୍ରଶାସନ ରେକର୍ଡସ୍‌ର କମ୍ପ୍ୟୁଟରୀକରଣ କରାଯିବ। ଶ୍ରୀମନ୍ଦିରର ଆୟ ବୃଦ୍ଧି ପାଇଁ ଗୋଲ୍ଡ ବଣ୍ଡ ବ୍ୟବସ୍ଥା ପ୍ରଚଳନ ହେବ। ଶୁକ୍ରବାର ବଡ଼ଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତ ନିବାସରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏସବୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇ ଅନୁମୋଦନ ସହ ନିଷ୍ପତ୍ତି ନିଆଯାଇଛି। ଅନ୍ୟପକ୍ଷରେ ପହଣ୍ଡି ଅଘଟଣର ରିପୋର୍ଟକୁ ଖୋଲାଇ ରଖାଯାଇଥିବାବେଳେ ଅର୍ପଣ ଚାଉଳର ଭବିଷ୍ୟତ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଉପରେ ଛାଡ଼ିଦିଆଯାଇଛି।

**ରତ୍ନଭଣ୍ଡାର ଦ୍ୱାର ହେବ ସୁନା ଛାଉଣି**

- ନାଟମଣ୍ଡପରେ ଏୟାର କଣ୍ଡିସନର ଲାଗିବ
- ରେକର୍ଡ୍ସ କମ୍ପ୍ୟୁଟରୀକରଣ କରାଯିବ

ବୈଠକ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସୂଚନା ଦେଇ କହିଛନ୍ତି, ଦୀର୍ଘ ୪ଘଣ୍ଟା ଧରି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯାଇଥିଲା। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଶ୍ରୀମନ୍ଦିର ବଜେଟ ଲାଗି ୪୧୩ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଏହାମଧ୍ୟରେ ୧୦୩ କୋଟି ଟଙ୍କାର ବଳକା ବଜେଟ ହୋଇଛି। ଏଥିସହ ରାଜ୍ୟ ସରକାର ୫୦୦ କୋଟି ଟଙ୍କାର କର୍ପସ ଫଣ୍ଡ ଯୋଗାଇଛନ୍ତି। ଏପରି ଭାବେ ୬୩୦ କୋଟିର ବଳକା ବଜେଟ ହେବ। ଏନେଇ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ସମୁଦାୟ ୧୫୦୦ କୋଟି ଟଙ୍କା ସ୍ଥାୟୀ ଜମାରାଶି ଏକ ଐତିହାସିକ ନିଷ୍ପତ୍ତି। ସେହିପରି ଶ୍ରୀମନ୍ଦିରର ସ୍ୱତନ୍ତ୍ର ଏଫ୍ଏମ୍ ଚ୍ୟାନେଲ ଖୋଲାଯିବାକୁ ନିଷ୍ପତ୍ତି ସହ ଅନୁମୋଦନ ହୋଇଛି। ଏ ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା ପରେ ପଦକ୍ଷେପ ନିଆଯିବ। ନାଟମଣ୍ଡପରୁ ଅଦରକାରୀ ସିନ୍ଦୁକ ଓ ଆଲମିରାକୁ କଢ଼ାଯିବା ସହ ନାଟମଣ୍ଡପ ପରିସରକୁ ଶୀତତାପ ନିୟନ୍ତ୍ରିତ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏହା କାର୍ଯ୍ୟକାରୀ ପୂର୍ବରୁ ସେବାୟତଙ୍କ ସହ ଆଲୋଚନା କରାଯିବ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ ଦିଆଯାଇଛି। ମହିଳା, ପୁରୁଷ, ଶିଶୁ, ବୃଦ୍ଧାବୃଦ୍ଧଙ୍କ ନିମନ୍ତେ ସ୍ୱତନ୍ତ୍ର ଧାଡ଼ି ସମେତ ଦିବ୍ୟାଙ୍ଗଙ୍କ ସକାଶେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ଏ ନେଇ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ଏବଂ ଏସ୍‌ପି ପଦକ୍ଷେପ ନେବେ। ନୀତି ଶୃଙ୍ଖଳିତ ପାଇଁ ନିୟମିତ ଭାବେ ନୀତି ସବ୍‌କମିଟି ବୈଠକ ବସିବ। ସେବାୟତ ଓ ସେମାନଙ୍କ ପରିବାରର କଲ୍ୟାଣ ସମ୍ପର୍କରେ ଆଲୋଚନା ହୋଇଛି। ଏନେଇ ଏକ ମାର୍ଗଦର୍ଶିକା ଜାରି କରାଯାଇ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ଆଗାମୀ ଦିନରେ ଜିପିଆରଏସ୍ ସର୍ଭେ ସହ ଶ୍ରୀମନ୍ଦିର ପ୍ରଶାସନର ରେକର୍ଡ୍ସଗୁଡ଼ିକର କମ୍ପ୍ୟୁଟରୀକରଣ କରାଯିବ। ଓର୍‌ସାକ୍ ସହାୟତାରେ ଏହି ଡିଜିଟାଇଜେଶନ ହେବ। ଭକ୍ତଙ୍କ ପାଇଁ ଖୁବ୍‌ଶୀଘ୍ର ଗୋଲ୍ଡବଣ୍ଡ ବ୍ୟବସ୍ଥା ପ୍ରଚଳନ ହେବ। ରତ୍ନଭଣ୍ଡାର ଯାଞ୍ଚ ନେଇ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍ଆଇ) ସଂସ୍ଥା ପକ୍ଷରୁ ସବୁଜ ସଙ୍କେତ ମିଳିଛି। କେବଳ ଏଏସ୍ଆଇ ଡିଜିଙ୍କ ଲିଖିତ ରିପୋର୍ଟକୁ ଅପେକ୍ଷା ରହିଛି। ପୂର୍ବରୁ ଶ୍ରୀମନ୍ଦିରର ୯ଟି ଦ୍ୱାରକୁ ରୁପା ଛାଉଣି କରାଯାଇଥିଲା। ଏବେ ଭିତର ଓ ବାହାର ରତ୍ନଭଣ୍ଡାର ଦ୍ୱାରକୁ ସୁନା ଛାଉଣି କରିବାକୁ ପରିଚାଳନା କମିଟି ପ୍ରସ୍ତାବ ଦେଇଛି। ରତ୍ନଭଣ୍ଡାର ଯାଞ୍ଚ ଓ ମରାମତି ପରେ ଏହି କାର୍ଯ୍ୟ ହେବ ବୋଲି ପାଢ଼ୀ କହିଛନ୍ତି।

# ପହଣ୍ଡି ଅଘଟଣ: ପୁନଃ ରିପୋର୍ଟ ନିର୍ଦ୍ଦେଶ

**ପୁରୀ,୩୦।୮ (ଅଜିତ୍ କୁମାର ମହାନ୍ତି)**

ବଡ଼ଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତ ନିବାସରେ ଶୁକ୍ରବାର ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟିର ବୈଠକରେ ବହୁ ପ୍ରତୀକ୍ଷିତ ଆଡ଼ପ ପହଣ୍ଡି ଅଘଟଣ ରିପୋର୍ଟ ସମ୍ପର୍କରେ ଆଲୋଚନା ହୋଇଛି। ତେବେ ରିପୋର୍ଟ ଅସମ୍ପୂର୍ଣ୍ଣ ଦର୍ଶାଇ ଏହାକୁ ଖୋଲାଇ ରଖାଯାଇଛି। ଏ ସଂକ୍ରାନ୍ତରେ ପୁନର୍ବାର ତଦନ୍ତ କରି ରିପୋର୍ଟ ଦେବାକୁ କୁହାଯାଇଛି। ଏ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି, ଆଡ଼ପ ପହଣ୍ଡି ଦିନ ପ୍ରଭୁ ବଳଭଦ୍ର ପଡ଼ିଯିବା ଘଟଣାରେ ସମସ୍ତେ ଦୁଃଖ ପ୍ରକାଶ କରିବା ସହ ଯେପରି ଆଗକୁ ଏପରି ଅଘଟଣ ନ ଘଟିବ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ତେବେ ଉକ୍ତ ଘଟଣାକୁ ନେଇ ଗଠିତ ତିନିଜଣିଆ ତଦନ୍ତ କମିଟି ତାଙ୍କ ରିପୋର୍ଟ ପ୍ରଦାନ କରିଥିଲା। ଉକ୍ତ ରିପୋର୍ଟରେ ବିଭିନ୍ନ ଦିଗକୁ ଦର୍ଶାଯାଇଛି। ମୋବାଇଲ ଫୋନ ବ୍ୟବହାର, ଅନଭିଜ୍ଞ ସେବାୟତ, ସମନ୍ୱୟ ଅଭାବ, ପରିଚାଳନାଗତ ତ୍ରୁଟି ଆଦି ସମ୍ପର୍କରେ ଉଲ୍ଲେଖ ରହିଛି। ୯ଟି ପଏଣ୍ଟ ମଧ୍ୟରୁ ୮ଟିରେ ପରିଚାଳନା କମିଟି ସହମତି ପ୍ରକାଶ କରିଛି। ଉକ୍ତ ରିପୋର୍ଟ ପୂର୍ଣ୍ଣାଙ୍ଗ ହୋଇନାହିଁ ବୋଲି କମିଟି କହିଛି। ତେଣୁ ପୁନର୍ବାର ଭିଡିଓ ରେକର୍ଡିଂ ଯାଞ୍ଚ ସହ ତର୍ଜମା କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଦିଷ୍ଟ ସଂଖ୍ୟକ ସେବକ ପହଣ୍ଡିରେ ନିୟୋଜିତ ରହିବେ। ବାଡ଼ଗ୍ରାହୀମାନଙ୍କ ଅଧ୍ୟକ୍ଷତାରେ ପହଣ୍ଡି କୋଅର୍ଡିନେଶନ୍ ଟିମ୍ ଗଠନ ହେବ। ଜିଲାପାଳ ଏବଂ ଏସ୍‌ପିଙ୍କୁ ନେଇ ୩ଜଣିଆ ପହଣ୍ଡି ସମନ୍ୱୟ କମିଟି ଗଠନ କରାଯିବ। ପହଣ୍ଡି ବେଳେ ରଥ ଉପରେ ଅନଧିକୃତ ସେବକଙ୍କୁ ଚିହ୍ନଟ କରିବା ପାଇଁ ଅତ୍ୟାଧୁନିକ ବ୍ୟବସ୍ଥାର ସହାୟତା ନିଆଯିବ। ଚତୁର୍ଦ୍ଧାମୂର୍ତ୍ତିଙ୍କ ତ୍ରିମୁଣ୍ଡିରେ ଛାଟେଣି ଭଲକରି ବାନ୍ଧିବା ନେଇ ତଦାରଖ କରାଯିବ। ଚାରମାଳର ଲମ୍ବ ଓ ଚଉଡ଼ା ବୃଦ୍ଧି ସହ ଭଲ ଭାବେ ବନ୍ଧାଯିବ। ରଥ ଉପରେ ମୋବାଇଲ ଫୋନ୍ କଟକଣା ରହିବ। ତେବେ ଟାହିଆ ମାପ ସଂକ୍ରାନ୍ତ ପ୍ରସ୍ତାବକୁ ପରିଚାଳନା କମିଟି ଗ୍ରହଣ କରିନାହିଁ। ଚଳିତବର୍ଷ ରଥ ଉପରେ ଅଧିକ ସଂଖ୍ୟାରେ ସେବାୟତ ରହିଥିବାରୁ ଏପରି ଅଘଟଣ ଘଟିଥିଲା ବୋଲି ପରିଚାଳନା କମିଟି ହୃଦୟଙ୍ଗମ କରିଛି। ତେଣୁ ଆଗାମୀ ଦିନରେ ଏହାକୁ ଯେପରି ରୋକାଯାଇପାରିବ ସେ ନେଇ ପଦକ୍ଷେପ ନିଆଯିବ। ଆଗାମୀ ବର୍ଷ ରଥ ଉପରେ ମୋବାଇଲ ବ୍ୟବହାର ହେଲେ ସିଜ୍ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ଅର୍ପଣ ଚାଉଳକୁ ନେଇ ଜିଲାପାଳ ବୈଠକ କରିସାରିଛନ୍ତି। ପରିଚାଳନା କମିଟିକୁ ନିଷ୍ପତ୍ତି ଜଣାଯାଇଛି। ପ୍ରସ୍ତାବକୁ କମିଟି ଗ୍ରହଣ କରିଛି। ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ପଠାଯାଇଛି। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଯାହା ଆସିବ ସେହି ଅନୁସାରେ ପଦକ୍ଷେପ ନିଆଯିବ ବୋଲି ପାଢ଼ୀ କହିଛନ୍ତି।

**ଅର୍ପଣ ଚାଉଳ ନିଷ୍ପତ୍ତି ନେବେ ସରକାର**

# ରାଜ୍ୟରେ ବଢ଼ୁଛି ଅପରାଧ: ବର୍ଷକରେ ୨ ଲକ୍ଷ ଧର୍ତ୍ତବ୍ୟ ଅପରାଧ

**ଭୁବନେଶ୍ୱର,୩୦।୮ (ଅନିଲ ଦାସ)**

**ଶ୍ୱେତପତ୍ର-୨୦୨୩**
- ୨୮୨୬ ବଳାତ୍କାର, ୧୩୬୨ ହତ୍ୟା
- ଚିନ୍ତା ବଢ଼ାଇଛି ସାଇବର ଅପରାଧ

ରାଜ୍ୟରେ ଅପରାଧ ବେଳକୁ ବେଳ ବଢ଼ି ଚାଲିଛି। ୨୦୨୩ରେ ୧ ଲକ୍ଷ ୯୯ ହଜାର ୯୫୪ ଧର୍ତ୍ତବ୍ୟ ଅପରାଧ ଘଟିଛି। ସେଥିରୁ ୧୩୬୨ ହତ୍ୟା, ୩୭୦ ଡକାୟତି, ୨୮୨୬ ବଳାତ୍କାର, ୨୯୬୧ ଲୁଣ୍ଠନ, ୧୬୫୫ ଦଙ୍ଗା, ୬୦୭୧ ସିନ୍ଧିଚୋରି, ୧୬୮୫୧ ଚୋରି, ୬୧୯୬ ପ୍ରତାରଣା, ୧୬୫୫ ଦଙ୍ଗା ଏବଂ ୧୧,୯୯୨ ମୋଟରଯାନ ଦୁର୍ଘଟଣା ମାମଲା ହୋଇଛି। ଶୁକ୍ରବାର ବିଧାନସଭାରେ ଉପସ୍ଥାପିତ ଗୃହ ବିଭାଗ ଶ୍ୱେତପତ୍ରରେ ଏଭଳି ତଥ୍ୟ ଉଲ୍ଲେଖ କରାଯାଇଛି। ଯଦି ପୂର୍ବ ବର୍ଷଗୁଡ଼ିକୁ ତୁଳନା କରାଯାଏ ତେବେ ରାଜ୍ୟରେ ଅପରାଧରେ ବ୍ରେକ ଲାଗିବା ପରିବର୍ତ୍ତେ ବଢ଼ି ଚାଲିଥିବା ସ୍ପଷ୍ଟ ହୋଇଛି। ଶ୍ୱେତପତ୍ର ସୂଚନା ଅନୁଯାୟୀ ୨୦୨୧ରେ ରାଜ୍ୟରେ ୧,୫୫,୪୨୦ ଆପରାଧିକ ମାମଲା ରୁଜୁ ହୋଇଥିବା ବେଳେ ୨୦୨୨ରେ ରାଜ୍ୟରେ ସମୁଦାୟ ୧ ଲକ୍ଷ ୭୮ ହଜାର ୧୯୦ ଧର୍ତ୍ତବ୍ୟ ଆପରାଧିକ ମାମଲା ରୁଜୁ ହୋଇଥିଲା। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ୨୦୨୩ରେ ରୁଜୁ ହୋଇଥିବା ମୋଟ ୧,୯୯,୯୫୪ ଧର୍ତ୍ତବ୍ୟ ଅପରାଧ ମଧ୍ୟରୁ ୧,୯୨,୨୩୮ ମାମଲା ସତ୍ୟ ହୋଇଥିବା ବେଳେ ସେଥିରୁ ବର୍ଷ ଶେଷସୁଦ୍ଧା ୧,୩୫,୮୧୩ ମାମଲାରେ ଚାର୍ଜସିଟ୍ ଦାଖଲ କରାଯାଇଛି। ସେହିପରି ପଞ୍ଜୀକରଣ ହୋଇଥିବା ୧୩୬୨ ହତ୍ୟା ଘଟଣା ମଧ୍ୟରୁ ୧୨୮୮ ମାମଲା ସତ୍ୟ ହୋଇଥିବା ବେଳେ ସେଥିରୁ ବର୍ଷ ଶେଷସୁଦ୍ଧା ୫୯୬ ମାମଲାରେ ଦୋଷାରୋପ ଫର୍ଦ୍ଦ ଦାଖଲ କରାଯାଇଛି। ୩୭୦ ଡକାୟତି ମାମଲା ମଧ୍ୟରୁ ୧୨୪ ମାମଲାରେ ଚାର୍ଜସିଟ୍ ଦାଖଲ କରାଯାଇଛି। ବିଭିନ୍ନ ଘଟଣାରେ ପୋଲିସ ଦ୍ୱାରା ୧୭ ଆନ୍ତଃରାଜ୍ୟ ଡକାୟତ ସମେତ ମୋଟ ୧୦୧୬ ଡକାୟତଙ୍କୁ ଗିରଫ କରାଯାଇଛି ଏବଂ ୧୨ଟି ବିଭିନ୍ନ ପ୍ରକାର ବନ୍ଧୁକ ତଥା ☞ପୃଷ୍ଠା-୧୫

# ପୋଖରୀକୁ ଓଲଟି ପଡ଼ିଲା ସ୍କୁଲ ଭ୍ୟାନ୍

## ୯ ଛାତ୍ରୀଛାତ୍ର ଆହତ, ଡ୍ରାଇଭର ଗିରଫ

**ଚାନ୍ଦବାଲି,୩୦।୮ (କିଷାନ ପାତ୍ର)**



ନାଳଗୁଣ୍ଡା ଛକ ନିକଟରେ ଓଲଟି ପଡ଼ିଥିବା ସ୍କୁଲ ଭ୍ୟାନ୍ ପୋଖରୀରେ ବୁଡ଼ି ଯାଇଛି।

ଭଦ୍ରକ-ଚାନ୍ଦବାଲି ମୁଖ୍ୟରାସ୍ତାର ନାଳଗୁଣ୍ଡା ଛକ ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ସ୍କୁଲ ଭ୍ୟାନ୍ ରାସ୍ତା ପାର୍ଶ୍ୱ ପୋଖରୀକୁ ଓଲଟି ପଡ଼ିଛି। ଭ୍ୟାନ୍‌ରେ ଥିବା ୧୪ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଳ୍ପକେ ରକ୍ଷା ପାଇଯାଇଥିଲେ ହେଁ ସେମାନଙ୍କ ମଧ୍ୟରୁ ୯ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ପୋଖରୀ ଭିତରେ ପଶି ପିଲାମାନଙ୍କୁ ଉଦ୍ଧାର କରି ନେବାରୁ କୌଣସି ବଡ଼ଧରଣର କ୍ଷତି ହୋଇନାହିଁ। ସୂଚନା ଅନୁଯାୟୀ, ଦିଗଛିଆ ନିକଟସ୍ଥ ଉତ୍କଳମଣି ଶିଶୁ ଶିକ୍ଷାମନ୍ଦିରରୁ ଛାତ୍ରୀଛାତ୍ରଙ୍କୁ ନେଇ ଭ୍ୟାନ୍(ଓଡି ୨୨ ଡବ୍ଲ୍ୟୁ ୯୩୭୫) ଫେରୁଥିବା ବେଳେ ନାଳଗୁଣ୍ଡା ଛକ ନିକଟରେ ରାସ୍ତା ପାର୍ଶ୍ୱ ଏକ ପୋଖରୀ ମଧ୍ୟକୁ ଓଲଟି ପଡ଼ିଥିଲା। ପିଲାଙ୍କ କୋଳାହଳ ଶୁଣି ପାଖଘରର ଲୋକେ ଦୌଡ଼ି ଆସି ପୋଖରୀ ଭିତରେ ପଶି ସେମାନଙ୍କୁ ଉଦ୍ଧାର କରିଥିଲେ। ଆହତ ଛାତ୍ରୀଛାତ୍ରଙ୍କୁ ୨ଟି ଆମ୍ବୁଲାନ୍ସ ଯୋଗେ ତିହିଡ଼ି ଓ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେମାନଙ୍କ ମଧ୍ୟରୁ ୩ଜଣଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପରେ ଗଦି ଦମକଳ ବାହିନୀ ପହଞ୍ଚି ପୋଖରୀ ଭିତରେ ଖୋଜାଖୋଜି କରି ବୁଡ଼ି ଯାଇଥିବା ଗାଡ଼ି ଭିତରେ ଆଉ କୌଣସି ପିଲା ନ ଥିବା ଜଣାଇଥିଲା। ଦୁର୍ଘଟଣାସ୍ଥଳରେ ଭିଡ଼ ନିୟନ୍ତ୍ରଣ ପାଇଁ ଚାନ୍ଦବାଲି, ବାଂଶଡ଼ା ଓ ଧାମରା ପୋଲିସ ମୁତୟନ ରହିଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ ଡ୍ରାଇଭର ଦ୍ରୁତଗତିରେ ଚଳାଉଥିବାରୁ ନିୟନ୍ତ୍ରଣ ହରାଇ ଭ୍ୟାନ୍‌ଟି ଓଲଟି ପଡ଼ିଥିଲା। ଭ୍ୟାନ୍ ଡ୍ରାଇଭରଙ୍କୁ ଲୋକେ ଏକ ଘର ଭିତରେ ଅଟକ ରଖି ପରେ ଚାନ୍ଦବାଲି ଥାନା ପୋଲିସ ଜିମା ଦେଇଛନ୍ତି। ଡ୍ରାଇଭର ନାଳଗୁଣ୍ଡା ଅଞ୍ଚଳର ବିଚିତ୍ର ରାଉତଙ୍କୁ ପୋଲିସ ଗିରଫ କରିଛି। ସ୍ଥାନୀୟ ତହସିଲଦାର ଅଶ୍ୱିନୀ କୁମାର ଭୁୟାଁ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ପିଲାମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ। ଆହତମାନଙ୍କ ଚିକିତ୍ସା ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥିବା ସେ କହିଥିଲେ। ସ୍କୁଲ ଛାତ୍ରୀଛାତ୍ର ଯାଉଥିବା ଭ୍ୟାନ୍‌ର ଫିଟ୍‌ନେସ୍ ଅବଧି ସରିଯାଇଥିବା ଆଲୋଚନା ହେଉଛି। ଗାଡ଼ି ଚାଳକ, ମାଲିକ ଏବଂ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଅର୍ଥ ଲୋଭରେ ଅଧିକ ପିଲା ଗାଡ଼ିରେ ନିଆଯାଉଥିବା ସ୍ଥାନୀୟ ସମିତିସଭ୍ୟ ଅଭୟ ବଳ, ରମାକାନ୍ତ ଭଳ, ଦିଲୀପ ଭୋଇ ପ୍ରମୁଖ ଅଭିଯୋଗ କରିଥିବା ବେଳେ କାର୍ଯ୍ୟାନୁଷ୍ଠାନ ନେବାକୁ ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି।

# ବନ୍ଦ ହେଲା ନୂଆ-ଓ, ଆରମ୍ଭ ହେବ ନୂଆ ସ୍କିମ

**ଭୁବନେଶ୍ୱର,୩୦।୮ (ଅନିଲ ଦାସ)**

ବିଜେଡି ସରକାରଙ୍କ 'ନୂଆ-ଓ' (ନୂତନ ଉନ୍ନତି ଅଭିଳାଷ-ଓଡ଼ିଶା) କାର୍ଯ୍ୟକ୍ରମକୁ ରାଜ୍ୟ ସରକାର ବନ୍ଦ ଘୋଷଣା କରିଛନ୍ତି। ଏହି କାର୍ଯ୍ୟକ୍ରମ ପାଇଁ ବଜେଟରେ କୌଣସି ବ୍ୟୟ ବରାଦ କରାଯାଇ ନାହିଁ। ତେବେ ଅଭାବରେ ପଡ଼ି ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଥିବା ପିଲାଙ୍କ ଭବିଷ୍ୟତ ପାଇଁ ଆର୍ଥିକ ସହାୟତା ଦେବା ସକାଶେ ରାଜ୍ୟ ସରକାର ପିଜି ଓ ୟୁଜି ପିଲାଙ୍କୁ ନୂଆ ସ୍କିମ୍ ଯୋଗାଇ ଦେବେ। ରାଜ୍ୟ ସରକାର ଫାଇନାନ୍ସିଆଲ ଆସିଷ୍ଟାନ୍ସ ଟୁ ୟୁଜି ଆଣ୍ଡ ପିଜି ଷ୍ଟୁଡେଣ୍ଟସ୍ ସ୍କିମ ଆରମ୍ଭ କରିବେ। ଚଳିତ ବର୍ଷଠାରୁ ଏହି ନୂଆ ଯୋଜନା ପ୍ରଣୟନ କରିବାକୁ ଯାଉଛନ୍ତି। ଯୋଜନାର ନିର୍ଦ୍ଦେଶାବଳୀ ପ୍ରସ୍ତୁତି ନେଇ କାର୍ଯ୍ୟ ଚାଲିଛି। ବିଜେଡି ସଭ୍ୟ ଚକ୍ରମଣି କହଁରଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ସୂଚନା ଦେଇଛନ୍ତି।

# ଝାଡ଼ାବାନ୍ତିରେ ଜଣେ ମୃତ, ୫ ଆକ୍ରାନ୍ତ

**ରାୟଗଡ଼ା,୩୦।୮ (ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲାର ବିଭିନ୍ନ ବ୍ଲକ୍‌ରେ ଝାଡ଼ାବାନ୍ତି ବ୍ୟାପିଛି। ଡାଇରିଆରେ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୫ଜଣ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ମୃତକ ହେଲେ କାଶୀପୁର ବ୍ଲକ୍ ଟିକିରି ଗ୍ରାମର ସୀମାଞ୍ଚଳ କୁଲେସିକା (୫୫)। ରାୟଗଡ଼ା ବ୍ଲକ କୁମ୍ଭିକୋଟା ଗ୍ରାମର ଚଞ୍ଚଳା କୌଶଲ୍ୟା (୩୦), ପେଣ୍ଟା ଗ୍ରାମର ଜୟରାମ ମିଣିଆକା(୬୪), ମୁନିଗୁଡ଼ା ବ୍ଲକ କୁତ୍ରାଗଡ ଗ୍ରାମର ରତ୍ନ କୁସୁଲିଆ (୬୦), ପ୍ରିୟଙ୍କା (୨୭) ଓ ରାୟଗଡ଼ା ସହରର ଅଶ୍ୱିନୀ କୁଲଦୀପ (୨୨)ଙ୍କ ସ୍ୱତନ୍ତ୍ର ଚିକିତ୍ସା ଚାଲିଥିବା ସୂଚନା ମିଳିଛି। ଗତ ୨ଦିନ ହେବ ଜିଲାର ବିଭିନ୍ନ ସ୍ଥାନରେ ଡାଇରିଆ ବ୍ୟାପିଛି। ଫଳରେ ଜଣକ ପରେ ଜଣେ ଏଥିରେ ଆକ୍ରାନ୍ତ ହେଉଥିବା ପରିଲକ୍ଷିତ ହୋଇଛି। ବିଭିନ୍ନ ଗାଁରେ ଆଉ କିଛି ଜଣ ଆକ୍ରାନ୍ତ ହୋଇ ନିକଟସ୍ଥ ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଆକ୍ରାନ୍ତଙ୍କ ସୂଚନା ଅନୁସାରେ ଗତ କିଛିଦିନ ହେବ ଗ୍ରାମରେ ଡାଇରିଆ ବ୍ୟାପିଛି। ସେମାନଙ୍କ ଅବସ୍ଥା ଗୁରୁତର ହେବା ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଡାଇରିଆ ବ୍ୟାପିବା ପରେ ଏବେ ସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢ଼ାଇଦେଇଛି।


ବୈଦ୍ୟନାଥ
ପ୍ରାକୃତିକ ପ୍ରତିକାର ପାଇଁ ମାର୍ଗଦର୍ଶିକା

| ରୋଗ | ଔଷଧ |
|---|---|
| ଏସିଡିଟି | ଆୟୁସିଡ୍, ଏସିଡିଟି ଗାର୍ଡ |
| ଆମିବାୟାସିସ | ଇସାବେଲ୍-ଏଚ୍, ଆମିବିକା ଟାବଲେଟ୍ |
| ଆର୍ଥ୍ରାଇଟିସ୍ | ରୁମା ଅଏଲ୍, ଆର୍ଥ ଅଏଲ୍ ଓ ଆର୍ଥ ପ୍ଲସ୍ କ୍ୟାପ୍ସୁଲ୍ |
| କୋଷ୍ଠକାଠିନ୍ୟ | କବ୍ଜ-ହର୍, ବୈଦ୍ୟନାଥ ତ୍ରିଫଳା ଚୂର୍ଣ |
| ଗ୍ୟାସ ଓ ପେଟ ଫାମ୍ପିବା | ଗ୍ୟାସାନ୍ତକ୍ ବଟି, ଗ୍ୟାସ ଗାର୍ଡ |
| ସାଧାରଣ ଦୁର୍ବଳତା | ଜେଷ୍ଟ ମେନ୍, ଜେଷ୍ଟ ଓମେନ୍, ସ୍ପିରୁଲିନା ପ୍ଲସ୍ |
| କେଶର ସମସ୍ୟା | ଲିଭଗୁଡ୍, ମହାଭୃଙ୍ଗରାଜ ତେଲ, ଭୃଙ୍ଗରାଜସବ |
| ଉଚ୍ଚ ରକ୍ତ ଶର୍କରା | ମଧୁମେହାରି ଗ୍ରାନ୍ୟୁଲ୍ସ, ଡାଇବେଟ୍ ଗାର୍ଡ |
| ବଦହଜମି | ଏକ୍ସାଜେଷ୍ଟ, ଅଜୱାଇନ୍ ଆର୍କ, ଡାଇଜେଷ୍ଟ ଗାର୍ଡ |
| ଅନିଦ୍ରା ଏବଂ ଚିନ୍ତା | ନାଇଟଜ୍, ଷ୍ଟ୍ରେସ୍ ଗାର୍ଡ, ଥଣ୍ଡା କଲ୍ୟାଣ ତେଲ |
| ଲିଭର ସମସ୍ୟା | ଲିଭ୍ ଗୁଡ୍, ଲିଭରୋଲ୍ ଷ୍ଟ୍ରଙ୍ଗ |
| ମହିଳାଙ୍କ ସମସ୍ୟା | ସୁନ୍ଦରୀ ସଖୀ, ମେନୋ ଗାର୍ଡ |
| ମେଦବହୁଳତା | ଇଜି ସ୍ଲିମ୍, ମେଦୋହର ବିଦାଙ୍ଗାଦି ଲୌହ |
| ଯୌନ ଦୁର୍ବଳତା | ଭିଟା ଏକ୍ସ ଗୋଲ୍ଡ ମେନ୍, ଭିଟା ଏକ୍ସ ଗୋଲ୍ଡ ଓମେନ୍ |
| ତ୍ୱଚାର ସମସ୍ୟା | ନିମ୍ ଗାର୍ଡ କ୍ୟାପ୍ସୁଲ୍, ନିମ୍ ଅଏଲ୍ |
| ମୂତ୍ରର ସମସ୍ୟା | ପ୍ରୋଷ୍ଟେଡ୍ ଟାବଲେଟ୍, ଗୋକ୍ଷୁରାଡି ଗୁଗ୍ଗୁଲୁ |

ଆୟୁର୍ବେଦିକ ସୋରୁମ୍ ସହିତ ଡାକ୍ତର ପରାମର୍ଶ :
CUTTACK: 9437511462 BHUBANESWAR: 9437301302 PURI: 9861068109 GANJAM/BERHAMPUR: 9437646389 JAJPUR: 9853909674 ANGUL: 8658021555 BOLANGIR: 9437126153 BARIPADA: 7325940817 BALASORE: 9438725025 SAMBALPUR: 7008508066, 9437256336 BARGARH: 9861246674 KORAPUT: 7008421308 RAYAGADA: 9937649097 GAJAPATI: 9437513129 SONEPUR: 9777776468 ROURKELA: 9337400604 JHARSUGUDA: 8260211300 KEONJHAR: 9438153708 MALKANGIRI: 9556935213



Meril Treatment Zaroori Hai
Issued in public interest, for you and your loved ones, by Meril.



ଡା. ମିଳନ କୁମାର ଶତପଥୀ
ସିନିୟର କନ୍‌ସଲ୍‌ଟାଣ୍ଟ କାର୍ଡିଓଲୋଜିଷ୍ଟ
ଆପୋଲୋ ହସ୍ପିଟାଲ, ରାଉରକେଲା

ବିପଦରେ ଯୁବ ହୃଦୟ: ଯୁବ ବୟସ୍କଙ୍କଠାରେ ହୃଦ୍‌ଘାତର ଧାରା କାହିଁକି ବଢ଼ିଚାଲିଛି ତାହା ବୁଝନ୍ତୁ

ଉଦ୍‌ବେଗର ବିଷୟ

ପୂର୍ବରୁ ହୃଦ୍‌ଘାତ ପ୍ରାୟତଃ ବୃଦ୍ଧ ପ୍ରୌଢ଼ଙ୍କଠାରେ ଦେଖାଦେଉଥିଲା। କିନ୍ତୁ, ଆଜି ତାହା ବର୍ଦ୍ଧିତ ଭାବେ ଯୁବ ବୟସ୍କଙ୍କୁ ପ୍ରଭାବିତ କରିବାରେ ଲାଗିଛି। ଜୀବନଶୈଳୀ, ଅସ୍ୱାସ୍ଥ୍ୟକର ଆହାର, ଧୂମ୍ରପାନ ଏବଂ ଉଚ୍ଚ ମାନସିକ ଚାପ ସ୍ତରକୁ ଏହି ଚିନ୍ତାଜନକ ଧାରାର ପ୍ରମୁଖ କାରକ କୁହାଯାଇପାରେ। ନିକଟ ଅତୀତରେ ସାମ୍ନାକୁ ଆସିଥିବା ମାମଲାଗୁଡ଼ିକ ଏକ ଗମ୍ଭୀର ଜନସ୍ୱାସ୍ଥ୍ୟ ସମସ୍ୟାକୁ ରେଖାଙ୍କିତ କରିଛି: ଯେପରିକି କରୋନାରୀ ଆର୍ଟେରୀ ଡିଜିଜ୍ (ସିଏଡି)। ଏହା ଏକ କ୍ରମୋନ୍ନତିଶୀଳ ରୋଗ ଯାହା ଏବେ ବର୍ଦ୍ଧିତ ଭାବେ ଯୁବ ବୟସ୍କଙ୍କୁ ପ୍ରଭାବିତ କରିବାରେ ଲାଗିଛି ଏବଂ ସେମାନଙ୍କଠାରେ ତଜ୍ଜନିତ ପୁନଃ ହୃଦ୍‌ଘାତର ଆଶଙ୍କା ସୃଷ୍ଟି କରୁଛି।

ଯୁବ ବୟସ୍କଙ୍କଠାରେ କରୋନାରୀ ଆର୍ଟେରୀ ଡିଜିଜ୍

ହୃତ୍‌ପିଣ୍ଡ ରକ୍ତବାହୀ ଧମନୀରେ ପ୍ଲାକ୍ ଜମାଟ ବାନ୍ଧିବା କାରଣରୁ କରୋନାରୀ ଆର୍ଟେରୀ ଡିଜିଜ୍ ସୃଷ୍ଟି ହୋଇଥାଏ, ଯାହା ହୃତ୍‌ପିଣ୍ଡକୁ ରକ୍ତ ପ୍ରବାହକୁ ବାଧିତ କରିଥାଏ। ଯୁବ ବୟସ୍କଙ୍କଠାରେ ସିଏଡି ପ୍ରାୟତଃ ବିନା ଲକ୍ଷଣରେ ବିକଶିତ ହୋଇଥାଏ ଏବଂ ବଡ଼ ଧରଣର ରକ୍ତାବରୋଧ ହେବା ପରେ ହିଁ ଉକ୍ତ ରୋଗ ସମ୍ପର୍କରେ ଜଣାପଡ଼ିଥାଏ। ପାରମ୍ପରିକ ଭାବେ, ସିଏଡିର ପ୍ରବନ୍ଧନ ପାଇଁ ଆଞ୍ଜିଓପ୍ଲାଷ୍ଟି ଉପରେ ଭରସା କରାଯାଇଆସିଛି। ଯୁବ ରୋଗୀମାନେ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ଏହି ପଦ୍ଧତିରେ ଅନେକ ମହତ୍ତ୍ୱପୂର୍ଣ୍ଣ ଉନ୍ନତି ହୋଇଛି। ନିକଟ ଅତୀତରେ ଜଣେ ୪୬ ବର୍ଷ ବୟସ୍କ ରୋଗୀଙ୍କ ମାମଲା ଏହି ଉନ୍ନତିର ଏକ ଜ୍ୱଳନ୍ତ ଉଦାହରଣ। ପୂର୍ବରୁ ହୃଦ୍‌ଘାତର ସମ୍ମୁଖୀନ ହୋଇଥିବା ଉକ୍ତ ରୋଗୀଙ୍କଠାରେ ଛାତି ଯନ୍ତ୍ରଣାର ଲକ୍ଷଣ ଦେଖାଯିବା କାରଣରୁ ତାଙ୍କ ପରିବାର ତୁରନ୍ତ ତାଙ୍କୁ ଡାକ୍ତରଖାନା ନେଇଯାଇଥିଲେ। ସେଠାରେ ତାଙ୍କର ସ୍ୱାସ୍ଥ୍ୟ ସ୍ଥିତିର ପରୀକ୍ଷା ତଥା ଆଞ୍ଜିଓଗ୍ରାଫି କରାଗଲା। ସେଥିରୁ ତାଙ୍କଠାରେ ପୂର୍ବରୁ ପ୍ରତିରୋପିତ ଷ୍ଟେଣ୍ଟ ସହିତ କ୍ଷୁଦ୍ର ଧମନୀରେ ନୂଆ ବ୍ଲକେଜ୍ ସମ୍ପର୍କରେ ଜଣାପଡ଼ିଥିଲା। ରୋଗୀଙ୍କ ପୂର୍ବରୁ ଷ୍ଟେଣ୍ଟିଂ ଇତିହାସକୁ ଦୃଷ୍ଟିରେ ରଖି ଓ ତାଙ୍କ ଶରୀରରେ ଧାତବ ଭାରକୁ ନ୍ୟୂନତମ କରିବା ପାଇଁ, ଏକ ଡ୍ରଗ୍ କୋଟେଡ୍ ବେଲୁନ୍ (ଡିସିବି) ବ୍ୟବହାର କରି ଧାତବ-ବିହୀନ ଆଞ୍ଜିଓପ୍ଲାଷ୍ଟି ସହିତ ତାଙ୍କର ଚିକିତ୍ସା କରିବାର ବିକଳ୍ପ ବଛାଗଲା। ଏହି ଅଭିନବ କୌଶଳ ରୋଗୀଙ୍କ ବୟସ ଏବଂ ସ୍ୱାସ୍ଥ୍ୟ ସ୍ଥିତି ଆଧାରରେ ଖାସ୍ ତାଙ୍କ ପାଇଁ ଉପଯୁକ୍ତ ଚିକିତ୍ସା ପନ୍ଥା ଯୋଗାଇଥାଏ। ଏହି ପଦ୍ଧତିରେ ବ୍ଲକେଜ୍ ଜାଗାରେ ବେଲୁନ୍‌କୁ ଫୁଲାଯାଇଥାଏ, ଯାହାଦ୍ୱାରା ଔଷଧକୁ ସିଧାସଳଖ ଧମନୀରେ ପହଞ୍ଚାଯାଇପାରେ। ଏହି ପଦ୍ଧତିରେ ଧମନୀର ପ୍ରାକୃତିକ ସ୍ଥିତି ବଜାୟ ରହିବା ସହିତ କୌଣସି ସ୍ଥାୟୀ ପ୍ରତିରୋପଣ ଛଡ଼ାଯାଇ ନ ଥାଏ। ଉକ୍ତ ଚିକିତ୍ସା ବିଧି ସଫଳ ହୋଇଥିଲା ଏବଂ ଆରୋଗ୍ୟ ଲାଭ କରିବା ପରେ ତାଙ୍କୁ ଡାକ୍ତରଖାନାରୁ ଡିସ୍‌ଚାର୍ଜ କରାଗଲା। ଚିକିତ୍ସିତ ଧମନୀରେ କୌଣସି ସ୍ଥାୟୀ ପ୍ରତିରୋପଣ ବିନା ମଧ୍ୟ ତାଙ୍କର ସ୍ୱାସ୍ଥ୍ୟ ସ୍ଥିତି ଏବେ ଭଲ ଅଛି। ଉପରୋକ୍ତ ଘଟଣା ହୃଦ୍ ଯତ୍ନରେ ହୋଇଥିବା ଅଗ୍ରଗତି ଏବଂ ତତ୍ପର ଚିକିତ୍ସାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସୂଚାଇଥାଏ।

ଡ୍ରଗ୍ କୋଟେଡ୍ ବେଲୁନ୍ (ଡିସିବି) କ'ଣ?

ଡ୍ରଗ୍ କୋଟେଡ୍ ବେଲୁନ୍ ଏକ ଆଞ୍ଜିଓପ୍ଲାଷ୍ଟି ବେଲୁନ୍ ଅଟେ ଯେଉଁଥିରେ ଆଣ୍ଟି-ପ୍ରୋଲିଫରେଟିଭ୍ ଔଷଧର ଆସ୍ତରଣ ରହିଥାଏ। ପାରମ୍ପରିକ ଷ୍ଟେଣ୍ଟ ଭଳି ଡିସିବି ଧମନୀ ମଧ୍ୟରେ ଏକ ସ୍ଥାୟୀ ଧାତବ ପ୍ରତିରୋପଣ ଛାଡ଼ି ନ ଥାଏ। ତା' ବଦଳରେ ଡିସିବି ସିଧାସଳଖ ଧମନୀ ପ୍ରାଚୀରରେ ଉପଚାରାତ୍ମକ ଉପାଦନକୁ ପହଞ୍ଚାଇଥାଏ। ଏହା ପ୍ରଭାବୀ ଢଙ୍ଗରେ ଧମନୀକୁ ପୁନଃ-ସଂକୀର୍ଣ୍ଣ ହେବା(ରେଷ୍ଟେନୋସିସ୍)ରୁ ପ୍ରତିରୋଧ କରିବା ସହିତ କୌଣସି ଅବଶେଷ ଉପାଦାନ ଛାଡ଼ି ନ ଥାଏ। ଏହି ପଦ୍ଧତିରେ ଧମନୀର ପ୍ରାକୃତିକ ରକ୍ତଚଳନ ଏବଂ କାର୍ଯ୍ୟକ୍ଷମତା ବଜାୟ ରହିବା ସମ୍ଭବ ହୋଇଥାଏ।

ଡ୍ରଗ୍ କୋଟେଡ୍ ବେଲୁନ୍‌ର ଉପକାରିତା
- ପ୍ରାକୃତିକ ଭାସୋମୋଶନ୍ ସଂରକ୍ଷିତ ରହେ: ଡିସିବି ଧମନୀକୁ ତାହାର ସହଜାତ ନମନୀୟତା ଓ କାର୍ଯ୍ୟକ୍ଷମତାକୁ ବଜାୟ ରଖିବାରେ ସମର୍ଥ କରିଥାଏ।
- ଭବିଷ୍ୟତ ଚିକିତ୍ସା ନମନୀୟତା: ଧାତବ ଷ୍ଟେଣ୍ଟର ଅନୁପସ୍ଥିତି କାରଣରୁ ଭବିଷ୍ୟତ ଚିକିତ୍ସା ବିକଳ୍ପ ଉନ୍ମୁକ୍ତ ରହିଥାଏ, ଯେପରିକି ରିପିଟ୍ ଆଞ୍ଜିଓପ୍ଲାଷ୍ଟି କିମ୍ବା କରୋନାରୀ ଆର୍ଟେରୀ ବାଇପାସ୍ ଗ୍ରାଫ୍ଟିଂ (ସିଏବିଜି)।
- ହ୍ରାସିତ ଦୀର୍ଘକାଳୀନ ବ୍ଲଡ୍ ଥିନର୍ (ଆଣ୍ଟିକୋଗୁଲାଣ୍ଟସ୍)ର ବ୍ୟବହାର : କୌଣସି ସ୍ଥାୟୀ ପ୍ରତିରୋପଣ କରାଯାଉ ନ ଥିବାରୁ, ସଂକ୍ଷିପ୍ତ ମିଆଦରେ ବ୍ଲଡ୍ ଥିନର୍ ଔଷଧଗୁଡ଼ିକର ଅବଧିକୁ ନ୍ୟୂନତମ କରାଯାଇପାରିବ। ଏହାଫଳରେ ରକ୍ତସ୍ରାବର ଆଶଙ୍କା ହ୍ରାସ ହେବା ସହିତ ଆଞ୍ଜିଓପ୍ଲାଷ୍ଟି ପରେ ଆବଶ୍ୟକ ହେଲେ ତୁରନ୍ତ ଅସ୍ତ୍ରୋପଚାର ଆଧାରିତ ହସ୍ତକ୍ଷେପ ସମ୍ଭବ ହୋଇପାରିଥାଏ।
- ନ୍ୟୂନତମ ଧାତବ ଭାର: ଧମନୀରେ ଧାତବର ଉପସ୍ଥିତି ହ୍ରାସ ହେବା କାରଣରୁ ଦୀର୍ଘସ୍ଥାୟୀ ଯନ୍ତ୍ରଣା ଭଳି ଦୀର୍ଘମିଆଦୀ ସ୍ୱାସ୍ଥ୍ୟ ସମସ୍ୟାର ଆଶଙ୍କା କମିଥାଏ।

ହୃଦୟ ଯତ୍ନରେ ଏକ ନୂଆ ଦିଗନ୍ତ

ହୃଦ୍‌ଯତ୍ନର ବିବର୍ତ୍ତନଶୀଳ ଦୁନିଆରେ ଡ୍ରଗ୍ କୋଟେଡ୍ ବେଲୁନକୁ ଏକ ଯୁଗାନ୍ତକାରୀ ଅଗ୍ରଗତି କୁହାଯାଇପାରିବ। ହୃଦ୍‌ରୋଗ ବର୍ଦ୍ଧିତ ଭାବେ ଯୁବବର୍ଗଙ୍କୁ ପ୍ରଭାବିତ କରୁଥିବାରୁ, ଡିସିବି ଭଳି ଅଭିନବ ଏବଂ ଅନୁକୂଳନଶୀଳ ଚିକିତ୍ସା ବିକଳ୍ପ ଅତ୍ୟାବଶ୍ୟକ ଅଟେ। ଡିସିବି ମାଧ୍ୟମରେ ଧାତବବିହୀନ ଆଞ୍ଜିଓପ୍ଲାଷ୍ଟି ଫଳପ୍ରଦତା, ନିରାପତ୍ତା ଏବଂ ଭବିଷ୍ୟତ ଚିକିତ୍ସା ପାଇଁ ନମନୀୟତାର ପ୍ରତିଶ୍ରୁତି ଦେଇଥାଏ।

ସଚେତନତା ସୃଷ୍ଟି

ଚିକିତ୍ସା କ୍ଷେତ୍ରରେ ଘଟିଥିବା ଉପରୋକ୍ତ ଅଗ୍ରଗତି ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରାଯିବା ଗୁରୁତ୍ୱପୂର୍ଣ୍ଣ। ଏଣୁ ଜୀବନଶୈଳୀର ବିପଦ, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷାର ମହତ୍ତ୍ୱ ସମ୍ପର୍କରେ ଜନଗୋଷ୍ଠୀଙ୍କୁ ଶିକ୍ଷିତ କରିବା ଦ୍ୱାରା ଯୁବ ବୟସ୍କଙ୍କଠାରେ ହୃଦ୍ ରୋଗର ବୃଦ୍ଧିଶୀଳ ପ୍ରାଦୁର୍ଭାବକୁ ଲାଘବ କରାଯାଇପାରିବ। ସ୍ୱାସ୍ଥ୍ୟକର ଜୀବନଶୈଳୀ ଆପଣାଇ ଏବଂ ଚିକିତ୍ସା ଜଗତରେ ହେଉଥିବା ସଦ୍ୟତମ ନବପ୍ରବର୍ତ୍ତନ ସମ୍ପର୍କରେ ସୂଚିତ ରହି ଲୋକମାନେ ସେମାନଙ୍କର ହୃଦୟ ସ୍ୱାସ୍ଥ୍ୟକୁ ଉନ୍ନତ କରିବା ପାଇଁ ସକ୍ରିୟ ପଦକ୍ଷେପ ଗ୍ରହଣ କରିପାରିବେ।

ସଠିକ୍ ବିକଳ୍ପ ବାଛିବା

ଆଞ୍ଜିଓପ୍ଲାଷ୍ଟି ପାଇଁ ଉପଯୁକ୍ତ ମେଡିକାଲ୍ ଡିଭାଇସ୍ ଚୟନ କରିବାର ନିଷ୍ପତ୍ତି ସମ୍ପୃକ୍ତ ରୋଗୀଙ୍କ ନିର୍ଦ୍ଦିଷ୍ଟ ସ୍ୱାସ୍ଥ୍ୟ ସ୍ଥିତିକୁ ଦୃଷ୍ଟିରେ ରଖି ନିଆଯିବା ଉଚିତ। ଚିକିତ୍ସା କରୁଥିବା ହୃଦ୍‌ରୋଗ ବିଶେଷଜ୍ଞଙ୍କ ବିଶେଷଜ୍ଞତା ଏବଂ ଚିକିତ୍ସାଗତ ମତାମତ ଏହି ନିଷ୍ପତ୍ତିକୁ ମାର୍ଗଦର୍ଶିତ କରିବା ଆବଶ୍ୟକ। ଯଦି ଆପଣ କିମ୍ବା ଆପଣଙ୍କର କୌଣସି ପ୍ରିୟଜନ ଆଞ୍ଜିଓପ୍ଲାଷ୍ଟି କରାଇବା ପାଇଁ ବିଚାର କରୁଥାନ୍ତି, ତେବେ ଡ୍ରଗ୍ କୋଟେଡ୍ ବେଲୁନ୍ ବ୍ୟବହାର କରି ଧାତବବିହୀନ ଆଞ୍ଜିଓପ୍ଲାଷ୍ଟିର ସମ୍ଭାବ୍ୟ ଉପକାରିତା ସମ୍ପର୍କରେ ନିଜର ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କ ସହିତ ଆଲୋଚନା କରିବା ପରାମର୍ଶଯୋଗ୍ୟ। ହୃଦୟର ସ୍ୱାସ୍ଥ୍ୟରେ ଅନୁକୂଳ ପରିଣାମ ଲାଭ କରିବା ପାଇଁ ସମସ୍ତ ଉପଲବ୍ଧ ବିକଳ୍ପକୁ ବୁଝିବା ଅତ୍ୟାବଶ୍ୟକ ହୋଇଥାଏ।

ଦାବିତ୍ୟାଗ: ଏହି ଆଲେଖ୍ୟରେ ଅଭିବ୍ୟକ୍ତ ଦୃଷ୍ଟିକୋଣ/ପ୍ରସ୍ତାବ/ମତାମତ ଏକାକୀ ସମ୍ପୃକ୍ତ ବ୍ରାଣ୍ଡର ଦାୟିତ୍ୱ ଅଟେ ଏବଂ ତାହାକୁ ଚିକିତ୍ସାଗତ ଉପଦେଶର ଏକ ବିକଳ୍ପ ରୂପେ ବିବେଚନା କରାଯିବା ଉଚିତ ନୁହେଁ। ଅଧିକ ବିବରଣୀ ପାଇଁ ଦୟାକରି ଆପଣଙ୍କ ଚିକିତ୍ସକଙ୍କ ସହିତ ପରାମର୍ଶ କରନ୍ତୁ।
Advt.

> ବସ୍ତୁତଃ, ଅଧିକାଂଶ ମଣିଷ ବନ୍ଦୀଶାଳାରେ ରହୁଥିବା ବନ୍ଦୀମାନଙ୍କ ପରି। ସେମାନେ ତାଙ୍କ ଘରର ସବୁ ଦ୍ୱାର ଓ ଝରକା ବନ୍ଦ କରି ତା'ଭିତରେ ରହିଥାନ୍ତି। ତେଣୁ ଏହା ସ୍ୱାଭାବିକ କଥା ଯେ, ସେମାନେ ଅଣନିଃଶ୍ୱାସୀ ବୋଧ କରନ୍ତି। ସେମାନଙ୍କ ପାଖେ ଦ୍ୱାର ଝରକାର ଚାବିଥାଏ। କିନ୍ତୁ ସେମାନେ ଖୋଲନ୍ତି ନାହିଁ। **-ଶ୍ରୀମା**



# ନିଯୁକ୍ତି ଅପେକ୍ଷାରେ



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

ରେଳ ମନ୍ତ୍ରଣାଳୟ ଅଧ୍ୟକ୍ଷ/ସଦସ୍ୟ, ରେଳ ବୋର୍ଡ ଏବଂ ଜେନେରାଲ ମ୍ୟାନେଜର ସମେତ ଶୀର୍ଷ ପଦବୀଗୁଡ଼ିକରେ ନିଯୁକ୍ତି ବନ୍ଦ ରଖିଛି। ଏହି ନିଷ୍ପତ୍ତି ବୋଧହୁଏ ଭାରତୀୟ ଇଞ୍ଜିନିୟରିଂ ସର୍ଭିସେସ୍ (ଆଇଇଏସ୍) ମାଧ୍ୟମରେ ସେବାରେ ପ୍ରବେଶ କରିଥିବା ଅଧିକାରୀଙ୍କ ମଧ୍ୟରେ ବଢୁଥିବା ଅସନ୍ତୋଷ କାରଣରୁ ନିଆଯାଇଛି। ସୂତ୍ରରୁ ପ୍ରକାଶ ଯେ, ନିକଟରେ ମନ୍ତ୍ରଣାଳୟ ୧୯୮୯ ଏବଂ ୧୯୯୦ ବ୍ୟାଚ୍‌ରୁ ଯୋଗ୍ୟ ଅଧିକାରୀମାନଙ୍କୁ ଭାରତୀୟ ରେଳ ପରିଚାଳନା ସେବା (ଆଇଆର୍‌ଏମ୍‌ଏସ୍) ମଧ୍ୟରେ ଏହି ଶୀର୍ଷ ପଦବୀଗୁଡ଼ିକ ପାଇଁ ଆବେଦନ କରିବାକୁ ଏକ ବିଜ୍ଞପ୍ତି ଜାରି କରିଥିଲା। କିନ୍ତୁ କିଛିଦିନ ପରେ ହଠାତ୍ ସେହି ବିଜ୍ଞପ୍ତି ପ୍ରତ୍ୟାହାର କରାଗଲା। ଏଣୁ ଏଭଳି ପଛଘୁଞ୍ଚାର କାରଣ ହେଉଛି ଆଇଇଏସ୍ ଅଧିକାରୀଙ୍କ ମଧ୍ୟରେ ଅସନ୍ତୋଷ। ସେମାନଙ୍କ କ୍ୟାଡରରୁ କେବଳ ହାତଗଣତି ଅଧିକାରୀ ଏହିସବୁ ପଦବୀ ପାଇଁ ଯୋଗ୍ୟ ବିବେଚିତ ହେବା ସେମାନଙ୍କ ନୈରାଶ୍ୟର କାରଣ । ଅପରପକ୍ଷେ, ଶୀର୍ଷ ପଦବୀ ପାଇଁ ଯୋଗ୍ୟତା ଅର୍ଜନ କରୁଥିବା ଅଧିକାଂଶ ବ୍ୟକ୍ତି ସିଭିଲ ସର୍ଭିସେସ୍ ପରୀକ୍ଷା (ସିଏସ୍‌ଇ) ଷ୍ଟ୍ରିମ୍‌ରୁ ଆସିଥାନ୍ତି। ଭାରତୀୟ ରେଳ ପାରମ୍ପରିକ ଭାବରେ ସିଏସ୍‌ଇ, ଆଇଇଏସ୍ ଏବଂ ସ୍ୱତନ୍ତ୍ର ଶ୍ରେଣୀ ରେଳ ଆପ୍ରେଣ୍ଟିସ୍ (ଏସ୍‌ସିଆର୍‌ଏ) ମାଧ୍ୟମରେ ଅଧିକାରୀ ନିଯୁକ୍ତ କରେ। ତା'ପରେ ଏମାନେ ଟ୍ରାଫିକ୍, ଇଲେକ୍ଟ୍ରିକାଲ, ମେକାନିକାଲ, ସିଭିଲ, ପର୍ସନାଲ, ଆକାଉଣ୍ଟସ ଏବଂ ଷ୍ଟୋର୍ସ ଭଳି ବିଭିନ୍ନ ବିଭାଗରେ ଯୋଗଦିଅନ୍ତି । ତେବେ ଆଭ୍ୟନ୍ତରୀଣ ବିବାଦର ସମାଧାନ କରିବା ପାଇଁ କେନ୍ଦ୍ର ସରକାର ଭାରତୀୟ ରେଳ ପରିଚାଳନା ସେବା(ଆଇଆର୍‌ଏମ୍‌ଏସ୍) ଆରମ୍ଭ କରିଥିଲେ। କାର୍ଯ୍ୟକୁ ଶୃଙ୍ଖଳିତ କରିବା ଏବଂ ଏକ ସମନ୍ୱିତ ଦୃଷ୍ଟିକୋଣକୁ ପ୍ରୋତ୍ସାହିତ କରିବା ପାଇଁ ଏହି ଏକୀକୃତ ସେବା ଉଦ୍ଦିଷ୍ଟ। ଯେହେତୁ ଆଇଇଏସ୍ ଏବଂ ଏସ୍‌ସିଆର୍‌ଏ ମାଧ୍ୟମରେ ପ୍ରତ୍ୟକ୍ଷ ନିଯୁକ୍ତି ବନ୍ଦ ହୋଇଗଲା ଏବଂ ୟୁପିଏସ୍‌ସିକୁ ଅନୁରୋଧ କରିବାରେ ବିଳମ୍ବ ହେତୁ ୨୦୧୯ଠାରୁ ସେବାରତ ପଦବୀରେ କୌଣସି ନୂତନ ପ୍ରତ୍ୟକ୍ଷ ନିଯୁକ୍ତି ରେଲୱେରେ ହୋଇନାହିଁ। ପ୍ରଥମ ଆଇଆର୍‌ଏମ୍‌ଏସ୍ ବ୍ୟାଚ୍ ଏଯାବତ ନିଯୁକ୍ତି ଅପେକ୍ଷାରେ ଅଛନ୍ତି।

### ଚହଲଙ୍କୁ ଦାୟିତ୍ୱ

ମହାରାଷ୍ଟ୍ର ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ କ୍ରମେ ୧୯୮୯ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଆଇ.ଏସ୍. ଚହଲଙ୍କୁ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଭାବେ ନିଯୁକ୍ତ କରିଛନ୍ତି। ଚହଲ ମୁଖ୍ୟମନ୍ତ୍ରୀଙ୍କ ନିକଟତର ଭାବେ ତାଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ମୁଖ୍ୟ ସଚିବ ରୂପେ କାର୍ଯ୍ୟ କରିଆସୁଛନ୍ତି। ସେ ମଧ୍ୟ ମୁମ୍ବାଇ ମ୍ୟୁନିସିପାଲ କମିଶନର ଭାବେ ଦାୟିତ୍ୱ ତୁଲାଇଥିଲେ। ଏବେ ବଦ୍‌ଲାପୁରରେ ଯୁବତୀମାନଙ୍କ ପ୍ରତି ହେଉଥିବା ଦୁର୍ବ୍ୟବହାର ଘଟଣାରେ ଗୃହ ବିଭାଗ ଅତ୍ୟଧିକ ସମାଲୋଚିତ ହେଉଥିବା ସମୟରେ ଏହି ନିଯୁକ୍ତି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ଏହା ଦର୍ଶାଉଛି ଯେ, ସରକାର ଚାପରେ ଅଛନ୍ତି ଓ ଏହି ବିଷୟକୁ ଗମ୍ଭୀରତାର ସହ ନେଉଛନ୍ତି। ଜୁନ୍‌ରେ ସୁଜାତା ସୌନିକ ମୁଖ୍ୟ ଶାସନ ସଚିବ ଭାବେ ପଦୋନ୍ନତି ପାଇବା ପୂର୍ବରୁ ସେ ଗୃହ ସଚିବ ଦାୟିତ୍ୱରେ ଥିଲେ। ଏପରିକି ତାଙ୍କ ପଦୋନ୍ନତି ପରେ ସେ ନୂଆ ଦାୟିତ୍ୱ ସହ ଗୃହ ବିଭାଗର ଦେଖାଶୁଣା କରୁଥିଲେ। ତେବେ ବର୍ତ୍ତମାନ ଖାଲିଥିବା ଅତିରିକ୍ତ ମୁଖ୍ୟ ସଚିବ ପଦବୀ ପାଇଁ ଅନେକ ନାମ ସାମ୍ନାକୁ ଆସିଥିଲା। ସୂତ୍ରରୁ ଜଣାପଡ଼ିଛି ଯେ,ଚହଲଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ସମର୍ଥନ ଥିଲାବେଳେ ଉପମୁଖ୍ୟମନ୍ତ୍ରୀ ତଥା ଗୃହମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍‌ଙ୍କ ବିଚାର ଭିନ୍ନ ଥିଲା। ସାଧାରଣ ପ୍ରଶାସନ ବିଭାଗର ଭି.ରାଧାଙ୍କୁ ନିଯୁକ୍ତି ଦେବା କଥା ଉଠିଥିଲା, କିନ୍ତୁ ତାଙ୍କ ୧୯୯୪ ବ୍ୟାଚ୍ ଷ୍ଟାଟସ୍ ତାଙ୍କ ବରିଷ୍ଠତା ଉପରେ ସମସ୍ୟା ସୃଷ୍ଟି କରିଥିଲା। ଶେଷରେ ସ୍ଥିତି ଚହଲଙ୍କ ସପକ୍ଷରେ ଯାଇଥିବା ମନେକରାଯାଏ। ମତ ଥିଲା, ସରକାର ବର୍ତ୍ତମାନ କାର୍ଯ୍ୟ କରି ନ ଥିଲେ ଆଚରଣ ସଂହିତା ଲାଗୁହେବା ପରେ ନିର୍ବାଚନ ଆୟୋଗ ଏଥିରେ ହସ୍ତକ୍ଷେପ କରିଥାନ୍ତେ। ଚହଲ ୨୦୨୬ରେ ଅବସର ନେବେ ବୋଲି ଅନୁମାନ କରାଯାଉଛି ଏବଂ ସୌନିକଙ୍କ ପରେ ମୁଖ୍ୟ ସଚିବ ପଦବୀ ପାଇଁ ତାଙ୍କ ନାମ ଆସିପାରେ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଲାଣି।

### ସମାଲୋଚନାରୁ ପଦକ୍ଷେପ

ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସମାଲୋଚନାଗୁଡ଼ିକ ଗ୍ରହଣୀୟ ହେବା ପୂର୍ବରୁ ସେଥିରୁ ଗୋଟିଏକୁ ସମାଧାନକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜକୁ ବଞ୍ଚାଇବାର ଉପାୟ କରିଛନ୍ତି କି? ନିର୍ଦ୍ଦିଷ୍ଟ ଭାବେ ସଦ୍ୟତମ ପ୍ରଶାସନିକ ଅଦଳବଦଳ ଏହା ଦର୍ଶାଏ। ଆର୍ଥିକ ସେବା ବିଭାଗର ସଚିବ ଭାବେ ନାଗାରାଜୁ ମଦିରାଲାଙ୍କ ନିଯୁକ୍ତିରୁ ଜଣାପଡ଼େ ଯେ, ସଂସଦରେ ରାହୁଲ ଗାନ୍ଧୀ ଦେଇଥିବା ମନ୍ତବ୍ୟ ଉପରେ ମୋଦି ଧ୍ୟାନ ଦେଇଛନ୍ତି। ବଜେଟ ପ୍ରକ୍ରିୟାର ପ୍ରାରମ୍ଭକୁ ଚିହ୍ନିତ କରୁଥିବା ପାରମ୍ପରିକ କାର୍ଯ୍ୟକ୍ରମ ହାଲ୍‌ୱା ଉତ୍ସବରେ ଏସ୍‌ସି ଏବଂ ଏସ୍‌ଟି ଅଧିକାରୀଙ୍କ ଅନୁପସ୍ଥିତି ସମ୍ପର୍କରେ ରାହୁଲ ଦର୍ଶାଇଥିଲେ। ସଂରକ୍ଷିତ ବର୍ଗର ତ୍ରିପୁରା କ୍ୟାଡର ଆଇଏଏସ୍ ଅଧିକାରୀ ମଦିରାଲା ଏବେ ପରବର୍ତ୍ତୀ ସମାରୋହରେ ଉପସ୍ଥିତ ହେବା ସମ୍ଭାବନା ରହିଛି। ଏହି ପଦକ୍ଷେପ ରାହୁଲଙ୍କ ସମାଲୋଚନର ପ୍ରତ୍ୟକ୍ଷ ପ୍ରତିକ୍ରିୟା ବୋଲି ମନେହୁଏ । ଏହି ନିଯୁକ୍ତି ଏକ ବ୍ୟାପକ ଅଦଳବଦଳର ଅଂଶବିଶେଷ ଏବଂ ଏହା ମୋଦିଙ୍କ ତୃତୀୟ ପାଳିରେ ପ୍ରଥମ ପ୍ରମୁଖ ପ୍ରଶାସନିକ ପରିବର୍ତ୍ତନକୁ ସୂଚିତ କରୁଛି। ମଦିରାଲାଙ୍କ ସହ ନୂଆ ସଚିବମାନଙ୍କୁ ବ୍ୟୟ, ବ୍ୟାଙ୍କିଙ୍ଗ୍, କର୍ପୋରେଟ୍ ଆଫେୟାର୍ସ ଏବଂ ପ୍ରତିରକ୍ଷା ଭଳି ପ୍ରମୁଖ ବିଭାଗରେ ନିଯୁକ୍ତ କରାଯାଇଛି। ଯଦିଓ ଏହି ପଦକ୍ଷେପ ସାଧାରଣରେ ଚର୍ଚ୍ଚା ହେବ ନା ରାହୁଲ ଗାନ୍ଧୀଙ୍କ ଗତିକୁ ହ୍ରାସ କରିବ, ତାହା ଅସ୍ପଷ୍ଟ ଥିବାବେଳେ ଏହା ଜାରି ରହିଥିବା ରାଜନୈତିକ କାହାଣୀକୁ ଏକ ଆକର୍ଷଣୀୟ ମୋଡ଼ ଦେଇଛି।

Email: dilipcherian@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | 4 | | | | | 1 | |
| | | 8 | | | | 2 | | |
| | | 9 | | | 8 | | | 3 |
| | | | | | | 5 | | |
| | | | | | 3 | 1 | | 2 |
| | | | 2 | 1 | 6 | | 3 | 7 |
| 7 | | | 4 | | 9 | | | |
| | 8 | | | 2 | | 6 | | |
| | 5 | | | | | 3 | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 7 | 5 | 4 | 3 | 9 | 6 | 2 | 1 |
| 6 | 9 | 3 | 2 | 1 | 5 | 7 | 8 | 4 |
| 1 | 4 | 2 | 7 | 6 | 8 | 3 | 9 | 5 |
| 4 | 6 | 9 | 8 | 5 | 2 | 1 | 3 | 7 |
| 2 | 1 | 8 | 3 | 4 | 7 | 9 | 5 | 6 |
| 3 | 5 | 7 | 6 | 9 | 1 | 8 | 4 | 2 |
| 5 | 2 | 1 | 9 | 7 | 3 | 4 | 6 | 8 |
| 7 | 3 | 4 | 5 | 8 | 6 | 2 | 1 | 9 |
| 9 | 8 | 6 | 1 | 2 | 4 | 5 | 7 | 3 |

ଗତକାଲିର ଉତ୍ତର

# ପେନ୍‌ସନର ଗୋଲକଧନ୍ଦା



**ଭାଲଚନ୍ଦ୍ର ଷଡ଼ଙ୍ଗୀ**

ନିକଟରେ କେନ୍ଦ୍ରର ଏନ୍‌ଡିଏ ସରକାର ତାଙ୍କ ଅଧୀନରେ କାର୍ଯ୍ୟରତ କର୍ମଚାରୀମାନଙ୍କ ପାଇଁ ଏକ ନୂତନ ପେନ୍‌ସନ ଯୋଜନାର ଘୋଷଣା କରିଛନ୍ତି। ଏକୀକୃତ ପେନ୍‌ସନ ଯୋଜନା ବା ୟୁପିଏସ୍ ନାଁରେ ପରିଚିତ ଏହି ଯୋଜନା ଫଳରେ ଆଗାମୀ ଦିନରେ କେନ୍ଦ୍ର ସରକାରଙ୍କ ୨୩ ଲକ୍ଷ କର୍ମଚାରୀ ଉପକୃତ ହେବେ ଏବଂ ଏ ବାବଦରେ ବାର୍ଷିକ ୬୨୫୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି କୁହାଯାଇଛି। ଅନ୍ୟପଟେ ପୁରୁଣା ପେନ୍‌ସନ ଯୋଜନାକୁ ପୁଣିଥରେ ଲାଗୁ ନ କରି ସରକାର ଯେଉଁ ୟୁପିଏସ୍ ଆଣିଛନ୍ତି, ତାହା ଓପିଏସ୍ ଦାବି କରୁଥିବା ଦେଶର ଲକ୍ଷ ଲକ୍ଷ କର୍ମଚାରୀଙ୍କ ପ୍ରତି ପ୍ରତାରଣା ସଦୃଶ ବୋଲି ବିଭିନ୍ନ ଶ୍ରମିକ ଓ କର୍ମଚାରୀ ସଂଗଠନ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇବା ଦେଖିବାକୁ ମିଳିଛି।

ଉଲ୍ଲେଖଯୋଗ୍ୟ, ଅର୍ଥନୈତିକ ଉଦାରୀକରଣ ନାଁରେ ୨୦୦୪ ରେ କେନ୍ଦ୍ରର ତତ୍କାଳୀନ ଏନ୍‌ଡିଏ ସରକାର ନୂଆ ପେନ୍‌ସନ ଯୋଜନା(ଏନ୍‌ପିଏସ୍)କୁ ସର୍ବପ୍ରଥମେ ଆରମ୍ଭ କରିଥିଲେ। ପରେ ମନମୋହନ ସିଂଙ୍କ ନେତୃତ୍ୱରେ ଉପା ସରକାର ଏହାକୁ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ କରିଥିଲେ। ପରବର୍ତ୍ତୀ ସମୟରେ କେବଳ କେରଳ ଓ ପଶ୍ଚିମବଙ୍ଗକୁ ଛାଡ଼ିଦେଲେ ଦଳମତ ନିର୍ବିଶେଷରେ ଦେଶର ସମସ୍ତ ରାଜ୍ୟ ସରକାର ମଧ୍ୟ ନିଜ ନିଜ ରାଜ୍ୟରେ ଏହି ଯୋଜନାକୁ ଲାଗୁ କରିଥିଲେ। ସରକାରୀ ଖର୍ଚ୍ଚକୁ କମାଇବା ନାଁରେ ସରକାର କର୍ମଚାରୀମାନଙ୍କ ପେନ୍‌ସନ ବାବଦରେ ହେଉଥିବା ଖର୍ଚ୍ଚର ବୋଝକୁ କମାଇବା ପାଇଁ ଏବଂ କର୍ମଚାରୀଙ୍କ ଉପରେ ଏହାର ଏକ ଭାଗକୁ ଲଦିବା ଲାଗି ଏହି ଯୋଜନା ଆଣିଥିଲେ।

ଏନ୍‌ପିଏସ୍ ନେଇ ଦେଶସାରା ସରକାରୀ କର୍ମଚାରୀଙ୍କ ମଧ୍ୟରେ ଭୟଙ୍କର ଅସନ୍ତୋଷ ରହିଆସିଛି। ସେମାନେ 'ପୁରୁଣା ପେନ୍‌ସନ ପାଇଁ ଜାତୀୟ ଆନ୍ଦୋଳନ' ନାଁରେ ଏକ ମଞ୍ଚ ଜରିଆରେ ଲଗାତାର ଭାବେ ଏନ୍‌ପିଏସ୍ ବଦଳରେ ଓପିଏସ୍ ଲାଗୁ କରିବାକୁ ଦାବି କରିଆସିଛନ୍ତି। ଗତ ୨୧ ବର୍ଷ ମଧ୍ୟରେ ସବୁ ସରକାର କିନ୍ତୁ ସେମାନଙ୍କ ଏହି ଦାବିକୁ ମାନିବାକୁ ମନାକରି ଆସିଛନ୍ତି। ଓପିଏସ୍ ଲାଗୁକଲେ ପେନ୍‌ସନ ବାବଦରେ ରାଜକୋଷରୁ ବିପୁଳ ଅର୍ଥ ଖର୍ଚ୍ଚ ହେବ, ଯାହାକୁ ଭରଣା କରିବା ସମ୍ଭବ ନୁହେଁ ବୋଲି କହିଆସିଛନ୍ତି। କିନ୍ତୁ କର୍ମଚାରୀମାନଙ୍କ ବର୍ଦ୍ଧିତ ଅସନ୍ତୋଷ ଓ ରାଜନୈତିକ ପରିସ୍ଥିତିକୁ ଦେଖି କେନ୍ଦ୍ର ସରକାର ଏ ଦିଗରେ ପଛକୁ ଫେରିବାକୁ ବାଧ୍ୟ ହୋଇଛନ୍ତି।

୨୦୦୪ ପର୍ଯ୍ୟନ୍ତ ଆମ ଦେଶରେ କେବଳ ପୁରୁଣା ପେନ୍‌ସନ ଯୋଜନା(ଓପିଏସ୍) ହିଁ ରହିଥିଲା। ଏଥିରେ ଜଣେ ସରକାରୀ କର୍ମଚାରୀକୁ ତା'ର ଅବସର ପରେ ଶେଷ ଦରମାର ଅର୍ଦ୍ଧେକ ପାଖାପାଖି ପେନ୍‌ସନ ଆକାରରେ ମିଳିଥାଏ। ଦରମା ପରି ପେନ୍‌ସନ ମଧ୍ୟ ମହଙ୍ଗା ଭତ୍ତା ସହ



ଯୋଡ଼ାଯିବା ଯୋଗୁ ବୟସ ବୃଦ୍ଧି ସହିତ ପେନ୍‌ସନ ରାଶିରେ ମଧ୍ୟ ନିୟମିତ ବୃଦ୍ଧି ହେଉଥାଏ। ଏପରିକି ସମ୍ପୃକ୍ତ ପେନ୍‌ସନଧାରୀର ମୃତ୍ୟୁ ପରେ ତା' ପରିବାର ପାଇଁ ପାରିବାରିକ ପେନ୍‌ସନର ବ୍ୟବସ୍ଥା ଏଥିରେ ରହିଛି। ବଡ଼କଥା ହେଲା, ପେନ୍‌ସନ ବାବଦରେ କର୍ମଚାରୀଟିକୁ ନିଜ ଦରମାରୁ କୌଣସି ରାଶି ଦେବାକୁ ପଡ଼ି ନ ଥାଏ। କିନ୍ତୁ ଏନ୍‌ପିଏସ୍‌ର ପ୍ରଚଳନ ପରେ କର୍ମଚାରୀଙ୍କୁ ପ୍ରତିମାସରେ ସେମାନଙ୍କ ମୂଳ ଦରମାର ୧୦% ରାଶି ପେନ୍‌ସନ ବାବଦରେ କାଟି ରଖିବାର ବ୍ୟବସ୍ଥା ରହିଲା। ସରକାର ସେଥିରେ ନିଜର ୧୪% ରାଶି ମିଶାଇ ସମ୍ପୃକ୍ତ କର୍ମଚାରୀର ପେନ୍‌ସନ ଫଣ୍ଡରେ ଜମା ରଖିଲେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମୋଟ ୯୯,୭୭,୧୬୫ କର୍ମଚାରୀଙ୍କ ପେନ୍‌ସନ ଫଣ୍ଡ ବାବଦରେ ଏଯାଏ ୧୦,୫୩,୮୫୦ କୋଟି ସରକାରଙ୍କ ପିଏଫ୍‌ଆର୍‌ଡିଏ ପାଖରେ ଜମା ରହିଛି।

ତେବେ ଏନ୍‌ପିଏସ୍‌ରେ କିନ୍ତୁ ଅବସର ପରେ କୌଣସି ନିଶ୍ଚିତ ରାଶି ପେନ୍‌ସନ ବାବଦରେ ମିଳିବାର ବ୍ୟବସ୍ଥା ରହିଲାନି। କେବଳ ଚାକିରିକାଳରେ ପେନ୍‌ସନ ଫଣ୍ଡରେ ଜମାଥିବା ରାଶିର ୬୦%କୁ ସମ୍ପୃକ୍ତ କର୍ମଚାରୀଙ୍କୁ ତାଙ୍କ ଅବସର ନେବା ବେଳେ ନଗଦ ଆକାରରେ ଦିଆଯିବା ସହ ବଳକା ୪୦% ରାଶି ସରକାର ସେୟାର ବଜାରରେ ବିନିଯୋଗକରି ସେ ବାବଦରେ ଯେଉଁ ଲାଭ ଆସିବ ତାକୁ ମାସିକ ପେନ୍‌ସନ ଆକାରରେ ଦିଆଯିବାର ବ୍ୟବସ୍ଥା ରଖିଲେ। ପୂର୍ବ ଯୋଜନା ଭଳି ଏଥିରେ ପେନ୍‌ସନ ରାଶି ସହ ମହଙ୍ଗା ଭତ୍ତାକୁ ଯୋଡ଼ା ନ ଯିବା ଫଳରେ ମହଙ୍ଗା ଦର ଅନୁସାରେ ପେନ୍‌ସନ ରାଶିରେ କୌଣସି ବୃଦ୍ଧି ନ ହୋଇ ତାହା ଏକ୍‌ଦମ ସ୍ଥିର ରହିଲା। ଆଜି ଏନ୍‌ପିଏସ୍‌ଭୁକ୍ତ ଯେଉଁ କର୍ମଚାରୀମାନେ ଅବସର ପରେ ପେନ୍‌ସନ ପାଉଛନ୍ତି, ସେମାନଙ୍କ ପେନ୍‌ସନ ରାଶି ଅତ୍ୟନ୍ତ ନଗଣ୍ୟ।

ଏନ୍‌ପିଏସ୍ ବଦଳରେ ଓପିଏସ୍‌ର ପ୍ରଚଳନ ଦାବିରେ ଦେଶର କର୍ମଚାରୀମାନେ ଦାବି କରିଆସୁଥିବା ବେଳେ କେନ୍ଦ୍ର ସରକାର ଏବେ ୟୁପିଏସ୍‌କୁ ଆଣିଛନ୍ତି। ଏନ୍‌ପିଏସ୍‌ରେ ସଂସ୍କାର ନାଁରେ କେନ୍ଦ୍ର ସରକାର ଗତ ଏପ୍ରିଲ ୨୦୨୩ରେ ତତ୍କାଳୀନ ଅର୍ଥ ସଚିବ ଟି.ଭି. ସୋମାନାଥନ୍‌ଙ୍କ ଅଧ୍ୟକ୍ଷତାରେ ଯେଉଁ ଚାରିଜଣିଆ କମିଟି ଗଠନ କରିଥିଲେ, ତାରି ରିପୋର୍ଟ ଆଧାରରେ ୟୁପିଏସ୍ ଅଣାଯାଇଛି ବୋଲି କୁହାଯାଇଛି। କିନ୍ତୁ କମିଟିର ଏହି ରିପୋର୍ଟ ଏକପାଖିଆ ମନେହୁଏ। କାରଣ ଓପିଏସ୍ ଦାବି ନେଇ ଲଢ଼େଇ କରୁଥିବା ସଙ୍ଗଠନମାନଙ୍କର ମତାମତ ନେବାକୁ ଆଦୌ ଚେଷ୍ଟା କରାଯାଇନି। ତେବେ ଆଂଶିକ ହେଲେ ବି ସରକାରଙ୍କ ଏହି ଘୋଷଣା ଦେଶର ସରକାରୀ କର୍ମଚାରୀମାନଙ୍କ ଦୀର୍ଘଦିନ ସଂଗ୍ରାମର ବିଜୟ ବୋଲି କୁହାଯାଇପାରେ। ଗତ ୨୧ ବର୍ଷ ମଧ୍ୟରେ ପ୍ରଥମଥର ପାଇଁ କେନ୍ଦ୍ର ସରକାର ଏନ୍‌ପିଏସ୍ ନେଇ ରହିଥିବା ନିଜର ସ୍ଥିତିରୁ ପଛକୁ ହଟି କର୍ମଚାରୀମାନଙ୍କ ଦାବିକୁ କିଛି ପରିମାଣରେ ମାନିବାକୁ ବାଧ୍ୟ ହୋଇଛନ୍ତି। ଯଦିଓ ଏଥିରେ ଓପିଏସ୍‌ରେ ଥିବା ମହଙ୍ଗା ଭତ୍ତା ସଂଲଗ୍ନିତ ମାସିକ ନିଶ୍ଚିତ ପେନ୍‌ସନ ପରି କିଛି ବ୍ୟବସ୍ଥାକୁ ସ୍ଥାନ ଦିଆଯାଇଛି କିନ୍ତୁ ଏନ୍‌ପିଏସ୍‌ର ଅନେକ କର୍ମଚାରୀ ବିରୋଧୀ ବ୍ୟବସ୍ଥାକୁ ଅବ୍ୟାହତ ରଖାଯାଇଛି।

ଓପିଏସ୍‌ରେ ଜଣେ କର୍ମଚାରୀ ୨୦ ବର୍ଷ ଚାକିରି କଲେ ପୂର୍ଣ୍ଣ ପେନ୍‌ସନ ପାଇବାକୁ ହକ୍‌ଦାର ଥିବାବେଳେ ୟୁପିଏସ୍‌ରେ ଜଣେ ୨୫ ବର୍ଷ ଚାକିରି କଲେ ହିଁ ପୂର୍ଣ୍ଣ ପେନ୍‌ସନ ପାଇବାକୁ ଯୋଗ୍ୟ ହେବେ ବୋଲି କୁହାଯାଇଛି। ସର୍ବନିମ୍ନ ୧୦ ବର୍ଷ ଚାକିରି କଲେ ହିଁ ଜଣେ ସର୍ବନିମ୍ନ ୧୦ ହଜାର ଟଙ୍କା ପେନ୍‌ସନ ପାଇପାରିବେ। ଉଲ୍ଲେଖଯୋଗ୍ୟ ଯେ, ଅନେକ ଗୁଡ଼ିଏ ସରକାରୀ ପଦବୀ ପାଇଁ ସର୍ବୋଚ୍ଚ ଆୟୁସୀମା ୪୦ ବର୍ଷ ରହିଛି। ସଂରକ୍ଷିତ ବର୍ଗର କର୍ମଚାରୀମାନଙ୍କ ପାଇଁ ନିଯୁକ୍ତିର ସର୍ବାଧିକ ବୟସ ୪୫ ବର୍ଷ ଓ ୟୁପିଏସ୍‌ସି ପାଇଁ ୩୭ ବର୍ଷ ରହିଛି। ଅତଏବ ଏହି ବର୍ଗର ଅନେକ କର୍ମଚାରୀ ପୂରା ପେନ୍‌ସନ ପାଇବା ପାଇଁ ଯେଉଁ ୨୫ ବର୍ଷର ଚାକିରି କାଳର ଆବଶ୍ୟକତା ରହିଛି, ତାକୁ ପୂରଣ କରିପାରିବେ ନାହିଁ। ସେହିପରି ସିଆର୍‌ପିଏଫ୍, ବିଏସ୍‌ଏଫ୍ ପରି ଅର୍ଦ୍ଧସାମରିକ ବାହିନୀରେ କାର୍ଯ୍ୟରତ ଯବାନମାନେ ସାଧାରଣତଃ ଚାକିରିର ୨୫ ବର୍ଷ ପୂର୍ବରୁ ଅବସର ନେଉଥିବାରୁ ସେମାନେ ବି ଏହି ଯୋଜନାରେ ପୂର୍ଣ୍ଣ ପେନ୍‌ସନ ପାଇବାରୁ ବଞ୍ଚିତ ହେବେ।

ଏନ୍‌ପିଏସ୍ ପରି ୟୁପିଏସ୍‌ରେ ମଧ୍ୟ କର୍ମଚାରୀମାନଙ୍କୁ ନିଜ ଦରମାରୁ ୧୦% ରାଶି ପ୍ରତିମାସରେ ଦେବାକୁ ହେବ। ସରକାର ସେଥିରେ ପୂର୍ବରୁ ନିଜର ଅଂଶ ଭାବେ ୧୪% ଯୋଡୁଥିବା ବେଳେ ବର୍ତ୍ତମାନ ୧୮.୫% ଯୋଡ଼ିବେ ବୋଲି କୁହାଯାଇଛି। କିନ୍ତୁ ଏନ୍‌ପିଏସ୍‌ରେ ନିଜର ଚାକିରି ଶେଷରେ କର୍ମଚାରୀଟି ନିଜ ପେନ୍‌ସନ ଫଣ୍ଡରେ ଜମାଥିବା ମୋଟ ରାଶିର ୬୦% ପାଇପାରୁଥିବା ବେଳେ ୟୁପିଏସ୍‌ରେ ତାହା ବି ମିଳିବାର ସମ୍ଭାବନା ନାହିଁ। କେବଳ ତାକୁ ତା'ର ଶେଷ ଏକବର୍ଷର ହାରାହାରି ଦରମାର ଅଧାରାଶି ହିଁ ମିଳିବ। ବଳକା ରାଶି ସରକାରଙ୍କ ପାଖକୁ ଚାଲିଯିବ। ଏହା ଜଣେ କର୍ମଚାରୀର କଷ୍ଟାର୍ଜିତ ଆୟର ଲୁଟ୍ ବୋଲି କୁହାଯାଇପାରେ। ପୁରୁଣା ପେନ୍‌ସନ ତୁଳନାରେ ୟୁପିଏସ୍‌ରେ କର୍ମଚାରୀଙ୍କୁ ଗ୍ରାଚ୍ୟୁଇଟି ବାବଦରେ ମଧ୍ୟ କମ୍ ରାଶି ମିଳିବ।

ମୋ : ୯୪୩୭୧୬୬୩୯୧

# ଗାଁରୁ ସହର ପର୍ଯ୍ୟନ୍ତ...



**ଡ. ସୀତାକାନ୍ତ ତ୍ରିପାଠୀ**

ଗାନ୍ଧିଜୀ କହିଥିଲେ 'ଗାଁ ହିଁ ଭାରତର ମୂଳପିଣ୍ଡ'। ଏହାକୁ ସଶକ୍ତ କରିବା ପାଇଁ ସେ 'ଗ୍ରାମ ସ୍ୱରାଜ'ର ସ୍ୱପ୍ନ ଦେଖିଥିଲେ। ତେବେ କ୍ଷମତା ବିକେନ୍ଦ୍ରୀକରଣ ନାଁରେ ଗାଁଗୁଡ଼ିକୁ ଅଧିକ କ୍ଷମତା ଦେବା ପାଇଁ ଗାନ୍ଧିଜୀଙ୍କର ଉଦ୍ୟମ ତଥା ପ୍ରୟାସକୁ ସେତେବେଳେ ଆମ୍ବେଦକର ଘୋର ବିରୋଧ କରିଥିଲେ। ତାଙ୍କ ମତରେ ଗାଁଗୁଡ଼ିକୁ ଅଧିକ କ୍ଷମତା ଦେବା ଅର୍ଥ ସାମାଜିକ ଅସନ୍ତୁଳନ ତଥା ଅସମାନତାକୁ ପ୍ରାଧାନ୍ୟ ଦେବା। କାରଣ, ତତ୍କାଳୀନ ଗାଁଗୁଡ଼ିକରେ ସାଧାରଣତଃ ଉଚ୍ଚଜାତିର ଲୋକମାନଙ୍କ ରାଜୁତି ଚାଲୁଥିଲା। ତେଣୁ ସେମାନଙ୍କୁ ଯଦି 'ଗ୍ରାମ ସ୍ୱରାଜ' ନାଁରେ ଅଧିକ କ୍ଷମତା ଦେଇଦିଆଯାଏ ତା'ହେଲେ ଜାତିପ୍ରଥା ବିଲୋପହେବା ବଦଳରେ ନୀଚଜାତିର ଲୋକମାନେ ଆହୁରି ଅତ୍ୟାଚାରିତ ହେବେ। ବର୍ତ୍ତମାନ ସମୟ ବଦଳିଛି। ସମୟାନୁକ୍ରମେ ଗାଁଗୁଡ଼ିକ ସହରରେ ରୂପାନ୍ତରିତ ହେବାରେ ଲାଗିଲାଣି ଏବଂ ସେହି ଢଙ୍ଗରେ ସହରଗୁଡ଼ିକରେ ମଧ୍ୟ ଗାଁ ଭଳି ପୁରୁଷାନୁକ୍ରମିକ ପ୍ରତିବେଶୀ ତଥା ଭାଇଚାରା ବଢ଼ିବାରେ ଲାଗିଲାଣି। ସମ୍ବିଧାନର ୭୩ତମ ଏବଂ ୭୪ତମ ସଂଶୋଧନ ପରେ ପରେ ଉଭୟ ଗାଁ ଏବଂ ସହରଗୁଡ଼ିକ ପାଇଁ ସ୍ୱାୟତ୍ତ ଶାସନର ବ୍ୟବସ୍ଥା ହୋଇଛି। ସହରରେ ପ୍ରବାସୀ ସମସ୍ୟାକୁ ଦୃଷ୍ଟିରେ ରଖି ଗାଁରେ ବିଭିନ୍ନ ରୋଜଗାରଭିତ୍ତିକ କାର୍ଯ୍ୟକ୍ରମ, ତାଲିମ ତଥା ଋଣ ପ୍ରଦାନ ବ୍ୟବସ୍ଥା କରାଯିବା ସହ ଶିକ୍ଷା, ସ୍ୱାସ୍ଥ୍ୟ ତଥା ଗମନାଗମନ ଭଳି ଅତ୍ୟାବଶ୍ୟକ ସେବା ତଥା ଭିତ୍ତିଭୂମିଗୁଡ଼ିକୁ ସୁଦୃଢ଼ କରିବା ପାଇଁ ପ୍ରଚେଷ୍ଟା ଜାରି ରହିଛି। ଏସବୁ ସତ୍ତ୍ୱେ ଗାଁରେ ଥିବା ଚାକଚକ୍ୟ ଜୀବନଶୈଳୀର ସମ୍ଭାର ତଥା ଜୀବିକା ନିର୍ବାହ ପାଇଁ ପର୍ଯ୍ୟାପ୍ତ ବିକଳ୍ପ ବ୍ୟବସ୍ଥା ନ ଥିବାରୁ ଲୋକେ ସହରାଞ୍ଚଳକୁ ଧାଉଁଛନ୍ତି। ଠିକ୍ ସେହିଭଳି ସହରତଳି ତଥା ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଲୋକମାନେ ସହରର ବିଭିନ୍ନ ସୁବିଧା ସୁଯୋଗରୁ ବଞ୍ଚିତ ହେଉଥିଲେ ମଧ୍ୟ ସେମାନଙ୍କର ଦୈନନ୍ଦିନ ଜୀବନ ସହରୀ ଢାଞ୍ଚା ଦ୍ୱାରା ସଂକ୍ରମିତ।

ସକାଳୁ ଗାଁରେ ଥିବା ଚାଷୀଭାଇମାନେ ବିଲବାଡ଼ିକୁ ଯାଇ କେମିତି କାମ ଆରମ୍ଭ କରିବେ କିମ୍ବା ଅଧୁରା କାମକୁ ସମ୍ପୂର୍ଣ୍ଣ କରିବେ ସେଥିପାଇଁ ପ୍ରସ୍ତୁତ ହେଉଥିବା ବେଳେ ସହରରେ ସ୍ୱାସ୍ଥ୍ୟ ପାଇଁ ସଜାଗ ଲୋକମାନେ ସକାଳୁ ଉଠି ପ୍ରାତଃ ଭ୍ରମଣ ଲାଗି ରାସ୍ତାଘାଟ ତଥା ପାର୍କରେ ଭିଡ଼ ଲଗାନ୍ତି। ଉଭୟ ଗାଁ ଏବଂ ସହରରେ ବିଷ୍ଣୁ ସମର୍ପିତ ଭାବନାକୁ ପାଥେୟକରି ଲୋକମାନେ ଫୁଲ ତୋଳିବାର ଅଭ୍ୟାସ ରଖିଥାଆନ୍ତି। ଗାଁରେ ସର୍ବସାଧାରଣ ଜାଗା, ଭାଇଚାରା ତଥା ଗଛ ଲଗାଇବାର ଅଭ୍ୟାସ ହେତୁ ଫୁଲ ତୋଳିବାର ପ୍ରତିଯୋଗିତା ନ ଥାଏ। କିନ୍ତୁ ସହରରେ ରାତିର ଷ୍ଟ୍ରିଟ୍ ଆଲୁଅ କିମ୍ବା ଟର୍ଚ୍ଚ ଲାଇଟ୍‌ରେ ଫୁଲ ଖୋଜାଯାଏ।



ପରିଷ୍କାର ପରିଚ୍ଛନ୍ନତାକୁ ପ୍ରାଧାନ୍ୟ ଦେଇ ଗାଁରେ ସକାଳେ ଓ ସଞ୍ଜବେଳେ ଦାଣ୍ଡଠାରୁ ବାରି ଓ ଘରଠାରୁ ଗୁହାଳ ପର୍ଯ୍ୟନ୍ତ ଓଳାଇବା ପାଇଁ ଲକ୍ଷ୍ମୀପୁରାଣ ଭଳି ଅନେକ ଆଧ୍ୟାତ୍ମିକ ପୁସ୍ତକରେ ବର୍ଣ୍ଣନା ରହିଛି। ତଦ୍ରୂପଭାବେ ସହରାଞ୍ଚଳରେ ବିଭିନ୍ନ ନିୟମ ତଥା ଆଇନକାନୁନକୁ ପାଥେୟକରି ରାସ୍ତାଘାଟ ସଫାକରିବା ତଥା ପରିଷ୍କାର କରିବା ପାଇଁ ବିଭିନ୍ନ ସ୍ୱାୟତ୍ତ ସଂସ୍ଥା ତରଫରୁ ବ୍ୟବସ୍ଥା କରାଯାଇଛି। ଗାଁରେ ପର୍ବପର୍ବାଣି, ଉତ୍ସବ ଅନୁଷ୍ଠାନ ହେଲେ ସାହି, ଭାଇ, କୁଟୁମ୍ବ, ସ୍ୱଜନ, ପରିଜନ, ବନ୍ଧୁ ବାନ୍ଧବ ମିଶି ଏହାକୁ ପାଳିଥାନ୍ତି। ଆଉ 'ସୁଖ ବାଣ୍ଟିଲେ ବଢ଼େ, ଦୁଃଖ ବାଣ୍ଟିଲେ ଛିଡ଼େ'ର ତାତ୍ତ୍ୱିକ ଅର୍ଥକୁ ସେମାନେ ଯେମିତି ତନ୍ନ ତନ୍ନ କରି ବୁଝିଥିବା ପରି ମନେହୁଏ। ତେବେ ପରିବର୍ତ୍ତିତ ପରିସ୍ଥିତିରେ ସହରାଞ୍ଚଳରେ ମଧ୍ୟ ସାହିପଡ଼ିଶାର ଭାବଗତ ସମ୍ପର୍କ ବଢ଼ିଲାଣି।

ପୂର୍ବରୁ ନଈ ବଢ଼ି ଆସୁଥିଲା ଆଉ ଚାଲିଯାଉଥିଲା। ବର୍ତ୍ତମାନ ଗାଁରେ କିନ୍ତୁ ପରିସ୍ଥିତି ବଦଳିଛି। ଚାଷଜମି, ନଦୀନାଳ ପୋତାଯାଇ ଘର ତିଆରି ଚାଲିଛି। ନଦୀଜଳରେ ପଟୁମାଟି ଆସିବା ବଦଳରେ କେମିକାଲ ମିଶା ପାଣି ଆସୁଥିବାରୁ ଏହା ଚାଷକୁ ନଷ୍ଟ କରିବା ସହ ଜନସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଛି। ଅନ୍ୟପକ୍ଷରେ କେଉଁଠି ସହରର ଡ୍ରେନ୍‌ରେ ଭାସି କାହାର ପ୍ରାଣ ଗଲାଣି ତ ଆଉ କେଉଁଠି ରାସ୍ତାଘାଟରେ ପାଣି ଜମିବା ଫଳରେ ଦୀର୍ଘ ସମୟ ଧରି ଟ୍ରାଫିକ୍ ସମସ୍ୟା ଲାଗି ରହୁଛି।

କବିଙ୍କ ଭାଷାରେ ରାଜ୍ୟ କିମ୍ବା ଦେଶର ଭୂଗୋଳରେ ନାଁ ନ ଥିବା ଗାଁରେ ଜନ୍ମ ହୋଇଥିଲେ ମଧ୍ୟ ତା'ପାଇଁ ଆମେ ଗର୍ବିତ। କାରଣ ଅପରିଚିତରୁ ପରିଚିତ ହେବାରେ ଗାଁର ଅବଦାନ ଅନନ୍ୟ। ତେବେ ଆଜିର ଗୁଗଲ ମ୍ୟାପ୍ ଯୁଗରେ କୌଣସି ଗାଁ ଆଉ ଅପରିଚିତ ହୋଇ ରହିନାହିଁ ବରଂ ବିଭିନ୍ନ ପରିସ୍ଥିତିରୁ ଅନେକ ଗାଁ ଅଚିହ୍ନାରୁ ଚିହ୍ନା ହୋଇଯାଉଥିବା ବେଳେ ଅନେକ ଚିହ୍ନା ଗାଁ ବି ଅଚିହ୍ନା ହୋଇଯାଉଛନ୍ତି। ସମୁଦ୍ରର କରାଳ ଢେଉରେ ଓଡ଼ିଶାର ସାତଭାୟାର ଅସ୍ତିତ୍ୱ ଧ୍ୱଂସପାଇବା ଯେମିତି ହୃଦୟ ବିଦାରକ ବିଭିନ୍ନ ଖଣିଖାଦାନ ଓ ନଦୀବନ୍ଧ ଯୋଗୁ ବିସ୍ଥାପିତ ଗ୍ରାମବାସୀ ନିଜର ପରିଚୟ ତଥା ଅସ୍ତିତ୍ୱ ଖୋଜିବାରେ ସମୟ ବିତାଇବା ସେତିକି ଦୁଃଖଦାୟକ। ଅନେକ ସମୟରେ ଏଥିରେ ଅସଫଳ ହୋଇ ବିସ୍ଥାପିତମାନେ ଭଙ୍ଗାମନ ଓ ଶରୀରକୁ ନେଇ କାଳେ କେଉଁଠି ଥଇଥାନ ହୋଇଯିବେ ବୋଲି ଏଠିସେଠି ବୁଲିଥାଆନ୍ତି। ଠିକଣା ହଜାଇଥିବା ଗାଁଗୁଡିକ ମଧ୍ୟ ସହରରେ ରୂପାନ୍ତରିତ ହୋଇଯାଆନ୍ତି। ସେଠାରେ ରାସ୍ତାଘାଟ ସିନା କଂକ୍ରିଟ୍ ହୋଇଯାଇଥାଏ, କିନ୍ତୁ ସମ୍ପର୍କର କଂକ୍ରିଟ୍‌ଗୁଡିକ ଚୂର୍‌ମାର ହୋଇଯାଇଥାଆନ୍ତି।

ମୋ:୯୭୭୮୭୬୪୩୯୪

## ଏଇ ଭାରତରେ

ଶ୍ରମିକମାନେ ସହରରେ କାମ କରୁଥିବାବେଳେ ସେମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇଦେଉଛନ୍ତି ଲକ୍ଷ୍ନୌର ସୋମନାଥ କଶ୍ୟପ। ସେ ପ୍ରତି ସପ୍ତାହରେ ପାଖାପାଖି ୩୦୦୦ ଲୋକଙ୍କୁ ମାଗଣାରେ ଖାଇବାକୁ ଦେଉଛନ୍ତି। ଏହି କାର୍ଯ୍ୟ ପାଇଁ ସେ ୨୦୧୭ 'ଦିହାଦି କିଚେନ୍' ଆରମ୍ଭ କରିଥିଲେ ଏବଂ ଏବେ ଏଠାରେ ସବୁ ଖାଦ୍ୟ ପ୍ରସ୍ତୁତ ହେଉଛି। ସବୁଦିନ ଲକ୍ଷ୍ନୌର ନାହାରିଆ ଛକରେ ଶ୍ରମିକମାନଙ୍କୁ ସେ ରୁଟି, ଭାତ, ଡାଲି ଓ ତରକାରି ଦେଉଛନ୍ତି। ଖାଦ୍ୟ ପାଇଁ ପ୍ରତିଦିନ ସେ ୬,୦୦୦ରୁ ୭,୫୦୦ ଟଙ୍କା ଖର୍ଚ୍ଚ କରୁଛନ୍ତି। ବିଶାଳ ଗୁପ୍ତା ନାମକ ରୋଷେୟା ଖାଦ୍ୟ ପ୍ରସ୍ତୁତ କରିବା ସହ ପାଖାପାଖି ୪୦୦୦ରୁ ୫୦୦୦ ଖାଦ୍ୟ ପ୍ୟାକେଟ ପ୍ରସ୍ତୁତ କରୁଛନ୍ତି। ଏହି କାର୍ଯ୍ୟ ପାଇଁ ଲୋକେ ପ୍ରତିମାସରେ ଅର୍ଥ ଦାନ କରୁଛନ୍ତି ଓ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗ ରହୁଛି। କେବଳ ଏତିକି ନୁହେଁ, ବହୁ ସମୟରେ ଅନେକ ବ୍ୟକ୍ତି ୧୫-୨୦ ଦିନ ପାଇଁ ଡ୍ରାଏ ରାଶନ ମଧ୍ୟ ଦେଉଛନ୍ତି। ପ୍ରତିଦିନ ଶ୍ରମିକମାନଙ୍କୁ ଓଳିଏ ଖାଦ୍ୟ ଯୋଗାଉଥିବା ସୋମନାଥ ଏବେ ଦୁଇ ଓଳି ଖାଦ୍ୟ ଯୋଗାଇବାର ଯୋଜନା କରୁଛନ୍ତି। ଏଥିପାଇଁ ଆବଶ୍ୟକ ଅର୍ଥ ଯୋଗାଡ଼ କରିବା ଲାଗି ଓ ବିଭିନ୍ନ ବ୍ୟକ୍ତି ଓ ସଙ୍ଗଠନର ସହାୟତା ଲୋଡ଼ିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୩୧ ଅଗଷ୍ଟ ୧୯୭୫**

- ଭାରତ ଓ ପେରୁ ମଧ୍ୟରେ ବିଜ୍ଞାନ କାରିଗରୀ କ୍ଷେତ୍ରରେ ସହଯୋଗିତା ସଂକ୍ରାନ୍ତରେ ଏକ ଚୁକ୍ତି ସ୍ୱାକ୍ଷରିତ।
- ପଶ୍ଚିମବଙ୍ଗର ବାଙ୍କୁଡ଼ା ଜିଲା ମେଛିଆ ଅଞ୍ଚଳରେ ୧୮ କୋଟି ଟନ ମହଜୁଦ ଥିବା ଏକ ନୂତନ କୋଇଲା ଖଣିର ସନ୍ଧାନ ମିଳିଛି।
- ବାଂଲାଦେଶର ଏକମାତ୍ର ରାଜନୈତିକ ଦଳ ବାଂଲାଦେଶ କୃଷକ ଶ୍ରମିକ ଆୱାମୀ ଲିଗ୍‌କୁ ବେଆଇନ ଘୋଷଣା କରାଯାଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ

ମହାଶୟ,

କେଉଁଝରର ଡିଏମ୍‌ଏଫ୍ ଦୁର୍ନୀତିର ତଦନ୍ତ ପାଇଁ ସରକାରଙ୍କ ତରଫରୁ ଦ୍ୱିତୀୟ ଥର ପାଇଁ ପତ୍ର ପ୍ରଦାନ କରାଯାଇଛି। ଜିଲାର ୩୦୦ଟି ଉଚ୍ଚ ବିଦ୍ୟାଳୟର କବାଟ ଝରକାରେ ଷ୍ଟିକର ଲଗାଯିବା ପାଇଁ ୮ କୋଟି ୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଡିଏମ୍‌ଏଫ୍ ଫଣ୍ଡରୁ ଗୋଟିଏ ଉଚ୍ଚ ବିଦ୍ୟାଳୟ ପିଛା ଅଢ଼େଇ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ଏହାର ଟେଣ୍ଡର ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ସହ ଅର୍ଥ ବିନିଯୋଗରେ ବହୁ ଲକ୍ଷ ଟଙ୍କା ଦୁର୍ନୀତି ହୋଇଛି। ଏଥିନେଇ ଭିଜିଲାନ୍ସ କିମ୍ବା ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଗତ ୨୧ ଜୁଲାଇରେ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ସହ ଆଲୋଚନା କରାଯାଇଥିଲା। ଏତେ ବିପୁଳ ପରିମାଣର ଟଙ୍କା ଖର୍ଚ୍ଚ ପାଇଁ ସାଧାରଣତଃ ଟେଣ୍ଡର ପ୍ରକ୍ରିୟା କରାଯିବା କଥା। କିନ୍ତୁ ଟେଣ୍ଡର କରିବା ପରିବର୍ତ୍ତେ ବିଦ୍ୟାଳୟ ସ୍ତରରେ କୋଟେସନ କଲ୍ ନୋଟିସ ମାଧ୍ୟମରେ କାମ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହା ସହ କୋଟେସନ କଲ୍ ନୋଟିସ କରାଯିବାବେଳେ ୟୁନିଟ ପିଛା ମୂଲ୍ୟ ମଗାଯାଇ ଥାଏ। ମାତ୍ର ଏହି କାମରେ ଏ ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟମାପ ସ୍ଥିରକରା ନ ଯାଇ କୋଟେସନକୁ ବିଚାରକୁ ନିଆଯାଇଛି। ଏତେସବୁ ଅନିୟମିତତାକୁ ସୁରକ୍ଷା ଦିଆଯିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ । ଏଥିନେଇ କାର୍ଯ୍ୟାନୁଷ୍ଠାନ ପାଇଁ ଉଚ୍ଚକର୍ତ୍ତୃପକ୍ଷ ବାରମ୍ବାର ନିର୍ଦ୍ଦେଶ ଦେଉଥିଲେ ମଧ୍ୟ ତିହା କାର୍ଯ୍ୟକାରୀ ହେଉନାହିଁ।

**-ସତୀଶବିଶ୍ୱାଳ, ଗଡମଧୁପୁର, ଯାଜପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କିପାଁଇ ସ୍ୱେଦ ବିନ୍ଦୁ ଉଠଇ ଭାଲେ
ରକତ ଛଟା ନାହିଁ ଫୁଟଇ ଗାଲେ ?
କୋମଳ ବାହୁଲତା ଦେହରେ ଅବନତା
କୁସୁମ ଗନ୍ଧ ରାଶି ପବନ ଢାଳେ,
କିପାଁଇ ସ୍ୱେଦ ତବ ଉଠଇ ଭାଲେ ?
-(ପ୍ରଭାତ ପ୍ରାସ)

**-କାଳିନ୍ଦୀ ଚରଣ ପାଣିଗ୍ରାହୀ**

# ସମ୍ପର୍କର ଡୋରି

ସ୍ୱାଧୀନ ରାଷ୍ଟ୍ରରେ ସ୍ୱାୟତ୍ତ ଶାସନ ଅନୁଷ୍ଠାନ ହେଉଛି ସମ୍ପର୍କର ଡୋରି। ଆମ ଭାରତ ବର୍ଷରେ ଏହାର ଇତିହାସ ଅତି ପ୍ରାଚୀନ। ଅତୀତ ପୃଷ୍ଠାକୁ ରୋମନ୍ଥନ କଲେ ଜଣାପଡ଼େ ପ୍ରତ୍ୟେକ ଗ୍ରାମରେ ଗ୍ରାମସଭା ଓ ପଲ୍ଲିସଭା ରହିଥିଲା। ଏପରିକି ତାମ୍ର ଯୁଗ ଓ ଲୌହ ଯୁଗରେ ମଧ୍ୟ ଗାଁ ମୁଖିଆ ଥିଲେ। ଗାଁ ମୁଖିଆମାନଙ୍କୁ ଯଥୋଚିତ ସମ୍ମାନ ଦିଆଯାଉଥିଲା। ସେମାନଙ୍କର ବାକ୍ୟ ସମସ୍ତଙ୍କ ପାଇଁ ଶିରୋଧାର୍ଯ୍ୟ ଥିଲା। ପରାଧୀନ ଭାରତରେ ୧୬୬୮, ୧୭୭୦, ୧୭୯୩ ମସିହାରେ ଚେନ୍ନାଇ, କୋଲକାତା ଓ ମୁମ୍ବାଇରେ ଇଷ୍ଟ ଇଣ୍ଡିଆ କମ୍ପାନୀ ତିନୋଟି ନିଗମ ପ୍ରତିଷ୍ଠା କରିଥିଲେ। କିନ୍ତୁ ସ୍ଥାନୀୟ ଜନସାଧାରଣ ସେଥିରେ ପ୍ରତ୍ୟକ୍ଷ ଭାବରେ ଅଂଶ ଗ୍ରହଣ କରି ନ ଥିଲେ।

ଲର୍ଡ ମେୟୋଙ୍କ ଶାସନ କାଳରେ ସ୍ୱାୟତ୍ତ ଶାସନ ସଂସ୍ଥା ଜନ୍ମ ନେଲା। ପ୍ରାଦେଶିକ ସରକାରଙ୍କୁ ଲୋକାଲ ବୋର୍ଡ ଗଠନ କରିବା ପାଇଁ ନିର୍ଦ୍ଦେଶ ମିଳିଲା। ସେତେବେଳେ ଏହି ସଂସ୍ଥା ପ୍ରତ୍ୟେକ ଜିଲାରେ ସ୍ୱାଧୀନ ଭାବରେ ଶାସନ ପରିଚାଳନା କରୁଥିଲେ। ଏଥିରେ ଏକ ତୃତୀୟାଂଶ ସରକାରୀ ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହୁଥିଲେ। ଲର୍ଡ ମେୟୋଙ୍କ ପରିକଳ୍ପନା ଭାରତରେ ସ୍ୱାୟତ୍ତ ଶାସନ ସଂସ୍ଥା ଲାଗି ଏକ ଯୁଗାନ୍ତକାରୀ ପଦକ୍ଷେପ ଥିଲା। ପରବର୍ତ୍ତୀ ସମୟରେ ଲର୍ଡ ରିପନଙ୍କ ପରାମର୍ଶ କ୍ରମେ ବ୍ରିଟିଶ୍ କ୍ରାଉନ ସ୍ୱାୟତ୍ତ ଶାସନ ସଂସ୍ଥାକୁ ଅନୁମୋଦନ କଲେ। ଭାରତରେ ସ୍ୱାୟତ୍ତ ଶାସନ ସଂସ୍ଥାର ମୂଳଭିତ୍ତି ସ୍ଥାପିତ ହେଲା।

ଏହି ପରିପ୍ରେକ୍ଷୀରେ ଓଡ଼ିଶା କଥା ବିଚାରକୁ ନେଲେ ଜଣାପଡ଼େ- ୧୯୫୧ ମସିହାରେ ଓଡ଼ିଶାରେ ସହର ସଂଖ୍ୟା ଥିଲା ୧୯। ୨୦୦୩ ମସିହାରେ ଏହି ସଂଖ୍ୟା ବଢ଼ି ୧୦୩କୁ ବୃଦ୍ଧି ପାଇଲା। ଜନସଂଖ୍ୟାର ବିସ୍ଫୋରଣ ଏବଂ ସହର ବାସିନ୍ଦାଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢ଼ି ଚାଲିଲା। ଗ୍ରାମାଞ୍ଚଳ ଛାଡ଼ି ବହୁ ସଂଖ୍ୟକ ଲୋକ ସହରାଭିମୁଖୀ ହେଲେ। କାରଣ ସହରରେ ସମସ୍ତ ପ୍ରକାର ସୁବିଧା ସୁଯୋଗ ସୁଲଭ୍ୟ ହେଲା। କିନ୍ତୁ ବର୍ଦ୍ଧିତ ଜନସଂଖ୍ୟା ଯୋଗୁ ପାନୀୟ ଜଳ, ଗୃହ ଯୋଗାଣ ଓ ଆବର୍ଜନା ନିଷ୍କାସନ ଜଟିଳ ସମସ୍ୟା ସୃଷ୍ଟି କଲା। ସହରୀ ଜୀବନ ଅଶାନ୍ତ ଓ ଅସୁବିଧା ହୋଇଉଠିଲା। ଏହାକୁ ସମାଧାନ କରିବା ପାଇଁ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଲେ। ଜାତୀୟ ବସ୍ତି ଉନ୍ନୟନ କାର୍ଯ୍ୟକ୍ରମ ଆମ ରାଜ୍ୟରେ ୧୯୯୬-୯୭ରୁ କାର୍ଯ୍ୟକାରୀ ହେଉଛି। ବସ୍ତିରେ ବାସ କରୁଥିବା ଜନସାଧାରଣଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟର ଉନ୍ନତି ଲାଗି ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି। ଏଥିପାଇଁ କେନ୍ଦ୍ର ସରକାର ଅନୁଦାନ ଦେଉଛନ୍ତି। ମାତ୍ର ଏଥିପାଇଁ ଆସୁଥିବା ଧନରାଶି ବି କେତେକ ଅସାଧୁ କର୍ମଚାରୀଙ୍କ ଦ୍ୱାରା ବାଟମାରଣା ହେଉଛି। ସବୁ ଜାଣି ଉପରିସ୍ଥ ହାକିମମାନେ ନ ଜାଣିଲା ଭଳି ଅଭିନୟ କରୁଛନ୍ତି। ବର୍ତ୍ତମାନର ସ୍ୱାୟତ୍ତ ଶାସନ ବ୍ୟବସ୍ଥାକୁ ଦେଖିଲେ ସ୍ପଷ୍ଟ ଅନୁମେୟ ହୁଏ ଯେ ସ୍ୱ ଆୟତ୍ତରେ ଆଉ ଶାସନ ନାହିଁ!

ଆଜି ଦିବସର ତାତ୍ପର୍ଯ୍ୟ ହେଉଛି ଆମେ ଆମ ସହରକୁ ପରିଷ୍କାର ରଖିବା, ରାସ୍ତା କଡ଼ରେ ବୃକ୍ଷରୋପଣ କରିବା, ରାସ୍ତା ଅବରୋଧ କରିବା ନାହିଁ, ଗୃହପାଳିତ ପ୍ରାଣୀଙ୍କୁ ଜନଗହଳି ରାସ୍ତାକୁ ଛାଡ଼ିବା ନାହିଁ, ନିୟମିତ କର ପ୍ରଦାନ କରିବା। ସର୍ବଦା ମନେରଖିବା ଯେଉଁ ସହରରେ ଆମେ ବାସ କରୁଛେ, ସେ ସହର ଆମ ନିଜର, ଅତି ଆପଣାର। ତା'ର ମଙ୍ଗଳ କାମନା କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ ହେବା ଜରୁରୀ।

**-ଉମା ଶଙ୍କର ପ୍ରସାଦ**

ଖୋର୍ଦ୍ଧା, ମୋ:୮୮୯୫୫୪୭୪୯୦

## ୧୧୯ ବର୍ଷରେ ବାରିପଦା ପୌରପାଳିକା

# ବୟସ ତୁଳନାରେ ପଛରେ ପଡ଼ିଛି



ମୟୂରଭଞ୍ଜ ଜିଲା ବାରିପଦା ପୌର ପରିଷଦ ୧୧୯ ବର୍ଷରେ ପଦାର୍ପଣ କରିଛି। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଶାସନକାଳ ସମୟରେ ବାରିପଦା ସହରର ୨ ବର୍ଗ କି.ମି. ଆୟତନକୁ ନେଇ ୧୯୦୫ ଜୁଲାଇ ୧ତାରିଖରେ ପୌର ପରିଷଦ କାର୍ଯ୍ୟ ଆରମ୍ଭ କରିଥିଲା। ସେ ସମୟର ଉଚ୍ଚ ଚିନ୍ତାଧାରାକୁ ନେଇ ସହରର ରାସ୍ତାଘାଟ, ପାନୀୟଜଳ, ପରିମଳ ବ୍ୟବସ୍ଥା, ବିଦ୍ୟୁତ୍ ସେବା ସହ ବିଭିନ୍ନ କ୍ଷେତ୍ରରେ ପୌର ପରିଷଦ ସର୍ବାଗ୍ରେ ରହିଥିଲା। ଏହାକୁ ଭିତ୍ତିକରି ଏବର ପୌର ପରିଷଦ ସହରରେ ଥିବା ପୋଖରୀଗୁଡ଼ିକର ସୌନ୍ଦର୍ଯ୍ୟକରଣ ଓ ପ୍ରତି ୱାର୍ଡରେ ପାର୍କ ନିର୍ମାଣ କରି ସହରବାସୀଙ୍କୁ ଆମୋଦପ୍ରମୋଦର ସୁବିଧା ଯୋଗାଇ ପାରିଛି। ତେବେ ପ୍ରାଚୀନ କଳା, ସ୍ଥାପତ୍ୟ ଓ ଐତିହ୍ୟଗୁଡ଼ିକ ଭଗ୍ନାବସ୍ଥାରେ ପଡ଼ି ରହିଥିବା ବେଳେ ଏହାର ପୁନରୁଦ୍ଧାର କରାଯାଇପାରୁନାହିଁ।

୨୮ଟି ୱାର୍ଡ ବିଶିଷ୍ଟ ଏହି ପୌର ପରିଷଦରେ ୨୦୧୧ ଜନଗଣନା ଅନୁଯାୟୀ ଜନସଂଖ୍ୟା ୧ ଲକ୍ଷ ୧୬ହଜାର ଥିବାବେଳେ ଏବେ ୨ ଲକ୍ଷ ପାର୍ ହେଲାଣି। ବର୍ଦ୍ଧିତ ଜନସଂଖ୍ୟା କାରଣରୁ ସହରର ରାସ୍ତାଘାଟ ସଙ୍କୁଚିତ ହେବାରେ ଲାଗିଛି। ଜବରଦଖଲଠାରୁ ଆରମ୍ଭ କରି ଛିନ୍ତାଇ ରାହାଜାନି ବୃଦ୍ଧି ପାଇବାରେ ଲାଗିଛି। ଶାନ୍ତିପ୍ରିୟ ସହରରେ ଅଶାନ୍ତିର ବାତାବରଣ ସୃଷ୍ଟି ହେଉଛି। ଅନୁପ୍ରବେଶକାରୀଙ୍କ ସମ୍ପର୍କରେ କୌଣସି ସୂଚନା କିମ୍ବା ତଥ୍ୟ ମ୍ୟୁନିସିପାଲିଟି ପାଖରେ ନାହିଁ। ପୌର ପରିଷଦ ସହରକୁ କଂକ୍ରିଟୀକରଣ କରି ଚାକଚକ୍ୟ କରିବାରେ ଲାଗିଛି। ଗମନାଗମନ ଓ ଡ୍ରେନେଜ୍ ବ୍ୟବସ୍ଥାରେ ସୁଧାର ଆସିପାରୁ ନ ଥିବାରୁ ବର୍ଷାଦିନେ ସହରବାସୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ୱାର୍ଡରେ ଡ୍ରେନ୍ ସଫେଇ ଓ ପରିମଳ ବ୍ୟବସ୍ଥାରେ ଉନ୍ନତୀକରଣ ହୋଇଥିଲେ ମଧ୍ୟ ଶତପ୍ରତିଶତ ସଫଳତା ମିଳିପାରିନାହିଁ।

ଜମ୍ବୀରା ନଦୀରୁ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହେବାରେ ବିଳମ୍ବ ହେଉଥିବା ନେଇ ସରକାରୀ ବ୍ୟବସ୍ଥା ପ୍ରତି ଅଙ୍ଗୁଳି ଉଠିଛି। ଜୁବୁଲି ଲାଇବ୍ରେରୀ ଓ ବାରିପଦା କ୍ଲବ ଭଳି କେତେକ ଅନୁଷ୍ଠାନ କେବଳ ସ୍ମୃତିରେ ମୂକସାକ୍ଷୀ ହୋଇ ରହିଛି। ରକ୍ଷଣାବେକ୍ଷଣ ଅଭାବରୁ ଐତିହ୍ୟଗୁଡ଼ିକ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ। ଜବରଦଖଲକାରୀଙ୍କ ପାଇଁ ପୌର ପରିଷଦର ମାନଚିତ୍ର ବଦଳିଥିବା ବେଳେ ବେଆଇନ ଗୃହ, ରାସ୍ତା, ଡ୍ରେନ୍ ଓ ଦୋକାନଗୃହ ନିର୍ମାଣ ବିକାଶରେ ଅନ୍ତରାୟ ସୃଷ୍ଟି କରୁଛି। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ତୁଳନାରେ ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ବିଜୟରାମଚନ୍ଦ୍ରପୁର ନିକଟରେ ଚିହ୍ନଟ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ଶେଷ କରିବା ଜରୁରୀ ହୋଇପଡ଼ିଛି। ସ୍ୱାସ୍ଥ୍ୟ, ଶିକ୍ଷା ଓ ପାରିପାର୍ଶ୍ୱିକ ଉନ୍ନତି ପୌରପାଳିକା ବୟସ ତୁଳନାରେ ପଛରେ ପଡ଼ିଛି। ଚଳିତ ସ୍ୱାୟତ୍ତ ଶାସନ ଦିବସ ଅବସରରେ ଦଳମତ ନିର୍ବିଶେଷରେ ଏକ ହୋଇ ସହଯୋଗର ହାତ ବଢ଼ାଇଲେ ପୌର ପରିଷଦର ହଜିଯାଇଥିବା ଗୌରବ ପୁଣି ଫେରିଆସିବ ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି।

**-ନୀଳାଦ୍ରି ବିହାରୀ ଦଣ୍ଡପାଟ**, ବାରିପଦା


**ବିଜ୍ଞାପିତ ଅଞ୍ଚଳ ପରିଷଦ, ବେଲଗୁଣ୍ଠା-୭୬୧୧୧୯ (ଗଞ୍ଜାମ)**

**ସର୍ବସାଧାରଣ ସୂଚନା**

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୪ ଅବସରରେ ଆପଣମାନଙ୍କୁ ବେଲଗୁଣ୍ଠା ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ଅନେକ ଶୁଭେଚ୍ଛା ଓ ଶୁଭକାମନା।

ବେଲଗୁଣ୍ଠା ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ଜନସାଧାରଣଙ୍କୁ ଅନୁରୋଧ, ବେଲଗୁଣ୍ଠା ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବାରେ ସହଯୋଗ କରନ୍ତୁ।

୧. ଘରୁ କିମ୍ବା ବ୍ୟବସାୟିକ ପ୍ରତିଷ୍ଠାନରୁ ବାହାରୁଥିବା ଅଳିଆ ଆବର୍ଜନାକୁ ପୃଥକ୍ ପୃଥକ୍ କରି ନୀଳ ଓ ସବୁଜ ଡଷ୍ଟବିନ୍‌ରେ ରଖନ୍ତୁ ଏବଂ ପରିଷଦ ଦ୍ୱାରା ଅଳିଆ ସଂଗ୍ରହ ନିମନ୍ତେ ଘରକୁ ଘର ଆସୁଥିବା ସ୍ୱଚ୍ଛତା ରଥରେ ଦିଅନ୍ତୁ। ୨. ଗୃହ ନିର୍ମାଣ ନିମନ୍ତେ ଆବଶ୍ୟକ ବାଲି, ଗୋଡ଼ି, ପଥର ଆଦିକୁ ରାସ୍ତାରେ ଜମା କରନ୍ତୁ ନାହିଁ ଏବଂ ଗୃହର ଭଗ୍ନାବଶେଷ ଯଥା: ଭଙ୍ଗା ଇଟା, ମାଟି, ପଥର ଆଦିକୁ ରାସ୍ତାରେ ପକାନ୍ତୁ ନାହିଁ। ଏଗୁଡ଼ିକର ସୁପରିଚାଳନା ନିମନ୍ତେ ପରିଷଦରେ ଆବଶ୍ୟକୀୟ ବ୍ୟବହାରିକ ଶୁଳ୍କ ଦେଇ ପ୍ରକ୍ରିୟାକରଣ କେନ୍ଦ୍ରକୁ ପଠାନ୍ତୁ। ୩. ଗୃହରେ ପାଇଖାନା ଏବଂ ସେପ୍ଟିକ୍ ଟାଙ୍କି କରନ୍ତୁ। ପାଇଖାନାର ମଇଳା ଡ୍ରେନ୍‌କୁ ଛାଡ଼ନ୍ତୁ ନାହିଁ। ନିୟମିତ ବ୍ୟବଧାନରେ ସେପ୍ଟିକ୍ ଟାଙ୍କିକୁ ପରିଷଦର ମଇଳା ସଂଗ୍ରହ ଗାଡ଼ି ଦ୍ୱାରା ସଫା କରନ୍ତୁ। ୪. ପ୍ଲାଷ୍ଟିକ୍ ଓ ପଲିଥିନ୍‌ର ବ୍ୟବହାର ବର୍ଜନ କରନ୍ତୁ। ୫. ବିବାହ, ବ୍ରତ, ଗୃହପ୍ରତିଷ୍ଠା ଆଦି ଉତ୍ସବରୁ ବାହାରୁଥିବା ଆବର୍ଜନାକୁ ଏଣେତେଣେ ନପକାଇ ଆବଶ୍ୟକୀୟ ବ୍ୟବହାରିକ ଶୁଳ୍କ ଦେଇ ପରିଷଦର ସମ୍ପଦ କେନ୍ଦ୍ରକୁ ପଠାନ୍ତୁ।

ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ, ଏନ୍.ଏ.ସି., ବେଲଗୁଣ୍ଠା



**ପୌର ପରିଷଦ, କୋରାପୁଟ**

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ - ୨୦୨୪ ପାଳନ ଅବସରରେ କୋରାପୁଟ ପୌର ପରିଷଦ ତରଫରୁ ସମସ୍ତ ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ

• ଗୃହ ନିର୍ମାଣ ପୂର୍ବରୁ ଗୃହ ନକ୍ସାକୁ ପରିଷଦଠାରୁ ଅନୁମୋଦନ କରାଇ ନିଅନ୍ତୁ। • ପରିଷଦର ଗୃହ ଟିକସ ଓ ଅନ୍ୟାନ୍ୟ ଟିକସ ଠିକ୍ ସମୟରେ ପୈଠ କରନ୍ତୁ। • ନିଜ ନିଜ ବ୍ୟବସାୟର ଟ୍ରେଡ ଲାଇସେନ୍ସ କରାଇ ନିଅନ୍ତୁ। • ଘରୁ ବାହାରୁଥିବା ଅଳିଆ ଓ ଆବର୍ଜନା ନାଳ/ରାସ୍ତା କଡ଼ରେ ପକାନ୍ତୁ ନାହିଁ। ସେଗୁଡ଼ିକୁ ପରିଷଦର ଆବର୍ଜନା ସଂଗ୍ରହ ଗାଡ଼ିରେ ଦିଅନ୍ତୁ। • ପରିଷଦର ନାଳ/ରାସ୍ତା/ସରକାରୀ ଜମିକୁ ଜବରଦଖଲ କରନ୍ତୁ ନାହିଁ। • ରାସ୍ତା କଡ଼ରେ ଗୃହ ନିର୍ମାଣ ସାମଗ୍ରୀ ଯଥା: ବାଲି, ଇଟା, ପଥର, ଗୋଡ଼ି ଏବଂ ଗୃହ ନିର୍ମାଣ ଭଗ୍ନାବଶେଷଗୁଡ଼ିକ ଜମା କରି ରାସ୍ତା ଅବରୋଧ କରନ୍ତୁ ନାହିଁ। • ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ କରନ୍ତୁ। • ଯଥା ସମୟରେ ନିଜ ପରିବାରର ବିବାହ ପଞ୍ଜୀକରଣ କରନ୍ତୁ। • ନିଜନିଜ ଘର ବାଡ଼ିରେ, ଖାଲି ଜାଗାରେ ଗଛ ଲଗାଇ ପରିବେଶର ସୁରକ୍ଷା ଦିଗରେ ଯତ୍ନବାନ ହେବା ସହ ସହରକୁ ସବୁଜ ସୁନ୍ଦର ଗଢ଼ିତୋଳନ୍ତୁ। • ପରିଷଦର ସମ୍ପତ୍ତି ଆପଣଙ୍କର, ଏହାର ସୁରକ୍ଷା ମଧ୍ୟ ଆପଣଙ୍କର।

ଶ୍ରୀମତୀ ସବିତା ପଣ୍ଡା, ଉପାଧ୍ୟକ୍ଷା | ସମସ୍ତ ପାରିଷଦ ବୃନ୍ଦ | ଶ୍ରୀ ଲଲାଟ ରଞ୍ଜନ ସେଠୀ, ଅଧ୍ୟକ୍ଷ



**ସର୍ବଭାରତୀୟ ସ୍ୱାୟତ୍ତ ଶାସନ ଦିବସ-୨୦୨୪ ଉପଲକ୍ଷେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଆଠଗଡ଼ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି**

ସହରର ଉନ୍ନତି ପାଇଁ

୧. ଜନ୍ମମୃତ୍ୟୁ ପଞ୍ଜୀକରଣ ଠିକ୍ ସମୟରେ କରାଇ ନିଅନ୍ତୁ। ୨. ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ଗୃହର ନକ୍ସା ପରିଷଦରୁ ମଞ୍ଜୁର କରାଇ ନିଅନ୍ତୁ। ୩. ବିନା ଲାଇସେନ୍ସରେ କୌଣସି ବ୍ୟବସାୟ କରନ୍ତୁ ନାହିଁ। ୪. ପଲିଥିନ୍ ବ୍ୟବହାର ସର୍ବଦା ବର୍ଜନ କରନ୍ତୁ।

ଆପଣମାନଙ୍କର ଅକୁଣ୍ଠ ସାହାଯ୍ୟ, ସଦିଚ୍ଛା ଓ ସହଯୋଗ ଆମର ଏକାନ୍ତ କାମ୍ୟ।

ଡଃ ପ୍ରଦୀପ କୁମାର ସାହା, ନିର୍ବାହୀ ଅଧିକାରୀ | ବି. ଶୁଭ୍ର ଶଙ୍କର ଜ୍ୟୋତି, ଉପାଧ୍ୟକ୍ଷ ଏବଂ ସମସ୍ତ କାଉନସିଲରବୃନ୍ଦ | ସସ୍ମିତା ରାଉତ, ଅଧ୍ୟକ୍ଷା

ବିଜ୍ଞାପିତ ଅଞ୍ଚଳ ପରିଷଦ, ଆଠଗଡ଼



**ସ୍ୱାୟତ୍ତ ଶାସନ ୨୦୨୪ ଉପଲକ୍ଷେ ରେଢାଖୋଲବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ**

"ରେଢାଖୋଲ ବିଜ୍ଞାପିତ ଅଞ୍ଚଳ ପରିଷଦ ସହରର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସର୍ବଦା ଚେଷ୍ଟିତ"

ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ରେଢାଖୋଲ ବିଜ୍ଞାପିତ ଅଞ୍ଚଳ ପରିଷଦରେ ବାସ କରୁଥିବା ସମସ୍ତ ଜନସାଧାରଣଙ୍କୁ କୃତଜ୍ଞତା ଜ୍ଞାପନ ସହ ସହରକୁ ଏକ ସୁନ୍ଦର ସ୍ୱାସ୍ଥ୍ୟକର ପରିବେଶରେ ଗଢିତୋଳିବାକୁ ସମସ୍ତଙ୍କ ସହଯୋଗ କାମନା କରୁଛୁ। ସହରର ସମସ୍ତ ସାହି ଓ ରାସ୍ତା ସଫା ରଖିବା ସହ ପରିବେଶ ପରିଷ୍କାର ରଖନ୍ତୁ। ଗୃହପାଳିତ ପଶୁମାନଙ୍କୁ ରାସ୍ତାଘାଟ କୁ ଛାଡନ୍ତୁ ନାହିଁ। ଟ୍ରେଡ୍ ଲାଇସେନ୍ସ ଓ ବିଭିନ୍ନ ଟିକସ ପରିଷଦରେ ଠିକ୍ ସମୟରେ ପୈଠ କରନ୍ତୁ। ସ୍ୱଚ୍ଛ ଓ ସୁସ୍ଥ ରେଢାଖୋଲ ଗଠନରେ ସହାୟକ ହୁଅନ୍ତୁ।

ଶ୍ରୀ ବିରଞ୍ଚି ଧରୁଆ, ନିର୍ବାହୀ ଅଧିକାରୀ | ଶ୍ରୀମତୀ ଅନୁସୂୟା ପ୍ରଧାନ, ଉପାଧ୍ୟକ୍ଷା | ଶ୍ରୀ ଶିବରାମ ସାହୁ, ଅଧ୍ୟକ୍ଷ

ଓ ସମସ୍ତ କାଉନସିଲର ଏବଂ କର୍ମଚାରୀ ବୃନ୍ଦ



**ବିଜ୍ଞାପିତ ଅଞ୍ଚଳ ପରିଷଦ, ଛତ୍ରପୁର, ଗଞ୍ଜାମ**

ସ୍ୱାୟତ୍ତ ଶାସନ ଦିବସ ଅବସରରେ ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସହରବାସୀଙ୍କୁ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ଏହି ସହରକୁ ସବୁଜ ସୁନ୍ଦର ସହରରେ ପରିଣତ କରିବା ପାଇଁ ଆପଣମାନଙ୍କ ବ୍ୟକ୍ତିଗତ ସହଯୋଗ କାମନା କରିବା ସହ ପରିଷଦର ନିମ୍ନୋକ୍ତ ବିଷୟ ପ୍ରତି ଧ୍ୟାନ ଆକର୍ଷଣ କରୁଅଛୁ। (କ) ପରିଷଦର ବକେୟା କର/ହୋଲଡିଂ ଟ୍ୟାକ୍ସ ନିର୍ଦ୍ଧାରିତ ସମୟ ମଧ୍ୟରେ ପୈଠ କରନ୍ତୁ। (ଖ) ଘରର ଅଳିଆ ଆବର୍ଜନାକୁ ଓଦା ଏବଂ ଶୁଖିଲା ଭାବରେ ପୃଥକ କରି ପରିଷଦର ଗାଡ଼ିରେ ପ୍ରତ୍ୟହ ଦିଅନ୍ତୁ। (ଗ) ନିଜ ଘରର ଚତୁର୍ପାର୍ଶ୍ୱକୁ ପ୍ରଦୂଷଣ ମୁକ୍ତ ରଖନ୍ତୁ। (ଘ) ସମସ୍ତ ଜନସାଧାରଣ ଓ ବ୍ୟବସାୟ ପ୍ରତିଷ୍ଠାନମାନଙ୍କୁ ଅନୁରୋଧ କରାଯାଉଅଛି ଯେ, କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡ଼ ନିୟମାନୁଯାୟୀ ପ୍ଲାଷ୍ଟିକ ଏବଂ ପଲିଥିନ ବ୍ୟବହାର କରନ୍ତୁ ନାହିଁ। (ଙ) ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ବିଲଡିଂ approval ପ୍ଲାନ ଏନ୍.ଏ.ସି. କାର୍ଯ୍ୟାଳୟଠାରୁ କରାଇ ନିଅନ୍ତୁ। (ଚ) ଏହି ପରିଷଦର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରି ଛତ୍ରପୁର ସହରକୁ ସବୁଜ ଓ ସୁନ୍ଦର ସହର ରୂପେ ଗଠନ କରିବାରେ ସହଯୋଗ କରନ୍ତୁ। (ଛ) ସମସ୍ତ ବ୍ୟବସାୟ ପ୍ରତିଷ୍ଠାନମାନଙ୍କୁ ଟ୍ରେଡ୍ ଲାଇସେନ୍ସ ଓ ପରିମଳ ୟୁଜର ଫିଜ୍ କାର୍ଯ୍ୟାଳୟରେ ଦାଖଲ କରି ବ୍ୟବସାୟ ପ୍ରମାଣ ପତ୍ର ପଞ୍ଜୀକରଣ କରିବାକୁ ଅନୁରୋଧ କରାଯାଉଛି। (ଜ) ସମସ୍ତ ଜନସାଧାରଣ ନିଜ ନିଜର ଗୃହପାଳିତ ପଶୁଗୁଡ଼ିକୁ ନିଜ ଯତ୍ନରେ ରଖନ୍ତୁ। ଏଣେତେଣେ ରାସ୍ତା ଉପରକୁ ଛାଡ଼ନ୍ତୁ ନାହିଁ।

ଶ୍ରୀ ୟାସିର ବିଲାଲ ଅହମଦ (ଓ.ମା.ସ), କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଛତ୍ରପୁର | କି. ପାପା ରାଓ, ଉପାଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଛତ୍ରପୁର | ଶ୍ରୀମତୀ ଶର୍ମିଷ୍ଠା ପ୍ରଧାନ, ଅଧ୍ୟକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ, ଛତ୍ରପୁର



**ବିଜ୍ଞାପିତ ଅଞ୍ଚଳ ପରିଷଦ, ତୁଷୁରା**

•••• ପ୍ରଗତି ପଥେ ••••

**ସ୍ୱାୟତ୍ତ ଶାସନ ଦିବସ-୨୦୨୪**

ସ୍ୱାୟତ୍ତ ଶାସନ ଦିବସ-୨୦୨୪ ଅବସରରେ ତୁଷୁରା ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। ଏ ପରିପ୍ରେକ୍ଷୀରେ ତୁଷୁରା ସହରକୁ ଏକ ସୁସ୍ଥ, ସୁନ୍ଦର ତଥା ବିକାଶୋନ୍ମୁଖୀ ସହର ରୂପେ ଗଢ଼ି ତୋଳିବାରେ ସହଯୋଗ କରିବା ପାଇଁ ତୁଷୁରା ଜନସାଧାରଣଙ୍କୁ ବିନମ୍ର ଅନୁରୋଧ।

**ଜନସାଧାରଣଙ୍କୁ ଅନୁରୋଧ:-** ➢ ପରିଷଦର ଧାର୍ଯ୍ୟ ଟିକସ ନିୟମିତ ପଇଠ କରନ୍ତୁ। ➢ ସଫେଇ କର୍ମଚାରୀ ରାସ୍ତା ସଫା କରିଗଲା ପରେ ରାସ୍ତା ଉପରେ ମଇଳା ପକାନ୍ତୁ ନାହିଁ। ➢ ଘର ତିଆରି ନିମନ୍ତେ ପରିଷଦ ନିୟମ ପାଳନ କରନ୍ତୁ। ➢ ଡ୍ରେନ୍ ଉପରେ ଭଙ୍ଗାରୁଜା ଜିନିଷପତ୍ର ପକାଇ ମଇଳା ପାଣି ଅବରୋଧ କରନ୍ତୁ ନାହିଁ। ➢ ରାସ୍ତାକଡ଼ ସରକାରୀ ଜମି ଅବରୋଧ କରନ୍ତୁ ନାହିଁ। ➢ ରାସ୍ତା ଉପରକୁ ଗାଈ ଗୋରୁ ନ ଛାଡ଼ି ନିଜ ହେପାଜତରେ ରଖନ୍ତୁ ନଚେତ୍ ଆଇନ ଅନୁଯାୟୀ ଆବଶ୍ୟକ ଦଣ୍ଡ ବିଧାନ କରାଯିବ। ➢ ମଇଳା ଆବର୍ଜନାକୁ ବାହାରେ ନ ପକାଇ ଓଦା ଅଳିଆ ଓ ଶୁଖିଲା ଅଳିଆ ଅଲଗା କରି ପରିଷଦର ଗାଡ଼ିରେ ଦିଅନ୍ତୁ।

ଶ୍ରୀମତୀ ମାମି ଦାସ, ଉପ-ନଗରପାଳ | ଶ୍ରୀ ଅଜୟ କୁମାର ଜୟଶ୍ୱାଲ, ନଗରପାଳ

ଏବଂ ସମସ୍ତ ସଭ୍ୟ/ସଭ୍ୟା

ଶ୍ରୀମତୀ ମିତାଲି ସାହୁ, ଶ୍ରୀମତୀ ସୁଷମା ସାହୁ, ଶ୍ରୀ ଚିନ୍ତାମଣି ବାଗ, ଶ୍ରୀ ମିଥୁନ କୁମାର ସାହୁ, ଶ୍ରୀମତୀ ଗୀତାଞ୍ଜଳି ଦର୍ଜୀ, ଶ୍ରୀମତୀ ସବିତା ନାଗ, ଶ୍ରୀ ଧୀରେନ୍ଦ୍ର କୁମାର ମହାନନ୍ଦ, ଶ୍ରୀମତୀ ବବିତା ସାହୁ, ଶ୍ରୀମତୀ ରୀତା ପ୍ରଧାନୀ



**ଜଳେଶ୍ୱର ପୌରପାଳିକା, ଜଳେଶ୍ୱର**

ଜଳେଶ୍ୱର ପୌରପାଳିକା ସର୍ବଭାରତୀୟ ସ୍ୱାୟତ୍ତ ଶାସନ ଦିବସ-୨୦୨୪ ଅବସରରେ ସହରବାସୀଙ୍କୁ ଶୁଭେଚ୍ଛା ଜ୍ଞାପନ ପୂର୍ବକ ନିମ୍ନଲିଖିତ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହଯୋଗ କାମନା କରୁଅଛି। ଆସନ୍ତୁ ପୌରାଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ଏକତାବଦ୍ଧ ହୋଇ କାର୍ଯ୍ୟ କରିବା।

୧. ଆପଣଙ୍କ ପ୍ରଦତ୍ତ ଟିକସ ସହରର ବିକାଶମୂଳକ କାର୍ଯ୍ୟରେ ଲାଗିଥାଏ। ଏଣୁ ପରିଷଦର ଦେୟ ଯଥା ସମୟରେ ପଇଠ କରନ୍ତୁ। ୨. ଅଳିଆ ଆବର୍ଜନାକୁ ଏଣେତେଣେ ନ ଫିଙ୍ଗି ପୌରପାଳିକାରୁ ଆସୁଥିବା ଅଳିଆ ସଂଗ୍ରହ ଗାଡିରେ ଅଲଗା ଅଲଗା କରିଦିଅନ୍ତୁ। ୩. ପଲିଥିନ ଓ ଏକକ ବ୍ୟବହୃତ ପ୍ଲାଷ୍ଟିକକୁ ବର୍ଜନ କରି ଜଳେଶ୍ୱର ପୌରପାଳିକାକୁ ପଲିଥିନ ମୁକ୍ତ ସହର ଭାବେ ପରିଗଣନା କରନ୍ତୁ। ୪. ପାଇଖାନା କିମ୍ବା ସେପଟିକ ଟାଙ୍କିର ପାଇପକୁ ସିଧାସଳଖ ଭାବରେ ଡ୍ରେନକୁ ସଂଯୋଗ କରନ୍ତୁ ନାହିଁ ଏବଂ ଏହାକୁ ପ୍ରତି ତିନି ବର୍ଷରେ ଥରେ ସଫା କରନ୍ତୁ। ୫. ସର୍ବସାଧାରଣଙ୍କ ରାସ୍ତା ଉପରେ, ନାଳ ନର୍ଦ୍ଦମା ଇତ୍ୟାଦିରେ କୌଣସି ବର୍ଜ୍ୟ ବସ୍ତୁ ତଥା ଗୃହ ନିର୍ମାଣ ସାମଗ୍ରୀ ଇତ୍ୟାଦି ପକାଇ ଅବରୋଧ କରନ୍ତୁ ନାହିଁ। ୬. ନିଜ ପଟ୍ଟାଭୁକ୍ତ ଜମିରେ ଘର ନିର୍ମାଣ କରିବା ପୂର୍ବରୁ ପରିଷଦରୁ ଅନୁମତି ନେଇ ନିର୍ମାଣ କରନ୍ତୁ। ୭. ସରକାରୀ ଓ ସର୍ବସାଧାରଣଙ୍କ ଜାଗାକୁ ଜବରଦଖଲ କରନ୍ତୁ ନାହିଁ। ୮. ଟ୍ରାଫିକ ନିୟମ ପାଳନ କରନ୍ତୁ ଏବଂ ନିର୍ଦ୍ଦିଷ୍ଟ ସ୍ଥାନରେ ଯାନବାହନ ପାର୍କିଂ କରନ୍ତୁ। ୯. ଡେଙ୍ଗୁ, ମ୍ୟାଲେରିଆ, ଡାଇରିଆ ଓ ସ୍ୱାଇନ ଫ୍ଲୁ ପ୍ରଭୃତି ରୋଗରୁ ମୁକ୍ତି ପାଇବା ପାଇଁ ନିଜ ଘରର ପରିବେଶକୁ ସଫାସୁତୁରା ରଖିବା ସଙ୍ଗେ ସଙ୍ଗେ ଉପରୋକ୍ତ ରୋଗଗୁଡିକ ପାଇଁ ତୁରନ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ।

ସ୍ୱଚ୍ଛ ଜଳେଶ୍ୱର ।। ସୁସ୍ଥ ଜଳେଶ୍ୱର

ଶ୍ରୀ ପ୍ରତିପ କୁମାର ପ୍ରଧାନ, ନଗରପାଳ, ଜଳେଶ୍ୱର ପୌରପାଳିକା | ଶ୍ରୀମତୀ ପୁଷ୍ପପ୍ରିୟା କାମିଲା, ଉପ-ନଗରପାଳ, ଜଳେଶ୍ୱର ପୌରପାଳିକା

ଏବଂ ପରିଷଦର ସମସ୍ତ ସଭ୍ୟ/ସଭ୍ୟା ଜଳେଶ୍ୱର ପୌରପାଳିକା



**ବିଜ୍ଞାପିତ ଅଞ୍ଚଳ ପରିଷଦ, କାଶୀନଗର, ଜିଲ୍ଲା- ଗଜପତି**

ପବିତ୍ର ସ୍ୱାୟତ୍ତ ଶାସନ ଦିବସ-୨୦୨୪ ଅବସରରେ କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କ ସୁଖ ସମୃଦ୍ଧି କାମନା କରୁଅଛୁ। ସହରର ସମସ୍ତ ନାଗରିକମାନଙ୍କୁ ମୌଳିକ ସେବା ଯୋଗାଇଦେବା ସହ ସହରକୁ ନିର୍ମଳ, ସବୁଜ ଓ ସୁନ୍ଦର କରି ଗଢିତୋଳିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଅଛୁ ଏବଂ ଜନସାଧାରଣ ନିଜର ଘର ଟିକସ, ଦୋକାନ ଓ ବ୍ୟବସାୟ ଲାଇସେନ୍ସ ଫି, ବିବାହ ପଞ୍ଜୀକରଣ ପତ୍ର ଏବଂ ଘର ନକ୍ସାର ଅନୁମୋଦନ ଇତ୍ୟାଦି ନିମନ୍ତେ ଅନ୍‌ଲାଇନ ସେବାଗୁଡ଼ିକର ସୁବିଧା ନିଅନ୍ତୁ (www.sujogodisha.gov.in)। ଜନସାଧାରଣ ନିଜର ଅଭିଯୋଗ ଓ ମତାମତ ସଠିକ୍ ଠିକଣା ସହ ଆମକୁ ମୋବାଇଲ ନଂ.- ୮୮୯୫୯୫୮୧୩୩ ମାଧ୍ୟମରେ ଜଣାଇବା ପାଇଁ ଅନୁରୋଧ।

ଆପଣଙ୍କ ଶୁଭାକାଂକ୍ଷୀ

ସ୍ୱା./- ଶ୍ରୀ ଭାଗବତ ସାହୁ, ଓ.ପ୍ର.ସେ., କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, କାଶୀନଗର | ସ୍ୱା./- ଶ୍ରୀମତୀ ଏମ୍. ସୁଧାରାଣୀ, ଅଧ୍ୟକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ, କାଶୀନଗର

ଉପାଧ୍ୟକ୍ଷ, ସମସ୍ତ ସଭ୍ୟା/ସଭ୍ୟ ଓ ପରିଷଦର ସମସ୍ତ କର୍ମଚାରୀବୃନ୍ଦ।



**ସ୍ୱାଗତମ ସ୍ୱାଗତମ୍ ସ୍ୱାଗତମ୍**

**ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ**

ସର୍ବଭାରତ ସ୍ତରୀୟ ପବିତ୍ର ସ୍ୱାୟତ୍ତ ଶାସନ ଦିବସ-୩୧ ଅଗଷ୍ଟ ୨୦୨୪ ପାଳନ ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ, କେନ୍ଦୁଝର ଜନସାଧାରଣଙ୍କ ଉନ୍ନତି, ବିକାଶ ତଥା ସର୍ବୋପରି ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧିରେ ସାମିଲ ହୋଇ ଆସୁଥିବାର କାର୍ଯ୍ୟକ୍ରମ ସହିତ ସହରବାସୀଙ୍କ ସହଯୋଗ ଓ ସହାନୁଭୂତି ପରିଷଦ ସହିତ ଯୋଡିହୋଇ ଏକ ଭାଇଚାରା ସୃଷ୍ଟି କରୁ ଏହାହିଁ ଆଜିର ପବିତ୍ର ଦିବସରେ କାମନା। ଆସନ୍ତୁ ସମସ୍ତେ ମିଳିମିଶି ଏହି ଶୁଭ ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆକୁ ସରସ ସୁନ୍ଦର ଓ ବିକଶିତ କରିବା ପାଇଁ ପରିଷଦ/ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଟିକସମାନ ଠିକ୍ ସମୟରେ ପଇଠ କରି ନିଜର କର୍ତ୍ତବ୍ୟ ଓ ଅଧିକାରକୁ ସାବ୍ୟସ୍ତ କରିବା ଦିଗରେ ସଚେତନ ହେବା।

ଘର ଚାରିପାଖ ସଫା ରଖିବା, ଡେଙ୍ଗୁ ମ୍ୟାଲେରିଆ ଏଡାଇ ଦେବା।

ଗୋରୁଗାଈ ଆମ ଦେବତା ତୁଲ, ଅବାଧ ଭ୍ରମଣ ରୋକିବା ଭଲ।

"ଆମର ଲକ୍ଷ୍ୟ ସ୍ୱଚ୍ଛ, ସୁନ୍ଦର ଓ ସୁସ୍ଥ ସହର"



ଶ୍ରୀ ଅନିରୁଦ୍ଧ ପ୍ରଧାନ, ଓ.ରା.ସେ., କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ | ଶ୍ରୀମତୀ ସୁମିତ୍ରା ବେହେରା, ଉପାଧ୍ୟକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ | ଶ୍ରୀଯୁକ୍ତ ଗିରିଜା ଶଙ୍କର ସାହୁ, ଅଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ



**ରାଉରକେଲା ମହାନଗର ନିଗମ, ରାଉରକେଲା**

ସ୍ୱାୟତ୍ତ ଶାସନ ଦିବସ-୨୦୨୪ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା

**ସ୍ୱଚ୍ଛ, ସୁସ୍ଥ ଓ ପ୍ଲାଷ୍ଟିକ ମୁକ୍ତ ରାଉରକେଲା ପାଇଁ ଆପଣଙ୍କ ସହଯୋଗ ଏକାନ୍ତ କାମ୍ୟ**

- ▶ ଆମ ରାଉରକେଲା ସ୍ୱଚ୍ଛ ସର୍ବେକ୍ଷଣ ୨୦୨୪ରେ ଭାଗ ନେଉଛି। ନିଜ ସ୍ମାର୍ଟ ଫୋନ୍‌ରେ QR Code Scan କରି କିମ୍ବା My Gov App/Vote for your City App/ Swachhata App/sbmurban.org/feedbackକୁ ଯାଇ ସେଠାରେ ଆମ ସହର ରାଉରକେଲା ପାଇଁ ଭୋଟ କରନ୍ତୁ। ଆମ ସହର ପାଇଁ ଭୋଟକରିବା-ସ୍ୱଚ୍ଛ ସର୍ବେକ୍ଷଣ-୨୦୨୪ରେ ରାଉରକେଲାକୁ ଶୀର୍ଷ ସ୍ଥାନରେ ରଖିବା।
- ▶ ଗୃହ ତଥା ବ୍ୟାବସାୟିକ ପ୍ରତିଷ୍ଠାନର ଆବର୍ଜନାକୁ ପୃଥକ୍ କରି ଓଦା ଆବର୍ଜନାକୁ ସବୁଜ ରଙ୍ଗର ଡଷ୍ଟବିନ୍ ଓ ଶୁଖିଲା ଆବର୍ଜନାକୁ ନୀଳ ରଙ୍ଗର ଡଷ୍ଟବିନ୍‌ରେ ପକାନ୍ତୁ ଏବଂ ନିଗମ ଦ୍ୱାରା ନିୟୋଜିତ ସଫେଇ କର୍ମଚାରୀଙ୍କୁ ହିଁ ପ୍ରଦାନ କରନ୍ତୁ।
- ▶ ହୋଲ୍ଡିଂ ଟିକସକୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ପୈଠ କରନ୍ତୁ।
- ▶ ମହାନଗର ନିଗମ ସମ୍ପର୍କିତ ଯେ କୌଣସି ଅଭିଯୋଗ ଯଥା ସ୍ୱଚ୍ଛତା, ଟିକସ, ବିବାହ ପଞ୍ଜୀକରଣ, ଷ୍ଟ୍ରିଟ୍ ଲାଇଟ, ଗୃହ ନକ୍ସା ଅନୁମୋଦନ (Building Plan Approval) ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପାର୍କ, ରାସ୍ତା, ଡ୍ରେନ୍, ପେନ୍‌ସନ, ପାଇଖାନା ଟାଙ୍କି ସଫେଇ ଇତ୍ୟାଦି ସମ୍ପର୍କରେ ନିଗମର ଟୋଲ୍ ଫ୍ରି ନମ୍ବର 1800-345-7468ରେ ଜଣାନ୍ତୁ। ସେହିପରି ସ୍ୱଚ୍ଛତା ସମ୍ପର୍କିତ ଯେ କୌଣସି ଅଭିଯୋଗକୁ ସ୍ୱଚ୍ଛତା (Swachhata Mohua) ଆପ୍ ଜରିଆରେ ଜଣାନ୍ତୁ। ଏହା ଦ୍ୱାରା ଆପଣଙ୍କ ସମସ୍ୟାର ସମାଧାନ ଶୀଘ୍ର ସମ୍ଭବ ହୋଇପାରିବ।
- ▶ ରାଉରକେଲା ମହାନଗର ନିଗମ ଅଞ୍ଚଳର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ସହଭାଗୀ ହୁଅନ୍ତୁ ଏବଂ ସରକାରୀ ସମ୍ପତ୍ତିର ରକ୍ଷଣାବେକ୍ଷଣ କରନ୍ତୁ।

ସ୍ୱା./- ଆୟୁକ୍ତ, ରାଉରକେଲା ମହାନଗର ନିଗମ



**ପୌର ପରିଷଦ ହିଞ୍ଜିଳିକାଟୁ**

**ନିବେଦନ ବାର୍ତ୍ତା**

ପବିତ୍ର ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଅବସରରେ ହିଞ୍ଜିଳିକାଟୁ ପୌରପରିଷଦକୁ ସ୍ୱଚ୍ଛ ଓ ସୁନ୍ଦର ସହରରେ ପରିଗଣିତ କରିବା ନିମନ୍ତେ ସମସ୍ତ ଜନସାଧାରଣଙ୍କୁ ନିବେଦନ କରାଯାଉଅଛି ଯେ.....

- ବ୍ୟବସାୟୀମାନେ ନିଜ ପ୍ରତିଷ୍ଠାନର ଟ୍ରେଡ୍ ଲାଇସେନ୍ସ ୧୫.୦୯.୨୦୨୪ ସୁଦ୍ଧା କରାଇନିଅନ୍ତୁ।
- ପ୍ରତ୍ୟେକ ଦୋକାନୀ ନିଜ ଦୋକାନର ୫ ମିଟର ଏରିଆ ସଫା ରଖନ୍ତୁ।
- ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ, ଗୃହ ମାଲିକମାନେ ସବୁଜ ଓ ନୀଳ ରଙ୍ଗର ଡଷ୍ଟବିନ୍ ବ୍ୟବହାର କରନ୍ତୁ।
- ବ୍ୟବସାୟିକ ପ୍ରତିଷ୍ଠାନ, ଗୃହ ମାଲିକମାନେ ଏକକ ବ୍ୟବହାର (Single Use) ପ୍ଲାଷ୍ଟିକ୍ ବ୍ୟବହାର କରନ୍ତୁ ନାହିଁ।
- ଗୃହ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ପୌରପରିଷଦ ନିକଟରେ ଗୃହ ନକ୍ସା ମଞ୍ଜୁର କରାନ୍ତୁ।
- ଘରର ଭଗ୍ନାବଶେଷ ବର୍ଜ୍ୟବସ୍ତୁ ଓ ବାଲି, ଇଟା, ଗୋଡ଼ି ଇତ୍ୟାଦି ରାସ୍ତାରେ ଜମା କରନ୍ତୁ ନାହିଁ।
- ଗୃହପାଳିତ ପଶୁକୁ ରାସ୍ତାରେ ଛାଡ଼ନ୍ତୁ ନାହିଁ।
- ମ୍ୟୁନିସିପାଲିଟିର ସମସ୍ତ ସେବା ନିମନ୍ତେ ମ୍ୟୁନିସିପାଲିଟି ୱେବ୍ ସାଇଟ୍ ତଥା ସୁଯୋଗ (SUJOG) ପୋର୍ଟାଲ୍ ବ୍ୟବହାର କରନ୍ତୁ।

ସ୍ୱା./- ଅଧ୍ୟକ୍ଷ

ପୌରପରିଷଦ, ହିଞ୍ଜିଳିକାଟୁ, ଗଞ୍ଜାମ



**ପୌର ପରିଷଦ, ପାରଳାଖେମୁଣ୍ଡି**

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ-୨୦୨୪

**ଆମର ନିବେଦନ**

୧. ଘର ଟିକସ ଠିକ୍ ସମୟରେ ପୈଠ କରନ୍ତୁ।
୨. ରାସ୍ତା ଓ ନାଳକୁ ବେଆଇନ ଭାବେ ଦଖଲକରି ଗମନାଗମନରେ ଅବରୋଧ ସୃଷ୍ଟି କରନ୍ତୁ ନାହିଁ।
୩. ଦୋକାନ ଲାଇସେନ୍ସ ଫି ଠିକ୍ ସମୟରେ ପୈଠ କରନ୍ତୁ।
୪. ଗୃହରୁ ବାହାରୁଥିବା ଅଳିଆ ଆବର୍ଜନା ନାଳରେ ନ ପକାଇ ତାହାକୁ ଅଲଗା ଅଲଗା କରି ପୌର ପରିଷଦର ଅଳିଆ ସଂଗ୍ରହକାରୀଙ୍କୁ ପ୍ରଦାନ କରନ୍ତୁ।
୫. ଗୃହପାଳିତ ପଶୁ ଯଥା ଗାଈଗୋରୁ, ଘୁଷୁରି, କୁକୁରଗୁଡିକୁ ସହର ମଧ୍ୟରାସ୍ତାକୁ ଛାଡନ୍ତୁ ନାହିଁ।
୬. ବାହାରେ ମଳତ୍ୟାଗ ନ କରି ନିଜ ଘରେ ନିର୍ମାଣ କରିଥିବା ପାଇଖାନା କିମ୍ବା ଗୋଷ୍ଠୀ ଶୌଚାଳୟ ବ୍ୟବହାର କରନ୍ତୁ।
୭. ପାରଳା ପୌର ପରିଷଦକୁ ସବୁଜ ଓ ସୁନ୍ଦର ରଖିବାରେ ସାହାଯ୍ୟ କରନ୍ତୁ।
୮. ପଲିଥିନ ମୁକ୍ତ ପାରଳା ସହର ଗଠନ କରିବାରେ ଆମକୁ ସହାୟତା କରନ୍ତୁ।
୯. ନିଜ ପାଇଖାନା ଟାଙ୍କିରୁ ନିର୍ଗତ ମଳକୁ ଏଣେତେଣେ ନ ପକାଇ ପରିଷଦ ଦ୍ୱାରା ଯୋଗାଇ ଦିଆଯାଉଥିବା ସେସ୍‌ପୁଲ୍ ମାଧ୍ୟମରେ ସଫାକରି ନିର୍ଦ୍ଧାରିତ ସ୍ଥାନରେ ପକାନ୍ତୁ।



ଶ୍ରୀମତୀ ନିର୍ମଳା ସେଠୀ, ପୌରାଧ୍ୟକ୍ଷା, ପାରଳାଖେମୁଣ୍ଡି ପୌର ପରିଷଦ | ଶ୍ରୀ ଲେଙ୍କା ମଧୁ, ଉପାଧ୍ୟକ୍ଷ, ପାରଳାଖେମୁଣ୍ଡି ପୌର ପରିଷଦ



**କେନ୍ଦ୍ରାପଡ଼ା ପୌରପାଳିକା, କେନ୍ଦ୍ରାପଡ଼ା**

ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଆମର ସଫଳତା ଓ ଲକ୍ଷ୍ୟ

ଓଡ଼ିଶାର ସର୍ବପୁରାତନ ତଥା ଐତିହାସିକ ପୌରସଂସ୍ଥା ଆପଣଙ୍କୁ ପବିତ୍ର ସ୍ୱାୟତ୍ତ ଶାସନ ଦିବସ ୨୦୨୪ ଉପଲକ୍ଷେ ଅଭିନନ୍ଦନ ଜଣାଉଛି। କେନ୍ଦ୍ରାପଡା ସହରକୁ ଏକ ଆଦର୍ଶ ସହରରେ ପରିଣତ କରିବା ପାଇଁ ପୌରସଂସ୍ଥା ତରଫରୁ ନିମ୍ନଲିଖିତ କାର୍ଯ୍ୟଗୁଡିକର ଉନ୍ନତି ନିମନ୍ତେ ସହଯୋଗ କାମନା କରୁଅଛୁ।

୧. ୧ କୋଟି ଟଙ୍କା ବ୍ୟୟରେ ତିନିମୁହାଣିଠାରେ Smart Park ନିର୍ମାଣ କାର୍ଯ୍ୟ ଶେଷ ହୋଇ ସହରବାସୀଙ୍କ ନିମନ୍ତେ ଉତ୍ସର୍ଗ କରାଯାଇଅଛି। ୨. ୧ କୋଟି ଟଙ୍କା ବ୍ୟୟରେ ସହରର ରଣପଡାଠାରେ ଥିବା ହିନ୍ଦୁ ଶ୍ମଶାନକୁ Smart Cremation ଭାବେ ଉନ୍ନତୀକରଣ କରାଯାଇ ସହରବାସୀଙ୍କ ନିମନ୍ତେ ଉତ୍ସର୍ଗ କରାଯାଇଅଛି। ୩. ୨ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟରେ ସହରର ଗୌଡଗୋପଠାରେ ଜିଲ୍ଲାର ପ୍ରଥମ Septage treatment Plant ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଅଛି। ୪. କେନ୍ଦ୍ରାପଡା ସହରବାସୀଙ୍କ ନିମନ୍ତେ ୨୨ ଗୋଟି ଥଣ୍ଡା ଶୁଦ୍ଧ ପାନୀୟଜଳ ପ୍ରକଳ୍ପ ନିର୍ମାଣ ସମ୍ପୂର୍ଣ୍ଣ ହୋଇ ସହରବାସୀଙ୍କ ନିମନ୍ତେ ଉତ୍ସର୍ଗ କରାଯାଇଅଛି। ୫. ୫୦ ଲକ୍ଷ ଟଙ୍କା ବ୍ୟୟରେ ସହରର ରଣପଡାଠାରେ ଥିବା ମୁସଲମାନ ସମ୍ପ୍ରଦାୟଙ୍କ Kabarstanକୁ ଉନ୍ନତୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଅଛି। ୬. ୧ କୋଟି ୩୫ ଲକ୍ଷ ଟଙ୍କା ବ୍ୟୟରେ ଫକିରାବାଦ ମସ୍‌ଜିଦ ନିକଟରେ ଯାତ୍ରୀନିବାସର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଅଛି। ୭. କେନ୍ଦ୍ରାପଡା ପୌରାଞ୍ଚଳର ପୁରୁଣା ବସଷ୍ଟାଣ୍ଡଠାରେ ୫୦ ଲକ୍ଷ ଟଙ୍କା ବ୍ୟୟରେ ନୂତନ ଦୋକାନ ଗୃହ ଏବଂ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯାଇଅଛି। ୮. ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପୌରାଞ୍ଚଳର SHG ମହିଳାମାନଙ୍କ ନିମନ୍ତେ ୨୧ ଗୋଟି ମିଶନ ଶକ୍ତି ଗୃହ ନିର୍ମାଣ କାର୍ଯ୍ୟ ଚାଲୁଅଛି। ୯. ୱାର୍ଡ ନଂ.୧୯ରେ ଗୋବିନ୍ଦଜିଉ ପାର୍କର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ସହରବାସୀଙ୍କ ନିମନ୍ତେ ଉତ୍ସର୍ଗ କରାଯାଇଅଛି। ୧୦. ରାଜ୍ୟ ସରକାରଙ୍କର ଆମ ପୋଖରୀ ଯୋଜନାରେ ମହାଭୋଇ ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ଚାଲୁଅଛି। ୧୧. ପୌରପରିଷଦର ନୂତନ ଅଫିସ ଗୃହ ନିର୍ମାଣ ନିମନ୍ତେ ପଦକ୍ଷେପ ନିଆଯାଇଅଛି। ୧୨. ମୁଖ୍ୟମନ୍ତ୍ରୀଙ୍କ MUKTA ଯୋଜନାରେ ସହରର ଉନ୍ନତି ନିମନ୍ତେ ବିଭିନ୍ନ ପଦକ୍ଷେପ ନିଆଯାଉଅଛି।

ଶ୍ରୀଯୁକ୍ତ ଆଶୁତୋଷ ଗୌରବ କର, ନିର୍ବାହୀ ଅଧିକାରୀ, କେନ୍ଦ୍ରାପଡ଼ା ପୌରପାଳିକା | ଆକବରୀ ଖାତୁନ, ଉପାଧ୍ୟକ୍ଷା, କେନ୍ଦ୍ରାପଡ଼ା ପୌରପାଳିକା | ଶ୍ରୀମତୀ ସରିତା ସାହୁ, ଅଧ୍ୟକ୍ଷା, କେନ୍ଦ୍ରାପଡ଼ା ପୌରପାଳିକା



**ବଲାଙ୍ଗିର ପୌରସଂସ୍ଥା, ବଲାଙ୍ଗିର**

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଓ ପଶ୍ଚିମ ଓଡିଶାର ପବିତ୍ର ଗଣପର୍ବ ନୂଆଖାଇ ୨୦୨୪ ଉପଲକ୍ଷେ ବଲାଙ୍ଗିର ପୌରପରିଷଦ ର ସମସ୍ତ ଜନସାଧାରଣ ଙ୍କୁ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଅଛୁ। ଏହି ଅବସରରେ ସମସ୍ତେ ନିଜ ନିଜର ସ୍ୱାସ୍ଥ୍ୟ, ପରିବେଶ କୁ ସ୍ୱଚ୍ଛ ଓ ନିର୍ମଳ କରି ଗଢ଼ି ତୋଳିବା ପାଇଁ ଆମର ଅନୁରୋଧ।



ଶ୍ରୀମତୀ ଲିକା ସାହୁ, ପୌରାଧ୍ୟକ୍ଷା, ପୌରସଂସ୍ଥା, ବଲାଙ୍ଗିର | ଗାୟତ୍ରୀ ଭୋଇ, ଉପ-ପୌରାଧ୍ୟକ୍ଷା, ପୌରସଂସ୍ଥା, ବଲାଙ୍ଗିର



**ଜୟପୁର ପୌରପାଳିକା, ଜୟପୁର**

**MUNICIPAL OFFICE, JEYPORE**

Phone: 06854-231098 & 231214, ulbjeypore@gmail.com

ସ୍ୱାୟତ୍ତ ଶାସନ ଦିବସ-୨୦୨୪

**ଜୟପୁର ପୌର ପରିଷଦ ଆପଣଙ୍କୁ ସ୍ୱାଗତ ଜଣାଉଅଛି**

୧. ପୌର ପରିଷଦର ସମ୍ପତ୍ତି ଆପଣଙ୍କର, ଏହାର ସୁରକ୍ଷା ଆପଣଙ୍କର ଦାୟିତ୍ୱ। ୨. ସରକାରୀ ଜମି କିମ୍ବା ପୌର ପରିଷଦର ଜମି ଦବରଦଖଲ କରନ୍ତୁ ନାହିଁ ଏବଂ ରାସ୍ତା ଅବରୋଧ କରି କୌଣସି ବ୍ୟବସାୟ କରନ୍ତୁ ନାହିଁ। ୩. ରାସ୍ତା ପାଖରେ ବିକ୍ରି ହେଉଥିବା ଅଖାଦ୍ୟ କିମ୍ବା ଅପରିଷ୍କାର ଖାଦ୍ୟ ଖାଆନ୍ତୁ ନାହିଁ ଓ ରୋଗ ମୁକ୍ତ ରୁହନ୍ତୁ। ୪. ନାଳନର୍ଦ୍ଦମାରେ ଘରର ଅଳିଆ ଆବର୍ଜନା ପକାନ୍ତୁ ନାହିଁ। ଏହାକୁ ନେବା ସକାଶେ ପୌର ପରିଷଦ ଦ୍ୱାରା ନିୟୋଜିତ ଘରର ଅଳିଆ ସଂଗ୍ରହକାରୀଙ୍କୁ ଦିଅନ୍ତୁ। ୫. ରାସ୍ତାରେ ନିଜ ନିଜର ଗୋରୁଗାଈ ଇତ୍ୟାଦି ଗୃହପାଳିତ ପଶୁମାନଙ୍କୁ ଛାଡ଼ି ରାସ୍ତା ଅବରୋଧ କରନ୍ତୁ ନାହିଁ କିମ୍ବା ରାସ୍ତା ଉପରେ ଗୃହ ନିର୍ମାଣ ଜିନିଷ ଯଥା: ଇଟା, ବାଲି, ପଥର ଇତ୍ୟାଦି ରଖି ରାସ୍ତା ଅବରୋଧ କରି ଜନସାଧାରଣ ଓ ଯାନବାହନ ଯାତାୟାତରେ ଅସୁବିଧା ସୃଷ୍ଟି କରନ୍ତୁ ନାହିଁ। ୬. ଟ୍ରାଫିକ ନିୟମ ପାଳନ କରନ୍ତୁ ଏବଂ ନିର୍ଦ୍ଦିଷ୍ଟ ସ୍ଥାନରେ ଯାନବାହନ ପାର୍କିଂ କରନ୍ତୁ। ୭. ବୃକ୍ଷ ରୋପଣ କରି ଜୟପୁର ସହରକୁ ସବୁଜ ସୁନ୍ଦର କରିବା ସହ ପରିବେଶ ସୁରକ୍ଷାରେ ସାହାଯ୍ୟ କରନ୍ତୁ। ୮. ପୌର ପରିଷଦର ଦେୟ ଯଥା ଗୃହ ଟିକସ, ଦୋକାନ ଭଡ଼ା ଓ ଅନ୍ୟାନ୍ୟ ଲାଇସେନ୍ସ ଫିସ୍ ଠିକ୍ ସମୟରେ ପଇଠ କରନ୍ତୁ। ୯. ବିନା ଗୃହ ନିର୍ମାଣ ନକ୍ସା ମଞ୍ଜୁରୀରେ ଘର ନିର୍ମାଣ କରନ୍ତୁ ନାହିଁ କିମ୍ବା ପୌର ପରିଷଦ ଦ୍ୱାରା ଅନୁମୋଦନ ପ୍ରାପ୍ତ ହୋଇ ନ ଥିବା ଲେ-ଆଉଟ ଜମି କ୍ରୟ କରନ୍ତୁ ନାହିଁ। ୧୦. ଯଥା ସମୟରେ ଜନ୍ମ ଓ ମୃତ୍ୟୁ ଏବଂ ହିନ୍ଦୁ ବିବାହର ପଞ୍ଜୀକରଣ କରନ୍ତୁ। ୧୧. ଜଗନ୍ନାଥ ସାଗର ଏବଂ ଜୟପୁର ସହରରେ ଥିବା ବନ୍ଧଗୁଡ଼ିକରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ। ୧୨. ଜୟପୁର ସହରକୁ ନିର୍ମଳ ପରିଷ୍କାର ଓ ବାହ୍ୟ ମଳ ମୁକ୍ତ ରଖିବା ପାଇଁ ପୌର ପରିଷଦକୁ ସହଯୋଗ କରନ୍ତୁ।

ବି. ସୁନିତା, ଉପାଧ୍ୟକ୍ଷା, ଜୟପୁର ପୌର ପରିଷଦ | ନରେନ୍ଦ୍ର କୁମାର ମହାନ୍ତି, ଅଧ୍ୟକ୍ଷ, ଜୟପୁର ପୌର ପରିଷଦ | ସିଦ୍ଧାର୍ଥ ପଟ୍ଟନାୟକ (ଓଏଏସ୍-୧) (କନିଷ୍ଠ), କାର୍ଯ୍ୟନିର୍ବାହୀ ଅଧିକାରୀ, ଜୟପୁର ପୌର ପାଳିକା



**ରାୟଗଡ଼ ପୌରପରିଷଦ**

ସ୍ୱାୟତ୍ତ ଶାସନ ଦିବସ ୨୦୨୪ ଅବସରରେ ସହରର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ସହରର ସର୍ବାଙ୍ଗୀନ ଉନ୍ନତି ପଥରେ ଆଗେଇ ନେବାରେ ସହଯୋଗ କାମନା କରୁଅଛୁ।

- ଆପଣଙ୍କ ପ୍ରଦତ୍ତ ଟିକସ ହିଁ ସହରର ବିକାଶ ମୂଳକ କାର୍ଯ୍ୟରେ ଲଗାଯାଇଥାଏ। ଏଣୁ ଟିକସ ଠିକ୍ ସମୟରେ ପୈଠ କରନ୍ତୁ।
- ପରିମଳ କର୍ମଚାରୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ଶୁଖିଲା ଓ ଓଦା ବର୍ଜ୍ୟବସ୍ତୁ ପୃଥକ କରି ଦିଅନ୍ତୁ।
- ପଲିଥିନ୍ ବ୍ୟବହାର ନକରି ପ୍ରଦୂଷଣମୁକ୍ତ ସହର ଗଠନରେ ସହାୟକ ହୁଅନ୍ତୁ।
- ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ ଆଦି ରୋଗରୁ ରକ୍ଷା ପାଇବା ପାଇଁ ନିଜ ଅଞ୍ଚଳର ପରିବେଶକୁ ସଫା ରଖିବା ସଙ୍ଗେ ସଙ୍ଗେ ନିଜର ଘର ଚାରିପଟ ସଫାରଖନ୍ତୁ।
- ପରିଷଦର ବିନା ଅନୁମତିରେ ନୂତନ କିମ୍ବା ପୁରାତନ ଗୃହନିର୍ମାଣ କରନ୍ତୁ ନାହିଁ।
- ପୌରସଂସ୍ଥା ଦ୍ୱାରା ଲେଆଉଟ ନକ୍ସା ଅନୁମୋଦନ ହୋଇନଥିବା ଖାଲିସ୍ଥାନ କ୍ରୟ ବିକ୍ରୟ କରନ୍ତୁ ନାହିଁ। ଗୃହ ନିର୍ମାଣ ପୂର୍ବରୁ ବିଲ୍‌ଡିଙ୍ଗ ପ୍ଲାନ ଆପ୍ରୁଭାଲ କରାନ୍ତୁ।
- ବିନା ଲାଇସେନ୍‌ସରେ କୌଣସି ବ୍ୟବସାୟ କରାନ୍ତୁ ନାହିଁ।

ଶ୍ରୀମତୀ ଶୁଭ୍ରା ପଣ୍ଡା, ଉପାଧ୍ୟକ୍ଷା, ରାୟଗଡ଼ ପୌରପରିଷଦ | ଶ୍ରୀଯୁକ୍ତ ପି ମହେଶ ପଟ୍ଟନାୟକ, ଅଧ୍ୟକ୍ଷ, ରାୟଗଡ଼ ପୌରପରିଷଦ

ସମସ୍ତ ପାରିଷଦବୃନ୍ଦ, ରାୟଗଡ଼ ପୌରପରିଷଦ



ବ୍ରହ୍ମପୁର ମହାନଗର ନିଗମ

**ବ୍ରହ୍ମପୁର ମହାନଗର ନିଗମ**

**ସବୁଜ ସୁନ୍ଦର ବ୍ରହ୍ମପୁର ସହର ପାଇଁ ସର୍ବସାଧାରଣଙ୍କୁ ଅନୁରୋଧ**

**କରନ୍ତୁ**

(୧) ଆପଣଙ୍କ ଘର/ଅନୁଷ୍ଠାନର ଓଦା ବର୍ଜ୍ୟବସ୍ତୁ ଯଥା: ପରିବା ଚୋପା, ବାସି ଖାଦ୍ୟ ଇତ୍ୟାଦି ସାଗୁଆ ରଙ୍ଗର ଡଷ୍ଟବିନ୍‌ରେ ଏବଂ ଶୁଖିଲା ଯଥା: କାଗଜ/ପ୍ଲାଷ୍ଟିକ୍ ଇତ୍ୟାଦି ବର୍ଜ୍ୟବସ୍ତୁକୁ ନୀଳ ରଙ୍ଗର ଅଲଗା ଅଲଗା କରି ରଖନ୍ତୁ ଏବଂ ଦୈନିକ ମହାନଗର ନିଗମ ପ୍ରଦତ୍ତ ଆବର୍ଜନା ସଂଗ୍ରହ କରି ଯାନରେ ପକାନ୍ତୁ।
(୨) ସ୍ୱଚ୍ଛ ସାଥୀଙ୍କୁ କିମ୍ବା ଆମ ସହର ମୋବାଇଲ ଆପ୍ଲିକେସନ ମାଧ୍ୟମରେ ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ଉପଭୋକ୍ତା ଦେୟ ପ୍ରଦାନ କରନ୍ତୁ।
(୩) ବର୍ଜ୍ୟବସ୍ତୁ ଉତ୍ପାଦନକୁ କମ୍ କରନ୍ତୁ।
(୪) ସେପ୍ଟିକ୍ ଟ୍ୟାଙ୍କ ସହିତ ଶୌଚାଳୟକୁ ସଂଯୋଗ କରନ୍ତୁ ଏବଂ ଏହାକୁ ପ୍ରତି ତିନି ବର୍ଷରେ ଥରେ ସଫା କରନ୍ତୁ।
(୫) ଅତି କମ୍‌ରେ ନିଜର ୫ ମିଟର ପରିସର ପର୍ଯ୍ୟନ୍ତ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖନ୍ତୁ।

**କରନ୍ତୁ ନାହିଁ**

(୧) ଗୋଟିଏ ଡଷ୍ଟବିନ୍‌ରେ ଅଳିଆ ମିଶ୍ରଣ କରନ୍ତୁ ନାହିଁ।
(୨) ଘରୋଇ ପଚାଶଢ଼ା ବର୍ଜ୍ୟବସ୍ତୁ ଏବଂ ଘରୋଇ ବର୍ଜ୍ୟବସ୍ତୁକୁ ଅଦରକାରୀ ପଦାର୍ଥ ଯଥା: କାଗଜ/ପ୍ଲାଷ୍ଟିକ୍ ଇତ୍ୟାଦି ମିଶ୍ରଣ କରନ୍ତୁ ନାହିଁ।
(୩) ବାଲ୍‌କୋନି/ଝରକାରୁ ସର୍ବସାଧାରଣ ରାସ୍ତାକୁ ଅଳିଆ ପକାନ୍ତୁ ନାହିଁ।
(୪) ଶୌଚାଳୟକୁ ନର୍ଦ୍ଦମା ସହ ସଂଯୋଗ କରନ୍ତୁ ନାହିଁ।
(୫) ନିଜର ୫ ମିଟର ପରିସର ପର୍ଯ୍ୟନ୍ତ ଅପରିଷ୍କାର କରନ୍ତୁ ନାହିଁ।
(୬) ପଲିଥିନ୍ ବ୍ୟାଗ୍, କପ୍, ପ୍ଲାଷ୍ଟିକ୍ ଚାମଚ, ଥରମୋକଲ ଇତ୍ୟାଦି ବ୍ୟବହାର କରନ୍ତୁ ନାହିଁ।
(୭) ଟାୟାର, ଗମଲା, ଅନ୍ୟାନ୍ୟ ପାତ୍ର ଇତ୍ୟାଦିରେ ଦିନ ଦିନ ବ୍ୟାପୀ ପାଣି ଜମା ହେବାକୁ ଦିଅନ୍ତୁ ନାହିଁ।

ଶ୍ରୀ ଭବାନୀ ପ୍ରସାଦ ମିଶ୍ର, କମିଶନର, ବ୍ରହ୍ମପୁର ମହାନଗର ନିଗମ | ଶ୍ରୀମତୀ ସଂଘମିତ୍ରା ଦଳେଇ, ମେୟର, ବ୍ରହ୍ମପୁର ମହାନଗର ନିଗମ

ଶ୍ରୀ ଇ. ବିବେକ୍ ରେଡ୍ଡୀ, ଡେପୁଟି ମେୟର, ବ୍ରହ୍ମପୁର ମହାନଗର ନିଗମ

ଓ ସମସ୍ତ କର୍ପୋରେଟର ବୃନ୍ଦ, ବ୍ରହ୍ମପୁର ମହାନଗର ନିଗମ

# ମିଳିଛି ଉନ୍ନତ ସହରର ପୁରସ୍କାର




## ୫୩ ବର୍ଷରେ ରାୟଗଡ଼ା ପୌର ପରିଷଦ

ରାୟଗଡ଼ା ପୌର ପରିଷଦ ୫୩ବର୍ଷରେ ପଦାର୍ପଣ କରିଛି। ୧୯୭୧ ଜାନୁଆରୀ ୧୫ରେ ରାୟଗଡ଼ା ପୌର ପରିଷଦ ଭାବେ ଘୋଷଣା ହୋଇଥିଲା। ଦେଶ ସ୍ୱାଧୀନ ହେବା ପୂର୍ବରୁ ୧୯୨୯ ଏପ୍ରିଲ ୧୦ ତାରିଖରେ ରାୟଗଡ଼ା ୟୁନିୟନ ବୋର୍ଡ ଭାବେ ସହର ପରିଚାଳିତ ହେଉଥିଲା। ଦେଶ ସ୍ୱାଧୀନତା ପାଇବା ପରେ ୧୧ଟି ରାଜସ୍ୱ ଗ୍ରାମ ଯୋଡ଼ିହେବା ସହ ଜନସଂଖ୍ୟା ବୃଦ୍ଧି କାରଣରୁ ଅଞ୍ଚଳରେ ଉନ୍ନତମାନର ସେବା ପାଇଁ ୧୯୫୫ ମେ ୧୫ରେ ରାୟଗଡ଼ା ବିଜ୍ଞାପିତ ଅଞ୍ଚଳ ଭାବେ ଘୋଷଣା ହୋଇଥିଲା। ସ୍ୱର୍ଗତ କୃଷ୍ଣଚନ୍ଦ୍ର ବକ୍ସିପାତ୍ର ରାୟଗଡ଼ା ପୌର ପରିଷଦର ଅଧ୍ୟକ୍ଷ ରହିଥିବା ସମୟରେ ସହରର ଏକ ରୋଡ୍ ମ୍ୟାପ୍ ପ୍ରସ୍ତୁତକରି ଏହାର ବିକାଶରେ ମୁଖ୍ୟ ଭୂମିକା ନେଇଥିଲେ। ସହରର ଗଳିକନ୍ଦିକୁ ରାସ୍ତା, ପାନୀୟ ଜଳ ଆଦିର ବ୍ୟବସ୍ଥା କରିବା ସହ ରାୟଗଡ଼ା ସହରର ଗଠନକୁ ମ୍ୟାପ୍‌ରେ ଏକ ସୁନ୍ଦର ସହର ଭାବେ ଗଢ଼ି ତୋଳିଥିଲେ। ତେବେ ରାୟଗଡ଼ା ପୌର ପରିଷଦ ୩ ଥର ଉନ୍ନତ ସହର ଭାବେ ପୁରସ୍କୃତ ହୋଇଛି।

ବର୍ତ୍ତମାନ ରାୟଗଡ଼ା ପୌର ପରିଷଦ ଅଧୀନରେ ୨୪ଟି ୱାର୍ଡ ରହିଛି। ସହରର ପ୍ରତ୍ୟେକ ଗଳିକନ୍ଦି ଓ ଅଞ୍ଚଳକୁ ପକ୍କା ରାସ୍ତା ମାଧ୍ୟମରେ ସଂଯୋଗୀକରଣ ରହିଛି। ପୌର ପରିଷଦ ମଧ୍ୟରେ ଜାତୀୟ ରାଜପଥ ଓ ରେଳପଥର ସୁବିଧା ରହିଛି। ରାୟଗଡ଼ା ସହର ପରିବେଶକୁ ନିର୍ମଳ ଓ ସ୍ୱଚ୍ଛ ରଖିବା ପାଇଁ ପୌର ପରିଷଦ ପକ୍ଷରୁ ପ୍ରତିଦିନ ଅଳିଆ ଆବର୍ଜନା ଉଠାଯାଏ। ୨୦୧୧ ଜନଗଣନା ଅନୁସାରେ ପୌରାଞ୍ଚଳରେ ମୋଟ ୭୧ ହଜାର ୨୦୮ ଜନବସତି ରହିଛି। ରାୟଗଡ଼ା ପୌର ପରିଷଦରେ ୧୧୭ କର୍ମଚାରୀ କାର୍ଯ୍ୟରତ ଥିବା ବେଳେ ୨୪ଟି ୱାର୍ଡର ସାନିଟାଇଜେଶନ କାର୍ଯ୍ୟକୁ ଦୃଢ଼ ରଖିବା ନିମନ୍ତେ ସ୍ୱଚ୍ଛ ସାଥୀ, ଜଳ ସାଥୀ ଆଦିର ମଧ୍ୟ ବ୍ୟବସ୍ଥା କରାଯାଇଛି। ଜାଗା ମିଶନ ମାଧ୍ୟମରେ ବହୁ ହିତାଧିକାରୀଙ୍କୁ ରହିବା ପାଇଁ ପ୍ରମାଣପତ୍ର ଦିଆଯାଇଛି। ସହରର ୬୪ଟି ସ୍ଥାନରେ ବର୍ଷାଜଳ ସଂରକ୍ଷଣ ପାଇଁ ବ୍ୟବସ୍ଥା କରାଯାଇଛି। ରାୟଗଡ଼ା ସହରରେ ବିଭିନ୍ନ ବିବାହ, ବ୍ରତ ତଥା ସରକାରୀ କାର୍ଯ୍ୟକ୍ରମ କରିବା ନିମନ୍ତେ ପୌର ପରିଷଦ ପକ୍ଷରୁ ଟାଉନ ହଲ୍, ଅଶୋକ କଲ୍ୟାଣ ମଣ୍ଡପ, ବିଜୁ କଲ୍ୟାଣ ମଣ୍ଡପ, ବିଜୁ ପଟ୍ଟନାୟକ ଅଡିଟୋରିୟମ, ମିନି ପାର୍କ ରହିଛି। ପୌର ପରିଷଦର ବିକାଶ ନେଇ ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ର କହିଛନ୍ତି, ସହରର ସୌନ୍ଦର୍ଯ୍ୟକରଣ ଏବଂ ଡ୍ରେନ୍ ଜଳ ସୁରୁଖୁରୁରେ ନିଷ୍କାସନ ପାଇଁ ସମସ୍ତ ଡ୍ରେନ୍‌ର ମରାମତି ସହ ଡ୍ରେନ୍‌କୁ ପ୍ଲେଟ୍ ପକାଇ କଭର କରାଯାଉଛି। ଏଥିସହ ରାୟଗଡ଼ା ପୌର ପରିଷଦ ଅଧୀନରେ ଥିବା ଅଶୋକ କଲ୍ୟାଣ ମଣ୍ଡପ, ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଏବଂ ଗାନ୍ଧୀ ପାର୍କକୁ ଆଧୁନିକ ଶୈଳୀରେ ନବୀକରଣ କରାଯିବ ବୋଲି କହିଛନ୍ତି।

**-ଆଶିଷ ରଞ୍ଜନ ପଣ୍ଡା**, ରାୟଗଡ଼ା

## ୧୫୫ ବର୍ଷରେ ରାଜ୍ୟର ପ୍ରଥମ ମ୍ୟୁନିସିପାଲିଟି

# ବଢ଼ୁଛି ଲୋକସଂଖ୍ୟା, ବଢ଼ୁନି ପରିସୀମା

୧୮୮୫ ମେ ୧୮ରେ ଲର୍ଡ ରିପନ ସ୍ୱାୟତ୍ତ ଶାସନ ପ୍ରସ୍ତାବ ଆଗତ କରିଥିଲେ। ଏହା ପୂର୍ବରୁ ଇଂରେଜ ସରକାର ୧୮୫୯ରେ କେନ୍ଦ୍ରାପଡ଼ା, ଯାଜପୁରକୁ ୨ଟି ସବ୍‌ଡିଭିଜନ କରିଥିଲେ। ତେବେ ଓଡ଼ିଶାର ପ୍ରଥମ ମ୍ୟୁନିସିପାଲିଟି କେନ୍ଦ୍ରାପଡ଼ାଠାରେ ୧୮୬୯ ମାର୍ଚ୍ଚ ୧୦ରେ ପ୍ରତିଷ୍ଠା ହୋଇଥିଲା। ଏଥି ସହ କେନ୍ଦ୍ରାପଡ଼ା କେନାଲ ରାଜ୍ୟର ପ୍ରଥମ କେନାଲ (୧୮୬୯ ମେ ୨୯) ଭାବେ ମାନ୍ୟତା ପାଇଛି। ସେହିପରି ମହିଳାଙ୍କୁ ଶିକ୍ଷା ଦେବାକୁ ଇଂରେଜ ଫେଜର ବାଳିକା ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ପ୍ରଥମଥର ପାଇଁ ରାଜ୍ୟରେ ପ୍ରତିଷ୍ଠା ହୋଇଥିବା ସହରର ପୁରୁଣା ବସ୍ତ୍ରଷ୍ଟଣ୍ଡର ଡାଇମଣ୍ଡ ଜୁବୁଲି ପାଠାଗାର ଐତିହାସିକ ସାକ୍ଷର ବହନ କରୁଛି। ଆଖପାଖ ୬.୪୭ ବର୍ଗ କି.ମି. ମଧ୍ୟରେ ଥିବା ୧୪ଟି ପଡ଼ା ଗ୍ରାମକୁ ନେଇ ଗଠିତ ଏହି ମ୍ୟୁନିସିପାଲିଟିରେ ୧୮୭୦ରେ ଲୋକାଲ ବୋର୍ଡ ଗଠନ ହୋଇଥିଲା। ଏଠାରେ ପ୍ରଥମଥର ୱାର୍ଡ କାଉନସିଲର ନିର୍ବାଚନ ୧୯୧୧ରେହୋଇଥିଲା। ୧୮୮୫-୮୬ରେ ଏହାର ଲୋକସଂଖ୍ୟା ମାତ୍ର ୧୫,୭୧୯ ଥିଲେ। ସମ୍ପ୍ରତି ଏହି ମ୍ୟୁନିସିପାଲିଟି ପରିବର୍ଦ୍ଧିତ ହୋଇ ୨୧ ୱାର୍ଡ଼ରେ ପରିଣତ ହୋଇଛି। ୬୦ ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଥିବାବେଳେ ସହରର କଳେବର ବଢ଼ୁଛି।

କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ଜମଧରଠାରୁ ଜଜାଙ୍ଗ, ଅପରପକ୍ଷରେ ଥିବା ୫୩ (କ) ଜାତୀୟ ରାଜପଥର ଛତାଠାରୁ ହଜାରୀ ଛକ ଯାଏ ସହର ଲମ୍ବି ଗଲାଣି। ଏହାକୁ ହିସାବ ରଖିଲେ ସହରରେ ଏବେ ଏକ ଲକ୍ଷରୁ ଅଧିକ ଲୋକ ବସବାସ କରୁଛନ୍ତି। କ୍ରମବର୍ଦ୍ଧିଷ୍ଣୁ ଲୋକସଂଖ୍ୟା ଓ କଳେବର ବୃଦ୍ଧି ପାଉଥିଲେ ମଧ୍ୟ ପୌରାଞ୍ଚଳର ପରିସୀମା ବୃଦ୍ଧି ପାଉନାହିଁ। ନିକଟରେ ଏହି ସହରର ପରିସୀମା ବୃଦ୍ଧି ପାଇଁ ପ୍ରସ୍ତାବ ଆଗତ ହୋଇଛି। ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିମଳ କ୍ଷେତ୍ରର ବିକାଶରେ ଏହି ପୌରାଞ୍ଚଳ ସବୁବେଳେ ଅବହେଳାର ଶିକାର ହୋଇଛି। ସହରର ଶିକ୍ଷାନୁଷ୍ଠାନରେ ଶିକ୍ଷକ ଓ କର୍ମଚାରୀ ପଦବୀ ପୂରଣ ଅଭାବ ସହିତ ଭିତ୍ତିଭୂମିରେ ବହୁ ପଛୁଆ ଅଛି। କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବାକୁ ସହରବାସୀଙ୍କ ସମେତ ଜିଲାବାସୀ ବହୁବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେହିପରି ଶ୍ୟାମଗୁଡିଆସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ସତ୍ତ୍ୱେ ଅଦ୍ୟାବଧି ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ମୁତାବକ ସମସ୍ତ ସୁବିଧା ମିଳିନାହିଁ। ଖଡ଼ିଅଙ୍ଗସ୍ଥ ପୁରୁଣା ମୁଖ୍ୟ ଚିକିତ୍ସାଳୟ ପରିସରରେ ସିଟି ହସ୍ପିଟାଲ ସ୍ଥାପନ ପାଇଁ ଆନ୍ଦୋଳନ ଅଦ୍ୟାବଧି ଜାରି ରହିଛି। ଆଗାମୀଦିନରେ ଏହି ଜିଲାରେ ବିଭିନ୍ନ ଶିଳ୍ପ ପ୍ରତିଷ୍ଠା ସହ ରାଜ୍ୟର ପ୍ରଥମ ନଦୀଭିତ୍ତିକ ବନ୍ଦର ପ୍ରତିଷ୍ଠା ହେବ। ଏହାକୁ ଦୃଷ୍ଟିରେ ରଖିଲେ ସହରର ରାସ୍ତା ସମସ୍ୟା ଅଧିକ ଉତ୍କଟ ହେବ। ତେଣୁ ଏହାର ସମାଧାନ ଲାଗି ଏବେଠୁ ସୁଚିନ୍ତିତ ବ୍ୟବସ୍ଥା ଜରୁରୀ ବୋଲି ସହରବାସୀ ଆଲୋଚନା କରୁଛନ୍ତି।

**-ଜଗନ୍ନାଥ ଧଳ**, କେନ୍ଦ୍ରାପଡ଼ା


## ବିଜ୍ଞାପିତ ଅଞ୍ଚଳ ପରିଷଦ, ଚିକିଟି, ଜିଲ୍ଲା: ଗଞ୍ଜାମ

ଦୈନିକ ଖବରକାଗଜମାନଙ୍କୁ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଚିକିଟି ତରଫରୁ ସମସ୍ତ ଜନସାଧାରଣଙ୍କୁ ପରିଷଦ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ।

**ପରିଷଦ ତରଫରୁ ଆମର ସଂକଳ୍ପ:**

୧. ଠିକ୍ ସମୟରେ ପରିଷଦର ସମସ୍ତ ଟିକସ ପଇଠ କରନ୍ତୁ। ୨. ବିଜୁ ଆଦର୍ଶ କଲୋନୀ ମାଧ୍ୟମରେ ସମସ୍ତ ବସ୍ତି ବାସିନ୍ଦା ନିମନ୍ତେ ବାସୋପଯୋଗୀ ସୁନ୍ଦର କଲୋନୀ ସ୍ଥାପିତ କରାଯାଇଛି। ୩. ଅତ୍ୟାଧୁନିକ ଏବଂ ସୁନ୍ଦର ଶ୍ମଶାନ ରୂପାନ୍ତରୀକରଣ। [illegible] ସହରର ସମସ୍ତ ଜନସାଧାରଣ ପରିଷଦର ବିକାଶରେ ସହଯୋଗ କରିବା ଏକାନ୍ତ କାମ୍ୟ।

"ସ୍ୱଚ୍ଛ କର୍ମୀଙ୍କ ମୁହଁରେ ଆଣିଛି ହସ ଚିକିଟିକୁ ସ୍ୱଚ୍ଛ ରଖିବା ଆମର ପ୍ରୟାସ"
"ସ୍ୱଚ୍ଛ ଗଞ୍ଜାମ, ସୁସ୍ଥ ଗଞ୍ଜାମ ।। ସ୍ୱଚ୍ଛ ଚିକିଟି, ସୁସ୍ଥ ଚିକିଟି"

ସ୍ୱା./- ଶ୍ରୀଯୁକ୍ତ ହର ପ୍ରସାଦ ଚୌଧୁରୀ, ଉପ ନଗରପାଳ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଚିକିଟି
ସ୍ୱା./- ଶ୍ରୀମତୀ ଦୀପା କୁମାରୀ ସାହୁ, ନଗରପାଳିକା, ବିଜ୍ଞାପିତ ଅଞ୍ଚଳ ପରିଷଦ, ଚିକିଟି
ସ୍ୱା./- କାର୍ଯ୍ୟ ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଚିକିଟି



## ସ୍ୱଚ୍ଛ ସୁନାବେଡ଼ା ସୁସ୍ଥ ସୁନାବେଡ଼ା
### ପୌରପରିଷଦ କାର୍ଯ୍ୟାଳୟ, ସୁନାବେଡ଼ା

ପବିତ୍ର ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୪ ଉପଲକ୍ଷେ ସୁନାବେଡ଼ା ପୌରପରିଷଦ ତାର ସମସ୍ତ ନାଗରିକ ତଥା କରଦାତା, ବୁଦ୍ଧିଜୀବୀ ଓ ଅନ୍ୟାନ୍ୟ ସମସ୍ତ ଭାଇ ଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ [illegible] ରକ୍ଷଣାବେକ୍ଷଣ ନିମନ୍ତେ ସହଯୋଗର ହାତ ବଢାନ୍ତୁ। ଆସନ୍ତୁ ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ପ୍ଲାଷ୍ଟିକମୁକ୍ତ ଏବଂ ସ୍ୱଚ୍ଛ ସହରରେ ପରିଣତ କରିବା।

ଶ୍ରୀଯୁକ୍ତ ନାରାୟଣ ନାୟକ, ଓ.ରା.ସେ., ନିର୍ବାହୀ ଅଧିକାରୀ, ପୌରପରିଷଦ, ସୁନାବେଡ଼ା
ଡ. ରାଜେନ୍ଦ୍ର କୁମାର ପାତ୍ର, ନଗରପାଳ, ପୌରପରିଷଦ, ସୁନାବେଡ଼ା
ଶ୍ରୀମତୀ ରିତୁ କଣ୍ଠା, ଉପନଗରପାଳ, ପୌରପରିଷଦ, ସୁନାବେଡ଼ା
ସମସ୍ତ ପାରିଷଦବୃନ୍ଦ, ପୌରପରିଷଦ, ସୁନାବେଡ଼ା



## ବିଜ୍ଞାପିତ ଅଞ୍ଚଳ ପରିଷଦ, କବିସୂର୍ଯ୍ୟନଗର
### ଆପଣଙ୍କ ସେବାରେ କବିସୂର୍ଯ୍ୟନଗର ବିଜ୍ଞାପିତ ଅଞ୍ଚଳ

୧. ଆପଣଙ୍କ ଗୃହ ଓ ଆଲୁଅ କର ଠିକ୍ ସମୟରେ ପୈଠ କରନ୍ତୁ।
୨. ରାସ୍ତା ଓ ପରିମଳ ବ୍ୟବସ୍ଥାକୁ ସ୍ୱଚ୍ଛ ରଖିବା ପାଇଁ ଆବର୍ଜନାଗୁଡିକ ନିର୍ଦ୍ଧାରିତ ସ୍ଥାନରେ ପକାନ୍ତୁ।
୩. ପରିଷଦର ବିନା ଅନୁମତିରେ ଗୃହ ନିର୍ମାଣ କରନ୍ତୁ ନାହିଁ।
୪. ରାସ୍ତା ଓ ନାଳ ଅବରୋଧ କରନ୍ତୁ ନାହିଁ।
୫. ଯଥା ସମୟରେ ବିବାହ ପଞ୍ଜୀକରଣ କରନ୍ତୁ।
୬. ସହରକୁ ପ୍ରଦୂଷଣରୁ ବଞ୍ଚାଇବା ପାଇଁ ବହୁଳ ଭାବେ ବୃକ୍ଷ ରୋପଣ କରନ୍ତୁ ଓ ପରିଷଦ ଦ୍ୱାରା ଲଗାଯାଇଥିବା ବୃକ୍ଷକୁ ଯତ୍ନ ନିଅନ୍ତୁ।
୭. ରାସ୍ତା ଅବରୋଧ କରି କୌଣସି ବ୍ୟବସାୟ କରନ୍ତୁ ନାହିଁ।
୮. ନିଜ ନିଜର ଗୃହରୁ ବାହାରୁଥିବା ଅଳିଆ ଆବର୍ଜନାକୁ ନାଳ ଭିତରେ ନ ପକାଇ ପରିଷଦ ଦ୍ୱାରା କରାଯାଉଥିବା ଭ୍ରାମ୍ୟମାଣ ଗାଡ଼ିରେ ଓ ଡଷ୍ଟବିନରେ ପକାନ୍ତୁ।
୯. କବିସୂର୍ଯ୍ୟନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ମଧ୍ୟରେ ଥିବା ଜଳାଶୟଗୁଡ଼ିକୁ ଅପରିଷ୍କାର କରନ୍ତୁ ନାହିଁ।
୧୦. ସହରର ରାସ୍ତା ଏବଂ ନାଳଗୁଡ଼ିକୁ ସଦାସର୍ବଦା ପରିଷ୍କାର ରଖନ୍ତୁ।
୧୧. ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ପ୍ରଦାନ କରାଯାଉଥିବା ପାନୀୟ ଜଳକୁ ଅପବ୍ୟବହାର କରନ୍ତୁ ନାହିଁ।
୧୨. ବିଦ୍ୟୁତ୍ ଶକ୍ତି ଅପଚୟ କରନ୍ତୁ ନାହିଁ।
୧୩. ମିଶନ ରାତ୍ର ସଫେଇକୁ ସଫଳ କରିବାରେ ସହଯୋଗ କରନ୍ତୁ।
୧୪. ସହରର ସମସ୍ତ ଦୋକାନୀ ଭାଇମାନେ ନିଜ ଦୋକାନ ଏବଂ ଦୋକାନ ପରିସରର ୫ ମିଟର ପରିବେଶର ସ୍ୱଚ୍ଛତା ନିଜେ ଦାୟିତ୍ୱ ନିଅନ୍ତୁ ଓ ସମସ୍ତ ଜନସାଧାରଣ ନିଜ ପରିବେଶ ସଫା ରଖନ୍ତୁ।

ଶ୍ରୀ ବିକ୍ରାନ୍ତ କୁମାର ସାହୁ, ଉପାଧ୍ୟକ୍ଷ
ଶ୍ରୀ ସଞ୍ଜୀବ କୁମାର ମହାପାତ୍ର, କାର୍ଯ୍ୟନିର୍ବାହୀ ଅଧିକାରୀ
ଶ୍ରୀମତୀ ଏସ୍. ଲକ୍ଷ୍ମୀ ସେଠୀ, ଅଧ୍ୟକ୍ଷା



## ଭବାନୀପାଟଣା ପୌର ପରିଷଦ

ନିଖିଳ ଭାରତ **ସ୍ୱାୟତ୍ତ ଶାସନ ଦିବସ, ୨୦୨୪** ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ଭବାନୀପାଟଣା ପୌରପାଳିକାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସହରବାସୀଙ୍କ ସହଯୋଗ କାମନା କରୁଛି। ଆସନ୍ତୁ ଏହି ଶୁଭ ଅବସରରେ ଆମେ ସମସ୍ତେ ମିଶି ଭବାନୀପାଟଣାକୁ ଏକ ସବୁଜ, ସୁନ୍ଦର, ସ୍ୱଚ୍ଛ, ଆବର୍ଜନାମୁକ୍ତ ଓ ପଲିଥିନ ମୁକ୍ତ ସହର ରୂପେ ପରିଣତ କରିବା ପାଇଁ ସଂକଳ୍ପ ନେବା ଏବଂ ନାରୀ ସଶକ୍ତୀକରଣ ନିମନ୍ତେ ଅଗ୍ରସର ହେବା।

**ଶ୍ରୀଯୁକ୍ତ ବିଷ୍ଣୁ ପ୍ରଧାନ**, ଉପ-ନଗରପାଳ
**ଡା. ସତ୍ୟସଂପର୍ଣ୍ଣା ରାଉତ**, ନିର୍ବାହୀ ଅଧିକାରୀ
ତଥା
**ସମସ୍ତ ପାରିଷଦ ବୃନ୍ଦ, ଭବାନୀପାଟଣା ପୌରପରିଷଦ**



## ବିଜ୍ଞାପିତ ଅଞ୍ଚଳ ପରିଷଦ,ଓଡ଼ଗାଁ,ଜି:ନୟାଗଡ଼
### ପବିତ୍ର ସ୍ୱାୟତ୍ତ ଶାସନ ଦିବସ-୨୦୨୪ ଅବସରରେ ବାର୍ତ୍ତା

ସ୍ୱାୟତ୍ତ ଶାସନ ଦିବସ ଅବସରରେ ଓଡ଼ଗାଁର ସମସ୍ତ ଗୁରୁଜନ, ମା, ମାଉସୀ ଓ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଇ ଦିଆଯାଉଅଛି। ଗଣତାନ୍ତ୍ରିକ ଶାସନରେ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ମୁଖ୍ୟ ଭୂମିକା ନିର୍ବାହ କରିଥାଏ। ସହରବାସୀଙ୍କ ସାମାଜିକ ତଥା ଆର୍ଥିକ ବିକାଶର ଉନ୍ନତି ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ବିଭିନ୍ନ ଯୋଜନାର ସଫଳ ରୂପାୟନ ସ୍ୱାୟତ୍ତ ଶାସନ ସଂସ୍ଥାର ମୌଳିକ ଦାୟିତ୍ୱ ହେବା ସହିତ ପ୍ରତ୍ୟେକ ଯୋଜନା କିପରି ସଠିକ୍ ଭାବେ ଉପଯୋଗ କରାଯାଇପାରିବ, ସେଥିପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ଓଡଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ବିକାଶର ଧାରାକୁ ନିରବଚ୍ଛିନ୍ନ ଭାବେ ବଜାୟ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ।

ପ୍ରଶାସକ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଓଡ଼ଗାଁ



## ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଘୁ.ଉଦୟଗିରି

ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଘୁ.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦରେ ବାସ କରୁଥିବା ସମସ୍ତ ଜନସାଧାରଣଙ୍କୁ କୃତଜ୍ଞତା ଜ୍ଞାପନ ସହ ସହରକୁ ଏକ ସୁନ୍ଦର, ସ୍ୱାସ୍ଥ୍ୟକର ପରିବେଶରେ ଗଢିତୋଳିବାକୁ ସମସ୍ତଙ୍କ ସହଯୋଗ କାମନା କରୁଛୁ।

୧. ସହରକୁ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ।
୨. ପୌର ସମ୍ପତ୍ତି ଆପଣଙ୍କର, ଏହାର ସୁରକ୍ଷା କରନ୍ତୁ।
୩. ବିଭିନ୍ନ ଟିକସ ଯଥା ସମୟରେ ପୈଠକରି ରିହାତି ପାଇବାର ସୁଯୋଗ ନିଅନ୍ତୁ।
୪. ପରିଷଦର ବିନା ଅନୁମତିରେ ନୂତନ ଗୃହ ନିର୍ମାଣ କରନ୍ତୁ ନାହିଁ।
୫. ରାସ୍ତା ଓ ନାଳରେ ଅଳିଆ ଆବର୍ଜନା ନ ପକାଇ ଡଷ୍ଟବିନ୍‌ରେ ପକାନ୍ତୁ।
୬. ପଲିଥିନ ବ୍ୟବହାର କରନ୍ତୁ ନାହିଁ।
୭. ଗୃହ ନିର୍ମାଣ ସମୟରେ ଉପକରଣ ରାସ୍ତା ଉପରେ ଜମା କରନ୍ତୁ ନାହିଁ।
୮. ଗୃହ ବାହାରେ ମଳତ୍ୟାଗ କରନ୍ତୁ ନାହିଁ।
୯. ସଠିକ ସମୟରେ ଜନ୍ମ ଓ ମୃତ୍ୟୁର ପଞ୍ଜୀକରଣ କରନ୍ତୁ।
୧୦. ଓଦା ଓ ଶୁଖିଲା ବର୍ଜ୍ୟ ବସ୍ତୁକୁ ଭିନ୍ନ ଭିନ୍ନ ଡଷ୍ଟବିନରେ ପକାନ୍ତୁ।

ଶ୍ରୀମତୀ ଇତିଶ୍ରୀ ଷଡ଼ଙ୍ଗୀ, ନିର୍ବାହୀ ଅଧିକାରୀ
ଶ୍ରୀ ସନ୍ତୋଷ କୁମାର ବାଘ, ଉପାଧ୍ୟକ୍ଷ
କୁମାରୀ ଦେବସ୍ମିତା ସତପଥୀ, ଅଧ୍ୟକ୍ଷା



## ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ

**ସ୍ୱାୟତ୍ତ ଶାସନ ଦିବସ-୨୦୨୪** ପାଳନ ଅବସରରେ ପାରାଦ୍ୱୀପର ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ। ପାରାଦ୍ୱୀପ ସହରର ସ୍ୱଚ୍ଛ ପରିବେଶ, ସବୁଜିମା ଓ ବିକାଶ ଆମର ସଂକଳ୍ପ:-
**୧.** ଏକକ ବ୍ୟବହୃତ ପଲିଥିନ କିଣିବା, ବିକିବା ଓ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ। **୨.** ପରିବେଶର ସୁରକ୍ଷା ପାଇଁ ବୃକ୍ଷରୋପଣ କରନ୍ତୁ ଓ ଯତ୍ନ ନିଅନ୍ତୁ। **୩.** ଘରର ଆବର୍ଜନା ଏଣେତେଣେ ନ ପକାଇ, ପୃଥକୀକରଣ କରି ପୌରପାଳିକା ଦ୍ୱାରା ପରିଚାଳିତ ଗାଡ଼ିରେ ଦିଅନ୍ତୁ। **୪.** ସ୍ୱଚ୍ଛ ପରିବେଶ ଆମ ସମସ୍ତଙ୍କର ଦାୟିତ୍ୱ, ପରିମଳ କାର୍ଯ୍ୟରେ ପୌର କର୍ମଚାରୀଙ୍କୁ ସହଯୋଗ କରନ୍ତୁ। **୫.** ରାସ୍ତାଘାଟ, ଡ୍ରେନ୍, ପାର୍କ, ଖେଳ ପଡ଼ିଆ ନିର୍ମାଣ ପାଇଁ ଉଦ୍ଦିଷ୍ଟ ଜାଗାକୁ ଅବରୋଧ କରନ୍ତୁ ନାହିଁ, ପାରାଦ୍ୱୀପର ବିକାଶରେ ସହଯୋଗ କରନ୍ତୁ।

**ସ୍ୱଚ୍ଛ ପାରାଦ୍ୱୀପ - ସୁସ୍ଥ ପାରାଦ୍ୱୀପ**

ନିବେଦକ:- **ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ**



## ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସମସ୍ତ ଜନସାଧାରଣଙ୍କୁ ଏହି ପବିତ୍ର ନିଖିଳ ଭାରତ ସ୍ୱାୟତ ଶାସନ ଦିବସ-୨୦୨୪ ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ

- ଆମେ ସମସ୍ତେ ମିଳିମିଶି ସଂକଳ୍ପ ନେବା, ପରିଷଦର ଟିକସ ଠିକ୍ ସମୟରେ ପୈଠ କରିବା, ଘର ଓ ପରିବେଶକୁ ସଫା ରଖିବା, ଆବର୍ଜନା ପାଣି ଘର ପାର୍ଶ୍ୱରେ ଜମା ନରଖିବା ତେବେ ଯାଇ ଆମ୍ଭେ ମଶା ମାଛିଙ୍କ ଦାଉରୁ ରକ୍ଷା ପାଇବା।
- ପ୍ରତ୍ୟେକ ଦିନ ଘରୁ ବାହାରୁଥିବା ଓଦା ଓ ଶୁଖିଲା ଅଳିଆକୁ ପୃଥକୀକରଣ କରି ପରିମଳ କର୍ମଚାରୀଙ୍କୁ ପ୍ରଦାନ କରିବା।
- ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ଓ ପଲିଥିନକୁ ସମ୍ପୂର୍ଣ୍ଣ ବର୍ଜନ କରିବା।
- ନୂତନ ଘର ନିର୍ମାଣ କରିବା ପୂର୍ବରୁ ନିର୍ମାଣାଧୀନ ଘରର ନକ୍ସାକୁ ପରିଷଦ ଦ୍ୱାରା ମଞ୍ଜୁର କରାଇବା।
- ସରକାରୀ ନାଳ, ନର୍ଦ୍ଦମା ଓ ରାସ୍ତାଘାଟକୁ ଅବରୋଧ କରିବା ନାହିଁ। ଗୃହପାଳିତ ପଶୁମାନଙ୍କୁ ରାସ୍ତାଘାଟକୁ ଛାଡନ୍ତୁ ନାହିଁ।
- ଦୋକାନ ଘରର ଟ୍ରେଡ ଲାଇସେନ୍ସ ପରିଷଦ ଦ୍ୱାରା ମଞ୍ଜୁର କରାଇବା।

ପ୍ରାଣନାଥ ସେଠ୍, ଓ.ରା.ସେ., ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲୁଗାଁ
ଭଗବାନ ପ୍ରଧାନ, ଉପାଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲୁଗାଁ
ଶ୍ରୀମତୀ ସୁକାନ୍ତି ପାଇକରାୟ, ଅଧ୍ୟକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲୁଗାଁ



## ବିକାଶପଥେ ପୌର ପରିଷଦ, ନୟାଗଡ଼
### ବାର୍ତ୍ତା

ସ୍ୱାୟତ୍ତ ଶାସନ ଦିବସ ୨୦୨୪ ଅବସରରେ ମୁଁ ନୟାଗଡ଼ ସହରର ସମସ୍ତ ଗୁରୁଜନ, ମା'ମାଉସୀ ଓ ଭାଇ-ଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି। ନୟାଗଡ଼ର ଯେତେ ସବୁ ସମ୍ପତ୍ତି ଯଥା ବିକାଶ ମୂଳକ କାର୍ଯ୍ୟ ହୋଇଛି ତାହାର ରକ୍ଷଣା-ବେକ୍ଷଣା ଦାୟିତ୍ୱ ଆମ ସମସ୍ତଙ୍କର, ତେଣୁ ଆସନ୍ତୁ! ନୟାଗଡ଼କୁ ଏକ ସ୍ୱଚ୍ଛ ସରସ ସୁନ୍ଦର ସହର ଭାବେ ଗଢି ତୋଳିବାକୁ ପ୍ରୟାସ କରିବା।

**(ଡ. ଅରୁଣ କୁମାର ସାହୁ)**
ମାନ୍ୟବର ବିଧାୟକ, ନୟାଗଡ଼
ଓଡ଼ିଶା ବିଧାନସଭା

ଶ୍ରୀଯୁକ୍ତ ଗୁରୁ ପ୍ରସାଦ ଜେନା, ଉପାଧ୍ୟକ୍ଷ
ଶ୍ରୀମତୀ ନିରୂପମା ଖଟେଇ, ପୌରାଧ୍ୟକ୍ଷା
ଓ ସମସ୍ତ କାଉନସିଲର ବୃନ୍ଦ, ପୌର ପରିଷଦ, ନୟାଗଡ଼



## ବିଜ୍ଞାପିତ ଅଞ୍ଚଳ ପରିଷଦ, ଗଞ୍ଜାମ

ପବିତ୍ର ସ୍ୱାୟତ୍ତ ଶାସନ ଦିବସ-୨୦୨୪ ଅବସରରେ 'ଆମ ପରିଷଦ' ତା'ର ପ୍ରିୟ ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହିତ ଶାନ୍ତି, ମୈତ୍ରୀ, ଭାଇଚାରାର ବାର୍ତ୍ତା ବହନ କରୁଥିବା ଆମ ଗଞ୍ଜାମ ସହରକୁ ସ୍ୱଚ୍ଛ, ସବୁଜ, ସୁନ୍ଦର, ଖୋଲା ଶୌଚମୁକ୍ତ, ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ ଏବଂ ଶୃଙ୍ଖଳିତ ରଖି ଆମ ପରିଷଦର ମୂଳ ଲକ୍ଷ୍ୟ 'ଆପଣଙ୍କ ସମସ୍ୟା ଆମର ସମାଧାନ'କୁ ସଫଳ କରିବା ପାଇଁ ପରିଷଦର ସମସ୍ତ କାର୍ଯ୍ୟରେ ସହରବାସୀଙ୍କର ଗଠନମୂଳକ ସହଯୋଗ କାମନା କରୁଅଛୁ।

**ଆପଣଙ୍କ ସହଯୋଗ:** ୧. Swachh Survekshan-2024 ଅଭିଯାନରେ ନିଜକୁ ନିୟୋଜିତ କରି ଆମ ସହରକୁ ସ୍ୱଚ୍ଛ ଓ ନିର୍ମଳ ରଖନ୍ତୁ ଏବଂ ନିୟମିତ ପାଇଖାନା ବ୍ୟବହାର କରନ୍ତୁ। ଦୈନିକ ବର୍ଜ୍ୟବସ୍ତୁ ସଂଗ୍ରହକରି ପରିଷଦର ସଫେଇ ଗାଡିରେ ଦିଅନ୍ତୁ। ଭଙ୍ଗା ଟିଭି, କମ୍ପ୍ୟୁଟର, ଫ୍ରିଜ୍ ଆଦି e-Waste ଗୁଡିକୁ ପରିଷଦର ବୁଲୁଥିବା D/D BOV ଗାଡିରେ ଦିଅନ୍ତୁ। ୨. ରାସ୍ତାକଡ଼ ଜମି ତଥା ସରକାରୀ ଜମି ଜବରଦଖଲରୁ ନିବୃତ୍ତ ରୁହନ୍ତୁ ଓ ପରିଷଦର ବିନା ଅନୁମତିରେ ନୂତନ ଗୃହ କରନ୍ତୁନାହିଁ। ୩. ଗଞ୍ଜାମ ଏନ୍‌ଏସିର ପ୍ରତ୍ୟେକ ବ୍ୟବସାୟୀ ପରିଷଦଠାରୁ ନିଜର ଟ୍ରେଡ୍ ଲାଇସେନ୍ସ (Trade Licence) କରାଇ ନିଅନ୍ତୁ। ୪. ପୌର ପରିଷଦର e-Website ଏବଂ Social Media Pages କୁ ଅନୁସରଣ କରନ୍ତୁ। ୫. ମୋ ଖତ (ଜୈବିକ ଖତ) ମାତ୍ର ୧୦/- ଟଙ୍କାରେ ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଉପଲବ୍ଧ। ଇଚ୍ଛୁକ ବ୍ୟକ୍ତିମାନେ ଯୋଗାଯୋଗ କରିପାରିବେ।

**'ଆମ ପରିଷଦ ବିକଶିତ ପଥରେ...'**

ଶ୍ରୀମତୀ ଅପର୍ଣ୍ଣା ଡାଙ୍ଗୁଆ, କାର୍ଯ୍ୟନିର୍ବାହୀ ଅଧିକାରୀ
ଶ୍ରୀମତୀ ପ୍ରତିଭା ପାଢୀ, ଅଧ୍ୟକ୍ଷା



## ପ୍ରଗତିପଥେ ବିଜ୍ଞାପିତ ଅଞ୍ଚଳ ପରିଷଦ, ପଦ୍ମପୁର

Phone No.06683-223436 Email Id- nac.padampur@gmail.com

**ପଦ୍ମପୁର ବିଜ୍ଞାପିତ ଅଞ୍ଚଳବାସୀଙ୍କୁ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଅଭିନନ୍ଦନ, ଆସନ୍ତୁ ପଦ୍ମପୁର ସହରକୁ ସୁନ୍ଦର ଓ ସୁସ୍ଥ ସହର ଭାବରେ ଗଢ଼ି ତୋଳିବାକୁ ଶପଥ ନେବା।**

**ଆମର ନିବେଦନ:**
- ଯଥା ସମୟରେ ଟିକସ ପୈଠ କରନ୍ତୁ।
- ପରିଷଦରେ ନୂତନ ଘର ନକ୍ସା ମଞ୍ଜୁରୀ କରାଇ ଘର ନିର୍ମାଣ କରନ୍ତୁ।
- ଗୃହରେ ଶୌଚାଳୟ ନିର୍ମାଣ କରାଇ ସ୍ୱଚ୍ଛ ଭାରତ ଅଭିଯାନରେ ସାମିଲ ହୁଅନ୍ତୁ।
- ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ପରିଷଦରୁ ଟ୍ରେଡ୍ ଲାଇସେନ୍ସ କରାଇନିଅନ୍ତୁ।
- ପଲିଥିନ୍ ବ୍ୟବହାରକୁ ବର୍ଜନ କରନ୍ତୁ।
- ରାସ୍ତାକଡ଼ ଓ ସର୍ବସାଧାରଣ ସ୍ଥାନରେ ଇଟା, ବାଲି, ପଥର ଓ ଗୋଡ଼ି ପ୍ରଭୃତି ଜମାକରି ସର୍ବସାଧାରଣଙ୍କ ଯାତାୟାତ ରାସ୍ତା ଅବରୋଧ କରନ୍ତୁ ନାହିଁ।
- ପରିଷଦ ଦ୍ୱାରା ସୁଲଭ ମୂଲ୍ୟରେ CESS POOL ମେଶିନ ଓ ଟ୍ୟାଙ୍କର ଯୋଗେ ପାଣିର ସୁବିଧା ନିଅନ୍ତୁ।
- ପରିଷଦର ସମ୍ପତ୍ତି ଆପଣଙ୍କର, ଏହାର ସୁରକ୍ଷା ଓ ରକ୍ଷଣାବେକ୍ଷଣରେ ସହଯୋଗ କରନ୍ତୁ।

ଶ୍ରୀ ରାମଚନ୍ଦ୍ର ମାଝୀ, କାର୍ଯ୍ୟନିର୍ବାହୀ ଅଧିକାରୀ
ଶ୍ରୀମତୀ ଭାରତୀ ପଟ୍ଟନାୟକ, ଉପାଧ୍ୟକ୍ଷା
ଶ୍ରୀମତୀ ସାବିତ୍ରୀ ବାଗ, ଅଧ୍ୟକ୍ଷା
ଓ ପରିଷଦର ସମସ୍ତ କାଉନସିଲର ବୃନ୍ଦ



## ବିଜ୍ଞାପିତ ଅଞ୍ଚଳ ପରିଷଦ, ଆଠମଲ୍ଲିକ

ପବିତ୍ର ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୪ ଅବସରରେ ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦର ସହରବାସୀଙ୍କୁ ଶୁଭେଚ୍ଛା ଜ୍ଞାପନପୂର୍ବକ ନିମ୍ନଲିଖିତ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହଯୋଗ କାମନା କରୁଛୁ।

ଜନସାଧାରଣଙ୍କୁ ପରିଷଦର ନିବେଦନ :
୦୧. ପରିଷଦ ଦ୍ୱାରା ନିର୍ଦ୍ଧାରଣ କରାଯାଇଥିବା ସେବା ଟିକସ ଓ ଗୃହ ଟିକସ ଯଥା ସମୟରେ ପୈଠ କରନ୍ତୁ।
୦୨. ରାସ୍ତାରେ ବିଜୁଳିବତୀ, ନଳକୂପ ଓ ପାଣିକଳଗୁଡିକର ରକ୍ଷଣାବେକ୍ଷଣ ପ୍ରତି ଯତ୍ନବାନ ହୁଅନ୍ତୁ।
୦୩. ଗୃହ ତିଆରି କରିବା ପୂର୍ବରୁ ପରିଷଦରୁ ଗୃହ ନକ୍ସା ଅନୁମୋଦନ କରାଇ ଗୃହ ନିର୍ମାଣ କରନ୍ତୁ।
୦୪. ରାସ୍ତା ଓ ନାଳରେ ଅଳିଆ ଆବର୍ଜନା ନ ପକାଇ ଡଷ୍ଟବିନ୍ (ଆବର୍ଜନା ପାତ୍ର) ର ଉପଯୋଗ କରି ବର୍ଜ୍ୟବସ୍ତୁ ପରିଚାଳନା ଯୋଜନାକୁ ସଫଳ କରାନ୍ତୁ।
୦୫. ପତିତ ସରକାରୀ ଜମି ଓ ରାସ୍ତା କଡରେ ବୃକ୍ଷରୋପଣ କରି ପରିବେଶର ସୁରକ୍ଷା କରିବା ସଙ୍ଗେ ସଙ୍ଗେ ସହରର ସୌନ୍ଦର୍ଯ୍ୟ ବୃଦ୍ଧି କରାନ୍ତୁ।
୦୬. ପରିଷଦ ଦ୍ୱାରା ଜଳ ନିଷ୍କାସନ ପାଇଁ ନିର୍ମାଣ କରାଯାଇଥିବା ନାଳ ଗୁଡିକୁ ଅବରୋଧ କରନ୍ତୁ ନାହିଁ।
୦୭. ସରକାରଙ୍କ ଦ୍ୱାରା ନିଷିଦ୍ଧ କରାଯାଇଥିବା ପ୍ଲାଷ୍ଟିକ ସାମଗ୍ରୀଗୁଡିକର ବ୍ୟବହାର ନ କରି ପରିବେଶର ସୁରକ୍ଷା କରନ୍ତୁ।
୦୮. ରାସ୍ତା ଓ ସର୍ବସାଧାରଣ ସ୍ଥାନମାନଙ୍କରେ ଗାଇ, ଗୋରୁ ଓ ଅନ୍ୟାନ୍ୟ ଗୃହପାଳିତ ପଶୁମାନଙ୍କୁ ଛାଡନ୍ତୁ ନାହିଁ।

ଶ୍ରୀ ଅବିନାଶ ମହାନ୍ତି, ନୀର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଆଠମଲ୍ଲିକ
ଶ୍ରୀ ଗଦାଧର ସ୍ୱାଇଁ, ଉପାଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଆଠମଲ୍ଲିକ
ଶ୍ରୀମତୀ ଆଶା କୁମାରୀ ସାହୁ, ଅଧ୍ୟକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ, ଆଠମଲ୍ଲିକ
ଓ
ସମସ୍ତ ପାରିଷଦ ବର୍ଗ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଆଠମଲ୍ଲିକ



## ପୌରପାଳିକା କାର୍ଯ୍ୟାଳୟ, ଢେଙ୍କାନାଳ

**ନିଖିଳ ଭାରତ ସ୍ୱାୟତ୍ତଶାସନ ଦିବସ, ୨୦୨୪ ପାଳନ ଅବସରରେ ଢେଙ୍କାନାଳ ପୌରପାଳିକା ତରଫରୁ ସହରବାସୀଙ୍କୁ ନିବେଦନ**
**ତା.୩୧.୦୮.୨୦୨୪ ରିଖ (ଶନିବାର)**
ଆଗାମୀ ଦିନରେ ଏକ ଆଦର୍ଶ ଓ ସୁସ୍ଥ ସହର ଗଠନ ନିମନ୍ତେ ପ୍ରୟାସ ଜାରି ରଖିବାକୁ ସଂକଳ୍ପ ନେଇ ଏହି ପୌରପରିଷଦ ନିମ୍ନୋକ୍ତ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବା ନିମନ୍ତେ ପ୍ରଚେଷ୍ଟାରତ।

ପୌର ସମ୍ପତ୍ତି ଆପଣମାନଙ୍କର ସମ୍ପତ୍ତି। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଆପଣଙ୍କର।
ସର୍ବସାଧାରଣ ରାସ୍ତା ଓ ଡ୍ରେନରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ।
ସରକାରୀ ଜମି କିମ୍ବା ରାସ୍ତା ଅବରୋଧ କରି ସର୍ବସାଧାରଣ ଯାତାୟାତରେ ଅସୁବିଧା ସୃଷ୍ଟି କରନ୍ତୁ ନାହିଁ। ଜଳ ନିଷ୍କାସନ ପଥ ଅବରୋଧ କରନ୍ତୁ ନାହିଁ।
କର୍ତ୍ତବ୍ୟରତ ପୌର କର୍ମଚାରୀମାନଙ୍କୁ ସେମାନଙ୍କର କର୍ତ୍ତବ୍ୟ ପାଳନରେ ସହଯୋଗ କରନ୍ତୁ।
ସର୍ବସାଧାରଣ ରାସ୍ତାଘାଟରେ ଗୃହପାଳିତ ପଶୁମାନଙ୍କୁ ଛାଡି ଜନସାଧାରଣଙ୍କ ଯାତାୟାତରେ ପ୍ରତିବନ୍ଧକ ସୃଷ୍ଟି କରନ୍ତୁ ନାହିଁ।

**ଆପଣଙ୍କ ସେବାରେ ଢେଙ୍କାନାଳ ପୌରପାଳିକା**

ଶ୍ରୀଯୁକ୍ତ ସୁକାନ୍ତ ଚନ୍ଦ୍ର ବେଉରା, ଓ.ପ୍ର.ସେ., ନିର୍ବାହୀ ଅଧିକାରୀ, ଢେଙ୍କାନାଳ ପୌରପାଳିକା
ଶ୍ରୀଯୁକ୍ତ ପ୍ରକାଶ ଚନ୍ଦ୍ର କୁଅଁର, ଉପାଧ୍ୟକ୍ଷ, ଢେଙ୍କାନାଳ ପୌରପାଳିକା
ଶ୍ରୀମତୀ ଜୟନ୍ତୀ ପାତ୍ର, ଅଧ୍ୟକ୍ଷା, ଢେଙ୍କାନାଳ ପୌରପାଳିକା



## ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଲ୍ଲିକୋଟ, ଗଞ୍ଜାମ

ପିନ୍ ନଂ.- ୭୬୧୦୩୦, ଦୂରଭାଷ: ୦୬୮୧୦-୨୯୫୩୩୩

### ଅଭିନନ୍ଦନ ବାର୍ତ୍ତା

୩୧ ଅଗଷ୍ଟ ୨୦୨୪ ପବିତ୍ର ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଖଲ୍ଲିକୋଟ ବିଜ୍ଞାପିତ ଅଞ୍ଚଳ ପରିଷଦର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଆଇନଜୀବୀ, ବ୍ୟବସାୟୀ, ସାମ୍ବାଦିକ ଏବଂ ଜନସାଧାରଣଙ୍କୁ ପରିଷଦ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ସମସ୍ତ ବ୍ୟବସାୟୀ ବନ୍ଧୁ ଓ ସହରବାସୀଙ୍କୁ ଖଲ୍ଲିକୋଟ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ନିବେଦନ କରାଯାଉଛି ଯେ:
• ପରିଷଦର ଟିକସ, ଗୃହ ଟିକସ, ଦୋକାନ ଭଡ଼ା ଯଥା ସମୟରେ ଜମା କରିବା ସହ ବ୍ୟବସାୟ ପ୍ରତିଷ୍ଠାନର ପଞ୍ଜୀକରଣ କରାଇ ନିଅନ୍ତୁ। • ରାସ୍ତା ଉପରେ ଘର ତିଆରି ସାମଗ୍ରୀ ଯଥା: ଗୋଡ଼ି, ବାଲି, ଇଟା ଓ ପଥର ଇତ୍ୟାଦି ଜମା କରନ୍ତୁ ନାହିଁ। • ଗୃହପାଳିତ ପଶୁ ଯଥା: ଗାଈଗୋରୁ, ଘୁଷୁରି ଇତ୍ୟାଦିଙ୍କୁ ଖୋଲାରେ ଛାଡ଼ନ୍ତୁ ନାହିଁ। • ପଲିଥିନ ବ୍ୟବହାର କରନ୍ତୁ ନାହିଁ ଓ ପରିବେଶ ପ୍ରଦୂଷଣରୁ ବଞ୍ଚିତ ହୁଅନ୍ତୁ। • ବିଶୁଦ୍ଧ ପାନୀୟଜଳ ବ୍ୟବହାର କରନ୍ତୁ।
**ବିକାଶ ପଥରେ ଖଲ୍ଲିକୋଟ:** ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଯଥା: ସମସ୍ତ ୱାର୍ଡର ବିଶ୍ରାମାଗାର, ପେଭର ରାସ୍ତା, ଆଲୋକୀକରଣ, ନାଳ ପୁନଃଉଦ୍ଧାର, ସେଲ୍ଫି ପଏଣ୍ଟ, ଚିଲଡ୍ରେନ ପାର୍କ, ମୁକ୍ତ ଆକାଶ ବ୍ୟାୟାମ, ସମସ୍ତ ବନ୍ଧର ସୌନ୍ଦର୍ଯ୍ୟକରଣ, ଆଦର୍ଶ ଶ୍ମଶାନ, ଶ୍ରୀଜଗନ୍ନାଥ ମନ୍ଦିରର ସୌନ୍ଦର୍ଯ୍ୟକରଣ, ବସ୍‌ଷ୍ଟାଣ୍ଡରେ ଶୌଚାଳୟ ଓ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ଜଗିଂ ଟ୍ରାକ, ଲ୍ଲୁ, ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର, ମଳ ବିଶୋଧନାଗାର ଇତ୍ୟାଦି କାର୍ଯ୍ୟର ସଫଳ ରୂପାୟନ କରାଯାଇଛି।
**"ଆସନ୍ତୁ, ଆମ୍ଭେ ସମସ୍ତେ ମିଶି ଆମ ସହରକୁ ସୁସ୍ଥ ଓ ସ୍ୱଚ୍ଛ ଭାବରେ ଗଢ଼ିତୋଳିବା**

ଇଂ. ନିରଞ୍ଜନ ବେହେରା, ଅଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଲ୍ଲିକୋଟ
ଶ୍ରୀ ପ୍ରମୋଦ କୁମାର ନାୟକ, OAS (SB), କାର୍ଯ୍ୟ ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଲ୍ଲିକୋଟ



## ଜଟଣୀ ପୌର ପରିଷଦ, ଜଟଣୀ

ସ୍ଥାନ: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା - ୭୫୨୦୫୦
E-mail: municipalityjatni@gmail.com, Phone No.: 0674-2490826

### ସର୍ବସାଧାରଣ ନିମନ୍ତେ ସୂଚନା

- ଜଟଣୀ ପୌରାଞ୍ଚଳର କୌଣସି ଗୃହକର୍ତ୍ତା ଅଥବା ବ୍ୟବସାୟୀ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ଅଧିନିୟମ-୨୦୨୨କୁ ଖିଲାପ କରନ୍ତୁ ନାହିଁ ଏବଂ ପ୍ଲାଷ୍ଟିକ ପଲିଥିନ ବର୍ଜନକରି କଟନ ବ୍ୟାଗ ଓ ପେପର ବ୍ୟାଗ ବ୍ୟବହାର କରନ୍ତୁ, ଯଦି କେହି ଏହାକୁ ଉଲଂଘନ କରନ୍ତି ତେବେ ସେମାନଙ୍କଠାରୁ ନିୟମ ଅନୁଯାୟୀ ଜୋରିମାନା ଆଦାୟ କରାଯିବ।
- ଜଟଣୀ ପୌରାଞ୍ଚଳର ସମସ୍ତ ଗୃହକର୍ତ୍ତାମାନଙ୍କୁ ଜଣାଇ ଦିଆଯାଉଅଛି କି, ସେମାନେ ସେମାନଙ୍କର ନିର୍ମାଣ ସାମଗ୍ରୀ ବର୍ଜ୍ୟବସ୍ତୁ ଯଥା: ବାଲି, ଗୋଡ଼ି, ଇଟା, ପଥର ଆଦି ରାସ୍ତାକଡ଼ରେ ରଖନ୍ତୁ ନାହିଁ ଏବଂ ଅନାବଶ୍ୟକ ସାମଗ୍ରୀକୁ ପ୍ରକ୍ରିୟାକରଣ ନିମନ୍ତେ ପୌର ପରିଷଦକୁ ପରିବହନ ଖର୍ଚ୍ଚ ଦାଖଲ କରି ସି.ଡି.ୱେଷ୍ଟ ସେଣ୍ଟର, ଖଣ୍ଡପୁରକୁ ପଠାନ୍ତୁ। ଯଦି କେହି ବ୍ୟକ୍ତିବିଶେଷ ରାସ୍ତାକଡ଼ରେ ବାଲି, ଗୋଡ଼ି, ଇଟା, ପଥର ଇତ୍ୟାଦି ରଖି ବ୍ୟବସାୟ କରୁଅଛନ୍ତି, ତେବେ ସେମାନେ ତୁରନ୍ତ ଉକ୍ତ ସ୍ଥାନ ଖାଲି କରେଇ ନିଅନ୍ତୁ ନଚେତ୍ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସମସ୍ତ ଜନସାଧାରଣଙ୍କୁ ଅନୁରୋଧ, ଜଟଣୀ ପୌର ପରିଷଦର ସମସ୍ତ ନିୟମ ମାନନ୍ତୁ ଏବଂ ସ୍ୱଚ୍ଛ ସର୍ଭେକ୍ଷଣ-୨୦୨୪ ନିମନ୍ତେ ଆପଣ ଆପଣଙ୍କର ବହୁମୂଲ୍ୟ ମତାମତ (Citizen Feedback) ପ୍ରଦାନ କରି ଜଟଣୀ ପୌର ପରିଷଦକୁ ସ୍ୱଚ୍ଛ ସର୍ବେକ୍ଷଣ ୨୦୨୪ରେ ଏକ ନମ୍ବର ପୌର ପରିଷଦ କରିବାରେ ଅଂଶଗ୍ରହଣ କରନ୍ତୁ।
ନିଖିଳ ଭାରତୀୟ ସ୍ୱାୟତ୍ତ ଶାସନ ଦିବସ-୨୦୨୪ ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।

ଶ୍ରୀମତୀ ଆରତୀ ରାଉତ, ଉପାଧ୍ୟକ୍ଷା, ଜଟଣୀ ପୌର ପରିଷଦ
ଶ୍ରୀଯୁକ୍ତ ସୂର୍ଯ୍ୟମଣୀ ପାଟଯୋଶୀ, ନିର୍ବାହୀ ଅଧିକାରୀ, ଜଟଣୀ ପୌର ପରିଷଦ
ଶ୍ରୀଯୁକ୍ତ ଅନନ୍ତ ବେହେରା, ଅଧ୍ୟକ୍ଷ, ଜଟଣୀ ପୌର ପରିଷଦ



## ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଆସିକା

(E-mail: askanac@gmail.com, Ph.No.-06822-273068)

### ବାର୍ତ୍ତା

ସର୍ବପ୍ରଥମେ ଗତ ୨୦୨୩ ବର୍ଷ ନିମନ୍ତେ ଭାରତ ସରକାରଙ୍କ ଦ୍ୱାରା ସ୍ୱଚ୍ଛ ସର୍ବେକ୍ଷଣ ମୂଲ୍ୟାଙ୍କନରେ ଆମ ବିଜ୍ଞାପିତ ଅଞ୍ଚଳ, ଆସିକା ସର୍ବଭାରତୀୟ ସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ କରି ମହାମହିମ ରାଷ୍ଟ୍ରପତି ଭାରତ ମଣ୍ଡପ, ଦିଲ୍ଲୀଠାରେ ପୁରସ୍କୃତ କରିଥିବାରୁ ପରିଷଦ ଆସିକାର ସମସ୍ତ ଜନସାଧାରଣଙ୍କୁ ସାଧୁବାଦ ଜଣାଇବା ସହିତ ଚଳିତ ସ୍ୱଚ୍ଛ ସର୍ବେକ୍ଷଣ, ୨୦୨୪ ନିମନ୍ତେ ସମସ୍ତ ସହଯୋଗ କରିବାକୁ ପରିଷଦ ବିଶେଷ ଅନୁରୋଧ କରୁଛି।
ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ଆସିକାବାସୀଙ୍କୁ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ଅଭିନନ୍ଦନ ଜଣାଇବା ସହିତ ଜନସାଧାରଣଙ୍କୁ ଆସିକା ଅଞ୍ଚଳ ସଫାସୁତୁରା ଏବଂ ସର୍ବାଙ୍ଗୀନ ଉନ୍ନତି ପାଇଁ ନିମ୍ନଲିଖିତ ବିଷୟ ଉପରେ ସହଯୋଗ କରିବା ପାଇଁ ନିବେଦନ।
୧. ନିଜ ଗୃହ/ଦୋକାନ/ଅନୁଷ୍ଠାନର ୫ ମି. ପରିଧି ମଧ୍ୟକୁ ସର୍ବଦା ସଫା ରଖିବେ।
୨. ନିଜ ଗୃହ/ଦୋକାନ/ଅନୁଷ୍ଠାନରେ ଦୁଇଟି ଡଷ୍ଟବିନ୍ ସର୍ବଦା ବ୍ୟବହାର କରିବେ।
୩. ପଲିଥିନ ଓ ଥରେ ବ୍ୟବହୃତ ପ୍ଲାଷ୍ଟିକ୍‌ର ବ୍ୟବହାରକୁ ସମ୍ପୂର୍ଣ୍ଣ ବର୍ଜନ କରିବେ।
୪. ବିଜ୍ଞାପିତ ଅଞ୍ଚଳ ପରିଷଦ ଦ୍ୱାରା ଧାର୍ଯ୍ୟ ଟିକସ/ସଫେଇ କର ଠିକ୍ ସମୟରେ ପୈଠ କରିବେ।
୫. ପରିଷଦ ଦ୍ୱାରା ନିର୍ମାଣ ହେଉଥିବା ବା ହେବାକୁ ଥିବା ନାଳ, ରାସ୍ତା ଓ ବିଭିନ୍ନ ସରକାରୀ ଗୃହ କାର୍ଯ୍ୟକୁ ଅବରୋଧ ନ କରି ନିର୍ମାଣ କାର୍ଯ୍ୟରେ ସହଯୋଗ କରିବେ।
୬. ନୂତନ ଗୃହ ନିର୍ମାଣ ପୂର୍ବରୁ ଏନ୍.ଏ.ସି.ର ଅନୁମୋଦନ ନିତାନ୍ତ ଅପରିହାର୍ଯ୍ୟ। ତେଣୁ ଉକ୍ତ ନିୟମକୁ ନିଶ୍ଚୟ ପାଳନ କରନ୍ତୁ।

ସ୍ୱା./-ଶ୍ରୀ ଲୋକନାଥ ବେଜ୍, କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଆସିକା
ସ୍ୱା./-ଶ୍ରୀମତୀ ବିନେତା ସ୍ୱାଇଁ, ଅଧ୍ୟକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ, ଆସିକା



## ପୌରପରିଷଦ, ମାଲକାନଗିରି
### OFFICE OF THE MUNICIPAL COUNCIL, MALKANGIRI

Odisha,Pin-764045,Ph:06861-230244,e-Mail:eomalkangiri@gmail.com

### ନିବେଦନ

**ପବିତ୍ର ସ୍ୱାୟତ୍ତ ଶାସନ ଦିବସ ଅବସରରେ ମାଲକାନଗିରି ସହରର ସମସ୍ତ ନାଗରିକଙ୍କୁ ସର୍ବନିମ୍ନ ମୌଳିକ ସେବା ଯୋଗାଇ ଦେବାରେ ନିମ୍ନଲିଖିତ ସହାୟତା ପ୍ରଦାନ କରିବା ଲାଗି ଅନୁରୋଧ କରୁଅଛୁ।**

୦୧. ସହରର ସମସ୍ତ ନାଗରିକ/ବ୍ୟବସାୟୀ ନିଜନିଜର ଗୃହ/ବ୍ୟବସାୟ ପ୍ରତିଷ୍ଠାନ ଉତ୍ପନ୍ନ ବର୍ଜ୍ୟବସ୍ତୁ ପୃଥକ ପୃଥକ ଭାବେ (ଓଦା ଓ ଶୁଖିଲା) ସଂଗୃହୀତ କରି ରଖିବେ ଏବଂ ତତ୍ ପରଦିନ ପୂର୍ବାହ୍ନରେ ପରିଷଦର ଆବର୍ଜନା ବାହନରେ ପକାଇବେ। ୦୨. କୌଣସି ନାଗରିକ ନିଜ ଗୃହପାଳିତ ପ୍ରାଣୀ ଯଥା – ଗାଈ, ମଇଁଷି, ଛେଳି,କୁକୁର ଇତ୍ୟାଦି ସର୍ବସାଧାରଣ ରାସ୍ତାରେ ଛାଡିବେ ନାହିଁ। ୦୩. ଦୁଇ ଚକିଆ ଓ ଚାରି ଚକିଆ ଯାନ ରାଜରାସ୍ତା ଉପରେ ରଖି ଅବରୋଧ କରନ୍ତୁ ନାହିଁ। ୦୪. ପରିଷଦର ଟିକସ ଆଦି ଠିକ ସମୟରେ ପୈଠ କରନ୍ତୁ। ୦୫. ପଲିଥିନ ବ୍ୟାଗ ବ୍ୟବହାରଠାରୁ ଦୂରେଇ ରୁହନ୍ତୁ। ସହରକୁ ସୁସ୍ଥ ଏବଂ ନିର୍ମଳ ରଖିବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ, ତେଣୁ ନିଜ ନିଜର କର୍ତ୍ତବ୍ୟ ପାଳନ କରି ପରିଷଦକୁ ସହଯୋଗ ପ୍ରଦାନ କରନ୍ତୁ।
ଆସନ୍ତୁ ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ସୁସ୍ଥ ସବୁଜ ସହରରେ ପରିଣତ କରି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସ୍ୱପ୍ନକୁ ସାକାର କରିବା।

ଶ୍ରୀମତୀ କବିତା ମହନ୍ତ, ଉପାଧ୍ୟକ୍ଷା, ପୌରପରିଷଦ,ମାଲକାନଗିରି
ଶ୍ରୀ ମନୋଜ କୁମାର ବାରିକ, ଅଧ୍ୟକ୍ଷ, ପୌରପରିଷଦ,ମାଲକାନଗିରି
ଶ୍ରୀ ରାଜେନ୍ଦ୍ର କୁମାର ଖରା (ଓପ୍ରସେ), କାର୍ଯ୍ୟ ନିର୍ବାହୀ ଅଧିକାରୀ, ପୌରପରିଷଦ,ମାଲକାନଗିରି



## ବିଜ୍ଞାପିତ ଅଞ୍ଚଳ ପରିଷଦ, କେସିଙ୍ଗା

ପବିତ୍ର ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ କେସିଙ୍ଗା ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। କେସିଙ୍ଗା ସହରକୁ ପରିଷ୍କାର ପରିଚ୍ଛନ୍ନ ଓ ସରସ ସୁନ୍ଦର ରଖିବା ପାଇଁ ପୌରପରିଷଦ ଆପଣମାନଙ୍କ ସହଯୋଗ କାମନା କରୁଛି। ପରିଷଦର ଦେୟ ପୈଠ କରି କେସିଙ୍ଗା, ଏନ୍.ଏ.ସି.ର ସର୍ବାଙ୍ଗୀନ ଉନ୍ନତିରେ ସହାୟକ ହେବା ପାଇଁ ପରିଷଦ ବିନମ୍ର ନିବେଦନ କରୁଅଛି।

**ନିବେଦନ**
୧. ଏନ୍.ଏ.ସି.ର ଘର ଟିକସ ଓ ଲାଇସେନ୍ସ ଫିସ୍ ଠିକ୍ ସମୟରେ ପୈଠ କରନ୍ତୁ।
୨. ପରିଷଦର ବିନାନୁମତିରେ କୌଣସି ନିର୍ମାଣ କାର୍ଯ୍ୟ କରନ୍ତୁ ନାହିଁ।
୩. ସର୍ବସାଧାରଣ ରାସ୍ତାରେ ବାଲି, ମାଟି, ଇଟା ରଖି ରାସ୍ତା ଅବରୋଧ କରନ୍ତୁ ନାହିଁ।
୪. ରାସ୍ତା ଓ ନାଳରେ ଅଳିଆ ଆବର୍ଜନା, ପଲିଥିନ୍ ଓ ବୋତଲ ନ ପକାଇ ଡଷ୍ଟବିନ୍‌ରେ ପକାନ୍ତୁ।
୫. ଗୃହପାଳିତ ପଶୁମାନଙ୍କୁ ରାସ୍ତା ଉପରକୁ ଛାଡନ୍ତୁ ନାହିଁ।
୬. ପର୍ଯ୍ୟାପ୍ତ ପରିମାଣର ଗଛ ଲଗାଇ ପରିବେଶ ସନ୍ତୁଳନ ରଖନ୍ତୁ।
୭. ପଲିଥିନ୍ ବ୍ୟବହାର କରନ୍ତୁ ନାହିଁ।

ଶ୍ରୀମତୀ ସରସ୍ୱତୀ ସାହା, ଉପନଗରପାଳ
ଶ୍ରୀ ପ୍ରଣବ କୁମାର ଚାନ୍ଦ, ନିର୍ବାହୀ ଅଧିକାରୀ
ଶ୍ରୀ ନୃପରାଜ ଯାଦବ, ନଗରପାଳ
ସମସ୍ତ ପାରିଷଦବୃନ୍ଦ: ଶ୍ରୀମତୀ ମଞ୍ଜୁଳା ସାହୁ, ଶ୍ରୀଯୁକ୍ତ ଭୂପିନ୍ଦ୍ର ଘିଭେଲା, ଶ୍ରୀଯୁକ୍ତ ରୋହିତ କୁମାର ଜୈନ, ଶ୍ରୀଯୁକ୍ତ ଧରଣୀ ନାଏକ, ଶ୍ରୀମତୀ ମଞ୍ଜୁ ମାଝୀ, ଶ୍ରୀଯୁକ୍ତ ଶମ୍ଭୁ ବଗର୍ତ୍ତୀ, ଶ୍ରୀଯୁକ୍ତ ପ୍ରକାଶ ବନଛୋର, ଶ୍ରୀମତୀ କବିତା ମାଝୀ, ଶ୍ରୀମତୀ ପ୍ରେଣା ନାଏକ, ଶ୍ରୀଯୁକ୍ତ ରମାକାନ୍ତ ଜେନା, ଶ୍ରୀମତୀ ହେମ ସୁନା



## ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ
ପୁରୁଷୋତ୍ତମପୁର (ଗଞ୍ଜାମ), ପିନ୍ - ୭୬୧୦୧୮
ଇ-ମେଲ୍: eo-nacpurushottampur@gov.in / purushottampurnac@gmail.com, ଫୋନ୍ ନଂ.: ୦୬୮୧୧-୨୯୫୨୨୨

ପବିତ୍ର ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ – ୨୦୨୪ ପାଳନ ଅବସରରେ ପୁରୁଷୋତ୍ତମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସହରର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। ଆମ ଦେଶର ସହରାଞ୍ଚଳ ଉନ୍ନତିରେ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଅଛି। ତଦାନୁଯାୟୀ ଆମ ବିଜ୍ଞାପିତ ଅଞ୍ଚଳ ପରିଷଦ ସହରର ବିକାଶରେ ପ୍ରତ୍ୟେକ କ୍ଷେତ୍ରରେ ସହରବାସୀଙ୍କ ସହଯୋଗରେ ନୀରବଚ୍ଛିନ୍ନ ସେବା ଯୋଗାଇ ଆସୁଅଛି।
ଏଣୁ ଆସନ୍ତୁ ସମସ୍ତେ ମିଳିମିଶି ଏହି ସହରର ସର୍ବାଙ୍ଗୀନ ଉନ୍ନତି, ସବୁଜ ଓ ସୁନ୍ଦର ପୁରୁଷୋତ୍ତମପୁର ନିମନ୍ତେ ସଂକଳ୍ପ ବଦ୍ଧ ଓ ସହଯୋଗ ପ୍ରଦାନ କରିବା।
• ସର୍ବସାଧାରଣ ରାସ୍ତା, ନାଳ ଓ ସରକାରୀ ଜାଗାକୁ ବେଆଇନ୍‌ଭାବେ ଜବରଦଖଲ କରି ଗମନାଗମନ ଓ ସହରର ଉନ୍ନତୀକରଣରେ ବାଧା ସୃଷ୍ଟି କରନ୍ତୁ ନାହିଁ। • ସମସ୍ତ ଗୃହ ଟିକସଦାତା ଏବଂ ବାଣିଜ୍ୟ ପ୍ରତିଷ୍ଠାନ ଠିକ୍ ସମୟରେ ଗୃହ ଟିକସ, ବାଣିଜ୍ୟ ଲାଇସେନ୍ସ, ୟୁଜର ଫିଜ୍ ଠିକ୍ ସମୟରେ ପୈଠ କରନ୍ତୁ ଏବଂ ନୂତନ ଭାବେ ନିର୍ମାଣ କରୁଥିବା ଗୃହର ନକ୍ସା କାର୍ଯ୍ୟାଳୟରେ ଅନୁମୋଦନ କରାଇ ନିଅନ୍ତୁ। • ପରିଷଦ ଅଞ୍ଚଳ ମଧ୍ୟରେ ନୂତନ ଭାବେ ନିର୍ମାଣ କରାଯାଉଥିବା ବିଭିନ୍ନ ସ୍ୱତନ୍ତ୍ର ଉନ୍ନୟନ ଅଞ୍ଚଳରେ ନୂତନ ଜାଗା କ୍ରୟ କରିବା ସମୟରେ ସ୍ୱତନ୍ତ୍ର ଉନ୍ନୟନ ଅଧିକାରୀ, ପୁରୁଷୋତ୍ତମପୁରଙ୍କ ଦ୍ୱାରା ଉକ୍ତ ଅଞ୍ଚଳ ଅନୁମୋଦନ ହୋଇଥିଲେ ହିଁ ଗୃହ ଉପଯୋଗୀ ଜାଗା କ୍ରୟକରି ଗୃହ ନିର୍ମାଣ କରନ୍ତୁ। • ସମସ୍ତ ନୂତନ ଉନ୍ନୟନ ଅଞ୍ଚଳର ଡେଭେଲପର/ବାସଗୃହ ଉପଯୁକ୍ତ ପ୍ଲଟ ବିକ୍ରେତା ନିଜ ନିଜର ବିକ୍ରି ଉପଯୋଗ୍ୟ ଜାଗା ସ୍ୱତନ୍ତ୍ର ଉନ୍ନୟନ ଅଧିକାରୀ, ପୁରୁଷୋତ୍ତମପୁରଙ୍କଠାରୁ ସମ୍ପୃକ୍ତ ଅଞ୍ଚଳ ଅନୁମୋଦନ ପରେ ହିଁ ପ୍ଲଟ ବିକ୍ରୟ କରନ୍ତୁ। • ସହରରୁ ନିର୍ଗତ ହେଉଥିବା ଅଳିଆ ଆବର୍ଜନାକୁ ଓଦା ଓ ଶୁଖିଲା ପୃଥକୀକରଣ ପାଇଁ ନୀଳ ଓ ସବୁଜ ନୀଳ ରଙ୍ଗର ଦୁଇଟି ଡଷ୍ଟବିନ ବ୍ୟବହାର କରି ପରିଷଦର ଅଳିଆ ସଂଗ୍ରହକାରୀ ଗାଡ଼ିରେ ପ୍ରଦାନ କରନ୍ତୁ। • ଗୃହପାଳିତ ପଶୁ ଗାଈ, ଗୋରୁ, ମଇଁଷି ଇତ୍ୟାଦି ସର୍ବସାଧାରଣ ରାସ୍ତାକୁ ଛାଡ଼ନ୍ତୁ ନାହିଁ। • ସର୍ବଦା ପାଇଖାନା ବ୍ୟବହାର କରନ୍ତୁ ଓ ପାଇଖାନା ସଫା ପାଇଁ ପରିଷଦର ପାଇଖାନା ସଫେଇ ଯାନ ଦ୍ୱାରା ପାଇଖାନା ମଳ ସଫା କରନ୍ତୁ। • ସହରରେ ଏକ ସୁନ୍ଦର ସବୁଜ ବଳୟ ସୃଷ୍ଟି କରିବାକୁ ଲଗାଯାଇଥିବା ବିଭିନ୍ନ ପ୍ରକାର ଗଛ ଚାରାର ଯତ୍ନବାନରେ ସବୁଜ ସୁନ୍ଦର ପୁରୁଷୋତ୍ତମପୁର ଗଠନରେ ସହଯୋଗ କରନ୍ତୁ। • ପରିଷଦର ସମସ୍ତ ସ୍ଥାବର, ଅସ୍ଥାବର ସମ୍ପତ୍ତି ଆପଣମାନଙ୍କ ସେବାରେ, ଏଣୁ ଏହାର ସୁରକ୍ଷା ଓ ଉନ୍ନତିରେ ସହଯୋଗ ପ୍ରଦାନ କରନ୍ତୁ।


ଶ୍ରୀ ଗୋବିନ୍ଦ ଡନସେନା, ଓ.ପ୍ର.ସେ.-୧ (ଜେ.ବି), କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ପୁରୁଷୋତ୍ତମପୁର


ଶ୍ରୀ କୃଷ୍ଣଚନ୍ଦ୍ର ପଣ୍ଡା, ଉପାଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ, ପୁରୁଷୋତ୍ତମପୁର


ଶ୍ରୀମତୀ ପ୍ରିୟଙ୍କା ଗୌଡ଼, ଅଧ୍ୟକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ, ପୁରୁଷୋତ୍ତମପୁର

ଏବଂ ପରିଷଦର ସମସ୍ତ ସଭ୍ୟ/ସଭ୍ୟା ବୃନ୍ଦ

## ସଂକ୍ଷେପରେ

### ନୂଆଖାଇ ପାଳନ ନେଇ ଗଙ୍ଗାଦି ମନ୍ଦିର ଝାଙ୍କରଙ୍କ ନିମନ୍ତ୍ରଣ

**ଖଡ଼ିଆଳ,୩୦।୮ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ପୁରପଲ୍ଲୀରେ ନୂଆଖାଇ ପର୍ବ ପାଳନ ନେଇ ଗଙ୍ଗାଦି ମନ୍ଦିର ଝାଙ୍କର ଘର ଘର ବୁଲି ନିମନ୍ତ୍ରଣ କରିଛନ୍ତି। ଆସନ୍ତା ଭାଦ୍ରବ ମାସ ଶ୍ରୀପଞ୍ଚମୀ ଦିନ ନୂଆଖାଇ ପାଳନ ହେବାକୁ ଥିବାବେଳେ ନୂତନ ଶସ୍ୟ ଧାନ ଖେଡକୁ ଘର ସମ୍ମୁଖରେ ବାନ୍ଧି ନୂତନ ଶସ୍ୟ ଉତ୍ପାଦିତ ହେବାର ସୂଚନା ଦେଇଥାନ୍ତି। ସେହିପରି ଗ୍ରାମାଞ୍ଚଳରେ ମଧ ଝାଙ୍କରମାନେ ଘର ଘର ବୁଲି ଧାନ ଖେଡ ବାହାରିଥିବା ସୂଚିତ କରିଥାନ୍ତି। ସହରାଞ୍ଚଳରେ ମଧ ଏହି ପରମ୍ପରା ପ୍ରଚଳିତ। ଖଡିଆଳ ସହର ଗଙ୍ଗାଦି ମନ୍ଦିର ଝାଙ୍କର ଗୁଣ ରାଉତ ନୂତନ ଶସ୍ୟ ଖେଡ଼ ନେଇ ଘର ଘର ବୁଲି ସୂଚିତ କରୁଛନ୍ତି।

### ଉଚ୍ଚ ମାଧମିକ ବିଦ୍ୟାଳୟରେ ଆମର ଭେଟଘାଟ କାର୍ଯ୍ୟକ୍ରମ

**ବେହେରା,୩୦।୮ (ଭୂପେଶ ତିୱାରୀ):** କଳାହାଣ୍ଡି ଜିଲା ଧର୍ମଗଡ଼ ବେହେରାସ୍ଥିତ ଭାରତୀୟ ବିଦ୍ୟାନିକେତନ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ପାଇଁ ଆମର୍ ଭେଟଘାଟ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ କିଶୋର ଚନ୍ଦ୍ର ଶତପଥୀଙ୍କ ସଭାପତିତ୍ୱରେ ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟାପକ ମାନସ ରଞ୍ଜନ ପଣ୍ଡା ମୁଖ୍ୟ ଅତିଥି ଓ ସ୍ଥାନୀୟ ଲକ୍ଷ୍ମୀରାମ ଅଗ୍ରୱାଲ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ଅକ୍ଷୟ କୁମାର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜୀବନରେ ଶିକ୍ଷାର ମହତ୍ତ୍ୱ ବୁଝାଇଥିଲେ। ଅନ୍ୟତମ ଅତିଥି ଭାବରେ ଶିକ୍ଷାବିତ୍ ଭକ୍ତଚରଣ ଭୋଇ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ଅଧକ୍ଷ ସୁରେନ୍ଦ୍ର ନାୟକ ମଞ୍ଚ ପରିଚାଳନା, ଭାଗ୍ୟବାନ ଦାସ ଅତିଥି ପରିଚୟ ଓ ଭୁଜବଳ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଦେବରାଜ ସତନାମୀ, ପୁରୁଷମ ବଣିଆ, ଦେବେନ୍ଦ୍ର ରଣା, ଶାନ୍ତନୁ ବାଗ, ରିଙ୍କୁ ଖମାରୀ, ସୁମନ ସିନ୍ଦୂର ପ୍ରମୁଖ ସହଯୋଗ କରିଥିଲେ।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

**ବେହେରା,୩୦।୮ (ଭୂପେଶ ତିୱାରୀ):** ଧର୍ମଗଡ ବ୍ଲକ ତମ୍ଭାଛଡା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଭାଗୀରଥି



ପଟ୍ଟଯୋଶୀ (୫୪)ଙ୍କ ଶୁକ୍ରବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଭାଗୀରଥି ବିଜୁ ବିକାଶ ବାହିନୀ ନାମକ ଏକ ସାମାଜିକ ସଙ୍ଗଠନ ଗଠନ କରି ସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ। ସେ ସରପଞ୍ଚ ଥିବା ସମୟରେ ତମ୍ଭାଛଡା ଅଞ୍ଚଳରେ ବହୁ ଉନ୍ନତିମୂଳକ କାର୍ଯ୍ୟ ହୋଇଥିଲା। ତାଙ୍କ ଉଦ୍ୟମରେ ତମ୍ଭାଛଡା ନିକଟ ତେଲ ନଦୀ ଉପରେ ସେତୁ ନିର୍ମାଣ ହୋଇଥିଲା। ତାଙ୍କ ଅକାଳ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ଗୋଟିଏ ପୁଅ ଓ ଝିଅ ଅଛନ୍ତି। ଶନିବାର ତମ୍ଭାଛଡାଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯିବ। ଜୁନାଗଡ ବିଧାୟକ ଦିବ୍ୟ ଶଙ୍କର ମିଶ୍ର, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଭକ୍ତ ଚରଣ ଦାସ, ଜଗନ୍ନାଥ ସେବା ସମିତି ଅଧକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲ, ଖବରଦାତା ସଂଘର ବିରଞ୍ଚି ନାରାୟଣ ଜାଲ, ବୈଦ୍ୟନାଥ ବେହେରା, ଅଂଶୁମାନ ପାତ୍ର ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

### ବିପଦସଙ୍କୁଳ ଅବସ୍ଥାରେ ପ୍ରାଚୀନ କୋଠା



**ଖଡ଼ିଆଳ,୩୦।୮ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ସହରରେ ଏକ ପ୍ରାଚୀନ କୋଠା ବିପଦସଙ୍କୁଳ ଅବସ୍ଥାରେ ରହିଛି। କୋଠାର ଉପର ମହଲାରେ ଫାଟ ସୃଷ୍ଟି ହୋଇଥିବା ଶୁକ୍ରବାର ଅଞ୍ଚଳବାସୀ ଦେଖି ଆବଶ୍ୟକ ପଦକ୍ଷେପ ନେବା ପାଇଁ ମାଲିକଙ୍କୁ ଯୋଗାଯୋଗ କରିଥିଲେ। ଘରୋଇ କୋଠାକୁ ନଷ୍ଟକରିବା ସହ ସୁରକ୍ଷା ବ୍ୟବସ୍ଥା ପାଇଁ ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବା ଜରୁରୀ ହୋଇପଡିଛି। ବିଜ୍ଞାପିତ ଅଞ୍ଚଳ ପରିଷଦ ଏଥିପ୍ରତି ଦୃଷ୍ଟିଦେବାକୁ ସହରବାସୀ ଦାବି କରିଛନ୍ତି।

# ଧର୍ମଗଡ଼କୁ ରେଳ ଲାଇନ ସଂଯୋଗ ଆଶା ଉଜ୍ଜୀବିତ

**ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କଲେ ୨ ଏମ୍‌ପି, ବିଧାୟକ**

**ଭବାନୀପାଟଣା,୩୦।୮ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାର ଧର୍ମଗଡକୁ ରେଳ ଲାଇନ ସଂଯୋଗୀକରଣ ଆଶା ଉଜ୍ଜୀବିତ ହୋଇଛି। ବହୁ ପ୍ରତୀକ୍ଷିତ ଜୁନାଗଡ-ନବରଙ୍ଗପୁର ରେଳ ଲାଇନ ମଧ୍ୟରେ ଧର୍ମଗଡ ନିକଟରେ ଧର୍ମଗଡ ରୋଡ ଷ୍ଟେଶନ ନିର୍ମାଣ ହେବ ବୋଲି ଜଣାପଡିଛି। ଧର୍ମଗଡଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି ଏହି ସୂଚନା ଦେଇଛନ୍ତି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଚଳିତ ମାସରେ କେନ୍ଦ୍ର କ୍ୟାବିନେଟରେ ଜୁନାଗଡ ନବରଙ୍ଗପୁର ଦୀର୍ଘ ୧୧୬ କି.ମି. ରେଳ ଲାଇନ ପ୍ରକଳ୍ପ ମଞ୍ଜୁର ହୋଇଛି। ତେବେ ଏଥିରେ ଧର୍ମଗଡକୁ ରେଳ ସଂଯୋଗୀକରଣ ପାଇଁ କୌଣସି ପ୍ରାବଧାନ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଏହାକୁ ନେଇ ଲୋକେ ରାଜ ରାସ୍ତାକୁ ଓହ୍ଲାଇଥିଲେ। ଏପରି କି ରେଳ ମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ତେବେ ଅଞ୍ଚଳବାସୀଙ୍କ ଆବେଗକୁ ନେଇ କଳାହାଣ୍ଡି ଏମ୍‌ପି ମାଳବିକା କେଶରୀ ଦେଓ, ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଷୀ ଓ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ରେଳ ମନ୍ତ୍ରୀଙ୍କୁ ବ୍ୟକ୍ତିଗତ ଭାବେ ଅନୁରୋଧ କରିଥିଲେ। ଏହାକୁ ବିଚାରକୁ ନେଇ ଏହି ପ୍ରକଳ୍ପ ମଧ୍ୟରେ ଧର୍ମଗଡ ରେଳଷ୍ଟେଶନ ନାମରେ ଏକ ରେଳଷ୍ଟେଶନ ନିର୍ମାଣ ହେବ ବୋଲି ଗ୍ରିନ ସିଗ୍‌ନାଲ ମିଳିଥିବା ସୂଚନା ଦେଇଛନ୍ତି ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି। ଧର୍ମଗଡ ସହର ଉପଖଣ୍ଡ ସଦର ମହକୁମା ହୋଇଥିବା ବେଳେ ଏହା ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ। ସହରଠାରୁ ଅନତି ଦୂରରେ ରହିଛି ପଡୋଶୀ ରାଜ୍ୟ ଛତିଶଗଡ ସୀମା। ଧର୍ମଗଡକୁ ରେଳ ଲାଇନ ସଂଯୋଗ ନେଇ ଧର୍ମଗଡ ସିଟିଜେନ ଫୋରମ ପକ୍ଷରୁ ବିଷ୍ଣୁ ଅଗ୍ରୱାଲ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ରେଳ ବିଭାଗ ପାଖରେ ଏକ ଗ୍ରିଭାନ୍ସ ପିଟିସନ ମଧ ଦାଖଲ କରିଥିଲେ। ତେବେ ବର୍ତ୍ତମାନ ରାଜ୍ୟ ରେଳ ବିଭାଗ ପକ୍ଷରୁ ଧର୍ମଗଡ ରେଳ ଷ୍ଟେଶନ ନାମରେ ଏକ ରେଳ ଷ୍ଟେଶନ ନିର୍ମାଣ ହେବ ବୋଲି ଏକ ଲିଖିତ ପତ୍ର ମଧ ହସ୍ତଗତ ହୋଇଛି। ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଆଶ୍ୱସ୍ତି ପ୍ରକାଶ ପାଇଛି।

## ସାମାଜିକ ଗଣମାଧ୍ୟମରେ ଖବରଦାତାଙ୍କୁ ଅଶାଳୀନ ମନ୍ତବ୍ୟ, ଥାନାରେ ଏତଲା



ଥାନା ଏସ୍‌ଆଇଙ୍କୁ ଅଭିଯୋଗପତ୍ର ଦେଉଛନ୍ତି ଖବରଦାତା।

**ଲାଞ୍ଜିଗଡ଼, ୩୦।୮ (ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ୍ ଅଞ୍ଚଳରେ କାର୍ଯ୍ୟରତ ଖବରଦାତାଙ୍କ ବିରୋଧରେ ସାମାଜିକ ଗଣମାଧ୍ୟମ ଫେସ୍‌ବୁକ୍‌ରେ ଅଶାଳୀନ ମନ୍ତବ୍ୟ ଦେଇଥିବା ଜଣେ ବ୍ୟକ୍ତିଙ୍କ ନାମରେ ଥାନାରେ ଏତଲା ହୋଇଛି। ସୂଚନାଯୋଗ୍ୟ, ଲାଞ୍ଜିଗଡ ବ୍ଲକ୍ ଅଞ୍ଚଳରେ କାର୍ଯ୍ୟରତ ଖବରଦାତାମାନେ ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ନିଜ ଦାୟିତ୍ୱ ନିର୍ବାହ କରିଆସୁଛନ୍ତି। ଏପରିସ୍ଥଳେ ସେମାନଙ୍କ ଉଦ୍ଦେଶ୍ୟରେ ବିଶ୍ୱନାଥପୁର ଅଞ୍ଚଳର ଜଣେ ବ୍ୟକ୍ତି ଫେସ୍‌ବୁକ୍‌ରେ ଅତ୍ୟନ୍ତ ଅରୁଚିକର ମନ୍ତବ୍ୟ ଦେଇଛନ୍ତି। ଏହାକୁ ନେଇ ପ୍ରେସ କ୍ଲବ୍‌ର ସଦସ୍ୟମାନେ ଗଭୀର କ୍ଷୋଭ ପ୍ରକାଶ କରିବା ସହ ଲାଞ୍ଜିଗଡ ଥାନାରେ ଏତଲା ଦେଇଛନ୍ତି। ଥାନାଧିକାରୀଙ୍କ ଅନୁପସ୍ଥିତିରେ ଏସ୍‌ଆଇ ଲିଙ୍ଗରାଜ ସେଠୀ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ପ୍ରେସ୍ କ୍ଲବ୍‌ର ଉପଦେଷ୍ଟା କୈଳାସ ସାହୁ, ହିମାଦ୍ରୀ ପେସନିଆ, ସଭାପତି ସୁଶୀଲ କୁମାର ବାଗ, ଉପସଭାପତି କ୍ଷମାନିଧି ମହାଖୁଡ଼, ସାଧାରଣ ସମ୍ପାଦକ ଏମ. ଚନ୍ଦ୍ରଶେଖର, କୋଷାଧ୍ୟକ୍ଷ ପରେଶ କୁମାର ନାୟକ, ସଦସ୍ୟ ରମେଶ ଚନ୍ଦ୍ର ନାୟକ, ଧର୍ମେନ୍ଦ୍ର ପଣ୍ଡା, ପ୍ରଭୁରଞ୍ଜନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ଭବାନୀପାଟଣାରେ ଜାତୀୟ କ୍ରୀଡ଼ା ଦିବସ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିଗଣ।

**ଭବାନୀପାଟଣା,୩୦।୮ (ଉତ୍ତମ କୁମାର ଦାଶ)**

ଭବାନୀପାଟଣାସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିଅମଠାରେ ଶୁକ୍ରବାର କଳାହାଣ୍ଡି ବ୍ୟାଡ୍‌ମିଣ୍ଟନ ସଂଘ ତରଫରୁ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ପ୍ରଦୀପ କୁମାର ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାଜପା ନେତା ବ୍ୟାଡ୍‌ମିଣ୍ଟନ ସଂଘ ସଦସ୍ୟ ମହାରାଜା ଅନନ୍ତ ପ୍ରତାପ ଦେଓ ଯୋଗଦେଇଥିଲେ। ସମ୍ପାଦକ ସନ୍ଦୀପ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭାପତି ଦାସ ତାଙ୍କର ଅଭିଭାଷଣରେ ହକି ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କ ସମେତ ଦେଶ, ରାଜ୍ୟ ଓ ଜିଲା ପାଇଁ ଗୌରବ ଆଣିଥିବା ଖେଳାଳିମାନଙ୍କୁ ମଧ ସ୍ମରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ବରିଷ୍ଠ ଉପସଭାପତି ଅରୁଣ ରଥ, ରାଜ୍ୟ ସିଓସି ଅଧକ୍ଷ ମନୋରଞ୍ଜନ ଦାସ, କୋଷାଧ୍ୟକ୍ଷ ସରୋଜ ମହାରଣା, ଯୁଗ୍ମ ସମ୍ପାଦକ ଦୀପକ କୁମାର ସାଗର, ଜାତୀୟ ଖେଳାଳି ମହେଶ କୁକରେଜା, ଜିତେନ୍ଦ୍ର ମିଶ୍ର, ପ୍ରଶିକ୍ଷକ ନରେଶ ସୁନାନୀ, ସାଇ ସିଂ ସାମନ୍ତ, ଅରୁଣ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକ୍‌ସ୍ତରୀୟ କୃଷକ ମେଳା

**କର୍ଲାମୁଣ୍ଡା,୩୦।୮ (ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ଆତ୍ମା କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ବ୍ଲକ୍‌ସ୍ତରୀୟ କୃଷକ ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଅଧକ୍ଷା କୁନି ସାହୁ ମୁଖ୍ୟ ଅତିଥି ଓ କର୍ଲାମୁଣ୍ଡା ବିଡ଼ିଓ ମଣ୍ଟୁ ଖମାରୀ, ବ୍ଲକ ଉପାଧକ୍ଷ ସୁରେନ୍ଦ୍ର ଭୋଇ,ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, ବ୍ଲକ କୃଷି ଅଧିକାରୀ ଜିତେନ୍ଦ୍ର କୁମାର ସିଂ, ସିଡିପିଓ କଳ୍ପ ଲତା ତ୍ରିପାଠୀ, ମିଶନ ଶକ୍ତି ବିପିସି ବିପିନ ବାରିକ, ଅତିରିକ୍ତ ଉଦ୍ୟାନ ବିଭାଗ ଅଧିକାରୀ ରିଙ୍କୁ ପ୍ରଧାନ, ସହକାରୀ କୃଷି ଅଧିକାରୀ କୁମାର ଚିରଞ୍ଜୀବୀ, ଆତ୍ମା କମିଟି ଅଧକ୍ଷ ଗୌର କିଶୋର ରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଭିନ୍ନ ବିଭାଗ ପକ୍ଷରୁ କୃଷକ, ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ଥିବା ସୁବିଧା ସୁଯୋଗ ତଥା ସୁଭଦ୍ରା ଯୋଜନା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଥିଲା। ଶ୍ରୀ ଅନ୍ନ ଅଭିଯାନର ବ୍ଲକ୍ ଅତିରିକ୍ତ କାର୍ଯ୍ୟକ୍ରମ ସଂଯୋଜକ ପ୍ରଦୀପ କୁମାର ସାହୁ ସଂଯୋଜନା କରିଥିଲେ। ଶ୍ୟାମପଦ ଭଞ୍ଜ, ମିଳନ କୁମାର ଗୋଛାୟତ, ଓମ୍ ପ୍ରକାଶ ମିଶ୍ର, ଗ୍ରାମ୍ୟ କୃଷି କର୍ମୀ ଲୋକ ନାଥ ନାଗ, ସୁରଜ ଶେଖର ସାହୁ, ସନ୍ତୋଷିନୀ ବରାହ ସହଯୋଗ କରିଥିଲେ। ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ ଦେଲେ ଆଦିବାସୀ ସଂଘ କର୍ମକର୍ତ୍ତା



ମୁଖ୍ୟମନ୍ତ୍ରୀଙ୍କୁ ଆଦିବାସୀ ସଂଘ ନିମନ୍ତ୍ରଣ ପତ୍ର ପ୍ରଦାନ କରୁଛି।

**କୋକସରା,୩୦।୮ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)**

କଳାହାଣ୍ଡି ଜିଲା ଆଦିବାସୀ ସଂଘ ପକ୍ଷରୁ ରେଣ୍ଡୋ ମାଝିଙ୍କ ୧୬୯ ତମ ଶହୀଦ ଦିବସ ପାଳନ ଓ ଜିଲାରେ ନିର୍ମାଣାଧୀନ ଆଦିବାସୀ ଭବନର ଶୁଭ ଉଦଘାଟନ କରିବା ପାଇଁ ଜିଲା ଆଦିବାସୀ ସଂଘର ଏକ ପ୍ରତିନିଧି ଦଳ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଷୀ ଓ ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ ନାଏକଙ୍କ ସହଯୋଗରେ ଶୁକ୍ରବାର ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି। ଶହୀଦ ରେଣ୍ଡୋ ମାଝିଙ୍କ ବଳିଦାନ ଦିବସ ଓ ଆଦିବାସୀ ଭବନ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବାକୁ ଅନୁରୋଧ କରି ନିମନ୍ତ୍ରଣ ପତ୍ର ପ୍ରଦାନ କରିଛନ୍ତି। ଏହି ସମୟରେ ଜିଲା ଆଦିବାସୀ ସଂଘ ସଭାପତି ପ୍ରକାଶ ଚନ୍ଦ୍ର ମାଝି, ଜୁନାଗଡ ବ୍ଲକରୁ ହୃଦାନନ୍ଦ ମାଝି, କୋକସରା ବ୍ଲକ ଆଦିବାସୀ ସଂଘ ସାଧାରଣ ସମ୍ପାଦକ ତ୍ରିନାଥ ଶବର, ମଧୁବନ ପାତ୍ର, ରତନ ମାଝି ଉପସ୍ଥିତ ଥିଲେ।

## ୨ ପଞ୍ଚାୟତରେ ସଚେତନତା ପରାମର୍ଶ ଶିବିର

**କୋକସରା,୩୦।୮ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକର ରେଙ୍ଗାଲପାଲି, କାଶିବାହାଲ ଗ୍ରାମ ପଞ୍ଚାୟତ ସଭାଗୃହରେ ସ୍ୱେଚ୍ଛାସେବୀ ସଂଗଠନ କଳିଙ୍ଗ କୁସୁମ ଓ ଏସ୍‌ବିଆଇ ଫାଉଣ୍ଡେଶନ ପକ୍ଷରୁ ସଚେତନତା ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କୁ ଡିଜିଟାଲ, ଆଇନଗତ, ଆର୍ଥିକ ଶିକ୍ଷା ଉପରେ ସଚେତନ କରାଯାଇଥିଲା। କୋକସରା ବ୍ଲକ ଅଧକ୍ଷା ଗିତା ଅଗ୍ରୱାଲ ମୁଖ୍ୟ ଅତିଥି, ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ ମୁଖ୍ୟ ବକ୍ତା ଓ ସମିତି ସଭ୍ୟ ଗଜାନନ ନିଆଲ, ସରପଞ୍ଚ ପୁଷ୍ପାଞ୍ଜଳି ନାଏକ, ପିଇଓ ବିରଞ୍ଚି ଖର୍ସେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହିଳାଙ୍କୁ ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ ଦେଇଥିଲେ।

## ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ

**ଭବାନୀପାଟଣା, ୩୦।୮ (ଉତ୍ତମ କୁମାର ଦାଶ):** ଭବାନୀପାଟଣା ବ୍ରଜମୋହନ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଆୟୋଜିତ ହୋଇଯାଇଛି। ଏଥିରେ ଗଣିତ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଆଧାରିତ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ସର୍ବକନିଷ୍ଠ, କନିଷ୍ଠ ଓ ବରିଷ୍ଠ ବିଭାଗରେ ବିଭିନ୍ନ ବିଦ୍ୟାଳୟରୁ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ପରେ ସମସ୍ତ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଭବାନୀପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଚାରୀ ଶବରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର ମୁଖ୍ୟ ଅତିଥି, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ ମୁଖ୍ୟବକ୍ତା ଓ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ଶେଖର ପାଢ଼ୀ, ବ୍ରଜମୋହନ ହାଇସ୍କୁଲ ପ୍ରଧାନଶିକ୍ଷକ ଷଷ୍ଠୀ ଝାଙ୍କର, ଭବାନୀପାଟଣା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟ କୁମାର ମାଝି ସମ୍ମାନିତ ଅତିଥି ଥିଲେ। ଦେପୁର ସିଆର୍‌ସିସି ଡିଲେଶ୍ୱର ରଣା ମଞ୍ଚ ପରିଚାଳନା କରିଥିଲେ।

## ଶ୍ରମ ବିଭାଗ, ଶିଶୁ ସୁରକ୍ଷା ୟୁନିଟ୍‌ର ଚଢ଼ାଉ

**ଲାଞ୍ଜିଗଡ଼,୩୦।୮ (ରମେଶ ଚନ୍ଦ୍ର ନାୟକ)**





ଏକ ଦୋକାନରେ ଅଧିକାରୀମାନେ ଚଢ଼ାଉ କରୁଛନ୍ତି।

ଶିଶୁ ଶ୍ରମିକ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ୍‌ର ଲାଞ୍ଜିଗଡ଼ ଓ ବିଶ୍ୱନାଥପୁରଠାରେ ଶୁକ୍ରବାର ଶ୍ରମ ବିଭାଗ ଓ ଶିଶୁ ସୁରକ୍ଷା ୟୁନିଟ୍‌ର ମିଳିତ ଚଢ଼ାଉ କରାଯାଇଥିଲା। ସହରର ବିଭିନ୍ନ ଦୋକାନ, ହୋଟେଲ ଓ ନିର୍ମାଣସ୍ଥଳୀରେ ଚଢାଉ କରାଯାଇଥିଲା। ଜଗନ୍ନାଥପୁରଠାରେ ଏକ ନିର୍ମାଣସ୍ଥଳରେ ଜଣେ ଶିଶୁ ଶ୍ରମିକକୁ ଉଦ୍ଧାର କରାଯାଇଛି। ଅତିରିକ୍ତ ଶ୍ରମ ଅଧିକାରୀ ଜିତମ କୁମାର ମାଝୀଙ୍କ ନେତୃତ୍ୱରେ ଏକ ଟିମ୍ ବେଦାନ୍ତ କାରଖାନା ମୁଖ୍ୟ ଗେଟ୍‌ଠାରୁ ବଳଭଦ୍ରପୁର ପର୍ଯ୍ୟନ୍ତ ଯାଞ୍ଚ କରିଥିଲା। ପରେ ଅଧିକାରୀ ଓ କର୍ମଚାରୀମାନେ ଲାଞ୍ଜିଗଡ ସହରର ବିଭିନ୍ନ ହୋଟେଲ ଓ ଦୋକାନକୁ ଯାଇ ଶିଶୁ ଶ୍ରମିକ ଉଚ୍ଛେଦକୁ ନେଇ ସଚେତନ କରିଥିଲେ। ୧୪ବର୍ଷରୁ କମ୍ ବୟସର ଶିଶୁଙ୍କୁ କାମରେ ନିୟୋଜିତ ନ କରିବା, ଏପରି କାମ କରାଉଥିବା ବ୍ୟକ୍ତିଙ୍କୁ ଦୁଇରୁ ତିନିବର୍ଷ କାରାଦଣ୍ଡ ବ୍ୟବସ୍ଥା ଅଛି ବୋଲି ସୂଚିତ କରାଇଥିଲେ। ଚଢ଼ାଉରେ ଶିଶୁ ସୁରକ୍ଷା ୟୁନିଟ୍‌ର ସୁଧାଂଶୁ ଶେଖର ମହାପାତ୍ର, ସନାତନ ମାଝି, ଚାଇଲ୍ଡ ହେଲ୍ପ ଲାଇନ ସୁପରଭାଇଜର ଯୋଗେଶ ନାଏକ, ଜିଲା ସଂଯୋଯୋକ ବିପ୍ଳବ ପ୍ରଧାନ ପ୍ରମୁଖ ସାମିଲ ଥିବାବେଳେ ଲାଞ୍ଜିଗଡ଼ ପୋଲିସ ସହଯୋଗ କରିଥିଲା।

## ଭାଜପା ମଣ୍ଡଳସ୍ତରୀୟ ସଦସ୍ୟତା ଅଭିଯାନ



**ଜୟପାଟଣା,୩୦।୮ (ଓମ୍ ପ୍ରକାଶ ବୈଠାରୁ)**

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକର ବିଭିନ୍ନ ସ୍ଥାନରେ ଭାଜପାର ମଣ୍ଡଳସ୍ତରୀୟ ସଦସ୍ୟତା ଅଭିଯାନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନ ବୈଠକଟି ବ୍ଲକର ପାଇକକେନ୍ଦୁମୁଣ୍ଡି, ବାନେର ଶିବ ମନ୍ଦିର ପ୍ରାଙ୍ଗଣ ଓ ସର୍ଗିଗୁଡ଼ା ମଣ୍ଡିଠାରେ ଅନୁଷ୍ଠିତ ହୋଇଥିଲା। ଭାଜପାର ଟୋଲ ଫ୍ରି ନମ୍ବରରେ ମିସକଲ କରି ସଦସ୍ୟତା ଗ୍ରହଣ କରିବେ, ପ୍ରତି ବୁଥ୍‌ରୁ ଅତିକମରେ ୧୦୦ରୁ ଅଧିକ ସଦସ୍ୟ ହେବା ନେଇ ଆଲୋଚନା ହୋଇଥିଲା। ବୈଠକରେ ପୂର୍ବତନ ଜିଲା ସଭାପତି ଶେଷଦେବ ବେହେରା, ବରିଷ୍ଠ ନେତା ଫକିର ଚରଣ ଦାସ, ପୂର୍ବତନ ମଣ୍ଡଳ ସଭାପତି ନିରଞ୍ଜନ ଛତ୍ରିଆ, ପୂର୍ବତନ କମିଶନର ଗଙ୍ଗାଧର ମାଝି, ରାଜ୍ୟ ଆଦିବାସୀ ମୋର୍ଚ୍ଚା ଉପସଭାପତି ବିଜୟ ଦିସାରି, ଜିଲା ସମ୍ପାଦିକା ମମତା ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଜିଲା କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ମନୋଜ ପାତ୍ର ଧନ୍ୟବାଦ ଦେଇଥିଲେ।

## ଦୁର୍ଗମ ଅଞ୍ଚଳରେ ଝାଡ଼ାବାନ୍ତି ପ୍ରକୋପ

**ଥୁଆମୂଳ ରାମପୁର,୩୦।୮ (ଦୁର୍ଗା କୀର୍ତ୍ତି)**



କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ୍‌ର ଦୁର୍ଗମ ଅଞ୍ଚଳ ଭାବେ ଜଣାଶୁଣା କାଣିଗୁମା ଗ୍ରାମପଞ୍ଚାୟତ ଅଧୀନ ନେହେଲା ଗାଁରେ କିଛିଦିନ ହେଲା ଝାଡ଼ାବାନ୍ତିର ପ୍ରକୋପ ଦେଖାଦେଇଛି। ଏହି ରୋଗରେ ବୁଧବାର ଗ୍ରାମର ଗୁରୁବାରୀ ପରାଭୋଇ (୪୫)ଙ୍କ ମୃତ୍ୟୁ ଘଟିଥିବା ଗ୍ରାମବାସୀଙ୍କଠାରୁ ସୂଚନା ମିଳିଛି। ବର୍ତ୍ତମାନ ଗ୍ରାମର ମୁକ୍ତା ପରାଭୋଇ (୬୫), ହାରମଣି ନାଏକ (୪୫), କହନ୍ତି ଗୌଡ଼ (୪୦) ଓ ବୁଧବାରୀ ମାଝି (୭୦) ଏଥିରେ ଆକ୍ରାନ୍ତ ଅଛନ୍ତି। କାଣିଗୁମା ସରପଞ୍ଚ ଧ୍ରୁବ ଚରଣ ମାଝି ଏ ନେଇ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଜଣାଇବା ପରେ ଗୁରୁବାର ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତରୀ ଦଳ ନେହେଲା ଗ୍ରାମରେ ପହଞ୍ଚି ପୀଡିତଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିଥିଲେ। ପରେ ଅଧିକ ଚିକିତ୍ସା ପାଇଁ ୪ଜଣଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଅନ୍ୟପଟେ ଛତୁ ଖାଇ ଗୁରୁବାରୀଙ୍କ ମୃତ୍ୟୁ ଘଟିଥିବା ଡାକ୍ତର ନୀତୀଶ ଝା ପ୍ରକାଶ କରିବା ପରେ ଗ୍ରାମବାସୀ ଆଶଙ୍କାରେ ରହିଛନ୍ତି। ନେହେଲା ଗ୍ରାମରେ ପ୍ରାୟ ୫ଶହ ଆଦିବାସୀ ଶ୍ରେଣୀର ଲୋକେ ବସବାସ କରୁଛନ୍ତି। ଦୁଇଗୋଟି ନଳକୂପ ଥିଲେ ମଧ ଲୌହଯୁକ୍ତ ପାଣି ବାହାରୁଛି। ତେଣୁ ଲୋକେ ନାଳ ଆଦିରୁ ପାଣି ସଂଗ୍ରହକରି ବ୍ୟବହାର କରୁଛନ୍ତି। ଏଥିଯୋଗୁ ଝାଡାବାନ୍ତି ବ୍ୟାପୁଥିବା ଅନୁମାନ କରାଯାଉଛି। ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଏହାକୁ ଗୁରୁତର ସହ ନେଇ ପ୍ରତିକାର କରିବା ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

# ବେଆଇନ ମଦ କୋଠି ବନ୍ଦ ଦାବି ତେଜିଲା

**ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କଲେ ଗ୍ରାମବାସୀ**

**ନୂଆପଡ଼ା,୩୦।୮ (ମକାରୁ ବେମାଲ)**



ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦେଇଛନ୍ତି ଗ୍ରାମବାସୀ।

ନୂଆପଡ଼ା ଜିଲା କୋମନା ଥାନା ଦେଓଦରା ପଞ୍ଚାୟତ ମାଲଭଟା ଗାଁରେ ଦେଶୀ ଓ ବିଦେଶୀ ମଦ କାରବାରକୁ ବିରୋଧକରି ଶୁକ୍ରବାର ଶତାଧିକ ମହିଳାପୁରୁଷ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଜିଲାପାଳ ପ୍ରତିନିଧି ସବ୍ୟସାଚୀ ସାହୁ, ଉପଜିଲାପାଳ ଯୋଗେନ୍ଦ୍ର ମାଝି ଓ ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନ ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ ମଧ ସେମାନେ ଗିରଫ ପାଇଁ ଅଡିବସିଥିଲେ। ପରେ ଅବକାରୀ ବିଭାଗ କର୍ମଚାରୀ ବିଭିନ୍ନ ସ୍ଥାନରେ ଚଢାଉ କରି ବିପୁଳ ପରିମାଣରେ ଦେଶୀ ଓ ବିଦେଶୀ ମଦ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଗିରଫମାନେ ହେଲେ ଦେଓଦରା ଗାଁର ତ୍ରିନାଥ ପୁଞ୍ଜି, ମାଲଭଟା ଗାଁର ନୀଳ ଦୀପ, କୁଞ୍ଜଲପଡ଼ାର ଦିଗମ୍ବର କଟା ଓ ମଲ୍ଲିକମୁଣ୍ଡାର ହିରନ ପୁଞ୍ଜି। ଶନିବାର ଏମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ବିଭାଗ ସୂତ୍ରରୁ ପ୍ରକାଶ। ଦେଓଦରା ପଞ୍ଚାୟତ ଅଞ୍ଚଳରେ ଦିନକୁ ଦିନ ମଦ୍ୟପଙ୍କ ପ୍ରାଦୁର୍ଭାବ ବଢି ଚାଲିଛି। ଏଥିଯୋଗୁ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବା ସହ ପରିବାର ମଧ୍ୟରେ ଅଶାନ୍ତି ସୃଷ୍ଟି ହେଉଛି। ବିଦ୍ୟାଳୟ ସମ୍ମୁଖରେ ମଦ କୋଠି ଥିବାରୁ ସ୍କୁଲ ପିଲାଙ୍କ ଉପରେ ପ୍ରଭାବ ପଡୁଛି । ଏ ସଂକ୍ରାନ୍ତରେ ଗ୍ରାମବାସୀ ପୋଲିସକୁ ଲିଖିତ ଭାବରେ ଜଣାଇଥିଲେ ମଧ କୌଣସି ସୁଫଳ ମିଳି ନ ଥିଲା। ଶେଷରେ ଶ୍ରମିକ ନେତା ଭକ୍ତବନ୍ଧୁ ଧରୁଆ, ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ଭାନୁ ପ୍ରତାପ ସିଂ ମାଝି, ଗରିବ ସେନା ଆବାହକ ରବି ମଙ୍ଗରାଜଙ୍କ ନେତୃତ୍ୱରେ ଶତାଧିକ ମହିଳାପୁରୁଷ ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦେଇଥିଲେ। ଆଗାମୀ ଦିନରେ ପୁଣି ମଦ କୋଠି ଖୋଲାଗଲେ ବିଜୁ ଏକ୍ସପ୍ରେସ ୱେରେ ଧାରଣା ଦେବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

# ୨ ହାର୍ଡକୋର ମାଓବାଦୀଙ୍କ ଆତ୍ମସମର୍ପଣ

ବରଗଡ଼,୩୦।୮ (ପ୍ରେମାନନ୍ଦ ଖମାରୀ)


ଗନ୍ଧମାର୍ଦ୍ଦନ ଜଙ୍ଗଲରେ ଠାବ ହୋଇଥିବା ମାଓବାଦୀ କ୍ୟାମ୍ପରୁ ଜବତ ସାମଗ୍ରୀ।


ଉତ୍ତରାଞ୍ଚଳ ଆଇଜି ଏବଂ ବରଗଡ଼ ଏସ୍‌ପି ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରୁଛନ୍ତି।

ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ଏବଂ ଏସ୍‌ପି ପି.ଏସ୍ ମୀନାଙ୍କ ଉପସ୍ଥିତିରେ ଶୁକ୍ରବାର ବରଗଡ଼ ଜିଲା ପୋଲିସ ମୁଖ୍ୟାଳୟରେ ୨ ହାର୍ଡକୋର ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀ ହେଲେ ଛତିଶଗଡ଼ ରାଜ୍ୟ ବିଜାପୁର ଜିଲା ଗାଙ୍ଗଲୁର ଥାନା ପର୍ନଲ ଗ୍ରାମର ଅମିଲା ଓରଫ ପାରୋ ଓରଫ୍ ପୂଜା ତାତି(୩୫) ଏବଂ ଛତିଶଗଡ଼ ରାଜ୍ୟ ସୁକୁମା ଜିଲା ଜଗରଗୋଣ୍ଡା ଥାନା ତୋଲଡ ଗ୍ରାମର ରଘୁ ଓରଫ ସଇତୁ ପଦମ(୩୧)। ଉଭୟେ ସିପିଆଇ(ମାଓବାଦୀ)ର ବଲାଙ୍ଗୀର-ବରଗଡ଼-ମହାସମୁଦ (ବିବିଏମ) ଡିଭିଜନର ଅଟନ୍ତି । ଅମିଲା ଡିଭିଜନ କମିଟି ମେମ୍ବର(ଡିସିଏମ୍) ଏବଂ ରଘୁ ଏରିଆ କମିଟି ମେମ୍ବର(ଏସିଏମ୍) ପଦବୀରେ ଥିଲେ। ସେହିପରି ଅମିଲା ଉକ୍ତ ଡିଭିଜନର ବରଗଡ଼ ଜିଲା ଏବଂ ରଘୁ ବଲାଙ୍ଗୀର ଜିଲା ଲୋକାଲ ଅର୍ଗାନାଇଜିଂ ସ୍କ୍ୱାଡ୍ (ଏଲ୍‌ଓଏସ୍)ର ପ୍ଲାଟୁନ କମାଣ୍ଡର ଦାୟିତ୍ୱରେ ଥିଲେ ବୋଲି ଶୁକ୍ରବାର ବରଗଡ଼ ଜିଲା ପୋଲିସ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉତ୍ତରାଞ୍ଚଳ ଆଇଜି ଲାଲ୍ ସୂଚନା ଦେଇଛନ୍ତି। ଅନ୍ୟପଟେ ପୋଲିସ ଗନ୍ଧମାର୍ଦ୍ଦନ ସଂରକ୍ଷିତ ଜଙ୍ଗଲରେ କୋମ୍ବିଂ ଅପରେଶନ କରି ମାଓବାଦୀ କ୍ୟାମ୍ପ ଠାବ କରିଛି। ସେଠାରୁ ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ ହୋଇଛି। ସେଥିମଧ୍ୟରେ ଏକେ-୪୭ର ୧୫ ଅଫୁଟା ଗୁଳି, ୨ଟି ୯ଏମ୍‌ଏମ୍ ପିସ୍ତଲ, ୫ଟି ୯ଏମ୍‌ଏମ୍ ପିସ୍ତଲର ଗୁଳି, ଗୋଟିଏ ଇନସାସ୍ ମାଗାଜିନ, ମାଓବାଦୀ ପୁସ୍ତିକା, ୱାକିଟକି, କ୍ୟାମେରା, ମାଓବାଦୀ ପୋଷାକ, ଷ୍ଟିଲ ଟିଫିନ, ରେଡିଓ ସେଟ୍ ଆଦି ରହିଛି। ଆଇଜି ଲାଲ ଆହୁରି ସୂଚନା ଦେଇଥିଲେ, ଗତ ୨ମାସ ହେଲା ଗନ୍ଧମାର୍ଦ୍ଦନ ସଂରକ୍ଷିତ ଜଙ୍ଗଲରେ ପୋଲିସ, ଫୋର୍ସ ପକ୍ଷରୁ କୋମ୍ବିଂ ଅପରେଶନକୁ ଜୋରଦାର୍ କରାଯାଉଛି। ଅପରେଶନ ବେଳେ ଗୁଳି ବିନିମୟ ମଧ୍ୟ ହେଉଛି। ପୋଲିସ କୋମ୍ବିଂକୁ ଜୋରଦାର୍ କରିଥିବାବେଳେ ଅମିଲା ଏବଂ ରଘୁ ଆତ୍ମସମର୍ପଣ କରିଥିବା ସେ କହିଛନ୍ତି। ଆତ୍ମସମର୍ପଣ କରିଥିବା ୨ ମାଓବାଦୀଙ୍କୁ ପୋଲିସ ପକ୍ଷରୁ ଆଇଜି ଲାଲ୍ ଏବଂ ଏସ୍‌ପି ମୀନା ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ସେମାନଙ୍କୁ ସରକାରଙ୍କ ଆତ୍ମସମର୍ପଣ ଏବଂ ଥଇଥାନ ନୀତି ମୁତାବକ ଥଇଥାନ ବ୍ୟବସ୍ଥା କରାଯିବ ବୋଲି ଆଇଜି କହିଛନ୍ତି। ଅନୁରୂପ ଭାବେ ଅନ୍ୟ ମାଓବାଦୀମାନେ ମଧ୍ୟ ହିଂସା ପରିତ୍ୟାଗ କରି ସମାଜର ମୁଖ୍ୟସ୍ରୋତକୁ ଫେରି ଆସିବା ପାଇଁ ଆଇଜି ଲାଲ ଆହ୍ୱାନ ଦେଇଛନ୍ତି। ମାଓବାଦୀ ସଙ୍ଗଠନରେ ରହି ସେମାନେ ପଶ୍ଚାତାପ କରିଥିଲେ ଏବଂ ଶେଷରେ ଆତ୍ମସମର୍ପଣ କରିଛନ୍ତି ବୋଲି ଆଇଜି ଲାଲ ସୂଚନା ଦେଇଛନ୍ତି। ସେହିପରି ଆତ୍ମସମର୍ପଣ କରିଥିବା ମାଓବାଦୀ ଅମିଲା ଏବଂ ରଘୁ ଖବରଦାତା ସମ୍ମିଳନୀରେ ଉପସ୍ଥିତ ରହି କହିଥିଲେ, ସମାଜର ଗରିବ ଏବଂ ନିଷ୍ପେଷିତ ଲୋକଙ୍କ ପାଇଁ କାମ କରିବା ବଦଳରେ ମାଓବାଦୀ ସଙ୍ଗଠନ ସାଧାରଣ ଜନତା, ଯବାନଙ୍କୁ ଆକ୍ରମଣ, ବଟି ଆଦାୟ ଭଳି କାମରେ ସେମାନଙ୍କୁ ଲଗାଉଥିଲା। ଏପରିକି ସଙ୍ଗଠନ ମଧ୍ୟରେ ଭେଦଭାବ ସୃଷ୍ଟି ସହିତ ନିର୍ଯାତନା ଦିଆଯାଉଥିଲା। ଫଳରେ ପଶ୍ଚାତାପ କରି ସେମାନେ ଆତ୍ମସମର୍ପଣ କରିଥିବା କହିଥିଲେ। ସେମାନଙ୍କ ଭଳି ଅନ୍ୟ ମାଓବାଦୀମାନେ ମଧ୍ୟ ସେମାନଙ୍କ ପଥ ଅନୁସରଣ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ଅମିଲା ଏବଂ ରଘୁ ସାଥୀ ମାଓବାଦୀଙ୍କୁ ବାର୍ତ୍ତା ଦେଇଛନ୍ତି। ସୂଚନାଯୋଗ୍ୟ, ଆତ୍ମସମର୍ପଣ କରିଥିବା ୨ ମାଓବାଦୀ ଅନେକ ହିଂସାରେ ଲିପ୍ତ ଥିଲେ ବୋଲି ଏସ୍‌ପି ମୀନା ସୂଚନା ଦେଇଛନ୍ତି। ଅମିଲା ବରଗଡ଼ ଜିଲାରେ ଘଟିଥିବା ୩୫ ମାଓବାଦୀ ହିଂସା ଏବଂ ରଘୁ ୮ ମାଓବାଦୀ ହିଂସାରେ ସମ୍ପୃକ୍ତ ଥିବା ଜଣାପଡ଼ିଛି। ୨୦୦୮ରେ ଛତିଶଗଡ଼ ରାଜ୍ୟ ବିଜାପୁର ଜିଲାରେ ମାଓବାଦୀ ସଙ୍ଗଠନର ସଭ୍ୟ ଭାବେ ଯୋଗ ଦେଇଥିବା ଅମିଲା ୨୦୧୦ରେ ବଲାଙ୍ଗୀର-ବରଗଡ଼-ମହାସମୁଦ (ବିବିଏମ) ଡିଭିଜନର ଲୋକାଲ ଅର୍ଗାନାଇଜିଂ ସ୍କ୍ୱାଡ୍ (ଏଲଓଏସ୍)କୁ ବଦଳି ହୋଇଥିଲେ। ସେହିଦିନଠାରୁ ସେ ଗନ୍ଧମାର୍ଦ୍ଦନ ସଂରକ୍ଷିତ ଜଙ୍ଗଲରେ ଏସିଏମ୍ ଭାବେ ସକ୍ରିୟ ଥିଲେ ଏବଂ ମାଓବାଦୀ ସଙ୍ଗଠନ ବିସ୍ତାର ପାଇଁ କାର୍ଯ୍ୟ କରିଆସୁଥିଲେ। ସେହିପରି ରଘୁ ୨୦୦୯ରେ ସୁକୁମା ଜିଲାରେ ମାଓବାଦୀ ସଙ୍ଗଠନ ସଭ୍ୟ ଭାବେ ଯୋଗଦାନ କରିଥିଲେ ଏବଂ ୨୦୧୨ରୁ ଗନ୍ଧମାର୍ଦ୍ଦନ ସଂରକ୍ଷିତ ଜଙ୍ଗଲରେ ସକ୍ରିୟ ରହି ବରଗଡ଼, ବଲାଙ୍ଗୀର ଜିଲାରେ ମାଓବାଦୀ ସଙ୍ଗଠନ ବୃଦ୍ଧି ପାଇଁ କାର୍ଯ୍ୟ କରୁଥିଲେ। ଅମିଲାଙ୍କୁ ଧରାଇବା ପାଇଁ ୪ଲକ୍ଷ ଏବଂ ରଘୁଙ୍କୁ ଧରାଇବା ଲାଗି ୩ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ଆତ୍ମସମର୍ପଣ କରିଥିବା ଉଭୟ ହାର୍ଡକୋର ମାଓବାଦୀ ଗନ୍ଧମାର୍ଦ୍ଦନ ଜଙ୍ଗଲରେ ସଂଘଟିତ ଅନେକ ମାଓବାଦୀ ହିଂସାରେ ସମ୍ପୃକ୍ତ ଥିଲେ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

- ଅନେକ ମାଓବାଦୀ ହିଂସାରେ ସମ୍ପୃକ୍ତ ଥିଲେ
- ପଶ୍ଚାତାପ କରି ମୁଖ୍ୟସ୍ରୋତକୁ ଫେରିଲେ
- ଉଭୟଙ୍କ ପାଇଁ ଥିଲା ପୁରସ୍କାର ଘୋଷଣା
- କ୍ୟାମ୍ପ ଠାବ, ବିପୁଳ ସାମଗ୍ରୀ ଜବତ

# ପ୍ରାଣୀ ସମ୍ପଦ ଗଣନା ସମ୍ବନ୍ଧୀୟ ଜିଲାସ୍ତରୀୟ ତାଲିମ ଶିବିର


ତାଲିମ ଶିବିରରେ ମଞ୍ଚାସୀନ ଅତିଥିମାନେ।

ସୋନପୁର,୩୦।୮ (ମୃତ୍ୟୁଞ୍ଜୟ ଶତପଥୀ)

- ସେପ୍ଟେମ୍ବର ୧ ରୁ ୪ ମାସ ଧରି ଚାଲିବ ଗଣନା
- ନିୟୋଜିତ ହେବେ ୬୨ ଅଧିକାରୀ, କର୍ମଚାରୀ

ଆସନ୍ତା ସେପ୍ଟେମ୍ବର ୧ରୁ ଆରମ୍ଭ ହେବ ୨୧ତମ ପ୍ରାଣୀସମ୍ପଦ ଗଣନା। ଏହା ଡିସେମ୍ବର ୩୧ ପର୍ଯ୍ୟନ୍ତ ଦୀର୍ଘ ୪ ମାସ ଧରି ଚାଲିବ। ଏଥିପାଇଁ ସୁବର୍ଣ୍ଣପୁର ଜିଲାସ୍ତରୀୟ ପ୍ରାଣୀ ସମ୍ପଦ ଗଣନା ସମ୍ବନ୍ଧୀୟ ତାଲିମ ଶିବିର ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲାପାଳ କହିଥିଲେ, ଚାଷୀର ଉନ୍ନତିରେ ହିଁ ଦେଶର ଉନ୍ନତି। ପଶୁ ପକ୍ଷୀ ପାଳକଙ୍କୁ ସୁବିଧା ସୁଯୋଗ ପ୍ରଦାନ ଓ ପ୍ରାଣୀସମ୍ପଦର ବିକାଶ ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାର ଯୋଜନା ପ୍ରଣୟନ କରୁଛନ୍ତି। ସେଥିପାଇଁ କେନ୍ଦ୍ର ସରକାର ପ୍ରତି ୫ ବର୍ଷରେ ଥରେ ପ୍ରାଣୀ ସମ୍ପଦର ଗଣନା କରୁଛନ୍ତି। ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଘରକୁ ଘର ବୁଲି ନିଷ୍ଠାର ସହ ଏହି କାର୍ଯ୍ୟ ସମ୍ପାଦନ କରିବାକୁ ଅତିରିକ୍ତ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ପରମାନନ୍ଦ ସେଠୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଗଣନା ତଦାରଖ କାର୍ଯ୍ୟରେ ଜିଲାର ୧୩ ଜଣ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଓ ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ସାମିଲ ହେବେ। ସେହିପରି ୪୯ ଜଣ ପ୍ରାଣୀଧନ ନିରୀକ୍ଷକ, ଗୋମିତ୍ର ଓ ମୈତ୍ରୀ କର୍ମଚାରୀମାନେ ଘରକୁ ଘର ବୁଲି ଗୃହପାଳିତ ପଶୁପକ୍ଷୀଙ୍କ ଗଣନା କରିବେ। ମୋଟ ୬୨ଜଣ ତଦାରଖ ଅଧିକାରୀ ଓ ଗଣନାକାରୀ ଗଣନା କାର୍ଯ୍ୟରେ ନିୟୋଜିତ ହେବେ ବୋଲି ସୂଚନା ଦିଆ ଯାଇଥିଲା। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ତ୍ରିନାଥ ଖଣ୍ଡାୟତ ରାଏ, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ହୃଷିକେଶ ଦାଶ, ସୋନପୁର ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ତଥା ପ୍ରାଣୀ ସମ୍ପଦ ଗଣନାର ଜିଲା ନୋଡାଲ ଅଫିସର ଡାକ୍ତର ଦୁର୍ଗା ପ୍ରସାଦ ତ୍ରିପାଠୀ, ବୀରମହାରାଜପୁର ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଅଜୟ କୁମାର ସାହୁ, ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ(ଯୋଜନା) ମୃଣ୍ମୟ କୁମାର ପଣ୍ଡା, ଉପ ନିର୍ଦ୍ଦେଶକ ଜିଲା ପ୍ରାଣୀ ଚିକିତ୍ସାଳୟ ଡାକ୍ତର ସୁନାକର ସାମଲ, ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ(ପ୍ରାଣୀ ମଙ୍ଗଳ) ଡାକ୍ତର ସୁଧୀର କୁମାର ପଣ୍ଡା ଓ ସୋନପୁର କୃଷି ବିଜ୍ଞାନ କେନ୍ଦ୍ରର ଲୋପାମୁଦ୍ରା ରାଏ ଯୋଗଦାନ କରି ସୁପରଭାଇଜର ଓ ଗଣନାକାରୀଙ୍କୁ ତାଲିମ ପ୍ରଦାନ କରିଥିଲେ। ସହଯୋଗୀ ପରିସଂଖ୍ୟାନ ଗଣନାକାରୀ ଚିନ୍ମୟ ଭୁକ୍ତା ଓ ଦେବେନ୍ଦ୍ର ସାହୁ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ଦୃଢ଼ ମନୋବଳ ହିଁ କ୍ରୀଡ଼ାର ଏକ ପ୍ରମୁଖ ମାଧ୍ୟମ

ବରପାଲି,୩୦।୮ (ଚିତ୍ତରଞ୍ଜନ ସାହୁ)

ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଯତୀନ୍ଦ୍ର କୁମାର ସାହୁଙ୍କ ପରିଚାଳନା ସଭାରେ ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟର ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା ଯୋଗଦେଇ କହିଥିଲେ, ଶାରୀରିକ ସ୍ତରରେ ଛାତ୍ରୀମାନେ ବେଶ ହୃଷ୍ଟ ପୁଷ୍ଟ ହୋଇପାରିବେ। ଦୃଢ଼ ମନୋବଳ ହିଁ ହେଉଛି କ୍ରୀଡାର ଏକ ପ୍ରମୁଖ ମାଧ୍ୟମ। ପରେ କ୍ରୀଡା ଦାୟିତ୍ୱରେ ଥିବା ଅଧ୍ୟାପକ ଲୋକନାଥ ମେହେର ଉପସ୍ଥିତ ରହି ବିଭିନ୍ନ ପ୍ରକାରର କ୍ରୀଡା ଉପରେ ଛାତ୍ରୀଙ୍କୁ ଅବଗତ କରାଇଥିଲେ। ଆଗାମୀ ଦିନରେ ଛାତ୍ରୀମାନେ କିପରି ଜାତୀୟ ସ୍ତରରୁ ଅନ୍ତର୍ଜାତୀକ ସ୍ତରକୁ ଉତ୍ତିର୍ଣ୍ଣ ହୋଇ ମହାବିଦ୍ୟାଳୟର ନାମ ରଖିବେ ସେ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପିକା ପୁନମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟାପକ ନେପାଲ ବିଶ୍ୱାଳ, ଅଧ୍ୟାପିକା ନିଳୀମା ନାୟକ, ପିଙ୍କି ବାରିକ,ଜ୍ୟୋତି ସାହୁ,ମନିଷା ଭୋଇ, ଶୋଭାବତୀ ଥପା, ପରିଣିତା ପଧାନ ସହକର୍ମୀ ଶଶାଙ୍କ ଶେଖର ପଧାନ, ସାର୍ଥକ ପାଣିଗ୍ରାହୀ,ବିରେନ୍ଦ୍ର ଖଟୁଆ, ତ୍ରିପୁରା ବେହେରା ସାମିଲ ହୋଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।



ବୈଠକରେ ଉପସ୍ଥିତ ଅତିଥି ଏବଂ ଅଧିକାରୀବୃନ୍ଦ।

# ବରଗଡ଼ ଜିଲାସ୍ତରୀୟ ଶିକ୍ଷା ସମୀକ୍ଷା ବୈଠକ

ବରଗଡ଼,୩୦।୮ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଶୁକ୍ରବାର ଜିଲାସ୍ତରୀୟ ଶିକ୍ଷା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ରଜନୀକାନ୍ତ ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବରଗଡ଼ ବ୍ଲକ ଶିକ୍ଷାଧିକାରୀ ଡଃ ସୁରେନ୍ଦ୍ର ସାହୁ, ସୋହେଲା ବିଇଓ ଅମୃତା ସାହୁ, ଅମ୍ବାଭୋନା ବିଇଓ ଭାବନା ସାହୁ, ଭଟଲି ବ୍ଲକ ଶିକ୍ଷାଧିକାରୀ ସରୋଜ ଭୁଏ, ଝାରବନ୍ଧ ବିଇଓ ଶୁଭମ କୁମାର ପତି, ପେଡ଼ାଗୋଜି ପୁଷ୍ପାଞ୍ଜଳି ଦାଶଙ୍କ ସମେତ ବିଭିନ୍ନ ବ୍ଲକର ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଉପସ୍ଥିତ ରହି ନିଜ ନିଜ ବ୍ଲକର ସ୍ଥିତି ଉପସ୍ଥାପନ କରିଥିଲେ। ଏହି ଅବସରରେ ଶ୍ରେଣୀ ଗୃହ ପର୍ଯ୍ୟବେକ୍ଷଣ ରିପୋର୍ଟ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ଜାତୀୟ ଉପଲବ୍ଧି, ସର୍ବେକ୍ଷଣ ୨୦୨୪ ନମୁନା ପ୍ରଶ୍ନପତ୍ର, ରାଜ୍ୟସ୍ତରୀୟ ଉପଲବ୍ଧି ସର୍ବେକ୍ଷଣ ୨୦୨୪ର ଜିଲାସ୍ତରୀୟ ରିପୋର୍ଟ ଆଦି ବିଷୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଶିକ୍ଷକ ପ୍ରଶିକ୍ଷକ ରମେଶ ଚନ୍ଦ୍ର ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ସସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ପ୍ରଶିକ୍ଷକ ଗଗନ ବେହେରା, ବେଣୁଧର ବରିହା, ରୀମାରାଣୀ ଭୋଇ, ବରୁଣ କୁମ୍ଭକାର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଡକାୟତି ମାମଲାରେ ୨ ଗିରଫ

ଅତାବିରା ୩୦।୮ (ହୃଷୀକେଶ ଖମାରୀ)

ବରଗଡ଼ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଡକାୟତି, ଲୁଟ୍‌ପାଟ କରୁଥିବା ଅଭିଯୋଗରେ ଭେଡେନ ଥାନା ରୁଷୁଡ଼ା ଫାଣ୍ଡି ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଲୁଇସିରା ଗ୍ରାମର ଲକ୍ଷ୍ମୀକାନ୍ତ ବଣ୍ଡୁକୀ ଓ ସଂକ୍ରୀଡା ଗ୍ରାମର ତପନ ପଞ୍ଚବିହାର। ଗିରଫ ଅଭିଯୁକ୍ତ ଥୁଆପାଲି, ଝୁଣ୍ଟୁଲିପାଲି, କପାବାରି, ଗୋଡ଼ଭଗା-ତୁରୁମ ଆଦି ରାସ୍ତାରେ ଲୁଟ୍‌ପାଟ, ଡକାୟତି କରୁଥିଲେ ବୋଲି ପୋଲିସ କହିଛି। ଏ ନେଇ ଭେଡେନ ଥାନାରେ ଏକ ମାମଲା (ନଂ.୨୪୧/୨୪) ରୁଜୁ କରିଛି ଏବଂ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ତନାଘନା ଚାଲିଥିବା ରୁଷୁଡ଼ା ଫାଣ୍ଡି ଅଧିକାରୀ ପ୍ରମୋଦ କୁମାର ସାହୁ କହିଛନ୍ତି ।

# ପୁରେନାରେ ଆୟୁଷ୍ମାନ ଆରୋଗ୍ୟ ଶିବିର

ପଦ୍ମପୁର,୩୦।୮ (ପ୍ରଦୀପ୍ତ ଦାଶ)

ସ୍ଥାନୀୟ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ପୁରେନା ପରିସର ମଧ୍ୟରେ ଏକ ସ୍ୱାସ୍ଥ୍ୟ ସଚେତନତା ସମ୍ବନ୍ଧିତ ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ପ୍ରଧାନଶିକ୍ଷକ ରେଣୁଧର ସାହୁ ସଭାପତିତ୍ୱ କରିଥିଲେ ଓ ସଂଯୋଜନା କରିଥିଲେ ଶିକ୍ଷକ ପ୍ରମୋଦ ନାଥ। କମ୍ୟୁନିଟି ସ୍ୱାସ୍ଥ୍ୟ ଅଧିକାରୀ ଦୀପକ କୁମାର ସାହୁ ସ୍ୱାସ୍ଥ୍ୟରକ୍ଷା ଉପରେ ତାଙ୍କର ବକ୍ତବ୍ୟ ରଖିଥିଲେ। ଏହି ସଭାରେ ବରିଷ୍ଠ ଶିକ୍ଷକ ଅକ୍ଷୟ କୁମାର ବେହେରା ଓ ଚନ୍ଦ୍ରଭାନୁ ବଡଗୁଛିଆ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ କାର୍ଯ୍ୟରେ ସୁରେଶ ପଟେଲ ସହଯୋଗ କରିଥିଲେ ଓ ଶେଷରେ କମ୍ୟୁନିଟି ସ୍ୱାସ୍ଥ୍ୟ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବାରଝୁଲାରେ ଝାଡ଼ାବାନ୍ତି ନିୟନ୍ତ୍ରଣାଧୀନ

ଅମରପାଲି,୩୦।୮ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କେନ୍ଥିରିଆପାଲି ଗ୍ରାମପଞ୍ଚାୟତର ବାରଝୁଲା ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିବା ଏବେ ନିୟନ୍ତ୍ରଣରେ ରହିଛି। ଶୁକ୍ରବାର ଜଣେ ବି ଆକ୍ରାନ୍ତ ଚିହ୍ନଟ ହୋଇନାହାନ୍ତି। ବୀରମହାରାଜପୁର ସ୍ୱାସ୍ଥ୍ୟ ବିଭାଗ ତରଫରୁ ଏହି ସୂଚନା ପ୍ରଦାନ କରାଯାଇଛି। ସୂଚନା ଅନୁସାରେ ବାରଝୁଲା ଗ୍ରାମରେ କିଛି ଦିନ ହେଲା ଝାଡ଼ାବାନ୍ତିରେ ପ୍ରାୟ ୧୨ରୁ ୧୫ ଜଣ ଆକ୍ରାନ୍ତ ହୋଇ ଜିଲାର ବିଭିନ୍ନ ଚିକିତ୍ସାଳୟରେ ଚିକିତ୍ସା ହେଉଥିଲେ। ମଙ୍ଗଳବାର ଦିନ ୮ ଜଣ ବ୍ୟକ୍ତି ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିବା ବେଳେ ଦ୍ୱିତୀୟ ଦିନ ପୁଣି ୪ ଜଣ ଆକ୍ରାନ୍ତ ହୋଇ ବୀରମହାରାଜପୁର ଓ ସୋନପୁର ସ୍ଥିତ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ଏହା ସହିତ ଅନେକ ବ୍ୟକ୍ତି ଆକ୍ରାନ୍ତ ହୋଇ ଘରୋଇ ଭାବେ ମଧ ଚିକିତ୍ସିତ ହୋଇଥିଲେ। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ପ୍ରକାଶ କରି ଏକ ମେଡ଼ିକାଲ ଟିମ ଗ୍ରାମକୁ ଆସି ଚିକିତ୍ସା ଆରମ୍ଭ କରିଥିଲେ। ଗ୍ରାମରେ ଘର ଘର ବୁଲି ଲୋକଙ୍କୁ ଓଆରଏସ ଓ ଔଷଧ ବଣ୍ଟନ କରିଥିଲେ। ଡାକ୍ତରୀ ଟିମ ସହିତ ଡ. ମାନସ କୁମାର ନାଏକ,ସ୍ୱାସ୍ଥ୍ୟକର୍ମୀ ଆଲକା କର୍ମୀ, ଫାର୍ମାସିଷ୍ଟ ଗଦାଧର ସୁରଜାଲ, ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀ ପରିଦର୍ଶକ ଗିରିଧାରୀ ସାହୁ, ଅଙ୍ଗନୱାଡ଼ି କର୍ମୀ ପ୍ରଭାତୀ ଥାପା, ଆଶାକର୍ମୀ ସରୋଜିନୀ ବାଘ ପ୍ରମୁଖ ଗ୍ରାମକୁ ଆସି ଲୋକଙ୍କୁ ସଚେତନ କରି ଔଷଧ ବଣ୍ଟନ କରିଥିଲେ। ତେବେ ଗୁରୁବାର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଆକ୍ରାନ୍ତଙ୍କ ମଧ୍ୟରୁ ୬ ଜଣ ଆରୋଗ୍ୟ ହୋଇଥିଲେ। ଗୁରୁବାର ଜଣେ ମାତ୍ର ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଶୁକ୍ରବାର ପୁଣି ଦୁଇ ଜଣ ଆକ୍ରାନ୍ତ ଆରୋଗ୍ୟ ହୋଇଛନ୍ତି। ତେବେ ବର୍ତ୍ତମାନ ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିବା ନିୟନ୍ତ୍ରଣରେ ରହିଛି। ତେବେ ଅଞ୍ଚଳର ପୁରୁଷୋତ୍ତମପାଲି ଗ୍ରାମରେ ୨ ଜଣ ଓ ବଡ଼ବର୍ଡାକଟାରେ ଜଣେ ବ୍ୟକ୍ତି ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ମୃତ୍ୟୁ ଘଟିଥିବା ବେଳେ ଅଞ୍ଚଳର ଲୋକେ ଏବେ ମଧ ଆତଙ୍କିତ ଅବସ୍ଥାରେ ଅଛନ୍ତି।

# ସ୍ମାର୍ଟ ମିଟର ସୁରକ୍ଷିତ, ଭରସାଯୋଗ୍ୟ: ଟିପିଡବ୍ଲ୍ୟୁଓଡିଏଲ୍

ବରଗଡ଼,୩୦।୮ (ପ୍ରେମାନନ୍ଦ ଖମାରୀ)



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଅଧିକାରୀବୃନ୍ଦ।

ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ବିତରଣ କମ୍ପାନୀ ଟିପିଡବ୍ଲ୍ୟୁଓଡିଏଲ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେବା ସହ ଗ୍ରାହକ ସେବା ପାଇଁ ସଦାସର୍ବଦା ପ୍ରତିଶ୍ରୁତିବଦ୍ଧ ରହିଛି। ସ୍ମାର୍ଟ ମିଟର ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ ଓ ଭରସାଯୋଗ୍ୟ। ଶୁକ୍ରବାର ବରଗଡ଼ର ଏକ ହୋଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ଏହା କହିଛନ୍ତି। ସେ ଆହୁରି କହିଥିଲେ, ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ନିର୍ଦ୍ଦେଶ ଅନୁସାରେ କମ୍ପାନୀ ପକ୍ଷରୁ ସମସ୍ତ ବିଦ୍ୟୁତ୍ ଉପଭୋକ୍ତାଙ୍କ ପାଇଁ ସ୍ମାର୍ଟ ମିଟର ବସାଯାଉଛି। ଏହି ସ୍ମାର୍ଟ ମିଟର ସମ୍ପୂର୍ଣ୍ଣ ରୂପେ ଠିକ୍ ବିଦ୍ୟୁତ୍ ବ୍ୟବହାରକୁ ପରଖିଥାଏ ଏବଂ ଠିକ ଭାବେ ଗ୍ରାହକଙ୍କ ବ୍ୟବହାର ଅନୁଯାୟୀ ମିଟର ରିଡ଼ିଂ ଦର୍ଶାଇଥାଏ। ସ୍ମାର୍ଟ ମିଟର କେବଳ କମ୍ପାନୀର କମ୍ପ୍ୟୁଟର ସହିତ ଅଟୋମେଟିକ ଯୋଗସୂତ୍ର ରକ୍ଷା କରିଥାଏ। ଏହାଦ୍ୱାରା ଗ୍ରାହକମାନଙ୍କ ମିଟର ରିଡ଼ିଂ ପ୍ରତ୍ୟେକ ୩୦ଦିନ ବ୍ୟବଧାନରେ କମ୍ପାନୀର କମ୍ପ୍ୟୁଟର ଦ୍ୱାରା ସଂଗ୍ରହ କରାଯାଇଥାଏ ଏବଂ ତଦନୁସାରେ ଗ୍ରାହକମାନଙ୍କୁ ମାସିକ ବିଲ ଯୋଗାଇ ଦିଆଯାଏ। ସମସ୍ତ ସ୍ମାର୍ଟ ମିଟର କମ୍ପାନୀ ଦ୍ୱାରା ଲାବୋରେଟୋରୀରେ ପରୀକ୍ଷା କରିବା ପରେ ଗ୍ରାହକଙ୍କ ଗୃହ ପରିସରରେ ଲଗାଯାଇଥାଏ ଏବଂ ଏହା ସମ୍ପୂର୍ଣ୍ଣ ସୁରକ୍ଷିତ ଏବଂ ନିର୍ଭରଯୋଗ୍ୟ। ଯଦି କୌଣସି ଗ୍ରାହକଙ୍କ ମନରେ ସ୍ମାର୍ଟ ମିଟର ସମ୍ବନ୍ଧରେ କୌଣସି ସନ୍ଦେହ ଉପୁଜୁଥାଏ, ତେବେ ଗ୍ରାହକମାନେ କମ୍ପାନୀର ୨୪ଘଣ୍ଟିଆ ଟୋଲଫ୍ରି ଗ୍ରାହକ ସେବା କେନ୍ଦ୍ର ସହିତ ସମ୍ପର୍କ କରି ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ନିର୍ଦ୍ଦେଶ ଅନୁସାରେ ମିଟର ପରୀକ୍ଷା କରିବା ପାଇଁ ଅନୁରୋଧ କରିପାରିବେ ଏବଂ ଗ୍ରାହକଙ୍କ ଅନୁରୋଧ ଅନୁଯାୟୀ ଟିପିଡବ୍ଲ୍ୟୁଓଡିଏଲ ତରଫରୁ ଗ୍ରାହକଙ୍କ ଗୃହ ପରିସରରେ ସ୍ମାର୍ଟ ମିଟରକୁ ପରୀକ୍ଷା କରାଯିବ ବୋଲି ବର୍ମା ଖବରଦାତା ସମ୍ମିଳନୀରେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ଅପରେସନ ମୁଖ୍ୟ ଆଶିଷ କୁମାର ପଟ୍ଟଯୋଶୀ, କମ୍ପାନୀର ବାଣିଜ୍ୟିକ ମୁଖ୍ୟ ପି. ପି. ଡେନ୍‌କଲକର ଏବଂ ବରଗଡ଼ ବିଦ୍ୟୁତ୍ ମଣ୍ଡଳର ମୁଖ୍ୟ ସୁରେନ୍ଦ୍ର ହୋତା ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ମାର୍ଟ ମିଟର ବିରୋଧରେ ତାତିଲେ ଚାଷୀ

**ଫେରାଇଲେ ହଜାର ହଜାର ବିଦ୍ୟୁତ୍ ମିଟର**

ସୋହେଲା,୩୦।୮ (ଅଶ୍ୱିନୀ କୁମାର ପାତ୍ର)


ଚାଷୀମାନେ ସ୍ମାର୍ଟ ମିଟରକୁ ବିଭାଗୀୟ ଅଫିସରେ ଫେରାଇ ଦେଉଛନ୍ତି।

ବରଗଡ଼ ଜିଲା ସୋହେଲାରେ ଟାଟା ପାୱାରର ସ୍ମାର୍ଟ ମିଟରକୁ ବିରୋଧ କରି ହଜାର ହଜାର ଚାଷୀ ନିଜ ନିଜର ଗଭୀର ନଳକୂପ ତଥା ଘରେ ଲାଗିଥିବା ମିଟର ଖୋଲି ଫେରାଇ ଦେଇଛନ୍ତି। ସୋହେଲା କୃଷକ ବିକାଶ ମଞ୍ଚର ଆହ୍ୱାନ କ୍ରମେ ଶୁକ୍ରବାର ସକାଳ ୧୦ ଟାରେ ସୋହେଲା ଓ ଆଖ ପାଖର ଚାଷୀମାନେ ନିଜର ବିଦ୍ୟୁତ୍ ମିଟର ଖୋଲି ସ୍ଥାନୀୟ ଦୁର୍ଗା ମଣ୍ଡପ ପରିସରରେ ଏକତ୍ରିତ ହୋଇଥିଲେ। କୃଷକ ବିକାଶ ମଞ୍ଚର ସଭାପତି ମନୋହର ମାଝୀଙ୍କ ନେତୃତ୍ୱରେ ଚାଷୀମାନେ ଏକ ବିରାଟ ପଦଯାତ୍ରାରେ ବାହାରି ୨ କିମି ଦୂରରେ ଥିବା ବିଦ୍ୟୁତ୍ ଗ୍ରୀଡ଼କୁ ମିଟର ଧରି ଯାଉଥିଲେ। ସେଠାରେ ଗ୍ରୀଡ୍ ସମ୍ମୁଖରେ ଏବଂ ଏସଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହଜାର ହଜାର ମିଟର ଫିଙ୍ଗି ଦେଇଥିଲେ। ସଭାପତି ମନୋହର ମାଝୀ, ସମ୍ପାଦକ ଚନ୍ଦ୍ରଶେଖର ପଧାନ, ଜୟକୃଷ୍ଣ ସାହୁ, ଯୁଧିଷ୍ଠିର ନାୟକ, ନନ୍ଦି କିଶୋର ଭୋଇ, ବୈତାରି ଭୋଇ ଏଥିରେ ନେତୃତ୍ୱ ନେଇଥିଲେ। ସେହିପରି ସୋହେଲା ବ୍ଲକର ଦଶମାଇଲ ଛକରେ ମଧ୍ୟ ଶହ ଶହ ଚାଷୀ ଏକତ୍ରିତ ହୋଇ ବିଶିପାଲି ଗ୍ରୀଡ଼ରେ ନିଜର ମିଟର ଗୁଡ଼ିକୁ ଫେରାଇ ଦେଇଥିଲେ। ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଥିଲା। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ତପନ କୁମାର ମହାନ୍ତି, ଏସଡିପିଓ ବିଭୂତି ଭୂଷଣ ଭୋଇ, ସୋହେଲା ଆଇଆଇସି ପ୍ରଶାନ୍ତ ମୁର୍ମୁ, ବିଜେପୁର ଆଇଆଇସି ଧୀରେନ୍ଦ୍ର ସ୍ୱାଇଁ, ସବ ଇନ୍ସପେକ୍ଟର ଅନିମା ଏକ୍କାଙ୍କ ସହ ୫ ପ୍ଲାଟୁନ ପୋଲିସ ମୁତୟନ ଥିଲେ। ସୋହେଲା ତହସିଲଦାର ଶୁଭରଞ୍ଜନ ନାୟକ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିଲେ।

## ନଦୀକୁ ଡେଇଁ ଆତ୍ମହତ୍ୟା ମାମଲା: ୨ ଦିନ ପରେ ମିଳିଲା ମୃତଦେହ

ରାଉରକେଲା,୩୦।୮(ସଙ୍ଗୀତା ଜେନା)

ଗତ ବୁଧବାର ସନ୍ଧ୍ୟାରେ ରଘୁନାଥପାଲୀ ଥାନା ଅନ୍ତର୍ଗତ ପାନପୋଷ ବ୍ରିଜ୍ ଉପରୁ ବ୍ରାହ୍ମଣୀ ନଦୀକୁ ଡେଇଁ ଆତ୍ମହତ୍ୟା କରିଥିବା ଯୁବକ ଇନ୍ଦ୍ରଜିତ ଦେ(୪୫)ଙ୍କ ମୃତଦେହ ଶୁକ୍ରବାର ମିଳିଛି। ୨ ଦିନ ପରେ ଉକ୍ତ ମୃତଦେହକୁ ଲହୁଣୀପଡ଼ା ଦେବପୋଷ ଗ୍ରାମ ନିକଟରୁ ଅଗ୍ନିଶମ ବିଭାଗ ଉଦ୍ଧାର କରିଛି। ଏ ନେଇ ଲହୁଣୀପଡ଼ା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୪/୨୪) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ମୃତକଙ୍କ ବଡ଼ଭାଇ ବିଶ୍ୱଜିତ୍ ଦେଙ୍କୁ ହସ୍ତାନ୍ତର କରାଯାଇଛି। ସକାଳେ ସ୍ଥାନୀୟ ଲୋକେ ନଦୀରେ ମୃତଦେହ ଭାସୁଥିବା ଦେଖି ପୋଲିସକୁ ସୂଚନା ଦେଇଥିଲେ। ତଦନ୍ତ ପରେ ମୃତକଙ୍କ ପରିଚୟ ମିଳିଥିଲା। ସୂଚନଯୋଗ୍ୟ, ଘଟଣାଦିନ ସନ୍ଧ୍ୟାରେ ସେ ବଡ଼ଭାଇ ବିଶ୍ୱଜିତଙ୍କୁ ଫୋନ୍ କରି ନଦୀରେ କୁଦିବାକୁ ଯାଉଥିବା ସୂଚନା ଦେଇଥିଲେ। ଏ ନେଇ ରଘୁନାଥପାଲୀ ଥାନାରେ ଏକ ନିଖୋଜ ମାମଲା (ନଂ.୮୩/୨୪) ରୁଜୁ ହୋଇଥିଲା।

# ଅନ୍‌ଲାଇନ୍‌ରେ ଚାଲିଛି ଜୁଆଖେଳ

ରାଉରକେଲା,୩୦।୮(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସ୍ମାର୍ଟସିଟି ସହରରେ ଅନ୍‌ଲାଇନ ଆପ୍ଲିକେଶନ ମାଧ୍ୟମରେ ଜୁଆଖେଳ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ତରୁଣରୁ ବୃଦ୍ଧ ସଭିଏ ତିନିଗୁଣା ଟଙ୍କା ଜିତିବା ଲୋଭରେ ମୋବାଇଲ ମାଧ୍ୟମରେ ଅନଲାଇନ୍ ଜୁଆ ଖେଳୁଛନ୍ତି। ଏଥିରେ ସାଇବର କ୍ରାଇମ ଜଗତର ବଡ ବଡ ମାଷ୍ଟର ମାଇଣ୍ଡ ସମ୍ପୃକ୍ତ ଥିବା ସହରରେ ଚର୍ଚ୍ଚା ହେଉଛି। ସେମାନେ କୌଶଳ ସହକାରେ ଅନ୍‌ଲାଇନ ଜୁଆଖେଳ ପ୍ରତି ସହରବାସୀଙ୍କୁ ଆକର୍ଷିତ କରୁଛନ୍ତି। ବିଭିନ୍ନ ଅନ୍‌ଲାଇନ ଆପ୍ଲିକେଶନ ମାଧ୍ୟମରେ ତିନିଗୁଣ ଟଙ୍କା ଜିତିବା ପାଇଁ ପ୍ରଲୋଭିତ କରୁଛନ୍ତି। ଘରେ ବସି ଟଙ୍କା କମାଇବା ଲୋଭରେ ଲୋକେ ଦୈନିକ କୋଟି କୋଟି ଟଙ୍କା ଅନ୍‌ଲାଇନ୍ ମାଧ୍ୟମରେ ଜୁଆ ଖେଳୁଛନ୍ତି।

ଟ୍ରେଡିଂ ଆପ୍ଲିକେଶନ ଦମନ ଭଳି ଅନେକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ଏଭଳି ଜୁଆଖେଳ ମୋବାଇଲରେ ଚାଲିଛି।

### ତିନିଗୁଣା ଲୋଭରେ କୋଟି କୋଟି ଟଙ୍କା କାରବାର

ଏହି ଖେଳର ବିଶେଷତ୍ୱ ହେଲା ଯେଉଁ ଲୋକ ଏହି ଅନଲାଇନ୍ ଆପ୍ଲିକେଶନରେ ଟଙ୍କା ଲଗାଇବାକୁ ଇଚ୍ଛୁକ ପ୍ରଥମେ ତାଙ୍କୁ ଏହି ଆପ୍ଲିକେଶନ ଇନଷ୍ଟଲ କରିବାକୁ ପଡିବ। ପରେ ନିଜ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଆପ୍ଲିକେଶନ ପ୍ରୋଫାଇଲକୁ ନେଇ ଜମା କରିବା ପରେ ଇନଷ୍ଟଲ କରିଥିବା ବ୍ୟକ୍ତିଙ୍କ ହ୍ୱାଟ୍ସଆପ୍‌କୁ ମେସେଜ ଆସିବ। ମେସେଜରେ ବିଗ୍ ଏବଂ ସ୍ମଲ୍ ପ୍ଲାଟଫର୍ମରେ ପ୍ରଥମେ ୧ଟଙ୍କାରୁ ଖେଳ ଆରମ୍ଭ କରିବାକୁ କୁହାଯାଉଛି। ୧ଟଙ୍କା ହାରିଗଲା ପରେ ୩ଟଙ୍କା, ତିନି ଟଙ୍କା ହାରିବା ପରେ ୯ଟଙ୍କା, ପରେ ୨୭ ଟଙ୍କା ଏଭଳି ଷ୍ଟେପ୍ ବାଏ ଷ୍ଟେପ୍ ତିନିଗୁଣା ଟଙ୍କା ଲଗାଇବାକୁ କୁହାଯାଉଛି। ଚମତ୍କାର ବିଷୟ କିଛି ଲୋକ ତିନିଗୁଣା ଟଙ୍କା ମଧ୍ୟ ଜିତୁଛନ୍ତି। ଆଉ କିଛି ଲୋକ ଅଧିକ ଟଙ୍କା ଜିତିବା ଆଶାରେ ହଜାର ହଜାର ଟଙ୍କା ହାରୁଛନ୍ତି। ସବୁ କାରବାର ଅନ୍‌ଲାଇନରେ ଚାଲିଛି। କାହାରିକୁ ମଧ୍ୟ ଏ ନେଇ ଖବର ହେଉନି। ଏପରିକି ପୋଲିସ ମଧ୍ୟ ଏହା ଜାଣିପାରୁନି।

ରାଉରକେଲାରେ ଦିନକୁ ଦିନ ଅନ୍‌ଲାଇନରେ ଲୋକଙ୍କୁ ଜୁଆ ଖେଳିବା ପାଇଁ ପ୍ରଲୋଭିତ କରାଯାଉଥିଲେ ମଧ୍ୟ ଏହାର ମାଷ୍ଟରମାଇଣ୍ଡ ବିରୋଧରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉନି। ଏହାକୁ ରୋକିବା ପାଇଁ ହେଲେ ସହରରେ ଜନସଚେତନତା ଆବଶ୍ୟକ। ସେହିପରି ପ୍ରଶାସନ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ ପାଉଛି। ଏ ନେଇ ରାଉରକେଲା ଆରକ୍ଷୀ ଅଧୀକ୍ଷକ ବ୍ରିଜେଶ କୁମାର ରାୟଙ୍କୁ ଯୋଗାଯୋଗ କରିବାରୁ ଏଭଳି ବେଆଇନ ଅନ୍‌ଲାଇନ ଜୁଆଖେଳ ଉପରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ। ସମାଜସେବୀ ପ୍ରସନ୍ନ କୁମାର ତ୍ରିପାଠୀ କୁହନ୍ତି, ଏହା ଜିଲା ପ୍ରଶାସନର ବିଫଳତା। ଏଥିସହ ଏଭଳି ଆପରାଧିକ ଗତିବିଧିକୁ ରୋକା ନ ଗଲେ ଆଗକୁ ଅନେକ ଲୋକ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ହୋଇ ଅପରାଧ ଘଟାଇ ପାରନ୍ତି ବୋଲି କହିବା ସହ ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି ସେ କହିଛନ୍ତି।

ଏ ସମ୍ପର୍କରେ ରାଉରକେଲାର ବରିଷ୍ଠ ଆଇନଜୀବୀ ଗିରିଶ ମହାପାତ୍ର କହିଛନ୍ତି, ରାଜ୍ୟରେ ଅନଲାଇନ ଜୁଆଖେଳରେ ଲୋକଙ୍କୁ ପ୍ରୋତ୍ସାହିତ କରିବା ଆଇନଗତ ଅପରାଧ। ରାଉରକେଲା ହେଉଛି ୬ଲକ୍ଷରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ସହର। ସହରରେ ସାଇବର କ୍ରାଇମ ରୋକିବାରେ ବିଫଳତା ପାଇଁ କେବଳ ୪/୫ଜଣ ଅଧିକାରୀ ରହିବା ଏହାର ଏକ ମୂଳକାରଣ। ସରକାର ଓ ପ୍ରଶାସନ ରାଜ୍ୟରେ ଏଭଳି ବେଆଇନ ଖେଳକୁ ରୋକିବା ପାଇଁ ତୃଣମୂଳ ସ୍ତରରେ ଜନସଚେତନତା କରାଇବା ଆବଶ୍ୟକ। ଏହାକୁ ରୋକା ନ ଗଲେ ସହରରେ ଆପରାଧିକ ଗତିବିଧି ବଢିବା ସହିତ ଚୋରି, ଛିନ୍‌ତାଇ ଭଳି ଅପରାଧକୁ ରୋକିବା ପ୍ରଶାସନ ପାଇଁ ଦୁଃସାଧ୍ୟ ହେବ ବୋଲି ସେ କହିଥିଲେ।

## ସିଡିପିଓଙ୍କୁ ଭେଟିଲା ମହିଳା ସଙ୍ଗଠନ


ମହିଳା ସଙ୍ଗଠନ କର୍ମକର୍ତ୍ତାମାନେ ସିଡିପିଓଙ୍କୁ ଭେଟୁଛନ୍ତି।

ରାଉରକେଲା,୩୦।୮(ସଙ୍ଗୀତା ଜେନା)

### ସୁଭଦ୍ରା ପାଇଁ ମହିଳାଙ୍କଠାରୁ ଟଙ୍କା ସଂଗ୍ରହ ଅଭିଯୋଗ

ସୁଭଦ୍ରା ଯୋଜନାରେ ସାମିଲ କରାଇ ଦେବାକୁ କହି ହିତାଧିକାରୀଙ୍କଠାରୁ ଟଙ୍କା ଆଦାୟ କରୁଥିବା ଅସାଧୁ ବ୍ୟକ୍ତିବିଶେଷଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରକାର ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଏହାକୁ ଭ୍ରୂକ୍ଷେପ ନ କରି ରାଉରକେଲା ସହରର କିଛି ନେତ୍ରୀ ଓ ନେତା ସୁଭଦ୍ରା ଯୋଜନା କରାଇଦେବା ଆଳରେ ମହିଳାମାନଙ୍କଠାରୁ ୫/୬ଶହ ଟଙ୍କା ନେବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ସୂଚନା ପାଇ ମହିଳା ସାମାଜିକ ଅନୁଷ୍ଠାନ ଆଶ୍ରା ପକ୍ଷରୁ ଶୁକ୍ରବାର ଉଦିତନଗର ସିଡ଼ିପିଓ ଦର୍ଶନୀ ଏକ୍କାଙ୍କୁ ଭେଟି ଆଲୋଚନା କରାଯାଇଥିଲା। ଏଣିକି ଅନୁଷ୍ଠାନର ସଦସ୍ୟାମାନେ ପ୍ରତ୍ୟେକ ବସ୍ତି ବୁଲି ମହିଳାମାନଙ୍କୁ ସଚେତନ କରିବା ସହ ଅସାଧୁଙ୍କ ବିରୋଧରେ ଥାନାରେ ଅଭିଯୋଗ କରିବେ ବୋଲି କହିଛନ୍ତି। ଅନୁଷ୍ଠାନର ସମ୍ପାଦିକା ମୀନତି ଦେବତାଙ୍କ ନେତୃତ୍ୱରେ ଦୁର୍ଗା ପ୍ରସାଦ, ରୂପଶ୍ରୀ ଦାସ, ଲକ୍ଷ୍ମୀ ସାହା, ସରିତା ଗୁପ୍ତା, ଆରତୀ ଶାହା, ମଞ୍ଜୁଶ୍ରୀ ସାମଲଙ୍କ ସମେତ ଅନ୍ୟମାନେ ଆଲୋଚନା ସମୟରେ ଉପସ୍ଥିତ ଥିଲେ।

## 'ନାଟ୍ୟକାର ମନୋରଞ୍ଜନ' ଶୀର୍ଷକ ଦ୍ୱିଦିବସୀୟ ସମ୍ମିଳନୀ ଉଦ୍‌ଘାଟିତ

ରାଉରକେଲା,୩୦।୮(ଦିନେଶ ମିଶ୍ର)

ପାନପୋଷ ସ୍ଥିତ ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ବଙ୍ଗଳାଦେଶ ନାଟ୍ୟକଳା ସଂସ୍ଥା(ବିଟା) ଓ ନେପାଳର ସରଓମର ମିଳିତ ସହଯୋଗରେ ଓଡିଆ ପ୍ରୟୋଗବାଦୀ ନାଟ୍ୟଧାରା ଓ ନାଟ୍ୟକାର ମନୋରଞ୍ଜନ ଶୀର୍ଷକ ଦ୍ୱିଦିବସୀୟ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ଓଡିଆ ପ୍ରୟୋଗବାଦୀ ନାଟ୍ୟଧାରାର ପଥ ପ୍ରଦର୍ଶକ ତଥା ବିଶିଷ୍ଟ ନାଟ୍ୟକାର ମନୋରଞ୍ଜନ ଦାସଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ବିଶିଷ୍ଟ ନୃତ୍ୟଶିଳ୍ପୀ ତଥା ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ ଗୁରୁ ସକିତା ଦାସ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ପ୍ରଫେସର ଡକ୍ଟର ବିଜୟ କୁମାର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ ତଥା ନାଟ୍ୟ ବ୍ୟକ୍ତିତ୍ୱ ପ୍ରଫେସର ଡକ୍ଟର ସମର ମୁଦାଲି ଯୋଗ ଦେଇଥିଲେ। ମନୋରଞ୍ଜନଙ୍କ ନାଟକ ନନ୍ଦିକା କେଶରୀକୁ ନୃତ୍ୟ ମାଧ୍ୟମରେ ପରିବେଷଣ କରିବାର ଅନୁଭୂତି ସମ୍ପର୍କରେ ଅତିଥି ଦାସ କହିବା ସହିତ ତାଙ୍କ ନାଟ୍ୟଧାରା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଭିତ୍ତିନିବନ୍ଧ ଉପାସ୍ଥାପନ କରି ବିଶିଷ୍ଟ ନାଟ୍ୟ ବ୍ୟକ୍ତିତ୍ୱ ତଥା ନାଟ୍ୟ ଚେତନାର ପ୍ରତିଷ୍ଠାତା ନିର୍ଦ୍ଦେଶକ ସୁବୋଧ ପଟ୍ଟନାୟକ ନାଟକ ଏପରି ଏକ ମାଧ୍ୟମ ଯାହା ଅକ୍ଷର ଦ୍ୱାରା ଲିଖିତ କଥାକୁ ଦୃଶ୍ୟ ଓ ଶ୍ରାବ୍ୟ ମାଧ୍ୟମରେ ଚମତ୍କାର ଭାବେ ଉପସ୍ଥାପିତ କରିଥାଏ ବୋଲି କହିଥିଲେ। ମନୋରଞ୍ଜନଙ୍କ ନାଟକ ଏକାଧାରରେ ଲୋକଧର୍ମୀ, ପରୀକ୍ଷାଧର୍ମୀ ଓ ପ୍ରୟୋଗଧର୍ମୀ ଏବଂ ଏଭଳି ଓଡିଆ ନାଟ୍ୟକାର ବିଭିନ୍ନ ଭାରତୀୟ ଭାଷାରେ ବିରଳ ବୋଲି ପଟ୍ଟନାୟକ ମତ ରଖିଥିଲେ। ପ୍ରଫେସର ଡକ୍ଟର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଓଡିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡକ୍ଟର ସୁଷମା ମୋଦି କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ।



କାର୍ଯ୍ୟକ୍ରମରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ମୂକ ବଧିର ସ୍କୁଲରେ ଜାତୀୟ କ୍ରୀଡ଼ା ଦିବସ



କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅତିଥିଗଣ।

ରାଉରକେଲା,୩୦।୮(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୭ ସ୍ଥିତ ରାଉରକେଲା ମୂକ ବଧିର ସ୍କୁଲରେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ହକି ଯାଦୁକର ମେଜର ଧ୍ୟାନଚାନ୍ଦଙ୍କ ପଟ୍ଟଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ କ୍ଲିନ ଏଣ୍ଡ ଗ୍ରୀନ୍‌ର ସମ୍ପାଦକ ପ୍ରଦୀପ କୁମାର ଦାସ ମୁଖ୍ୟଅତିଥି, ସେୟାରର ନିର୍ଦ୍ଦେଶକ ନିଖିଳ କଳାକାର ପ୍ରଧାନ, ସଭାପତି ବିଜୟ କୁମାର ଦାସ, ଅନୁଷ୍ଠାନର ସମ୍ପାଦକ ଅଶୋକ କକ୍କଡ ଓ ପ୍ରକଳ୍ପ ସମ୍ପାଦକ ରାକେଶ ଗୋୟଲ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ। ମୁଖ୍ୟଅତିଥି ଧ୍ୟାନଚାନ୍ଦଙ୍କ ସ୍ମୃତିଚାରଣ କରିବା ସହିତ ତାଙ୍କର କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ବିଷୟରେ ଆଲୋକପାତ କରିଥିଲେ। ପରେ ଜାତୀୟ ଓ ରାଜ୍ୟସ୍ତରରେ କୃତିତ୍ୱ ଅର୍ଜନ କରିଥିବା କ୍ରୀଡାବିତ୍‌ମାନଙ୍କୁ ସମ୍ମାନୀତ କରାଯାଇଥିଲା। ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ କ୍ରୀଡ଼ା ପ୍ରଦର୍ଶନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ମନୋଜ କୁମାର ନାୟକ, ସୁନିତା ପଣ୍ଡା ଓ ଲକ୍ଷ୍ମୀକାନ୍ତ ନାୟକ ସହଯୋଗ କରିଥିବା ବେଳେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ରାଜଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ନବନିର୍ମିତ ପାଠାଗାର ଉଦ୍‌ଘାଟିତ

ରାଉରକେଲା,୩୦।୮(ବିପ୍ଳବ ରଞ୍ଜନ ଦାଶ)


ନବନିର୍ମିତ ପାଠାଗାରକୁ ଉଦ୍‌ଘାଟନ କରାଯାଉଛି।

ବେଦବ୍ୟାସ ସଂସ୍କୃତ କଲେଜ ପରିସରରେ ନବନିର୍ମିତ ପାଠାଗାର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ଡକ୍ଟର ଉମାକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥ ସଂସ୍କୃତ ମହାବିଦ୍ୟାଳୟର ସିଣ୍ଡିକେଟ ସଭ୍ୟ ତଥା ବେଦ ବିଭାଗର ମୁଖ୍ୟ ପ୍ରଫେସର ଡକ୍ଟର ଶତ୍ରୁଘ୍ନ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ପାଠାଗାର ଛାତ୍ରୀଛାତ୍ରମାନଙ୍କ ରତ୍ନଭଣ୍ଡାର। ଏଣୁ ସେମାନେ ଏହାର ସଦୁପଯୋଗ କରିବା ନିହାତି ଆବଶ୍ୟକ ବୋଲି ସେ କହିଥିଲେ। ଡକ୍ଟର ଲକ୍ଷ୍ମୀକାନ୍ତ ବେହେରା, ସାମାଜିକ ସୁରକ୍ଷା ଅଧିକାରୀ ମାନସ କୁମାର ସାହୁ, କନିଷ୍ଠ ଯନ୍ତ୍ରୀ ଗୀତାରାଣି ଦାସ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରି ଛାତ୍ରୀଛାତ୍ରମାନଙ୍କୁ ପାଠାଗାରର ଲାଭ ଉଠାଇବା ଲାଗି ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ବୁଦ୍ଧେଶ୍ୱର ଷଡ଼ଙ୍ଗୀ ଯୋଗଦେଇ ପାଠାଗାରରେ ପୁସ୍ତିକା ପଠନ ଦ୍ୱାରା ଛାତ୍ର ସମାଜକୁ ବୌଦ୍ଧିକ, ଶୈକ୍ଷିକ ଜ୍ଞାନ ମିଳେ ଓ ଜଣେ ଚରିତ୍ରବାନ ମଣିଷ ହେବାକୁ ପୁସ୍ତିକା ଉଚିତ ମାର୍ଗଦର୍ଶନ ପ୍ରଦାନ କରିଥାଏ ବୋଲି କହିଥିଲେ। ଡକ୍ଟର କାଳୀକିଙ୍କର ପଣ୍ଡା, ଅଧ୍ୟାପକ ଚନ୍ଦ୍ରଧ୍ୱଜ ମାଝୀ, ଶ୍ୟାମାମାଳା ଦାସ, ସନ୍ତୋଷ ଲେଙ୍କା ଏବଂ ରବିନ୍ଦ୍ର କୁମାର ପୃଷ୍ଟି ପ୍ରମୁଖ ସହଯୋଗ କରିଥିଲେ।

## କ୍ରୀଡ଼ା ଦିବସରେ ୩୯ କ୍ରୀଡ଼ାବିତ୍ ସମ୍ବର୍ଦ୍ଧିତ

ରାଉରକେଲା,୩୦।୮(ବିପ୍ଳବ ରଞ୍ଜନ ଦାଶ)


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

ରାଉରକେଲାର ଚନ୍ଦ୍ର ଶେଖର କ୍ରୀଡା ସଙ୍ଗଠନ ପକ୍ଷରୁ ସେକ୍ଟର-୨ ସ୍ଥିତ ମ୍ୟାକ୍ସମୁଲାର ଭବନରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆର୍‌ଏସ୍‌ପି ସହର ପ୍ରଶାସକ ତଥା ସିଜିଏମ୍ ପ୍ରତାପ କୁମାର ସ୍ୱାଇଁ ମୁଖ୍ୟଅତିଥି, ଗୁରୁନାନକ ପବ୍ଲିକ ସ୍କୁଲ ଅଧ୍ୟକ୍ଷା ଡକ୍ଟର ମାନଭଞ୍ଜନ କୌର, ବିକାଶ ଗ୍ଲୋବାଲ ସ୍କୁଲର ଅଧ୍ୟକ୍ଷ ମନୋଜ ତ୍ରିପାଠୀ, ସମାଜସେବୀ ନିରନ ଧଳ, ବରିଷ୍ଠ କ୍ରୀଡାବିତ୍ ଭାରତୀକୃଷ୍ଣ ମିଶ୍ର ଓ ଅରୁଣ ପ୍ରଧାନ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ହକିର କିମ୍ବଦନ୍ତୀ ସ୍ୱର୍ଗତ ମେଜର ଧ୍ୟାନଚାନ୍ଦଙ୍କ ତୈଳଚିତ୍ରରେ ପୁଷ୍ପଗୁଚ୍ଛ ଓ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ୧୫ଜଣ ଭେଟେରାନ କ୍ରୀଡାବିତ୍, ୫ଜଣ ମରଣୋତ୍ତର, ୩ଜଣଙ୍କୁ ଚନ୍ଦ୍ରଶେଖର ଖେଳରତ୍ନ ଓ ୧୬ଜଣଙ୍କୁ ନବପଲ୍ଲବୀତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଙ୍ଗଠନର ସାଧାରଣ ସମ୍ପାଦକ ଦେବଦତ୍ତ ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିରଞ୍ଜନ ନାୟକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଉପାଧ୍ୟକ୍ଷ ଶିବ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସଙ୍ଗଠନର ଅଧ୍ୟକ୍ଷ ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଭିଡିଓ କନଫରେନ୍ସ ମାଧ୍ୟମରେ ନିଜର ବାର୍ତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସହରର ବହୁ କ୍ରୀଡାବିତ୍, କୋଚ୍ ଏବଂ ବିଭିନ୍ନ ସାମାଜିକ ସଙ୍ଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ। ଗାୟକ ସୌମ୍ୟ କର ଓ ରୂପା ଜ୍ୟୋତି ସଙ୍ଗୀତ ପରିବେଷଣ କରିଥିଲେ। ସୁଶାନ୍ତ ଶତପଥୀ, ସଞ୍ଜୟ ଡାବୁଦା, ରମେଶ ଚନ୍ଦ୍ର ପାତ୍ର, ପ୍ରେମା ଶତପଥୀ, ଅରବିନ୍ଦ ପାତ୍ର, ଗଙ୍ଗାଧର ସାମଲ, ଗୁପ୍ତେଶ୍ୱର ଡୋରା, ସସ୍ମିତା ଦାସ, ରାକେଶ ସିଂ ପ୍ରମୁଖ ସହଯୋଗ କରିଥିଲେ।

## ଆର୍‌ଏସ୍‌ପି ଗସ୍ତରେ ଇସ୍ପାତ ସଚିବ

ରାଉରକେଲା,୩୦।୮(ବିପ୍ଳବ ରଞ୍ଜନ ଦାଶ)

ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ସଚିବ ସନ୍ଦୀପ ପୌଣ୍ଡ୍ରିକ ଶୁକ୍ରବାର ଦୁଇଦିନିଆଁ ଆର୍‌ଏସ୍‌ପି ଗସ୍ତରେ ଆସି ପହଞ୍ଚିଛନ୍ତି। ତାଙ୍କ ସହିତ ସେଲ ଅଧ୍ୟକ୍ଷ ଅମରେନ୍ଦୁ ପ୍ରକାଶ ଏବଂ ଇସ୍ପାତ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଡକ୍ଟର ସଞ୍ଜୟ ରୟ ମଧ୍ୟ ଗସ୍ତ କରିଛନ୍ତି। ସେମାନେ ରାଉରକେଲା ବିମାନ ବନ୍ଦରରେ ପହଞ୍ଚିବା ପରେ ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସେଠାରେ ଆର୍‌ଏସ୍‌ପିର ସିଆଇଏସ୍‌ଏଫ୍ ୟୁନିଟ୍ ପକ୍ଷରୁ ଇସ୍ପାତ ସଚିବଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ପରେ ପୌଣ୍ଡ୍ରିକ ଆରଏସ୍‌ପି ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ସେଲ୍ ଅଧ୍ୟକ୍ଷ, ଇସ୍ପାତ ଯୁଗ୍ମ ସଚିବ ଓ ଆର୍‌ଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକଙ୍କ ସମେତ ସମସ୍ତ ନିର୍ବାହୀ ନିର୍ଦ୍ଦେଶକ, ମୁଖ୍ୟ ମହାପ୍ରବନ୍ଧକ, ବିଭାଗର ମୁଖ୍ୟ ଏବଂ କାରଖାନାର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ପରେ ଇସ୍ପାତ ସଚିବ ଆର୍‌ଏସ୍‌ପିର ବିଭିନ୍ନ କ୍ଷେତ୍ରରେ ହୋଇଥିବା ପ୍ରଦର୍ଶନର ସମୀକ୍ଷା କରିଥିଲେ। ବୈଠକରେ ସାମଗ୍ରିକ ଦୃଶ୍ୟପଟ୍ଟ ଉପରେ ବିସ୍ତୃତ ଉପସ୍ଥାପନା ହୋଇଥିଲା। ଏହାପରେ ମତ ବିନିମୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ତେବେ ୩୧ତାରିଖ ଅପରାହ୍ନରେ ଇସ୍ପାତ ସଚିବ କାରଖାନାର ବିଭିନ୍ନ ବିଭାଗ ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଥିବା ଜଣାପଡିଛି।


ବୈଠକରେ ଉପସ୍ଥିତ ଇସ୍ପାତ ସଚିବ ଏବଂ ଅନ୍ୟ ଅଧିକାରୀଗଣ।

## ଲୋକେ ନେଇଗଲେ ବହୁମୂଲ୍ୟ କେବୁଲ

ରାଉରକେଲା,୩୦।୮(ସଙ୍ଗୀତା ଜେନା)

ରେଲୱେର ୩ୟ ଲାଇନ୍ କାର୍ଯ୍ୟ ପାଇଁ ବହୁମୂଲ୍ୟ କପର କେବୁଲ ଖୋଳାଯାଇ ରଖାଯାଇଥିବା ବେଳେ ଉପଯୁକ୍ତ ତଦାରଖ ଅଭାବରୁ ସ୍ଥାନୀୟ ଲୋକେ ଶୁକ୍ରବାର ଅପରାହ୍ନରେ ଏହାକୁ ନେଇଯାଇଛନ୍ତି। ଏପରି ଦୃଶ୍ୟ ଦେଖିବାକୁ ମିଳିଥିଲା ସେକ୍ଟର-୨୧ ନିକଟ ଓଭରବ୍ରିଜ ତଳେ। ତେବେ ଏହି କେବୁଲଗୁଡ଼ିକ ଅବ୍ୟବହୃତ ଥିଲା ବୋଲି ଆରପିଏଫ୍ ପକ୍ଷରୁ ପ୍ରତିକ୍ରିୟା ମିଳିଛି। ସୂଚନା ଅନୁଯାୟୀ, ୩ୟ ଲାଇନ୍ କାମ ପାଇଁ ରେଲୱେ ପକ୍ଷରୁ ଏହି କେବୁଲଗୁଡ଼ିକ ଖୋଳି ରଖାଯାଇଥିଲା।

## ଦେବଭୂମିର ପୁରସ୍କାର ବିତରଣୀ ଉତ୍ସବ ଉଦ୍‌ଯାପିତ

ରାଉରକେଲା,୩୦।୮(ଦିନେଶ ମିଶ୍ର)

ସେକ୍ଟର-୫ ସ୍ଥିତ ଭଞ୍ଜଭବନ ପରିସରରେ ଦେବଭୂମି ସ୍ପିରିଚୁଆଲ ଟ୍ରଷ୍ଟ ପକ୍ଷରୁ ପୁରସ୍କାର ବିତରଣ ଓ ଭଜନ ସନ୍ଧ୍ୟା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ରଘୁନାଥପାଲୀର ପୂର୍ବତନ ବିଧାୟକ ତଥା ଟ୍ରଷ୍ଟ ପରିଚାଳକ ସୁବ୍ରତ ତରାଇଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଆଧ୍ୟାତ୍ମିକ ପ୍ରବଚକ ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡା ମୁଖ୍ୟ ଅତିଥି, ପୂର୍ବତନ ମୁଖ୍ୟ ଶାସନ ସଚିବ ଗୋକୁଳ ଚନ୍ଦ୍ର ପତି ସମ୍ମାନୀୟ ଅତିଥି ଭାବେ ଉପସ୍ଥିତ ଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ସିନେ ଅଭିନେତା ବବି ମିଶ୍ର ଓ ଭଜନ ଗାୟକ ଶ୍ରୀଚରଣ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବରୁ ଆୟୋଜିତ ପ୍ରତିଯୋଗିତାର କୃତୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ସମାଜସେବୀ ରମାକାନ୍ତ ରଥ, ଏ. କେ. ଜେନା ଓ ସୁଶାନ୍ତ ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ସୁଶ୍ରୀ ଜ୍ୟୋତ୍ସ୍ନାରାଣୀ ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀଚରଣ ମହାନ୍ତି ଓ ରାଉରକେଲାର ଗୀତିକାରମାନେ ଭଜନ ପରିବେଷଣ କରିଥିଲେ। ରାଧାକାନ୍ତ ମହାପାତ୍ର, ଅନୁପମ ରାୟ, ସାଗରିକା କରଙ୍କ ସମେତ ବହୁ କର୍ମକର୍ତ୍ତା ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ।

# ଶ୍ରମିକ ସ୍ୱୀକୃତି ନିର୍ବାଚନରେ ବିଳମ୍ବ

ରାଉରକେଲା,୩୦।୮(ସଙ୍ଗୀତା ଜେନା)

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ରେ ସ୍ଥାୟୀ ଶ୍ରମିକ କର୍ମଚାରୀଙ୍କ ଶ୍ରମିକ ସ୍ୱୀକୃତି ନିର୍ବାଚନ ବିଳମ୍ବ ହେଉଛି। ଏଥିଯୋଗୁ କାରଖାନାରେ ଶ୍ରମିକ ସମସ୍ୟା, ନୂତନ ଯୋଜନା କାର୍ଯ୍ୟକ୍ଷମ ଭଳି ନାନା ଅସୁବିଧା ଦେଖାଯାଇଛି। ଅନ୍ୟପକ୍ଷେ ତୁରନ୍ତ ଇସ୍ପାତ କାରଖାନାରେ ଶ୍ରମିକ ନିର୍ବାଚନ କରିବା ଦାବିରେ ବିଭିନ୍ନ ଶ୍ରମ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ କରାଯାଇଛି। ହେଲେ ଏହି ନିର୍ବାଚନ ସମ୍ପର୍କିତ ଫାଇଲ୍ ବର୍ତ୍ତମାନ ଶ୍ରମ ମନ୍ତ୍ରାଳୟରେ ପଡ଼ିରହିଥିବା ସୂଚନା ମିଳିଛି। ଏପରିକି ନିର୍ବାଚନ ପାଇଁ ରିଟର୍ଣ୍ଣିଂ ଅଫିସର ନିୟୋଜନ ପ୍ରସ୍ତାବ ମଧ୍ୟ ସମାନ ସ୍ଥିତିରେ ରହିଛି। କେନ୍ଦ୍ରୀୟ ଶ୍ରମ ବିଭାଗ ଦ୍ୱାରା ପରିଚାଳିତ ଏହି ନିର୍ବାଚନ ହେବା ନେଇ ଅନଶ୍ଚିତତା ରହିଥିବା କୁହାଯାଉଛି।

### ଶ୍ରମ ମନ୍ତ୍ରାଳୟରେ ପଡ଼ିଛି ଫାଇଲ

ସୂଚନା ଅନୁସାରେ, ୨୦୨୦ରେ ଶ୍ରମିକ ସ୍ୱୀକୃତି ନିର୍ବାଚନର ଅବଧି ଶେଷ ହୋଇଥିଲା। ପରେ ଏହାକୁ ୧୮ମାସ ଘୁଞ୍ଚାଇ ଦିଆଯାଇଥିଲା। ଶେଷରେ ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ୨୦୨୨ରେ ନିର୍ବାଚନ ହୋଇଥିଲା। ସେହିପରି ଚଳିତ ବର୍ଷ ମାର୍ଚ୍ଚ ୧୧ରେ ସ୍ୱୀକୃତିପ୍ରାପ୍ତ ନିର୍ବାଚନ ଅବଧି ଶେଷ ହୋଇଯାଇଛି। ତେବେ ବର୍ତ୍ତମାନ ସୁଦ୍ଧା କୌଣସି ପ୍ରକ୍ରିୟା ଆରମ୍ଭ ହୋଇ ନ ଥିବାରୁ କେନ୍ଦ୍ରୀୟ ଶ୍ରମ ବିଭାଗ ପରିଚାଳିତ ୪ର୍ଥ ସ୍ୱୀକୃତିପ୍ରାପ୍ତ ନିର୍ବାଚନ ନେଇ ଆଶଙ୍କା ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଗତ ଜୁଲାଇ ୧୯ ତାରିଖରେ ଯଥାଶୀଘ୍ର ନିର୍ବାଚନ କରିବା ଦାବିରେ ରାଉରକେଲା ଶ୍ରମିକ ସଂଘ (ଆର୍‌ଏସ୍‌ଏସ୍) ଏବଂ ଏହାର ସାଥୀ ଅନୁଷ୍ଠାନ ଗାଙ୍ଗପୁର ମଜଦୁର ମଞ୍ଚ (ଜିଏମ୍‌ଏମ୍) ସେକ୍ଟର-୫ ଆଞ୍ଚଳିକ ଶ୍ରମ ଆୟୁକ୍ତ(ଆର୍‌ଏଲସି)ଙ୍କ କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଉଭୟ ସଙ୍ଗଠନ ଅଗଷ୍ଟ ମାସ ସୁଦ୍ଧା ନିର୍ବାଚନ ପାଇଁ ଦାବି କରିଥିଲେ । ନିର୍ବାଚନ ସହ ଜଡ଼ିତ କିଛି ମାମଲା କୋର୍ଟରେ ବିଚାରାଧୀନ ଥିବା ଦର୍ଶାଇ ନିର୍ବାଚନ ବିଳମ୍ବ ହୋଇଥିବା ଶ୍ରମ ଆୟୁକ୍ତ କହିଥିଲେ। ତେବେ ଅଗଷ୍ଟ ମାସ ଶେଷ ହେବାକୁ ଥିବା ବେଳେ ନିର୍ବାଚନ ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଥିବା ଶ୍ରମିକ ନେତାମାନେ ଅଭିଯୋଗ କରିଛନ୍ତି। ଏ ନେଇ ବିଏମ୍‌ଏସ୍ ସହବନ୍ଧିତ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ (ଆର୍‌ଆଇକେକେଏସ୍)ର ସାଧାରଣ ସମ୍ପାଦକ ହିମାଂଶୁ ବଳ କହିଛନ୍ତି, ନିର୍ବାଚନ ନ ହେବାରୁ ନୂତନ ଯୋଜନା କାର୍ଯ୍ୟକାରୀ ହେବାରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ଶ୍ରମିକ ଓ କାରଖାନା ସମସ୍ୟା ଗୁଡ଼ିକର ତ୍ୱରିତ ସମାଧାନରେ ଅନ୍ତରାୟ ହେଉଛି। ଶ୍ରମ ମନ୍ତ୍ରାଳୟ ନିକଟରେ ନିର୍ବାଚନୀ ଫାଇଲ୍ ପଡ଼ିରହିଛି ବୋଲି ବଳ କହିଥିଲେ। ଏ ସମ୍ପର୍କରେ ଆଞ୍ଚଳିକ ଶ୍ରମ ଆୟୁକ୍ତ ରବିକାନ୍ତ ରେଡ୍ଡୀଙ୍କ ପଚାରାଯିବାରୁ ସେ କହିଲେ, କାରଖାନାରେ ହେବାକୁ ଥିବା ସ୍ୱୀକୃତିପ୍ରାପ୍ତ ଶ୍ରମିକ ନିର୍ବାଚନ ପାଇଁ ପ୍ରକ୍ରିୟା କରାଯାଇଛି। ଏ ନେଇ ପ୍ରସ୍ତାବଗୁଡ଼ିକ ଶ୍ରମ ମନ୍ତ୍ରାଳୟ ନିକଟକୁ ପଠାଯାଇଛି। ସେଠାରେ ତାହା ବିଚାରାଧୀନ ରହିଛି। ଏଥିପାଇଁ ରିଟର୍ନିଂ ଅଫିସର ନିଯୁକ୍ତି ହୋଇନାହାନ୍ତି। ତେବେ ଆସନ୍ତା ଅକ୍ଟୋବର ମାସରେ ନିର୍ବାଚନ ହେବ ବୋଲି ଆଶା କରାଯାଉଥିବା ରେଡ୍ଡୀ କହିଛନ୍ତି।

## ସଂକ୍ଷେପରେ

### ସାତ ଦିନିଆ ନାଟକ କର୍ମଶାଳା ଉଦ୍‌ଯାପିତ




ସମ୍ବଲପୁର,୩୦।୮ (ବି.ଶଙ୍କର)

ଶ୍ରୀକଲଚରାଲ ଆସୋସିଏସନ ପକ୍ଷରୁ ନାଟକ କର୍ମଶାଳା ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଅନ୍ତର୍ଗତ ବଲାରଙ୍ଗା ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ ସଭାକକ୍ଷରେ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସତ୍ୟରଞ୍ଜନ ବେହେରା, ଉପସଭାପତି ଦିଲୀପ ଦେବ, ସମ୍ପାଦକ ଆଶିଷ ସୋନାର, ସଦସ୍ୟ ସନ୍ତୋଷ ରାୟଗୁରୁ, ଜଗଦୀଶ ମହାପାତ୍ର ବଲାରଙ୍ଗା ବିଦ୍ୟାଳୟକୁ ଆସି ଦଶଦିନ ପର୍ଯ୍ୟନ୍ତ ନାଟକର ବିଭିନ୍ନ ବିଷୟରେ ଶିକ୍ଷାଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ୪୦ ଛାତ୍ରୀଛାତ୍ର ଯୋଗଦେଇଥିଲେ। କିପରି ନାଟକ ମାଧ୍ୟମରେ ଲୋକମାନଙ୍କ ପାଖକୁ ସଚେତନତାର ବାର୍ତ୍ତା ପଠାଯାଇପାରିବ, ସେ ବିଷୟରେ ପ୍ରଶିକ୍ଷକମାନେ ଏହି ଦଶ ଦିନିଆ ନାଟକ କର୍ମଶାଳାରେ ଶିଖାଇଥିଲେ। ବଲାରଙ୍ଗା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦିପାଲୀ ଚୌଧୁରୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ଛାତ୍ରୀଛତ୍ରୀ କ୍ୟା ଥା କ୍ୟା ହୋ ଗୟା ଏକ ନାଟକ ପ୍ରଦର୍ଶନ ମଞ୍ଚସ୍ଥ କରିଥିଲେ ।

# ସାଇନ୍‌ବୋର୍ଡରେ ସୀମିତ ପୋଲିସ ଆଉଟ୍ ପୋଷ୍ଟ

ସମ୍ବଲପୁର,୩୦।୮ (ପ୍ରମୋଦ ବହିଦାର)

ସମ୍ବଲପୁରରେ ଆଇନ ଶୃଙ୍ଖଳା ପରିସ୍ଥିତି ଉଦ୍‌ବେଗଜନକ ହେବାରେ ଲାଗିଛି। ବିଶେଷକରି ଅଇଁଠାପାଲି ଘରୋଇ ବସଷ୍ଟାଣ୍ଡରେ ବୃଦ୍ଧି ପାଉଥିବା ଅସାମାଜିକ ତତ୍ତ୍ୱଙ୍କ ଦୌରାତ୍ମ୍ୟ ଯୋଗୁ ଯାତ୍ରୀ ଓ ବସ କର୍ମଚାରୀଙ୍କ ସହ ଏହା ପରିସରରେ ଥିବା ବ୍ୟବସାୟୀ ନିଜକୁ ଆଦୌ ସୁରକ୍ଷିତ ମଣୁନାହାନ୍ତି। ଏଭଳି କେତେକ ଘଟଣା ଘଟିବା ପରେ ଜିଲା ପୋଲିସ ଉଚ୍ଚ କର୍ତ୍ତୃପକ୍ଷ ଏଠାରେ ଏକ ପୋଲିସ ଆଉଟପୋଷ୍ଟ ଖୋଲିବାକୁ ନିଷ୍ପତ୍ତି ନେଇଥିଲେ। ସମସ୍ତ ପ୍ରକାର ଆନୁସଙ୍ଗିକ ବ୍ୟବସ୍ଥା ସତ୍ତ୍ୱେ ବର୍ତ୍ତମାନ ଏଠାରେ ଥିବା ପୋଲିସ ଆଉଟ ପୋଷ୍ଟ କେବଳ ସାଇନ୍‌ବୋର୍ଡରେ ସୀମିତ ରହିଛି। ଏଠାରେ କୌଣସି ପୋଲିସ କର୍ମଚାରୀ ମୁତୟନ ହୋଇ ନ ଥିବା ବେଳେ ଏହାର ତାଲା ମଧ୍ୟ ଖୋଲା ଯାଉନାହିଁ। ଫଳରେ ଏଠାରେ ଅସାମାଜିକ ତତ୍ତ୍ୱଙ୍କ ଦୌରାତ୍ମ୍ୟରେ ଯାତ୍ରୀ, ବସ କର୍ମଚାରୀ ଓ ବ୍ୟବସାୟୀମାନେ ଅତିଷ୍ଠପ୍ରାୟ। ଅନେକ ଦୂର ଦୂରାନ୍ତରୁ ଆସୁଥିବା ଯାତ୍ରୀ ଓ ବସ କର୍ମଚାରୀ ଏଭଳି ଅସାମାଜିକ ତତ୍ତ୍ୱଙ୍କ ଲୁଟପାଟର ଶିକାର ହେଉଛନ୍ତି। ଏଭଳି




ସାଇନ୍‌ବୋର୍ଡରେ ସୀମିତ ଅଇଁଠାପାଲି ଘରୋଇ ବସ୍ତଷ୍ଟାଣ୍ଡ ପୋଲିସ ଆଉଟ ପୋଷ୍ଟ।

କାର୍ଯ୍ୟକଳାପ ନିୟନ୍ତ୍ରଣ ପାଇଁ ଏଠାରେ ଏକ ପୋଲିସ ଆଉଟ ପୋଷ୍ଟ ଖୋଲିବା ନିତାନ୍ତ ଆବଶ୍ୟକ ହୋଇପଡ଼ିଥିଲା। ଏଥିପାଇଁ ପୋଲିସ ଉଚ୍ଚ କର୍ତ୍ତୃପକ୍ଷ ନିଷ୍ପତ୍ତି ମଧ୍ୟ ନେଇଥିଲେ। ତେଣୁ ଘରୋଇ ବସ ମାଲିକ ସଂଘ ଏଥିରେ ସହଯୋଗର ହାତ ବଢ଼ାଇ ଆଉଟ ପୋଷ୍ଟ ଖୋଲିବା ପାଇଁ ଏଠାରେ ଆଲୋକ, ପାନୀୟ ଜଳ ସହିତ ଆବଶ୍ୟକ ଆସବାବପତ୍ର ଆଦି ଆନୁସଙ୍ଗିକ ସୁବିଧାଲବ୍ଧ ଏକ କୋଠରୀର ବ୍ୟବସ୍ଥା କରି ପୋଲିସକୁ ହସ୍ତାନ୍ତର କରିଥିଲେ। ମାତ୍ର ଆଜକୁ ୬ ମାସରୁ ଉର୍ଦ୍ଧ୍ୱ ସମୟ ହେଲା ପୋଲିସ ଆଉଟ୍ ପୋଷ୍ଟର ସାଇନ ବୋର୍ଡ ଲାଗିଥିବା କୋଠରିର ବାହାରେ ତାଲା ଝୁଲୁଛି। ଘରୋଇ ବସ ମାଲିକ ସଂଘ ପକ୍ଷରୁ ଏନେଇ ବାରମ୍ବାର ଦୃଷ୍ଟି ଆକର୍ଷଣ କଲେ ମଧ୍ୟ ପୋଲିସ କର୍ତ୍ତୃପକ୍ଷ ଏହାକୁ ଆଦୌ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଛି। ଫଳରେ ଅପରାଧିମାନେ ଅଧିକ ଉତ୍ସାହିତ

**ବାରମ୍ବାର ଅଭିଯୋଗ ସତ୍ତ୍ୱେ କର୍ଣ୍ଣପାତ କରୁନାହାନ୍ତି ପୋଲିସ କର୍ତ୍ତୃପକ୍ଷ**

ହୋଇ ନିର୍ଭୟରେ ଏଠାରେ ଯାତ୍ରୀ ଓ ବସ କର୍ମଚାରୀଙ୍କୁ ଲୁଟପାଟ, ଧାରୁଆ ଅସ୍ତ୍ରରେ ଆକ୍ରମଣ ଆଦି ଅପରାଧ ଭିଆଇ ଚାଲିଛନ୍ତି। ଜୁଲାଇ ୧୨ ତାରିଖ ସନ୍ଧ୍ୟାରେ ଦାଦାବଟି ଦେବାକୁ ମନା କରିବାରୁ ଜଣେ ବସ କର୍ମଚାରୀଙ୍କୁ ଅସାମାଜିକ ଯୁବକମାନେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଲହୁଲୁହାଣ କରି ପକାଇଥିଲେ। ଏହାସହ ଅପରାଧିମାନେ ତାଙ୍କଠାରୁ ନଗଦ ରାଶି, ମୋବାଇଲ୍ ଆଦି ଲୁଟି ନେଇ ଫେରାର ହୋଇଯାଇଥିଲେ। ଏହାକୁ ନେଇ ଘରୋଇ ବସ ମାଲିକ ସଂଘ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ କରାଯାଇଥିଲା। ପରେ ଅଇଁଠାପାଲି ଘରୋଇ ବସଷ୍ଟାଣ୍ଡ ପରିସରରେ ୨୪ ଘଣ୍ଟାଧରି ପୋଲିସ ମୁତୟନ କରିବାର ବ୍ୟବସ୍ଥା କରିବାକୁ ପୋଲିସ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ଏହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ନ ହୋଇ କେବଳ ପ୍ରତିଶ୍ରୁତିରେ ରହିଯାଇଛି। ଫଳରରେ ସମ୍ବଲପୁର ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

# ଆଦିତ୍ୟ ଆଲୁମିନିୟମ ପକ୍ଷରୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ



ଆଦିତ୍ୟ ଆଲୁମିନିୟମ ସିଏସଆର ବିଭାଗ ଆୟୋଜିତ ବିଶ୍ୱ ସ୍ତନ୍ୟପାନ ଦିବସରେ ଅତିଥି ଓ ବକ୍ତାମାନେ।

ସମ୍ବଲପୁର,୩୦।୮ (ବି.ଶଙ୍କର)

ଆଦିତ୍ୟ ଆଲୁମିନିୟମ ସିଏସଆର ବିଭାଗ ପକ୍ଷରୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ସ୍ଥିତ ଲପଙ୍ଗା ପଞ୍ଚାୟତର ଅଙ୍ଗନବାଡି କେନ୍ଦ୍ରରେ ଗୁରୁବାର ପାଳିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ଗର୍ଭବତୀ ଓ ସ୍ତନ୍ୟପାନ କରାଉଥିବା ମାଆ, ସେମାନଙ୍କ ପିତାମାତା, କିଶୋରୀ ବାଳିକା ଓ ମହିଳାମାନେ ସାମିଲ ହୋଇଥିଲେ। ସେମାନଙ୍କୁ ସମସ୍ତ ବିଷୟରେ ସଚେତନ କରାଯାଇଥିଲା। ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ମୁଖ୍ୟ ଶ୍ୱେତା ଉପାଧ୍ୟାୟ ଏବଂ ଆଦିତ୍ୟ ଆଲୁମିନିୟମର ଆସିଷ୍ଟାଣ୍ଟ ମ୍ୟାନେଜର ମନୋରଞ୍ଜନ ବେହେରା ଯୋଗଦେଇ ମାଆ ଓ ଶିଶୁଙ୍କ ପାଇଁ ସ୍ତନ୍ୟପାନର ଗୁରୁତ୍ୱ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ବିଷୟରେ ଆଲୋକପାତ କରିଥିଲେ। ପୁଷ୍ଟିକର ଖାଦ୍ୟର ମହତ୍ତ୍ୱ, ଗର୍ଭାବସ୍ଥା ଓ ପ୍ରସବ ସମୟରେ ମାଆର ଯତ୍ନ ନେବା, ଶିଶୁ ଏବଂ ମାଆର ଓଜନ ଏବଂ ମାଆର ହିମୋଗ୍ଲୋବିନ ଯାଞ୍ଚ ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସରସ୍ୱତୀ ରାଉତ ଗର୍ଭବତୀ ମହିଳା ଏବଂ ସ୍ତନ୍ୟପାନ କରାଉଥିବା ମାଆଙ୍କୁ କଙ୍ଗାରୁ ପ୍ରକ୍ରିୟାରେ ସ୍ତନ୍ୟପାନର ଉପକାରିତା ବିଷୟରେ ଆଲୋକପାତ କରିଥିଲେ। ଅଞ୍ଚଳରୁ ମାତୃ, ଶିଶୁ ଓ ଜନ୍ମଜାତ ମୃତ୍ୟୁହାରକୁ କମ କରିବା ଓ ସମସ୍ତଙ୍କୁ ପୋଷଣ ଦିଗକୁ ଆଲୋକ ଦେଖାଇବା କାର୍ଯ୍ୟକ୍ରମର ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ ରହିଛି। କାର୍ଯ୍ୟକ୍ରମ ଆଶା ଓ ଅଙ୍ଗନୱାଡ଼ି କର୍ମୀ ଉପସ୍ଥିତ ରହି ସହଯୋଗ ପ୍ରଦାନ କରିଥିଲେ ।

# ଏନ୍‌ଏସ୍‌ସିବି ମହାବିଦ୍ୟାଳୟରେ ଗଙ୍ଗାଧର ଜୟନ୍ତୀ



ସମ୍ବଲପୁର ଏନଏସସିବି ମହାବିଦ୍ୟାଳୟ ସଭାକକ୍ଷରେ ଆୟୋଜିତ ସ୍ୱଭାବ କବିଙ୍କ ଜୟନ୍ତୀ ଉତ୍ସବରେ ଅତିଥି, ବକ୍ତା ଓ କୃତୀ ଛାତ୍ରୀ।

ସମ୍ବଲପୁର,୩୦।୮ (ବି.ଶଙ୍କର)

ସମ୍ବଲପୁର ସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ(ଏନ୍‌ଏସ୍‌ସିବି) ସରକାରୀ ମହାବିଦ୍ୟାଳୟ ସାହିତ୍ୟ ସଂସଦ ଆୟୋଜନରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୬୩ତମ ଜୟନ୍ତି ଶୁକ୍ରବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ସଭାକକ୍ଷଠାରେ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ହରପାଲଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁରର ଆରାଧ୍ୟ ଦେବୀ ମା’ ସମଲେଶ୍ୱରୀ ଏବଂ ସ୍ୱଭାବକବିଙ୍କ ପ୍ରତିଛବି ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ ସହ ମାଲ୍ୟାର୍ପଣ ପୂର୍ବକ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ମହାବିଦ୍ୟାଳୟର ଇଂରାଜୀ ବିଭାଗର ଅଧ୍ୟାପକ ବୀରସେନ ଦଳାଇ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଉତ୍ସବରେ ବୁର୍ଲାସ୍ଥିତ ଅବସରପ୍ରାପ୍ତ ଓଡ଼ିଆ ପ୍ରାଧ୍ୟାପକ ତଥା ସଂସ୍କୃତି ଗବେଷକ ଡ. ଶ୍ୟାମ ସୁନ୍ଦର ଧର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ସ୍ୱଭାବକବିଙ୍କ ଓଡ଼ିଆ ସାହିତ୍ୟରେ ଆବିର୍ଭାବ ତଥା ତାଙ୍କ ସୃଷ୍ଟ ଗୀତିକବିତାଗୁଡ଼ିକର ତାତ୍ତ୍ୱିକ ବ୍ୟାଖ୍ୟା ସହ ମାର୍ମିକ ଆଲୋଚନା କରିଥିଲେ । ଗୀତି କବିତାଗୁଡ଼ିକରୁ ହିଁ ଗଙ୍ଗାଧରଙ୍କ ପ୍ରକୃତ ପ୍ରତିଭାର ପରିଚୟ ମିଳିଥାଏ ବୋଲି ମନ୍ତବ୍ୟ ପ୍ରକାଶ କରିଥିଲେ । ଭକ୍ତି, ମଧୁମୟ, ଅମୃତମୟ, ସମଲାଇ ଦେବୀଙ୍କ ପ୍ରତି, ବିଦୁର ପ୍ରଜାଗର, ଖଦ୍ୟୋତର ଖେଦ ପ୍ରଭୃତି କବିତା ଉପରେ ତାତ୍ପର୍ଯ୍ୟପୂର୍ଣ୍ଣ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ସ୍ନାତକୋତ୍ତର ଇତିହାସ ବିଭାଗୀୟ ମୁଖ୍ୟ ପ୍ରଫେସର ଦୁର୍ଲ୍ଲଭ କୁମାର ସା ସ୍ୱାଗତ ଭାଷଣ ଦେଇଥିବାବେଳେ ସାହିତ୍ୟ ସଂସଦର ଉପଦେଷ୍ଟା ତଥା ସ୍ନାତକୋତ୍ତର ଓଡ଼ିଆ ବିଭାଗର ମୁଖ୍ୟ ଡ. ଶ୍ୟାମ ଭୋଇ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଇତିହାସ ବିଭାଗର ସହକାରୀ ପ୍ରଫେସର ଡ.ରଘୁମଣି ନାଏକ ଗଙ୍ଗାଧର ସଙ୍ଗୀତ ପରିବେଷଣ କରିଥିଲେ। ପୂର୍ବରୁ ଗଙ୍ଗାଧର ଜୟନ୍ତୀ ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକୁ ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡ. ଶ୍ରଦ୍ଧାମୟୀ ପୁରୋହିତ ସଂଯୋଜନା କରିଥିଲେ। ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ ସଂଯୁକ୍ତା ବେଶ୍ରା, ଶିଲୀ ମହାନନ୍ଦ, ସୋନିଆ ପତି ଏବଂ ମୋନାଲିସା ସାହୁ। ସାହିତ୍ୟ ସଂସଦର ଅନ୍ୟତମ ସଦସ୍ୟା ଅଧ୍ୟାପିକା ରଶ୍ମିତା ରାଉତରାୟ ଏବଂ ଅଧ୍ୟାପିକା ମେଞ୍ଚା ପୂର୍ତ୍ତିଙ୍କ ସମେତ ବିଭିନ୍ନ ବିଭାଗର ସମସ୍ତ ଅଧ୍ୟାପିକା-ଅଧ୍ୟାପକ ଏବଂ କର୍ମଚାରୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଏହି ସମାରୋହରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ଶେଷରେ ସାହିତ୍ୟ ସଂସଦର ଅନ୍ୟତମ ସଦସ୍ୟ ତଥା ସ୍ନାତକୋତ୍ତର ଇଂରାଜୀ ବିଭାଗ ମୁଖ୍ୟ ହରିହର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ହୀରାକୁଦ ଜଳଭଣ୍ଡାରର ଖୋଲିଲା ୪ ସ୍ଲୁଇସ ଗେଟ

**ମୋଟ ୬ ସ୍ଲୁଇସ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ**

ସମ୍ବଲପୁର, ୩୦।୮ (ପ୍ରମୋଦ ବହିଦାର)

ହୀରାକୁଦ ଜଳଭଣ୍ଡାରରେ ଶୁକ୍ରବାର ପୁଣି ୪ଟି ସ୍ଲୁଇସ ଗେଟ୍ ଖୋଲାଯାଇଛି। ମୋଟ ୬ଟି ସ୍ଲୁଇସ ଗେଟ୍ ଦେଇ ଅତିରିକ୍ତ ବନ୍ୟାଜଳ ନିଷ୍କାସନ କରାଯାଉଛି। ରାତି ସାଢ଼େ ୯ଟାରେ ହସ୍ତଗତ ଶେଷ ଖବର ଅନୁସାରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୩.୪୩ ଫୁଟ ରହିଛି। ଏହି ସମୟରେ ଜଳଭଣ୍ଡାରକୁ ବନ୍ୟାଜଳ ପ୍ରବେଶ ଓ ନିଷ୍କାସନ ପରିମାଣ ପ୍ରତି ସେକେଣ୍ଡରେ ସମାନ ୧ ଲକ୍ଷ ୨୭ ହଜାର ୬୦୩ ଘନଫୁଟ ରହିଛି। ମୋଟ ନିଷ୍କାସନ ମଧ୍ୟରୁ ୬ଟି ସ୍ଲୁଇସ ଗେଟ ଦେଇ ୯୫ ହଜାର ୬୦୪ ଘନଫୁଟ, ବିଦ୍ୟୁତ୍ ଉତ୍ପାଦନ ପାଇଁ ପାୱାର ଚ୍ୟାନେଲରେ ସର୍ବାଧିକ ୨୮ ହଜାର ୬୭୯ ଘନଫୁଟ, ବରଗଡ଼ କେନାଲରେ ୨ ହଜାର ୫୭୫ ଘନଫୁଟ, ଶାସନ କେନାଲରେ ୪୩୦ ଘନଫୁଟ, ସମ୍ବଲପୁର କେନାଲରେ ୬୧ ଓ ହୀରାକୁଦ କେନାଲରେ ୭ ଘନଫୁଟ ଜଳ ନିଷ୍କାସିତ ହେଉଛି। ସେହିପରି ଶିଳ୍ପାନୁଷ୍ଠାନଗୁଡ଼ିକୁ ୨୭୭ ଘନଫୁଟ ଜଳ ଯୋଗାଣ ହେଉଛି। ଗତ ୨୪ ଘଣ୍ଟା ମଧ୍ୟରେ ହୀରାକୁଦ ଉପରମୁଣ୍ଡରେ ୧୦.୩୧ ମିଲିମିଟର ଓ ତଳମୁଣ୍ଡରେ ୧୯.୭୭ ମିଲିମିଟର ବର୍ଷା ରେକର୍ଡ ହୋଇଛି।

# ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ବିବିଧ ପ୍ରତିଯୋଗିତା




ଜିଏମୟୁରେ ଆୟୋଜିତ ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ବିବିଧ ପ୍ରତିଯୋଗିତାରେ ଅତିଥି ଓ କର୍ମକର୍ତ୍ତା।

ସମ୍ବଲପୁର,୩୦।୮ (ବି.ଶଙ୍କର)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ)ରେ ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ବିବିଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ହକି ଖେଳର ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କ ପବିତ୍ର ଜନ୍ମତିଥିକୁ ସ୍ମରଣୀୟ କରିବାକୁ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଫୁଟବଲ, ଟଗ ଅଫ ୱାର, ଲେମନ ରେସ, ପ୍ଲାଙ୍କ ଚ୍ୟାଲେଞ୍ଜ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ, ମାଧୋ ସିଂହ, କୁଞ୍ଜେଲ ସିଂହ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ବୀର ପୁରୁଷମାନଙ୍କ ନାମରେ ଟିମରେ ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ ନାଗାରାଜୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥି ସହିତ ମଞ୍ଚ ଉପରେ ଡାଇରେକ୍ଟର ଅଫ ସ୍ପୋର୍ଟସ କାଉନସିଲ ନମିତା ଷଡଙ୍ଗୀ ଏବଂ ଦିବ୍ୟାନୀ ଶୁକ୍ଳାଙ୍କ ସମେତ ଶିବାନି ଶର୍ମା, ସୁମନ୍ତ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟର ଛାତ୍ର ଅନୁଜ ଛତ୍ରିଆ ମଞ୍ଚ ପରିଚାଳନା ସଂଯୋଜନା କରିଥିଲେ। ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ପିଇଓ ଲିଙ୍ଗରାଜ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ରାଷ୍ଟ୍ରୀୟ ଗୋପାଳ ବିଦ୍ୟାମନ୍ଦିରରେ ଜାତୀୟ କ୍ରୀଡା ଦିବସ

ସମ୍ବଲପୁର, ୩୦।୮ (ଭବାନୀ ଶଙ୍କର ଭୋଇ)

ନୟାପଡା ସ୍ଥିତ ରାଷ୍ଟ୍ରୀୟ ଗୋପାଳ ବିଦ୍ୟାମନ୍ଦିରଠାରେ ଜାତୀୟ କ୍ରୀଡା ଦିବସ ପାଳନ କରାଯାଇଛି । ଅନ୍ତର୍ଜାତୀୟ ମାଷ୍ଟର କ୍ରୀଡାବିଦ ସୁନ୍ଦରମଣୀ ବାରିକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ କ୍ରୀଡାର ମହତ୍ତ୍ୱ ବିଷୟରେ ବୁଝାଇଥିଲେ। ହକିର ମହାନ ଖେଳାଳି ମେଜର ଧ୍ୟାନଚାନ୍ଦ କିଭଳି ନିଜର ଉଦ୍ୟମ ବଳରେ ହକିରେ ଭାରତକୁ ବିଶ୍ୱରେ ପ୍ରତିଷ୍ଠିତ କରି ପାରିଥିଲେ ସେହି ବିଷୟରେ ମୁଖ୍ୟ ଅତିଥି ସୂଚନା ଦେଇଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଭବିଷ୍ୟତରେ ଜଣେ ଉଚ୍ଚକୋଟିର କ୍ରୀଡାବିତ୍ ହେବା ପାଇଁ ସଂକଳ୍ପ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ଇନ୍ଦିରା ପ୍ରିୟଦର୍ଶନୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର କ୍ରୀଡା ଶିକ୍ଷକ ବିଜୟ କୁମାର ଦୋରା ଏବଂସୁନିତ ଡୁଙ୍ଗ ଡୁଙ୍ଗ ପରିଚାଳନା କରିଥିଲେ।

# ସମ୍ବଲପୁର ଜିଲାସ୍ତରୀୟ ଜାତୀୟ କ୍ରୀଡ଼ା ଦିବସ

ସମ୍ବଲପୁର,୩୦।୮ (ବି.ଶଙ୍କର)

ଓଡ଼ିଶା କ୍ରିଡା ଓ ଯୁବ ସେବା ବିଭାଗ ଏବଂ ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ଗୁରୁବାର ପାଳିତ ହୋଇଯାଇଛି। ସକାଳ ଲଗାଣ ବର୍ଷା ସତ୍ତ୍ୱେ ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମରୁ ଲକ୍ଷ୍ମୀ ଟକିଜ ଛକ ପର୍ଯ୍ୟନ୍ତ ମିନି ମାରାଥନ ହୋଇଥିଲା। ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏବଂ ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ ସମ୍ମାନିତ ଅତିଥି ଭାବେ ଯୋଗଦେଇ ହକିର ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କୁ ପ୍ରତିଛବିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ମାଲ୍ୟାର୍ପଣ କରିଥିଲେ। ଏଥିସହ ଅତିଥିଭାମାନେ ସମ୍ବଲପୁର ଜିଲାପାଳ ବୋନ୍ଦର ଏବଂ କମିଶନର ବେଦଭୂଷଣ ସବୁଜ ପତାକା ଦେଖାଇ ମାରାଥନକୁ ଶୁଭାରମ୍ଭ କରିଥିଲେ। ମାରାଥନରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର, କ୍ରୀଡ଼ା ଛାତ୍ରାବାସର ଅନ୍ତେବାସୀ, ଏନସିସି କ୍ୟାଡେଟ, ଡିଫେନ୍ସ ଏକାଡେମୀ, ମା ସମଲେଶ୍ୱରୀ କିକବକ୍ସିଂ କ୍ଲବ ସମେତ ଅନ୍ୟ କ୍ରୀଡ଼ା ସଂଘର ଓ କ୍ରୀଡ଼ା କ୍ଲବର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ବାଳକ ବର୍ଗରେ ହିମାଂଶୁ ମାଝୀ, ଜିଙ୍ଗା ଲାକ୍ରା ଓ ସୁମିତ ଭୋଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ବାଳିକା ବର୍ଗରେ ନିତୁ କେବଟ, ମାଲି ମୁଣ୍ଡା ଓ ଜିଙ୍ଗାନ ସିଂହ ଜଗଦଲା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ। ମାରାଥନର ବିଜେତାଙ୍କୁ ଅତିତ୍ମାନେ ପୁରସ୍କୃତ କରିଥିଲେ। ଶେଷରେ ସମ୍ବଲପୁର ଡିଏସଓ ଡ.ସତ୍ୟନାରାୟଣ ତାଣ୍ଡି ସମସ୍ତ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଦେଇଥିଲେ।



ସମ୍ବଲପୁର ଜିଲା ପ୍ରଶାସନ ଆୟୋଜିତ ଜାତୀୟ କ୍ରୀଡ଼ା ଦିବସରେ ଅତିଥିମାନେ ସବୁଜ ପତାକା ଦେଖାଇ ମିନି ମାରାଥନଙ୍କୁ ଶୁଭାରମ୍ଭ କରୁଛନ୍ତି।

**ମିନି ମରାଥନ, ମହିଳା ଫୁଟବଲ ମ୍ୟାଚ ଅନୁଷ୍ଠିତ**

ଅପରାହ୍ନରେ ସମ୍ବଲପୁର ସ୍ଥିତ ହାୱା ମଇଦାନରେ ଉତ୍କଳ ସଂଘ ଓ ଆଦିବାସୀ କ୍ଲବ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ମହିଳା ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ଅତିରିକ୍ତ ଜିଲାପାଳ ସୁଚାରୁ କୁମାର ବଳ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ମ୍ୟାଚରେ ଉତ୍କଳ ସଂଘ ୩-୧ ଗୋଲରେ ବିଜୟୀ ହୋଇଥିଲା । ଏହି ମ୍ୟାଚରେ ଆଦିବାସୀ କ୍ଲବର ମାଳି ମୁଣ୍ଡା, ଉତ୍କଳ ସଂଘର ପ୍ରମିଳା ମୁଣ୍ଡା, ଦୀପାଳି ମୁଣ୍ଡା ଓ ପ୍ରିୟା ଓରାମ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଆସନ୍ତା ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ସପ୍ତାହବ୍ୟାପି କାର୍ଯ୍ୟକ୍ରମ ଚାଲିବ। ଜିଲାର କୁଚୁମୁରା ହକି ପ୍ରଶିକ୍ଷଣ କେନ୍ଦ୍ରଠାରେ ଆଗାମୀ ଦିନରେ ବନ୍ଧୁତ୍ୱପୂର୍ଣ୍ଣ ହକି ମ୍ୟାଚ ଅନୁଷ୍ଠିତ ହେବ। ଉକ୍ତ ସପ୍ତାହରେ ଜିଆଇଏଚ ସମ୍ବଲପୁର, ଏମପିଆଇଏସ କୁଚିଣ୍ଡା ଓ ବିପିଆଇଏସ ବୁର୍ଲାରେ ବ୍ୟାଡମିଣ୍ଟନ ମ୍ୟାଚ ମଧ୍ୟ ଆୟୋଜିତ ହେବ।

# ଗଙ୍ଗାଧର ସାହିତ୍ୟ ଓଡ଼ିଶାର ଅସ୍ମିତାବୋଧ: କୁଳପତି

ସମ୍ବଲପୁର,୩୦।୮ (ଭବାନୀ ଶଙ୍କର ଭୋଇ)

ସ୍ୱଭାବ କବି ଗଙ୍ଗାଧର ମେହେର ଜଣେ ଆଦର୍ଶବାଦୀ କବି ଭାବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତାଙ୍କ ରଚିତ କାଳଜୟୀ ସାହିତ୍ୟ ଓଡ଼ିଶାର ଅସ୍ମିତାବୋଧ ଓ ମାନବବାଦର ମନ୍ତ୍ର ବୋଲି ବୁର୍ଲା ଏନ୍‌ଏସି ମହାବିଦ୍ୟାଳୟଠାରେ ଆୟୋଜିତ ଗଙ୍ଗାଧର ଜୟନ୍ତୀରେ ସମ୍ବଲପୁର ବିଶ୍ୱ ବିଦ୍ୟାଳୟର କୁଳପତି ଡ. ବିଧୁଭୁଷଣ ମିଶ୍ର ମତବ୍ୟକ୍ତ କରିଛନ୍ତି। ଶୁକ୍ରବାର ମହାବିଦ୍ୟାଳୟର ପରିଚାଳନା ସମିତିର ସଭାପତି ଶିକ୍ଷାବିତ୍ ଗୋପାଳଚନ୍ଦ୍ର ଶତପଥୀଙ୍କ ପୌରହିତ୍ୟରେ ଆୟୋଜିତ ଗଙ୍ଗାଧରଙ୍କ ଜୟନ୍ତୀ ଉତ୍ସବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମିଶ୍ର ଦର୍ଶାଇଥିଲେ ଯେ ଜୀବନକୁ ବୁଝିବା ପାଇଁ ଗଙ୍ଗାଧର ସାହିତ୍ୟ ପଢିବାର ଆବଶ୍ୟକତା ରହିଛି। କାର୍ଯ୍ୟକ୍ରମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଗୋପୀନାଥ ବାଗ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ଗଙ୍ଗାଧର ତାଙ୍କ ସାହିତ୍ୟରେ ନାରୀଙ୍କୁ ଗୁରୁତ୍ୱ ଦେବାସହ କୃଷି, କୃଷକ ଏବଂ ପ୍ରକୃତିର କଥା କହିଛନ୍ତି। ଯାହା ତାଙ୍କୁ ଜୀବନବାଦୀ କବିର ମାନ୍ୟତା ଦେଇଛି। ଏହି ଅବସରରେ ମହାବିଦ୍ୟାଳୟର ଅଧକ୍ଷା ସୁବନ୍ଦିତା ମିଶ୍ର କହିଥିଲେ, ଗଙ୍ଗାଧରଙ୍କ ସାହିତ୍ୟ ମାନସିକ ଶାନ୍ତି ପ୍ରଦାନ କରିବାକୁ ସକ୍ଷମ। ରାଜନୀତୀ ବିଜ୍ଞାନ ବିଭାଗର ମୁଖ୍ୟ ଡ. ଅପରାଜିତା ପଣ୍ଡା ଗଙ୍ଗାଧରଙ୍କ ଆଦର୍ଶ ସମାଜ ଗଠନ ପାଇଁ ଦେଇଥିବା ବାର୍ତ୍ତା ବିଷୟରେ ମତ ଦେଇଥିଲେ। ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡ. ଜ୍ୟୋତିରଞ୍ଜନ ସାମଲ କାର୍ଯ୍ୟକ୍ରମ ଆରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ଏବଂ ଇଂରାଜୀ ବିଭାଗ ମୁଖ୍ୟ ଲିଲି ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଆର୍ଟସ ସୋସାଇଟିର ସଂଯୋଜିକା ଡ. ହିମାଦ୍ରୀ ଦାସ, ଅଧ୍ୟାପକ ଦାଶରଥୀ ବିଶ୍ୱାଳ, ଅଧ୍ୟାପିକା ସଙ୍ଗୀତା ବେହେରା, ସୁନିତା ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅଧ୍ୟାପକ ସୋମନାଥ ବିଶ୍ୱାଳଙ୍କ ସଂଯୋଜନାରେ ଛାତ୍ରୀଛାତ୍ର ଗଙ୍ଗାଧରଙ୍କ ରଚନାକୁ ନେଇ ଓଡ଼ିଶୀ ନୃତ୍ୟ ଏବଂ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ପ୍ରାଚୀରପତ୍ର ନିର୍ଝରଣୀ ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମ ଉପଲକ୍ଷେ ଆଠଟି ବିଷୟରେ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ପ୍ରତିଯୋଗିତାର ୨୬ ଜଣ ବିଜେତାଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା।



ବୁର୍ଲା ଏନଏସି ମହାବିଦ୍ୟାଳୟର ଛାତ୍ରୀମାନେ ଗଙ୍ଗାଧର ସଙ୍ଗୀତ ଉପରେ ନୃତ୍ୟ ପରିବେଷଣ କରୁଛନ୍ତି ।

**ବୁର୍ଲା ଏନଏସି ମହାବିଦ୍ୟାଳୟରେ ଗଙ୍ଗାଧର ଜୟନ୍ତୀ**

# ବଧାୱନ ବନ୍ଦରର ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ

ମୁମ୍ବାଇ,୩୦।୮

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ମହାରାଷ୍ଟ୍ରର ପାଲଘରଠାରେ ୭୬,୨୨୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ବଧାୱନ ବନ୍ଦର ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଭାରତର ବିକାଶରେ ଏହି ସ୍ୱତନ୍ତ୍ର ପ୍ରକଳ୍ପର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିବ। ମହାରାଷ୍ଟ୍ରର ପ୍ରଗତିରେ ଏହା ପ୍ରମୁଖ ଭୂମିକା ନିଭାଇବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପାଲ୍‌ଘର ଜିଲା ଅନ୍ତର୍ଗତ ଦହନୁ ସହର ନିକଟରେ ନିର୍ମାଣ ହେବାକୁ ଯାଉଥିବା ବଧାୱନ ବନ୍ଦର ଦେଶର ସର୍ବବୃହତ୍ ଗଭୀର ଜଳ ବନ୍ଦର ହେବ। ଅନ୍ତର୍ଜାତୀୟ ଜାହାଜଗୁଡ଼ିକ ଏହି ବନ୍ଦରରେ ଲାଗିବା ଫଳରେ ପରିବହନ ସମୟ ଏବଂ ଆନୁଷଙ୍ଗିକ ଖର୍ଚ୍ଚ କମ୍ ହେବ। ଏହା ବିଶ୍ୱଶ୍ରେଣୀୟ ସାମୁଦ୍ରିକ ପ୍ରବେଶ ପଥ ହେବାକୁ ଯାଉଛି, ଯାହା ଦେଶର ବାଣିଜ୍ୟ ଏବଂ ଆର୍ଥିକ ଅଭିବୃଦ୍ଧିକୁ ବଢ଼ାଇବ। ବୃହତ୍ ପଣ୍ୟବାହୀ ଜାହାଜଗୁଡ଼ିକ ଏହି ବନ୍ଦରରେ ଲାଗିପାରିବ। ମହାରାଷ୍ଟ୍ରରେ ମୁମ୍ବାଇ ବନ୍ଦର ଏବଂ ଜବାହରଲାଲ ନେହେରୁ ବନ୍ଦର ପରେ ବଧାୱନ ତୃତୀୟ ବୃହତ୍ ବନ୍ଦର ହେବାକୁ ଯାଉଛି। ଜବାହରଲାଲ୍ ନେହେରୁ ପୋର୍ଟ ଟ୍ରଷ୍ଟ ଏବଂ ମହାରାଷ୍ଟ୍ର ମେରିଟାଇମ୍ ବୋର୍ଡ ମିଳିତ ଭାବେ ଉକ୍ତ ବନ୍ଦରର ବିକାଶ କରିବେ।

## ଶିବାଜୀଙ୍କ ପ୍ରତିମୂର୍ତ୍ତି ଭୁଶୁଡ଼ିବା ଘଟଣା

# କ୍ଷମା ମାଗିଲେ ମୋଦି



ପାଲ୍‌ଘର,୩୦।୮

ମହାରାଷ୍ଟ୍ରର ସିନ୍ଧୁଦୁର୍ଗ ଜିଲାରେ ଥିବା ଛତ୍ରପତି ଶିବାଜୀ ମହାରାଜଙ୍କ ୩୫ ଫୁଟ୍ ଉଚ୍ଚତା ବିଶିଷ୍ଟ ପ୍ରତିମୂର୍ତ୍ତି ଭୁଶୁଡ଼ିବା ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର କ୍ଷମା ମାଗିଛନ୍ତି। ରାଜକୋର୍ଟ ଦୁର୍ଗସ୍ଥିତ ଉକ୍ତ ପ୍ରତିମୂର୍ତ୍ତି ଭୁଶୁଡ଼ିବା ଘଟଣାରେ ପ୍ରଧାନମନ୍ତ୍ରୀ ପ୍ରଥମେ ଛତ୍ରପତି ଶିବାଜୀଙ୍କୁ ଏବଂ ପରେ ଯେଉଁମାନଙ୍କୁ ଏହା ଆଘାତ ଦେଇଛି, ସେମାନଙ୍କୁ ନତମସ୍ତକ ହୋଇ କ୍ଷମା ମାଗୁଛି ବୋଲି ପାଲ୍‌ଘରରେ ଅବତରଣ କରିବା ପରେ କହିଥିଲେ। ଅଯୋଧ୍ୟାର ରାମମନ୍ଦିର ଛାତରୁ ପାଣି ଗଳିବା ଘଟଣାରେ ଏହାର ନିର୍ମାଣ କାର୍ଯ୍ୟକୁ ନେଇ ସମାଲୋଚନା କରାଯାଇଥିଲେ ମଧ୍ୟ ପ୍ରଧାନମନ୍ତ୍ରୀ କ୍ଷମା ମାଗି ନ ଥିଲାବେଳେ ଶିବାଜୀ ପ୍ରତିମୂର୍ତ୍ତି ଭୁଶୁଡ଼ିବା ଘଟଣାରେ କ୍ଷମା ମାଗିବାକୁ ବାଧ୍ୟ ହୋଇଛନ୍ତି ବୋଲି ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି।

### ରାମମନ୍ଦିର ଛାତରୁ ପାଣି ଗଳିବା ନେଇ ମୁହଁ ଖୋଲି ନ ଥିଲେ ପ୍ରଧାନମନ୍ତ୍ରୀ

ଛତ୍ରପତି ଶିବାଜୀ ମହାରାଜ କେବଳ ଏକ ନାମ ନୁହେଁ କି ସେ କେବଳ ରାଜା ନୁହନ୍ତି। ଆମ ପାଇଁ ସେ ଦେବତା। ଆଜି ମୁଁ ସେହି ଦେବତାଙ୍କ ପାଦତଳେ ମୁଣ୍ଡ ନୁଆଁଇ କ୍ଷମା ମାଗୁଛି ବୋଲି ମୋଦି ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି। ଆମ ପାଇଁ ଦେବତାଙ୍କଠାରୁ କେହି ବଡ଼ ନୁହନ୍ତି। ଅନ୍ୟପକ୍ଷରେ ସ୍ୱାଧୀନତା ସଂଗ୍ରାମୀ ତଥା ହିନ୍ଦୁତ୍ୱବାଦୀ ନେତା ବିନାୟକ ଦାମୋଦର ସଭରକରଙ୍କୁ କେତେଜଣ ନିନ୍ଦା କରୁଛନ୍ତି। ତାଙ୍କୁ ଅପମାନିତ କରୁଥିବା ନେତାମାନେ କ୍ଷମା ମାଗିବାକୁ ପ୍ରସ୍ତୁତ ନୁହନ୍ତି ବୋଲି ମୋଦି ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରି କହିଥିଲେ।

ସୂଚନାଯୋଗ୍ୟ, ଗତବର୍ଷ ଡିସେମ୍ବର ୪ ନୌସେନା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ଅନାବରଣ କରିଥିବା ଶିବାଜୀଙ୍କ ୩୫ ଫୁଟ୍ ଉଚ୍ଚତା ବିଶିଷ୍ଟ ପ୍ରତିମୂର୍ତ୍ତି ଗତ ୨୬ ତାରିଖରେ ଭୁଶୁଡ଼ି ପଡ଼ିଥିଲା। ଏହାକୁ ନେଇ ରାଜ୍ୟର ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିବାବେଳେ ରାଜନୀତି ଜୋର୍ ଧରିଛି। ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ନିମ୍ନମାନର କାର୍ଯ୍ୟ ଯୋଗୁ ପ୍ରତିମୂର୍ତ୍ତି ଭୁଶୁଡ଼ିଲା ବୋଲି ବିରୋଧୀ ମହାବିକାଶ ଅଘାଡ଼ି ମେଣ୍ଟ ଅଭିଯୋଗ କରିବା ସହ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଏବଂ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍‌ଙ୍କ ଇସ୍ତଫା ଦାବି କରିଥିଲା।

ଶିବାଜୀ ମହାରାଜଙ୍କ ପ୍ରତିମୂର୍ତ୍ତି ଭୁଶୁଡ଼ିବା ଘଟଣା ମହାରାଷ୍ଟ୍ରର ସ୍ୱାଭିମାନକୁ ଆଘାତ ଦେଇଛି। ତେଣୁ ପ୍ରଧାନମନ୍ତ୍ରୀ କେବଳ କ୍ଷମା ମାଗିଦେବା ଯଥେଷ୍ଟ ନୁହେଁ ବୋଲି ବରିଷ୍ଠ କଂଗ୍ରେସ ନେତା ନାନା ପାଟୋଲ କହିଛନ୍ତି। କ'ଣ ପାଇଁ ସେ କ୍ଷମା ମାଗିଲେ। ଏହାର ଅର୍ଥ ସେ ଭୁଲ୍ ସ୍ୱୀକାର କରିଛନ୍ତି। ଯେତେବେଳେ ପ୍ରତିମୂର୍ତ୍ତି ପ୍ରସ୍ତୁତ ହେଲା, ଜଣେ ପ୍ରଧାନମନ୍ତ୍ରୀ ଭାବେ ସେ କିମ୍ବା ତାଙ୍କ ଟିମ୍ ଏହାକୁ ଯାଞ୍ଚ କରିବା ଆବଶ୍ୟକ ଥିଲା। ପ୍ରତିମୂର୍ତ୍ତିର ମୂଳଦୁଆ ସୁଦୃଢ଼ ଅଛି କି ନାହିଁ, ସଂସ୍କୃତି ବିଭାଗ ନିର୍ଦ୍ଦେଶକଙ୍କଠାରୁ ପ୍ରମାଣପତ୍ର ମିଳିଛି କି ନାହିଁ, ତାହା ଅନୁଧ୍ୟାନ କରିବା ଆବଶ୍ୟକ ଥିଲା। ତେଣୁ କେବଳ କ୍ଷମାରେ ପ୍ରସଙ୍ଗର ସମାଧାନ ହୋଇଯିବ ନାହିଁ। ସେ ପ୍ରଧାନମନ୍ତ୍ରୀ ହୁଅନ୍ତୁ କି ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଅଥବା ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ଓ ଅଜିତ ପାୱାର, ସେମାନେ ମହାରାଷ୍ଟ୍ରର ସ୍ୱାଭିମାନକୁ ଆଘାତ ଦେଇଛନ୍ତି। ସେମାନେ କ୍ଷମତାରୁ ଓହରିଯାଆନ୍ତୁ, ନଚେତ ରାଜ୍ୟବାସୀ ତାଙ୍କୁ କ୍ଷମତାରୁ ହଟାଇଦେବେ ବୋଲି ପାଟୋଲ କହିଛନ୍ତି।



ଶିବାଜୀଙ୍କ ପ୍ରତିମୂର୍ତ୍ତି



ଭାଙ୍ଗିବା ପରେ

# ଜାପାନରେ ବାତ୍ୟା: ବ୍ୟାପକ କ୍ଷୟକ୍ଷତି



ଫୁକୁଓକା,୩୦।୮

ଜାପାନରେ ଶାନ୍‌ଶାନ୍ ବାତ୍ୟା ପ୍ରଭାବରେ ଗୁରୁବାର ରାତିରୁ ଲଗାଣ ବର୍ଷା ଓ ପବନ ଲାଗି ରହିଛି। ଫଳରେ କେତେକ ସ୍ଥାନରେ ଭୂସ୍ଖଳନ ଘଟି ବ୍ୟାପକ କ୍ଷୟକ୍ଷତି ହେବା ସହ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ବାତ୍ୟା ଯୋଗୁ ପରିବହନ ଓ ଯାତାୟାତ ସେବା ପ୍ରଭାବିତ ହୋଇଥିବାବେଳେ ଦୋକାନବଜାର ବନ୍ଦ ରହିଛି। ବାତ୍ୟାଜନିତ ଦୁର୍ଘଟଣାରେ ୪ ଜଣଙ୍କ ମୃତ୍ୟୁ ଘଟିଛି ଓ ୯୯ ଜଣ ଆହତ ହୋଇଛନ୍ତି। ଗୁରୁବାର କ୍ୟୁଶୁ ଅଞ୍ଚଳରେ ବାତ୍ୟା ସ୍ଥଳଭାଗ ଛୁଇଁଥିବା ଯୋଗୁ ସାରା ରାତି ପ୍ରବଳ ବର୍ଷା ସହ ଘଣ୍ଟାପ୍ରତି ୧୮୦ କିଲୋମିଟର ବେଗରେ ପବନ ବହିଥିଲା। ଫଳରେ ବହୁ ଅଞ୍ଚଳ ଜଳାର୍ଣ୍ଣବ ହେବା ସହ ବହୁ କ୍ଷୟକ୍ଷତି ହୋଇଥିବା ବିପର୍ଯ୍ୟୟ ପରିଚାଳନା ସଂସ୍ଥା ପକ୍ଷରୁ କୁହାଯାଇଛି।

# ଭୂସ୍ଖଳନରେ ପରିବାରର ୧୨ ମୃତ

ପେଶାୱର,୩୦।୮(ପି.ଟି.)

ପାକିସ୍ତାନର ଉତ୍ତରପଶ୍ଚିମାଞ୍ଚଳରେ ଶୁକ୍ରବାର ପ୍ରବଳ ବର୍ଷା ସାଙ୍ଗକୁ ଭୂସ୍ଖଳନ ଯୋଗୁ ଗୋଟିଏ ଘର ଭୁଶୁଡ଼ି ପଡ଼ିଛି। ଫଳରେ ପରିବାରର ୯ ପିଲାଙ୍କ ସମେତ ୧୨ ଜଣଙ୍କ ମୃତ୍ୟୁ ହୋଇଛି। ଖାଇବର ପଖ୍‌ତୁନ୍‌ଖ୍ୱା ପ୍ରଦେଶର ଅପର ଡିର୍ ଜିଲାରେ ଏହି ଦୁଃଖଦ ଘଟଣା ଘଟିଛି। ମୃତଦେହଗୁଡ଼ିକୁ ମାଟିତଳୁ ବାହାର କରାଯାଇ ବ୍ୟବଚ୍ଛେଦ ନିମନ୍ତେ ହସ୍ପିଟାଲ ପଠାଯାଇଛି। ଆରବ ସାଗରରେ ସାମୁଦ୍ରିକ ବାତ୍ୟା ସୃଷ୍ଟି ହୋଇଥିବାରୁ ଏହାର ପ୍ରଭାବରେ ପାକିସ୍ତାନରେ କିଛିଦିନ ହେଲା ପ୍ରବଳ ବର୍ଷା ଲାଗିରହିଛି।

# ଆସାମ ବିଧାନସଭାରେ ୨ ଘଣ୍ଟିଆ ନମାଜ ବିରତି ବନ୍ଦ

ଗୁଆହାଟୀ,୩୦।୮(ପି.ଟି.)

ଆସାମ ବିଧାନସଭାରେ ମୁସଲମାନ ବିଧାୟକମାନଙ୍କ ନମାଜ ପାଠ ପାଇଁ ଶୁକ୍ରବାର ଦିଆଯାଉଥିବା ୨ ଘଣ୍ଟା ବିରତିକୁ ଉଠାଇ ଦିଆଯାଇଛି। ବିଧାନସଭାର ଆଗାମୀ ଅଧିବେଶନରୁ ଏହା କାର୍ଯ୍ୟକାରୀ ହେବ। ବିଧାନସଭାର ଏହି ନିଷ୍ପତ୍ତିକୁ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଐତିହାସିକ ବୋଲି କହି ପ୍ରଶଂସା କରିଛନ୍ତି।




୩ ଘଣ୍ଟା ଜୁମ୍ମା ବିରତିକୁ ହଟାଇଦେଇ ବିଧାନସଭା ଉତ୍ପାଦକତାକୁ ପ୍ରାଥମିକତା ଦେବା ସହ ଉପନିବେଶୀୟ ବୋଝରେ ପ୍ରତୀକକୁ ଦୂରେଇ ଦେଇଛି। ୧୯୩୭ରେ ମୁସ୍‌ଲିମ୍ ଲିଗ୍‌ର ସୟେଦ ସାଦୁଲ୍ଲା ଏହି ପ୍ରଥା କାର୍ଯ୍ୟକାରୀ କରିଥିଲେ। ଏହାକୁ ଉଚ୍ଛେଦ କରାଯିବା ନିଷ୍ପତ୍ତି ପାଇଁ ବାସସ୍ପତି ବିଶ୍ୱଜିତ ଦାଇମାରି ଡଙ୍ଗୋରିୟା ଓ ବିଧାୟକମାନଙ୍କୁ ମୁଖ୍ୟମନ୍ତ୍ରୀ କୃତଜ୍ଞତା ଜଣାଇଛନ୍ତି। ମୁସଲମାନ ବିବାହ ଓ ଛାଡ଼ପତ୍ର ପାଇଁ ପଞ୍ଜୀକରଣକୁ ବାଧ୍ୟତାମୂଳକ କରାଯିବା ନିମନ୍ତେ ବିଧାନସଭାରେ ବିଲ୍ ଗୃହୀତ ହେବାର ଦିନକ ପରେ ଗୃହରୁ ୨ ଘଣ୍ଟିଆ ନମାଜ ବିରତିକୁ ଉଠାଇଦିଆଯାଇଛି।

# ଆଭ୍ୟନ୍ତରୀଣ ବାୟୁ ପ୍ରଦୂଷଣ ଅଧିକ ବିପଜ୍ଜନକ

ନୂଆଦିଲ୍ଲୀ,୩୦।୮(ପି.ଟି.)

ବାହ୍ୟ ବାୟୁ ପ୍ରଦୂଷଣ ତୁଳନାରେ ଘର ଭିତରର ବାୟୁ ପ୍ରଦୂଷଣ ସ୍ୱାସ୍ଥ୍ୟ ପାଇଁ ଅଧିକ ବିପଜ୍ଜନକ ବୋଲି ବିଶେଷଜ୍ଞମାନେ କହିଛନ୍ତି। ବେଳେବେଳେ ପ୍ରଦୂଷିତ ଘରଗୁଡ଼ିକ ରହିଥିବା ଗାଁଠାରୁ ସହର ଅଧିକ ସ୍ୱଚ୍ଛ ହୋଇଥାଏ। ଇଣ୍ଡିଆ କ୍ଲିନ୍ ଏୟାର ସମିଟ୍ (ଆଇସିଏଏସ୍), ୨୦୨୪କୁ ଉଦ୍‌ବୋଧନ ଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ପ୍ରମୁଖ ଉପଦେଷ୍ଟା ସୌମ୍ୟା ସ୍ୱାମୀନାଥନ କହିଛନ୍ତି, ଘରେ ରହୁଥିବା ମହିଳାମାନେ ବ୍ଲାକ୍ କାର୍ବନ୍‌ର ସର୍ବୋଚ୍ଚ ସ୍ତର ଦ୍ୱାରା ପ୍ରଭାବିତ ହୋଇଥାନ୍ତି। ଦିଲ୍ଲୀର ପ୍ରଦୂଷିତ ବାୟୁରେ ଅଟୋରିକ୍ସାରେ ଯାତ୍ରା କରୁଥିବା ଲୋକମାନେ ଯେତିକି କଳା ଅଙ୍ଗାରକ ଦ୍ୱାରା ପ୍ରଭାବିତ ହୋଇଥାନ୍ତି, ଘରେ ରହିଥିବା ମହିଳାମାନେ ମଧ୍ୟ ସମାନ ପରିମାଣରେ ପ୍ରଭାବିତ ହୋଇଥାନ୍ତି। ଫଳରେ ସେମାନଙ୍କଠାରେ ରକ୍ତଚାପ ସମସ୍ୟା ଅଧିକ ଦେଖିବାକୁ ମିଳେ। ରାଜ୍ୟରେ ଉତ୍ସର୍ଜିତ ଅଙ୍ଗାରକର ୨୦ ପ୍ରତିଶତରୁ କମ୍ ସହରଗୁଡ଼ିକ ଛାଡ଼ିଥାନ୍ତି। ତେବେ ପରିବାରଗୁଡ଼ିକର ନିର୍ଗତ ହେଉଥିବା ଅଙ୍ଗାରକ ଉତ୍ସର୍ଜନ ପରିମାଣ ୨୦ରୁ ୪୦ ପ୍ରତିଶତ ମଧ୍ୟରେ ବୋଲି ସ୍ୱାମୀନାଥନ କହିଛନ୍ତି। କଳା ଅଙ୍ଗାରକ ଦୀର୍ଘ ଶ୍ୱାସରୋଗ, ଫୁସ୍‌ଫୁସ୍ କ୍ୟାନ୍‌ସର, ନିମୋନିଆ, ଆଜ୍‌ମା, ହୃଦ୍‌ରୋଗ, କମ୍ ଓଜନର ଶିଶୁ ଜନ୍ମର କାରଣ ବୋଲି ବିଶେଷଜ୍ଞ କହିଛନ୍ତି। ବାୟୁ ପ୍ରଦୂଷଣ ଯୋଗୁ ଲୋକଙ୍କ ହାରାହାରି ଆୟୁ ୨.୩ ବର୍ଷ ହ୍ରାସ ପାଉଛି।

# ତେଜୁଛି ରାଜନୀତି, ଥମୁନି ବଳାତ୍କାର



**କିଛି ଦଶନ୍ଧି ମଧ୍ୟରେ ଭାରତର ବିବିଧ କ୍ଷେତ୍ରରେ ପ୍ରଗତି ପରିଲକ୍ଷିତ ହୋଇଛି। ଏହି ବିକାଶ ଓ ଅଭିବୃଦ୍ଧି ସତ୍ତ୍ୱେ ସଭ୍ୟ ସମାଜର ମୁଣ୍ଡ ତଳକୁ କରିଦେବା ଭଳି ଅନେକ ଘଟଣା ଘଟିଚାଲିଛି। ମହିଳାଙ୍କୁ ମା' ରୂପେ ସମ୍ମାନ ଦିଆଯାଉଥିବାବେଳେ ସେମାନଙ୍କ ପ୍ରତି ବଢ଼ିଚାଲିଥିବା ହିଂସା ଓ ଯୌନ ଅପରାଧ ଅତ୍ୟନ୍ତ ଉଦ୍‌ବେଗଜନକ। ଦେଶରେ ପ୍ରତି ୧୬ ମିନିଟ୍‌ରେ ଜଣେ ମହିଳା ବଳାତ୍କାରର ଶିକାର ହେଉଛନ୍ତି। ଶିଶୁକନ୍ୟା, ଯୁବତୀ ଓ ମହିଳାମାନେ ପ୍ରତ୍ୟହ ଏଭଳି ବର୍ବର ଅପରାଧକୁ ସାମ୍ନା କରୁଛନ୍ତି। ବିଲଠୁ ବସ୍ ଷ୍ଟପ୍, ଶିକ୍ଷାନୁଷ୍ଠାନରୁ ନେଇ ହସ୍ପିଟାଲ, ଘରେ ବାହାରେ ସବୁଠି ଯୌନ ପିପାସୁ ପୁରୁଷ ନିଜ କାମବାସନା ଚରିତାର୍ଥ କରିବାକୁ ଯାଇ ଦୁଷ୍କର୍ମରେ ଲିପ୍ତ ରହୁଛନ୍ତି। ଅନେକ ସ୍ଥଳେ ଧରାପଡ଼ିବା ଭୟରେ ବଳାତ୍କାର ପୀଡ଼ିତାଙ୍କୁ ଜୀବନରୁ ମାରି ପ୍ରମାଣ ନଷ୍ଟ ଉଦ୍ୟମ କରାଯାଉଛି। ଘଟଣା ପ୍ରଘଟ ହେବା ପରେ ଦେଶବାସୀ ସହାନୁଭୂତି ଦେଖାଇ ବିକ୍ଷୋଭ କରୁଛନ୍ତି। ପୋଲିସ ତଦନ୍ତ ଚଳାଉଛି। ନେତାମାନେ 'ନ୍ୟାୟ' ପାଇଁ ଚିତ୍କାର କରୁଛନ୍ତି। ମହିଳା ସଶକ୍ତୀକରଣର ସ୍ଲୋଗାନ ଦିଆଯାଉଛି, ରାଜନୀତି ତେଜୁଛି, ବାକ୍‌ଯୁଦ୍ଧ ଚାଲୁଛି। ସମୟ ଅତିକ୍ରାନ୍ତ ହେବା ସହ ଯଥା ପୂର୍ବଂ ତଥା ପରମ୍ ରୀତିରେ ସବୁ ଭୁଲିହୋଇଯାଉଛି, ଯେମିତି କି କିଛି ଘଟିନାହିଁ। ପ୍ରକୃତ ନ୍ୟାୟକୁ ଅନେଇଥିବା ପୀଡ଼ିତା ଆଖିରୁ ଲୁହ ଝରିବା ବନ୍ଦ ହେଉନାହିଁ।**

ନୂଆଦିଲ୍ଲୀ,୩୦।୮

୨୦୧୨ ଡିସେମ୍ବର ୧୬ ରାତି ପ୍ରାୟ ୯ଟାରେ ଦକ୍ଷିଣ ଦିଲ୍ଲୀ ମୁନିରକାରେ ଜଣେ ୨୩ ବର୍ଷୀୟା ଫିଜିଓଥେରାପିଷ୍ଟ ଛାତ୍ରୀ ବସ୍‌ରେ ଚଢ଼ିଥିଲେ ଘରକୁ ଯିବା ପାଇଁ। ସେହି ଚଳନ୍ତା ବସ୍‌ରେ ଡ୍ରାଇଭର ଓ ତାଙ୍କ ସହଯୋଗୀମାନେ ପାରାମେଡିକ୍ ଛାତ୍ରୀଙ୍କୁ ଗଣବଳାତ୍କାର କରିବା ସହ ସମ୍ବେଦନଶୀଳ ଅଙ୍ଗରେ ଲୁହାରଡ୍ ପୂରାଇ ତାଙ୍କୁ ଏକ ପରିତ୍ୟକ୍ତ ସ୍ଥାନରେ ଫୋପାଡ଼ି ଦେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଦେଇଥିବା ଛାତ୍ରୀଙ୍କୁ ଦେଶ ନାଁ ଦେଇଥିଲା 'ନିର୍ଭୟା'। ଏହି ବହୁଚର୍ଚ୍ଚିତ ଘଟଣାର ପ୍ରାୟ ୧୨ ବର୍ଷ ପରେ ଦେଶକୁ ଆନ୍ଦୋଳିତ କରିଦେଇଛି ଆଉ ଏକ ବଳାତ୍କାର ଓ ହତ୍ୟା।

ଅଗଷ୍ଟ ୮ ବିଳମ୍ବିତ ରାତିରେ କୋଲକାତାସ୍ଥିତ ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ସେମିନାର ହଲ୍‌ରେ ୩୧ ବର୍ଷୀୟା ପିଜି ଛାତ୍ରୀଙ୍କୁ ବଳାତ୍କାର ପରେ ବର୍ବର ହତ୍ୟା କରାଯିବା ଘଟଣାକୁ ନେଇ ଦେଶବ୍ୟାପୀ ଆନ୍ଦୋଳନ ଚାଲିଥିବାବେଳେ ବିଶ୍ୱରେ ଦୁର୍ନାମ ମୁଣ୍ଡାଇଛି ଭାରତ। ଏଥିସହ କର୍ମକ୍ଷେତ୍ରରେ ମହିଳାମାନଙ୍କ ସୁରକ୍ଷା ପ୍ରତି ଉଠିଛି ପ୍ରଶ୍ନବାଚୀ। ପୀଡ଼ିତା ଛାତ୍ରୀଙ୍କ ସାଙ୍କେତିକ ନାମକରଣ କରାଯାଇଛି 'ଅଭୟା'।

ଆର୍.ଜି. କର ହସ୍ପିଟାଲ ମାମଲାରେ କାଲକାଟା ହାଇକୋର୍ଟଙ୍କଠାରୁ ନେଇ ଦେଶର ସର୍ବୋଚ୍ଚ ଅଦାଲତ ପର୍ଯ୍ୟନ୍ତ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଭାରତର ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ କହିଛନ୍ତି, ଦେଶ ଆଉ ଏକ ବଳାତ୍କାରକୁ ଅପେକ୍ଷା କରିପାରିବ ନାହିଁ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଧ୍ୟ ବହୁତ ହୋଇଗଲା, ଏବେ ଭାରତକୁ ତତ୍ପର ହୋଇ ମହିଳା ବିରୋଧୀ ଅପରାଧ ରୋକିବାକୁ ପଡ଼ିବ ବୋଲି ଚେତାଇଦେଇଛନ୍ତି।

ଉପରାଷ୍ଟ୍ରପତି ଜଗଦୀପ ଧନକରଙ୍କ ମତରେ କୋଲକାତା ଘଟଣା ଏକ ଯନ୍ତ୍ରଣାଦାୟକ ଅପରାଧ। ଏଭଳି ଅପରାଧ ଭିଆଉଥିବା ବ୍ୟକ୍ତିମାନଙ୍କୁ ଦଣ୍ଡିତ କରିବା ପାଇଁ କଠୋର ଆଇନ ବ୍ୟବସ୍ଥା କରାଯିବା ଉଚିତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ମହିଳା ବିରୋଧୀ ଅପରାଧକୁ ଅକ୍ଷମଣୀୟ କହି ନିନ୍ଦା କରିଛନ୍ତି। ସେପଟେ ବିରୋଧୀ ଭାଜପା ଏହି ପ୍ରସଙ୍ଗରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଅପଦସ୍ଥ କରିବା ପାଇଁ ବିକ୍ଷୋଭ ଜାରି ରଖିଛି। ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବଳାତ୍କାରୀଙ୍କୁ ଫାଶୀଖୁଣ୍ଟରେ ଝୁଲାଇବା ପାଇଁ ସୋମବାର ବିଧାନସଭାରେ ଆଇନ ଆଣିବାକୁ ଯାଉଛନ୍ତି। ବଳାତ୍କାର ଏକ ଜାତୀୟ ପ୍ରସଙ୍ଗ ହୋଇଥିବା ଦର୍ଶାଇ କଠୋର ଆଇନ ପ୍ରଣୟନ ପାଇଁ ସେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମମତା ଶୁକ୍ରବାର ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଦ୍ୱିତୀୟ ପତ୍ର ଲେଖିଛନ୍ତି। ପ୍ରଥମ ଚିଠିର ଉତ୍ତର ନ ଦେବା କେନ୍ଦ୍ରର ସମ୍ବେଦନହୀନତା ବୋଲି ଏକ୍ସ'ରେ ଉଲ୍ଲେଖ କରିଛନ୍ତି, ଯହିଁରେ ମମତା ଉକ୍ତ ଚିଠିକୁ ମଧ୍ୟ ପୋଷ୍ଟ କରିଛନ୍ତି।

କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ମମତାଙ୍କୁ ଏହାର କଡ଼ା ଜବାବ ଦେଇଛନ୍ତି। ମହିଳାଙ୍କ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ପଦକ୍ଷେପ ନେବାରେ ମମତାଙ୍କ ସରକାର ବିଫଳ ହୋଇଥିବା କହିଛନ୍ତି। ପଶ୍ଚିମବଙ୍ଗରେ ୪୮,୬୦୦ ବଳାତ୍କାର ଓ ପୋକ୍ସୋ ମାମଲା ଗଡ଼ୁଥିବାବେଳେ ରାଜ୍ୟ ସରକାର ଅବଶିଷ୍ଟ ୧୧ଟି ଫାଷ୍ଟ ଟ୍ରାକ୍ କୋର୍ଟ ପ୍ରତିଷ୍ଠା କରି ନ ଥିବା ଅନ୍ନପୂର୍ଣ୍ଣା ସମାଲୋଚନା କରିଛନ୍ତି। ଟିଏମ୍‌ସି ନେତା ଡେରେକ୍ ଓ'ବ୍ରାଏନ୍ କହିଛନ୍ତି, ଦେଶରେ ମୋଟ ୨୭,୨୦୨୩ ଫାଷ୍ଟ ଟ୍ରାକ୍ କୋର୍ଟ ଥିବାବେଳେ ପଶ୍ଚିମବଙ୍ଗରେ ୮୮ଟି ରହିଛି। ଉତ୍ତର ପ୍ରଦେଶ (୩୭୨) ଓ ମହାରାଷ୍ଟ୍ର (୯୭) ପରେ ପଶ୍ଚିମବଙ୍ଗ ହେଉଛି ବଳାତ୍କାର ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ତୁରନ୍ତ ଦଣ୍ଡବିଧାନ କରିବା ପାଇଁ ଉଦ୍ଦିଷ୍ଟ ଏଭଳି ଅଦାଲତ ପ୍ରତିଷ୍ଠା କରିବାରେ ତୃତୀୟ ରାଜ୍ୟ। ଇତିମଧ୍ୟରେ ରାଜ୍ୟପାଳ ସିଭି ଆନନ୍ଦ ବୋଷ ନୂଆଦିଲ୍ଲୀରେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟି ଆର୍.ଜି. କର ଘଟଣା ପରବର୍ତ୍ତୀ ପଶ୍ଚିମବଙ୍ଗର ଆଇନଶୃଙ୍ଖଳା ସ୍ଥିତି ଉପରେ ଅବଗତ କରାଇଛନ୍ତି। ରାଜ୍ୟପାଳଙ୍କଠୁ ନେଇ ରାଷ୍ଟ୍ରପତି ଏବଂ ମୁଖ୍ୟମନ୍ତ୍ରୀଙ୍କଠାରୁ ପ୍ରଧାନମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତେ ବଳାତ୍କାରକୁ ନିନ୍ଦା କରିବା ସହ କଠୋର ଶାସ୍ତିବିଧାନ କରାଯିବା ଉପରେ ମତ ଦେଉଥିବାବେଳେ ଏହି କଳଙ୍କିତ ଧାରା ବଜାୟ ରହିଛି।

## ମଲିଉଡ୍‌ରେ ମି ଟୁ ଝଡ଼

କେରଳ ହାଇକୋର୍ଟ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ କେ. ହେମାଙ୍କ ଅଧ୍ୟକ୍ଷତାରେ ୨୦୧୭ରେ ଗଠିତ କମିଟି ଗତ ୧୯ରେ ରିପୋର୍ଟ ସାର୍ବଜନୀନ ପରଠୁ ମଲିଉଡ୍‌ରେ ଆଉ ଏକ ମି ଟୁ ଝଡ଼ ଉଠିଛି। ସିନେମାରେ ସୁଯୋଗ ଦେବା ପାଇଁ ନିର୍ଦ୍ଦେଶକ, ପ୍ରଯୋଜକ ଓ ଅଭିନେତାମାନେ ଅଭିନେତ୍ରୀମାନଙ୍କୁ ସୁଯୋଗ ଦେବା ଆଳରେ କିପରି ସେମାନଙ୍କୁ ଯୌନ ଶୋଷଣ କରୁଛନ୍ତି, ତାହା ଉକ୍ତ ରିପୋର୍ଟରେ ପ୍ରଘଟ ହୋଇଛି। ବଙ୍ଗଳା ଅଭିନେତ୍ରୀ ଶ୍ରୀଲେଖା ମିତ୍ରଙ୍କ ଅଭିଯୋଗକୁ ନେଇ ଜଣାଶୁଣା ନିର୍ଦ୍ଦେଶକ ତଥା ପ୍ରଯୋଜକ ରଞ୍ଜିତ ବାଲାକ୍ରିଷ୍ଣନ୍ କେରଳ ରାଜ୍ୟ ଚଳଚ୍ଚିତ୍ର ଏକାଡେମୀ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିବାବେଳେ ସାଉଥ୍ ଆକ୍ଟ୍ରେସ୍ ରେବତୀ ସମ୍ପତଙ୍କ ଅଭିଯୋଗ କ୍ରମେ ବର୍ଷିୟାନ ଅଭିନେତା ସିଦ୍ଧିକି ଆସୋସିଏଶନ୍ ଅଫ୍ ମାଲାୟାଲମ୍ ମୁଭି ଆର୍ଟିଷ୍ଟସ (ଏଏମ୍‌ଏମ୍‌ଏ) ସାଧାରଣ ସମ୍ପାଦକ ପଦ ଛାଡ଼ିଛନ୍ତି। ପୋଲିସ ଏନେଇ କେତେଜଣ ସିନେ ବ୍ୟକ୍ତିତ୍ୱଙ୍କ ବିରୋଧରେ ମାମଲା ରୁଜୁ କରିଛି।

## ଅସ୍ତ୍ର ଧରି ହସ୍ପିଟାଲ ଯିବାକୁ ଚାହୁଁଛନ୍ତି ମହିଳା ଡାକ୍ତର

ଦେଶର ହସ୍ପିଟାଲଗୁଡ଼ିକରେ ଏକ-ତୃତୀୟାଂଶ ଡାକ୍ତର ନିଜକୁ ଅସୁରକ୍ଷିତ ମଣୁଛନ୍ତି, ଯାହାଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ମହିଳା। ନାଇଟ୍ ସିଫ୍ଟରେ କାର୍ଯ୍ୟ କରୁଥିବା ୪୫% ଡାକ୍ତରଙ୍କ ପାଇଁ ଡ୍ୟୁଟି ରୁମ୍ ନାହିଁ। ହସ୍ପିଟାଲରେ ସୁରକ୍ଷା କର୍ମଚାରୀଙ୍କ ଅଭାବ, ଆଲୋକ ବ୍ୟବସ୍ଥା, ସିସିଟିଭି କ୍ୟାମେରା ନ ରହିବା ଏବଂ ଅନଧିକାର ପ୍ରବେଶ ଭଳି ଅନେକ ଅସୁବିଧା ରହିଛି। ଏଥିଯୋଗୁ ଅନେକ ମହିଳା ଡାକ୍ତର ଆତ୍ମରକ୍ଷା ପାଇଁ ସାଙ୍ଗରେ ଅସ୍ତ୍ର ନେଇ ହସ୍ପିଟାଲକୁ ଯିବା ଆବଶ୍ୟକ ବୋଲି ଅନୁଭବ କରୁଛନ୍ତି। ଇଣ୍ଡିଆନ୍ ମେଡିକାଲ ଆସୋସିଏଶନ୍ (ଆଇଏମ୍‌ଏ) ପକ୍ଷରୁ କରାଯାଇଥିବା ଏକ ସର୍ଭେରୁ ଏହା ଜଣାପଡ଼ିଛି।

## ପ୍ରତି ମିନିଟ୍‌ରେ ୧୬ ବଳାତ୍କାର

ଦେଶର କେଉଁଠି ନା କେଉଁଠି ପ୍ରତି ୧ ମିନିଟ୍‌ରେ ଜଣେ ମହିଳା ବଳାତ୍କାରର ଶିକାର ହେଉଥିବା ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ରିପୋର୍ଟ କହୁଛି। ସର୍ବାଧିକ ମାମଲାରେ ପୀଡ଼ିତାଙ୍କ ବୟସ ୧୮-୩୦ ବର୍ଷ ମଧ୍ୟରେ। ୨୦୨୨ରେ ମୋଟ ୩୧,୯୩୨ ପୀଡ଼ିତାଙ୍କ ମଧ୍ୟରୁ ୬୬% ବା ୨୧,୦୬୩ ଜଣ ଏହି ଆୟୁ ବର୍ଗର। ୨୦୨୧ରେ ସେମାନଙ୍କ ସଂଖ୍ୟା ୨୦,୦୬୫ ଥିଲା, ଯାହାକି ମୋଟ ୩୧,୮୭୮ ଜଣ ବଳାତ୍କାର ପୀଡ଼ିତାଙ୍କ ୬୩%। ୧୬ ବର୍ଷରୁ କମ୍ ବୟସ୍କ ଝିଅ ବଳାତ୍କାର ଶିକାର ହେଲେ ଅନେକ କ୍ଷେତ୍ରରେ ଲୋକଲଜ୍ଜା, ଅପରାଧୀଙ୍କ ଧମକ ଓ ପାରିବାରିକ ଚାପ ଯୋଗୁ ଏତଲା ଦେଉନାହାନ୍ତି। ଏହି କାରଣରୁ ସ୍ୱଳ୍ପବୟସ୍କାଙ୍କ ମାମଲା ସଂଖ୍ୟା କମ୍ ରହୁଥିବା ସମାଜ ବିଜ୍ଞାନୀମାନେ ମତ ଦେଇଛନ୍ତି।

## ଦଣ୍ଡବିଧାନ ହାର ମାତ୍ର ୨୭%

ନିର୍ଭୟା ଗଣବଳାତ୍କାର ଓ ହତ୍ୟା ବେଳେ ଦେଶରେ ବାର୍ଷିକ ୨୫,୦୦୦ ବଳାତ୍କାର ମାମଲା ରୁଜୁ ହେଉଥିଲା। ଏହା ପରେ ବାର୍ଷିକ ୩୦,୦୦୦ରୁ ଊର୍ଦ୍ଧ୍ୱ ବଳାତ୍କାର ମାମଲା ରୁଜୁ ହୋଇଆସୁଛି। ୨୦୧୬ରେ ଏହା ସର୍ବାଧିକ ୩୯,୦୦୦କୁ ଛୁଇଁଥିଲା। ମାମଲା ସଂଖ୍ୟା ବଢ଼ିଚାଲିଥିବାବେଳେ ଦଣ୍ଡବିଧାନ ହାର ମାତ୍ର ୨୭ରୁ ୨୮% ରହୁଛି। ବ୍ରିଟେନ୍‌ରେ ଦଣ୍ଡବିଧାନ ହାର ୬୩.୫% ଥିବାବେଳେ କାନାଡାରେ ୪୨%।






# ପାଳଭାଡ଼ି ତଳୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର

**କେନ୍ଦୁଝର,୩୦।୮**
**(ନରେଶ ଚନ୍ଦ୍ର ପଟ୍ଟନାୟକ)**

## ନାବାଳକଙ୍କୁ ଅପହରଣ ଘଟଣା

କେନ୍ଦୁଝର ଜିଲା ତେଲକୋଇ ଥାନା ଅନ୍ତର୍ଗତ କରଦାଙ୍ଗି ଗ୍ରାମରୁ ଅପହୃତ ନାବାଳକ ଶାନ୍ତନୁ ପାତ୍ର(୧୨)ଙ୍କୁ ପୋଲିସ ଉଦ୍ଧାର କରିଛି। ସେ ମୁମୂର୍ଷୁ ଅବସ୍ଥାରେ ଏକ ପାଳଭାଡ଼ି ତଳେ ପଡ଼ିଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷେ ପୋଲିସ ବିଳମ୍ବିତ ରାତି ପର୍ଯ୍ୟନ୍ତ ନାବାଳକଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ନାବାଳକଙ୍କର କୌଣସି ସନ୍ଧାନ ପାଇ ନ ଥିଲା। ଶୁକ୍ରବାର ଭୋର ସମୟରେ ସନ୍ଦିଗ୍ଧଙ୍କ ଘର ନିକଟରୁ ମୁମୂର୍ଷୁ ଅବସ୍ଥାରେ ମିଳିବା ପୋଲିସ ପାଇଁ ଚିନ୍ତାର କାରଣ ହୋଇଛି।

ସୂଚନା ଅନୁଯାୟୀ, ରିଙ୍କି ଓ ସଞ୍ଜୟ ପାତ୍ରଙ୍କ ପୁଅ ଶାନ୍ତନୁ ଅଗଷ୍ଟ ୨୭ରେ ସାଇକେଲରେ ସାହି ଭିତରକୁ ଯାଇ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ପାଇ ନ ଥିଲେ। ତେବେ ପୁଅକୁ ଉକ୍ତ ଗ୍ରାମର ଜଣେ ମହିଳା ଗୋଡ଼ହାତ ବାନ୍ଧି ରଖିଥିବା ସୂଚନା ପାଇଥିଲେ। ଅପହରଣ କରାଯାଇଥିବା ନେଇ ତେଲକୋଇ ଥାନାରେ ଶାନ୍ତନୁଙ୍କ ମା' ରିଙ୍କି ପାତ୍ର ଅଭିଯୋଗ କରିଥିଲେ। ଗାଁର ଜଣେ ମହିଳା ତାଙ୍କ ପୁଅ ସହିତ ମିଶି ଘରୁ ଟଙ୍କା ଚୋରି କରୁଥିବା ଅଭିଯୋଗ କରି ଶାନ୍ତନୁଙ୍କୁ ଅଟକ ରଖିଥିଲେ। ତାଙ୍କ ସାଇକେଲକୁ ମଧ ରଖି ଟଙ୍କା ଦେଲେ ସାଇକେଲ ଓ ପୁଅକୁ ଛାଡ଼ିବେ ବୋଲି କହିଥିବା ନାବାଳକଙ୍କ ପରିବାର ଲୋକେ ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଫୋର୍ସ ଗାଁ ଓ ମହିଳାଙ୍କ ଘରେ ଛାନ୍‌ଭିନ୍ କରିଥିଲା। ଗୁରୁବାର ସନ୍ଧ୍ୟା ସୁଦ୍ଧା ନାବାଳକଙ୍କ ପତ୍ତା ମିଳି ନ ଥିଲା। ଶୁକ୍ରବାର ଭୋର ସମୟରେ ସନ୍ଦିଗ୍ଧଙ୍କ ଘର ପଛପଟେ ଥିବା ଏକ ପାଳଭାଡ଼ି ତଳୁ ନାବାଳକଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଏବେ ତାଙ୍କର ଚିକିତ୍ସା ଚାଲିଛି। ଘଟଣାକୁ ନେଇ ପୋଲିସ ଅଧିକ ତଦନ୍ତ ଚଳାଇଛି। କେନ୍ଦୁଝର ଏସ୍‌ଡିପିଓ ମହେନ୍ଦ୍ର ନାଥ ମୁର୍ମୁ କହିଛନ୍ତି, ସନ୍ଦିଗ୍ଧ ମହିଳାଙ୍କୁ ଅଟକ ରଖାଯାଇ ଘଟଣାର ତଦନ୍ତ ଚାଲିଛି। ତଦନ୍ତ ପରେ ସବୁ ଘଟଣା ଜଣାପଡ଼ିବ।

# ମାତୃ ଓ ଶିଶୁ ୟୁନିଟ୍ ଏସ୍‌ଏନ୍‌ସିୟୁରେ ନିଆଁ


ଜଣେ ନବଜାତକଙ୍କୁ ସୁରକ୍ଷିତଭାବେ ସ୍ଥାନାନ୍ତର କରାଯାଉଛି।

## ସୁରକ୍ଷିତଭାବେ ୩୦ ଶିଶୁ ସ୍ଥାନାନ୍ତର

**କୋରାପୁଟ,୩୦।୮**
**(ଅମିତାଭ ବେହେରା)**

କୋରପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଶୁକ୍ରବାର ମଧ୍ୟାହ୍ନରେ ମାତୃ ଓ ଶିଶୁ ୟୁନିଟ୍ ଏସ୍‌ଏନ୍‌ସିୟୁ ଗୃହରେ ଅଗ୍ନିକାଣ୍ଡ ଘଟିଛି। ପ୍ୟାନେଲ ବୋର୍ଡରେ ଶର୍ଟ ସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି। ଏସ୍‌ଏନ୍‌ସିୟୁରେ ଥିବା ୩୦ରୁ ଊର୍ଦ୍ଧ୍ୱ ନବଜାତକଙ୍କୁ ସୁରକ୍ଷିତଭାବେ ସ୍ଥାନାନ୍ତର କରାଯାଇଛି।

ସୂଚନାନୁଯାୟୀ, ଏସ୍‌ଏନ୍‌ସିୟୁରେ ଥିବା ପ୍ୟାନେଲ ବୋର୍ଡରେ କୌଣସି କାରଣରୁ ଶର୍ଟ ସର୍କିଟ ହୋଇ ନିଆଁ ଲାଗିଯାଇଥିଲା। ଏହାକୁ ଦେଖି ସେଠାରେ ଥିବା କର୍ମଚାରୀ ତୁରନ୍ତ ଅଗ୍ନି ନିର୍ବାପକ ଯନ୍ତ୍ରରୁ ସ୍ପ୍ରେ କରିଥିଲେ। କିଛି ସମୟ ପରେ ନିଆଁ ଲିଭିଯାଇଥିଲେ ମଧ୍ୟ ଗୃହଟି ଧୂଆଁରେ ଭର୍ତ୍ତି ହୋଇଯାଇଥିବା ଅଗ୍ନିଶମ ଅଧିକାରୀ ବିଜୟ କୁମାର କିଷାନ କହିଛନ୍ତି। ଏସ୍‌ଏନ୍‌ସିୟୁ ଧୂଆଁରେ ଭର୍ତ୍ତି ହୋଇଯାଇଥିବାରୁ ତୁରନ୍ତ ଏହି ୱାର୍ଡ ଖାଲି କରାଯାଇଥିଲା। ସେଠାରେ ଥିବା ୩୦ରୁ ଊର୍ଦ୍ଧ୍ୱ ଶିଶୁଙ୍କୁ ମେଡିସିନ ଓ ସର୍ଜରି ୱାର୍ଡକୁ ସ୍ଥାନାନ୍ତର କରାଯାଇଥିବା ହସ୍ପିଟାଲର ମ୍ୟାନେଜର ଶୁଭେନ୍ଦୁ ପଣ୍ଡା କହିଛନ୍ତି। ମେଡିକାଲର ସମସ୍ତ ଅଧିକାରୀ, କର୍ମଚାରୀଙ୍କ ତ୍ୱରିତ ପଦକ୍ଷେପ ଯୋଗୁ କୌଣସି କ୍ଷୟକ୍ଷତି ହୋଇ ନ ଥିବା କୋରାପୁଟ ଉପଜିଲାପାଳ ବେଣୁଧର ଶବର କହିଛନ୍ତି। ଦୁର୍ଘଟଣାର ତଦନ୍ତ କରିବାକୁ ଆଇନଜୀବୀ ରୂପକ ତୁରୁକ ଦାବି କରିଛନ୍ତି।

# ରାଜ୍ୟର ପ୍ରଥମ ହାଇଜେନିକ୍ ଫିଶ୍ ମାର୍କେଟ୍ ଶିଳାନ୍ୟାସ




ଶିଳାନ୍ୟାସ ଉତ୍ସବରେ ମନ୍ତ୍ରୀଙ୍କ ଗହଣରେ ଅତିଥିମାନେ।

**ବାଲେଶ୍ୱର(ବାଞ୍ଛାନିଧି ଦେ)/ ବସ୍ତା(ହରିଶଙ୍କର ପାଢ଼ୀ), ୩୦।୮**

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅଧୀନ ବାହାର୍ଦ୍ଦା କୃଷି ଫାର୍ମଠାରେ ଓଡ଼ିଶାର ପ୍ରଥମ ଓ ଭାରତର ଦ୍ୱିତୀୟ ହାଇଜେନିକ୍ ଫିଶ୍ ମାର୍କେଟ୍ ଓ ପ୍ରୋସେସିଂ ୟୁନିଟ୍‌ର ଶିଳାନ୍ୟାସ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାସୀ ମାଧ୍ୟମରେ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ।

କୃଷି ଫାର୍ମ ପରିସରରେ ଶୁକ୍ରବାର ଆୟୋଜିତ ଉତ୍ସବରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ରାଜ୍ୟର ଏହି ବୃହତ୍ ହାଇଜେନିକ୍ ଫିଶ୍ ମାର୍କେଟ ପ୍ରତିଷ୍ଠା ହେଲେ ମତ୍ସ୍ୟଜୀବୀ ଓ ମତ୍ସ୍ୟ ବ୍ୟବସାୟୀଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି ଘଟିବ ବୋଲି କହିଥିଲେ। ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ବାଲେଶ୍ୱର ଜିଲାରେ ବିସ୍ତୀର୍ଣ୍ଣ ସମୁଦ୍ର ବେଳାଭୂମି ରହିଛି। ଏଠାକାର ମତ୍ସ୍ୟଜୀବୀ ମାଛ ବିକ୍ରି ପାଇଁ ପଡ଼ୋଶୀ ପଶ୍ଚିମବଙ୍ଗ ରାଜ୍ୟର ଦୀଘା ଓ କୋଲକାତା ମାଛ ମାର୍କେଟ୍ ଉପରେ ନିର୍ଭର କରିଆସୁଛନ୍ତି। ଏହି ସମସ୍ୟା ଦୂର କରିବା ପାଇଁ ୨୦ ଏକର ଜମିରେ ୭୮.୨୫ କୋଟି ଟଙ୍କା ବିନିଯୋଗରେ ଏହି ମାର୍କେଟ୍ ଓ ପ୍ରୋସେସିଂ ୟୁନିଟ୍ ନିର୍ମାଣ ହେବାକୁ ଯାଉଛି। ଏଠାରେ ପ୍ରତ୍ୟେକ ଦିନ ଅଢ଼େଇ ହଜାର ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଆମଦାନୀ ହେବାର ଲକ୍ଷ୍ୟ ଥିଲା ବେଳେ ୪୦ଟି ଘର, ୧୩୨ଟି ମଣ୍ଡି, କାର୍ଯ୍ୟାଳୟ, ପାର୍କିଂ, ସୋଲାର ପାୱାର, ବୋରୱେଲ, ୱାଟର ସପ୍ଲାଏ, ବାଉଣ୍ଡାରୀ ୱାଲ, ସିକ୍ୟୁରିଟି ବାରାକ ସମେତ ବିଭିନ୍ନ ସୁବିଧା ଯୋଗାଇ ଦିଆଯିବ ବୋଲି କହିଥିଲେ। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ସ୍ୱାଗତ ଭାଷଣ ଦେଇଥିଲେ। ବସ୍ତା ବିଧାୟିକା ସୁବାସିନୀ ଜେନା, ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ, ମତ୍ସ୍ୟ ବିଭାଗ ନିର୍ଦ୍ଦେଶକ ମହମ୍ମଦ ସିଦ୍ଦିକ୍ ଆଲମ, ସିଫୁଡ ଏକ୍ସପର୍ଟ ଆସୋସିଏଶନର ସଭାପତି କମଳେଶ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏଏଫ୍‌ଓ ପ୍ରିୟଙ୍କା ପ୍ରିୟଦର୍ଶିନୀ ପୃଷ୍ଟି ଓ ଅନିଶା ପ୍ରଧାନ ମଞ୍ଚ ସଞ୍ଚାଳନ କରିଥିଲେ। ଜିଲା ମତ୍ସ୍ୟ ବିଭାଗ ଅଧିକାରୀ ଜିତେନ୍ଦ୍ର କୁମାର ବେହେରା ଧନ୍ୟବାଦ ଦେଇଥିଲେ। ଉତ୍ସବରେ ବାଲେଶ୍ୱର ଉପଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ, ତହସିଲଦାର ରାଧାରଞ୍ଜନ ଦାସ, ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ର, ବସ୍ତା ଅଞ୍ଚଳର ଭାଜପା ନେତା ରବୀନ୍ଦ୍ର ଅଣ୍ଡିଆ, ଜଳେଶ୍ୱର ଅଞ୍ଚଳର ଭାଜପା ନେତା ବ୍ରଜମୋହନ ପ୍ରଧାନ, ବରିଷ୍ଠ ନେତା ଶ୍ୟାମାପ୍ରସାଦ ବେହେରା, ଜିଲା ସାଧାରଣ ସମ୍ପାଦକ ପ୍ରଦୀପ ପଣ୍ଡାଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଆଭାସୀରେ ଯୋଗଦେଲେ ପ୍ରଧାନମନ୍ତ୍ରୀ

# ସରକାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ


ଜୁନାଗଡ଼ ବିଡିଓ ହରଡ଼ାଗୁଡ଼ା ଗ୍ରାମରେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

**ଭବାନୀପାଟଣା,୩୦।୮**
**(ଉତ୍ତମ କୁମାର ଦାଶ)**

## ପାଠପଢ଼ା ପାଇଁ ଜୀବନକୁ ବାଜି ଲଗାଇବା ଘଟଣା

## ଅନୁଧ୍ୟାନ ପାଇଁ ଗାଁରେ ପହଞ୍ଚିଲେ ବିଡିଓ

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଦେଦର ପଞ୍ଚାୟତ ଅନ୍ତର୍ଗତ ହରଡ଼ାଗୁଡ଼ା ଗାଁର ଛାତ୍ରଛାତ୍ରୀ ପାଠ ପଢ଼ିବା ପାଇଁ ଜୀବନକୁ ବାଜି ଲଗାଇ ଶିକ୍ଷକଙ୍କ ସହ ଭରାନଈ ପାର ହୋଇ ସ୍କୁଲ ଯିବା ଘଟଣାକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରି ରାଜ୍ୟ ସରକାରଙ୍କ ଜବାବ ତଲବ କରିଛନ୍ତି। ଏ ନେଇ ଗଣମାଧ୍ୟମରେ ପ୍ରକାଶିତ ଖବରକୁ ବିଚାରକୁ ନେଇ ହାଇକୋର୍ଟ ନିଜଆଡୁ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସମ୍ପର୍କିତ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ପରବର୍ତ୍ତୀ ଶୁଣାଣି ପୂର୍ବରୁ ସତ୍ୟପାଠ ମାଧ୍ୟମରେ ଜବାବ ଦାଖଲ ପାଇଁ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜବାବ ତଲବ ଅନୁଯାୟୀ ଏହା ସମ୍ବିଧାନର ଧାରା ୨୧-କ'ରେ ପ୍ରଦାନ କରାଯାଇଥିବା ମୌଳିକ ଅଧିକାର ଉଲ୍ଲଂଘନ ବୋଲି ହାଇକୋର୍ଟ କହିଛନ୍ତି। ସେପ୍ଟେମ୍ବର ୨୬କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ଏହି ମାମଲାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ପୂର୍ତ୍ତ ବିଭାଗ ସଚିବ, ମୁଖ୍ୟ ଯନ୍ତ୍ରୀ(ସିଭିଲ), କଳାହାଣ୍ଡି ଜିଲାପାଳ ଓ ଅନ୍ୟମାନଙ୍କୁ ପକ୍ଷଭୁକ୍ତ କରାଯାଇଛି। ପ୍ରକାଶ ଯେ, ଜଙ୍ଗଲ ଭିତରେ ଥିବା ହରଡ଼ାଗୁଡ଼ା ଗାଁରେ ସ୍କୁଲ ନ ଥିବାରୁ ପିଲାମାନେ ନିକଟସ୍ଥ ସୁଲି ଗାଁ ପ୍ରାଥମିକ ସ୍କୁଲକୁ ପଢ଼ିବାକୁ ଯାଉଥାନ୍ତି। ଏଥିପାଇଁ ଶରଡ଼ା ନଦୀ ପାର ହେବା ସହ ୨କିମି. ଜଙ୍ଗଲିଆ ରାସ୍ତାରେ ପିଲାମାନେ ଚାଲି ଚାଲି ଯିବାକୁ ପଡ଼େ। ଶରଡ଼ା ନଦୀରେ ପୋଲ କିମ୍ବା ଡଙ୍ଗା ବ୍ୟବସ୍ଥା ନାହିଁ ଫଳରେ ବର୍ଷାଦିନେ ପିଲାମାନେ ଶିକ୍ଷକଙ୍କ ସହ ଅଣ୍ଟାଏ ପାଣି ପହଁରି ସ୍କୁଲ ଯାଉଥାନ୍ତି। ସ୍କୁଲ ଛୁଟି ହେବା ପରେ ସମାନ ଢଙ୍ଗରେ ଘରକୁ ଫେରନ୍ତି। ନଦୀରେ ଏହି ସ୍ଥାନରେ ପୋଲ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜୁନାଗଡ଼ ବିଡିଓ ବେଣୁଧର କର, ବିଏସ୍ଏସ୍ ତୁଷାର ରଞ୍ଜନ ସାହୁ ପ୍ରମୁଖ ଘଟଣାସ୍ଥଳକୁ ଯାଇ ସେଠାକାର ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି।

# କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଝାରସୁଗୁଡ଼ାରେ ସରକାରୀ କଲେଜ ଖୋଲିବ

**ଭୁବନେଶ୍ୱର,୩୦।୮**
**(ଅନିଲ ଦାସ)**

କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଏବଂ ଝାରସୁଗୁଡ଼ାରେ ସରକାରୀ ମହାବିଦ୍ୟାଳୟ ଖୋଲିବ। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶୁକ୍ରବାର ବିଧାନସଭା ପ୍ରଶ୍ନକାଳରେ ଏହି ସୂଚନା ଦେଇଛନ୍ତି। ଭାଜପା ସଭ୍ୟ ଦୁର୍ଗା ପ୍ରସାଦ ନାୟକ କହିଥିଲେ, ଓଡ଼ିଶାର ୩ଟି ଜିଲା କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଏବଂ ଝାରସୁଗୁଡ଼ା ଜିଲାରେ ସରକାରୀ କଲେଜ ନାହିଁ। ସେହି ଜିଲାଗୁଡ଼ିକରେ ସରକାରୀ କଲେଜ ଖୋଲିବେ କି। ମନ୍ତ୍ରୀ କହିଥିଲେ, ସରକାରୀ କଲେଜ ନ ଥିବା ଜିଲାରେ ପର୍ଯ୍ୟାୟ କ୍ରମେ ସରକାରୀ କଲେଜ ଖୋଲିବ। ସରକାରୀ କଲେଜଗୁଡ଼ିକରେ ଅଣଶିକ୍ଷକ କର୍ମଚାରୀ ପଦବୀଗୁଡ଼ିକ ଶୀଘ୍ର ପୂରଣ ହେବ।

# ଗୀତରେ ସଚେତନତା ବାର୍ତ୍ତା

- ନିଶାମୁକ୍ତ ରୋଶଣି, ଡିଜେମୁକ୍ତ ଭସାଣି ଗୀତ ରେକର୍ଡ
- ୧ରେ ମ୍ୟୁଜିକ୍ ଭିଡିଓ ରିଲିଜ୍


ଷ୍ଟୁଡିଓରେ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ୍ ଆନନ୍ଦ, କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢ଼ୀଙ୍କ ସମେତ ପୋଲିସ ଅଧିକାରୀ।

**କଟକ,୩୦।୮ (ଶିଳ୍ପା ପ୍ରିୟଦର୍ଶିନୀ)**

ଆସୁଛି ପାର୍ବଣ। ଏଥିରେ ଭସାଣି ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଚଳିତବର୍ଷ ଭସାଣି ଉତ୍ସବକୁ ନିଶାମୁକ୍ତ ଓ ଡିଜେ ମୁକ୍ତ କରିବା ପାଇଁ ପୂର୍ବରୁ ପୋଲିସ ପକ୍ଷରୁ ଅନୁଷ୍ଠିତ ବିଭିନ୍ନ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ଶୁକ୍ରବାର କଟକ ସମ୍ରାଟ୍ ସିନେମା ହଲ୍ ନିକଟ ମିଲନ ଷ୍ଟୁଡିଓରେ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ୍ ଆନନ୍ଦଙ୍କ ନିର୍ଦ୍ଦେଶନା ଓ ଜୋନ୍ ଏସିପି କୃଷ୍ଣଚନ୍ଦ୍ର ସେଠୀଙ୍କ ରଚିତ 'ନିଶାମୁକ୍ତ ରୋଶଣି ଓ ଡିଜେମୁକ୍ତ ଭସାଣି' ଗୀତ ରେକର୍ଡିଂ କରାଯାଇଛି। ଏଥିରେ ଓଲିଉଡ୍ କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢ଼ୀ, ଏସିପି କୃଷ୍ଣଚନ୍ଦ୍ର ସେଠୀ ଓ ଦେବକୃପା ମିଶ୍ର କଣ୍ଠଦାନ କରିଛନ୍ତି। ଏହି ମ୍ୟୁଜିକ ଭିଡିଓ ଆସନ୍ତା ୧ରେ କମିଶନରେଟ୍ ପୋଲିସ ପକ୍ଷରୁ ରିଲିଜ୍ କରାଯିବ। ଏବେଠୁ ପ୍ରେମ୍ ଆନନ୍ଦ କହିଛନ୍ତି, ନିଶା ଓ ଡିଜେ ମଣିଷ ଶରୀରକୁ କ୍ଷତି ପହଞ୍ଚାଇଥାଏ। ଚଳିତବର୍ଷ ନିଶା ଓ ଡିଜେ ମୁକ୍ତ ଭସାଣି ପାଇଁ ପୋଲିସ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ଜାଣିବା ପରେ ଏହି ଗୀତ ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନେଇଥିଲି। ଏହାଦ୍ୱାରା କଟକରୁ ଅନ୍ୟ ରାଜ୍ୟକୁ ଏକ ସଚେତନତା ବାର୍ତ୍ତା ପହଞ୍ଚିପାରିବ। ଏଥିରୁ ଲୋକମାନେ ଦୂରେଇ ରହିବେ ବୋଲି ଆଶା ରହିଛି। ସେହିପରି ଦୀପ୍ତିରେଖା କହିଛନ୍ତି, ନିଶା ପରିବାର ଉଜାଡ଼ି ଦିଏ ଏବଂ ଡିଜେ ହୃଦ୍‌ରୋଗୀଙ୍କୁ କ୍ଷତି ପହଞ୍ଚାଇଥାଏ। ତେଣୁ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଗୀତଟି ପ୍ରସ୍ତୁତ କରାଯାଇଛି। ଏହି ଗୀତ ରେକର୍ଡିଂରେ ଅତିରିକ୍ତ ଡିସିପି ଅନିଲ ମିଶ୍ରଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# ଡମଣଭୂମିରୁ ମିଳିଲା ହାତୀର ମୃତଦେହ

**ନିରାକାରପୁର,୩୦।୮**
**(ମାନସ ଚନ୍ଦ୍ର ପଟ୍ଟନାୟକ)**



ଖୋର୍ଦ୍ଧା ଜିଲା ଟାଙ୍ଗି ବନାଞ୍ଚଳରେ ହାତୀଙ୍କ ଉପଦ୍ରବ ବଢ଼ିଚାଲିଛି। ଖାଦ୍ୟ ଅନ୍ୱେଷଣରେ ହାତୀପଲ ଗାଁମୁହାଁ ହେଉଛନ୍ତି। ଲୋକଙ୍କ ବାଡ଼ିରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଏପରିକି ଘର ଓ ପାଚେରି ମଧ୍ୟ ଭାଙ୍ଗୁଛନ୍ତି। ଅନେକ ସମୟରେ ହାତୀ-ମଣିଷ ଯୁଦ୍ଧ ହେଉଥିବା ନଜିର ରହିଛି। ଶୁକ୍ରବାର ଏହି ବନାଞ୍ଚଳ ଅନ୍ତର୍ଗତ ଓଳଙ୍ଗି ପଞ୍ଚାୟତର ଡମଣଭୂମି ସ୍ଥିତ ଭଣ୍ଡାରିଆ ନିକଟ ଜଣେ ବ୍ୟକ୍ତିଙ୍କ ବାଡ଼ି ପଛପଟୁ ଏକ ହାତୀର ମୃତଦେହ ଠାବ ହୋଇଛି। ଏହାର ବୟସ ଆନୁମାନିକ ୨୦ବର୍ଷ ହେବ। ତେବେ ହାତୀ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ଘଟଣାସ୍ଥଳରେ ବିଭାଗୀୟ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏନେଇ ସୂଚନା ମୁତାବକ, ଡମଣଭୂମିସ୍ଥିତ ଭଣ୍ଡାରିଆ ନିକଟ ଜଣେ ବ୍ୟକ୍ତିଙ୍କ ବାଡ଼ି ପଛପଟେ ଏହି ହାତୀ ମୃତ ଅବସ୍ଥାରେ ପଡ଼ିରହିଥିବା ଶୁକ୍ରବାର ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବରପାଇ ଖୋର୍ଦ୍ଧା ଡିଏଫ୍ଓ ପୂର୍ଣ୍ଣିମା ପାଣ୍ଡିଆନ, ଆରଏଫ୍ଓ, ଏସିଏଫ୍, ଟାଙ୍ଗି ବନାଞ୍ଚଳ ଅଧିକାରୀ ଦେବାଶିଷ ଭୋଇ, ଭୁବନେଶ୍ୱର ଫରେଷ୍ଟର ପ୍ରଶାନ୍ତ କୁମାର ଦାସ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମୃତ ହାତୀର ବ୍ୟବଚ୍ଛେଦ ପରେ ନାଳସିଂସ୍ଥିତ ଜଙ୍ଗଲରେ ପୋତି ଦିଆଯାଇଛି। ଗତ ଜୁଲାଇ ୮ରେ ଡମଣଭୂମି ଛୋଟପାଖ ସନ୍ନିକଟ ଜଣେ ବ୍ୟକ୍ତିଙ୍କ ବାଡ଼ି ପଛପଟୁ ଏକ ହାତୀର ମୃତଦେହ ଜବତ ହୋଇଥିଲା। ଏବେ ପୁଣି ଏକ ହାତୀ କିପରି ମୃତ୍ୟୁ ହେଲା ତାହା ତଦନ୍ତସାପେକ୍ଷ। ବନ ବିଭାଗର ଅବହେଳା ଯୋଗୁ ହାତୀଙ୍କ ଜୀବନ ଯାଉଛି ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ଏ ସମ୍ପର୍କରେ ଟାଙ୍ଗି ବନାଞ୍ଚଳ ଅଧିକାରୀ ଦେବାଶିଷ ଭୋଇ କହିଛନ୍ତି, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ।

# ୩୬ ଘଣ୍ଟା ହେଲା ଟାପୁରେ ଫସିଛନ୍ତି ହାତୀପଲ

**ପାଟଣା,୩୦।୮ (ବୀରକିଶୋର ଦାଶ)**


ଟାପୁରେ ଫସିଥିବା ହାତୀ।

କେନ୍ଦୁଝର ଜିଲା ପାଟଣା ରେଞ୍ଜ ବୈତରଣୀ ନଦୀର ଡାଳପଙ୍କା ଓ ତଙ୍କ ମଧ୍ୟରେ ଥିବା ୫ ହେକ୍ଟର ପରିମିତ ଟାପୁରେ ୧୭ ଟିକିଆ ହାତୀପଲ ଫସି ରହିଛନ୍ତି। ହାତୀପଲ ଦୀର୍ଘ ୩୬ ଘଣ୍ଟା ହେବ ଉକ୍ତ ଟାପୁରେ ରହିଥିବା ବେଳେ ଶୁକ୍ରବାର ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ବାହାରିପାରି ନ ଥିବା ଜଣାପଡ଼ିଛି। ସାହାରପଡ଼ା ବନପାଳ ଭୂପତି ସେଠୀ କହିଛନ୍ତି, ଟାପୁରେ ଅଟକିବା ପଛରେ କାରଣ କିଛି ବି ହୋଇପାରେ। ହାତୀଙ୍କ ଗତିବିଧି ଉପରେ ବନ ବିଭାଗ ନଜର ରଖିଛି। ୭ ଏକର ପରିମିତ ନଦୀ ମଝିରେ ଥିବା ଟାପୁ(ଜଙ୍ଗଲ)ରେ ହାତୀଙ୍କ ରହିବା ଖାଇବାର ସବୁ ସୁବିଧା ଥିବାରୁ ସେମାନେ ସେଠାରେ ଅଟକି ଯାଇପାରିଥାନ୍ତି ବୋଲି କହିଛନ୍ତି। ତେବେ ହାତୀପଲରେ ୨ ଦନ୍ତା, ୧୦ ମାଈ ଓ ୫ଛୁଆ ହାତୀ ରହିଛନ୍ତି। ଟାପୁରୁ ଉଭୟ ପାର୍ଶ୍ୱରେ ବଢ଼ିପାଣି ଥିବାରୁ ଓ ୫ ଛୁଆହାତୀ ଥିବାରୁ ହାତୀପଲ ନଦୀ ପାର ହେଉ ନ ଥିବା ସ୍ଥାନୀୟ ଲୋକେ କହୁଛନ୍ତି।

# ଏମ୍‌ଡିଏମ୍ ପାଚିକା ସହାୟିକା ସଂଘ ପକ୍ଷରୁ ବିକ୍ଷୋଭ

**ବଲାଙ୍ଗୀର,୩୦।୮ (ବୀରେନ୍ଦ୍ର କୁମାର ଝାଙ୍କର)**



ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପାଚିକା ସହାୟିକା ସଂଘ ପକ୍ଷରୁ ଅନୁଷ୍ଠିତ ବିକ୍ଷୋଭ ସମାବେଶ।

- ମୁଖ୍ୟମନ୍ତ୍ରୀଙ୍କୁ ୧୩ ଦଫା ଦାବିପତ୍ର ପ୍ରଦାନ
- ସରକାରୀ ମାନ୍ୟତା ଦାବି କଲେ
- ମାସିକ ସର୍ବନିମ୍ନ ମଜୁରି ୨୬ ହଜାର ଟଙ୍କା ଦାବି

ନିଖିଳ ଓଡିଶା ମଧ୍ୟାହ୍ନ ଭୋଜନ (ଏମ୍‌ଡିଏମ୍) ପାଚିକା ସହାୟିକା ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୩ ଦଫା ଦାବିପତ୍ର ଜିଲାପାଳଙ୍କ ଜରିଆରେ ଶୁକ୍ରବାର ପ୍ରଦାନ କରାଯାଇଥିଲା। ସଂଘ ଜିଲା ସଭାପତି ପାଣ୍ଡବ ଭୋଇଙ୍କ ନେତୃତ୍ୱରେ ଜିଲାର ସମସ୍ତ ୧୪ଟି ବ୍ଲକର ପାଚିକା ଓ ସହାୟିକା ଏହି ବିକ୍ଷୋଭରେ ସାମିଲ ହୋଇଥିଲେ। ପାଚିକା ଓ ସହାୟିକାମାନେ ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପ୍ରତିବାଦ ସଭା କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୩ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ପାଚିକାମାନଙ୍କୁ ସରକାରୀ ମାନ୍ୟତା ଏବଂ ମାସିକ ସର୍ବନିମ୍ନ ମଜୁରି ୨୬ ହଜାର ଟଙ୍କା ପ୍ରଦାନ, ପାଚିକାମାନଙ୍କୁ ୧୦ ମାସ ପରିବର୍ତ୍ତେ ୧୨ ମାସର ପାରିଶ୍ରମିକ ପ୍ରଦାନ, ବନ୍ଦ ପଡିଥିବା ସ୍କୁଲ ଓ ମିଶ୍ରଣ ହୋଇଥିବା ସ୍କୁଲରୁ ବାଦ୍ ପଡିଥିବା ପାଚିକାଙ୍କୁ ତୁରନ୍ତ ନିଯୁକ୍ତି ଦିଆଯିବା, ଅବସରକାଳୀନ ବୟସ ସୀମା ୬୫କୁ ବୃଦ୍ଧି କରିବା ସହ ପାଚିକାଙ୍କୁ ଅବସରକାଳୀନ ଭତ୍ତା ପ୍ରଦାନ ସମେତ ୧୩ ଦଫା ଦାବି ପୂରଣ କରିବାକୁ ଉଲ୍ଲେଖ କରାଯାଇଛି। ସଂଘ ଜିଲା ସମ୍ପାଦିକା ମାଧବୀ କଲତା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ପାଚିକା-ସହାୟିକା ମାନଙ୍କ ପ୍ରତି ଟାଳଟୁଳ ନୀତି ଅବଲମ୍ବନ କରି ଶୋଷଣ କରୁଥିବା ଅଭିଯୋଗ ଆଣି ଏହାର ନିନ୍ଦା କରିଥିଲେ । ଏଆଇଟିୟୁସି ବଲାଙ୍ଗୀର ଜିଲା ସଭାପତି ତୀର୍ଥ ପଧାନ ସରକାର ପାଚିକା ସହାୟିକାମାନଙ୍କୁ ସର୍ବନିମ୍ନ ମଜୁରି ମାସକୁ ୨୬ ହଜାର ଟଙ୍କା କରିବା ଜରୁରୀ ବୋଲି କହିଥିଲେ। ଜିଲା ସଭାପତି ପାଣ୍ଡବ ଭୋଇ, ରାଜ୍ୟ ଉପସଭାପତି ଅକ୍ଷୟ କୁମାର ମେହେର, ଶ୍ରମିକ ନେତା ଗୋପାଳ ଭୋଇ, ଶ୍ରୀୟା ଥନାପତି, ଅମୃତ ଭାଟି, ସରସ୍ୱତୀ ବାରିକ, ରିନା ବିଶ୍ୱାଳ, ପ୍ରତିମା ପୁଟେଲ, ଗୀତା ଦର୍ଜି, ଗୁଣବତୀ ମହାଲିଙ୍ଗ, ନନ୍ଦିନୀ ରାଉତ, ବନିତା ରଣା, ଲତା ବରିହା, ବାସନ୍ତୀ ନାୟକ, ମନ୍ଦୋଦରୀ ବୁଡେକ, ଜୟନ୍ତୀ ନେଗୀ, କୁନ୍ତୀ ଭୋଇ, ଆର୍ଯ୍ୟନ ଖର୍ସେଲ, ଜବଦୁ ରଣା, କମଳ ଲୋଚନ ଭୋଇ, ହିମାଂଶୁ କଲତା, ଲଳିତ ରଣା, ଡଗର କର୍ମୀ ବିକ୍ଷୋଭ ସମାବେଶରେ ଉପସ୍ଥିତ ରହି ପାଚିକା ସହାୟିକାଙ୍କ ଦାବିକୁ ସମର୍ଥନ କରିଥିଲେ।

# କୋସଲ ଯୁବଶକ୍ତି ପକ୍ଷରୁ ଦାବିପତ୍ର


ପ୍ରତିନିଧି ଦଳ ଦାବିପତ୍ର ପ୍ରଦାନ କରୁଛନ୍ତି।

**ଲୋଇସିଂହା,୩୦।୮ (ସୁଶାନ୍ତ ବାରିକ)**

କୋସଲୀ ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ସାମିଲ କରିବାକୁ ଦାବି ହେଉଛି। ଏହିକ୍ରମରେ ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ କୋସଲ ଯୁବ ଶକ୍ତି ପକ୍ଷରୁ ଏନେଇ ଏକ ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଠାଯାଇଛି। ଶୁକ୍ରବାର କୋସଲ ଯୁବ ଶକ୍ତିର ଏକ ପ୍ରତିନିଧି ଦଳ ଆଗଲପୁର ବ୍ଲକ କାର୍ଯ୍ୟାଳୟରେ ଏବିଡିଓ ରୁଦ୍ରପ୍ରସାଦ ସୁନାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସୁଶୀଲ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଜିତୁ ପଧାନ,ନିର୍ମଳ ପଧାନଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଜିଲା ସାମ୍ବାଦିକ ସଂଘ ପ୍ରତିଷ୍ଠା ଦିବସ

**ବଲାଙ୍ଗୀର,୩୦।୮ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା ସାମ୍ବାଦିକ ସଂଘ ପ୍ରତିଷ୍ଠା ଦିବସ ଉପଲକ୍ଷେ ଶୁକ୍ରବାର ସାମ୍ବାଦିକ ଭବନଠାରେ ସଂଘ ପତାକା ଉତ୍ତୋଳନ କରାଯାଇଥିଲା। ବରିଷ୍ଠ ସାମ୍ବାଦିକ ଗୋପବନ୍ଧୁ ଶତପଥୀ ସଂଘ ପତାକା ଉତ୍ତୋଳନ କରିଥିଲେ। ସଂଘୀୟ ଏକତା ଉପରେ ଗୁରୁତ୍ୱାରୋପ କରି ସାମ୍ବାଦିକଙ୍କ ସାମାଜିକ ସୁରକ୍ଷା ଉପରେ ସେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ସାମ୍ବାଦିକ ସଂଘ ସମ୍ପାଦକ ଶିଶିରକାନ୍ତ ଶତପଥୀ, ନବୀନ ପଶାୟତ, ସୁଧୀର ମିଶ୍ର, ସନ୍ଦୀପ କୁମାର କୁଅଁର, ସୁନୀଲ କୁମାର ମହାନ୍ତି, ବଳରାମ ମିଶ୍ର, ଗୁପ୍ତେଶ୍ୱର ପୃଷ୍ଟି, ସୁନୀଲ ବେହେରା, ନିରୋଜ ମିଶ୍ର, ସଚ୍ଚିଦାନନ୍ଦ ବର୍ଗତ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ବୃକ୍ଷରୋପଣ ନେଇ ସଚେତନତା କାର୍ଯ୍ୟକ୍ରମ




**ମୁରିବାହାଲ,୩୦।୮ (ଶ୍ରୀବତ୍ସ ବେହେରା)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଭୋଇପଡା ଜନମୁକ୍ତି ଅନୁଷ୍ଠାନ ଓ ମୁରିବାହାଲ ବ୍ଲକ ସାମ୍ବାଦିକ ସଂଘ ତରଫରୁ ମିଳିତ ଭାବରେ ହଳଦୀ ଗ୍ରାମ ପଞ୍ଚାୟତର ଯୁଗୀରଥା ଗ୍ରାମରେ ବୃକ୍ଷରୋପଣ କରାଯିବା ସହ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରାମ୍ଭରେ ଗାଁ କମିଟି, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, କୃଷକ ସଂଗଠନର ପ୍ରତିନିଧି ଓ ଜନମୁକ୍ତି ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ ହୋଇଥିଲା। ଅନୁଷ୍ଠାନ ର ସମ୍ପାଦକ ଭି. ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ପ୍ରତିନିଧି ଶ୍ରୀବତ୍ସ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ମା' ପାଇଁ ଗଛଟିଏ, ଜଳବାୟୁ ପରିବର୍ତ୍ତନ, ବୃକ୍ଷରୋପଣର ଉପକାରିତା ବିଷୟରେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ମୁରିବାହାଲ ବ୍ଲକ ଏପିଓ ବସନ୍ତ କୁମାର ବଳିୟାର ସିଂ, ମୁରିବାହାଲ ସାମ୍ବାଦିକ ସଂଘ ସଭାପତି ଡା. ସୁବ୍ରତ କୁମାର ମହାକୁର, ଉପସଭାପତି କେଦାର ବଡ଼ଜେନା, ସାଧାରଣ ସମ୍ପାଦକ ସୁଦାମ ଚରଣ ବଘାର, ମନୋଜ କୁମାର କର, ପ୍ରଫୁଲ୍ଲ କୁମାର ବଘାର, ଶଙ୍କର ମାଝୀ, ଆଲୋକ ସାହୁ ପ୍ରମୁଖ ଉପସ୍ଥିତ ବୃକ୍ଷରୋପଣ ବିଷୟରେ ନିଜ ମତ ବ୍ୟକ୍ତ କରିଥିଲେ। ଏହି ଅବସରରେ ସାମୂହିକ ଭାବେ ବିଭିନ୍ନ ପ୍ରକାର ବୃକ୍ଷରୋପଣ କରାଯାଇଥିଲା। ପରେ ଏକ ରାଲି ଯୁଗୀରଥା ଗ୍ରାମ ପରିକ୍ରମା କରିଥିଲା। ଏହି ସମୟରେ ବୃକ୍ଷରୋପଣର ଉପକାରିତା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନତା କରାଯାଇଥିଲା। ଏହି ଅବସରରେ ସମ୍ପାଦକ ସାହୁ ସମସ୍ତ ଅତିଥି ଓ ଉପସ୍ଥିତ ଥିବା ଜନସାଧାରଣଙ୍କୁ ବୃକ୍ଷରୋପଣ ନେଇ ଶପଥ ପାଠ କରାଇଥିଲେ। ସଞ୍ଜୀବ କୁମାର ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପି.କେ. ବନଛୋର, ସୁବର୍ଣ୍ଣ ବାଗ, ଲକ୍ଷ୍ମୀଧର ବାଗ, ଲୋଚନ ସାହୁ, ସୁନୀଲ ସାହୁ, ଏସ.ହାତୀ, ବୈଷ୍ଣବ ମହାନନ୍ଦ, ରଞ୍ଜିତା ହରପାଳ, ନବୀନ ସାହୁ, ପ୍ରଶାନ୍ତ ବାରିକ, ତ୍ରିଲୋଚନ ସାହୁ, ଅଶୋକ ନେଉରା ପ୍ରମୁଖ ସହଯୋଗ କରିଥିଲେ । ଧର୍ମୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ହସ୍ପିଟାଲ ବେଡ଼ରୁ ଗଦି ଉଭାନ

**ଲୋଇସିଂହା,୩୦।୮ (ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ଆମ ହସ୍ପିଟାଲ ଅନ୍ତଃର୍ବିଭାଗରେ ପଡ଼ିଥିବା କେତେକ ବେଡ୍‌ରୁ ଗଦି ଉଭାନ ହୋଇଯାଇଛି। ରୋଗୀମାନଙ୍କୁ ସାଧା ବେଡ୍‌ରେ ଶୋଇବାକୁ ପଡୁଛି। ଫଳରେ ରୋଗ ଠାରୁ ଖଟିଆ ଯନ୍ତ୍ରଣା ଅଧିକ ହେଉଥିବାରୁ ରୋଗୀ ଏବଂ ତାଙ୍କ ପରିଜନ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଆଗଲପୁର ବ୍ଲକ ବକଟି ଅଞ୍ଚଳର ଜଣେ ବ୍ୟକ୍ତି ଗତ ସୋମବାର ଠାରୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ସେବେଠୁ ତାଙ୍କ ବେଡ୍‌ରେ ଗଦି ନାହିଁ। ସାସ୍ଥ୍ୟକେନ୍ଦ୍ର କର୍ମଚାରୀ କେବଳ ବେଡ୍‌ସିଟ ଯୋଗାଇ ଥିଲେ। ତାଙ୍କ ପାଖ ବେଡ୍‌ରେ ଥିବା ଜଣେ ମହିଳାଙ୍କ କହିବା ଅନୁଯାୟୀ, ସମାନ ଦିନରେ ସେମାନେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସେମାନଙ୍କ ବେଡ୍‌ରେ ମଧ ଗଦି ନ ଥିଲା। ଯନ୍ତ୍ରଣା ଅନୁଭବ କରିବାରୁ ସାସ୍ଥ୍ୟକେନ୍ଦ୍ର ଷ୍ଟାଫ୍‌ଙ୍କୁ ଅବଗତ କରିଥିଲୁ। ପାଖ ବେଡ୍‌ର ରୋଗୀ ଗତ ରାତିରେ ଡିସ୍‌ଚାର୍ଜ ହେବା ପରେ ସେହି ଗଦି ଆଣି ଥିବା ସମ୍ପୃକ୍ତ ମହିଳା ଜଣକ କହିଛନ୍ତି। କେତେକ ବେଡ୍‌ରେ ଗଦି ଥିବା ବେଳେ ଆଉ କେତେକ ବେଡ୍‌ରେ ଗଦି ପଡ଼ିନାହିଁ। ସାସ୍ଥ୍ୟକେନ୍ଦ୍ର ପକ୍ଷରୁ ପୁରୁଣାକୁ ବଦଳାଇବା ପାଇଁ ହଟା ଯାଇଛି ନା କେହି ଚୋରି କରି ନେଇଛନ୍ତି ତାହା ସ୍ପଷ୍ଟ ହୋଇ ପାରିନାହିଁ। କୋଟି କୋଟି ଟଙ୍କା ବ୍ୟୟରେ ୫-ଟିରେ ରୂପାନ୍ତରଣ କରାଯାଇଥିବା ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଏପରି ଅବ୍ୟବସ୍ଥାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ଜାତୀୟ କ୍ରୀଡ଼ା ଦିବସ ପାଳିତ

**ଟିଟିଲାଗଡ଼,୩୦।୮ (ଶରତ ମିଶ୍ର)**

ଟିଟିଲାଗଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ପ୍ରଧାନ ଆଚାର୍ଯ୍ୟ ଶ୍ୟାମ ସୁନ୍ଦର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଧାନଆଚାର୍ଯ୍ୟ ମହାପାତ୍ର ଶିଶୁ ଭଉଣୀଭାଇମାନଙ୍କୁ ପାଠ ସହ କ୍ରୀଡ଼ାର ଆବଶ୍ୟକତା ଉପରେ କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଚିନ୍ତାମଣି ଯୋଷୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଗୁରୁଜୀ ଗୁରୁମା, ସେବିକା ସେବକ ଓ ଛାତ୍ରୀଛାତ୍ର ସହଯୋଗ କରିଥିଲେ।

# ଆୟୁର୍ବେଦ ଡା. ରଘୁନାଥ ମିଶ୍ରଙ୍କ ପରଲୋକ

**ବଲାଙ୍ଗୀର,୩୦।୮ (ବୀରେନ୍ଦ୍ର କୁମାର ଝାଙ୍କର)**



ବଲାଙ୍ଗୀର ଆୟୁର୍ବେଦିକ କଲେଜର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ତଥା ବରିଷ୍ଠ ଆୟୁର୍ବେଦ ଚିକିତ୍ସକ ଡା. ରଘୁନାଥ ମିଶ୍ରଙ୍କ ପରଲୋକ ହୋଇଯାଇଛି। ତାଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା, ପୁତ୍ର ଦେବୀପ୍ରସାଦ, ପୁତ୍ରବଧୂ, ଝିଅ, ନାତିନାତୁଣୀ ଅଛନ୍ତି। ଡା. ମିଶ୍ରଙ୍କ ବିୟୋଗରେ ଆୟୁର୍ବେଦ କଲେଜରେ ଗୁରୁବାର ଶୋକସଭା ଅନୁଷ୍ଠିତ ହୋଇଥିଲା। କଲେଜ ଅଧ୍ୟକ୍ଷଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକସଭାରେ କଲେଜର ସମସ୍ତ ଅଧ୍ୟାପକ, ଛାତ୍ରୀଛାତ୍ର ଏବଂ ଷ୍ଟାଫ ଉପସ୍ଥିତ ରହି ଅମର ଆତ୍ମାର ସଦ୍‌ଗତିନିମନ୍ତେ ନୀରବପ୍ରାର୍ଥନା କରିଥିଲେ।

# ଲଣ୍ଡାପଥର ନିକଟରେ ବାଇକ୍ ଦୁର୍ଘଟଣାଗ୍ରସ୍ତ: ଯୁବକ ମୃତ

**ଦେଓଗାଁ,୩୦।୮ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡା ଫାଣ୍ଡି ଅନ୍ତର୍ଗତ ଲଣ୍ଡାପଥର ନିକଟରେ ଶୁକ୍ରବାର ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ଲଣ୍ଡାପଥର ଗାଁର ଲିପୁନ ଭୋଇ (୨୨)। ଏ ସଂକ୍ରାନ୍ତରେ ଦେଓଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, କରୁଆଁଝରରୁ ଲଣ୍ଡାପଥରକୁ ଲିପୁନ ଏକ ବାଇକ୍‌ରେ ଆସୁଥିଲେ । ଏହି ସମୟରେ ବାଇକ୍‌ଟି କୌଣସି କାରଣରୁ ଭାରସାମ୍ୟ ହରାଇ ଲଣ୍ଡାପଥର ନିକଟରେ ରାସ୍ତା ପାର୍ଶ୍ୱରେ ରହିଥିବା ଏକ ଖୁଣ୍ଟରେ ପିଟିହୋଇ ଯାଇଥିଲା। ଫଳରେ ଲିପୁନ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଭୀମଭୋଇ ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି।

# ସମାଜ ସେବାରେ ନିଜକୁ ନିୟୋଜିତ ରଖିବାକୁ ଆହ୍ୱାନ


ଶିବିରରେ ଯୋଗ ଦେଇଥିବା ଅତିଥି।

**ଲୋଇସିଂହା,୩୦।୮ (ସୁଶାନ୍ତ ବାରିକ)**

## ଲୋଇସିଂହା କଲେଜ

ବଲାଙ୍ଗୀର ଜିଲା ଲୋଇସିଂହା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଅନ୍ତର୍ଗତ ସ୍ୱତନ୍ତ୍ର ଶିବିର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ସପ୍ତାହ ବ୍ୟାପି ଆୟୋଜିତ ଏହି ଶିବିରର ଉଦ୍‌ଘାଟନୀ ଉତ୍ସବରେ କଲେଜ ଅଧ୍ୟକ୍ଷ ଗୋବିନ୍ଦ ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଜାତୀୟ ସେବା ଯୋଜନାର ପୂର୍ବତନ ଜିଲା ଅଧିକାରୀ କାହ୍ନୁଚରଣ ଦର୍ଜି ଯୋଗ ଦେଇଥିଲେ । ମୁଖ୍ୟଅତିଥି ଦର୍ଜି ଛାତ୍ରୀଛାତ୍ରଙ୍କୁ ଶିବିରର ଅଭିମୁଖ୍ୟ ଏବଂ ବୃକ୍ଷର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଇଂରାଜୀ ପ୍ରାଧ୍ୟାପକ ବିବେକାନନ୍ଦ ମିଶ୍ର ଛାତ୍ରୀଛାତ୍ରମାନେ ପାଠପଢା ସହ ଏଭଳି ଶିବିର ମାଧ୍ୟମରେ କିପରି ସାମାଜିକ କାର୍ଯ୍ୟ ସମ୍ପାଦନ କରିଥାନ୍ତି ସେନେଇ ଆଲୋକପାତ କରିଥିଲେ। ଏହାଛଡା ଛାତ୍ରୀଛାତ୍ରମାନେ ଆଗାମୀ ଦିନରେ ସମାଜ ସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରି ସମାଜରେ ପ୍ରତିଷ୍ଠା ଲାଭ କରିବାକୁ ସେ ପରାମର୍ଶ ଦେଇଥିଲେ। ପ୍ରଧ୍ୟାପକ ସନ୍ତୋଷ କୁମାର ଦାଶ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ କାର୍ଯ୍ୟକ୍ରମ ଅଧିକାରୀ ଜଗମୋହନ ଦର୍ଜି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସ୍ୱାଗତିକା ମିଶ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏହି ଉପଲକ୍ଷେ ଛାତ୍ରୀ ମୁସ୍କାନ ମେହେର, ସେବତୀ ନାୟକ, ସୁଶ୍ରୀତା ସେଠ, ଧରିତ୍ରୀ ପଧାନ, ଚୁମକିରାଣୀ ଭୋଇ ଓ ପ୍ରିୟଙ୍କା ଭୋଇଙ୍କ ଦ୍ୱାରା ସମାଜ ସଚେତନତାଧର୍ମୀ ଏକ କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା।

# ସୁପ୍ରିମକୋର୍ଟଙ୍କ ଆଦେଶକୁ ଏଆଇ ଦ୍ୱାରା ଅନୁବାଦ ଶିକ୍ଷଣ କାର୍ଯ୍ୟକ୍ରମ

**ସଇଁତଲା,୩୦।୮ (ରାଖାଲ ପ୍ରସାଦ ଶତପଥି)**

ବଲାଙ୍ଗୀର ଜିଲା ସଇଁତଲାଠାରେ ଥିବା ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ଦ୍ୱାରା ସୁପ୍ରିମ କୋର୍ଟ ଦେଉଥିବା ବିଭିନ୍ନ ରାୟର ଅନୁବାଦ ଏଆଇ ଦ୍ୱାରା କିଭଳି କରାଯିବ ଏବଂ ଜନସାଧାରଣ କିଭଳି ନିଜ ଭାଷାରେ ଜାଣିପାରିବେ ତାକୁ ନେଇ ତାଲୁକସ୍ତରୀୟ ଆଇନ ସେବା ପ୍ରାଧିକରଣ ତରଫରୁ ସଇଁତଲା ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସଇଁତଲା ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଭାଗ୍ୟଶ୍ରୀ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓକିଲ ସଂଘର ସଭାପତି ସୁବୋଧ କୁମାର ମିଶ୍ର, ଉପ-ସଭାପତି ହିମାଂଶୁ ଶେଖର ଦାଶ, ସମ୍ପାଦକ ଫିରୋଜ ବର୍ଗତ୍ତି, ଆଇନଜୀବୀ ଯୁବରାଜ ରଣା, ରାଧେଶ୍ୟାମ ସାହୁ, ସାଧୁ ସାହୁ, ପ୍ରଶାନ୍ତ ବର୍ଗତ୍ତି, ମନୋଜ ପୃଷେଠ, ମାନସ ରଣା, ଶିବପ୍ରସାଦ ବାରିକ, ସୁରେନ୍ଦ୍ର ନନ୍ଦ, ଦେବାଶିଷ କୁମାର ସେଠ, ତପନ କୁମାର ସାହୁ, ସଇଁତଲା କୋର୍ଟର ସମସ୍ତ କର୍ମଚାରୀ, ଏସ୍‌ଆଇ ଆଲୋକ ଭୋଇ, ଏଏସ୍‌ଆଇ ଥବିର ମହାରଣାଙ୍କ ସମେତ ଥାନାର ବହୁ କର୍ମଚାରୀ ଉପସ୍ଥିତ ଥିଲେ। ବିଚାରପତି ପତି ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଦେଉଥିବା ବିଭିନ୍ନ ରାୟକୁ ନିଜ ଭାଷାରେ ଅନୁବାଦ କରିବାକୁ ଏଆଇର ବ୍ୟବହାରକୁ ନେଇ ଉପସ୍ଥିତ ଆଇନଜୀବୀ, ପୋଲିସ ଏବଂ କୋର୍ଟର କର୍ମଚାରୀମାନଙ୍କୁ ସଚେତନ କରିଥିଲେ। ଶେଷରେ ଓକିଲ ସଂଘର ସଭାପତି ସୁବୋଧ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।


 କାର୍ଯ୍ୟକ୍ରମରେ ଉପସ୍ଥିତ ବିଚାରପତି, ଆଇନଜୀବୀ ଓ ଅନ୍ୟମାନେ।

# ତାମିଲନାଡୁରୁ ଫେରିଲା ଯୁବ ଦାଦନ ଶ୍ରମିକଙ୍କ ମୃତଦେହ

**ବଲାଙ୍ଗୀର,୩୦।୮ (ବୀରେନ୍ଦ୍ର କୁମାର ଝାଙ୍କର)**

- ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ୟମରେ ଗାଁରେ ପହଞ୍ଚିଲା
- ଛାତ ଉପରୁ ପଡ଼ି ଯାଇଥିଲେ ଭୋଜରାଜ



ମୃତ ଦାଦନ ଶ୍ରମିକ ଭୋଜରାଜ ପରୁଆଙ୍କ ଫାଇଲ ଫଟୋ(ବାମ), ବେଲବାହାଲି ଗାଁରେ ମୃତକଙ୍କ ଘରେ ପୁଇଁତଲା ବ୍ଲକ୍ ଅଧ୍ୟକ୍ଷ, ସରପଞ୍ଚ ଓ ଅନ୍ୟମାନେ।

ତାମିଲନାଡୁକୁ ଦାଦନ ଖଟି ଯାଇଥିବା ବଲାଙ୍ଗୀର ଜିଲା ପୁଇଁତଲା ଥାନା ବେଲବାହାଲି ଗାଁର ଯୁବ ଦାଦନ ଶ୍ରମିକ ଭୋଜରାଜ ପରୁଆ (୩୫)ଙ୍କ ମୃତଦେହ ଶୁକ୍ରବାର ଗାଁକୁ ଫେରିଛି। ଗତ ୨୨ ତାରିଖ ଦିନ ଭୋଜରାଜ କାମ ଅନ୍ୱେଷଣରେ ଗାଁରୁ ତାମିଲନାଡୁ ଅଭିମୁଖେ ଯାଇଥିଲେ। ସେଠାରେ ଛାତ ଉପରୁ ଖସି ପଡି ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ସ୍ୱାସ୍ଥ୍ୟମନ୍ତ୍ରୀ ତଥା ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗଙ୍କ ଉଦ୍ୟମରେ ମୃତଦେହ ତାମିଲନାଡୁର କୋଏମ୍ବଟୁରରୁ ଗାଁକୁ ଅଣାଯାଇଛି। ଶୋକାକୁଳ ପରିବେଶରେ ଗାଁରେ ଭୋଜରାଜଙ୍କ ଅନ୍ତିମ ସଂସ୍କାର କରାଯାଇଛି। ମୃତ ଶ୍ରମିକଙ୍କ ସ୍ତ୍ରୀ ବସୁମତି, ପୁଅ ପ୍ରିୟାଂଶ (୧୨), ଝିଅ ପ୍ରିୟାଂଶୀ (୭) ଓ ବିଧବା ମା' ଅଛନ୍ତି।

ପ୍ରକାଶ ଯେ, ଗତ ୨୨ ତାରିଖ ରାତିରେ ଭୋଜରାଜ ତାମିଲନାଡୁ ଅଭିମୁଖେ ଯାଇଥିଲେ। ୨୪ ତାରିଖରେ କୋଏମ୍ବଟୁର ଷ୍ଟେଶନରେ ପହଞ୍ଚିବା ପରେ ସେଠାରୁ ତିରପୁର ଅଭିମୁଖେ ଯାଇ ଗାଁ ପାଖ ପିଲା ରହୁଥିବା ମେସ୍‌ରେ ରହିଥିଲେ। ହେଲେ ସେହି ରାତିରେ ଭୋଜରାଜ କୌଣସି ପରିସ୍ଥିତିରେ ଛାତରୁ ଖସି ପଡିଥିଲେ। ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଚେତାଶୂନ୍ୟ ଅବସ୍ଥାରେ ତାଙ୍କୁ ସେଠାରୁ ଉଦ୍ଧାର କରାଯାଇ ପ୍ରଥମେ ତିରପୁର ହସ୍ପିଟାଲ ନିଆଯାଇଥିଲା। ସ୍ୱାସ୍ଥ୍ୟବସ୍ଥା ଉଦ୍‌ବେଗଜନକ ଥିବାରୁ ତାଙ୍କୁ କୋଏମ୍ବଟରୁ ବଡ ହସ୍ପିଟାଲକୁ ନିଆଯାଇଥିଲା। ତାଙ୍କ ମୁଣ୍ଡରେ ଅସ୍ତ୍ରୋପଚାର କରାଯିବାକୁ ହେବ ବୋଲି ଜାଣିବା ପରେ ତାଙ୍କ ଚିହ୍ନା ସାଙ୍ଗସାଥୀମାନେ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଘଟଣା ସମ୍ପର୍କରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମହାଲିଙ୍ଗ ଜାଣିବା ପରେ ଉକ୍ତ ହସ୍ପିଟାଲରେ ତାଙ୍କର ଅସ୍ତ୍ରୋପଚାର ବ୍ୟବସ୍ଥା କରିଥିଲେ। ଅସ୍ତ୍ରୋପଚାର ସଫଳ ହେବା ସତ୍ତ୍ୱେ ଭୋଜରାଜଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ତାଙ୍କ ମୃତଦେହ ସେଠାରୁ ଆଣିବା ନେଇ ଅସୁବିଧା ସୃଷ୍ଟି ହୋଇଥିଲା। ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମହାଲିଙ୍ଗଙ୍କ ଉଦ୍ୟମରେ ଏକ ଆମ୍ବୁଲାନ୍ସ ଯୋଗେ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ବେଲବାହାଲି ଗାଁରେ ଭୋଜରାଜଙ୍କ ମୃତଦେହ ପହଞ୍ଚିଥିଲା। ଖବର ପାଇ ପୁଇଁତଲା ବ୍ଲକ ଅଧ୍ୟକ୍ଷ ସରୋଜ କୁମାର ପ୍ରଧାନ, ବେଲବାହାଲି ସରପଞ୍ଚ ସବିତା ମିଶ୍ର ମୃତକଙ୍କ ଘରେ ପହଞ୍ଚି ସମବେଦନା ଜଣାଇଥିଲେ। ମୃତକଙ୍କ ପରିବାରକୁ ତୁରନ୍ତ ୫୦ ଲକ୍ଷ ଟଙ୍କାର ସହାୟତା ଯୋଗାଇ ଦେବା, ତାଙ୍କ ଦୁଇ ପୁଅଝିଅଙ୍କ ପାଠପଢ଼ା ଖର୍ଚ୍ଚ ବହନ କରିବା ଏବଂ ବିଧବା ସ୍ତ୍ରୀ ଓ ମା'ଙ୍କୁ ସାମାଜିକ ସୁରକ୍ଷା ଯୋଗାଇବାକୁ ଦାବି କରିଥିଲେ। ବଲାଙ୍ଗୀର ଶ୍ରମ ବିଭାଗ ଅଫିସରୁ ସହକାରୀ ଶ୍ରମ ଅଧିକାରୀ କେଶବ ବେହେରା ଓ ପ୍ରେମରଞ୍ଜନ ରଣା ବେଲବାହାଲି ଯାଇ ମୃତକଙ୍କ ପରିବାର ଲୋକଙ୍କୁ ଭେଟିବା ସହ ସମସ୍ତ ତଥ୍ୟ ସଂଗ୍ରହ କରିଥିଲେ। ଚାଷୀନେତା ସାନନ୍ଦ ମିଶ୍ର, ସଙ୍ଗଠକ ହୀରାଲାଲ ମିଶ୍ର, ଦେବୀଲାଲ ମିଶ୍ର, ମୋତିଲାଲ ମିଶ୍ର ଓ ଗ୍ରାମବାସୀ ଉପସ୍ଥିତ ରହି ମୃତକ ପରିବାରକୁ ସରକାରୀ ସହାୟତା ଦେବାକୁ ଦାବି କରିଥିଲେ।

# ଜିଲ୍ଲାରେ ବଢୁଥିବା ଦୁର୍ଘଟଣା ମୃତ୍ୟୁକୁ ନେଇ ଉଦ୍‌ବେଗ

ବୌଦ୍ଧ,୩୦।୮(ଅଜିତ କୁମାର ବାରିକ)

**ଜିଲ୍ଲା ସଡ଼କ ସୁରକ୍ଷା ସମିତି ବୈଠକ**



ସଡ଼କ ସୁରକ୍ଷା ବୈଠକରେ ଜିଲାପାଳ ଓ ଅନ୍ୟମାନେ ।

ବୌଦ୍ଧ ଜିଲାରେ ଦୁର୍ଘଟଣା ହାର ବୃଦ୍ଧି ପାଇ ଚାଲିଥିବା ବେଳେ ବୌଦ୍ଧ ଜିଲା ସଡ଼କ ସୁରକ୍ଷା ସମିତିର ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ଏହି ବୈଠକରେ ଜିଲାରେ ବୃଦ୍ଧି ପାଉଥିବା ଦୁର୍ଘଟଣାଜନିତ ମୃତ୍ୟୁକୁ ନେଇ ଜିଲାପାଳ ପଣ୍ଡା ଉଦ୍‌ବେଗ ପ୍ରକାଶ କରିଥିଲେ । ଏଥିସହିତ ଜାତୀୟ ରାଜପଥରେ ଦୁର୍ଘଟଣାସ୍ଥଳଗୁଡିକୁ ଚିହ୍ନଟ କରାଯାଇ ଗାଡିଚାଳକମାନଙ୍କ ପାଇଁ ଉପଯୁକ୍ତ ସୂଚନା ଫଳକ ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଦିଆଯାଇଥିବା ସୂଚନା ମୁତାବକ ୨୦୨୪ ଜୁଲାଇ ମାସ ସୁଦ୍ଧା ୯୦ଟି ଦୁର୍ଘଟଣା ଘଟିଥିବା ବେଳେ ୩୮ ଜଣଙ୍କ ସଡକ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ସେହିପରି ୫୨ ଜଣ ଗୁରୁତର ଆହତ ଓ ୩୧ ଜଣ ସାମାନ୍ୟ ଆହତ ହୋଇଥିବା ରେକର୍ଡ କରାଯାଇଛି। ଚିକିତ୍ସାଳୟକୁ ଆସୁଥିବା ଦୁର୍ଘଟଣା ମାମଲାଗୁଡିକ ସଂପର୍କରେ ସୂଚନା ପ୍ରଦାନରେ ସମନ୍ୱୟ ରହୁ ନ ଥିବା ନେଇ ବୈଠକରେ ଆଲୋଚନା କରାଯାଇ ଏନେଇ ଯତ୍ନବାନ ହେବାକୁ ଜିଲା ସ୍ୱାସ୍ଥ୍ୟ ବିଭାଗକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୌଦ୍ଧ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଜୁଲାଇ ମାସ ସୁଦ୍ଧା ଯାନବାହନ ଯାଞ୍ଚ କରାଯାଇ ୪୭୬୩ ଟି ଚାଲାନ କଟାଯାଇଥିବା ବେଳେ ୯୦,୧୧,୫୫୨ ଟଙ୍କା ଜରିମାନା ଆଦାୟ କରାଯାଇଥିବା ବୈଠକରେ ସୂଚନା ଦିଆଯାଇଥିଲା। ସେହିପରି ସିଟ୍‌ବେଲଟ ପାଇଁ ୨୯ଟି, ହେଲମେଟ ପାଇଁ ୨୧୭୬ , ତିନିଜଣ ବସି ବାଇକ୍ ଚଳାଇବା ପାଇଁ ୧୬୯ଟି, ମୋବାଇଲ ବ୍ୟବହାର ପାଇଁ ୧୪୮, ଦ୍ରୁତ ଗତି ପାଇଁ ୧୭୦୮, ଅଧିକ ମାଲ ଲୋଡିଂ ପାଇଁ ୭୯, ମଦ୍ୟପାନ କରି ଗାଡି ଚାଳନା ପାଇଁ ୭୧ଟି ଚାଲାନ କରାଯାଇଥିବା ବେଳେ ୫୧୨ ଜଣ ଗାଡିଚାଳକଙ୍କ ଲାଇସେନ୍ସ ରଦ୍ଦ କରାଯାଇଥିଲା। ସେହିପରି ଜୁଲାଇ ମାସ ସୁଦ୍ଧା ୧୧ ଗାଡିର ଫିଟନେସ ରଦ୍ଦ କରାଯାଇଥିବା ସୂଚନା ଦିଆଯାଇଛି। ବେପରୁଆ ଗାଡିଚାଳନା ଯୋଗୁ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଉଥିବାରୁ ଟ୍ରାଫିକ୍ ନିୟମ କଡାକଡି ଭାବରେ ଲାଗୁ କରିବାକୁ ଜିଲାପାଳ ପଣ୍ଡା ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତି ବୁଧବାରକୁ ନୋ ଟଲରେନସ ଦିବସ ଭାବରେ ସମସ୍ତ ଯାନବାହାନ ଯାଞ୍ଚ କରାଯିବା, ସହର ମଧ୍ୟକୁ ଭାରୀଯାନ ପ୍ରବେଶ ପାଇଁ ସମୟ କଟକଣା କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଜାତୀୟ ରାଜପଥରେ ନିର୍ମାଣ କରାଯାଇଥିବା ସେତୁ ଓ ରାସ୍ତା ସଂଯୋଗୀକରଣ ସମତୁଲ ନ ଥିବାରୁ ଏହା ଦୁର୍ଘଟଣାର କାରଣ ପାଲଟୁଥିବା ନେଇ ବୈଠକରେ ଦୃଷ୍ଟି ଆକର୍ଷଣ କରାଯିବା ପରେ ଜାତୀୟ ରାଜପଥ ବିଭାଗ ତୁରନ୍ତ ପଦକ୍ଷେପ ଗ୍ରହଣ କରି ଏହାର ମରାମତି କରିବାକୁ ଜିଲାପାଳ ପଣ୍ଡା ନିର୍ଦ୍ଦେଶ ଦେଇଥିଲେ। ସେହିପରି ରାସ୍ତା ଉପରକୁ ଝୁଲି ରହିଥିବା ଗଛ ଓ ରାସ୍ତା ଉପରକୁ ମାଡି ଆସିଥିବା ବୁଦାଗୁଡିକ କାଟି ସଫା କରିବା, ରମ୍ବଲର ନିର୍ମାଣ ସ୍ଥାନଗୁଡିକୁ ସୂଚନା ଫଳକ ଦ୍ୱାରା ଚିହ୍ନଟ କରିବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ, ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଆଞ୍ଚଳିକ ପରିବହନ ଅଧିକାରୀ ଶିଶିର କୁମାର ସାହୁ, ଡିଏସପି ଆନନ୍ଦ କୁମାର ଡୁଙ୍ଗଡୁଙ୍ଗ,ଏମଭିଆଇ ଗୋପାଳ ଚନ୍ଦ୍ର ହାଂସଦା, ପୂର୍ତ୍ତବିଭାଗ ସହକାରୀ ଯନ୍ତ୍ରୀ କୁନା ଚରଣ ସିଂହ, କନିଷ୍ଠ ଯନ୍ତ୍ରୀ ପଞ୍ଚାନନ ସାହୁ, ଜାତୀୟ ରାଜପଥ ସହକାରୀ ନିର୍ବାହୀ ଯନ୍ତ୍ରୀ ଖାକୁ ସିଂହ, ବୌଦ୍ଧ ଏନଏସି ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର, ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା. କିଶୋର ଚନ୍ଦ୍ର ପଟ୍ଟନାୟକ, ଜିଲା ଟ୍ରକ ମାଲିକ ସଂଘ ସଭାପତି ଶିବ ପ୍ରସାଦ ମିଶ୍ର ଓ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାରସିଂଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସୁଭଦ୍ରା ଯୋଜନାର ସଫଳ ରୂପାୟନ ପାଇଁ ପ୍ରସ୍ତୁତି

ସୋନପୁର,୩୦।୮(ମୃତ୍ୟୁଞ୍ଜୟ ଶତପଥୀ)

ମହିଳା ସଶକ୍ତିକରଣ ପାଇଁ ଓଡ଼ିଶା ସରକାରଙ୍କ ମହତକାଂକ୍ଷୀ ଯୋଜନା ସୁଭଦ୍ରାର ସଫଳ ରୂପାୟନ ପାଇଁ ସୁବର୍ଣ୍ଣପୁର ଜିଲାପାଳଙ୍କ ସଭାଗୃହରେ ଜିଲାପାଳ ଅନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ଯୋଜନାରେ ଜିଲାରେ ଯୋଗ୍ୟ ମହିଳା ହିତାଧିକାରୀମାନେ ସଚେତନ ହୋଇ କିଭଳି ସାମିଲ ହୋଇପାରିବେ ତା ଉପରେ ବିଶଦ ଆଲୋଚନା ହୋଇଥିଲା। ମହିଳା ଓ ଶିଶୁ ବିକାଶ ଅଧୀନରେ ଅଙ୍ଗନବାଡି କର୍ମୀମାନେ ଘରକୁ ଘର ଯାଇ ୨୧ ରୁ ୬୦ ବର୍ଷ ପର୍ଯ୍ୟନ୍ତ ଯୋଗ୍ୟ ମହିଳା ହିତାଧିକାରୀ ଚିହ୍ନଟ କରିବା ସହ ଆବଶ୍ୟକ ଆବେଦନ ଫର୍ମ ମାଗଣାରେ ଯୋଗାଇଦେବେ । ସହଜ ସେବା କେନ୍ଦ୍ର ଓ ମୋ ସେବା କେନ୍ଦ୍ରରେ ମଧ୍ୟ ଆବେଦନ ଫର୍ମ ମାଗଣାରେ ଉପଲବ୍ଧ ହେବ। ଆବେଦନ ପାଇଁ ଆଧାର କାର୍ଡ ଅନିବାର୍ଯ୍ୟ ରହିଥିବାବେଳେ ହିତାଧିକାରୀଙ୍କ ଆଧାରକାର୍ଡକୁ ମୋବାଇଲ ସହିତ ଲିଙ୍କ କରାଯିବ। ଡିବିଟି ମାଧ୍ୟମରେ ମହିଳାମାନଙ୍କ ଆକାଉଣ୍ଟକୁ ସିଧାସଳଖ ବାର୍ଷିକ ୧୦ ହଜାର ଟଙ୍କା ପଠାଯିବ। ଯେଉଁ ମହିଳାମାନଙ୍କ ଆଧାର କାର୍ଡ, ବ୍ୟାଙ୍କ ଜମା ଖାତା ନାହିଁ, ସେମାନେ ଆଧାର କ୍ୟାମ୍ପର ସ୍ୱତନ୍ତ୍ର ଶିବିରରେ ଏହାର ଆବଶ୍ୟକ ସୁବିଧା ନେଇପାରିବେ। ଘରେ ଘରେ ଏହି ଯୋଜନାର ଲାଭ ପହଞ୍ଚାଇବା ପାଇଁ ବ୍ୟାପକ ପ୍ରଚାର ପ୍ରସାର ଉପରେ ଜିଲାପାଳ ଦାସ ଗୁରୁତ୍ୱାରୋପ କରିଥିଲେ। ବିନା ହଇରାଣ ହରକତରେ ଏବଂ କୌଣସି ମଧ୍ୟସ୍ଥିଙ୍କ ହାବୁଡ଼ରେ ନ ପଡ଼ି ଏହି ମହତ୍ୱକାଂକ୍ଷୀ ଯୋଜନାର ଲାଭ କିଭଳି ଜିଲର ସବୁ ଯୋଗ୍ୟ ମହିଳା ପାଇପାରିବେ ଏଥିପ୍ରତି ସ୍ୱତନ୍ତ୍ର ଯତ୍ନବାନ ହେବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଜିଲା ଆରକ୍ଷୀ ଅଧୀକ୍ଷକ ଯସପ୍ରତାପ ଶ୍ରୀମଲ, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ଅଞ୍ଜଳିନା ପ୍ରଧାନ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମେହେର, ସୋନପୁର ଉପଜିଲାପାଳ ସୂରଜ କୁମାର ପଟ୍ଟନାୟକ, ବୀରମହାରାଜପୁର ଉପଜିଲାପାଳ ଲଲାଟେନ୍ଦୁ ସି, ଜିଲା ସମାଜ ମଙ୍ଗଳ ଅଧିକାରୀ ଅନୁପମା ପଣ୍ଡା, ମୁଖ୍ୟ ପ୍ରବନ୍ଧକ ଏସ୍‌ବିଆଇ ଲକ୍ଷ୍ମଣ କୁମାର ମାଝୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ ଭୋଇ ସମେତ ସମସ୍ତ ବିଡିଓ ତହସିଲଦାର, ସିଡିପିଓ ତଥା ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

# ଜିଲା ପାଣଗଣ୍ଡା ସମାଜ ପକ୍ଷରୁ ଦାବିପତ୍ର ପ୍ରଦାନ



ପାଣଗଣ୍ଡା ସମାଜ ପକ୍ଷରୁ ଜିଲା ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ବୌଦ୍ଧ,୩୦।୮( ଅଜିତ କୁମାର ବାରିକ)

- **ନକଲି ଜାତି ପ୍ରମାଣପତ୍ର ଦେଇ ଚାକିରି କରିବା ଅଭିଯୋଗ**
- **ତଦନ୍ତ ପାଇଁ ଦାବି**

ବୌଦ୍ଧ ଜିଲା ଶିକ୍ଷା ବିଭାଗର ଜଣେ ପଦସ୍ଥ ଅଧିକାରୀ ନକଲି ଜାତି ପ୍ରମାଣପତ୍ର ଦେଇ ଚାକିରି କରିଥିବା ଜିଲା ପାଣଗଣ୍ଡା ସମାଜ ଅଭିଯୋଗ କରିଛି । ଅଭିଯୋଗ ଅନୁଯାୟୀ, ବୌଦ୍ଧ ଜିଲା କଣ୍ଟାମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ସାନୋଜ ସେଠୀ ନିଜକୁ ଅନୁସୂଚିତ ଜାତି ବୋଲି ନକଲି ପ୍ରମାଣପତ୍ର ଦେଇ ଚାକିରି କରୁଥିବା ଜିଲା ପାଣ ଗଣ୍ଡା ସମାଜ ଅଭିଯୋଗ କରିଛି । ଏନେଇ ଶୁକ୍ରବାର ଦିନ ଜିଲା ପାଣ ଗଣ୍ଡା ସମାଜର ଏକ ପ୍ରତିନିଧି ମଣ୍ଡଳୀ ଜିଲା ଶିକ୍ଷା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହାର ନକଲ ଜିଲାପାଳଙ୍କୁ ମଧ୍ୟ ପ୍ରଦାନ କରିଥିବା ଜଣାଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ସାନୋଜ ଅନୁସୂଚିତ ଜାତି ପ୍ରମାଣପତ୍ର ଜରିଆରେ ସଂରକ୍ଷଣର ସୁବିଧା ପାଇ ଗତ ୨୮।୦୬।୨୦୨୩ରେ କଣ୍ଟାମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବରେ ଯୋଗ ଦେଇଥିଲେ। କିନ୍ତୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ସେଠୀଙ୍କ ଜାତି ପ୍ରମାଣପତ୍ର ନକଲି ବୋଲି ପାଣଗଣ୍ଡା ସମାଜ ପକ୍ଷରୁ ଅଭିଯୋଗ କରାଯାଇଛି। ସୁବର୍ଣ୍ଣପୁର ଜିଲା ବିନିକା ତହସିଲ ଅନ୍ତର୍ଗତ ଯସପୁର ଗ୍ରାମର ବ୍ରହ୍ମା ସେଠୀଙ୍କ ପୁଅ ହେଉଛନ୍ତି ସାନୋଜ ସେଠୀ। ବ୍ରହ୍ମା ସେଠୀ ବଂଶାନୁଗତିକ ଭାବରେ ଗିଙ୍ଗିରା ସଂପ୍ରଦାୟ ହୋଇଥିବା ବେଳେ ଏହି ସଂପ୍ରଦାୟ ଅନୁସୂଚିତ ବର୍ଗ ଅନ୍ତର୍ଭୁକ୍ତ ନୁହେଁ ବୋଲି ପାଣଗଣ୍ଡା ସମାଜ ପକ୍ଷରୁ ଅଭିଯୋଗ କରାଯାଇଛି । ଗୋଷ୍ଠୀ ଶିକ୍ଷା ଅଧିକାରୀ ସେଠୀ ନିଜର ଜାତି ଗିଙ୍ଗିରାରୁ କେଉଟ କରି ଅନୈତିକ ଉପାୟରେ ଜାତି ପ୍ରମାଣପତ୍ର ହାସଲ କରିବା ପରେ ଚାକିରି କରୁଥିବା ଅଭିଯୋଗରେ ଦର୍ଶାଯାଇଛି। ଯଥାଶୀଘ୍ର ଏହାର ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମାଜ ପକ୍ଷରୁ ଦାବି ହୋଇଛି ।

# ସେତୁ ଉପରୁ ନଦୀକୁ ଡେଇଁପଡ଼ିଲେ ୯ମ ଶ୍ରେଣୀ ଛାତ୍ରୀ

ବୌଦ୍ଧ,୩୦।୮(ଅଜିତ କୁମାର ବାରିକ)

ଶୁକ୍ରବାର ବୌଦ୍ଧର ମର୍ଯ୍ୟାକୁଦ ମହାନଦୀ ସେତୁ ଉପରୁ ଜଣେ ନବମ ଶ୍ରେଣୀ ଛାତ୍ରୀ ମହାନଦୀକୁ ଡେଇଁ ପଡ଼ିବା ଘଟଣା ସହରରେ ଚର୍ଚ୍ଚାର ବିଷୟ ପାଲଟିଛି। ଛାତ୍ରୀ ଜଣକ ନଦୀକୁ ଡେଇଁବା କାରଣ ସମ୍ପର୍କରେ ଜଣାପଡିନାହିଁ । ପାରିବାରିକ କାରଣରୁ ସେ ନଦୀକୁ ଡେଇଁ ପଡିଥିବା ଆଲୋଚନା ହେଉଛି।

ସୂଚନା ମୁତାବକ, ବୌଦ୍ଧର ଏକ ସରକାରୀ କାର୍ଯ୍ୟାଳୟରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ଜଣେ ବ୍ୟକ୍ତିଙ୍କ ନବମ ଶ୍ରେଣୀରେ ପଢୁଥିବା ଝିଅ ପୂର୍ବାହ୍ନ ୧୦ ଟାରେ ବିଦ୍ୟାଳୟ ଯିବାକୁ ବାହାରିଥିଲେ। ମାତ୍ର ବିଦ୍ୟାଳୟ ଯିବା ବାଟରେ କୋର୍ଟ ଛକଠାରୁ ସେ ବୌଦ୍ଧ ଓ ମର୍ଯ୍ୟାକୁଦକୁ ସଂଯୋଗ କରୁଥିବା ମହାନଦୀ ସେତୁ ଉପରକୁ ଯାଇ ସେଠାରେ ନିଜର ସାଇକେଲ ଓ ବ୍ୟାଗକୁ ରଖିଦେଇ ପୂର୍ଣ୍ଣଗର୍ଭା ନଦୀ ଭିତରକୁ ଡେଇଁ ପଡିଥିଲେ। ନଦୀ ସୁଅରେ ଭାସି ଯାଉଥିବା ବେଳେ ଛାତ୍ରୀ ଜଣକ ଜୀବନ ବଞ୍ଚାଇବାକୁ ଚିତ୍କାର କରିଥିଲେ । ଏହି ସମୟରେ କିଛି ଦୂରରେ ଗାଧୋଉଥିବା ମର୍ଯ୍ୟାକୁଦ ଗ୍ରାମର ଜଣେ ମହିଳା ପାଟି ଶୁଣି ଅନ୍ୟମାନଙ୍କୁ ଡାକ ପକାଇଥିଲେ। ସ୍ଥାନୀୟ ଲୋକେ ଏ ସମ୍ପର୍କରେ ସଙ୍ଗେ ସଙ୍ଗେ ଅଗ୍ନିଶମ ବାହିନୀ ଓ ପୋଲିସକୁ ସୂଚନା ଦେଇଥିଲେ । ଏପଟେ ଗାଁ ଲୋକେ ମାଛମରା ଡଙ୍ଗା ନେଇ ଛାତ୍ରୀଙ୍କୁ ବଞ୍ଚାଇବାକୁ ଉଦ୍ୟମ କରିଥିଲେ। ସୌଭାଗ୍ୟକୁ ଛାତ୍ରୀ ଜଣକ ଭାସିଯାଇ ନଦୀ ଭିତରେ ଥିବା ଏକ ପଥର ଧରି ପକାଇଥିଲେ। ଦମକଳ ବାହିନୀ ଛାତ୍ରୀଙ୍କ ନିକଟରେ ପହଞ୍ଚିବା ପୂର୍ବରୁ ମାଛମରା ଡଙ୍ଗାରେ ମର୍ଯ୍ୟାକୁଦ ଗ୍ରାମବାସୀ ପହଞ୍ଚି ଛାତ୍ରୀଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଥିଲେ। ପୋଲିସ ଗାଡିରେ ଛାତ୍ରୀଙ୍କୁ ନିଆଯାଇ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ସେ ସୁସ୍ଥ ଥିବା ଜଣାଯାଇଛି। ବ୍ରିଜ ଉପରେ ଛାଡି ଯାଇଥିବା ଛାତ୍ରୀଙ୍କ ସ୍କୁଲ ବ୍ୟାଗରୁ ତାଙ୍କ ପରିଚୟ ମିଳିବା ପରେ ଘର ଲୋକଙ୍କୁ ସୂଚନା ଦିଆଯାଇଥିଲା । ପୋଲିସ ସଂପୃକ୍ତ ଛାତ୍ରୀଙ୍କୁ ପଚରାଉଚୁରା କରି ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାଯାଇଛି।

# ବିଦ୍ୟୁତ୍ ଆଘାତରେ ମହିଳା ମୃତ

ଅମରପାଲି,୩୦।୮(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ ଉଫୁଲା ଗ୍ରାମ ପଞ୍ଚାୟତର ଗୌଡକେଲା ଗ୍ରାମରେ ବିଦ୍ୟୁତ୍ ଆଘାତରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ଜଣକ ହେଲେ ଗୌଡକେଲା ଗ୍ରାମର ଅଞ୍ଜଳି ବେହେରା(୨୫)। ଶୁକ୍ରବାର ସେ ଘର ପାଖରେ ବିଦ୍ୟୁତ୍ ତାର କଟି ଯାଇଥିବା ସ୍ଥାନରେ ଲାଗି ଯାଇ ଛିଟିକି ପଡ଼ିଥିଲେ। ତାଙ୍କୁ ପରିବାର ଲୋକେ ତୁରନ୍ତ ବୀରମହାରାଜପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ବୀରମହାରାଜପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରିଥିଲା। ମହିଳା ଜଣକ ବୌଦ୍ଧ ଜିଲା ଖମାରୀପଡ଼ା ଗ୍ରାମରେ ଅନ୍ତ ବେହେରାଙ୍କୁ ବିବାହ କରିଥିଲେ। ସେ ତାଙ୍କ ସ୍ୱାମୀଙ୍କ ସହିତ ଗୌଡକେଲାସ୍ଥିତ ମାଆ ଘରକୁ ଆସିଥିଲେ। ତାଙ୍କର ଗୋଟିଏ ଝିଅ ଓ ଗୋଟିଏ ପୁଅ ମଧ୍ୟ ଅଛନ୍ତି। ମୃତକଙ୍କୁ ସରକାରୀ ସହାୟତା ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି।

# ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ନେଇ ଜ୍ଞାନ ଆହରଣକଲେ ଛାତ୍ରୀଛାତ୍ର

ବାଉଁଶୁଣୀ,୩୦।୮(ଦେବାଶିଷ ନେପାକ)

ଶୁକ୍ରବାର ଅପରାହ୍ନରେ ବୌଦ୍ଧ ଜିଲା ବାଉଁଶୁଣୀ ସ୍ଥିତ ନୋଡାଲ ଉଚ୍ଚ ବିଦ୍ୟାଳୟର ଭୋକେସନାଲ ବିଭାଗରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରମାନେ ବାଉଁଶୁଣୀ ଥାନା ପରିଦର୍ଶନ କରିଛନ୍ତି। ସେଠାରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗ ଦ୍ୱାରା କିଭଳି ସୂଚନା ସଂଗ୍ରହ କରାଯାଇ ଅପରାଧ ନିୟନ୍ତ୍ରଣରେ ସହାୟକ ହେଉଛି ସେ ସମ୍ପର୍କରେ ଥାନା ଆଇଆଇସି ଅଞ୍ଜଳୀ ବିଶ୍ୱାଳ ଛାତ୍ରୀଛାତ୍ରମାନଙ୍କୁ ଧାରଣା ଦେଇଥିଲେ। ଥାନାରେ କିଭଳି କର୍ମଚାରୀମାନେ କାମ କରନ୍ତି ଓ ଥାନାର କାର୍ଯ୍ୟ ସମ୍ପର୍କରେ ମଧ୍ୟ ଛାତ୍ରୀଛାତ୍ରମାନେ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିଥିଲେ।




ଥାନା ପରିଦର୍ଶନ ସମୟରେ ଛାତ୍ରୀଛାତ୍ର ।

# ହୀରାକୁଦ ଜଳଭଣ୍ଡାରରେ ଖୋଲିଲା ୪ ସ୍ଲୁଇସ୍ ଗେଟ୍

ସମ୍ବଲପୁର, ୩୦।୮(ପ୍ରମୋଦ ବହିଦାର)

**ମୋଟ ୬ ସ୍ଲୁଇସ ଗେଟ ଦେଇ ବନ୍ୟାଜଳ ନିଷ୍କାସନ**



ହୀରାକୁଦ ଜଳଭଣ୍ଡାରରେ ଶୁକ୍ରବାର ପୁଣି ୪ଟି ସ୍ଲୁଇସ ଗେଟ ଖୋଲାଯାଇଛି। ମୋଟ ୬ଟି ସ୍ଲୁଇସ ଗେଟ ଦେଇ ଅତିରିକ୍ତ ବନ୍ୟାଜଳ ନିଷ୍କାସନ କରାଯାଉଛି। ରାତି ସାଢ଼େ ୯ଟାରେ ହସ୍ତଗତ ଶେଷ ଖବର ଅନୁସାରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୩.୪୩ ଫୁଟ ରହିଛି। ଏହି ସମୟରେ ଜଳଭଣ୍ଡାରକୁ ବନ୍ୟାଜଳ ପ୍ରବେଶ ଓ ନିଷ୍କାସନ ପରିମାଣ ପ୍ରତି ସେକେଣ୍ଡରେ ସମାନ ୧ ଲକ୍ଷ ୨୭ ହଜାର ୬୦୩ ଘନଫୁଟ ରହିଛି। ମୋଟ ନିଷ୍କାସନ ମଧ୍ୟରୁ ୬ଟି ସ୍ଲୁଇସ ଗେଟ ଦେଇ ୯୫ ହଜାର ୬୦୪ ଘନଫୁଟ, ବିଦ୍ୟୁତ୍ ଉତ୍ପାଦନ ପାଇଁ ପାୱାର ଚ୍ୟାନେଲରେ ସର୍ବାଧିକ ୨୮ ହଜାର ୬୭୯ ଘନଫୁଟ, ବରଗଡ଼ କେନାଲରେ ୨ ହଜାର ୫୭୫ ଘନଫୁଟ, ଶାସନ କେନାଲରେ ୪୩୦ ଘନଫୁଟ, ସମ୍ବଲପୁର କେନାଲରେ ୬୧ ଓ ହୀରାକୁଦ କେନାଲରେ ୭ ଘନଫୁଟ ଜଳ ନିଷ୍କାସିତ ହେଉଛି। ସେହିପରି ଶିଳ୍ପାନୁଷ୍ଠାନଗୁଡ଼ିକୁ ୨୭୭ ଘନଫୁଟ ଜଳ ଯୋଗାଣ ହେଉଛି। ଗତ ୨୪ ଘଣ୍ଟା ମଧ୍ୟରେ ହୀରାକୁଦ ଉପରମୁଣ୍ଡରେ ୧୦.୩୧ ମିଲିମିଟର ଓ ତଳମୁଣ୍ଡରେ ୧୯.୭୭ ମିଲିମିଟର ବର୍ଷା ରେକର୍ଡ ହୋଇଛି।

# ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ: ଗେହ୍ଲାମା କ୍ଲବ ଚାମ୍ପିୟନ

ବୌଦ୍ଧ,୩୦।୮(ଅଜିତ କୁମାର ବାରିକ)

ସ୍ୱାୟତ୍ତ ଶାସନ ଦିବସ ପାଳନ ଉପଲକ୍ଷେ ବୌଦ୍ଧ ଏନଏସି ପକ୍ଷରୁ ସ୍ଥାନୀୟ କଚେରୀ ପଡିଆଠାରେ ଚାଲିଥିବା ଏନଏସି ନକ୍‌ଆଉଟ ଫୁଟବଲ ପ୍ରତିଯୋଗିତା ଶୁକ୍ରବାର ଦିନ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିନ ଗେହ୍ଲାମା କ୍ଲବ ଓ ଆଇଆରବି ବୌଦ୍ଧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳ ଚିତ୍ତାକର୍ଷକ ହୋଇଥିବା ବେଳେ ଗେହ୍ଲାମା କ୍ଲବ ୩ଟି ଗୋଲ ଦେଇ ବିଜୟୀ ହେବା ସହ ଟୁର୍ଣ୍ଣାମେଣ୍ଟ ଚାମ୍ପିୟନ ହୋଇଥିଲା। ଖେଳରେ ଅତିଥି ଭାବେ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଉପାଧ୍ୟକ୍ଷା ସୁବାସିନୀ ସେଠୀ, ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର, ସଭ୍ୟା ମାନିନୀ ଅମାତ, ସସ୍ମିତା ମେହେର, ସଭ୍ୟ ଧବଳେଶ୍ୱର ମାଝୀ ଓ ରାଧେଶ୍ୟାମ ସେଠୀ ଯୋଗ ଦେଇଥିଲେ। ଖେଳକୁ ରେଫରି ଭାବରେ ଶେଷଦେବ ବେହେରା, ସଲିଲ ବେହେରା,ଅମିତ ନାଏକ, ସୂର୍ଯ୍ୟକାନ୍ତ ବେହେରା ପରିଚାଳନା କରିଥିଲେ। ଅବସରପ୍ରାପ୍ତ କ୍ରୀଡା ନିରୀକ୍ଷକ ରଞ୍ଜିତ କୁମାର ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ରୀଡାବିତ୍ ବଦ୍ରି ନାରାୟଣ ମିଶ୍ର, ବିଦ୍ୟାଧର ପ୍ରଧାନ ଓ ପରିଷଦର କର୍ମଚାରୀମାନେ ଖେଳ ପରିଚାଳନାରେ ସହଯୋଗ କରିଥିଲେ।



ଖେଳାଳି ଓ ଅତିଥି ।

# ଛତ୍ରପତି ଶିବାଜୀଙ୍କୁ ଇତିହାସରେ ଉଚିତ ସ୍ଥାନ ମିଳିନାହିଁ

ଅମରପାଲି,୩୦।୮(ପୀତାମ୍ବର ସାହୁ)



ବୀରମହାରାଜପୁର କଲେଜରେ ଅତିଥିଙ୍କ ସହ ଛାତ୍ରୀଛାତ୍ର ।

**ବୀରମହାରାଜପୁର କଲେଜରେ ଆଲୋଚନାଚକ୍ର, ସ୍ୱାଗତ ଉତ୍ସବ**

ମଧ୍ୟଯୁଗୀୟ ଭାରତବର୍ଷରେ ଛତ୍ରପତି ଶିବାଜୀ ମହାରାଜ ଜଣେ କ୍ଷମତାଶାଳୀ ସମ୍ରାଟ ଥିଲେ। ସେ ନିଜର ନିଷ୍ପାପର ଉଦ୍ୟମ, କଠୋର ପରିଶ୍ରମ ତଥା ଦୂରଦୃଷ୍ଟି ବଳରେ ଏକ ବିଶାଳ ସାମ୍ରାଜ୍ୟର ଅଧିପତି ହୋଇପାରିଥିଲେ। ଏକ ବିଶାଳ ଭୂଖଣ୍ଡର ଅଧିକାରୀ ହୋଇ ମଧ୍ୟ ସେ ଏକଛତ୍ରବାଦୀ ଶାସକ ହୋଇ ନ ଥିଲେ। ତେବେ ଭାରତ ଇତିହାସରେ ତାଙ୍କୁ ଯଥୋଚିତ୍ତ ସ୍ଥାନ ଦିଆଯାଇ ପାରିନାହିଁ ବୋଲି ବୀରମହାରାଜପୁର ମହାବିଦ୍ୟାଳୟ ଇତିହାସ ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ଆୟୋଜିତ 'ଛତ୍ରପତି ଶିବାଜୀ ମହାରାଜ: ମଧ୍ୟ ଯୁଗୀୟ ଭାରତର ଜଣେ ସୁପ୍ରସିଦ୍ଧ ସମ୍ରାଟ' ଶୀର୍ଷକ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ ଆଲୋଚନାଚକ୍ରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ହିମାଂଶୁ ଶେଖର ପାଢ଼ୀ ସଭାପତିତ୍ୱ କରିଥିଲେ। ପରିଚାଳନା ପରିଷଦ ସଭାପତି ସ୍ୱୟମ୍ଭୁ ନାଥ ଖଣ୍ଡଗିରି ମୁଖ୍ୟ ଅତିଥି, ଅଧ୍ୟାପକ ସତ୍ୟନାରାୟଣ ଦାଶ ସମ୍ମାନିତ ଅତିଥି, ଡ. ବନ୍ଦିତା ବିଶ୍ୱାଳ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ। ଏତଦ୍ ବ୍ୟତୀତ ଅଧ୍ୟାପକ ନରେନ୍ଦ୍ର ଝା ଓ ଅଧ୍ୟାପକ ସ୍ମୃତିରଞ୍ଜନ ଭରାସାଗର ମଧ୍ୟ ବକ୍ତବ୍ୟ ରଖିଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରୁ ଅଭିଜିତ ହୋତା, ସୀତା ସାହୁ, ଲକ୍ଷ୍ମୀ ଦେହେରୀ ଏବଂ ମନୀଷା ପଣ୍ଡା ପ୍ରମୁଖ ପ୍ରବନ୍ଧ ଉପସ୍ଥାପନା କରିଥିଲେ। ଏହି ଅବସରରେ ଯୁକ୍ତ ତିନି ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ରଙ୍କ ଦ୍ୱାରା ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ବରିଷ୍ଠ ବିଦ୍ୟାର୍ଥୀମାନଙ୍କ ମଧ୍ୟରୁ ଦିନେଶ ମହାକୁର, ସୁଶୀଲ ନାଏକ, ଲକ୍ଷ୍ମୀ ଦେହେରୀ, ରାଜୁ ବିଶ୍ୱାଳ ପ୍ରମୁଖ ସ୍ୱାଗତ କରିଥିଲେ। ନବାଗତମାନଙ୍କ ମଧ୍ୟରୁ ଅଭିଜିତ ହୋତା, ସରିତା ଭୋଇ, ସ୍ମୃତି ଭାରସାଗର ଓ ଅଭିଷେକ ପଣ୍ଡା ପ୍ରତ୍ୟୁତ୍ତର ପୂର୍ବକ କୃତଜ୍ଞତା ଜଣାଇଥିଲେ। ସୋନାଲି ମେହେର ସଭା ସଂଯୋଜନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶାଶ୍ୱତୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ଉତ୍ୟକ୍ତ ଲୋକେ

**ଦେବଗଡ଼,୩୦।୮(ଶଶାଙ୍କ ଶେଖର ଝାଙ୍କର)**


ଉତ୍ୟକ୍ତ ଲୋକେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

## ଏଏନ୍ଏମ୍ ସେଣ୍ଟର ସ୍ଥାନାନ୍ତର ଦାବି

■ ୭ ଦିନ ମଧ୍ୟରେ ନିଷ୍ପତ୍ତି ନିଆ ନ ଗଲେ ପୁଣି ଥରେ ଆନ୍ଦୋଳନ

ଦେବଗଡ଼ ଜିଲା ରିଆମାଳ ବ୍ଲକ ଲୁଲଙ୍ଗ ଗ୍ରାମପଞ୍ଚାୟତ ରେଙ୍ଗାଲପାଲି ଗାଁରେ ନିର୍ମାଣାଧୀନ ଏଏନ୍ଏମ୍ ସେଣ୍ଟର ପଞ୍ଚାୟତ ସଦର ମହକୁମାକୁ ସ୍ଥାନାନ୍ତର ଦାବିରେ ଉକ୍ତ ଗ୍ରାମପଞ୍ଚାୟତ ଅନ୍ତର୍ଗତ ୮ଟି ୱାର୍ଡର ଜନସାଧାରଣ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏଥିସହ ଉତ୍ୟକ୍ତ ଲୋକେ ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ଫଳରେ ସେଠାରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ଉପଜିଲାପାଳ ପରକ୍ଷୀତ ସାହୁ ଓ ଦେବଗଡ ଥାନା ଆଇଆଇସି ସରୋଜ କୁମାର ସେଠୀ ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ହୋଇପଡିବା ସହ ସେମାନେ ଚାଲିଯାଇଥିଲେ। ବର୍ତ୍ତମାନ ଲୁଲଙ୍ଗ ଗ୍ରାମପଞ୍ଚାୟତ ରେଙ୍ଗାଲପାଲି ଗ୍ରାମରେ ଉକ୍ତ ଏଏନ୍ଏମ୍ ସେଣ୍ଟର ନିର୍ମାଣ କାର୍ଯ୍ୟ ଚାଲିଛି। ମାତ୍ର ଏହାକୁ ସେଠାରେ ନିର୍ମାଣ ନ କରି ଲୁଲଙ୍ଗ ଗ୍ରାମ ପଞ୍ଚାୟତ ସଦର ମହକୁମାରେ ନିର୍ମାଣ କରିବା ଦାବିରେ ଉପରୋକ୍ତ ଗ୍ରାମ ପଞ୍ଚାୟତର ୮ଟି ୱାର୍ଡର ଶତାଧିକ ବହୁ ପୁରୁଷ ଓ ମହିଳା ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ମାତ୍ର ରେଙ୍ଗାଲପାଲିରେ ନିର୍ମାଣ କାମ ଆରମ୍ଭ ହୋଇଯାଇଥିବାରୁ ଏବେ ସ୍ଥାନାନ୍ତର କରିବା ଆଉ ସମ୍ଭବ ନୁହେଁ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯିବାରୁ ସେମାନଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଭିତରକୁ ଧଶେଇ ପଶିବା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ବାହାରେ ଧାରଣାରେ ବସିଥିଲେ। ଫଳରେ ପ୍ରାୟ ୩ ଘଣ୍ଟା ଧରି ପୋଲିସକୁ ନାକେଦମ ହେବାକୁ ପଡିଥିଲା। ଉତ୍ୟକ୍ତ ଲୋକେ ବିଭିନ୍ନ ସ୍ଲୋଗାନ ଦେବା ସହ ଲିଖିତ ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ସେଠାରୁ ଉଠିବୁ ନାହିଁ ବୋଲି ଜିଦ ଧରିଥିଲେ। ତେବେ ଉପଜିଲାପାଳ ପରକ୍ଷୀତ ସାହୁ ଓ ଦେବଗଡ ଥାନା ଆଇଆଇସି ସରୋଜ କୁମାର ସେଠୀ ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ସେମାନେ ଧାରଣାରୁ ଉଠିଥିଲେ। ତେବେ ନିର୍ମାଣାଧୀନ ଏଏନ୍ଏମ୍ ସେଣ୍ଟର ନିର୍ମାଣ କାର୍ଯ୍ୟ ବନ୍ଦ କରିବା ସହିତ ଆଗାମୀ ୭ ଦିନ ମଧ୍ୟରେ ନିଷ୍ପତ୍ତି ନିଆ ନ ଗଲେ ପୁଣି ଥରେ ଆନ୍ଦୋଳନ କରାଯିବ ଓ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇବା ସହ ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି ଚେତାବନୀ ଦେଇ ଫେରି ଯାଇଥିଲେ।

# ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଦେବଗଡ଼,୩୦।୮(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ମହାବିଦ୍ୟାଳୟ ଓଡ଼ିଆ ଓ ଇଂଲିଶ ବିଭାଗ ଆନୁକୂଲ୍ୟରେ ଗୁରୁବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡାକ୍ତର ସୁଦାମ କୁମାର ପରିଡ଼ା ସଭାପତିତ୍ୱ କରିଥିବା ବେଳେ ଡାକ୍ତର ଭାରତ ଭୂଷଣ ନନ୍ଦ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ। ମଞ୍ଚାସୀନ ଅତିଥି ଭାବରେ ଅଧ୍ୟାପକ ବିକ୍ରମ କେଶରୀ ନାଏକ, ଡାକ୍ତର ମିନି ପ୍ରଧାନ, ଡାକ୍ତର ସୁରେନ୍ଦ୍ର କୁମାର ଦାସ, ପ୍ରମୋଦ କୁମାର ଡୁଙ୍ଗଡୁଙ୍ଗ ଉପସ୍ଥିତ ଥିଲେ। ଡାକ୍ତର ସୁରେନ୍ଦ୍ର କୁମାର ଦାସ ମଞ୍ଚ ଆବାହକ ଥିବାବେଳେ ଡକ୍ତର ମିନି ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଡକ୍ତର ଭାରତ ଭୂଷଣ ନନ୍ଦ ମେହେର ସାହିତ୍ୟର ବିଭିନ୍ନ ଦିଗ ଉପରେ ବିଶଦ ଆଲଚନା କରିଥିବା ବେଳେ ମଞ୍ଚାସୀନ ଅତିଥିବୃନ୍ଦ ଗଙ୍ଗାଧର ମେହେରଙ୍କ ସାହିତ୍ୟର ନୈତିକ ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ। ଯୁକ୍ତ୨, ସ୍ନାତକ ତଥା ସ୍ନାତକୋତ୍ତର ଛାତ୍ରୀଛାତ୍ରମାନେ ଗଙ୍ଗାଧର ମେହେରଙ୍କ ଗୀତି ଗୁଡ଼ିକୁ ସାମୂହିକ ଭାବେ ଗାନ କରିଥିଲେ। ଶେଷରେ ଅଧ୍ୟାପକ ବୁଲୁ ମୁଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବର ଶେଷ ଭାଗରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଗଙ୍ଗାଧର କୁଇଜ ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉତ୍ସବରେ ଅଧ୍ୟାପକ ପ୍ରତାପ ଚନ୍ଦ୍ର ଦାଶ, ନିରଞ୍ଜନ ସାହୁ, ଜିତେନ୍ଦ୍ର ପଧାନ, ଗୁରୁ ଚରଣ କିଷାନ, ଅଧ୍ୟାପିକା ଚାନ୍ଦିନୀ ସା, ବବିତା ବାଞ୍ଚୀ, ମୋନିକା ବାର୍ଲା, ଶିଖା ମହର୍ଷିଙ୍କ ସମେତ ବହୁ ଅଧ୍ୟାପକ ଅଧ୍ୟାପିକା, ଛାତ୍ରୀଛାତ୍ର ଓ କର୍ମଚାରୀ ଉପସ୍ଥିତ ଥିଲେ।

# ସୁଭଦ୍ରା ଯୋଜନା କାର୍ଯ୍ୟକାରିତା ନେଇ ପ୍ରସ୍ତୁତି ବୈଠକ

**ଦେବଗଡ଼,୩୦।୮(ଶଶାଙ୍କ ଶେଖର ଝାଙ୍କର)**

ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷଠାରେ ସୁଭଦ୍ରା ଯୋଜନା ଉପରେ ଏକ ପ୍ରସ୍ତୁତି ବୈଠକ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସୁଭଦ୍ରା ଯୋଜନାରେ ଦେବଗଡ଼ ଜିଲାରେ ୧ ଲକ୍ଷ ୨୧ ହଜାର ମହିଳାମାନଙ୍କ ପାଇଁ ୨୧ରୁ ୬୦ ବର୍ଷ ମଧ୍ୟରେ ଯୋଜନାରେ ଲାଭ ପାଇବେ। ସମସ୍ତ ମହିଳାଙ୍କ ଆଧାର କାର୍ଡ ଓ ବ୍ୟାଙ୍କ ଆକାଉଣ୍ଟ ସହ ମୋବାଇଲ ନମ୍ବର ଲିଙ୍କ ରହିବା ଆବଶ୍ୟକ। ଏହା ସହ ସୁଭଦ୍ରା ଯୋଜନାର ସରକାରଙ୍କ ନିର୍ଦ୍ଦେଶାବଳୀ ଉପରେ ଆଲୋଚନା କରାଯାଇଥିଲା। ବର୍ଷଙ୍କୁ ପ୍ରତ୍ୟେକ ହିତାଧିକାରୀ ୧୦ ହଜାର ଟଙ୍କା ଦୁଇଟି କିସ୍ତି ରାକ୍ଷୀ ପୂର୍ଣ୍ଣିମା ଓ ଆନ୍ତର୍ଜାତୀୟ ମହିଳା ଦିବସରେ ପାଇବେ। ହିତାଧିକାରୀମାନେ ବ୍ଲକ ଓ ଅଙ୍ଗନୱାଡ଼ି କେନ୍ଦ୍ର, ଜନସେବା କେନ୍ଦ୍ର, ମୋ ସେବା କେନ୍ଦ୍ରରେ ଏ ନେଇ ବିନା ଶୁଳ୍କରେ ସେପ୍ଟେମ୍ବର ୨ ତାରିଖରୁ ୧୪ ତାରିଖ ମଧ୍ୟରେ ଆବେଦନ କରିପାରିବେ। ବୈଠକରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରିଆମାଳ ଉଗ୍ରସେନ ଓରାମ, ବାରକୋଟ ବ୍ଲକର ମାର୍କେଟିଂ ଅଫିସର ଜୟନ୍ତ କୁଣ୍ଡୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ, ଓଏଲଏମର ଡିପିଏମ ସ୍ମରଣିକା ମହାପାତ୍ର, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କିଶୋର ଚନ୍ଦ୍ର ନାୟକ, ଜିଲା ସମାଜ ମଙ୍ଗଳ ଅଧିକାରୀ ସୁରତି ପ୍ରଧାନ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଆଲୋଚନା କରାଯାଉଛି।


ବନ ମହୋତ୍ସବରେ ଆୟୋଜିତ ସଚେତନତା ସଭାରେ ଉପସ୍ଥିତ ଅତିଥି।

# ସବୁଜ ଜିଲା ଗଠନ ପାଇଁ ଆହ୍ୱାନ

**ଝାରସୁଗୁଡ଼ା,୩୦।୮(ସଞ୍ଜୟ ମାଲି)**

## କନିଷ୍ଠ ମହାବିଦ୍ୟାଳୟରେ ବନ ମହୋତ୍ସବ, ସଚେତନତା ସଭା

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ ବାଘମରାସ୍ଥିତ ଡିପିଏ କନିଷ୍ଠ ମହାବିଦ୍ୟାଳୟ ଅଧ୍ୟକ୍ଷ ମଧୁସୂଦନ ବଳବନ୍ତରାୟଙ୍କ ସଭାପତିତ୍ୱରେ ସମଲେଶ୍ୱରୀ ସେବା ସଂଘ ପକ୍ଷରୁ କଲେଜ ସଭା ଗୃହରେ ବନ ମହୋତ୍ସବ, ସଚେତନତା ସଭା ସହ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶିଷ୍ଟ ପରିବେଶବିତ୍ତ ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଝାରସୁଗୁଡା ଜିଲାକୁ ସବୁଜମୟ କରିବାରେ ଯୁବ ଓ ଛାତ୍ର ସମାଜର ପ୍ରମୁଖ ଭୂମିକା ରହିଛି ବୋଲି କହିଥିଲେ। ଏଥିପାଇଁ ଉତ୍ସବର ଯୋଗଦେଇଥିବା ସମସ୍ତଙ୍କୁ ସବୁଜ ଶପଥପାଠ କରାଇ ସବୁଜ ଜିଲା ଗଠନ ପାଇଁ ଆହ୍ୱାନ ଦେଇଥିଲେ। ଝାରସୁଗୁଡାର ଲକ୍ଷ୍ମୀ ନାରାୟଣ କଲେଜ ଅବସରପ୍ରାପ୍ତ ଅଧ୍ୟକ୍ଷ ରବୀନ୍ଦ୍ର କୁମାର ଦେବତା ଜଗତସିଂହପୁର ଜିଲାରେ ହୋଇଥିବା ପରିବେଶ ଆନ୍ଦୋଳନର ଉଦାହରଣ ପ୍ରଦାନ କରିଥିଲେ। ସଭା ପ୍ରାରମ୍ଭରେ ସଂଘ ସଭାପତି ଅବସରପ୍ରାପ୍ତ ଅଧ୍ୟାପକ କେଦାର ନାଥ ପଟେଲ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ସୁମନ୍ତ ଶେଖର ବହିଦାର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ରୋହିତ କୁମାର ପଟେଲ, ପରିବେଶ ସଂଗ୍ରାମୀ ସତ୍ୟ ନାରାୟଣ ରାଓ, ଏହି କଲେଜରୁ ଅବସରପ୍ରାପ୍ତ ଅଧ୍ୟକ୍ଷ ସୁକାନ୍ତ କୁମାର ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଭିଏଁ ନିଜ ଜନ୍ମ ଦିନ ଓ ସ୍ମରଣୀୟ ଦିବସରେ ଚାରା ରୋପଣ କରିବାକୁ ଆହ୍ୱାନ ଦେଇଥିଲେ। ଏହା ପରେ କଲେଜ ପରିସରରେ ବନପାଳ ରମାକାନ୍ତ ନାୟକଙ୍କ ତତ୍ତ୍ୱାବଧାନରେ ବୃକ୍ଷ ରୋପଣ କରାଯାଇଥିଲା। କୋଲାବିରା ବ୍ଲକ ବରିଷ୍ଠ ନାଗରିକ ସଂଘ ସଭାପତି ବିହାରୀ ଲାଲ ନାଏକ ଧନ୍ୟବାଦ ଅର୍ପଣ କରିଥିଲ। ଅନ୍ୟମାନଙ୍କ ମଧ୍ୟରେ ସଂଘର ସଭ୍ୟ ଅରୁଣ ପଟେଲ, ବାଞ୍ଛାନିଧି ସାହୁ, ସୂର୍ଯ୍ୟକାନ୍ତିଚାନ୍ଦ, ଦୀପିକା ସିଂ, ପୂର୍ଣ୍ଣମୀ କେଛୁ, ଲତିକା ସାହୁ, ପ୍ରକୃତି ବନ୍ଧୁ ଲାଲରାମ ଛତ୍ରିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବ୍ରଜରାଜନଗର ମହାବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ ପାଳିତ


ଜାତୀୟ କ୍ରୀଡ଼ା ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ବ୍ରଜରାଜନଗର,୩୦।୮(ବିଜୟ ବରାଡ଼)**

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ମହାବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ସ୍ୱେତା ସାହାଣୀ ତଥା କ୍ରୀଡ଼ା ବିଭାଗ ମୁଖ୍ୟ ଅଧ୍ୟାପକ ସୁମିତ ତିର୍କୀଙ୍କ ଅଧ୍ୟକ୍ଷତାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ସମୀର ରଞ୍ଜନ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଦିବସ କାର୍ଯ୍ୟକ୍ରମ ଉଦଘାଟନ କରି ଛାତ୍ର ଜୀବନରେ କ୍ରୀଡ଼ା ମହତ୍ତ୍ୱ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ସଭାରେ ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ସୁପ୍ରକାଶ ଚୌଧୁରୀ ମଧ୍ୟ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ସମ୍ବୋଧିତ କରିଥିଲେ। ଏହି ଅବସରରେ ଅଧ୍ୟାପକ ଲୁଗୁ ଚରଣ ମରାଣ୍ଡି, କ୍ରୀଡ଼ା ବିଭାଗ ଉପସଭାପତି ନାହୁ ଗୋପାଳ ପଣ୍ଡା, ଆଶିଷ ଅବସ୍ଥି, ମନୋଜ ପାଟଯୋଷି, ଅଧ୍ୟାପିକା ଡାକ୍ତର ମୋନାଲିସା ଦାଶ, ଚାନ୍ଦନି ବିଶାଳ, ଶ୍ୟାମା ଯାଦବ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତଥିଲେ। କ୍ରୀଡ଼ା ଦିବସରେ ଛାତ୍ରୀମାନଙ୍କ ମଧ୍ୟ ଖୋଖୋ ଏବଂ ଛାତ୍ରମାନଙ୍କ ମଧ୍ୟରେ ଭଲିବଲ ପ୍ରତିଯୋଗିତା ହୋଇଥିଲା। ଏଥିରେ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ଫିଟ ରହିବା ପାଇଁ ନିୟମିତ ୩୦ ମିନିଟ ବ୍ୟାୟାମ ତଥା କ୍ରୀଡ଼ାରେ ଭାଗ ନେବା ପାଇଁ ସମସ୍ତ ଛାତ୍ରୀଛାତ୍ରଙ୍କୁ ଶପଥପାଠ ମଧ କରାଯାଇଥିଲା। କ୍ରୀଡ଼ା ଦିବସ ତଥା କ୍ରୀଡ଼ା ପ୍ରତିଯୋଗିତାରେ ଅଧ୍ୟାପକ ପ୍ରେମସାଗର ବାଗ, ସିବାଶିଷ ପ୍ରଧାନ, ସୁମନ୍ତ ସାହୁ ସମେତ ଅଧ୍ୟାପକ, ଅଧ୍ୟାପିକା ତଥା କର୍ମଚାରୀ ସହଯୋଗ କରିଥିଲେ।

# ସମଲେଶ୍ୱରୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

**ବ୍ରଜରାଜନଗର,୩୦।୮(ବିଜୟ ବରାଡ଼):** ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ପୌରାଞ୍ଚଳ ଅନ୍ତର୍ଗତ ନୂଆଡ଼ିହି ଗ୍ରାମରେ ମା' ସମଲେଶ୍ୱରୀଙ୍କ ଏକ ଭବ୍ୟ ମନ୍ଦିର ନିର୍ମାଣ ପ୍ରତିଷ୍ଠା ହୋଇଯାଇଛି। ୨୫ ତାରିଖଠାରୁ ମନ୍ଦିର ପ୍ରତିଷ୍ଠା ଉତ୍ସବ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଶତାଧିକ ମହିଳା ସ୍ଥାନୀୟ ଜଳାଶୟରୁ କଳସ ଯାତ୍ରା କରିଥିଲେ। ପାଞ୍ଚ ଦିନ ପୂଜାପାଠ କରାଯାଇଥିଲା। ଶୁକ୍ରବାର ସକାଳ ସମୟରୁ ମା'ଙ୍କ ଶିଖର ସ୍ନାନ, କୁମ୍ଭ ଧଜା ରୋହନ, ଚଣ୍ଡି ପାଠ ପରେ ପୂର୍ଣ୍ଣାହୁତି କରାଯାଇଥିଲା। ଶହସ୍ରାଧିକ ସଂଖ୍ୟାରେ ଭକ୍ତ ସମାଗମ ହୋଇଥିଲା।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏସୟୁଜେ ପକ୍ଷରୁ ସ୍ମାରକପତ୍ର

**ଦେବଗଡ଼,୩୦।୮(ଶଶାଙ୍କ ଶେଖର ଝାଙ୍କର)**

ରାଜ୍ୟ ସମ୍ବାଦିକ ସଂଘ ଓଡ଼ିଶା (ଏସୟୁଜେ) ଦେବଗଡ ଜିଲା ଶାଖା ସଭାପତିଙ୍କ ନେତୃତ୍ୱରେ ସଂଘର ବହୁ ସଦସ୍ୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୭ଦଫା ସ୍ମାରକପତ୍ର ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କୁ ପ୍ରଦାନ କରିଥିଲେ। ଦେଶର ଅନ୍ୟ କେତେକ ରାଜ୍ୟ ଭଳି ଓଡିଶାରେ କାର୍ଯ୍ୟରତ ସାମ୍ବାଦିକ ଏବଂ ଅବସର ଗ୍ରହଣ କରିଥିବା କିମ୍ବା ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସ ସାମ୍ବାଦିକଙ୍କୁ ୨୫ ହଜାର ଟଙ୍କା ଭତ୍ତା ଓ ପେନସନ ପ୍ରଦାନ, ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ସାମ୍ବାଦିକମାନଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଯୋଜନାରେ ସାମିଲ ପାଇଁ ସ୍ୱୟଂ ନବୀକରଣ, ସାମ୍ବାଦିକମାନେ କମ ମୂଲ୍ୟରେ ରହିବା ପାଇଁ ଭୁବନେଶ୍ୱରଠାରେ ଏକ ଶହ ଶଯ୍ୟା ବିଶିଷ୍ଟ ଅତିଥି ଭବନ ନିର୍ମାଣ, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ରାଶି ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ସହ ବାପା, ମା'ଙ୍କୁ ସାମିଲ କରିବା ଆଦି ଦାବି ସମେତ ୭ ଦାବି ରହିଛି। ଅନ୍ୟ ଦାବିଗୁଡିକ ମଧ୍ୟରେ ସାମ୍ବାଦିକଙ୍କ ମୃତ୍ୟୁ ହେଲେ ପରିବାର ଲୋକଙ୍କୁ ୨୫ ଲକ୍ଷ ଟଙ୍କା ପ୍ରଦାନ, ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ଏବଂ ରାଜ୍ୟ ବ୍ୟାପୀ ରହିଥିବା ବିଭିନ୍ନ ସରକାରୀ ଡାକବଙ୍ଗଳା ଓ ସର୍କିଟ ହାଉସରେ ସ୍ୱଳ୍ପ ମୂଲ୍ୟରେ ସାମ୍ବାଦିକମାନେ ରହିବା ବ୍ୟବସ୍ଥା କରିବା ଦାବି ମଧ୍ୟ ସ୍ମାରକପତ୍ରରେ ଉଲ୍ଲେଖ ରହିଛି।

# ଜାତୀୟ କ୍ରୀଡ଼ା ସପ୍ତାହ ପାଳନ ଉପଲକ୍ଷେ ବୈଠକ

**ଝାରସୁଗୁଡ଼ା,୩୦।୮(ସଞ୍ଜୟ ମାଲି)**

ଜିଲାପାଳଙ୍କ କାର୍ଯ୍ୟାଳରେ ଜାତୀୟ କ୍ରୀଡ଼ା ସପ୍ତାହ ଉପଲକ୍ଷେ ଅତିରିକ୍ତ ଜିଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ଶପଥ ପାଠ ଅନୁଷ୍ଠିତ ହୋଇଥିବା ବେଳେ ହକି ଯାଦୁକର ଧ୍ୟାନଚାନ୍ଦଙ୍କ କ୍ରୀଡ଼ା ପ୍ରତିଭା ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ କ୍ରୀଡ଼ା ସପ୍ତାହ ପାଳନ ଅବସରରେ ବିଭିନ୍ନ କ୍ରୀଡ଼ା ସଙ୍ଗଠନ ପକ୍ଷରୁ ହକି, ଫୁଟବଲ, ଖୋଖୋ, ବ୍ୟାଡମିଣ୍ଟନ, କ୍ରିକେଟ ଓ ପେଞ୍ଚାକ ସିଲଟ ଆଦି ବିଭିନ୍ନ ଖେଳ ଆୟୋଜନ ସହ ବିଦ୍ୟାଳୟସ୍ତରରେ ମଧ ବିଭିନ୍ନ ଖେଳ ଆୟୋଜନ କରାଯିବାକୁ ସ୍ଥିର କରାଯାଇଥିଲା। ଓଏମପିସ୍ଥିତ ପଡ଼ିଆରେ ଫୁଟବଲ ଓ ଖୋଖୋ, ସରବାହାଲସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପଡିଆରେ କ୍ରିକେଟ, କିର୍ମିରାରେ ହକି, ସରବାହାଲସ୍ଥିତ ଝାରସୁଗୁଡ଼ା ଜିଲା ପେଞ୍ଚାକ ସିଲଟ ଆସୋସିଏଶନ ହଲରେ ପେଞ୍ଚାକ ସିଲଟ ଓ ମଙ୍ଗଳବଜାରସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ବ୍ୟାଡମିଣ୍ଟନ ମ୍ୟାଚ ଅନୁଷ୍ଠିତ ହେବ। ବିଦ୍ୟାଳୟସ୍ତରରେ ଜିଲା ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଖେଳ ସମୂହ ଅନୁଷ୍ଠିତ ହେବ। ବୈଠକରେ ଓଏସଏପି ୨ୟ ବାଟାଲିୟନ ଡେପୁଟି କମାଣ୍ଡାଣ୍ଟ ଡିପିଇଓ ବିମଳ ତାଣ୍ଡି, ଜିଲା କ୍ରୀଡ଼ା ସଂଘ ସମ୍ପାଦକ ତାପସ ରାୟ ଚୌଧୁରୀ, ଓଡ଼ିଶା ହକି ସଂଘ ଉପସଭାପତି ଜୀବନ ମହାନ୍ତି, ପ୍ରଫେସର ଟହଲୁ ସାହୁ, ବିଜୟ ବେହେରା, ମୋହନ ମିଶ୍ର, ଶୁଭମ ଦେବ, ଗଣେଶ ନାଏକ, ପ୍ରଶାନ୍ତ ଜେନା, ମେହତା ଖାନ, ପ୍ରଜ୍ୱଳ ପଟେଲ, ପ୍ରେମସିଂ ଥାପ୍ପା, କ୍ଲେମେଣ୍ଟ ରୋନାଲଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଡିସିପିଓ ସୁନନ୍ଦ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।


ବୈଠକରେ ଆଲୋଚନା କରାଯାଉଛି।

# ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ବ୍ୟୟ ଅଟକଳ

**ଦେବଗଡ଼,୩୦।୮(ଶଶାଙ୍କ ଶେଖର ଝାଙ୍କର)**


ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଶାରୀରିକ ଶିକ୍ଷା ଶିକ୍ଷକ ସାଧାରଣ ପରିଷଦ ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

## ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଶାରୀରିକ ଶିକ୍ଷା ଶିକ୍ଷକ ସାଧାରଣ ପରିଷଦ ବୈଠକ

ଦେବଗଡ଼ ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଟାଉନ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଶାରୀରିକ ଶିକ୍ଷା ଶିକ୍ଷକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ଡ଼. ରାଧାକାନ୍ତ ଗଡ଼ତିଆ ଯୋଗଦେଇ ଛାତ୍ରୀଛାତ୍ରୀମାନେ କ୍ରୀଡା କ୍ଷେତ୍ରରେ କିପରି ବିକାଶ କରିବେ ସେଥିପ୍ରତି ଯତ୍ନବାନ ହେବା ସହିତ ନିଜକୁ ନିଜେ ଦକ୍ଷ ଓ ଉପଯୁକ୍ତ ହୋଇ କାର୍ଯ୍ୟ କରିବା ନିମନ୍ତେ ଜିଲାର ସମସ୍ତ ଶାରୀରିକ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ପ୍ରେରଣା ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ, ତିଲେଇବଣି ଗୋଷ୍ଠୀ ଶିକ୍ଷା ଅଧିକାରୀ ଶିକରେନ୍ଦ୍ର ଛତ୍ରିଆ, ରିଆମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଞ୍ଜିତ ଭୋଇ, ଟାଉନ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମାଳି ଲାକ୍ରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ପଦ୍ମଲୋଚନ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ବୈଠକରେ ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ବ୍ୟୟ ଅଟକଳ, ଚଳିତବର୍ଷ ରାଜ୍ୟସ୍ତରରେ ଭାଗ ନେବାକୁ ଥିବା ୧୧ଟି ବିଭାଗ ନିମନ୍ତେ କ୍ରୀଡା ଚୟନ, ୨୦୨୪-୨୫ ଶିକ୍ଷା ବର୍ଷ ନିମନ୍ତେ କ୍ରୀଡା ପଞ୍ଜିକା ପ୍ରସ୍ତୁତି, ରାଜ୍ୟସ୍ତରୀୟ କ୍ରୀଡା ପାଇଁ ଖେଳାଳି ଚୟନ କମିଟି ଗଠନ ପ୍ରମୁଖ ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା। ତିଲେଇବଣି ଉଚ୍ଚ ବିଦ୍ୟାଳୟ ଶାରୀରିକ ଶିକ୍ଷା ଶିକ୍ଷକ ଡିଲେଶ୍ୱର ସ୍ୱାଇଁ ଅତିଥି ପରିଚୟ ସହ ଧନ୍ୟବାଦ ଅର୍ପଣ କରିଥିଲେ। ଚଳିତ ଶିକ୍ଷା ବର୍ଷରେ ଅବସର ଗ୍ରହଣ କରିଥିବା ଜନତା ମାଧ୍ୟମିକ ଉଚ୍ଚ ବିଦ୍ୟାଳୟ କ୍ରୀଡା ଶିକ୍ଷକ ଲୋକନାଥ ନାୟକ ଓ ପୀତବାସ ଉଚ୍ଚ ବିଦ୍ୟାଳୟ ଝରାଗୋଗୁଆ କ୍ରୀଡା ଶିକ୍ଷକ ଦିଲୀପ ନାୟକଙ୍କୁ ଅତିଥି ଅଧିକାରୀଙ୍କ ଦ୍ୱାରା ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲାର ୬୧ଜଣ କ୍ରୀଡା ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କ୍ରୀଡା ଶିକ୍ଷୟିତ୍ରୀ ରଞ୍ଜିତା ମିଶ୍ର, କୁନିତା ସାହୁ, କ୍ରୀଡା ଶିକ୍ଷକ ଶ୍ୟାମସୁନ୍ଦର ବେହେରା, ହୃଷିକେଶ ପ୍ରଧାନ, ଜଗଦୀଶ ଭୋଇ, ପୂର୍ଣଚନ୍ଦ୍ର ସାହୁ, ଭୋଳେଶର ଘଡେଇ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ସେକ୍ଟର-୬ ଏଚ୍ ବ୍ଲକ ଦୁର୍ଗାପୂଜା କମିଟି ନିର୍ବାଚନ

**ରାଉରକେଲା,୩୦।୮(ବିପ୍ଳବ ରଞ୍ଜନ ଦାଶ):** ରାଉରକେଲା ସେକ୍ଟର-୬ ଏଚ୍ ବ୍ଲକସ୍ଥିତ ସାଇମନ୍ଦିର ପ୍ରାଙ୍ଗଣରେ ଦୁର୍ଗାପୂଜା କମିଟି ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସେକ୍ଟର-୬ର ଏଚ୍, ଡି, ଇ ଆଦି ବ୍ଲକ ସହିତ ପିଏଣ୍ଡଟି ଏବଂ ଏଲଆଇସି କଲୋନୀର ଜନସାଧାରଣଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଚଳିତବର୍ଷ ଦୁର୍ଗାପୂଜା ପାଳନ ନେଇ ଆଲୋଚନା କରାଯାଇଥିଲା। ଏହାପରେ ଗତବର୍ଷର ଆୟବ୍ୟୟ ହିସାବ ଓ ପରେ ଚଳିତ ବର୍ଷ ଦୁର୍ଗାପୂଜା ନେଇ ପୂଜା କମିଟି କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ନିର୍ବାଚନରେ ସଭାପତି ଭାବେ ସମିରଞ୍ଜନ ରାୟ, ଉପସଭାପତି ଭାବେ ଦିଲୀପ କୁମାର ଲେଙ୍କା, ସନ୍ତୋଷ କୁମାର ରାଉତ, କାର୍ଯ୍ୟକାରୀ ସଭାପତି ଭାବେ ଅମର ଖଟୁଆ, ହେମନ୍ତ କୁମାର ଜେନା, ପ୍ରଭାତ କୁମାର ଶତପଥୀ, ସାଧାରଣ ସମ୍ପାଦକ ଭାବେ ହିମାଂଶୁ ଦେହୁରୀଆ, ଯୁଗ୍ମ ସମ୍ପାଦକ ଭାବେ କମଳ ତନ୍ତୀ, ଅଜୟ ରାୟ, ସପନ ପାତ୍ର, କୋଷାଧକ୍ଷ ଭାବେ ପ୍ରଭାତ କୁମାର ପାତ୍ର, ଯୁଗ୍ମ କୋଷାଧକ୍ଷ ଭାବେ ସୌମ୍ୟରଞ୍ଜନ ପୃଷ୍ଟି, ସଙ୍ଗଠନ ସମ୍ପାଦକ ଭାବେ ସୌମ୍ୟରଞ୍ଜନ ବିଶ୍ୱାଳ, ମୋଦନ ନାଗ, ପାର୍ଥ ନାୟକ ଓ ଅଡିଟର ଭାବେ ଶ୍ରୀନିବାସ ରାଓ ନିର୍ବାଚିତ ହୋଇଥିଲେ।

### ବରଗଡ଼ ଜିଲାସ୍ତରୀୟ ଶିକ୍ଷା ସମୀକ୍ଷା ବୈଠକ

**ବରଗଡ଼,୩୦।୮(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଶୁକ୍ରବାର ଜିଲାସ୍ତରୀୟ ଶିକ୍ଷା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ରଜନୀକାନ୍ତ ଦାଶ ଏଥିରେ ଅଧକ୍ଷତା କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବରଗଡ଼ ବ୍ଲକ ଶିକ୍ଷାଧିକାରୀ ଡଃ ସୁରେନ୍ଦ୍ର ସାହୁ, ସୋହେଲା ବିଇଓ ଅମୃତା ସାହୁ, ଅମ୍ବାଭୋନା ବିଇଓ ଭାବନା ସାହୁ, ଭଟଲି ବ୍ଲକ ଶିକ୍ଷାଧିକାରୀ ସରୋଜ ଭୁଏ, ଝାରବନ୍ଧ ବିଇଓ ଶୁଭମ କୁମାର ପତି, ପେଡ଼ାଗୋଜି ପୁଷ୍ପାଞ୍ଜଳି ଦାଶଙ୍କ ସମେତ ବିଭିନ୍ନ ବ୍ଲକର ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଉପସ୍ଥିତ ରହି ନିଜ ନିଜ ବ୍ଲକର ସ୍ଥିତି ଉପସ୍ଥାପନ କରିଥିଲେ। ଏହି ଅବସରରେ ଶ୍ରେଣୀ ଗୃହ ପର୍ଯ୍ୟବେକ୍ଷଣ ରିପୋର୍ଟ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ଜାତୀୟ ଉପଲବ୍ଧି, ସର୍ବେକ୍ଷଣ ୨୦୨୪ ନମୁନା ପ୍ରଶ୍ନପତ୍ର, ରାଜ୍ୟସ୍ତରୀୟ ଉପଲବ୍ଧି ସର୍ବେକ୍ଷଣ ୨୦୨୪ର ଜିଲାସ୍ତରୀୟ ରିପୋର୍ଟ ଆଦି ବିଷୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଶିକ୍ଷକ ପ୍ରଶିକ୍ଷକ ରମେଶ ଚନ୍ଦ୍ର ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ସସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ପ୍ରଶିକ୍ଷକ ଗଗନ ବେହେରା, ବେଣୁଧର ବରିହା, ରୀମାରାଣୀ ଭୋଇ, ବରୁଣ କୁମ୍ଭକାର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

### ନୂଆଖାଇ ପାଳନ ନେଇ ଗଙ୍ଗାଦି ମନ୍ଦିର ଝାଙ୍କରଙ୍କ ନିମନ୍ତ୍ରଣ

**ଖଡ଼ିଆଲ,୩୦।୮ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ପୁରପଲ୍ଲୀରେ ନୂଆଖାଇ ପର୍ବ ପାଳନ ନେଇ ଗଙ୍ଗାଦି ମନ୍ଦିର ଝାଙ୍କର ଘର ଘର ବୁଲି ନିମନ୍ତ୍ରଣ କରିଛନ୍ତି। ଆସନ୍ତା ଭାଦ୍ରବ ମାସ ଶ୍ରୀପଞ୍ଚମୀ ଦିନ ନୂଆଖାଇ ପାଳନ ହେବାକୁ ଥିବାବେଳେ ନୂତନ ଶସ୍ୟ ଧାନ ଖେଡକୁ ଘର ସମ୍ମୁଖରେ ବାନ୍ଧି ନୂତନ ଶସ୍ୟ ଉତ୍ପାଦିତ ହେବାର ସୂଚନା ଦେଇଥାନ୍ତି। ସେହିପରି ଗ୍ରାମାଞ୍ଚଳରେ ମଧ ଝାଙ୍କରମାନେ ଘର ଘର ବୁଲି ଧାନ ଖେଡ ବାହାରିଥିବା ସୂଚିତ କରିଥାନ୍ତି।



ବିଏନ୍‌ସି ପରିସରରେ ଛାତ୍ରୀଛାତ୍ର ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ସମୟ ସରିଲା ସମାଧାନ ହୋଇପାରିଲାନି

**ବଡ଼ଗାଁ,୩୦।୮(ଅଶୋକ ଷଡ଼ଙ୍ଗୀ)**

- କଲେଜ ଗେଟ୍ ଭାଙ୍ଗି ଭିତରେ ପଶିଲେ ଛାତ୍ରୀଛାତ୍ର
- ପୁଣି ତେଜିଲା ବିଏନ୍‌ସି ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ

ଅନ୍ଧକାରକୁ ଠେଲିଦେଲେ ଆମ ପିଲାଙ୍କ ଭବିଷ୍ୟତ। ହଜାର ହଜାର ଟଙ୍କା ଦେଇ ବଡ଼ଗାଁ ନର୍ସିଂ କଲେଜରେ ନାମ ଲେଖାଇଥିଲୁ। ଠକାମିରେ ପଡ଼ିବୁ ବୋଲି ଭାବି ନ ଥିଲୁ ବୋଲି କହିଛନ୍ତି ସୁନ୍ଦରଗଡ଼ ଜିଲା ବଡ଼ଗାଁସ୍ଥିତ ନର୍ସିଂ କଲେଜରେ ପଢୁଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକ। ୨୦୨୩ ଡିସେମ୍ବର ୧୪ରେ କଲେଜକୁ ଏନ୍‌ଓସି ମିଳିଥିଲା। କିନ୍ତୁ ଏହା ପୂର୍ବରୁ ନଭେମ୍ବର ୧୪ରୁ ୧୬ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ନାମ ଲେଖାଇଥିଲେ। ନାମଲେଖା ସମୟରେ ଉକ୍ତ କଲେଜକୁ ଏନ୍‌ଓସି ମିଳିଛି ବୋଲି କୁହାଯାଇଥିଲା। ଛାତ୍ରୀଛାତ୍ରମାନେ ପ୍ରଶ୍ନ ଉଠାଇଛନ୍ତି, ଆମେ ନଭେମ୍ବର ୧୪ ତାରିଖରେ ନାମ ଲେଖାଇଥିଲୁ ଓ ନର୍ସିଂ କଲେଜ କର୍ତ୍ତୃପକ୍ଷ ଡିସେମ୍ବର ୧୪ରେ ଏନ୍‌ଓସି ଆଣିଥିଲେ। ଯଦି ଏନ୍‌ଓସି ନ ଥିଲା ତା'ହେଲେ କାହିଁକି ମାସେ ପୂର୍ବରୁ ନାମ ଲେଖାଇଥିଲେ। ଉକ୍ତ କଲେଜରେ ୨୦୨୩-୨୪ ଶିକ୍ଷା ବର୍ଷରେ ନାମ ଲେଖାଇଥିବା ୬୦ ଛାତ୍ରୀଛାତ୍ର ଜୁଲାଇ ୨୫ରୁ ୩୦ ତାରିଖରେ ହେବାକୁ ଥିବା ପ୍ରଥମ ସେମିଷ୍ଟର ପରୀକ୍ଷା ଦେଇ ନ ପାରିବାରୁ ଆନ୍ଦୋଳନକୁ ଓହ୍ଲାଇଥିଲେ। ଅଗଷ୍ଟ ୧୬ ତାରିଖ ମଧ୍ୟରେ ସମସ୍ୟା ସମାଧାନ ହୋଇଯିବ ବୋଲି ଛାତ୍ରୀଛାତ୍ରଙ୍କୁ ବିଏନ୍‌ସି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। ହେଲେ ସମାଧାନ କରିବାରେ ବିଫଳ ହେବାରୁ ଛାତ୍ରୀଛାତ୍ର 'ନର୍ସିଂ କଲେଜ ବନ୍ଦ କର' ନାରା ଦେଇ ରାଲିରେ ଥାନାକୁ ଯାଇଥିଲେ। ସାର୍ଟିଫିକେଟ ଓ ଟଙ୍କା ଫେରସ୍ତ କରିବାକୁ ଦାବି କରିଥିଲେ। ବିଏନ୍‌ସି କର୍ତ୍ତୃପକ୍ଷ ୩୦ ତାରିଖ ମଧ୍ୟରେ ସମସ୍ୟାର ସମାଧାନ କରିବେ ବୋଲି ଛାତ୍ରୀଛାତ୍ରଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ କର୍ତ୍ତୃପକ୍ଷ ଦ୍ୱିତୀୟ ଥର ପାଇଁ ବିଫଳ ହେବାରୁ ଛାତ୍ରୀଛାତ୍ରଙ୍କୁ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କହିଥିଲେ। ଏହା ଶୁଣିବା ପରେ ଶୁକ୍ରବାର ଅସନ୍ତୁଷ୍ଟ ଛାତ୍ରୀଛାତ୍ର ଓ ଅଭିଭାବକ ରାଲିରେ ଥାନାକୁ ଆସି ପୁନର୍ବାର ଜଣାଇଥିଲେ। ପରେ ଛାତ୍ରୀଛାତ୍ର ନର୍ସିଂ କଲେଜକୁ ଆସିଥିଲେ। କଲେଜର ଗେଟ୍ ନ ଖୋଲିବାରୁ ଗେଟ୍ ଭାଙ୍ଗି ଭିତରେ ପଶି ସାର୍ଟିଫିକେଟ ଓ ଟଙ୍କା ଫେରାଇବାକୁ ଦାବି କରିଥିଲେ। ଫଳରେ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଏହି ସମ୍ପର୍କରେ ନର୍ସିଂ କଲେଜର ଜଣେ କର୍ମଚାରୀ ନିଜ ନାମ ଗୋପନ ରଖି କହିଛନ୍ତି, କୋର୍ଟରେ କେସ୍ ଚାଲିଥିବାରୁ ବିଳମ୍ବ ହୋଇଛି। ଆସନ୍ତା ୨୮ ତାରିଖ ମଧ୍ୟରେ ସମସ୍ୟା ସମାଧାନ ହୋଇଯିବ। ଏନ୍‌ଓସି ମିଳିବା ପରେ ଏନ୍‌ଟ୍ରାନ୍‌ସ ପାଇଁ ଅନ୍‌ଲାଇନ ବନ୍ଦ ହୋଇଯାଇଥିଲା। ତେଣୁ ଏଭଳି ପରିସ୍ଥିତି ଦେଖାଦେଇଛି ବୋଲି କୁହାଯାଇଛି।

## ମହିଳାଙ୍କ ମୃତ୍ୟୁ: ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକେ

**କୁତ୍ରା,୩୦।୮(ଦେବାଶିଷ ସାହୁ)**

କୁତ୍ରା ଥାନା ଅନ୍ତର୍ଗତ ଖତକୁରବାହାଲ ଗ୍ରାମର ମନାୱର ରାଜାଙ୍କ ସ୍ତ୍ରୀ ସିରିନ ନାଜଙ୍କ ଗତ ୨୭ରେ ମୃତ୍ୟୁ ଘଟିଥିଲା। ଏହି ମୃତ୍ୟୁକୁ ନେଇ ସିରିନଙ୍କ ପରିବାର ପକ୍ଷରୁ ସନ୍ଦେହ ପ୍ରକାଶ ପାଇଥିଲା। ସିରିନଙ୍କ ଭାଇ ୱାସିମ ଆକ୍ରମ ଗୁରୁବାର କୁତ୍ରା ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଭଉଣୀଙ୍କୁ ସ୍ୱାମୀ ମନାୱରଙ୍କ ସମେତ ଶାଶୁଘର ଲୋକେ ହତ୍ୟା କରିଥିବା ନେଇ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଅଭିଯୋଗକୁ ଆଧାର କରି ଶୁକ୍ରବାର ପୋଲିସ ପକ୍ଷରୁ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା କୁତ୍ରା ତହସିଲଦାର ପ୍ରମୋଦ କୁମାର ବାସକେଙ୍କ ଉପସ୍ଥିତିରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ସିରିନଙ୍କ ମୃତ ଦେହକୁ ପୋତା ଯାଇଥିବା ସ୍ଥାନରୁ ବାହାର କରାଯାଇଥିଲା। ସୁନ୍ଦରଗଡ଼ ଓ ରାଉରକେଲାରୁ ଆସିଥିବା ୫ ଜଣିଆ ସାଇଣ୍ଟିଫିକ ଦଳର ତଦନ୍ତ ପରେ ପୋଲିସ ପକ୍ଷରୁ ଜବତ କରାଯାଇଥିବା ମୃତଦେହକୁ ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ ସ୍ଥିତ ଏକ ହସ୍ପିଟାଲକୁ ପଠାଯାଇଥିଲା। ମୃତଦେହକୁ ବାହାର କରିବା ସମୟରେ ଉତ୍ତେଜନା ପ୍ରକାଶ ପାଇବା ସମ୍ଭାବନା ଥିବା ନେଇ ପୋଲିସ ସତର୍କତା ଅବଲମ୍ବନ କରି ଏସଡିପିଓ ଅଭିଷେକ ପାଣିଗ୍ରାହୀ, କୁତ୍ରା ଥାନା ଅଧିକାରୀ ମନୋରଞ୍ଜନ ବିଶିଙ୍କ ଉପସ୍ଥିତିରେ ୪ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ପୋଲିସ କହିଛି।

## ଲହୁଣିପଡା ମଣ୍ଡଳରେ ସଦସ୍ୟତା ଅଭିଯାନ କର୍ମଶାଳା



**ଲହୁଣିପଡା,୩୦।୮(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ରାଜାମୁଣ୍ଡା ସ୍ଥିତ ଭାରତୀୟ ଜନତା ପାର୍ଟି ଦଳୀୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଲହୁଣୀପଡ଼ା ମଣ୍ଡଳର ସଦସ୍ୟତା ଅଭିଯାନ କର୍ମଶାଳା ମଣ୍ଡଳ ସଭାପତି ନମିତା ମାହନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାରେ ପ୍ରଶିକ୍ଷକ ଭାବେ ଜିଲା ସାଧାରଣ ସମ୍ପାଦକ ହେମନ୍ତ କୁମାର ସାହୁ ଓ ଜିଲା ଉପସଭାପତି ଦିବ୍ୟ ମଞ୍ଜରୀ ଶେଖର ଦେଓ ଉପସ୍ଥିତ ଥିଲେ। ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ସେପ୍ଟେମ୍ବର ୧ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଉଦ୍‌ଘାଟନ ହେବ। ତେଣୁ ସମସ୍ତ କାର୍ଯ୍ୟକର୍ତ୍ତା ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ସଦସ୍ୟତା ଅଭିଯାନକୁ ସର୍ବବ୍ୟାପି ସର୍ବସ୍ପର୍ଶୀ କରିବାପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ ସେପ୍ଟେମ୍ବର ୨୫ ତାରିଖ ପର୍ଯ୍ୟନ୍ତ ଡିଜିଟାଲ ମାଧ୍ୟମରେ ମିସକଲ ଜରିଆରେ ଚାଲୁ ରହିବ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ମଣ୍ଡଳର ସମସ୍ତ ବୁଥ ସ୍ତରୀୟ, ପଞ୍ଚାୟତ ସ୍ତରୀୟ ସଭାପତି, ମଣ୍ଡଳ କାର୍ଯ୍ୟନିର୍ବାହୀ ସମିତିର ସଦସ୍ୟମାନେ ଉପସ୍ଥିତ ଥିଲେ। କର୍ମଶାଳାକୁ ମଣ୍ଡଳ ସାଧାରଣ ସମ୍ପାଦକ ନାରାୟଣ କୁମ୍ଭାର ସଂଯୋଜନା କରିଥିବା ବେଳେ ଏଥିରେ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ଉପସ୍ଥିତ ଥିଲେ।

## ବିଡିଓଙ୍କ ଅଶାଳୀନ ବ୍ୟବହାର ଅଭିଯୋଗ

**କୁଆଁରମୁଣ୍ଡା,୩୦।୮(ମହେନ୍ଦ୍ର କୁମାର ସାହୁ)**

**ଜିଲାପାଳଙ୍କ ହସ୍ତକ୍ଷେପ ନିମନ୍ତେ ଅଭିଯୋଗ ପତ୍ର ପଠାଇଲେ ବ୍ଲକ କର୍ମଚାରୀ**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗଙ୍ଗାରାମ ବୁଡ଼େକ ଅଶାଳୀନ ବ୍ୟବହାର କରୁଥିବା ନେଇ କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ବୁଡେକ ଅନେକ ସମୟରେ କର୍ମଚାରୀଙ୍କୁ ନିଜ ପ୍ରକୋଷ୍ଠକୁ ଡାକି ରିଲିଭ କରିବା ଧମକ, କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀଙ୍କୁ ବାରମ୍ବାର ଗ୍ରାମପଞ୍ଚାୟତ ଅଦଳବଦଳ, କନିଷ୍ଠ ଯନ୍ତ୍ରୀଙ୍କୁ ମାସ ମାସ ଧରି ପଞ୍ଚାୟତରୁ କାଢି ବସାଇବା, ଅନେକ ସରକାରୀ କାର୍ଯ୍ୟରେ ସାମିଲ ନ କରିବା, କାର୍ଯ୍ୟକ୍ରମ ବିଷୟରେ କାହାକୁ ନ ଜଣାଇ ମନଇଚ୍ଛା କରିବା, ମହିଳା କର୍ମଚାରୀଙ୍କୁ ଅଯଥା କାମରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଅଟକାଇ ରଖି ହଇରାଣ ହରକତ କରିବା, ସେମାନଙ୍କ ରୂପସଜ୍ଜାକୁ ନେଇ ଆକ୍ଷେପ କରିବା ଭଳି ଘୃଣ୍ୟ ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ବ୍ଲକ କର୍ମଚାରୀ ବିଡିଓଙ୍କ ଏଭଳି କାର୍ଯ୍ୟକଳାପକୁ ନିନ୍ଦା କରିବା ସହ ଏହାର ଉପଯୁକ୍ତ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସୁନ୍ଦରଗଡ ଜିଲାପାଳଙ୍କୁ ବ୍ଲକ କର୍ମଚାରୀମାନେ ସାମୂହିକ ଦସ୍ତଖତ ସମ୍ବଳିତ ଏକ ଚିଠି ଲେଖି ଜଣାଇଛନ୍ତି। ଏହାର ଏକ କିତା ନକଲ ଉପ ଜିଲାପାଳ, ପାନପୋଷ, ରାଉରକେଲାର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲା ପରିଷଦ, ସୁନ୍ଦରଗଡ,ମାନବ ଅଧିକାର କମିଶନ, ଓଡ଼ିଶା, ବୀରମିତ୍ରପୁର ବିଧାୟକ, ରାଜ୍ୟ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ମନ୍ତ୍ରୀ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଉକ୍ତ ଅଭିଯୋଗପତ୍ର ପଠାଯାଇଥିବା ଜଣାପଡିଛି। ଅନ୍ୟପକ୍ଷରେ ଉକ୍ତ ଘଟଣା ସମ୍ପର୍କରେ ବିଡିଓ ବୁଡ଼େକଙ୍କୁ ପଚାରିବାରୁ, ଉକ୍ତ ଘଟଣାକୁ ଅସ୍ୱୀକାର କରିଛନ୍ତି। ମହିଳା କର୍ମଚାରୀଙ୍କ ରୂପସଜ୍ଜାକୁ ଆକ୍ଷେପ କରିବା ଘଟଣାକୁ ମଧ ବିଡିଓ ସମ୍ପୂର୍ଣ୍ଣଭାବେ ମିଥ୍ୟା ଅଭିଯୋଗ ବୋଲି କହିଛନ୍ତି।

## ଡକାୟତି ମାମଲାରେ ୨ ଗିରଫ

**ଅତାବିରା ୩୦।୮(ହୃଷୀକେଶ ଖମାରୀ)**

ବରଗଡ଼ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଡକାୟତି, ଲୁଟ୍‌ପାଟ କରୁଥିବା ଅଭିଯୋଗରେ ଭେଡେନ ଥାନା ରୁଖୁଡ଼ା ଫାଣ୍ଡି ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଲୁଇସିରା ଗ୍ରାମର ଲକ୍ଷ୍ମୀକାନ୍ତ ବଣ୍ଟୁକୀ ଓ ସଂକ୍ରୀଡା ଗ୍ରାମର ତପନ ପଞ୍ଚବିହାର। ଗିରଫ ଅଭିଯୁକ୍ତ ଥୁଆପାଲି, ଖୁଣ୍ଟୁଲିପାଲି, କପାବାରି, ଗୋଡ଼ଭଗା-ଡୁରୁମ ଆଦି ରାସ୍ତାରେ ଲୁଟ୍‌ପାଟ, ଡକାୟତି କରୁଥିଲେ ବୋଲି ପୋଲିସ କହିଛି। ଏ ନେଇ ଭେଡେନ ଥାନାରେ ଏକ ମାମଲା (ନଂ.୨୪୧/୨୪) ରୁଜୁ କରିଛି ଏବଂ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ତନାଘନା ଚାଲିଥିବା ରୁଖୁଡ଼ା ଫାଣ୍ଡି ଅଧିକାରୀ ପ୍ରମୋଦ କୁମାର ସାହୁ କହିଛନ୍ତି ।

## ମ୍ୟୁନିସିପାଲ କଲେଜରେ ଜାତୀୟ କ୍ରୀଡ଼ା ଦିବସ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଛାତ୍ରୀଛାତ୍ର।

**ରାଉରକେଲା,୩୦।୮(ଦିନେଶ ମିଶ୍ର)**

ରାଉରକେଲା ମ୍ୟୁନିସିପାଲ କଲେଜ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରା ଆୟୋଜନ କରିଥିଲେ। କ୍ୟାପଟେନ ସତ୍ୟ ନାରାୟଣ ରାଉତ, ସୁରଜ ତନ୍ତୀ, କିରଣ ଏରିକା ଖାଲକୋଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା କଲେଜ ପରିସରରୁ ବାହାରି ଆର୍‌ଏମ୍‌ସି କାର୍ଯ୍ୟାଳୟ ସମ୍ମୁଖ ଓ ରାଉରକେଲା ରିଂରୋଡ୍ ହୋଇ ମ୍ୟୁନିସିପାଲ କଜେଲରେ ପହଞ୍ଚିଥିଲା। କଲେଜର ଅଧ୍ୟକ୍ଷ ଡକ୍ଟର ସନାତନ ପ୍ରଧାନ ସବୁଜ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାରେ କଲେଜର ସମର ଶିକ୍ଷାର୍ଥୀ ବାହିନୀ, କ୍ରୀଡାବିତ୍ ଓ ଛାତ୍ରୀମାନଙ୍କ ସହ କର୍ମଚାରୀ ଯୋଗ ଦେଇଥିଲେ। ଏଥିସହ ମ୍ୟୁନିସିପାଲ କଲେଜରୁ ୧୩ ଜଣ ଅନ୍ତର୍ଜାତୀୟ ହକି ଖେଳାଳି ବାହାରିବା କିଛି କମ୍ ଗୌରବର ବିଷୟ ନୁହେଁ ବୋଲି ଡକ୍ଟର ପ୍ରଧାନ କହିଥିଲେ। କ୍ରୀଡ଼ା ଶିକ୍ଷକ କ୍ୟାପ୍‌ଟେନ ସତ୍ୟ ନାରାୟଣ ରାଉତ ହକିର ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କ ହକି ପ୍ରତି ନିଷ୍ଠା ଓ ଆଦର୍ଶକୁ ମନେ ପକାଇଥିଲେ। ଅଧ୍ୟାପକ ଗୋଲକ ବିହାରୀ ଦଳବେହେରା, ସୁନୀଲ କୁମାର ମହାନ୍ତି, ବିଜୟ କୁମାର ପାଢ଼ୀ, ହେମନ୍ତ ପୁହାଣ, ଦୀପ୍ତିରଞ୍ଜନ ମହାନ୍ତି, ଆଶିଷ କୁମାର ପରିଡା, ଗଗନ ବିହାରୀ ନାୟକଙ୍କ ସମେତ ବହୁ ଛାତ୍ରୀଛାତ୍ର ସହଯୋଗ କରିଥିଲେ।

## ବର୍ଷାରେ କ୍ଷତିଗ୍ରସ୍ତ ଚାଷୀ,ଗୃହହୀନ ଲୋକଙ୍କୁ ସହାୟତା ଦାବି

**ସୁନ୍ଦରଗଡ,୩୦।୮(ଜୟ ନାରାୟଣ ମେଣ୍ଡୁଲି)**



ଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

ସୁନ୍ଦରଗଡ଼ରେ ଗତ କିଛିଦିନ ହେବ ଲଗାଣ ବର୍ଷା ଯୋଗୁ ବିଭିନ୍ନ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବିଧାୟକ ଯୋଗେଶ ସିଂଙ୍କ ନିର୍ଦ୍ଦେଶରେ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ବରିଷ୍ଠନେତା ତଥା ବିଧାୟକଙ୍କ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ଶୁକ୍ରବାର ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ଭେଟି ବର୍ଷା ଯୋଗୁ କ୍ଷତିଗ୍ରସ୍ତ ଚାଷୀ ଓ ଗୃହହୀନ ଲୋକଙ୍କୁ ସହାୟତା ପ୍ରଦାନ ପାଇଁ ଦାବି କରିଛନ୍ତି। ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ସଦର ବ୍ଲକ, ଟାଙ୍ଗରପାଲି, ଲେଫ୍ରିପଡ଼ା ଏବଂ ହେମଗିରରେ ବର୍ଷା ଯୋଗୁ ଅନେକ ଗ୍ରାମରେ ଗରିବ ଲୋକଙ୍କ ଝୁମ୍ପୁଡି ଘର ଗୁଡ଼ିକ ଭାଙ୍ଗି ଯାଇ ଅକଥନୀୟ ଦୁର୍ଦ୍ଦଶା ଓ କଷ୍ଟରେ ବର୍ଷାରେ ଭିଜି ଭିଜି ରହୁଛନ୍ତି। ସେହି ଲୋକଙ୍କୁ ତହସିଲଦାରଙ୍କ ଦ୍ୱାରା ଚିହ୍ନଟ କରାଯାଇ ପ୍ଲାଷ୍ଟିକ ଜରିର ତାରପୋଲିନ ଦେବା ସହିତ ଆବାସ ଯୋଜନାରେ ସାମିଲ କରାଯାଇ ଗୋଟିଏ ଗୋଟିଏ ପକ୍କାଘର ଦିଆଯାଉ। ବିଭିନ୍ନ ଗ୍ରାମର ରାସ୍ତା ଗୁଡ଼ିକ ବର୍ଷା ଯୋଗୁ ଘାଇ ହୋଇ ଭାଙ୍ଗିଯାଇଛି। ଯାହାଫଳରେ ସମସ୍ୟା ହେଉଛି। ଛାତ୍ରୀଛାତ୍ରମାନେ ସ୍କୁଲ ଯାଇପାରୁ ନାହାଁନ୍ତି। କ୍ଷେତରେ ବର୍ଷାପାଣି ମାଡିଯାଇ ବାଲିଚର ହୋଇଥିବାରୁ ଚାଷ ଉଜୁଡିଯାଇ ଚାଷୀମାନଙ୍କ ବହୁତ କ୍ଷତି ହୋଇଛି। ତେଣୁ ଚାଷୀମାନଙ୍କ ଏହି କ୍ଷୟକ୍ଷତିକୁ ବିଡିଓଙ୍କ ଦ୍ୱାରା ଚିହ୍ନଟ ଓ ଆକଳନ କରାଯାଇ ଚାଷୀମାନଙ୍କୁ ଉଚିତ କ୍ଷତିପୂରଣ ଦିଆଯାଉ। ଭୀଷଣ ବର୍ଷା ହେଲେ ସୁନ୍ଦରଗଡ ମୁଖ୍ୟଡାକ୍ତରଖାନା ପରିସରରେ ସବୁବେଳେ ପାଣି ଜମି ରହୁଥିବାରୁ ରୋଗୀ ଏବଂ ଜନସାଧାରଣ ବହୁତ ଅସୁବିଧା ଭୋଗୁଛନ୍ତି। ତେଣୁ ଏହାର ସ୍ଥାୟୀ ପ୍ରତିକାର କରିବାକୁ ବିଜେଡି ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କ ଠାରେ ଦାବି କରି ଏକ ଦାବିପତ୍ର ଦେଇଛନ୍ତି। ଖୁବ ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଆଲୋଚନା ସମୟରେ ବିଧାୟକ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀ, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, କାଉନସିଲର ଆଖାର ହୁସେନ, ଅନିଲ ମହାପାତ୍ର, କୈଳାସ ତନ୍ତି, ହେମନ୍ତ ପାଢ଼ୀ, ସଞ୍ଜୟ ପଟ୍ଟନାୟକ, ତ୍ରିଲୋଚନ କାକ, ନରଦୀପ ସିଂ ଏବଂ ପଙ୍କଜ ଶ୍ରେଷ୍ଠ ଉପସ୍ଥିତ ଥିଲେ।

## ୪ ବର୍ଷ ହେଲା ମିଳୁନି ଔଷଧ ପ୍ରଲେପ ମଶାରି

**କୁତ୍ରା,୩୦।୮(ଦେବାଶିଷ ସାହୁ)**




ବର୍ତ୍ତମାନ ବର୍ଷା ଯୋଗୁ ସବୁଠି ବର୍ଷା ପାଣି ଜମି ରହୁଛି। ଫଳରେ ମଶାଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ଏଥିଯୋଗୁ ଗାଁ ଗାଁରେ ମ୍ୟାଲେରିଆ, ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଚାଲିଛି। ଡାକ୍ତରଖାନାରେ ରୋଗୀଙ୍କ ଲମ୍ବା ଲାଇନ ଦେଖିବାକୁ ମିଳୁଛି। ମଶା କାମୁଡ଼ାରୁ ରକ୍ଷା ପାଇବା ପାଇଁ ସରକାରଙ୍କ ପକ୍ଷରୁ ଲୋକଙ୍କୁ ଔଷଧ ପ୍ରଲେପ ମଶାରି ବଣ୍ଟନ କରାଯାଉଥିଲା। କିନ୍ତୁ ଗତ ୪ ବର୍ଷ ହେଲା ଏହି ମଶାରି ମିଳିନାହିଁ। ମଶା ଦାଉରୁ ରକ୍ଷା ପାଇବାକୁ ଏହି ମଶାରି ବେଶ ସହାୟକ ହୋଇଥାଏ। ମଶାରିକୁ ବାରମ୍ବାର ଧୋଇବା ପରେ ମଧ ଏଥିରେ ଲାଗିଥିବା ଔଷଧ କାମ କରିଥାଏ। ଶେଷଥର ପାଇଁ ୨୦୨୦ରେ ଲୋକଙ୍କୁ ମଶାରି ବଣ୍ଟନ କରାଯାଇଥିଲା। ଲୋକମାନେ ୪ ବର୍ଷ ଧରି ଏହି ମଶାରି ବ୍ୟବହାର କରିଥିବାବେଳେ ସେଗୁଡ଼ିକ ଫାଟି ନଷ୍ଟ ହେବାରେ ଲାଗିଛି। ଲୋକମାନେ ବିନା ମଶାରିରେ ଶୋଉଥିବାରୁ ମଶା କାମୁଡ଼ାରେ କଲବଲ ହେଉଛନ୍ତି। ଏହା ସହିତ ମଶା ଧୂଆଁ ଗାଡ଼ି ବୁଲି ମଶାଙ୍କୁ ମାରିବା ପାଇଁ ପଡାକୁ ପଡା ବୁଲି ଧୂଆଁ ଛାଡୁଥିଲା। କିନ୍ତୁ ତାହା ମଧ ଗତ ବର୍ଷ ଠାରୁ ବନ୍ଦ ରହିଛି; ଯାହା ଫଳରେ ମଶାଙ୍କ ପ୍ରାଦୁର୍ଭାବ ବଢିବାରେ ଲାଗିଛି। ଏହାକୁ ନେଇ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ଶ୍ରୀକାନ୍ତ ଟପ୍ପୋଙ୍କୁ ପଚାରିବାରୁ, ଆମେ ଜିଲାକୁ ରିକ୍ୱାରମେଣ୍ଟ ଦେଇଛୁ। ସେମାନେ ପଠାଇଲେ ଦିଆଯିବ ବୋଲି ସେ କହିଛନ୍ତି।

## ନିର୍ମାଣ ହେଲା, ବ୍ୟବହାରରେ ଆସିଲାନି

**କୁଆଁରମୁଣ୍ଡା,୩୦।୮(ମହେନ୍ଦ୍ର କୁମାର ସାହୁ)**

**ପ୍ରାଣୀଧନ ନିରୀକ୍ଷକ ଉପକେନ୍ଦ୍ର ପାଲଟିଛି ଭୂତକୋଠି**



ବିପର୍ଯ୍ୟସ୍ତ କଟାରୁ ପଞ୍ଚାୟତର ନବ ନିର୍ମିତ ପ୍ରାଣୀଧନ କେନ୍ଦ୍ର ।

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ କଟାରୁ ପଞ୍ଚାୟତରେ ୨୦୨୧-୨୨ରେ ରାଜ୍ୟ ସରକାରଙ୍କ ପାଣ୍ଠିରୁ ୭ ଲକ୍ଷ ଟଙ୍କା ବିନିଯୋଗରେ ନିର୍ମାଣ ହୋଇଥିଲା ପ୍ରାଣୀଧନ ନିରୀକ୍ଷକ ଉପକେନ୍ଦ୍ର। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ତାହା କୁଆଁରମୁଣ୍ଡା ପ୍ରାଣୀ ସମ୍ପଦ ବିକାଶ ବିଭାଗକୁ ସରକାରୀ ଭାବେ ହସ୍ତାନ୍ତର କରାଯାଇ ନାହିଁ। ଫଳରେ ଉକ୍ତ କେନ୍ଦ୍ର ଲୋକଙ୍କ କାର୍ଯ୍ୟରେ ନ ଆସି ଭୂତ କୋଠି ପାଲଟିଛି। ନିକଟରେ ଉକ୍ତ କେନ୍ଦ୍ର ଭିତରେ ୨ଟି ବଳଦ ପଶି ଯାଇଥିବା ବେଳେ କେହି ଅଜାଣତରେ ବାହାରୁ ଗୃହର ଶଟର ବନ୍ଦ କରିଦେଇଥିଲେ। ଫଳରେ ଉକ୍ତ ବଳଦ ଦ୍ୱୟଙ୍କ ମୃତ୍ୟୁ ଘଟିଥିଲା। କିଛି ଦିନ ପରେ ପଚି ଦୁର୍ଗନ୍ଧ ହେବାରୁ ସରପଞ୍ଚ ଝୁବା ଟାପ୍ପୋ ଓ ଅନ୍ୟମାନେ ବହୁ କଷ୍ଟରେ ଜେସିବି ସାହାଯ୍ୟରେ କାନ୍ଥ ଭାଙ୍ଗି ମୃତ ବଳଦଦ୍ୱୟକୁ ବାହାର କରିଥିଲେ। ଏଠାରେ ପ୍ରଶ୍ନ ଉଠୁଛି ଯେ, ଦୀର୍ଘ ବର୍ଷ ଧରି କାହିଁକି ଉକ୍ତ ନିର୍ମାଣାଧୀନ କେନ୍ଦ୍ରଟି ବିପର୍ଯ୍ୟସ୍ତ ଅବସ୍ଥାରେ ପଡି ରହିଛି। କେନ୍ଦ୍ର ନିର୍ମାଣରେ ୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା ବେଳେ ତାହା ଲୋକଙ୍କ କାର୍ଯ୍ୟରେ ଦିନଟିଏ ବି ଲାଗି ନ ପାରି ଏବେ ଭୂତ କୋଠି ପାଲଟିବା ପଛରେ କାରଣ କ'ଣ। ଏନେଇ କଟାରୁ ସରପଞ୍ଚ ଝୁବା ଟପ୍ପୋ କହିଛନ୍ତି, କଟାରୁ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଆମ ପଞ୍ଚାୟତରେ ଯେତେଗୁଡ଼ିଏ କାର୍ଯ୍ୟ କରୁଛନ୍ତି ସବୁ ନିମ୍ନମାନର। ତାଙ୍କ କାର୍ଯ୍ୟ ଶୈଳୀରେ ପଞ୍ଚାୟତବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ କଟାରୁ ପଞ୍ଚାୟତ କନିଷ୍ଠ ଯନ୍ତ୍ରୀ ସ୍ମିତା ନାଥଙ୍କୁ ପଚାରିବାରୁ, ଉକ୍ତ କେନ୍ଦ୍ରକୁ ପ୍ରାଣୀଧନ ଅଧିକାରୀଙ୍କୁ ଆମେ ହସ୍ତାନ୍ତର କରିଛୁ। ମାତ୍ର କୁଆଁରମୁଣ୍ଡା ପ୍ରାଣୀଧନ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ଏହା ସମ୍ପୂର୍ଣ୍ଣ ମିଥ୍ୟା ଘଟଣା ଓ ଆମକୁ ଏ ପର୍ଯ୍ୟନ୍ତ ବ୍ଲକ ପକ୍ଷରୁ ହସ୍ତାନ୍ତର ନିମନ୍ତେ କୌଣସି ଚିଠି ଦିଆଯାଇନାହିଁ। ଫଳରେ ଆମେ ବୁଲିବୁଲି ଦୟନୀୟ ଅବସ୍ଥାରେ କଟାରୁ ଓ ଏହାର ଆଖପାଖ ଅଞ୍ଚଳରେ ପ୍ରାଣୀ ଚିକିତ୍ସା ଜାରି ରଖିଛୁ ବୋଲି କହିଥିଲେ। ଏହାସହ କଟାରୁ ପଞ୍ଚାୟତରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକର ଭିଜିଲାନ୍ସ ତଦନ୍ତ କରାଯିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଦିବ୍ୟାଙ୍ଗଙ୍କୁ ସୁଗମ ହେବ ଚଳଚ୍ଚିତ୍ର ଅନୁଭୂତି

## ଚଳଚ୍ଚିତ୍ର ନିର୍ମାତା, ପ୍ରେକ୍ଷାଳୟ ପ୍ରତିନିଧିଙ୍କ ବୈଠକ

କଟକ,୩୦।୮(କାର୍ତ୍ତିକ ସାହୁ)

ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପାଇଁ ଏଣିକି ସୁଗମ ହେବ ଚଳଚ୍ଚିତ୍ର ଅନୁଭୂତି। ବିଶେଷକରି ଶ୍ରବଣ ଓ ଦୃଷ୍ଟିବାଧିତଙ୍କ ପାଇଁ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ସହ ଚଳଚ୍ଚିତ୍ର ପ୍ରଦର୍ଶନ ଲାଗି ସୂଚନା ଓ ପ୍ରସାରଣ ମନ୍ତ୍ରାଳୟର ମାର୍ଗଦର୍ଶିକା ୨୦୨୪ ମାର୍ଚ୍ଚ ୧୫ରେ ଜାରି କରାଯାଇଛି। ଏଥିପାଇଁ କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ ପକ୍ଷରୁ ଚଳଚ୍ଚିତ୍ର ନିର୍ମାତା ଏବଂ ପ୍ରେକ୍ଷାଳୟ ପ୍ରତିନିଧିଙ୍କୁ ନେଇ ଏକ ବୈଠକ କଟକ ବକ୍ସିବଜାରସ୍ଥିତ କାର୍ଯ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡର ଆଞ୍ଚଳିକ ଅଧିକାରୀ ତଥା ପିଆଇବି ଓ ସିବିସିର ନିର୍ଦ୍ଦେଶକ ଡ. ଗିରିଶ ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଚଳଚ୍ଚିତ୍ର ପ୍ରଯୋଜକଙ୍କ ସମେତ ଚଳଚ୍ଚିତ୍ର ଜଗତ ସହ ସମ୍ପୃକ୍ତ ବ୍ୟକ୍ତି ଓ ପ୍ରତିନିଧିମାନେ ଯୋଗଦେଇ ମାର୍ଗଦର୍ଶିକା ଉପରେ ଅବଗତ ହୋଇଥିଲେ। ଉକ୍ତ ମାର୍ଗଦର୍ଶିକା ଉପରେ ଆଲୋକପାତ କରି ଦିବ୍ୟାଙ୍ଗଜନ ଅଧିକାର ଆଇନ ୨୦୧୬ ଅନୁଯାୟୀ ନିର୍ଦ୍ଦେଶାବଳୀଗୁଡ଼ିକ ପାଳନ କରିବା ପାଇଁ ଡ. ଦାଶ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏନେଇ ଡ. ଦାଶ କହିଥିଲେ, ଭାରତ ସ୍ୱାକ୍ଷର କରିଥିବା ମିଳିତ ଜାତିସଂଘ ଦିବ୍ୟାଙ୍ଗଜନ ଅଧିକାର ସନନ୍ଦ ୨୦୦୮ ମେ'ରୁ ଲାଗୁ ହୋଇଛି। ଦିବ୍ୟାଙ୍ଗଙ୍କ ପାଇଁ ସୁଗମତା ଏକ ମାନବୀୟ ଅଧିକାର ବୋଲି ଏଥିରେ ଗୁରୁତ୍ୱାରୋପ କରାଯାଇଛି। ତେଣୁ ଚଳଚ୍ଚିତ୍ରରେ ମଧ ବିଶେଷ ଭାବେ ଦୃଷ୍ଟି ଓ ଶ୍ରବଣ ବାଧିତ ବ୍ୟକ୍ତିଙ୍କ ପାଇଁ ଦୃଶ୍ୟ ହେଉଥିବା ଲିଖିତ କ୍ୟାପସନ ଓ ଶ୍ରାବ୍ୟ ପାଇଁ ଶବ୍ଦ ବର୍ଣ୍ଣନା ଭଳି ସୁଗମତା ବ୍ୟବସ୍ଥା ସୃଷ୍ଟି କରିବା ବାଞ୍ଛନୀୟ। ପ୍ରାରମ୍ଭିକ ପର୍ଯ୍ୟାୟରେ ଏକାଧିକ ଭାଷାରେ ନିର୍ମିତ ଚଳଚ୍ଚିତ୍ରଗୁଡ଼ିକ ପାଇଁ ଏହି ମାର୍ଗଦର୍ଶିକା ସେପ୍ଟେମ୍ବର ୧୫ରୁ ଲାଗୁ ହେବ। ସୂଚନା ଓ ପ୍ରସାରଣ ମନ୍ତ୍ରାଳୟ ଦ୍ୱାରା ଆୟୋଜିତ ଚଳଚ୍ଚିତ୍ର ମହୋତ୍ସବରେ ଅଂଶଗ୍ରହଣ କରୁଥିବା ଫିଚର ଫିଲ୍ମଗୁଡ଼ିକ ୨୦୨୫ ଜାନୁଆରୀ ୧ରୁ ସୁଗମତା ମାନକ ଅନ୍ତର୍ଭୁକ୍ତ କରିବା ଆବଶ୍ୟକତା ରହିଛି। ଏତଦ୍‌ବ୍ୟତୀତ ୨୦୨୬ ମାର୍ଚ୍ଚ ୧୫ ତାରିଖ ସୁଦ୍ଧା ପ୍ରେକ୍ଷାଳୟରେ ପ୍ରଦର୍ଶିତ ହେବାକୁ ଥିବା ସମସ୍ତ ଚଳଚ୍ଚିତ୍ର, ଟ୍ରେଲର ଓ ଟ୍ରେଲରଗୁଡ଼ିକରେ କ୍ଲୋଜ୍‌ଡ୍ କ୍ୟାପସନ ଓ ଶବ୍ଦ ବର୍ଣ୍ଣନା ଭଳି ସୁଗମତା ସୁବିଧା ପ୍ରଦାନ କରିବା ବାଧ୍ୟତାମୂଳକ ହେବ। କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ (ସିବିଏଫ୍‌ସି) ଦ୍ୱାରା ପ୍ରମାଣିତ ଚଳଚ୍ଚିତ୍ରଗୁଡ଼ିକ ପାଇଁ ଏହି ନିର୍ଦ୍ଦେଶାବଳୀ ଲାଗୁ ହେବ।

# ସଂଶୋଧନ ହେବ ଓଡ଼ିଶା ବିଶ୍ୱବିଦ୍ୟାଳୟ ଆଇନ

ଭୁବନେଶ୍ୱର,୩୦।୮(ଅନିଲ ଦାସ)

ରାଜ୍ୟ ସରକାର ଖୁବଶୀଘ୍ର ଓଡ଼ିଶା ବିଶ୍ୱବିଦ୍ୟାଳୟ(ସଂଶୋଧନ)ଆଇନ-୨୦୨୦ରେ ସଂଶୋଧନ ଆଣିବେ। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ସୂଚନା ଦେଇଛନ୍ତି। ବିଧାନସଭା ପ୍ରଶ୍ନକାଳରେ ବିଜେଡି ବିଧାୟକ ଗଣେଶ୍ୱର ବେହେରା ଅତିରିକ୍ତ ପ୍ରଶ୍ନରେ ପଚାରିଥିଲେ, ରାଜ୍ୟ ସରକାର ଓଡ଼ିଶା ବିଶ୍ୱବିଦ୍ୟାଳୟ ଆଇନରେ ସଂଶୋଧନ ଆଣିବେ କି ଏ ନେଇ କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରାଳୟ ରାଜ୍ୟ ସରକାରଙ୍କୁ ଚିଠି ଲେଖିଥିଲେ କି? ମନ୍ତ୍ରୀ କହିଥିଲେ, ପୂର୍ବରୁ ଅଧ୍ୟାପକ ନିଯୁକ୍ତି ପାଇଁ ବିଶ୍ୱବିଦ୍ୟାଳୟ ଆଇନ ୨୦୨୦ ସଂଶୋଧନ କରାଯାଇ ଓପିଏସ୍‌ସି ଦ୍ୱାରା ନିଯୁକ୍ତି ଦିଆଯାଉଛି; ଯାହା ୟୁଜିସି ଗାଇଡ୍‌ଲାଇନ ପରିପନ୍ଥୀ। ଏଥିପାଇଁ ରାଜ୍ୟ ସରକାର ଓ ୟୁଜିସି ମଧ୍ୟରେ ବିବାଦ ହୋଇଥିଲା। ୟୁଜିସି ଗାଇଡ୍‌ଲାଇନ ଅନୁସାରେ ବିଶ୍ୱବିଦ୍ୟାଳୟରେ କମିଟି ଗଠନ କରି ଅଧ୍ୟାପକ ନିଯୁକ୍ତି ଦେବା କଥା। ହେଲେ ଏହାକୁ ଉଲ୍ଲଂଘନ କରାଯାଇଥିଲା। ଓପିଏସ୍‌ସି ଦ୍ୱାରା ଅଧ୍ୟାପକ ନିଯୁକ୍ତି ଦିଆଯିବ, ସେଥିପାଇଁ ଆଇନ ସଂଶୋଧନ କରିବା ସହ ୟୁଜିସିକୁ ପ୍ରସ୍ତାବ ଦିଆଯିବ। ଏ ସମ୍ପର୍କରେ ସପ୍ତାହ ତଳେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଆଇନ-୨୦୨୦ରେ ଆବଶ୍ୟକ ସଂଶୋଧନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଗତ ଅଗଷ୍ଟ ୧୩ରେ ମାନବ ସମ୍ବଳ ମନ୍ତ୍ରାଳୟ ଚିଠି ଲେଖିଥିଲା। ପୂର୍ବ ରାଜ୍ୟ ସରକାର ରାଜନୈତିକ ଉଦ୍ଦେଶ୍ୟ ରଖି ଓଡ଼ିଶା ବିଶ୍ୱବିଦ୍ୟାଳୟ(ସଂଶୋଧନ) ଆଇନ ୨୦୨୦ପ୍ରଣୟନ କରିଥିଲେ; ଯାହା ମୂଳ ଆଇନ ୧୯୮୯ରେ ବ୍ୟାପକ ପରିବର୍ତ୍ତନ ଆଣିଥିଲା। ଏହି ଆଇନରେ ପରିବର୍ତ୍ତନ କେବଳ ୟୁଜିସି ଦ୍ୱାରା ନିର୍ଦ୍ଧାରିତ ୟୁଜିସି ଆଇନର ବ୍ୟବସ୍ଥା ଏବଂ ନିୟମରେ ଦ୍ୱନ୍ଦ୍ୱ ସୃଷ୍ଟି କରୁ ନ ଥିଲା ବରଂ ଶିକ୍ଷାନୁଷ୍ଠାନଗୁଡ଼ିକର ସ୍ୱାର୍ଥ, ସେମାନଙ୍କ ସ୍ୱାୟତ୍ତତା ମଧ କ୍ଷୁଣ୍ଣ କରୁଥିଲା। ବିଶ୍ୱବିଦ୍ୟାଳୟରେ ଓଏଏସ୍ ଅଫିସରଙ୍କୁ ରେଜିଷ୍ଟ୍ରାର ନିଯୁକ୍ତି ଦିଆଯିବାରୁ ବିବାଦ ମଧ୍ୟ ବଢ଼ିଥିଲା। ସଂଶୋଧିତ ଆଇନ ୟୁଜିସି ଦ୍ୱାରା ନିର୍ଦ୍ଧାରିତ ଆଇନର ବ୍ୟବସ୍ଥା, ନିୟମ ଏବଂ ସୁପ୍ରିମକୋର୍ଟଙ୍କ ନ୍ୟାୟିକ ନିର୍ଦ୍ଦେଶର ବିରୋଧୀ ଥିଲା। ଏହି ଆଇନକୁ ସଂଶୋଧନ କରାଯିବା ସହ ନୂଆ ସିଣ୍ଡିକେଟ ଗଠନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଏହା ବିଶ୍ୱବିଦ୍ୟାଳୟରେ କୁଳପତି ଚୟନ, ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଓ ପଦବି ସମ୍ପର୍କରେ ଆଇନରେ ଥିବା ବ୍ୟବସ୍ଥା ୟୁଜିସି ନିୟମାବଳୀକୁ ବିରୋଧ କରୁଛି। ସଂଶୋଧିତ ଆଇନ ଅନୁଯାୟୀ ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ କାର୍ଯ୍ୟନିର୍ବାହୀ ସଂସ୍ଥା ସିଣ୍ଡିକେଟ୍ ଗଠନରେ କୁଳାଧିପତି ଓ ଉଚ୍ଚ ଶିକ୍ଷା ବିଭାଗ ସଚିବ କିମ୍ବା ତାଙ୍କ ମନୋନୀତ ସଦସ୍ୟଙ୍କୁ ସାମିଲ କରାଯିବା ଶିକ୍ଷାବିତ୍ ମହଲରେ ଉଦ୍‌ବେଗ ସୃଷ୍ଟି କରିଛି ବୋଲି ମନ୍ତ୍ରୀ କହିଥିଲେ।


ସ୍ୱାୟତ୍ତ ଶାସନ ଦିବସ
ଅବସରରେ ସମସ୍ତ ବରଗଡ଼ବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ
୩୧ ଅଗଷ୍ଟ
ଆମ ବରଗଡ଼ ସହର, ଆମେ ରଖିବା ଏହାକୁ ସବୁଜ, ସ୍ୱଚ୍ଛ ଓ ସୁନ୍ଦର
ପୌର ପରିଷଦ,ବରଗଡ଼



ପ୍ରଗତିପଥେ ବୁଗୁଡା ବିଜ୍ଞାପିତ ଅଞ୍ଚଳ ପରିଷଦ
"ଆପଣମାନଙ୍କ ସହଯୋଗ ହିଁ ପରିଷଦର ପ୍ରଗତିର ଭିତ୍ତିଭୂମି"
ଶ୍ରୀଯୁକ୍ତ ଚିତ୍ତରଞ୍ଜନ ପ୍ରଧାନ, ଅଧ୍ୟକ୍ଷ
ଶ୍ରୀମତୀ ଗୀତାଞ୍ଜଳି ପାଢ଼ୀ, ଉପାଧ୍ୟକ୍ଷ ଓ ସମସ୍ତ ପାର୍ଷଦ ବୃନ୍ଦ
ଶ୍ରୀଯୁକ୍ତ ବିଭୂତି ଭୂଷଣ ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ବୁଗୁଡା


# ସୁଭଦ୍ରା: ଆବେଦନ କରିପାରିବେ ଅଙ୍ଗନୱାଡ଼ି କର୍ମୀ

## ଟୋଲ ଫ୍ରି ନମ୍ବର ଜାରି

ଭୁବନେଶ୍ୱର,୩୦।୮ (ଶମିଷ୍ଠା ପାଣିଗ୍ରାହୀ)

'ସୁଭଦ୍ରା' ଯୋଜନାରେ ଅଙ୍ଗନୱାଡ଼ି କର୍ମୀ ଆବେଦନ କରିପାରିବେ। ଏନେଇ ଶୁକ୍ରବାର ରାଜ୍ୟ ସରକାର ଘୋଷଣା କରିଛନ୍ତି। ଯେଉଁ ମହିଳାମାନେ ରାଜ୍ୟ କିମ୍ବା କେନ୍ଦ୍ର ଯୋଜନା ଅନ୍ତର୍ଗତ କୌଣସି ଆର୍ଥିକ ସହାୟତା ଯଥା ଭତ୍ତା, ଛାତ୍ରବୃତ୍ତି ଆଦି ପ୍ରତି ମାସରେ ୧୫୦୦ ଟଙ୍କା କିମ୍ବା ତା'ଠାରୁ ଅଧିକ ଏବଂ ବାର୍ଷିକ ୧୮୦୦୦ ଟଙ୍କା କିମ୍ବା ତା'ଠାରୁ ଅଧିକ ପାଉଥିବେ, ସେମାନେ ଅଯୋଗ୍ୟ ଘୋଷିତ ହେବେ ବୋଲି ରାଜ୍ୟ ସରକାର ତାଙ୍କ ମାର୍ଗଦର୍ଶିକାରେ ଉଲ୍ଲେଖ କରିଥିଲେ। ହେଲେ ଅଙ୍ଗନୱାଡ଼ି କର୍ମୀ, ସହାୟିକା, ଆଶାକର୍ମୀ, କମ୍ୟୁନିଟି ରିସୋର୍ସ ପର୍ସନ (ସିଆର୍‌ପି), ମାଷ୍ଟର ବୁକ୍ କିପର (ଏମ୍‌ବିକେ) ଓ ଆଉଟସୋର୍ସିଂ ଏଜେନ୍ସି ଦ୍ୱାରା ନିଯୁକ୍ତ ମହିଳାମାନେ ମାସିକ୧୫ଶହ ଟଙ୍କାରୁ ଅଧିକ ପାଉଥିଲେ ମଧ ଅନ୍ୟ ସମସ୍ତ ମାନଦଣ୍ଡ ଅନୁସାରେ ଯୋଗ୍ୟ ହୋଇଥିଲେ ସେମାନେ ମଧ ସୁଭଦ୍ରା ଯୋଜନାର ଆବେଦନ କରିପାରିବେ। ଏଥିସହ ସୁଭଦ୍ରା ଯୋଜନା ସମ୍ପର୍କିତ ସମସ୍ତ ତଥ୍ୟ ପାଇବା ପାଇଁ ଆବେଦନକାରିଣୀ ସ୍ୱତନ୍ତ୍ର ଟୋଲ୍- ଫ୍ରି ନମ୍ବରରେ କଲ୍ କରିପାରିବେ। ଏଥିପାଇଁ ମହିଳା ଏବଂ ଶିଶୁ ବିକାଶ ବିଭାଗ ପକ୍ଷରୁ ଟୋଲ୍ ଫ୍ରି ନମ୍ବର ୧୪୬୭୮ ଜାରି କରାଯାଇଛି। ଏହି ନମ୍ବର ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିବ। ସେହି ସମୟ ସୀମା ମଧ୍ୟରେ ଯେକୌଣସି ବ୍ୟକ୍ତି କଲ୍ କରିପାରିବେ ବୋଲି କୁହାଯାଇଛି।


ସ୍ୱାୟତ୍ତ ଶାସନ ଦିବସ ୨୦୨୪ ଉପଲକ୍ଷେ ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ତରଫରୁ ସହରବାସୀଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ବିଜ୍ଞାପିତ ଅଞ୍ଚଳ ତରଫରୁ ଆଗାମୀ ଦିନରେ ସହରବାସୀଙ୍କୁ ମୌଳିକ ସୁବିଧା ପ୍ରଦାନ ପାଇଁ ନିମ୍ନ ବର୍ଣ୍ଣିତ ପଦକ୍ଷେପ
ଶ୍ରୀଯୁକ୍ତ କିଶୋର ଚନ୍ଦ୍ର ଦାଶ, ଉପାଧ୍ୟକ୍ଷ
ଶ୍ରୀଯୁକ୍ତ ଚନ୍ଦ୍ରଶେଖର ବାରିକ, ନିର୍ବାହୀ ଅଧିକାରୀ
ଡଃ. ପୁନମ୍ ପ୍ରିୟଦର୍ଶିନୀ, ଅଧ୍ୟକ୍ଷ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଦଶପଲ୍ଲା



ସ୍ୱାୟତ୍ତ ଶାସନ ଦିବସ-୨୦୨୪
ବିକାଶ ପଥେ "ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ" ନୀଳଗିରି
ଶ୍ରୀମତୀ ଅମ୍ବିକା ଦାସ, ନଗରପାଳ, ବିଜ୍ଞାପିତ ଅଞ୍ଚଳ ପରିଷଦ, ନୀଳଗିରି
ଶ୍ରୀଯୁକ୍ତ ମହେନ୍ଦ୍ର ନାଥ ବେହେରା, ଉପ-ନଗରପାଳ ଏବଂ ସଭ୍ୟ/ସଭ୍ୟା ବୃନ୍ଦ, ବିଜ୍ଞାପିତ ଅଞ୍ଚଳ ପରିଷଦ, ନୀଳଗିରି
ଶ୍ରୀଯୁକ୍ତ ପ୍ରସନ୍ନ କୁମାର ଦାଶ, କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ନୀଳଗିରି



ସ୍ୱାୟତ୍ତ ଶାସନ ଦିବସ ଓ ପବିତ୍ର ନୂଆଁଖାଇ ଉପଲକ୍ଷେ
ଖରିଆର ରୋଡ୍‌ର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ
ସୌଜନ୍ୟ - ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ୍



ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ବାଲେଶ୍ୱର ପୌରପାଳିକା ସମସ୍ତ ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଅଛି
ଆପଣଙ୍କ ନିରନ୍ତର ସେବାରେ ବାଲେଶ୍ୱର ପୌରପାଳିକା



OFFICE OF THE NOTIFIED AREA COUNCIL, NUAPADA
At/P.O.: Nuapada, Dist.: Nuapada, PIN - 766105
E-mail: nuapadanac@gmail.com
Letter No. 2400 Date: 30.08.2024
ବିଜ୍ଞାପିତ ଅଞ୍ଚଳ ପରିଷଦ, ନୂଆପଡ଼ା, ଜି.: ନୂଆପଡ଼ା



ରାଜଗାଙ୍ଗପୁର ପୌର ପରିଷଦ, ରାଜଗାଙ୍ଗପୁର



ବିଜ୍ଞାପିତ ଅଞ୍ଚଳ ପରିଷଦ, କୁଚିଣ୍ଡା
ସ୍ୱାୟତ୍ତ ଶାସନ ଦିବସ-୨୦୨୪ ପାଳନ ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ, କୁଚିଣ୍ଡାର ସମସ୍ତ ସଭ୍ୟ/ସଭ୍ୟା ଏବଂ କର୍ମଚାରୀବୃନ୍ଦଙ୍କ ତରଫରୁ ସହରବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରୁଛୁ।


# ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୩୦।୮(ଅନିଲ ଦାସ)

ରାଜ୍ୟ ସରକାର ବରିଷ୍ଠ ଓଏଏସ୍ ଅଫିସରସ୍ତରରେ ଅଦଳବଦଳ କରିଛନ୍ତି। ଶୁକ୍ରବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଏଥିପରେ ଦୀର୍ଘ ୨ ମାସ ପରେ ରାଜ୍ୟ ପୌର ପ୍ରଶାସନ ନିର୍ଦ୍ଦେଶକ ପଦବୀରେ ସ୍ଥାୟୀ ନିଯୁକ୍ତି ଦିଆଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ବରିଷ୍ଠ ଓଏଏସ୍ ଅଫିସର ତଥା ଗୃହ ଓ ନଗର ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ ଦେବାଶିଷ ସିଂହଙ୍କୁ ରାଜ୍ୟ ପୌର ପ୍ରଶାସନ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ସେ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ମଧ କାର୍ଯ୍ୟ କରିବେ। ସେହିପରି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ସ୍ୱତନ୍ତ୍ର ସଚିବ ତଥା ଓଏଏସ୍ଅଫିସର ରାଜୀବ ନାୟକଙ୍କୁ ହାଉସିଂ ନିର୍ଦ୍ଦେଶକ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଥିବା ବେଳେ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ଅତିରିକ୍ତ ନିର୍ଦ୍ଦେଶକ ଥିବା ଆରାଧନା ଦାସଙ୍କୁ ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଛି। ହାଉସିଂ ନିର୍ଦ୍ଦେଶକ ଓଏଏସ୍ ଅଫିସର ଦେବାଶିଷ ସିଂହଙ୍କୁ ପୌର ପ୍ରଶାସନ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ ଶିବନାରାୟଣ ସାହୁଙ୍କୁ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ଅତିରିକ୍ତ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ କମିଶନର ଘାସିରାମ ମୁର୍ମୁଙ୍କୁ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି।


ପୌର ପରିଷଦ:ସୁନ୍ଦରଗଡ଼
ଶ୍ରୀମତୀ ତନୟା ମିଶ୍ର, ନଗରପାଳ, ପୌର ପରିଷଦ ସୁନ୍ଦରଗଡ଼
ଶ୍ରୀ ଲଲାଟେନ୍ଦୁ ପରିଡ଼ା, ଉପନଗରପାଳ, ପୌର ପରିଷଦ ସୁନ୍ଦରଗଡ଼
ଶ୍ରୀ ବିକାଶ ମୁଣ୍ଡାରି (ଓ.ରା.ସେ), ନିର୍ବାହୀ ଅଧିକାରୀ, ସୁନ୍ଦରଗଡ଼ ପୌରପାଳିକା
ସମସ୍ତ କାଉନସିଲର ଓ କର୍ମଚାରୀ ବୃନ୍ଦ, ପୌର ପରିଷଦ, ସୁନ୍ଦରଗଡ଼



OFFICE OF THE NOTIFIED AREA COUNCIL, RAMBHA
Rambha N.A.C., Ganjam, Odisha - 761028
Tel.: 06810-278336, E-mail: rambhanac123@gmail.com
ବିଜ୍ଞାପିତ ଅଞ୍ଚଳ ପରିଷଦ, ରମ୍ଭା, ଗଞ୍ଜାମ



ସ୍ୱାୟତ୍ତ ଶାସନ ଦିବସ ପାଳନ – ୨୦୨୪
ଜଗତସିଂହପୁର ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା
www.sujog.odisha.gov.in
ପୌର ପରିଷଦ, ଜଗତସିଂହପୁର



ବିଜ୍ଞାପିତ ଅଞ୍ଚଳ ପରିଷଦ, ଗୋପାଳପୁର
ଶ୍ରୀ ମାନସ ରଞ୍ଜନ ମଲ୍ଲିକ, ନିର୍ବାହୀ ଅଧିକାରୀ
ଶ୍ରୀ ଏ. ଜାନକୀ ରାମ, ଅଧ୍ୟକ୍ଷ
ଶ୍ରୀମତୀ ବି.ଉମା, ଉପାଧ୍ୟକ୍ଷା



ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ
ଜଗନ୍ନାଥ ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ
ଲିଲି ବୋଲ, ଉପ-ନଗରପାଳ
ପ୍ରମିଳା ପଣ୍ଡା, ନଗରପାଳ
ଓ ପରିଷଦର ସମସ୍ତ କାଉନସିଲର ବୃନ୍ଦ



ନବରଙ୍ଗପୁର ପୌରପାଳିକା, ନବରଙ୍ଗପୁର



BARIPADA MUNICIPALITY
ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୪
ଅବସରରେ ବାରିପଦାବାସୀଙ୍କୁ ପୌରପରିଷଦର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ଆସନ୍ତୁ ସମସ୍ତେ ମିଶି ବାରିପଦା ସହରକୁ ସ୍ୱଚ୍ଛ ଓ ସୁନ୍ଦର ଭାବେ ଗଢି ତୋଳିବା ପାଇଁ ସଂକଳ୍ପବଦ୍ଧ ହେବା।
ସୀମା ଦାସ, ଉପନଗରପାଳ ଓ ସମସ୍ତ କାଉନସିଲର ବୃନ୍ଦ, ବାରିପଦା ପୌରପାଳିକା
ଡ଼. ମଧୁସ୍ମିତା ସାମନ୍ତରାଏ, ଓ.ପ୍ର.ସେ. (ଏସ୍.ବି.), ନିର୍ବାହୀ ଅଧିକାରୀ, ବାରିପଦା ପୌରପାଳିକା
କୃଷ୍ଣାନନ୍ଦ ମହାନ୍ତି, ନଗରପାଳ, ବାରିପଦା ପୌରପାଳିକା



ପୌର ପରିଷଦ କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପଦ୍ମ ଧରିଲେ ଚମ୍ପାଇ ସୋରେନ୍

**ନୂଆଦିଲ୍ଲୀ,୩୦।୮**

ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍ଏମ୍)ର ବର୍ଷୀୟାନ ନେତା ଚମ୍ପାଇ ସୋରେନ୍ ଶୁକ୍ରବାର ଭାଜପାରେ ଯୋଗ ଦେଇଛନ୍ତି। ବହୁ ବିଚାରବିମର୍ଶ ପରେ ସେ ଭାଜପାରେ ଯୋଗଦେବା ପାଇଁ ନିଷ୍ପତ୍ତି ନେଇଥିବା କହିଛନ୍ତି। ସେ ଭାଜପାରେ ରହି ଆଦିବାସୀମାନଙ୍କ ଅସ୍ତିତ୍ୱ ପାଇଁ କାର୍ଯ୍ୟ କରିବେ। ଆଦିବାସୀଙ୍କ ସଂଖ୍ୟା ହ୍ରାସ ପାଉଥିବାରୁ ଏହି ପ୍ରସଙ୍ଗରେ ସେ ସ୍ୱର ଉତ୍ତୋଳନ କରିବେ ବୋଲି କହିଛନ୍ତି। ଭାଜପାରେ ଯୋଗଦେବା ପାଇଁ ନିଷ୍ପତ୍ତି ଘୋଷଣା କରିବା ପୂର୍ବରୁ ଚମ୍ପାଇ ଜେଏମ୍ଏମ୍ ନେତା ଶିବୁ ସୋରେନଙ୍କୁ ତାଙ୍କ ଇସ୍ତଫାପତ୍ର



ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ୍ ଶୁକ୍ରବାର ରାଞ୍ଚିରେ ଭାଜପାରେ ସାମିଲ ହୋଇଛନ୍ତି। ନିକଟରେ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ ଉପସ୍ଥିତ ଅଛନ୍ତି।

ଦେଇଥିଲେ। ଏଥିସହିତ ସେ ଜେଏମ୍ଏମ୍‌ର ସ୍ଥିତିକୁନେଇ ଗଭୀର ଦୁଃଖପ୍ରକାଶ କରିଥିଲେ। ଶିବୁଙ୍କ ନେତୃତ୍ୱରେ ଦଳ ଗଢ଼ାହେଲାବେଳେ ସେ ଓ ଅନ୍ୟ କର୍ମୀମାନେ ଯେଉଁ ବିଚାର ରଖିଥିଲେ, ଦଳ ସେଥିରୁ ବିଚ୍ୟୁତ ହୋଇଥିବା ଚମ୍ପାଇ କହିଛନ୍ତି। ରାଜ୍ୟ ସରକାରଙ୍କ ସାମ୍ପ୍ରତିକ କାର୍ଯ୍ୟଶୈଳୀ ଓ ନୀତି କାରଣରୁ ସେ ଦଳ ଛାଡ଼ିଲେ ବୋଲି କହିଥିଲେ।

ସୂଚନାଯୋଗ୍ୟ, ଜମି ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ହେମନ୍ତ ସୋରେନ୍‌ଙ୍କୁ ଗିରଫ କରିବାରୁ ଷଡ଼େଇକଳାରୁ ବିଧାୟକ ଥିବା ଚମ୍ପାଇ ଫେବୃଆରୀ ୨ରେ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ହୋଇଥିଲେ। ତେବେ ହେମନ୍ତ ଜାମିନରେ ବାହାରିବା ପରେ ଚମ୍ପାଇଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ କୁହାଯାଇଥିଲା। ହେମନ୍ତ ଜୁଲାଇ ୪ରେ ପୁନର୍ବାର ମୁଖ୍ୟମନ୍ତ୍ରୀ ହୋଇଥିଲେ। ମୁଖ୍ୟମନ୍ତ୍ରୀ ଥିବାବେଳେ ଚମ୍ପାଇଙ୍କୁ ନ ଜଣାଇ ବିଧାୟକ ଦଳ ବୈଠକ ଡକାଯାଇଥିଲା। ଉକ୍ତ ବୈଠକରେ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ କୁହାଯିବା ତାଙ୍କ ପ୍ରତି ସବୁଠୁ ବଡ଼ ଅପମାନ ଥିଲା ବୋଲି ଚମ୍ପାଇ କିଛିଦିନ ପୂର୍ବରୁ କହିଥିଲେ।

## ରାମଦାସ ସୋରେନ୍ ହେଲେ ନୂଆ ମନ୍ତ୍ରୀ

**ରାଞ୍ଚି,୩୦।୮**



ଝାଡ଼ଖଣ୍ଡ ସରକାରରେ ଶୁକ୍ରବାର ଜେଏମ୍ଏମ୍ ବିଧାୟକ ରାମଦାସ ସୋରେନ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ବରିଷ୍ଠ ନେତା ଚମ୍ପାଇ ସୋରେନ୍‌ଙ୍କ ଇସ୍ତଫା ପରେ ତାଙ୍କ ସ୍ଥାନରେ ଘାଟଶିଳା ବିଧାୟକ ରାମଦାସଙ୍କୁ ମନ୍ତ୍ରୀ କରାଯାଇଛି। ରାଜଭବନରେ ରାଜ୍ୟପାଳ ସନ୍ତୋଷ କୁମାର ଗଙ୍ଗୱାର ରାମଦାସଙ୍କୁ ମନ୍ତ୍ରୀ ଭାବେ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି।

# ଫେରାଇ ଆଣିଲେ ଇସ୍ତଫାପତ୍ର

## ୨ ଦିନ ତଳେ ଦେଇଥିଲେ

**କୁନ୍ଦୁରା, ୩୦।୮ (ସନ୍ତୋଷ ପ୍ରହରାଜ)**

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ପଞ୍ଚାୟତ ସମିତି ଅଧ୍ୟକ୍ଷା ରାଜେଶ୍ୱରୀ ପରଜା ନିଜ ପଦରୁ ବୁଧବାର ଇସ୍ତଫା ଦେଇଥିଲେ। ୨ ଦିନ ପର୍ଯ୍ୟନ୍ତ ତାଙ୍କ ଇସ୍ତଫା ପତ୍ର ଗ୍ରହଣ କରାଯାଇ ନ ଥିଲା। ତେବେ ଶୁକ୍ରବାର ସକାଳେ ଜିଲାପାଳ ଭି.କୀର୍ତ୍ତି ଭାସନ ଅଧ୍ୟକ୍ଷାଙ୍କ ଇସ୍ତଫା ପତ୍ର ଗ୍ରହଣ କରାଯାଇଛି ବୋଲି ଗଣମାଧ୍ୟମକୁ ସୂଚନା ଦେଇଥିଲେ। ମାତ୍ର ସନ୍ଧ୍ୟା ୭ଟାରେ ଅଧ୍ୟକ୍ଷା, କୁନ୍ଦୁରା ବ୍ଲକ କଂଗ୍ରେସର ଏକ ଟିମ୍ ଜିଲାପାଳଙ୍କୁ ଭେଟି ଇସ୍ତଫା ଫେରାଇ ଆଣିବାକୁ ଅନୁରୋଧ କରିଥିଲେ। କଂଗ୍ରେସ୍ ଟିମ୍‌ର ଅନୁରୋଧକୁ ଜିଲାପାଳ ଗ୍ରହଣ କରିଥିବା କାର୍ଯ୍ୟକାରୀ ସଭାପତି ଗୋକୁଳ ଚନ୍ଦ୍ର ପଟ୍ଟନାୟକ ସୂଚନା ଦେଇଛନ୍ତି। ଇସ୍ତଫା ପତ୍ର ଫେରାଯାଇଥିବା ନେଇ ପ୍ରଶାସନ ପକ୍ଷରୁ କୌଣସି ଚିଠି କରାଯାଇନାହିଁ।

ସୂଚନାନୁଯାୟୀ, ଗତ ୨୮ ତାରିଖରେ ଅଧ୍ୟକ୍ଷ ରାଜେଶ୍ୱରୀ ନିଜର ବ୍ୟକ୍ତିଗତ କାରଣ ଦର୍ଶାଇ ଜୟପୁର ଉପଜିଲାପାଳ ପ୍ରଭାତ କୁମାର ପରିଡ଼ାଙ୍କ କାର୍ଯ୍ୟାଳୟରେ ଇସ୍ତଫା ପତ୍ର ପ୍ରଦାନ କରିଥିଲେ। ୩୦ ତାରିଖ ପର୍ଯ୍ୟନ୍ତ ଏହା ଗ୍ରହଣ କରାଯାଇ ନ ଥିଲା। ଇସ୍ତଫା ପତ୍ର ଉପଜିଲାପାଳଙ୍କଠାରୁ ଜିଲାପାଳ ଏବଂ ଡିପିଓଙ୍କ ନିକଟକୁ ଯିବାପରେ ପୁଣି ଫେରାଇ ନିଆଯିବାର କାରଣ କ'ଣ ହୋଇପାରେ ବୋଲି ଆଲୋଚନା ଚାଲିଛି।

# ମାଥିଲି ଜିଲା ପରିଷଦ ସଭ୍ୟା ସସ୍ମିତା ମାଝୀ ଗିରଫ

**ମାଥିଲି, ୩୦।୮ (ସୁବାସ ଚନ୍ଦ୍ର ଖୁଲୁପିଆ)**

କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ନାଁ ନେଇ ଚାକିରି କରାଇଦେବା ବାହାନାରେ ଲକ୍ଷାଧିକ ଟଙ୍କା ଠକେଇ ମାମଲାରେ ମାଲକାନଗିରି ଜିଲା ମାଥିଲି ବ୍ଲକ୍ ୩ ନମ୍ବର ଜୋନ୍‌ର ଜିଲା ପରିଷଦ ସଭ୍ୟ ସସ୍ମିତା ମାଝୀଙ୍କୁ ପୋଲିସ ଗିରଫ କରିଛି। ଫେରାରଥିବା ମାଝୀଙ୍କୁ ତାଙ୍କ ପୈତୃକ ଘର ଜଗତ୍‌ସିଂପୁରରୁ ମାଥିଲି ପୋଲିସ ଗିରଫକରି ଶୁକ୍ରବାର କୋର୍ଟ ଚାଲାଣ କରିଛି । ଏହି ମାମଲାର ମାଷ୍ଟରମାଇଣ୍ଡ ରମେଶ ରାଉତଙ୍କୁ ମାଥିଲି ପୋଲିସ ପୂର୍ବରୁ ଖୋର୍ଦ୍ଧା ଜିଲା ବାଳକାଟିରୁ ଗିରଫ କରିଥିଲା। ରମେଶ ନିଜକୁ ପାଣ୍ଡିଆନ୍‌ଙ୍କ ସମ୍ପର୍କୀୟ କହି ଚାକିରି କରାଇଦେବା ନାଁରେ ଅନେକ ଲୋକଙ୍କଠାରୁ ଲକ୍ଷାଧିକ ଟଙ୍କା ହଡ଼ପ କରିଥିଲେ। ଏଥିରେ ତାଙ୍କ ସହ ସସ୍ମିତା ମାଝୀ ଓ ଅନ୍ୟ ଜଣେ ସହଯୋଗୀ ଜୀବନ ସାହୁ ସାମିଲ ଥିଲେ। ଅନ୍ୟପକ୍ଷରେ ଜନବିରୋଧୀ କାର୍ଯ୍ୟ ଯୋଗୁ ସସ୍ମିତାଙ୍କୁ ବିଜେଡିରୁ ବହିଷ୍କାର କରାଯାଇଥିବା ଗତ ୩ ଦିନ ତଳେ ପ୍ରେସ୍ ରିଲିଜରେ ଉଲ୍ଲେଖ କରାଯାଇଥିଲା।

# ଏକଜୁଟ ହୋଇ କାମକର

## ବିଜେଡି ଛାତ୍ର, ଯୁବ, ମହିଳା ଶାଖାକୁ ନବୀନଙ୍କ ଆହ୍ୱାନ

**ଭୁବନେଶ୍ୱର,୩୦।୮ (ଅନିଲଦାସ)**

ଏକଜୁଟ ହୋଇ ଦଳକୁ ଶକ୍ତିଶାଳୀ କରିବା ପାଇଁ କାମ କରିବାକୁ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦଳର ଛାତ୍ର, ଯୁବ, ମହିଳା ଶାଖାକୁ ଆହ୍ୱାନ ଦେଇଛନ୍ତି। ଶୁକ୍ରବାର ଶଙ୍ଖ ଭବନଠାରେ ଅନୁଷ୍ଠିତ ବିଜୁ ଛାତ୍ର ଜନତା ଦଳର କର୍ମକର୍ତ୍ତାମାନଙ୍କ ବୈଠକରେ ଯୋଗଦେଇ ନବୀନ କହିଛନ୍ତି, ସେବା, ସଂଗ୍ରାମ, ସ୍ୱାଭିମାନ ଓ ସଚେତନତା ହେଉଛି ଦଳର ଆଦର୍ଶ। ଏକ ଆଞ୍ଚଳିକ ଦଳ ଭାବରେ ବିଜୁ ଜନତା ଦଳ ଗତ ୨୭ ବର୍ଷ ଧରି ଓଡ଼ିଶାବାସୀଙ୍କ ସେବା କରିଆସୁଛି। ଛାତ୍ର, ଯୁବକ, ମହିଳା, ଚାଷୀ ଶ୍ରମିକ



ଶଙ୍ଖ ଭବନଠାରେ ଶୁକ୍ରବାର ଅନୁଷ୍ଠିତ ବିଜୁ ଛାତ୍ର ଜନତା ଦଳର କର୍ମକର୍ତ୍ତାଙ୍କ ବୈଠକରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଓ ଦଳର ବରିଷ୍ଠ ନେତୃବୃନ୍ଦ।

ସମସ୍ତଙ୍କୁ ସାଥିରେ ନେଇ ଏହା ଆଜି ଏକ ସାମାଜିକ ଆନ୍ଦୋଳନରେ ପରିଣତ ହୋଇପାରିଛି। କ୍ଷମତା ନୁହେଁ, ଲୋକଙ୍କ ସେବା ହିଁ ବିଜେଡିର ଲକ୍ଷ୍ୟ। ଗତ ନିର୍ବାଚନ ବିଷୟ ଉଲ୍ଲେଖକରି ନବୀନ କହିଛନ୍ତି, ନିର୍ବାଚନରେ ହାରଜିତ ରହିଛି। ଓଡ଼ିଶାବାସୀଙ୍କ ଏ ଭଲ ପାଇବା ହିଁ ବିଜେଡିର ସବୁଠାରୁ ବଡ଼ ଶକ୍ତି । ସୋସିଆଲ ମିଡିଆର ସମାଜ ଉପରେ ପ୍ରଭାବ ବିଷୟରେ ଅବତାରଣା କରି ନବୀନ ଛାତ୍ର ସମାଜକୁ ସାମାଜିକ ଗଣମାଧ୍ୟମରେ ସକ୍ରିୟ ରହିବା ପାଇଁ ପରାମର୍ଶ ଦେଇ ମିଛ ଖବର ବିରୋଧରେ ସଂଗ୍ରାମ ଜାରି ରଖିବାକୁ ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇପ୍ସିତା ସାହୁ, ଅବିନାଶ ଠାକୁର ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ବୈଠକରେ ବିଜୁ ଛାତ୍ର ଜନତା ଦଳ ବ୍ଲକ ଓ ପଞ୍ଚାୟତ ସ୍ତରରେ ଦଳକୁ ସୁଦୃଢ଼ କରିବାକୁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଛି।


# Classified Everyday

**0674-2580101, 2549949**



**AUTOMOBILE**

**SALE**

2016 Model Creta SX Petrol manual run 50,000KM in tip top condition, Price- Rs. 7,00,000/-. Contact- 9437009544. D-1179



**REAL ESTATE**

**SALE**

କଟକ-ଭୁବନେଶ୍ୱର ମଧ୍ୟ ଭାଗରେ Sum Hospital-2 ନିକଟସ୍ଥ GrandBazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ 30ft. ରାସ୍ତା ଥାଇ ଘରବାରି SC/Gen plot କିଣନ୍ତୁ। 9658562429. D-75989

2/3BHK Flat Uttara, Patia, KalingaNagar, Hanspal, Patrapada, BJB Nagar. 8270370007. D-949

1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 8249877810, 9439368599. D-1187

Duplex sale at Bhubaneswar @ 60,00,000/- and apartment 4200/-sqft. 9777433701. D-75990

Ready to move flat with stilt parking of size 1570 & 1950sqft. are available for sale in Ashok Nagar near Rajmahal Square. Interested buyers can contact on this number 9937441023. D-1182

Duplex project at Retang Medical, Station, CV Raman University, apartment near Sum Hospital, Bhubaneswar. 7008459987. D-75987

**Demarcated gharabari plot for sale near Sudhanand Eng. College. 6K.M. from Hanspal Square. 7848939838.** D-75988

**GharabariConvertedPlots Available Near Hitech Square Sundarpada Bhubaneswar. For More Details Contact- 9437192512, 9937846404.** D-1186




Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75775

Newly open health benefits SPA special offer @ 799 Bapujinagar. 8018429809. D-76149

Newly open health benefits SPA by expert therapist. Contact- 9090400507. D-76148

**AFFIDAVIT**

By virtue of an affidavit sworn before the Notary Public, Cuttack on date 30.08.2024 I, SANGRAM KESHARI SAMAL, S/o- PRAHALAD SAMAL, At- BIKIPUR, P.O.- DAGARPADA, P.S.- TIRTOL, Dist.- JAGATSINGHPUR-754160, Odisha have changed my name from SANGRM KESHARI SAMAL to SANGRAM KESHARI SAMAL. Henceforth I shall be known as SANGRAM KESHARI SAMAL for all purposes. D-1188

I, Harupka Vikash Kumar, aged about 44 years, S/o- Kailash Chandra Harupka, resident of Flat No.- A/204/205, AARYA Residency, Sarbahal, VTC, Jharsuguda, P.O.- Jharsuguda, Dist.- Jharsuguda, Odisha, PIN- 768201, declared by this affidavit No. A202 dtd. - 30.08.2024 that now onwards I shall be known as Vikash Kumar for all future purposes. D-1190

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before Executive Magistrate, Gop dated 22.08.2024, I, SHASHIBHUSHAN SENAPATI (New name), Address- At/P.O.- Erabang, P.S.- Gop, Dist.- Puri, Odisha, PIN- 752116 declare that I have changed my name from SHASHIBHUSAN SENAPATI (Old name) to SHASHIBHUSHAN SENAPATI (New name). Henceforth, I shall be known as SHASHIBHUSHAN SENAPATI (New name) for all purposes. D-1172

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



**୰ମୁରଲୀଧର ପରିଡ଼ା**

ଜଗନ୍ନାଥପୁର, ଭଦ୍ରକ

ଆବିର୍ଭାବ: ୧୩।୦୪।୧୯୫୩
ତିରୋଧାନ: ୨୧।୦୮।୨୦୨୪

ଆପଣଙ୍କ ଅମର ଆତ୍ମା ଶାନ୍ତି ସଦ୍‌ଗତି ଲାଭ କରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା ।

ହତଭାଗ୍ୟ ପୁଅ: ମୁନା, ଉତ୍ତମ, କୁନା, ପିପୁନା, ଝିଅ: ରିନ୍ଟୁ, ମିନ୍ଟୁ, ମୁନୁମୁନୁ, ଜ୍ୱାଇଁ: ଗୋବିନ୍ଦ, ରବି, ନିରାକାର, ପୁତ୍ରବଧୂ: ଗୀତା, ମିନା, ଚୂମ, ଭୁଲି, ଶ୍ରଦ୍ଧା, ନାତିନାତୁଣୀ ଓ ଶୋକସନ୍ତପ୍ତ ପରିବାରବର୍ଗ । ଧ-୧୧୮୩

**ମନେ ପଡ଼ନ୍ତି**

ତ୍ରୟୋବିଂଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**୰ଖଗେନ୍ଦ୍ର ଚନ୍ଦ୍ର ପଣ୍ଡା**

ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ : ବନ୍ଧୁ ଓ ପରିବାରବର୍ଗ ଧ-୭୫୫୬୩

**୧୮ତମ ଶ୍ରାଦ୍ଧବାର୍ଷିକୀ**

ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଯାମିନୀ ବଲ୍ଲଭ ଦାଶ**

(ଘାଟିକିଆ, ଭୁବନେଶ୍ୱର)

ଆପଣଙ୍କର ନୀତି, ଆଦର୍ଶ, ପରୋପକାର, କର୍ତ୍ତବ୍ୟ ପରାୟଣତା, ସ୍ନେହ, ଶ୍ରଦ୍ଧା ଆମ୍ଭମାନଙ୍କର ପାଥେୟ ହୋଇ ରହୁ । ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଚରଣରେ ପ୍ରାର୍ଥନା ।

-: ଶୋକସନ୍ତପ୍ତ :-

ପତ୍ନୀ- ବାସନ୍ତି, ପୁତ୍ର ଓ ପୁତ୍ରବଧୂ, ନାତୁଣୀ-ଟୁଲୁ, ଗୁଡୁ, ନାତୀ-ଭୋଲୁ, କନ୍ୟା ଓ ଜାମାତା ଏବଂ ପରିବାରବର୍ଗ । ଧ-୭୫୫୬୪

**ପ୍ରଥମ ଶ୍ରାଦ୍ଧୋତ୍ସବ ଶ୍ରଦ୍ଧାଞ୍ଜଳି**



**୰ନାରାୟଣ ସାହୁ**

ଇଟିପୁର, ଭୁବନେଶ୍ୱର-୨

ଆବିର୍ଭାବ: ୧୮।୦୫।୧୯୬୧
ତିରୋଧାନ: ୧୩।୦୯।୨୦୨୩

ଚାହୁଁ ଚାହୁଁ ବର୍ଷେ ବିତିଗଲା । ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ଏମିତି ଆମ ଉପରେ ରହିଥାଉ । ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଆତ୍ମାକୁ ସଦ୍‌ଗତି ଦିଅନ୍ତୁ, ଏତିକି ପ୍ରାର୍ଥନା ।

ଶୋକସନ୍ତପ୍ତ ସାହୁ ପରିବାର ଓ ବନ୍ଧୁବାନ୍ଧବ ଧ-୧୧୯୧

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ ଡଃ ଭାଗୀରଥି ଚୌଧୁରୀ**

ବରମୁଣ୍ଡା, ଭୁବନେଶ୍ୱର

ଆବିର୍ଭାବ: ୦୨.୦୯.୧୯୩୭
ତିରୋଧାନ: ୧୨.୦୯.୨୦୨୩

ବରମୁଣ୍ଡାସ୍ଥିତ 'ଅପୂର୍ବ'ର ଆପଣଙ୍କ ସେହି କୋଠରୀଟି ଆମ୍ଭମାନଙ୍କୁ ଏକ ଅଦୃଶ୍ୟ ମୂରବି ପଣିଆର ବନ୍ଧନ ଭିତରେ ବାନ୍ଧି ରଖିଛି। ଆପଣଙ୍କ ଆଶୀଷ ଆମ ଉପରେ ସଦା ବରଷୁ ଥାଉ। ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ଆମର ଅଶ୍ରୁପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି।

-: ଶୋକ ସନ୍ତପ୍ତ :-

ଧର୍ମପତ୍ନୀ ଲାବଣ୍ୟ ଓ ପରିବାରବର୍ଗ
ବରମୁଣ୍ଡା, ଭୁବନେଶ୍ୱର ଧ-୧୧୮୯

**ଧରିତ୍ରୀ DHARITRI**

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ ।

0199723846@ybl | T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ ।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏ ଦୁଃଖୀ ଆଗରେ ସେ ଦୁଃଖୀ କହେ,**
**ଆଖିରୁ ଲୁହ ଝରଝର ବୁହେ।**

ଯେ ଦୁଃଖ କ'ଣ କଷ୍ଟ କ'ଣ ଜାଣିଥାଏ ବା ଭୋଗିଥାଏ ସେ ହିଁ ଅନ୍ୟର ଦୁଃଖ କଷ୍ଟକୁ ବେଶ୍ ଭଲ ଭାବେ ହୃଦୟଙ୍ଗମ କରିପାରିଥାଏ। ସେହିପରି ପ୍ରକୃତ ବନ୍ଧୁ ହିଁ ବିପଦରେ ପଡିଥିବା ବନ୍ଧୁଙ୍କୁ ସାହାଯ୍ୟ ସମର୍ଥନ ଯୋଗାଇଦେବା ସହ ସମବେଦନା ଜଣାଇଥାଏ। ସମଦରଦୀ ବ୍ୟକ୍ତି ଅନ୍ୟର ଦୁଃଖଦୁର୍ଦ୍ଦଶା ଦେଖି ବ୍ୟଥିତ ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଧ ଖାଉଛି ପାଚିଲା କଦଳୀ,**
**ଘୁଷୁରି ଖାଉଛି ପାନ;**
**ଭୁଆଁ ବିରାଡ଼ି ବୈଷ୍ଣବ ହୋଇ**
**ସଭାରେ କହୁଛି ଜ୍ଞାନ।**

ଅବିଶ୍ୱସନୀୟ ଘଟଣା ବେଳେ ବେଳେ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରିଥାଏ। ନିହାତି ଅବାନ୍ତର କଥା ଶୁଣିଲେ ତାକୁ ସତ ବୋଲି ବିଶ୍ୱାସ କରିବା କଷ୍ଟକର ହୋଇଯାଇଥାଏ। ଆଜିର ଯୁଗରେ ଅନେକ ଠକ ଧାର୍ମିକ ଦେଖିବାକୁ ମିଳିଥାନ୍ତି। ବାହାରକୁ ବୈଷ୍ଣବ ବୋଲି ଦେଖେଇ ହୋଇ ଭିତରେ ଭିତରେ ଅନେକ କୁକାର୍ଯ୍ୟ କରିଥାନ୍ତି। ଏମାନଙ୍କ ମୁହଁରୁ ନୀତିବାଣୀ ଶୁଣି ମନରେ ଭ୍ରୂକୁଞ୍ଚନ ସୃଷ୍ଟି ହେବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

୫ମ ପୃଷ୍ଠାର ଅବଶିଷ୍ଟାଂଶ

## ରାଜ୍ୟରେ ବଢୁଛି...

ମାଗଣାସ୍ତ୍ର ଜବତ କରାଯାଇଛି। ବିଭିନ୍ନ ଡକାୟତି ମାମଲାରେ ମୋଟ ୨୫,୯୮,୦୪,୩୩୩ ଟଙ୍କା ମୂଲ୍ୟର ଲୁଟ୍ ହୋଇଥିବା ସମ୍ପତ୍ତି ମଧ୍ୟରୁ ୭,୦୧,୧୭,୫୮୦ ଟଙ୍କା ମୂଲ୍ୟର ସମ୍ପତ୍ତି ଉଦ୍ଧାର କରାଯାଇପାରିଛି। ସେହିପରି ରୁଜୁ ହୋଇଥିବା ୨୯୬୧ ଲୁଣ୍ଠନ ମାମଲା ମଧ୍ୟରୁ ୧୨୩୯ ମାମଲାରେ ଚାର୍ଜସିଟ୍ ଦାଖଲ କରାଯାଇପାରିଛି। ଲୁଣ୍ଠନ ମାମଲାଗୁଡ଼ିକରେ ୪ ଆନ୍ତଃରାଜ୍ୟ ଲୁଟେରା ସମେତ ୨୨୮୧ ଅପରାଧୀଙ୍କୁ ଗିରଫ କରାଯାଇ ସେମାନଙ୍କଠାରୁ ମୋଟ ୨୫,୩୦,୬୦,୮୪୭ ଟଙ୍କା ମୂଲ୍ୟର ଲୁଟ୍ ମଧ୍ୟରୁ ୬,୨୧,୯୩,୭୮୨ ଟଙ୍କା ମୂଲ୍ୟର ଲୁଟ୍ ସାମଗ୍ରୀ ଜବତ କରାଯାଇଛି। ରାଜ୍ୟରେ ସାଇବର ଅପରାଧ ବି ବଢ଼ିଚାଲିଛି। ୨୦୨୩ରେ ମୋଟ ୨୩୪୮ ସାଇବର ଅପରାଧ ମାମଲା ପଞ୍ଜୀକୃତ ହୋଇଛି। ସେଥିରୁ ୨୯୧ ମାମଲାରେ ଚାର୍ଜସିଟ୍ ଦାଖଲ ହୋଇଥିବାବେଳେ ୧୮୭୭ ମାମଲା ଏବେ ତଦନ୍ତାଧୀନ ରହିଛି। ୮୧୦ ଅପରାଧୀଙ୍କ ମଧ୍ୟରୁ ୫୨୨ଜଣଙ୍କୁ ରାଜ୍ୟ ଭିତରୁ ଓ ବାହାରୁ ଗିରଫ କରାଯାଇଛି। ୪୭.୭୫କୋଟି ଟଙ୍କା ସାଇବର ଠକେଇ ରାଶି ମଧ୍ୟରୁ ମାତ୍ର ୧.୫୨କୋଟି ଟଙ୍କା ଫେରସ୍ତ ଅଣାଯାଇପାରିଛି ଏବଂ ୨.୭୭କୋଟି ଟଙ୍କା ରାଶିକୁ ସ୍ଥଗିତ ରଖିବାରେ ପୋଲିସ ସଫଳ ହୋଇଛି। ୨୦୨୩ରେ ରୁଜୁ ହୋଇଥିବା ମୋଟ ୨୩୧୯ ଯୌତୁକଜନିତ ହତ୍ୟା ମୋକଦ୍ଦମା ମଧ୍ୟରୁ ୯୫୮ରେ ଚାର୍ଜସିଟ୍ ଦାଖଲ କରାଯାଇଥିବା ବେଳେ ୧୨୬ ମୋକଦ୍ଦମା ତଦନ୍ତାଧୀନ ଅଛି। ରାଜ୍ୟରେ ରୁଜୁ ହୋଇଥିବା ମୋଟ ୪୮୯୭ ଯୌତୁକଜନିତ ନିର୍ଯାତନା ମୋକଦ୍ଦମା ମଧ୍ୟରୁ ୩୪୭୯ରେ ଦୋଷାରୋପ ଫର୍ଦ୍ଦ ଦାଖଲ କରାଯାଇଥିବା ବେଳେ ୧୨୧୨ ମୋକଦ୍ଦମା ବିଚାରାଧୀନ ରହିଛି।

୨୦୨୩ରେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ମୋଟାମୋଟି ଶାନ୍ତିପୂର୍ଣ୍ଣ ରହିଛି। ଏହି ବର୍ଷ ରାଜ୍ୟରେ କୌଣସି ଛାତ୍ର ଅଶାନ୍ତି ଦେଖାଯାଇନାହିଁ କିମ୍ବା ଶ୍ରମ ଓ ସେବା ସଂଗଠନଗୁଡ଼ିକ ଆଇନଶୃଙ୍ଖଳା ପରିସ୍ଥିତି ବ୍ୟାହତ ହେବାଭଳି କୌଣସି ବିଶେଷ ଆନ୍ଦୋଳନ କରିନାହାନ୍ତି। ତେବେ ବିଭିନ୍ନ କାରଣ ପାଇଁ ୨୦୨୩ରେ ପୋଲିସକୁ ମାତ୍ର ୫ଥର ଗୁଳିଚାଳନା କରିବାକୁ ପଡ଼ିଛି। ରାଜ୍ୟରେ ମୋଟ ୨୩୦ଥର ରାସ୍ତାରୋକ, ୩୦ ରେଳରୋକ, ୧୮୦୫ ଧାରଣା, ୧୧୬୯ଥର ରାଲି, ୨୦୨୩ ବିକ୍ଷୋଭ, ୧୧୭ ଅନଶନ, ୮୦ ବନ୍ଦ ଓ ୧୭୮ଥର ଘେରାଓ ହୋଇଛି। ପୋଲିସର ଦୃଢ଼ କାର୍ଯ୍ୟାନୁଷ୍ଠାନ ଯୋଗୁ କୌଣସିଠାରେ ବିଶେଷ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନ ଥିବା ଶ୍ୱେତପତ୍ରରେ ଦର୍ଶାଯାଇଛି। ରାଜ୍ୟରେ କୌଣସି ସନ୍ତ୍ରାସବାଦୀ କାର୍ଯ୍ୟକଳାପ ହୋଇନାହିଁ। ମାଓବାଦୀ ଗତିବିଧି ନିୟନ୍ତ୍ରଣାଧୀନ ରହିଛି। ପୋଲିସ କାର୍ଯ୍ୟାନୁଷ୍ଠାନରେ ୩ ଜଣ ସିପିଆଇ(ମାଓବାଦୀ)ଙ୍କ ମୃତ୍ୟୁ ହୋଇଥିବାବେଳେ ୧୩ ମାଓବାଦୀଙ୍କୁ ଗିରଫ କରାଯାଇଛି। ୫ ମାଓବାଦୀ ଆତ୍ମସମର୍ପଣ କରିଥିବା ରିପୋର୍ଟରେ ଦର୍ଶାଯାଇଛି।

# ଜିଡିପି ଅଭିବୃଦ୍ଧି ୬.୭%କୁ ହ୍ରାସ

**ନୂଆଦିଲ୍ଲୀ,୩୦।୮**

ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସିକ (ଏପ୍ରିଲ-ଜୁନ୍)ରେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ୬.୭ ପ୍ରତିଶତକୁ ହ୍ରାସ ପାଇଛି। ଗତବର୍ଷ ଏହି ସମୟରେ ଅଭିବୃଦ୍ଧି ହାର ୮.୨ ପ୍ରତିଶତ ଥିଲା। ମୁଖ୍ୟତଃ କୃଷି ଉତ୍ପାଦନ ହ୍ରାସ କାରଣରୁ ଜିଡିପି ଅଭିବୃଦ୍ଧି ହାର କମିଥିବା ସରକାରୀ ତଥ୍ୟରେ କୁହାଯାଇଛି। ପୂର୍ବ ତ୍ରୟମାସିକ (ଜାନୁଆରୀରୁ ମାର୍ଚ୍ଚ)ରେ ଜିଡିପି ଅଭିବୃଦ୍ଧି ୭.୮ ପ୍ରତିଶତ ରହିଥିଲା। ତେବେ ୨୦୨୩ ଜାନୁଆରୀରୁ ମାର୍ଚ୍ଚ ତ୍ରୟମାସିକରେ ଅଭିବୃଦ୍ଧି ହାର ୬.୨ ପ୍ରତିଶତ ରହିଥିଲା। ଏହା ସତ୍ତ୍ୱେ ଭାରତ ଦ୍ରୁତତମ ଅଭିବୃଦ୍ଧି କରୁଥିବା ଅର୍ଥନୀତିର ପରିଚୟ ବଜାୟ ରଖିଛି। ଚାଇନାର ଏପ୍ରିଲ-ଜୁନ୍ ତ୍ରୟମାସିକ ଅଭିବୃଦ୍ଧି ୪.୭ ପ୍ରତିଶତ ରହିଛି।

୨୦୨୩-୨୪ ଆର୍ଥିକ ବର୍ଷର ଏପ୍ରିଲ-ଜୁନ୍‌ରେ କୃଷି ଉତ୍ପାଦନ ଅଭିବୃଦ୍ଧି ୩.୭ ପ୍ରତିଶତ ଥିବାବେଳେ ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସିକରେ ଏହା ୨ ପ୍ରତିଶତକୁ ହ୍ରାସ ପାଇଥିବା ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ତଥ୍ୟରୁ ଜଣାପଡ଼ିଛି। ଉତ୍ପାଦନ ସେକ୍ଟର ଅଭିବୃଦ୍ଧି ପୂର୍ବ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସିକରେ ୫ ପ୍ରତିଶତ ଥିବାବେଳେ ଏଥର ତାହା ୭ ପ୍ରତିଶତକୁ ବୃଦ୍ଧି ପାଇଛି।


## OFFICE OF THE SR. GENERAL MANAGER (ELECTRICAL)
## UPPER INDRAVATI HYDRO ELECTRIC PROJECT, MUKHIGUDA

OHPC ISO 9001-14001 18001 Certified
DIST: KALAHANDI-766026, E-mail:sgmel_uihep@ohpcltd.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd.Office OSPH & W.C. Building, Vanivihar Chhak, Janpath,Bhoinagar,Bhubaneswar- 751022
Tel:91-0674-2542983, 2542802, 2545526, 2542826, Fax:2542102, E-mail:ohpc.co@gmail.com/ md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**NOTICE INVITING TENDER No.UIHEP-14/2024-25, DATED:28.08.2024**

**No.CAD-968:**Sealed tenders are invited in two part i.e. (i) Techno Commercial bid & (ii) Price Bid in separate sealed envelopes from Registered contractors/Registered Firms/Registered agency meeting eligibility criteria only for execution of the following work.

| Description of Work | Cost of tender paper (Non-refundable) in Rs. | EMD in shape of DD/ Banker's Cheque only (Refundable) in Rs. | Period of Sale/ download of tender document | Last date & time of receipt of tender | Date & Time of opening of Techno commercial Bid |
|---|---|---|---|---|---|
| Annual up-keeping and maintenance (including cooking) of Erector's Hostel of UIHEP, Mukhiguda on job contract basis. | 7,080/- (inclusive of GST) | 10,121/- (Rupees Ten Thousand One Hundred Twenty One Only) | From 31.08.2024 to 09.09.2024 upto 12.30 Hrs. | 09.09.2024 (upto 13.00 Hrs.) | 09.09.2024 at 16.30 Hrs. |

For details of the tender documents, terms and conditions please visit our website **www.ohpcltd.com**
OIPR-04008/11/0018/2425 **Sd./- C&P Head, UIHEP, Mukhiguda**

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE

E-mail Id:serw_balasore@yahoo.in, Ph.No.-06782/260318, Balia, Balasore

**"e" Procurement Notice for Road Work**

**Identification No.Online Tender-Bridge N.C.B. No.09 for 2024-25**
**Letter No.2910, Date:27.08.24**

**No.O-231:**1. Name of the Work :- Balance road works under PMGSY-III (2022-23). 2. Total No. of Work: 02 No. 3.Estimated Cost: Rs.298.42 to 593.48 lakhs (Approximately) 4. Eligible Class of Contractor: 'B' & 'A' Class (of Odisha P.W.D.) or relevant Class of other licensing authorities (as per annexure). 5. Period of Completion: As per Annexure. 6. Other details:

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & Time of Opening of Tender in O/O C.C.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No.09 of 2024-25 | Dt.04.09.2024 at 11.00 A.M. | Dt.18.09.2024 upto 5.00 P.M. | Dt.17.09.2024 upto 5.00 P.M. | Dt.19.09.2024 at 11.00 A.M. | Will be Intimated Later |

•Further details can be seen from the website www.pmgsytenders.gov.in.
OIPR-25105/11/0012/2425 **Sd./- Chief Engineer, R.W. Circle, Balasore**

## ଓଡ଼ିଶା ସରକାର
## ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଯାଜପୁର ଜଳସେଚନ ବିଭାଜନ

No.A-251
ଫୋନ୍ ନଂ.06728-222022,ଇମେଲ୍-jpt.irrigation@gmail.com

**'e'-Procurement Notice No.07/2024-25**

୧. କାର୍ଯ୍ୟର ନାମ : Supply, Installation, Testing, Commissioning, Training & Maintenance of Non-contact type Discharge measurement system in River Baitarani near Mathurapur bridge, Jajpur.
୨. ମୋଟ କାର୍ଯ୍ୟ ସଂଖ୍ୟା : ୦୧ (ଏକ ଗୋଟି କାର୍ଯ୍ୟ)
୩. ଅଟକଳ ମୂଲ୍ୟ: ୬୯.୯୬ ଲକ୍ଷ
୪. ଇ.ଏମ.ଡି (Bid Security) ଓ ବିଡ୍ ମୂଲ୍ୟର ଦେୟ ପ୍ରଣାଳୀ: The bidder shall transfer the required amount of EMD (Bid Security) and cost of Bid by Online through electronic payment as per Govt. of Odisha WDOM No.17254/WE Dated 05.12.2017 as Mentioned in DTCN.
୫. କାର୍ଯ୍ୟ ସମାପ୍ତି ସମୟ : ୬ ମାସ
୬. ନିମ୍ନଲିଖିତ ଭାବରେ ଅନ୍ୟାନ୍ୟ ବିବରଣୀ:
I. Procurement Officer : ଅଧୀକ୍ଷଣ ଯନ୍ତ୍ରୀ, ଯାଜପୁର ଜଳସେଚନ ବିଭାଜନ, ଯାଜପୁର
II. ଅନଲାଇନ Biddingର ସମୟସୀମା: ତା.୨୯.୦୮.୨୦୨୪ ଦିବା ୧୦ ଘଟିକାରୁ ତା.୦୫.୦୯.୨୦୨୪ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ।
III. Technical ଏବଂ Financial Bid ଖୋଲାଯିବାର ତାରିଖ ଓ ସମୟ: ଅଧୀକ୍ଷଣ ଯନ୍ତ୍ରୀ, ଯାଜପୁର ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୦୬.୦୯.୨୦୨୪ ଦିବା ୧୧.୩୦।
IV. Transparent Lotteryର ତାରିଖ ଓ ସମୟ: ଅଧୀକ୍ଷଣ ଯନ୍ତ୍ରୀ, ଯାଜପୁର ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୧୭.୦୯.୨୦୨୪ ଦିବା ୧୧.୦୦ ଘଟିକା ସମୟରେ।

Further details can be seen from the Govt. website www.tendersorissa.gov.in.

ସ୍ୱା./-ଅଧୀକ୍ଷଣ ଯନ୍ତ୍ରୀ
OIPR-32130/11/0010/2425 ଯାଜପୁର ଜଳସେଚନ ବିଭାଜନ, ଯାଜପୁର

## BHUBANESWAR DEVELOPMENT AUTHORITY

AKASH SHOVA BUILDING
SACHIVALAYA MARG, BHUBANESWAR-751001
Visit us at:http://www.bda.gov.in

**INVITATIONS FOR BIDS (IFB)**

**Bid Identification No.1085** **Dated 27.08.2024**

**No.CAD-955:**1.Executive Engineer, Division-IV, BDA, Bhubaneswar on behalf of Bhubaneswar Development Authority invites percentage rate bids in ***double cover system*** through **ONLINE MODE** only conforming to the Detailed Tender Call Notice (DTCN) from Electrical Contractors having valid **M.V. and above license** registered under Government of Odisha, having PAN and valid EPF & ESI registration No., GST Certificate etc for the Item of work as indicated in the table below.

| Sl. No. | Name of Work | Estimated Cost (in Rs.) | EMD (in Rs.) | Cost of Tender Paper (in Rs.) | Period of Completion |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1. | Provision of illumination to the newly constructed Morum path for Kharavel Park, Khandagiri, Bhubaneswar | 11,06,191.00 | 1 % of the estimated cost put to tender. (Through on-line transfer by the last date & time for receipt of bids) | 6,000/-+ GST @18% (Through online Transfer by the last date & time for receipt of bids) | 21 (Twenty One) Days |

2. The Bid documents will be available in the website:https://tendersodisha.gov.in from 30.8.2024 to 09.09.2024 upto 17.00 Hours. 3. Bids shall be received only "Online" on or before 09.09.2024 upto 17.00 Hours. The bidder must possess compatible Digital Signature Certificate (DSC) of Class-III. 4.Other details can be seen in the bidding documents. 5. The authority reserves the right to cancel/reject any or all bids at any moment without assigning any reason thereof. 6.Any addendum/corrigendum/ cancellation shall only be uploaded in the website: https://tendersodisha.gov.in.

OIPR-13033/11/0127/2425 **Sd./- Executive Engineer, Division-IV, BDA**

## ସାୟତ୍ତ ଶାସନ ଦିବସ-୨୦୨୪

ପାଳନ ଅବସରରେ
**କଟକ ମହାନଗର ନିଗମ** ତରଫରୁ ହାର୍ଦ୍ଦିକ ଅଭିନନ୍ଦନ

No. C-501

**କାର୍ଯ୍ୟସୂଚୀ**

**ତା. ୩୦.୦୮.୨୦୨୪ ରିଖ**

ପ୍ରାତଃ ୮.୦୦ଘଟିକା : ଗାନ୍ଧୀପାର୍କ, ବେଲଭ୍ୟୁ ଛକରେ ବୃକ୍ଷରୋପଣ
ପ୍ରାତଃ ୯.୦୦ଘଟିକା : ରକ୍ତଦାନ ଶିବିର, ଟାଉନହଲ, କଟକ

**ତା. ୩୧.୦୮.୨୦୨୪ ରିଖ ପୂର୍ବାହ୍ନ ଘ. ୮.୦୦ମି ଠାରୁ...**

ପ୍ରାତଃ ୯.୦୦ଘଟିକା : ସ୍ୱଚ୍ଛତା ସଚେତନତା ପଦଯାତ୍ରା
ପୂର୍ବାହ୍ନ ୧୦.୩୦ଘଟିକା : ନିଗମ ଅଂଚଳରେ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପ ଗୁଡ଼ିକର ଶୁଭ ଉଦ୍‌ଘାଟନ ମାନ୍ୟବର କେନ୍ଦ୍ର ଶିକ୍ଷା ମନ୍ତ୍ରୀ, ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ସମାହିତ ଏବଂ ମାନ୍ୟବର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ତଥା ସିଡ଼ିଏ ଅଧକ୍ଷ ଡା କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଭବ୍ୟ ଉପସ୍ଥିତିରେ।

**ସନ୍ଧ୍ୟା ଘ. ୬.୦୦ମି ରେ ଡ୍ରିଣ୍ଡସର ପ୍ୟାଲେସ, ସିଡ଼ିଏ ଠାରେ ସାଧାରଣ ସଭା**

**ମୁଖ୍ୟ ଅତିଥି :**
**ଶ୍ରୀଯୁକ୍ତ ବିମଳ ପ୍ରସାଦ ଦାସ,** ଅବସରପ୍ରାପ୍ତ ନ୍ୟାୟମୂର୍ତ୍ତି, ଓଡ଼ିଶା ଉଚ୍ଚ ନ୍ୟାୟାଳୟ
**ମୁଖ୍ୟ ବକ୍ତା : ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ,** ମାନ୍ୟବର ସାଂସଦ (ଲୋକସଭା) କଟକ
**ସତନ୍ତ୍ର ଅତିଥି : ଶ୍ରୀଯୁକ୍ତ ଦେବାଶିଷ ସାମନ୍ତରାୟ,** ମାନ୍ୟବର ସାଂସଦ (ରାଜ୍ୟସଭା)

**ସମ୍ମାନୀୟ ଅତିଥି ବୃନ୍ଦ :**
ଶ୍ରୀଯୁକ୍ତ ପିତାମ୍ବର ଆଚାର୍ଯ୍ୟ, ଆଡ଼ଭୋକେଟ ଜେନେରାଲ, ଓଡ଼ିଶା
ଶ୍ରୀଯୁକ୍ତ ସୌଭିକ ବିଶ୍ୱାଳ, ମାନ୍ୟବର ବିଧାୟକ, ଚୌଦ୍ୱାର କଟକ
ଙ ସୋଫିଆ ଫିର୍‌ଦୋସ, ମାନ୍ୟବର ବିଧାୟିକା, ବାରବାଟୀ କଟକ
ଶ୍ରୀଯୁକ୍ତ ପ୍ରକାଶ ଚନ୍ଦ୍ର ସେଠୀ ମାନ୍ୟବର ବିଧାୟକ, କଟକ ସଦର
ଶ୍ରୀଯୁକ୍ତ ପ୍ରଭାତ ତ୍ରିପାଠୀ, ପୂର୍ବତନ ବିଧାୟକ ତଥା ସଭାପତି, କଟକ ମହାନଗର ନିଗମ ମେଦ୍ଧେନ୍ତର ସଂଘ
ଶ୍ରୀଯୁକ୍ତ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ଜିଲ୍ଲାପାଳ, କଟକ
ଶ୍ରୀଯୁକ୍ତ ପ୍ରକାଶ ଆର୍, ଡ଼ିସିପି, କମିଶନରେଟ ପୋଲିସ, କଟକ

୧. ନିଗମ ଅଂଚଳରେ କୃତିତ୍ୱ ଅର୍ଜନ କରିଥିବା ବିଶିଷ୍ଟ ବ୍ୟକ୍ତି ବିଶେଷ ମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ।
୨. ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ।
୩. ନିଗମର କର୍ତ୍ତବ୍ୟନିଷ୍ଠ କର୍ମଚାରୀଙ୍କୁ ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ପୁରସ୍କାର ବିତରଣ।

| ଶ୍ରୀଯୁକ୍ତ ଅନାମ ଚରଣ ପାତ୍ର | ସୁଶ୍ରୀ ଦମୟନ୍ତୀ ମାଝୀ | ଶ୍ରୀଯୁକ୍ତ ସୁଭାସ ଚନ୍ଦ୍ର ସିଂହ |
|---|---|---|
| ଆୟୁକ୍ତ | ଡ଼େପୁଟି ମେୟର | ମେୟର |

**ନିଗମର ସମସ୍ତ କର୍ପୋରେଟର, ସମସ୍ତ ଅଧିକାରୀ ଏବଂ କର୍ମଚାରୀ ବୃନ୍ଦ**

OIPR-13031/11/0039/2425

## ପୌରପରିଷଦ କାର୍ଯ୍ୟାଳୟ, ଦେବଗଡ଼

ସଂଖ୍ୟା ୧୯୦୧, ତାରିଖ ୨୭.୦୮.୨୦୨୪

**ବିଜ୍ଞାପନ**

No.C-502: ଏତଦ୍ୱାରା ଦେବଗଡ ସହରର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଦେବଗଡ଼ ପୌରପରିଷଦ ଦ୍ୱାରା ପୁରାତନ ରାଜକୁମାର ହାଇସ୍କୁଲ ପ୍ରାଙ୍ଗଣରେ ୧୦ ଗୋଟି ଦୋକାନଗୃହଗୁଡିକ ନିମ୍ନ ସର୍ତ୍ତାବଳୀ ଅନୁଯାୟୀ ମାସିକ ଭଡା ସୂତ୍ରରେ ଆବଣ୍ଟନ କରାଯିବ। ଏଣୁ ଇଚ୍ଛୁକ ବ୍ୟକ୍ତିମାନେ ଆସନ୍ତା ତା.୨୮.୦୮.୨୦୨୪ ରିଖରୁ ତା.୦୬.୦୯.୨୦୨୪ ରିଖ ମଧ୍ୟରେ (ସରକାରୀ ଛୁଟିଦିନ ବ୍ୟତୀତ) କ୍ରୟ କରି ଆବେଦନ କରିପାରିବେ। ଆବେଦନ ଫର୍ମ ପୌର କାର୍ଯ୍ୟାଳୟରେ ତା.୦୬.୦୯.୨୦୨୪ ରିଖ ଦିବା ୦୫.୩୦ ଘଟିକା ମଧ୍ୟରେ ଗ୍ରହଣ କରାଯିବ, ନିର୍ଦ୍ଧାରିତ ସମୟସୀମା ପରେ ଆବେଦନ ଫର୍ମ ଗ୍ରହଣ ବିଚାରକୁ ନିଆଯିବ ନାହିଁ। ସମୟସୀମା ମଧ୍ୟରେ ଗ୍ରହଣ କରାଯାଇଥିବା ଫର୍ମଗୁଡିକ ତା.୧୦.୦୯.୨୦୨୪ ରିଖ ଦିବା ୧୧ ଘଟିକା ସମୟରେ ଖୋଲାଯାଇ ମୂଲ୍ୟାଙ୍କନ କରାଯିବ।

**ସର୍ତ୍ତାବଳୀ**

୧। ବ୍ୟକ୍ତିବିଶେଷ ପୌରପରିଷଦର ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ (ତହିଁର ମୂଲ୍ୟ ଟ.୧୦୦୦ ଙ୍କା ପଇଠ କରି) ଆବେଦନ କରିବେ ଯାହାକି ଫେରସ୍ତ ଯୋଗ୍ୟ ନୁହେଁ।
୨। ଭଡ଼ା ସୂତ୍ରରେ ଦୋକାନ ଗୃହ ନେବାକୁ ଇଚ୍ଛୁକ ବ୍ୟକ୍ତି ସାଧାରଣତଃ ଦେବଗଡ଼ ପୌରାଞ୍ଚଳର ବାସିନ୍ଦା ହୋଇଥିବେ। (ଗୋଟିଏ ଫଟୋ ସହିତ ଆଧାର କାର୍ଡ / ଭୋଟର କାର୍ଡ / ପ୍ୟାନ୍ କାର୍ଡର ନକଲ ସଂଲଗ୍ନ କରିବେ)
୩। ଯୋଗ୍ୟ ବିବେଚିତ ବ୍ୟକ୍ତି ଦୋକାନ ଗୃହର ପ୍ରତ୍ୟେକ କୋଠରିକୁ (one time non refundable security)ରେ ଟ.୮୦,୦୦୦.୦୦ଙ୍କା ଆବଣ୍ଟନ ଦିନ ଦେବାକୁ ପଡ଼ିବ (by demand draft in favour of Executive Officer, Deogarh Municipality) ଅନ୍ୟଥା ତାଙ୍କର ଆବଣ୍ଟନ ପତ୍ର ଖାରଜ କରାଯିବ।
୪। ପ୍ରତି ଦୋକାନ କୋଠରିର ମାସିକ ଭଡା ଟ.୧୫୦୦ଙ୍କା ସ୍ଥିର ହୋଇଅଛି। ଜମାନତ ବାବଦକୁ ପ୍ରତ୍ୟେକ କୋଠରି ପ୍ରତି ତିନି ମାସର ଭଡ଼ା ଅଗ୍ରିମ ପଇଠ କରିବାକୁ ପଡିବ।
୫। ଦୋକାନ ଗୃହର ବିଦ୍ୟୁତ୍ ବାବଦୀୟ ଇତ୍ୟାଦି ଶୁଳ୍କ ଦୋକାନ ଗୃହର ଲିଜ୍‌ଧାରୀ ମାଲିକ ପଇଠ କରିବେ।
୬। ଦୋକାନ ଗୃହରେ କେଉଁ ପ୍ରକାର ସାମଗ୍ରୀ ବ୍ୟବସାୟ କରିବେ ତାହା ଉଲ୍ଲେଖ କରିବେ।

**ସ୍ୱା./– ନିର୍ବାହୀ ଅଧିକାରୀ**
OIPR-13088/11/0004/2425 **ଦେବଗଡ଼ ପୌରପରିଷଦ**

## ODISHA POWER TRANSMISSION CORPORATION LIMITED

(A Government of Odisha Undertaking)
Regd. Office: OPTCL TECH TOWER, Janpath, Saheed Nagar, Bhubaneswar-751007
CIN:U40102OR2004SGC007553 No.CAD-974
Lifeline of Odisha

**TENDER ALERT**

**1)Tender Call Notice No. OCTN/CTC/CLE/02/24-25:** Supply, Fitting and Fixing of semi glazed wall partition panels with executive style computer tables and midback chairs in the EHT (O&M) Circle, Cuttack office wing of the New Multistoried building of OPTCL at Tulasipur, Cuttack.
**2)Tender Call Notice No. 02/2024-25:** Hiring of Diesel run commercial light vehicle Non-AC Bolero/Camper/5 Seated Pick up Van or equivalent on monthly basis with daily hiring rate for 132/33kV Grid S/S Bhawanipatna/ Junagarh Under EHT (O&M) Division, Kesinga.
**3)Tender Call Notice No. 05/2024-25:** Procurement of 460 Nos. 3 bolted PG Clamp (ACSR Panther) and 150 Nos. of 2 bolted PG Clamp (ACSR Panther) for double jumpering of 132kV SMC-Kuchinda-Kutra DC line under T/L S/S S/D, Kuchinda Under EHT (O&M) Division, Jharsuguda.
**4)Tender Call Notice No. 06/2024-25:** Procurement of different types of hardware fittings for Grid Sub-Station, Jharsuguda and Brajrajnagar Under EHT (O&M) Division, Jharsuguda.
**5)E-Tender Call Notice No. 141/2024-25:** Bids are invited from reputed manufacturers in two part bidding system for supply of TYPE IIIA ADSS 24F/48F/96F OFC, TYPE-I 24F/48F/96F ADSS accessories and 24F/48F/96F Joint Enclosure Under Engineer- in-Charge, BharatNet Phase- II Project at an estimated cost of Rs. 4,69,37,115/-.
For more details please visit OPTCL's website: **www.optcl.co.in.** OIPR-04011/11/0042/2425 **FIPR-21/2024-25**
/optcl.odisha /optcl_odisha

## OFFICE OF THE DEAN & PRINCIPAL,
## MAHARAJA KRISHNA CHANDRA GAJAPATI MEDICAL COLLEGE,
## BRAHMAPUR - 760004, GANJAM, ORISSA

No. 10371/MCB-2024/Welfare/Dt. Berhampur, the 28th August, 2024

**CORIGENDUM**

No.E-250 : The Tender Call Notice has been published vide No.9726 Dt.8.8.2024, for outsourcing of DIET service to Indoor patient. As per decision in prebid meeting held on 27.08.2024, some changes has been made as per guidelines issued vide No.5056 Dt.22.2.2021 of Health & Family Welfare Department which can be obtained from the website www.mkcgmch.org. The last date for submission of tender is extended up to 9.9.2024 by 5 PM.
The other terms & conditions is remaining unaltered.
The undersigned reserves the right to cancel the Tender in full or parts at any time without assigning any reason thereof.

**Sd./- Dean & Principal,**
**MKCG Medical College,**
**Berhampur**
OIPR-10013/11/0008/2425


See Career Appointment on every Wednesday & Saturday


## ରାଜ୍ୟ ପରିବହନ ପ୍ରାଧିକାରୀଙ୍କ କାର୍ଯ୍ୟାଳୟ
## ଓଡ଼ିଶା, କଟକ

**ବସ୍ ମାଲିକଙ୍କ ପାଇଁ ବିଶେଷ ସୂଚନା**

**No.JJ-12:** ତା.୧୩.୦୮.୨୦୨୪ ରିଖରେ ଦୈନିକ ଖବରକାଗଜ ସମାଜ ଓ ଧରିତ୍ରୀ ବିଜ୍ଞାପନରେ କଟକ/ଭୁବନେଶ୍ୱର-ବ୍ରହ୍ମପୁର/ଆସ୍କା/ପୋଲସରା ମାର୍ଗରେ ଚଳାଚଳ କରୁଥିବା ବସ୍‌ଗୁଡ଼ିକର ଚିଠା ସୁବ୍ୟବସ୍ଥାକରଣ (Draft Rationalized Time) ସମୟସାରଣୀ ପ୍ରସ୍ତୁତ କରାଯାଇ କାର୍ଯ୍ୟକାରୀ କରିବା ନିମନ୍ତେ ପ୍ରକାଶିତ ଦିନଠାରୁ ୧୫ ଦିନ ତଥା ତା.୨୭.୦୮.୨୦୨୪ ରିଖ ମଧ୍ୟରେ ଲିଖିତ ଅଭିଯୋଗ ରାଜ୍ୟ ପରିବହନ କମିଶନରଙ୍କ କାର୍ଯ୍ୟାଳୟରେ ଦାଖଲ କରିବା ନିମନ୍ତେ ଜଣାଇ ଦିଆଯାଇଥିଲା। ଗଞ୍ଜାମ ଜିଲ୍ଲା ବସ୍ ମାଲିକ ସଂଘର ଅନୁରୋଧକ୍ରମେ ରାଜ୍ୟ ପରିବହନ କମିଶନର ମହୋଦୟ ଅଭିଯୋଗ ଦାଖଲ କରିବାର ନିର୍ଦ୍ଧାରିତ ତାରିଖ ତା.୨୭.୦୮.୨୦୨୪ ରିଖ ପରିବର୍ତ୍ତେ ତା.୧୩.୦୯.୨୦୨୪ ରିଖ ପର୍ଯ୍ୟନ୍ତ ବର୍ଦ୍ଧିତ କରିଅଛନ୍ତି।

ସ୍ୱା./– ସଚିବ
ରାଜ୍ୟ ପରିବହନ ପ୍ରାଧିକାରୀ
OIPR-38003/11/0020/2425 ଓଡ଼ିଶା, କଟକ

## REGULATED MARKET COMMITTEE, NABARANGPUR

No.H-13

| Sr. No. | Item | Details |
|---|---|---|
| **A. General Information** | | |
| 1 | Name of the work | Construction of Paddy Procurement Center (5 Nos.) Badamosigaon, Bikrampur, Kantagaon, Jagannathpur and Junapani, (4Nos.) Borgam, Gona, Kalaeapara and Mohand Under RMC Nabarangpur |
| 2 | (i) Inviting Authority | Sub-Collector cum Chairman, R.M.C. Nabarangpur |
| 3 | Estimated Cost | Rs.4.02 Cores to 5.03 Cores |
| **B. Bid Information** | | |
| 1 | Intended completion period | **11 months** |
| 2 | Last date & time for submission of bid | **17.00 hours of 09.09.2024** |
| 3 | Dates of opening (Technical bid) | **11.00 hours on 10.09.2024** |
| 4 | Dates of opening (Financial bid) | **will be intimated after evaluation of Technical Bid** |
| 5 | **Cost of Bid Document** | |
| | **On-line transfer** : As indicated in col. No.5 at table above | |
| 6 | **Bid security** | |
| | **On-line transfer** : As indicated in col. No.4 at table above | |
| 7 | Bid validity period | 90 days |
| 8 | Currency of contract | INR |
| 9 | Language of Contract | English |
| 10 | Further details can be seen from the procurement portal | The Bid documents will be available in the website : www.tendersorissa.gov.in from **11.00 AM of 30.08.2024 to 09.09.2024 up to 5.00 PM** for online bidding. |

**Sd./- Sub-Collector cum Chairman RMC, Nabarangpur**
OIPR-01542/11/0002/2425

## ODISHA STATE CIVIL SUPPLIES CORPORATION LTD.

(A Govt. of Odisha Undertaking)
Registered Office : C/2, Nayapalli, Bhubaneswar - 751012
CIN : U51211OR1980SGC000894
Tel : 0674-2395391, Fax No. : 0674-2395291, Website : www.oscsc.in
OSCSC-GS-GNY-0003-2024 No.10335 Date : 28.08.24

**TENDER CALL NOTICE FOR ENGAGEMENT OF TRANSPORT CONTRACTORS**

No.CAD-965 : Managing Director, Odisha State Civil Supplies Corporation Ltd., invites tenders in Double Cover System through **ONLINE MODE ONLY** for the works below :
**Name of the work :** Selection and engagement of transport contractors for road transportation of new B-twill Gunny bales (One bale contains 500 bags) from different jute mills located in Andra Pradesh, West Bengal & Odisha to custom millers premises/private hired godowns / OSCSC Ltd. own godowns/hired godowns of CWC & OSWC located in different districts in the State of Odisha.

| Sl. No. | Event Description | Date |
|---|---|---|
| 1 | Availability of bid document in the portal | From date 30.08.2024 |
| 2 | Date, time and venue for pre-bid conference | Date 06.09.2024 at 4.00 P.M., Conference Hall, OSCSC Ltd., C/2, Nayapalli, Bhubaneswar-751012 |
| 3 | Last date and time for receipt of bids in the portal | Dt. 19.09.2024 up to 5 P.M. |
| 4 | Date and Time of Opening of Technical Bid | Dt. 20.09.2024 at 11.00 A.M. |
| 5 | Opening of Financial Bid | To be announced after technical bid evaluation. (Only of Technically Qualified Bidders) |

**Name and address of the officer inviting Tender :** Managing Director, Odisha State Civil Supplies Corporation Ltd. (OSCSC Ltd.) C/2, Nayaplli, Bhubaneswar - 751012.
Tender Documents & other details can be seen from the e-procurement portal https://tendersodisha.gov.in, www.oscsc.in and www.foododisha.in. Amendments / corrigendum / cancellation / retenders etc. if any shall be published only in above websites.

**By Order of Managing Director**
**Sd./- Manager (Accounts)**
**OSCSC Ltd.**
OIPR-07002/11/0007/2425

## OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR - 751022

idco | ODISHA NEW OPPORTUNITIES No.CAD-963

Tender Call Notice No. IDCO/H.O./P&C/EST/E-2720/01/2024/25141 dated : 23.08.2024

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-PROCUREMENT**

**Name of the work** : Renovation work for sitting arrangements for officers and rearrangement of existing CGM (Land) room to accommodate 2 Nos of LO, Part - Amino Section in existing PR & HK Room at second floor, Head office, IDCO Towers, Bhubaneswar.
**1. Estimated cost** : Rs. 27.12 lakh (Approx.)
**2. Period of completion** : 02 (Two) Calendar months
**3. Other details** :

| Procurement Officer | Bid ID/Tender Reference No. | Availability of Tender on-line for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Bid ID/Tender Reference No. P&C/ES-T/E-24/2024-25 | 04.09.2024 at 17:00 Hrs. | 19.09.2024 up to 17:00 Hrs. |

Further details can be seen from the e-Procurement Portal, www.tendersodisha.gov.in and Corrigendum if any will not be published in newspapers and can only be seen in the e-Procurement portal www.tendersodisha.gov.in and www.idco.in.

**Sd./-**
**Chief General Manager (P&C),**
**IDCO, Bhubaneswar**
OIPR-14003/11/0052/2425

## OFFICE OF THE PROJECT MANAGER
## THE ODISHA STATE POLICE HOUSING AND WELFARE CORPORATION LTD.
## BHUBANESWAR DIVISION

OPHWC
Letter No. : 4776/PM/OPHWC/BBSR Dt. 28.08.2024

**SHORT QUOTATION CALL NOTICE**

No.CAD-967 : The Odisha State Police Housing & Welfare Corporation Ltd., Bhubaneswar Division invites sealed quotations from the intending reputed supplier / contractor / firms of the State of Odisha for the finalization of different items of rates i.e. Furniture, Interior Furnishing works & Electrical works rates for the Project Construction of Multi Storied Training Hall (GF & FF) of SCRB Building, Bhubaneswar & Construction of Multi Storied Training Hall (SF & TF) of SCRB Building, Bhubaneswar. All quotation will be evaluated as per terms and conditions laid down in the short quotation documents for finalization of the above rates. The quotation call documents can be obtained from the office of the undersigned during office hours on payment of Rs. 2950/- (Rupees two thousand Nine hundred and Fifty) only inclusive of GST (Non-refundable), it must be deposited through NEFT/RTGS in the Bank Account :- OSPH&WC LTD-K2 TENDER, Bank A/C No. : 0042104000537612, Name of the Bank & Branch : IDBI Bank Ltd., Janpath, Bhubaneswar, IFS Code : IBKL0000042. If the quotation call document will not be submitted in prescribed format or otherwise than in the manner prescribed, the document shall be rejected.

| | | |
|---|---|---|
| Date of Issue of Quotation Call Document | : | 10.00 AM, Dt-30.08.2024 |
| Last date for issue of Quotation Call document up to | : | 05.00 PM, Dt-31.08.2024 |
| Last date for receipt up to | : | 02.00 PM, Dt-01.09.2024 |
| Date of opening | : | 04.00 PM, Dt-01.09.2024 |

OIPR-12025/11/0004/2425 **Sd./- Project Manager, Engg. (Civil)**

**ଶେୟାର ବଜାରରେ ଉତ୍ସାହ**

**ନୂଆଦିଲ୍ଲୀ:** କ୍ରମାଗତ ୯ମ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷ କରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୩୧ (୨୩୧.୧୬) ପଏଣ୍ଟ ବଢ଼ି ୮୨,୩୬୬ (୮୨,୩୬୫.୭୭) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୮୪ (୮୩.୯୫) ପଏଣ୍ଟ ବୃଦ୍ଧି ଘଟି ୨୫,୨୩୬ (୨୫,୨୩୫.୯୦) ଅଙ୍କରେ କାରବାର ଶେଷ କରିଥିଲା।

# ପୂର୍ବୋଦୟ ବିକାଶ ଆଗରେ ରହିବ ଓଡ଼ିଶା: ମୁଖ୍ୟମନ୍ତ୍ରୀ



■ୟୁସିସିଆଇଏଲ୍ ପକ୍ଷରୁ ଗ୍ଲୋବାଲ ଟ୍ରେଡ୍ ଶୋ 'ରିସର୍ଜେଣ୍ଟ ଓଡ଼ିଶା-୨୦୨୪'ର ଶୁଭାରମ୍ଭ

■୨୦୨୯ ସୁଦ୍ଧା ୨.୫ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ହାସଲ ଲକ୍ଷ୍ୟ: ଶିଳ୍ପମନ୍ତ୍ରୀ

**ଭୁବନେଶ୍ୱର,୩୦।୮ (ଅଭୟ ଦାଶ)**

ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ୍ (ୟୁସିସିଆଇଏଲ୍) ପକ୍ଷରୁ ଓଡ଼ିଶା ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ସହଭାଗିତାରେ ଭୁବନେଶ୍ୱରର ଜନତା ମଇଦାନଠାରେ ଗ୍ଲୋବାଲ ଟ୍ରେଡ୍ ଶୋ' ରିସର୍ଜେଣ୍ଟ ଓଡ଼ିଶା-୨୦୨୪ର ଶୁଭାରମ୍ଭ ଶୁକ୍ରବାର ହୋଇଯାଇଛି। ୨୦୨୪ ଅଗଷ୍ଟ ୩୦ରୁ ଆରମ୍ଭ ହୋଇଥିବା ଏହି ୩ ଦିନିଆ ଟ୍ରେଡ୍ ଶୋ'କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି।

ରିସର୍ଜେଣ୍ଟ ଓଡ଼ିଶା-୨୦୨୪କୁ ଉଦ୍‌ଘାଟନକରି ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ୪ ଭାଗରୁ ୩ଭାଗ ଲୋକ କୃଷି ଉପରେ ନିର୍ଭର କରୁଛନ୍ତି। ସାଧାରଣ ଶିକ୍ଷା ସହ ବୈଷୟିକ ଶିକ୍ଷା ଗ୍ରହଣ କରୁଥିବା ରାଜ୍ୟର ଛାତ୍ରମାନଙ୍କୁ ନିଯୁକ୍ତି ପ୍ରଦାନ କରିବା ଲାଗି ଶିଳ୍ପାୟନ ସହ ଅଭିବୃଦ୍ଧି ଆଗକୁ ବଢ଼ାଇବାକୁ ପଡ଼ିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୂର୍ବୋଦୟ ବିକାଶ ଉପରେ ଜୋର ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଜଣାଇଛନ୍ତି ଯେ ପୂର୍ବୋଦୟ ବିକାଶରେ ଓଡ଼ିଶା ସବୁଠୁ ଆଗରେ ରହିବ। ଏପରିକି ଶିଳ୍ପ ସଂସ୍ଥା ଲାଗି ଭିତ୍ତିଭୂମି ବିକାଶ କରିବାକୁ ସରକାର ପ୍ରତିବଦ୍ଧ ରହିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଥିଲେ, ରାଜ୍ୟ ଭିତରେ ମୂଲ୍ୟ ଯୋଗ କରିବା ଲାଗି ଶିଳ୍ପ ସଂସ୍ଥାଗୁଡ଼ିକୁ ଆଗକୁ ଆସିବା ସହ ରାଜ୍ୟରେ ଶିଳ୍ପସଂସ୍ଥା ସ୍ଥାପନ କରିବାକୁ ଚାହୁଁଥିବା କମ୍ପାନୀଗୁଡ଼ିକୁ ବିନା ମୂଲ୍ୟ ଓ ଲିଜ୍ ଜରିଆରେ ଜମି ଦେଲେ ଶିଳ୍ପ ସ୍ଥାପନ ପ୍ରକ୍ରିୟା ଆହୁରି ତ୍ୱରାନ୍ୱିତ ହୋଇପାରିବ ବୋଲି ସେ କହିଛନ୍ତି।

ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ୨୦୨୯ ସୁଦ୍ଧା ଦେଶ ଭିତରୁ ୨.୫ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ହାସଲ କରିବାକୁ ଲକ୍ଷ୍ୟ ରଖାଯାଇଥିଲାବେଳେ ୨ ବିଲିଅନ ଡଲାର ଏଫ୍‌ଡିଆଇ ଆଣିବାର ମଧ୍ୟ ଯୋଜନା ରହିଛି।

ଶିଳ୍ପ ବିଭାଗର ପ୍ରମୁଖ ସଚିବ ହେମନ୍ତ କୁମାର ଶର୍ମା କହିଥିଲେ, ଶିଳ୍ପାୟନ ନିଯୁକ୍ତି ସୃଷ୍ଟି ଭିତ୍ତିକ ହେବା ଦରକାର। ଯେଉଁ ପ୍ରକାର ଶିଳ୍ପସଂସ୍ଥା ସ୍ଥାପନ ହେଉ ନା କାହିଁକି ତାହା ନିଯୁକ୍ତି ସୁଯୋଗ ସୃଷ୍ଟିକରିବା ଦରକାର ବୋଲି ସେ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି।

ୟୁସିସିଆଇଏଲ୍ ସଭାପତି ଡ. ବ୍ରହ୍ମା ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ ସହ ଚାମ୍ବରର ଇତିହାସ ଓ କାର୍ଯ୍ୟଧାରା ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଏପରିକି ଏହି ଟ୍ରେଡ୍ ଶୋ'ରେ ଆୟୋଜନ ହେବାକୁ ଥିବା ବିଭିନ୍ନ କର୍ମଶାଳା ଓ ସେମିନାରରୁ ଯେଉଁ ନିଷ୍କର୍ଷ ବାହାରିବ, ତାହାକୁ ନେଇ ଏକ ଶ୍ୱେତପତ୍ର ପ୍ରସ୍ତୁତକରି ରାଜ୍ୟ ସରକାରଙ୍କ ବିଚାର ଲାଗି ଉପସ୍ଥାପନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ଏହି ଅବସରରେ ନାଲ୍‌କୋ ସିଏମ୍‌ଡି ଶ୍ରୀଧର ପାତ୍ର, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ଡାଇରେକ୍ଟର ଅତନୁ ଭୌମିକ, ୱେଲ୍‌ସ୍ପନ ଅଧ୍ୟକ୍ଷ ଚିନ୍ତନ ଠାକର, ଆଦିତ୍ୟ ବିର୍ଲା ଗ୍ରୁପ୍ ଅଧ୍ୟକ୍ଷ ଅର୍ଦ୍ଧେନ୍ଦୁ ମହାପାତ୍ର, ରିସର୍ଜେଣ୍ଟ ଓଡ଼ିଶା-୨୦୨୪ ସଭାପତି ପ୍ରବୋଧ ମହାନ୍ତି, ଏମ୍‌ସିଏଲ୍ ନିର୍ଦ୍ଦେଶକ (ଫାଇନାନ୍ସ) ଅଜିତ କୁମାର ବେହୁରା, ରାଉରକେଲା ଷ୍ଟିଲ ପ୍ଲାଣ୍ଟର ପୂର୍ବତନ ଏମ୍‌ଡି ଡା. ସନକ ମିଶ୍ର, ୟୁଏସ୍‌ଏର ଗୋବର୍ଦ୍ଧନ ପଟେଲ, କିସ୍ ଚାନ୍‌ସେଲର ଏବଂ ଏକ ସ୍ଥାୟୀ ବିଶ୍ୱ ପାଇଁ ବିଶ୍ୱସ୍ତରୀୟ ଚୁକ୍ତି, ୟୁଏନ୍‌ଇପି ସେକ୍ରେଟାରି ଜେନେରାଲ ସତ୍ୟସୁନ୍ଦର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଟାଟା ଷ୍ଟିଲ୍‌କୁ ବେଷ୍ଟ ସିଏସ୍‌ଆର୍ ପୁରସ୍କାର




**ଭୁବନେଶ୍ୱର,୩୦।୮ (ଅଭୟ ଦାଶ)**

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଟାଟା ଗ୍ରୁପ୍‌ର ଅଗ୍ରଣୀ କମ୍ପାନୀ ଟାଟା ଷ୍ଟିଲ୍‌କୁ ନିକଟରେ ଆଉ ଏକ ଜାତୀୟସ୍ତର ସମ୍ମାନ 'ବେଷ୍ଟ ସିଏସ୍‌ଆର୍ ପୁରସ୍କାର' ପ୍ରଦାନ କରାଯାଇଛି। ବିଶେଷକରି କମ୍ପାନୀର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶାର ସୁନ୍ଦରଗଡ଼ ଏବଂ କେନ୍ଦୁଝର ଜିଲା ସୀମାନ୍ତବର୍ତ୍ତୀ କଳମଙ୍ଗ ଏବଂ ଗନ୍ଧଲପଦା ଅଞ୍ଚଳରେ କମ୍ପାନୀର ଗୋଷ୍ଠୀ କଲ୍ୟାଣ କାର୍ଯ୍ୟ ପାଇଁ ଟାଟା ଷ୍ଟିଲ୍‌କୁ ଏହି ସମ୍ମାନ ମିଳିଛି। ସେହିଭଳି ୟୁବିଏସ୍ ଫୋରମ୍ ପକ୍ଷରୁ ନୂଆଦିଲ୍ଲୀଠାରେ ଆୟୋଜିତ ଏକାଦଶ ସିଏସ୍‌ଆର୍ ସମ୍ମିଳନୀ-୨୦୨୪ ଓ ସମ୍ମାନ ସମାରୋହରେ ଟାଟା ଷ୍ଟିଲ୍‌କୁ 'ବେଷ୍ଟ ସିଏସ୍‌ଆର୍ ଟିମ୍ ଅଫ୍ ଦି ଇୟର'ପୁରସ୍କାର ପ୍ରଦାନ କରାଯାଇଛି।

ଏ ସମ୍ପର୍କରେ ଟାଟା ଷ୍ଟିଲ୍‌ର ଚିଫ୍ ସିଏସ୍‌ଆର୍ ସୌରଭ ରୟ କହିଛନ୍ତି, ଏହି ପୁରସ୍କାର ଆମର କାର୍ଯ୍ୟକୁ ସ୍ୱୀକୃତି ଦେଉଥିଲାବେଳେ ସାମଗ୍ରିକ ବିକାଶ ଦିଗରେ ଆମର ପ୍ରତିବଦ୍ଧତାର ପ୍ରମାଣ ବୋଲି ଆମେ ବିଶ୍ୱାସ କରୁଛୁ। ଏପରିକି ସର୍ବଦା ଏକ ସମାନତା ସମାଜ ସୃଷ୍ଟିକରିବାକୁ ଆମେ ସର୍ବଦା ଚେଷ୍ଟା କରି ଆସୁଛୁ।

# ସୁଲଭ ମୂଲ୍ୟରେ ଭରସାଯୋଗ୍ୟ ୱାଇ-ଫାଇ ସେବା

**ଭୁବନେଶ୍ୱର,୩୦।୮ (ଅଭୟ ଦାଶ)**

ଦେଶର ପ୍ରମୁଖ ଘରୋଇ ଟେଲିକମ୍ ସେବା ପ୍ରଦାନକାରୀ କମ୍ପାନୀ ଭାରତୀ ଏୟାରଟେଲ୍ (ଏୟାରଟେଲ୍)ର ସେବା ସମ୍ପ୍ରସାରଣ ସହ ଓଡ଼ିଶାର ସମସ୍ତ ୩୦ଟି ଜିଲାରେ ବ୍ରାଣ୍ଡର ହୋମ୍ ୱାଇ-ଫାଇ ସେବାକୁ ବିସ୍ତାର କରିଛି। ଏପରିକି ଏହି ସମ୍ପ୍ରସାରଣ ଦ୍ୱାରା ରାଜ୍ୟରେ ଅତିରିକ୍ତ ୧ନିୟୁତ ନୂଆ ପରିବାର ସାମିଲ ହୋଇପାରିବେ ବୋଲି କମ୍ପାନୀ ପକ୍ଷରୁ ଆକଳନ କରାଯାଇଛି। ସେହିଭଳି ଏୟାରଟେଲ ୱାଇ-ଫାଇ ଜରିଆରେ ଗ୍ରାହକ କେବଳ ହାଇସ୍ପିଡ୍ ବା ଭରସାଯୋଗ୍ୟ ୱେୟାରଲେସ୍ ଇଣ୍ଟରନେଟ୍ ସେବା ନୁହେଁ ବରଂ ଅସୀମିତ ଷ୍ଟ୍ରିମିଂ, ୨୨ରୁ ଅଧିକ ଓଟିଟିଏସ୍ ସେବା ଏବଂ ୩୫୦ରୁ ଊର୍ଦ୍ଧ୍ୱ ଟିଭି ଚ୍ୟାନେଲ ସମେତ ଅନ୍ୟାନ୍ୟ ସୁବିଧା ମଧ୍ୟ ପାଇପାରିବେ। ଏପରିକି ଗ୍ରାହକମାନେ ଏୟାରଟେଲ ଥ୍ୟାଙ୍କସ୍ ଆପ୍ ବ୍ୟବହାର କରି ଅର୍ଡର ଦେବା କିମ୍ବା ୮୧୩୦୧୮୧୩୦୧କୁ କଲ୍ କରି ଏୟାରଟେଲ୍ ୱାଇ-ଫାଇ ବୁକ୍ କରିପାରିବେ।

ଏ ସମ୍ପର୍କରେ ଭାରତୀ ଏୟାରଟେଲର ଓଡ଼ିଶା ସିଓଓ ବାଲାଜୀ ଆର୍ ସିଂହ କହିଛନ୍ତି, ବ୍ରାଣ୍ଡର ୱାଇ-ଫାଇ ସେବା ବର୍ତ୍ତମାନ ଓଡ଼ିଶାର କୋଣ ଅନୁକୋଣରେ ପହଞ୍ଚିଛି। ଏପରିକି ଏୟାରଟେଲ୍ ୱାଇ-ଫାଇ ଜରିଆରେ ଗ୍ରାହକମାନେ ସୁଲଭ ମୂଲ୍ୟରେ ଭରସାଯୋଗ୍ୟ ହାଇସ୍ପିଡ୍ ୱୟାରଲେସ୍ ୱାଇ-ଫାଇ ସେବା ସମେତ ଅନେକ ମନୋରଞ୍ଜନର ବିକଳ୍ପ ମାସକୁ ପ୍ରାୟ ୬୯୯ ଟଙ୍କାରୁ ଆରମ୍ଭ କରିପାରିବେ।

# ଇଭି ପ୍ଲାଟ୍‌ଫର୍ମ 'ଇଭିଫିନ୍'ର ଶୁଭାରମ୍ଭ

**ନୂଆଦିଲ୍ଲୀ,୩୦।୮ (ଅଭୟ ଦାଶ)**

ଦେଶର ପ୍ରମୁଖ ଘରୋଇ ଆର୍ଥିକ ସଂସ୍ଥା ତଥା ଏକ ଅଣ ବ୍ୟାଙ୍କିଙ୍ଗ୍ ଫାଇନାନ୍ସିଆଲ କମ୍ପାନୀ (ଏନ୍‌ବିଏଫ୍‌ସି) ଗ୍ରୀଭ୍‌ସ ଫାଇନାନ୍ସ ଲିମିଟେଡ୍ ଭୁବନେଶ୍ୱରରେ ଏକ ଇଭି-ପ୍ରାଧାନ୍ୟକାରୀ ପ୍ଲାଟ୍‌ଫର୍ମ 'ଇଭିଫିନ୍'ର ଶୁଭାରମ୍ଭ କରିଛି। ଏପରିକି ଇଭିଫିନ୍ ଭାରତର ପ୍ରଥମ ଇଭି ଗ୍ରାହକ ଆର୍ଥିକ ପ୍ଲାଟ୍‌ଫର୍ମ ହୋଇଥିଲାବେଳେ ବୈଦ୍ୟୁତିକ ଯାନ ତଥା ଅନ୍ୟାନ୍ୟ ସ୍ଥାୟୀ ସମାଧାନ ଦିଗରେ ଏହା ଉତ୍ସର୍ଗୀକୃତ ସେବା ପ୍ରଦାନ କରିଥାଏ ; ଯାହାକି ଆଧୁନିକ ଡିଜିଟାଲ ସୁଟ୍ ତଥା ନବୀକରଣୀୟ ସମ୍ପତ୍ତି ପରିଚାଳନା ସମାଧାନକୁ ସହାୟତା ପ୍ରଦାନ କରିଥାଏ। ସେହିଭଳି ବୈଦ୍ୟୁତିକ ଚଳମାନର ତ୍ୱରାନ୍ୱିତ ସ୍ଥିତିକୁ ଆହୁରି ଆଗକୁ ନେଇ ଭୁବନେଶ୍ୱର ଏକ ଅଗ୍ରଗାମୀ ସହର ଭାବେ ଏହି ଆର୍ଥିକ ପଦକ୍ଷେପକୁ ଅଧିକ ରୂପାନ୍ତରୀକରଣ କରିପାରିଛି। ସେହିପରି ଇଭିଫିନ୍ ଗ୍ରାହକମାନଙ୍କ ଗ୍ରହଣୀୟତାକୁ ଦୃଷ୍ଟିରେ ରଖି ବିବିଧ ପ୍ରକାର ଆର୍ଥିକ ସମାଧାନର ବାଟ ପ୍ରଶସ୍ତ କରିପାରିଛି। ଏହା ମଧ୍ୟରେ ବ୍ୟକ୍ତିଗତ ଆବଶ୍ୟକତା, ବୈଦ୍ୟୁତିକ ଯାନ ମାଲିକାନାର ଅଭିଜ୍ଞତା, ସୁବିଧା ଗୁଡ଼ିକର ବୃଦ୍ଧି ସହିତ ବ୍ୟାପକ ଇଭି ମାଲିକତ୍ୱର ଅନୁରୋଧ ମଧ୍ୟ ସାମିଲ ରହିଛି।

# ଆଖୁରସରୁ ଇଥାନଲ୍ ପ୍ରସ୍ତୁତି ଉପରୁ କଟକଣା ଉଠିଲା

**ଭୁବନେଶ୍ୱର,୩୦।୮ (ଅନୁରାଧା ମହାରଣା)**

ଚିନି ମିଲ୍ କ୍ଷେତ୍ରରେ ଏକ ଆଶ୍ୱସ୍ତିକର ଖବର ଆସିଛି। ସରକାର ଗତ ବର୍ଷ ଲଗାଇଥିବା କଟକଣାକୁ ପ୍ରତ୍ୟାହାରକରି ଇଥାନଲ୍ ଯୋଗାଣ ବର୍ଷ (ଇଏସ୍‌ୱାଇ) ୨୦୨୪-୨୫ରେ ଇଥାନଲ୍ ଉତ୍ପାଦନ ପାଇଁ ଆଖୁରସ ଏବଂ ଚିନି ସିରପ ବ୍ୟବହାରକୁ ଅନୁମତି ଦେଇଛନ୍ତି। ଘରୋଇ ବ୍ୟବହାର ପାଇଁ ପର୍ଯ୍ୟାପ୍ତ ଚିନି ଉପଲବ୍ଧତାକୁ ସୁନିଶ୍ଚିତ କରିବା ଏବଂ ମୂଲ୍ୟକୁ ନିୟନ୍ତ୍ରଣରେ ରଖିବା ପାଇଁ ଇଏସ୍‌ୱାଇ ୨୦୨୩-୨୪ ଡିସେମ୍ବରରେ ଇଥାନଲ ଉତ୍ପାଦନ ପାଇଁ ଆଖୁରସ କିମ୍ବା ଚିନି ସିରପ ବ୍ୟବହାର ଉପରେ କଟକଣା ଜାରି କରିଥିଲେ। ଖାଦ୍ୟ ମନ୍ତ୍ରଣାଳୟର ନିର୍ଦ୍ଦେଶରେ କୁହାଯାଇଛି ଯେ, ଚିନି ମିଲ୍ ଏବଂ ଡିଷ୍ଟିଲେରିରେ ଆଖୁ ଗୁଣ୍ଡ କିମ୍ବା ଚିନି ସିରପ, ବି-ହେଭି ଗୁଣ୍ଡ ଏବଂ ଇଏସ୍‌ୱାଇ ୨୦୨୪-୨୫ ପାଇଁ ସି-ଭାରି ଗୁଣ୍ଡ ଉତ୍ପାଦନ ଏବଂ ତୈଳ ମାର୍କେଟିଂ କମ୍ପାନୀ ସହ ଆବଣ୍ଟନ ଅନୁଯାୟୀ ଆବଶ୍ୟକ ହେବ। ଖାଦ୍ୟ ମନ୍ତ୍ରଣାଳୟ ଏବଂ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ସମୟ ସମୟରେ ଦେଶରେ ଚିନି ଉତ୍ପାଦନ ତଥା ଇଥାନଲ ଉତ୍ପାଦନ ପାଇଁ ଚିନି ବ୍ୟବହାରକୁ ସମୀକ୍ଷା କରିବେ, ଯାହା ଦ୍ୱାରା ଘରୋଇ ବ୍ୟବହାର ପାଇଁ ଚିନି ଉପଲବ୍ଧ ହେବ। ଏହାସହ ଫୁଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ (ଏଫ୍‌ସିଆଇ) ଭଣ୍ଡାରରୁ ଶସ୍ୟଭିତ୍ତିକ ଇଥାନଲ ଡିଷ୍ଟିଲେରିରେ ୨୩ ଲକ୍ଷ ଟନ ଚାଉଳ ବିକ୍ରି କରିବାକୁ ସରକାର ଅନୁମୋଦନ କରିଛନ୍ତି। ଗତ ବର୍ଷ ଏହା ଉପରେ ଲଗାଯାଇଥିବା କଟକଣା ମଧ୍ୟ ହଟାଇଦିଆଯାଇଛି। ଏକ ନିର୍ଦ୍ଦେଶ ଅନୁଯାୟୀ ଖାଦ୍ୟ ମନ୍ତ୍ରଣାଳୟ ଇଥାନଲ ଉତ୍ପାଦକମାନଙ୍କୁ ମୁକ୍ତ ବଜାର ବିକ୍ରୟ ଯୋଜନା (ଓଏମ୍‌ଏସ୍‌ଏସ୍) ଅନ୍ତର୍ଗତ ଇ-ନିଲାମରେ ଅଂଶଗ୍ରହଣ କରିବାକୁ ଏବଂ ୨୦୨୪ ଅଗଷ୍ଟରୁ ଅକ୍ଟୋବର ମଧ୍ୟରେ ଚାଉଳ କିଣିବାକୁ ଅନୁମତି ଦେଇଛି।

## ଫୁର୍‌ସତ୍

# ହଲିଉଡ୍ ଗୁରୁଙ୍କୁ ବାହାହେବେ ନରୱେ ରାଜକୁମାରୀ



**ଓସ୍‌ଲୋ**

ନରୱେ ରାଜକୁମାରୀ ମାର୍ଥା ଲୁଇସ୍ ଚଳିତ ସପ୍ତାହାନ୍ତରେ ହଲିଉଡ୍ ଗୁରୁ ତଥା ନିଜକୁ ଯାଦୁକର ବୋଲି ଦାବି କରୁଥିବା ଆମେରିକୀୟ ପ୍ରେମିକ ଡୁରେକ୍ ଭେରେଟଙ୍କୁ ବିବାହ କରିବାକୁ ଯାଉଛନ୍ତି। ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳ ଗେଇରାଙ୍ଗରଠାରେ ଏହି ବିବାହ ଉତ୍ସବ ଅନୁଷ୍ଠିତ ହେବ। ଆଲେସଣ୍ଡସ୍ଥିତ ଐତିହାସିକ ହୋଟେଲରେ 'ମିଟ୍ ଆଣ୍ଡ ଗ୍ରୀଟ୍' କାର୍ଯ୍ୟକ୍ରମରୁ ବିବାହ ଉତ୍ସବ ଆରମ୍ଭ ହେବ। ଏଥିରେ ସୁଇଡେନ୍ ରାଜପରିବାର ସଦସ୍ୟ,ଆମେରିକୀୟ ଟିଭି ବ୍ୟକ୍ତିତ୍ୱଙ୍କ ସମେତ ଶତାଧିକ ଅତିଥି ଯୋଗଦେବେ। ବିବାହ କାର୍ଯ୍ୟକ୍ରମରେ ଏକ ସୁଦୃଶ୍ୟ ବୋଟ୍ ଭ୍ରମଣକୁ ସାମିଲ କରାଯାଇଛି। ଉକ୍ତ ବୋଟ୍‌ରେ ଫୋର୍ଡରୁ ଗେଇରାଙ୍ଗର ଯାତ୍ରା ପରେ ନବଦମ୍ପତିଙ୍କ ମଧ୍ୟରେ ପ୍ରତିଜ୍ଞା ବିନିମୟ ହେବ।

୫୨ ବର୍ଷୀୟା ପ୍ରିନ୍ସ ମାର୍ଥା ଲୁଇସ୍ ନରୱେ ରାଜା ହେରାଲ୍ଡ ପଞ୍ଚମଙ୍କ ଜ୍ୟେଷ୍ଠ ସନ୍ତାନ ହୋଇଥିବାବେଳେ ସେ ଏକଦା ଅଶ୍ୱାରୋହୀ ପ୍ରତିଦ୍ୱନ୍ଦ୍ୱୀ ଥିଲେ। ୪୯ ବର୍ଷୀୟ ଭେରେଟ ହଲିଉଡ୍‌ର ଆଧ୍ୟାତ୍ମିକ ଗୁରୁ ଭାବେ ପରିଚିତ। ୨୦୨୦ରେ ଭାନିଟି ଫେୟାର ସହ ଏକ ସାକ୍ଷାତ୍‌କାରରେ ଭେରେଟ କହିଥିଲେ, ୨୮ ବର୍ଷ ବୟସରେ ତାଙ୍କର ୪ ମିନିଟ୍ ପାଇଁ ମୃତ୍ୟୁ ଘଟିଥିଲା। ସେ ସଂଜ୍ଞାହୀନ ହୋଇଯିବା ସହ ତାଙ୍କର ସବୁ ଅଙ୍ଗ ନିସ୍ତେଜ ହୋଇଯାଇଥିଲା। ତାଙ୍କୁ ଜଳନ୍ତା ଛୁରିରେ ଭୁସାଯାଉଥିବା ସେ ଅନୁଭବ କରିଥିଲେ ଏବଂ ପଳାଇଯିବା ପାଇଁ ତାଙ୍କ ଜେଜେମା'ଙ୍କ ପ୍ରେତାତ୍ମା କହୁଥିବା ଶୁଣିବାକୁ ପାଇଥିଲେ। ୪ ମିନିଟ୍ ପରେ ସେ ପୁନର୍ଜନ୍ମ ପାଇଥିବା ଦାବି କରନ୍ତି। ତେବେ ସେବେଠାରୁ ୨ ମାସ ସେ କୋମାରେ ରହିଥିଲେ ଏବଂ ୮ ବର୍ଷ ପର୍ଯ୍ୟନ୍ତ ଡାଏଲିସିସ୍ ହୋଇଥିଲା। ୨୦୧୨ରେ ତାଙ୍କ ଭଉଣୀ ତାଙ୍କୁ କିଡ୍‌ନୀ ଦାନ କରିଥିଲେ। ଏହା ପରେ ଭେରେଟ ଆଧ୍ୟାତ୍ମିକ ଦିଗରେ ମନ ବଳାଇଥିଲେ। ସେ ଜଣେ ଆଫ୍ରିକୀୟ-ଆମେରିକୀୟ ଆଧ୍ୟାତ୍ମିକ ଗୁରୁ ଯିଏ ନିଜକୁ ଗିନେଥ ପାଲ୍‌ଟ୍ରୋ ଏବଂ ଆଣ୍ଟୋନିଓ ବାନ୍ଦେରାସ୍‌ଙ୍କୁ ତାଙ୍କର ଶିଷ୍ୟ ବିବେଚନା କରିଥାନ୍ତି।

# ପୁଣି ଖଳନାୟକ ଭୂମିକାରେ ରାଘବ



**ମୁମ୍ବାଇ**

ଜଣେ ଡ୍ୟାନ୍ସର ଭାବେ କ୍ୟାରିୟର ଆରମ୍ଭ କରିଥିବା ରାଘବ ଜୁୟାଲ ଏବେ ସମସ୍ତଙ୍କ ପସନ୍ଦର ଭିଲେନ୍ ବା ଖଳନାୟକ। ନିଜର ବଳିଷ୍ଠ ଅଭିନୟ ଜରିଆରେ ଦର୍ଶକମାନଙ୍କୁ ସେ ଆକୃଷ୍ଟ କରିପାରିଛନ୍ତି। ନିକଟରେ ରିଲିଜ ହୋଇଥିବା 'କିଲ୍' ଚଳଚ୍ଚିତ୍ରରେ ସେ ଖଳନାୟକ ଭୂମିକାରେ ନଜର ଆସିଥିଲେ, ଯେଉଁଥିରେ ତାଙ୍କ ଅଭିନୟ ବେଶ୍ ପ୍ରଶଂସା ସାଉଁଟିଥିଲା। ଏହାରି ମଧ୍ୟରେ ଆଗକୁ ରିଲିଜ ହେବାକୁ ଯାଉଛି ତାଙ୍କର ଆଉ ଏକ ଚଳଚ୍ଚିତ୍ର 'ୟୁଧ୍ରା'। ଏଥିରେ ମଧ୍ୟ ସେ ଆଙ୍ଗ୍ରି ୟଙ୍ଗ୍ ଷ୍ଟାଇଲିସ୍ ଖଳନାୟକ ଭୂମିକାରେ ନଜର ଆସିବେ। ସିନେମାରେ କ୍ୟାରିୟର ଆରମ୍ଭରୁ ଖଳନାୟକ ଚରିତ୍ରରେ ନଜର ଆସିବା ପ୍ରଶ୍ନରେ ସେ କହିଛନ୍ତି ବଲିଉଡ୍‌ର ବାଦଶାହା ଶାହାରୁଖ ଖାନ୍ ମଧ୍ୟ ଆରମ୍ଭରୁ ଖଳନାୟକ ଚରିତ୍ରରେ ଅଭିନୟ କରିଥିଲେ। 'କିଲ୍' ବ୍ୟତୀତ ୱେବ୍‌ସିରିଜ 'ଅଭୟ-୨'ରେ ମଧ୍ୟ ରାଘବ ଖଳନାୟକ ଭୂମିକାରେ ନଜର ଆସିଥିଲେ। ଏଥିରେ ମଧ୍ୟ ତାଙ୍କ ଅଭିନୟକୁ ବେଶ୍ ପ୍ରଶଂସା କରାଯାଇଥିଲା।



# ସନ୍ଦେହ ସୃଷ୍ଟି କଲା ଅଢ଼େଇ କେଜି ସୁନା, ୮୦ କେଜି ରୁପା

ଭୁବନେଶ୍ୱର,୩୦।୮ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦର ନିକଟରୁ ବିପୁଳ ପରିମାଣର ସୁନା ଓ ରୁପା ଜବତ ଘଟଣାକୁ ନେଇ ବାଣିଜ୍ୟ କର ଏବଂ ଦ୍ରବ୍ୟ ଓ ସେବା କର(ସିଟି ଆଣ୍ଡ ଜିଏସ୍‌ଟି) ତଦନ୍ତ ଚଳାଇଛି। ତେବେ ଏହି ଘଟଣାକୁ ନେଇ ୪ଦିନ ବିତିଥିବାବେଳେ ଏବେ ବି ମାମଲାକୁ ନେଇ ରହସ୍ୟ ଲାଗି ରହିଛି। ଇତିମଧ୍ୟରେ ରାଜ୍ୟର ୨୦ଟି ଅଳଙ୍କାର ଶୋ'ରୁମ୍ ମାଲିକ ନିଜ ବୈଧ କାଗଜପତ୍ର ଦେଖାଇ ସେମାନଙ୍କ ସୁନା ଓ ରୁପା ନେଇଛନ୍ତି। ହେଲେ ବାକି ଅଢ଼େଇ କେଜି ସୁନା ଓ ୮୦ କେଜି ରୁପା ମାଲିକଙ୍କ ତଥ୍ୟ ମିଳୁ ନ ଥିବା ଜଣାପଡ଼ିଛି। ଏହି ସୁନା ଓ ରୁପାର ଏଯାଏ ଦାବିଦାର ନ ଆସିବାରୁ ଏହାକୁ ନେଇ ସନ୍ଦେହ ବଢ଼ିବାରେ ଲାଗିଛି। ତେବେ ଏହି ମାମଲାରେ ଆଉଏକ ଦିଗ ମଧ୍ୟ ସାମ୍ନାକୁ ଆସିଛି। ବିମାନବନ୍ଦର ନିକଟରୁ ଅଗଷ୍ଟ ୨୬ରେ ଜବତ ବେଳେ ଦୁଇଟି ଲଜିଷ୍ଟିକ୍ ଭ୍ୟାନ୍‌ରୁ ପ୍ରଥମେ ୫୦ କେଜି ସୁନା ଓ ୨୦୦ କେଜି

### ଇ-ୱେ ବିଲ୍ ଏବଂ ଓଜନ ପାର୍ଥକ୍ୟକୁ ନେଇ ପ୍ରଶ୍ନବାଚୀ




ରୁପା ମିଳିଥିବା କୁହାଯାଉଥିଲା। ହେଲେ ଏବେ ଭିନ୍ନ ହିସାବ ଦେଖିବାକୁ ମିଳିଛି। ଇ-ୱେ ବିଲ୍‌ରେ ୮୭ କେଜି ସୁନା ଥିବା ଉଲ୍ଲେଖ ଥିବାବେଳେ ବକ୍ସ ଖୋଲିଲା ପରେ ୩୦ କେଜି ସୁନା ବାହାରିଥିଲା। ସେହିପରି ରୁପାର ଇ-ୱେ ବିଲ୍‌ରେ ୨ କୁଇଣ୍ଟାଲ ଉଲ୍ଲେଖ ଥିବାବେଳେ ବକ୍ସ ଖୋଲିବା ପରେ ଦେଢ଼ କୁଇଣ୍ଟାଲ ମିଳିଥିଲା। ତେବେ ଇ-ୱେ ବିଲ୍ ଏବଂ ଓଜନର ପାର୍ଥକ୍ୟକୁ ନେଇ ଏବେ ସନ୍ଦେହ ସୃଷ୍ଟି ହୋଇଛି। ସୁନା ଓ ରୁପା ଉପରେ ଟିକସ ଫାଙ୍କିବା ଉଦ୍ଦେଶ୍ୟରେ ଏହା ଚୋରା ଚାଲାଣ ହେଉଥିଲା ବୋଲି ତଦନ୍ତ ସଂସ୍ଥା ଜାଣିବାକୁ ପାଇଛି। ଅନ୍ୟପକ୍ଷରେ ଯେଉଁ ନାମରେ ଅଢ଼େଇ କେଜି ସୁନା ଓ ୮୦ କେଜି ରୁପା ଓଡ଼ିଶା ଆସିଛି, ସେଭଳି କୌଣସି ଗହଣା ଦୋକାନ କିମ୍ବା ମାଲିକ ନ ଥିବା ସିଟି ଜିଏସ୍‌ଟି ଜାଣିବାକୁ ପାଇଛି। ତେଣୁ ଏହି ବାକି ସୁନା କାହା ପାଖକୁ ଯାଇଥାନ୍ତା ବୋଲି ପ୍ରଶ୍ନ ଉଠିଛି। ପରିଚୟ ନ ଥିବା ଏହି ରୁପା ଓ ସୁନାର ଦାବିଦାରଙ୍କୁ ୪୮ ଘଣ୍ଟାର ସମୟ ଦେଇଛି ସିଟି ଜିଏସ୍‌ଟି। ତେବେ ଏହି ସମୟ ମଧ୍ୟରେ ଦାବିଦାର ନ ଆସିଲେ କିମ୍ବା ଲଜିଷ୍ଟିକ୍ ସଂସ୍ଥା ନିଜ ଆଡୁ ଟିକସ ଦାଖଲ ନ କଲେ, ସିଟି ଜିଏସ୍‌ଟି ପକ୍ଷରୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ଉକ୍ତ ସୁନା ଓ ରୁପାକୁ ଟ୍ରେଜେରି ଅଫିସକୁ ସିଟି ଜିଏସ୍‌ଟି ପଠାଇବ ବୋଲି ସୂଚନା ମିଳିଛି। ଏଥିସହ ଲଜିଷ୍ଟିକ୍ ସଂସ୍ଥା ଏବଂ ମୁମ୍ବାଇ ପ୍ରେରକ ଗହଣା ବ୍ୟବସାୟୀଙ୍କୁ ତଦନ୍ତ ପରିସରକୁ ଆଣି ସିଟି ଜିଏସ୍‌ଟିନ୍ ଏନେଇ ଛାନଭିନ୍ ଚଳାଇଥିବା ଜଣାପଡ଼ିଛି।

# କନିଷ୍ଠ କିରାଣିଙ୍କର କୋଟିଏ ଟଙ୍କାର ମାର୍କେଟ କମ୍ପ୍ଲେକ୍ସ

ବାଲେଶ୍ୱର, ୩୦।୮ (ବାଞ୍ଛାନିଧି ଦେ)

### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଚଢ଼ାଉ





କନିଷ୍ଠ କିରାଣି ପ୍ରଦୀପ କୁମାର ଦାସ ଓ ଅଙ୍ଗାରଗଡ଼ିଆସ୍ଥିତ ତାଙ୍କ ତିନି ମହଲା କୋଠା।

ବାଲେଶ୍ୱର ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କନିଷ୍ଠ କିରାଣି ଭାବେ କାର୍ଯ୍ୟରତ ପ୍ରଦୀପ କୁମାର ଦାସ ଠୁଳ କରିଛନ୍ତି ପୁଳା ପୁଳା ସମ୍ପତ୍ତି। ଏହା ମଧ୍ୟରେ ରହିଛି ଏକ ଆଖିଦୃଶିଆ ମାର୍କେଟ କମ୍ପ୍ଲେକ୍ସ। ଏହାର ଦାମ୍ ୧କୋଟିଟଙ୍କାରୁ ଅଧିକ ହେବ। ଏହି ଦୁଇ ମହଲା ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସ ଶେରଗଡ଼ ବଜାରରେ ଥିବାବେଳେ ଏଥିରେ ୨୦ଟି ଦୋକାନ ଘର ରହିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ଶୁକ୍ରବାର ଚଢ଼ାଉ କରାଯିବା ପରେ ଏଭଳି ରୋଚକ ତଥ୍ୟ ସାମ୍ନାକୁ ଆସିଛି।

କନିଷ୍ଠ କିରାଣି ଦାସଙ୍କ ଦରମା ସେମିତି କିଛି ବେଶି ନୁହେଁ। ହେଲେ ଥାଟ ବାଟ ବେଶ ଭଲ। ଫାଇଲ ଚାଲେ ତାଙ୍କର ହୁକୁମ୍‌ରେ। ରାଜ୍ୟ ଦୁର୍ନୀତି ବିଭାଗ ନିକଟରେ ତାଙ୍କ ବିରୋଧରେ ବାରମ୍ବାର ଅଭିଯୋଗ ହେବା ପରେ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ୬ଟି ଟିମ୍ ପକ୍ଷରୁ ବାଲେଶ୍ୱର ସହରର ଅଙ୍ଗାରଗଡ଼ିଆସ୍ଥିତ ତିନି ମହଲା କୋଠା ସମେତ ଏକକାଳୀନ ୬ଟି ସ୍ଥାନରେ ଚଢ଼ାଉ କରାଯାଇଛି। ଅଙ୍ଗାରଗଡ଼ିଆ ଘର, ଖନ୍ତାପଡ଼ାର ଭୂଇଁପଡ଼ାରେ ଥିବା ପୈତୃକ ଘର, ଭୂଇଁପଡ଼ାରେ ସମ୍ପର୍କୀୟଙ୍କ ଘର, କାହାଲିଆରେ ଥିବା ସମ୍ପର୍କୀୟଙ୍କ ଘର, ଶେରଗଡ଼ରେ ଥିବା ମାର୍କେଟ କମ୍ପ୍ଲେକ୍ସ ସହ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ତାଙ୍କ କାର୍ଯ୍ୟାଳୟରେ ଚଢ଼ାଉ ହୋଇଥିଲା। ଭିଜିଲାନ୍ସ ଏସ୍‌ପି ନରହରି ନାୟକଙ୍କ ନିର୍ଦ୍ଦେଶକ୍ରମେ ଆଡିଶନାଲ ଏସ୍‌ପି ହରେକୃଷ୍ଣ ମାଝୀଙ୍କ ନେତୃତ୍ୱରେ ୨ଜଣ ଅତିରିକ୍ତ ଏସ୍‌ପି, ୪ ଡିଏସ୍‌ପି, ୭ ଇନ୍ସପେକ୍ଟର, ୫ ଜଣ ଏଏସ୍‌ଆଇ ଓ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ। ଅଙ୍ଗାରଗଡ଼ିଆସ୍ଥିତ ଘର ପ୍ରାୟ ୩୭୦୦ସ୍କୋୟାର ଫୁଟ୍ ଓ ଶେରଗଡ଼ ମାର୍କେଟ କମ୍ପ୍ଲେକ୍ସ ୪ହଜାର ସ୍କୋୟାଫୁଟ୍ ଅଞ୍ଚଳରେ ତିଆରି ହୋଇଛି। ସହର ଓଥା ନିକଟବର୍ତ୍ତୀ ଅଞ୍ଚଳରେ ତାଙ୍କର ୬ଟି ମୂଲ୍ୟବାନ ପ୍ଲଟ ଅଛି। ଭିଜିଲାନ୍ସର ବୈଷୟିକ ଟିମ୍ ପକ୍ଷରୁ ଏହି ପ୍ଲଟଗୁଡ଼ିକର ମାପଚୁପ ଓ ମୂଲ୍ୟାୟନ ଜାରି ରହିଛି। ଏଥିସହିତ ତାଙ୍କ ବ୍ୟାଙ୍କ, ବୀମା ଓ ପୋଷ୍ଟାଲ ଜମା ସହ ଅନ୍ୟାନ୍ୟ ନିବେଶ ରହିଛି। ୨ଟି ଦୁଇ ଚକିଆ ଯାନ ଠାବ ହୋଇଛି। ଦାସଙ୍କୁ ଭିଜିଲାନ୍ସ ଅଫିସକୁ ଅଣାଯାଇ ଜେରା ଆରମ୍ଭ ହୋଇଛି। ଏହି ମାମଲାରେ ଭିଜିଲାନ୍ସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି। ପୂରା ଯାଞ୍ଚ ପରେ ଦାସଙ୍କର ମୋଟ ସମ୍ପତ୍ତି ସମ୍ପର୍କରେ ସବିଶେଷ ତଥ୍ୟ ଆସିପାରିବ।

# ୧୦ ଦିନରେ ରାଜ୍ୟରୁ ୧୬୦୭ ଗିରଫ

### ଦେଶୀମଦ ଧରପଗଡ଼

ଭୁବନେଶ୍ୱର,୩୦।୮ (ସୂର୍ଯ୍ୟକାନ୍ତ ବେହେରା)

ରାଜ୍ୟରେ ଦେଶୀମଦ ଉପରେ ଜୋର୍‌ଦାର ଚଢ଼ାଉ କରାଯାଉଛି। ଅବକାରୀ କମିଶନର ନରସିଂହ ଭୋଳଙ୍କ ନିର୍ଦ୍ଦେଶକ୍ରମେ ବେଆଇନ ମଦ ଭାଟି ଭଙ୍ଗାଯିବା ସହ ମଦ ବେପାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ୧୦ ଦିନରେ ହୋଇଥିବା ଏହି ଚଢ଼ାଉରେ ୨୮୭୮ ଅବକାରୀ ମାମଲା ରୁଜୁ କରାଯିବା ସହ ୧୬୦୭ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହାସହ ୧,୪୮,୨୨୫ ଲିଟରଦେଶୀରନ୍ଧାମଦଓ୧୩,୬୯,୩୮୦ କିଗ୍ରା ପୋଚ ଜବତ ହୋଇଛି।

ସେହିପରି ବେଆଇନ ଭାବେ ମଦ ଚୋରା ଚାଲାଣରେ ବ୍ୟବହୃତ ୧୫୯ ଗାଡି ଜବତ ହୋଇଛି। ଏହାସହ ସରକାରୀ ଜାଗା ଓ ଜଙ୍ଗଲ ଜମିରେ ମଦଭାଟିକୁ ଚିହ୍ନଟ କରାଯାଇ ସେଗୁଡିକ ବୁଲ୍‌ଡୋଜର ଲଗାଇ ଭଙ୍ଗା ଯାଉଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ରେଷ୍ଟହାଉସ୍‌କୁ ଟେକି ନେଇ ମହିଳାଙ୍କୁ ଗଣବଳାତ୍କାର, ୩ ଗିରଫ

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/କାଳୀପଦା (ରାଜଶ୍ରୀ ପାଣିଗ୍ରାହୀ), ୩୦।୮

ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅଧୀନ ପନ୍ତେଇ ଫେରିଘାଟ ନିକଟରେ ଜଣେ ବିବାହିତା ମହିଳାଙ୍କୁ ୩ଜଣ ଯୁବକ ରେଷ୍ଟହାଉସ୍‌କୁ ଟେକି ନେଇ ଗଣବଳାତ୍କାର କରିଛନ୍ତି। ଗତ ୨୦ ତାରିଖ ସନ୍ଧ୍ୟାରେ ଏହି ଘଟଣା ଘଟିଛି। ପୀଡ଼ିତା ସୁସ୍ଥ ହୋଇ ବାଲିଆପାଳ ଥାନାରେ ଅଭିଯୋଗ କରିବା ପରେ ଘଟଣାର ପର୍ଦ୍ଦାଫାସ୍ ହୋଇଛି। ଏଥିରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ ପରେ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି।

ଅଭିଯୋଗ ଅନୁଯାୟୀ, ପୀଡ଼ିତା ମହିଳା ଗତ ୨୦ତାରିଖ ସନ୍ଧ୍ୟାରେ ଜୟରାମପୁରସ୍ଥିତ ବାପଘରୁ ଶାଶୁ ଘରକୁ ଯାଉଥିଲେ। ଏହି ସମୟରେ ଅନ୍ଧାରର ସୁଯୋଗ ନେଇ ସ୍ଥାନୀୟ ଅଞ୍ଚଳର ସୁରେନ୍ଦ୍ର ଦଳାଇ (୪୫), ସୁଜନ ଦଳାଇ (୩୭), ଗୋବିନ୍ଦ ଦଣ୍ଡପାଟ (୨୮) ପନ୍ତେଇ ଫେରିଘାଟର ଅଳ୍ପଦୂରରେ ଥିବା ରେଷ୍ଟହାଉସକୁ ଜବରଦସ୍ତ ଟେକି ନେଇଥିଲେ। ସେଠାରେ ରାତି ୩ଟା ଯାଏ ବଳାତ୍କାର କରିଥିଲେ। ଏହାପରେ ଅଭିଯୁକ୍ତମାନେ ଛାଡ଼ି ପଳାଇବା ପରେ ପୀଡ଼ିତା ସକାଳେ ଗୁରୁତର ଅବସ୍ଥାରେ ଘରକୁ ଫେରି ପରିବାର ଲୋକଙ୍କୁ ଜଣାଇଲେ। ସେ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଫେରିବା ପରେ ବାଲିଆପାଳ ଥାନାରେ ଅଭିଯୋଗ କରିଛନ୍ତି। ଶୁକ୍ରବାର ପୀଡ଼ିତା ମହିଳାଙ୍କ ବୟାନ ରେକର୍ଡ କରାଯିବା ସହିତ ଡାକ୍ତରୀପରୀକ୍ଷା କରାଯାଇଛି। ଅଭିଯୋଗକୁ ଭିତ୍ତି କରି ବାଲିଆପାଳ ପୋଲିସ ମାମଲା (ନଂ.୧୮୦ /୨୪) ରୁଜୁ କରି ଏସ୍‌ପି ଓ ଏସ୍‌ଡିପିଓଙ୍କ ନିର୍ଦ୍ଦେଶକ୍ରମେ ଦୁଇଟି ଟିମ୍ ଗଠନ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛନ୍ତି। ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ କୋର୍ଟଚାଲାଣ କରାଯାଇଛି।

# ଦେଓଗାଁ ପୂର୍ବତନ ଲ୍ୟାମ୍ପସ୍ ସମ୍ପାଦକଙ୍କୁ ଜେଲଦଣ୍ଡ

କେନ୍ଦୁଝର,୩୦।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

### ଋଣ ଛାଡ଼ରେ ସରକାରଙ୍କୁ କ୍ଷତି ପହଞ୍ଚାଇବା ମାମଲା

କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଶୁକ୍ରବାର ଋଣ ଛାଡ଼୍‌ରେ ଅଯଥା ଅନୁକମ୍ପା ଦେଖାଇ ସରକାରଙ୍କୁ କ୍ଷତି ପହଞ୍ଚାଇବା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ରଶ୍ମିତା ଦଳେଇ ଗୋଟିଏ ଦିନରେ ୨ଟି ଭିଜିଲାନ୍ସ ମାମଲାରେ ବିଚାର କରି ଦେଓଗାଁ ଲ୍ୟାମ୍ପସର ପୂର୍ବତନ ସମ୍ପାଦକ ଭାଗୀରଥି ଭୂୟାଁଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୩ବର୍ଷ ଲେଖାଏ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଶୁକ୍ରବାର ପ୍ରେସ ବିଜ୍ଞପ୍ତିରେ ଭିଜିଲାନ୍ସ ପକ୍ଷରୁ ଏଭଳି ସୂଚନା ଦିଆଯାଇଛି।

ମାମଲାର ବିବରଣୀ ଅନୁଯାୟୀ, ପୂର୍ବତନ ସମ୍ପାଦକ ଭୂୟାଁ ଋଣ ଛାଡ ଏବଂ ଋଣ ରିଲିଫ ସ୍କିମ ଅଧୀନରେ ସରକାରଙ୍କୁ ୧୩ ଲକ୍ଷ ୨୩ ହଜାର ୮୧ ଟଙ୍କା କ୍ଷତି ପହଞ୍ଚାଇଥିଲେ। ଉକ୍ତ ମାମଲାରେ ତାକୁ ୩ ବର୍ଷ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା ହୋଇଛି। ସେହିଭଳି ଅନ୍ୟ ଏକ ମାମଲାରେ ଋଣ ଛାଡ ଏବଂ ଋଣ ରିଲିଫ ସ୍କିମ ଅଧୀନରେ କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କକୁ ୩ ଲକ୍ଷ ୩୬ ହଜାର ୪୪୪ ଟଙ୍କା କ୍ଷତି ପହଞ୍ଚାଇଥିବାରୁ ୩ ବର୍ଷ ଜେଲ ସହ ୧୦ ହଜାର ଜରିମାନା ହୋଇଛି। ଏଥିସହ ତାଙ୍କ ପେନ୍‌ସନ୍ ବନ୍ଦ କରିବାକୁ ଭିଜିଲାନ୍ସ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଥିବା ବିଭାଗ ସୂଚନା ଦେଇଛି।

# କୋର୍ଟରେ ଶୁଣାଣିବେଳେ ବଳାତ୍କାର ପୀଡ଼ିତା ଅସୁସ୍ଥ

ସୁନ୍ଦରଗଡ଼,୩୦।୮ (ଜୟ ନାରାୟଣ ମେଷ୍ଟ୍ରି)

ସୁନ୍ଦରଗଡ଼ ଜିଲା ଓ ଦୌରାଜଜ୍‌ଙ୍କ କୋର୍ଟ ଭିତରେ ଶୁକ୍ରବାର ଏକ ବଳାତ୍କାର ମାମଲାର ଶୁଣାଣି ଚାଲିଥିଲାବେଳେ ପୀଡ଼ିତା ମହିଳା ଜଣକ ଅସୁସ୍ଥ ହୋଇପଡ଼ିଥିଲେ। ତୁରନ୍ତ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଟାଉନ ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ମାତ୍ରାଧିକ ପାରାସିଟାମଲ ବଟିକା ଖାଇଦେଇଥିବାରୁ ସେ ଅସୁସ୍ଥ ହୋଇପଡ଼ିଥିବା ଓ ବର୍ତ୍ତମାନ ସେ ସୁସ୍ଥ ଥିବା ଡାକ୍ତର କହିଛନ୍ତି। ସୂଚନା ଅନୁସାରେ, ପୀଡ଼ିତା ୨୦୨୧ ଏପ୍ରିଲରେ ସ୍ୱାମୀଙ୍କୁ ହତ୍ୟା ମାମଲାରେ ଜେଲ ଯାଇଥିଲେ। ଜେଲରୁ ଫେରିବା ପରେ ତାଙ୍କ ସହ ପ୍ରେମ ସମ୍ପର୍କରେ ଥିବା ପୁରୁଷବନ୍ଧୁ ତାଙ୍କୁ ବଳାତ୍କାର କରିଥିଲେ। ଏନେଇ ପୀଡ଼ିତା ଜଣଙ୍କ ତଳସରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପୁରୁଷ ବନ୍ଧୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଶୁକ୍ରବାର ଜିଲା ଦୌରାଜଜଙ୍କ କୋର୍ଟରେ ଏହି ମାମଲାର ଶୁଣାଣି ଚାଲିଥିବା ବେଳେ ଅପରାହ୍ନ ପ୍ରାୟ ସାଢ଼େ ୩ ଟାବେଳେ ଏଭଳି ଘଟଣା ଘଟିଥିଲା।


## ବିଜ୍ଞାପିତ ଅଞ୍ଚଳ ପରିଷଦ,ପୋଲସରା,ଗଞ୍ଜାମ

୧. ପରିଷଦର ଦେୟ ଯଥା ଘର, ଆଲୋକ ଓ ଜଳ ଟିକସ, ଦୋକାନ ଗୃହ ଓ ବ୍ୟବହାର ଟିକସ ଠିକ୍ ସମୟରେ ପୈଠ କରନ୍ତୁ । ୨. ନିଜ ଘରର ଅଳିଆ ଓଦା ଓ ଶୁଖିଲା ରୂପରେ ଅଳିଆ ଗାଡ଼ିରେ ଦିଅନ୍ତୁ । ନିଜର ପାଇଖାନା ଟାଙ୍କି ପ୍ରତି ତିନି ବର୍ଷରେ ସେସ୍‌ପୁଲ୍ ଗାଡି ଦ୍ୱାରା ସଫା କରନ୍ତୁ । ରାସ୍ତାକଡରେ ମଳତ୍ୟାଗ ନକରି ପାଇଖାନା ବ୍ୟବହାର କରନ୍ତୁ ଓ ପଲିଥିନ, ପ୍ଲାଷ୍ଟିକ୍‌ର ବ୍ୟବହାରରୁ ଦୂରେଇ ରୁହନ୍ତୁ । ସହରକୁ ପ୍ଲାଷ୍ଟିକ୍ ମୁକ୍ତ କରନ୍ତୁ ଓ ପରିବେଶ ସୁରକ୍ଷା ନିମନ୍ତେ ବୃକ୍ଷରୋପଣ କରନ୍ତୁ । ୩. ନକ୍ସା ଅନୁମୋଦନକରି ନୂତନ ଓ ପୁରାତନ ଗୃହ ନିର୍ମାଣ କରନ୍ତୁ । ୪. ଟ୍ରେଡ୍ ଲାଇସେନ୍ସ କରି ବ୍ୟବସାୟ କରନ୍ତୁ ଓ ପ୍ରତିବର୍ଷ ନବୀକରଣ କରାଇ ନିଅନ୍ତୁ ।



ଋଷି ମାଝୀ, କାର୍ଯ୍ୟନିର୍ବାହୀ ଅଧିକାରୀ | ସନ୍ତୋଷ କୁମାର ବେହେରା, ଉପାଧ୍ୟକ୍ଷ | ସଙ୍ଗୀତା ବେହେରା, ଅଧ୍ୟକ୍ଷା

## SUPERINTENDENT, PRM MCH, BARIPADA MAYURBHANJ

### TENDER CALL NOTICE

Notice No. 5625 Date : 30.08.2024

No.E-262 : Sealed tenders are invited from interested agencies having adequate experience in taking up the **"Printing & Supply of different formats & register"**. Details regarding the items and terms & conditions may be downloaded from the website : i.e. https://mayurbhanj.odisha.gov.in. The tender should reach in the office of the undersigned as per the date mentioned in the tender paper through registered post / Speed post / Courier only. **The last date of the bid submission on Dt.23.09.2024 till 5.30 PM and Tender will be opened on Dt.24.09.2024 at 11.30 AM in the Committee Hall of PRM MCH, Baripada**. The underesigned will not be held responsible for any postal delay and reserves the right to reject any or all the quotations without mentioning reason thereof.

**Sd./- Superintendent, PRM MCH**
**Baripada, Mayurbhanj**

OIPR-10120/11/0003/2425

## ପୌର ପରିଷଦ କାର୍ଯ୍ୟାଳୟ, ଉମରକୋଟ

ପୌର ପରିଷଦ ଉମରକୋଟ ଚଳିତ ବର୍ଷ ୨୦୨୪ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ ଉପଲକ୍ଷେ ଉମରକୋଟ ସହରର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ସହରର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଅଛି।

୧. ପୌରପାଳିକାର ଦେୟ ଠିକ୍ ସମୟରେ ପୈଠ କରି ପରିଷଦକୁ ନିଜର କର୍ତ୍ତବ୍ୟ ପାଳନରେ ସାହାଯ୍ୟ କରନ୍ତୁ।
୨. ପରିମଳ ବ୍ୟବସ୍ଥାର ସୁରକ୍ଷା ଓ ଉନ୍ନତି ଘଟାଇ ସୁସ୍ଥ ପରିବେଶ ଗଠନ କରନ୍ତୁ।
୩. ନୂତନ ଘର ନିର୍ମାଣ ପୂର୍ବରୁ ଗୃହର ନକ୍ସା ପରିଷଦରୁ ମଞ୍ଜୁର କରାଇ ନିଅନ୍ତୁ।
୪. ରାସ୍ତା ଉପରେ ଗୃହପାଳିତ ପଶୁଗୁଡ଼ିକୁ ଅନଧିକାର ଭାବେ ଛାଡ଼ନ୍ତୁ ନାହିଁ।
୫. ପ୍ଲାଷ୍ଟିକ୍ ଗ୍ଲାସ ଏବଂ ପଲିଥିନ ବ୍ୟାଗର ବ୍ୟବହାର ବନ୍ଦ କରନ୍ତୁ।
୬. ପୌର ପରିଷଦ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ୟୁଜର ଫି, ବ୍ୟବସାୟିକ ପ୍ରତିଷ୍ଠାନ ଲାଇସେନ୍ସ ଫି ଦେୟ ଠିକ୍ ସମୟରେ ପୈଠକରି ପୌର ପରିଷଦର ନିଜସ୍ୱ ଆୟ ବୃଦ୍ଧିରେ ସହଯୋଗ କରନ୍ତୁ।
୭. ସପ୍ତାହର ପ୍ରତ୍ୟେକ ଶନିବାର ଇଲେକ୍ଟ୍ରୋନିକ ବର୍ଜ୍ୟବସ୍ତୁ ଏବଂ ବିପଜ୍ଜନକ ବର୍ଜ୍ୟବସ୍ତୁକୁ ପୃଥକ ଭାବେ ପରିଷଦ ତରଫରୁ ସଂଗ୍ରହ କରୁଥିବା ଗାଡିରେ ଦିଅନ୍ତୁ।

ଏ ସହର ଆପଣଙ୍କର । ଏ ସହରକୁ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ ଏବଂ ସୁସ୍ଥ ପରିବେଶ ଗଠନ କରନ୍ତୁ ।



ଶ୍ରୀ ସୁଧାଂଶୁ ଦାସ, ଉପାଧ୍ୟକ୍ଷ, ପୌର ପରିଷଦ, ଉମରକୋଟ | ଶ୍ରୀମତୀ ରାଧା ଭତ୍ରା, ଅଧ୍ୟକ୍ଷା, ପୌର ପରିଷଦ, ଉମରକୋଟ | ଶ୍ରୀ ପ୍ରୀତି ରଞ୍ଜନ ରଥ, କାର୍ଯ୍ୟନିର୍ବାହୀ ଅଧିକାରୀ, ପୌର ପରିଷଦ, ଉମରକୋଟ

## ଆସନ୍ତୁ ସ୍ୱଚ୍ଛ ଖଣ୍ଡପଡା ସହର ଗଢିବାରେ ସାମିଲ ହେବା ପରିବେଶ ସୁସ୍ଥ ରଖିବା ସହ ନିଜକୁ ସୁସ୍ଥ ରଖିବା

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୪ ପାଳନ ଅବସରରେ ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିବା ସଙ୍ଗେ ସଙ୍ଗେ ନିମ୍ନଲିଖିତ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହଯୋଗ କାମନା କରୁଅଛୁ ।

୧. ଖୋଲା ଜାଗାରେ ମଳତ୍ୟାଗ ନକରି ପାଇଖାନା ବ୍ୟବହାର କରନ୍ତୁ । ୨. ପ୍ଲାଷ୍ଟିକକୁ ସମ୍ପୂର୍ଣ୍ଣ ବର୍ଜନ କରି ପ୍ଲାଷ୍ଟିକ ମୁକ୍ତ ସହର ଗଢିବା । ୩. ଘରର ଶୁଖିଲା ଅଳିଆ ଓ ଓଦା ଅଳିଆକୁ ଅଲଗା ଅଲଗା କରି ବିଜ୍ଞାପିତ ଅଞ୍ଚଳ ପରିଷଦକୁ ଦିଅନ୍ତୁ ଏବଂ ପରିବାରକୁ ରୋଗମୁକ୍ତ ଓ ପରିବେଶକୁ ସୁସ୍ଥ ରଖିବାରେ ସହାୟକ ହୁଅନ୍ତୁ । ୪. ମଳ ଉପଚାର ପ୍ଲାଣ୍ଟ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ସେସପୁଲ ଗାଡ଼ିର ମଳ ପକାଇବା ଏକ ଦଣ୍ଡନୀୟ ଅପରାଧ । ୫. ପରିଷଦକୁ ସଠିକ୍ ସମୟରେ ଗୃହ ଓ ଆଲୋକ ଟିକସ ପରିଶୋଧ କରନ୍ତୁ । ୬. ବ୍ୟବସାୟ ପ୍ରତିଷ୍ଠାନ ଗୁଡିକର ଟ୍ରେଡ ଲାଇସେନ୍ସ କରାଇ ନିଅନ୍ତୁ । ୭. ପରିବେଶକୁ ସଫାସୁତରା ରଖନ୍ତୁ । ଏକ ପ୍ରଦୂଷଣ ମୁକ୍ତ ସରସ, ସୁନ୍ଦର, ସବୁଜ ଓ ସମୃଦ୍ଧ ସହର ଗଢିତୋଳିବା ଆମର ଲକ୍ଷ୍ୟ, ଏଥିରେ ସହରବାସୀଙ୍କ ଗଠନ ମୂଳକ ସହଯୋଗ ଆମର ଏକାନ୍ତ କାମ୍ୟ ।

ନିର୍ବାହୀ ଅଧିକାରୀ ଏବଂ ସମସ୍ତ କର୍ମଚାରୀବୃନ୍ଦ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଣ୍ଡପଡା | ଅଧ୍ୟକ୍ଷା ଏବଂ ସମସ୍ତ ପାରିଷଦବୃନ୍ଦ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଣ୍ଡପଡା

## ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ବାଲିଗୁଡା

୧. ସହରର ସମସ୍ତ ସାହି ଓ ରାସ୍ତା ସଫା ରଖିବା ସହ ପରିବେଶ ପରିଷ୍କାର ରଖନ୍ତୁ । ୨. ଘରେ ସମସ୍ତ ଓଦା ଓ ଶୁଖିଲା ଅଳିଆକୁ ପୃଥକ ଭାବେ ପରିଷଦର ସ୍ୱଚ୍ଛ ବାହନ ଗାଡିରେ ଦିଅନ୍ତୁ । ୩. ବାହ୍ୟ ମଳତ୍ୟାଗ କରନ୍ତୁ ନାହିଁ । ୪. ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର କରନ୍ତୁ ନାହିଁ । ୫. ଗଛଟିଏ ଲଗାନ୍ତୁ ଓ ପରିବେଶ ବଞ୍ଚାନ୍ତୁ । ୬. ଆପଣମାନଙ୍କଠାରୁ ସଂଗୃହୀତ ହେଉଥିବା ଅଳିଆରୁ ଉତ୍କୃଷ୍ଟମାନର ଜୈବିକ ଖତ ପ୍ରସ୍ତୁତ ହେଉଅଛି ଏହାର ଉପଯୋଗ କରନ୍ତୁ । ୭. ନୂତନ ଘର ନିର୍ମାଣ କରିବା ପୂର୍ବରୁ ଗୃହର ନକ୍ସା ପରିଷଦ ଠାରୁ ମଞ୍ଜୁର କରାଇ ନିଅନ୍ତୁ ଏବଂ ଗୃହ ସମାପ୍ତ ପରେ ତାହାକୁ ପଞ୍ଜୀକରଣ କରାଇ ନିଅନ୍ତୁ । ୮. ଗୃହପାଳିତ ପଶୁମାନଙ୍କୁ ଅନଧିକାର ଭାବେ ରାସ୍ତା ଉପରେ ଛାଡନ୍ତୁ ନାହିଁ । ୯. ବର୍ଷା ଜଳ ସଂରକ୍ଷଣ ପାଇଁ ନିଜ ଗୃହ ଓ ପାରିପାର୍ଶ୍ୱରେ ବୃକ୍ଷରୋପଣ କରନ୍ତୁ । ୧୦. ବ୍ୟବସାୟୀମାନେ ନିଜ ନିଜର ବ୍ୟବସାୟ ପାଇଁ ଟ୍ରେଡ ଲାଇସେନ୍ସ କରାଇ ନିଅନ୍ତୁ । ୧୧. ବିଭିନ୍ନ ଟିକସ ଯଥା-Holding Tax, User Fee, Trade License ଠିକ୍ ସମୟରେ ପୈଠ କରନ୍ତୁ । ୧୨. ସ୍ୱଚ୍ଛ ବାଲିଗୁଡା ଓ ସୁସ୍ଥ ବାଲିଗୁଡା ଗଠନରେ ସହାୟକ ହୁଅନ୍ତୁ ।

ସ୍ୱା./-ବିବେକାନନ୍ଦ ଦଳାଇ, (ଓ.ରା.ସେ.) ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ,ବାଲିଗୁଡା | ସ୍ୱା./- ଶାନ୍ତି ନାୟକ, ଉପାଧ୍ୟକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲିଗୁଡା | ସ୍ୱା./- ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ଅଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲିଗୁଡା

## ବିଜ୍ଞାପିତ ଅଞ୍ଚଳ ପରିଷଦ, କଣ୍ଟାବାଞ୍ଜି

ପବିତ୍ର "ସ୍ୱାୟତ୍ତ ଶାସନ ଦିବସ" - ୨୦୨୪ (ତା୩୧।୦୮।୨୦୨୪) ଉପଲକ୍ଷେ କଣ୍ଟାବାଞ୍ଜି ସହରବାସୀଙ୍କୁ ସାଦର ଅଭିନନ୍ଦନ ଓ ଶୁଭେଚ୍ଛା।

**ନିବେଦନ:**

୧. ପରିଷଦର ସମସ୍ତ ଦେୟ ଯଥା: ଘର ଟିକସ, ଟ୍ରେଡ ଲାଇସେନ୍ସ ଫି ଏବଂ ଦୋକାନ ଭଡ଼ା ଇତ୍ୟାଦି ଠିକ୍ ସମୟରେ ପୈଠ କରନ୍ତୁ।
୨. ଘରର ଅଳିଆ ଆବର୍ଜନା ରାସ୍ତାରେ ନ ପକାଇ ପ୍ରତ୍ୟେକ ଘର ଓ ବ୍ୟବସାୟ ପ୍ରତିଷ୍ଠାନରେ ୨ଟି ଲେଖାଏଁ ଡଷ୍ଟବିନ ରଖନ୍ତୁ ଓ ପୌର ପରିଷଦ ତରଫରୁ ଯାଉଥିବା ଗାଡ଼ିରେ ଓଦା ଓ ଶୁଖିଲା ଆବର୍ଜନାକୁ ଅଲଗା ଅଲଗା ଜମା ଦିଅନ୍ତୁ ଏବଂ ପରିଷଦର USER FEES ଠିକ୍ ସମୟରେ ପୈଠ କରନ୍ତୁ।

"କଣ୍ଟାବାଞ୍ଜି ସହର ଆପଣମାନଙ୍କର ଏହାର ସୁରକ୍ଷା ଦାୟିତ୍ୱ ଆମ ସମସ୍ତଙ୍କର"

ଶ୍ରୀଯୁକ୍ତ ବରିୟାମ ସିଂ ସାଲୁଜା, ଅଧ୍ୟକ୍ଷ | ଶ୍ରୀମତୀ ମନୋରମା ରାଉତ, ଉପାଧ୍ୟକ୍ଷା | ଶ୍ରୀଯୁକ୍ତ ଗିରିଜା ଶଙ୍କର ମଲ୍ଲିକ୍, କାର୍ଯ୍ୟ ନିର୍ବାହୀ ଅଧିକାରୀ
ଓ ସମସ୍ତ କାଉନ୍‌ସିଲରବୃନ୍ଦ
ବିଜ୍ଞାପିତ ଅଞ୍ଚଳ ପରିଷଦ, କଣ୍ଟାବାଞ୍ଜି

"ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୪" ଅବସରରେ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ଜନସାଧାରଣମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । ଏହି ପରିଷଦକୁ ପ୍ରଗତି ପଥରେ ଆଗେଇ ନେବା ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଅଛୁ ।

-ନିବେଦନ-

୧. ବାଣପୁର ସହରକୁ ସ୍ୱଚ୍ଛ, ସରସ ଓ ସୁନ୍ଦର କରିବା ପାଇଁ ଆମେ ସମସ୍ତ ସଂକଳ୍ପ ନେବା ।
୨. ଅଳିଆ ଓ ଆବର୍ଜନାକୁ ପୃଥକୀକରଣ କରି ମଇଳା ସଂଗ୍ରହତ ଗାଡ଼ିରେ ଦିଅନ୍ତୁ ।
୩. ବ୍ୟବସାୟୀମାନେ Single use Plastic ର ବ୍ୟବହାର ବର୍ଜନ କରନ୍ତୁ ।
୪. ସର୍ବସାଧାରଣ ରାସ୍ତାରେ ଗାଇ ଗୋରୁ ଓ ମଇଳା ପାଣି ଛାଡ଼ନ୍ତୁ ନାହିଁ ।
୫. ସହରର ପରିଷ୍କାର ଓ ପରିଚ୍ଛନ୍ନତାକୁ ଦୃଷ୍ଟିରେ ରଖି ନିୟମିତ User Fee ପୈଠ କରନ୍ତୁ ।
୬. ପରିଷଦର ଟିକସ ଠିକ୍ ସମୟରେ ନିୟମିତ ପୈଠ କରନ୍ତୁ ।
୭. ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ସଦାସର୍ବଦା ଆପଣଙ୍କ ସେବାରେ ।



ଅଧ୍ୟକ୍ଷ, ଶ୍ରୀଯୁକ୍ତ ମିଟୁ ନାୟକ, ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଣପୁର | ଉପାଧ୍ୟକ୍ଷା, ଶ୍ରୀମତୀ ପ୍ରାଚୀପ୍ରଭା ସ୍ୱାଇଁ, ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଣପୁର | କାର୍ଯ୍ୟନିର୍ବାହୀ ଅଧିକାରୀ, ଶ୍ରୀମତୀ କାଦମ୍ବିନୀ ଜେନା, ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଣପୁର

## NOTIFIED AREA COUNCIL
DIGAPAHANDI, GANJAM, ODISHA, PIN-761012
Ph:06814-247330, E-mail: dgp_nac@yahoo.com

ସ୍ୱାୟତ୍ତ ଶାସନ ଦିବସ-୨୦୨୪ ଉପଲକ୍ଷେ ଅଭିନନ୍ଦନ ଓ ଶୁଭେଚ୍ଛା ବାର୍ତ୍ତା

### ବିଜ୍ଞାପିତ ଅଞ୍ଚଳ ପରିଷଦ, ଦିଗପହଣ୍ଡି (ଗଞ୍ଜାମ)

୧. ଠିକ୍ ସମୟରେ ପରିଷଦର ସମସ୍ତ ଟିକସ ପୈଠ କରନ୍ତୁ । ୨. ପଲିଥିନର ବ୍ୟବହାରରୁ ନିବୃତ୍ତ ରୁହନ୍ତୁ । ୩. ପରିଷଦର ବିନାନୁମତିରେ ନୂତନ ଗୃହ ନିର୍ମାଣ କରନ୍ତୁ ନାହିଁ । ଗୃହନକ୍ସା (Building Plan), ଅନୁମୋଦନ କରି ଗୃହ ନିର୍ମାଣ କରନ୍ତୁ । ଗୃହନକ୍ସା (Building Plan), ସମ୍ପତ୍ତି ଟିକସ (Property Tax), ଟ୍ରେଡ ଲାଇସେନ୍ସ (Trade License), ବିବାହ ପଞ୍ଜିକରଣ (Marriage Registration) ଇତ୍ୟାଦି ସେବା ପାଇବା ନିମନ୍ତେ ସୁଯୋଗ ପୋର୍ଟାଲ www.sujog.odisha.gov.in. ମାଧ୍ୟମରେ ଆବେଦନ କରନ୍ତୁ । ୪. ନାଳନର୍ଦ୍ଦମାରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ ଓ ପରିମଳ କାର୍ଯ୍ୟକ୍ରମକୁ ସୁଦୃଢ଼ ନିମନ୍ତେ ଦୁଇଟି ଡଷ୍ଟବିନ୍ ଠିକ୍ ଭାବେ ବ୍ୟବହାର କରନ୍ତୁ ଏବଂ ଗୃହର ମଇଳାକୁ ସ୍ୱଚ୍ଛତା ରଥରେ ଦିଅନ୍ତୁ ଏବଂ ନିଜ ଘରର ୫ ମିଟର ପରିସର ସଫା ରଖନ୍ତୁ । ପରିମଳ କର୍ମଚାରୀ ତଥା ସ୍ୱଚ୍ଛସାଥୀ ଭଉଣୀମାନଙ୍କୁ ସଦାସର୍ବଦା ସହଯୋଗ କରନ୍ତୁ । ୫. ଖୋଲା ସ୍ଥାନରେ ମଳତ୍ୟାଗ କରନ୍ତୁ ନାହିଁ । ୬. ଗାଈଗୋରୁ ଓ ଗୃହପାଳିତ ପ୍ରାଣୀଙ୍କୁ ସର୍ବସାଧାରଣ ରାସ୍ତାକୁ ଛାଡନ୍ତୁ ନାହିଁ । ୭. ଦିଗପହଣ୍ଡି ସହରର ପ୍ରତ୍ୟେକ ବ୍ୟବସାୟୀଙ୍କୁ ଅନୁରୋଧ ସୁଯୋଗ ପୋର୍ଟାଲ ମାଧ୍ୟମରେ ଆବେଦନ କରି ନିଜର ଟ୍ରେଡ ଲାଇସେନ୍ସ କରାଇ ନିଅନ୍ତୁ । ୮. ବୃକ୍ଷରୋପଣ କରନ୍ତୁ ଏବଂ ଏହାର ସଠିକ୍ ଭାବେ ଯତ୍ନ ନିଅନ୍ତୁ । ସ୍ୱଚ୍ଛ, ସବୁଜ, ସୁନ୍ଦର ପ୍ରଦୂଷଣ ମୁକ୍ତ ପରିବେଶ ଭାବେ ସହରକୁ ଗଢିତୋଳିବାରେ ସହାୟକ ହୁଅନ୍ତୁ ।

"ଆମ ସ୍ୱାଭିମାନ- ଆମ ସ୍ୱଚ୍ଛ, ସବୁଜ ଏବଂ ସୁନ୍ଦର ସହର "ଦିଗପହଣ୍ଡି"

ସ୍ୱା./-ଡାଃ ଅଶୋକ କୁମାର କର୍ଣ୍ଣ (ଓ.ଏ.ଏସ.), କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଦିଗପହଣ୍ଡି | ସ୍ୱା./- ଶ୍ରୀଯୁକ୍ତ ପ୍ରଫୁଲ୍ଲ ପଣ୍ଡା (ଅଧ୍ୟକ୍ଷ), ବିଜ୍ଞାପିତ ଅଞ୍ଚଳ ପରିଷଦ, ଦିଗପହଣ୍ଡି

## ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ,ଭଞ୍ଜନଗର (ଗଞ୍ଜାମ)

ଆଜିର ପବିତ୍ର ସ୍ୱାୟତ୍ତ ଶାସନ ଦିବସ-୨୦୨୪ ଅବସରରେ ଭଞ୍ଜନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ମଧ୍ୟରେ ବାସ କରୁଥିବା ସମସ୍ତ ଭାଇ ଭଉଣୀ, କର୍ମଚାରୀ, ବ୍ୟବସାୟୀ ବନ୍ଧୁ ଏବଂ ଶୁଭେଚ୍ଛୁମାନଙ୍କୁ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସ୍ୱାଗତ ଜଣାଇବା ସହିତ ସହରବାସୀଙ୍କ ଅକୁଣ୍ଠ ସାହାଯ୍ୟ ଓ ସହଯୋଗ ଏକାନ୍ତ କାମନା କରୁଅଛୁ । ଏହି ସହର ଆପଣମାନଙ୍କ ସହର । ଆସନ୍ତୁ, ଆମ୍ଭେମାନେ ସମସ୍ତେ ଏକଜୁଟ ହୋଇ ଆମ ସହରକୁ ସରସ ସୁନ୍ଦର ସ୍ୱଚ୍ଛ ଓ ସବୁଜ କରି ଗଢିତୋଳିବା ଓ ରାଜ୍ୟରେ ତଥା ଦେଶରେ ପ୍ରଥମ ସ୍ଥାନ ଅଧିକାର କରିବା ପାଇଁ ସହଯୋଗ କରିବା ।

୧. ବିଜ୍ଞାପିତ ଅଞ୍ଚଳ ପରିଷଦ ମଧ୍ୟରେ ଥିବା ସମସ୍ତ କରଦାତାମାନଙ୍କୁ ଅନୁରୋଧ ସେମାନେ ନିଜ ନିଜର ଗୃହଗୁଡିକର ଟିକସ ଲାଇସେନ୍ସ ଫିସ ଏବଂ ବ୍ୟବସାୟ ପ୍ରତିଷ୍ଠାନ ଭଡା ଠିକ୍ ସମୟରେ ଦାଖଲ କରନ୍ତୁ । ୨. ଘରର ଅଳିଆ ଆବର୍ଜନା ନାଳ ନର୍ଦ୍ଦମାରେ ନ ପକାଇ ପରିଷଦ ତରଫରୁ ଯୋଗାଇ ଦିଆଯାଇଥିବା ସଫେଇ ଗାଡିରେ ପକାନ୍ତୁ କିମ୍ବା ସଫେଇ କର୍ମଚାରୀମାନଙ୍କୁ ପ୍ରଦାନ କରନ୍ତୁ । ୩. ବିଜ୍ଞାପିତ ଅଞ୍ଚଳ ପରିଷଦ ଦ୍ୱାରା ନିର୍ମିତ ହୋଇଥିବା ଶୌଚାଳୟ ବ୍ୟବହାର କରନ୍ତୁ, ବାହାରେ ମଳତ୍ୟାଗ କରନ୍ତୁ ନାହିଁ । ୪. ବିବାହ ପଞ୍ଜୀକରଣ ଠିକ୍ ସମୟରେ କରାଇ ନିଅନ୍ତୁ । ୫. ସହରରେ ଥିବା ରାସ୍ତା ମଧ୍ୟରେ ଗୃହ ନିର୍ମାଣ ଉପକରଣ ତଥା ଭଗ୍ନାବଶେଷ (ନୂତନ/ପୁରାତନ) ଜମାକରି ରଖନ୍ତୁ ନାହିଁ, ଯାହାକି ଜନସାଧାରଣଙ୍କର ଦୈନନ୍ଦିନ ଯାତାୟାତ କରିବାରେ ବ୍ୟାଘାତ ସୃଷ୍ଟି ହେବ । ୬. ରାସ୍ତା ଉପରେ ଅଳିଆ, ଆବର୍ଜନା ପକାନ୍ତୁ ନାହିଁ କିମ୍ବା ଡ୍ରେନ୍ ମଧ୍ୟକୁ ଆପଣଙ୍କର ପାଇଖାନା ମଇଳା ନିଷ୍କାସନ ପାଣି ସଂଯୋଗ କରନ୍ତୁ ନାହିଁ । ୭. ସହର ମଧ୍ୟରେ ଗୃହପାଳିତ ପଶୁ, ଗାଈ, ଗୋରୁ, ମଇଁଷି, ଘୁଷୁରି ଇତ୍ୟାଦି ରାସ୍ତା ଉପରକୁ ଛାଡ଼ନ୍ତୁ ନାହିଁ । ୮. ୟୁଜର୍ସ ଫି ଠିକ ରୂପେ ସ୍ୱଚ୍ଛସାଥୀମାନଙ୍କୁ ପଇଠ କରନ୍ତୁ । ୯. ପରିଷଦ ଦ୍ୱାରା ନିର୍ଦ୍ଧାରିତ ଟ୍ରେଡ୍ ଲାଇସେନ୍ସ କରାଇ ନିଅନ୍ତୁ । ୧୦. ପଲିଥିନ ଓ ପ୍ଲାଷ୍ଟିକ ପଦାର୍ଥ ବ୍ୟବହାର କରନ୍ତୁ ନାହିଁ, ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତୁ । ୧୧. ଗୃହ ନିର୍ମାଣ ପୂର୍ବରୁ ପରିଷଦ ଦ୍ୱାରା ନିଜ ନିଜ ଗୃହ ନିର୍ମାଣ ଯୋଜନାର ଅନୁମୋଦନ କରାଇ ନିଅନ୍ତୁ । ୧୨. ବିଜ୍ଞାପିତ ଅଞ୍ଚଳ ପରିଷଦ ସମ୍ପତ୍ତି ହେଉଛି ଆପଣମାନଙ୍କ ସମ୍ପତ୍ତି, ଏହାର ସୁରକ୍ଷା ଦାୟିତ୍ୱ ଆପଣଙ୍କର ଏବଂ ଆପଣମାନେ ଏହାକୁ ସଦାସର୍ବଦା ପରିଷ୍କାର ରଖନ୍ତୁ ଏବଂ ଭବିଷ୍ୟତ ବଂଶଧରମାନଙ୍କ ପାଇଁ ବୃକ୍ଷରୋପଣ କରି ସ୍ୱଚ୍ଛ ପରିବେଶ ଗଠନ କରନ୍ତୁ ଓ ଶୁଭସକାଳର ଜାଗ୍ରତପ୍ରହରୀ ତଥା ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ଛୋଟ ବଡ କର୍ମଚାରୀମାନଙ୍କୁ ସହଯୋଗ କରନ୍ତୁ ।

ଶ୍ରୀ ଗୋପବନ୍ଧୁ ମହାପାତ୍ର, ଅଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ ଭଞ୍ଜନଗର | ଶ୍ରୀମତୀ ଶୁଭଶ୍ରୀ ଦାସ, ଉପାଧ୍ୟକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ, ଭଞ୍ଜନଗର | ଶ୍ରୀ ମୁରଲୀକୃଷ୍ଣ ପଣ୍ଡା (ଓ.ରା.ସେ), କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ,ଭଞ୍ଜନଗର

## ପୌର ପରିଷଦ କାର୍ଯ୍ୟାଳୟ, ଗୁଣୁପୁର

ସ୍ୱାୟତ୍ତ ଶାସନ ଦିବସ

୩୧ ଅଗଷ୍ଟ ୨୦୨୪

ଆସନ୍ତା ତା. ୩୧.୦୮.୨୦୨୪ ରିଖ ଶନିବାର ଦିନ ପୌର ପରିଷଦ ତରଫରୁ ସ୍ୱାୟତ୍ତ ଶାସନ ଦିବସ-୨୦୨୪ ପାଳିତ ହେବାକୁ ଯାଉଅଛି। ଏହି ଅବସରରେ ପୌର ପରିଷଦ ଆପଣଙ୍କୁ ଶୁଭେଚ୍ଛା ଜଣାଉଛି। ପରିଷଦକୁ ସ୍ୱଚ୍ଛ, ସୁନ୍ଦର, ବିକାଶଶୀଳ ଓ ସୁବ୍ୟବସ୍ଥିତ କରିବା ଲାଗି ସହଯୋଗ କରନ୍ତୁ। ପୌର ପରିଷଦ ଗୁଣୁପୁର ସର୍ବଦା ଆପଣଙ୍କ ସେବାରେ।

ବାର୍ତ୍ତା।

୧. ଆପଣଙ୍କ ଗୃହ ଟିକସ ଓ ଲାଇସେନ୍ସ ଫିଜ୍ ସୁଯୋଗ ପୋର୍ଟାଲ ଅନଲାଇନ୍ ମାଧ୍ୟମରେ ପୈଠ କରନ୍ତୁ।
୨. ଗୃହ ନିର୍ମାଣ ଉପାଦାନ ଯଥା ଇଟା, ବାଲି ଏବଂ ଗୋଡ଼ି ରାସ୍ତା କଡ଼ରେ ଜମା କରନ୍ତୁ ନାହିଁ।
୩. ପରିମଳ ବ୍ୟବସ୍ଥାର ସୁରକ୍ଷା ଓ ଉନ୍ନତି ଘଟାଇ ସୁସ୍ଥ ପରିବେଶ ଗଠନ କରନ୍ତୁ।
୪. ନୂତନ ଘର ନିର୍ମାଣ ପୂର୍ବରୁ ଗୃହର ନକ୍ସା ପରିଷଦରୁ ମଞ୍ଜୁର କରାଇ ନିଅନ୍ତୁ।
୫. ରାସ୍ତା ଉପରେ ଗୃହପାଳିତ ପଶୁଙ୍କୁ ଅନଧିକାର ଭାବରେ ଛାଡ଼ନ୍ତୁ ନାହିଁ।
୬. ପ୍ଲାଷ୍ଟିକ ଗ୍ଲାସ, ବୋତଲ, ପଲିଥିନ ବ୍ୟବହାର କରିବା ବନ୍ଦ କରନ୍ତୁ।
୭. ନିଜ ପାଇଖାନା ଟାଙ୍କିରୁ ନିର୍ଗମିତ ବର୍ଜ୍ୟବସ୍ତୁ ଏଣେତେଣେ ନ ପକାଇ ପୌର ପରିଷଦର ସେସପୁଲ ମାଧ୍ୟମରେ ସଫା କରି ନିର୍ଦ୍ଧାରିତ ସ୍ଥାନରେ ପକାନ୍ତୁ।

॥ ଶ୍ରଦ୍ଧାର ସହ ॥
ଆପଣଙ୍କ ଗୁଣମୁଗ୍ଧ



ଶ୍ରୀମତୀ ମମତା ଗୌଡ଼, ଅଧ୍ୟକ୍ଷା, ଗୁଣୁପୁର ପୌର ପରିଷଦ | ଶ୍ରୀ ମନୋଜ କୁମାର ତାଣ୍ଡି, କାର୍ଯ୍ୟନିର୍ବାହୀ ଅଧିକାରୀ, ଗୁଣୁପୁର ପୌର ପରିଷଦ | ଶ୍ରୀ ଶିବ ପ୍ରସାଦ ଗୌଡ଼, ଉପାଧ୍ୟକ୍ଷ, ଗୁଣୁପୁର ପୌର ପରିଷଦ

ପୌର ପରିଷଦର ସମସ୍ତ ପାରିଷଦ ବୃନ୍ଦ

## ଆନନ୍ଦପୁର ପୌରପାଳିକା, ଆନନ୍ଦପୁର

### ପ୍ରଗତିପଥେ ଆନନ୍ଦପୁର ପୌରପାଳିକା

ଆନନ୍ଦପୁର ପୌରବାସୀଙ୍କୁ ସ୍ୱାୟତ ଶାସନ ଦିବସ ୨୦୨୪ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରିବା ସହ ସମସ୍ତ ଉନ୍ନତିମୂଳକ କାର୍ଯ୍ୟର ସଫଳ ରୂପାୟନରେ ସହଯୋଗ ପାଇଁ ପୌରପାଳିକା ଅନୁରୋଧ କରୁଅଛି ।

**ଆମର ପ୍ରୟାସ-** ବର୍ଷାଜଳ ନିଷ୍କାସନ ନିମନ୍ତେ ପୌରାଞ୍ଚଳ ସମସ୍ତ ୱାର୍ଡରେ ଡ୍ରେନେଜ୍ ବ୍ୟବସ୍ଥା । ଆଦର୍ଶ ଶ୍ମଶାନ ନିର୍ମାଣ । ସ୍ମାର୍ଟ ପାର୍କ ନିର୍ମାଣ । ମାଇକ୍ରୋ କମ୍ପୋଷ୍ଟ ପ୍ଲାଣ୍ଟରୁ ଉତ୍ପାଦନ ଜୈବିକ ଖତ ସର୍ବସାଧାରଣ ନିମନ୍ତେ ବିକ୍ରୟ । ମୁକ୍ତା ଯୋଜନା ମାଧ୍ୟମରେ ଶ୍ରମଦିବସ ସୃଷ୍ଟି ଏବଂ ସକ୍ଷମ ଶ୍ରମିକମାନଙ୍କୁ ନିଯୁକ୍ତି । ସହରକୁ ପ୍ଲାଷ୍ଟିକମୁକ୍ତ କରିବା ନିମନ୍ତେ ପ୍ରୟାସ । ପୌରାଞ୍ଚଳର ସମସ୍ତ ୱାର୍ଡର ରାସ୍ତାଗୁଡିକ ପେଭର ରାସ୍ତାରେ ରୂପାନ୍ତରୀକରଣ ।

**ଆମର ନିବେଦନ-** ପରିବେଶ ନିର୍ମଳ ରଖନ୍ତୁ । ରାସ୍ତାକଡରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ । ଡଷ୍ଟବିନ୍ ବ୍ୟବହାର କରନ୍ତୁ । ସର୍ବସାଧାରଣ ରାସ୍ତା କଡରେ ବାଲି, ଗୋଡି, ଇଟା ପକାଇ ରାସ୍ତା ଅବରୋଧ କରନ୍ତୁ ନାହିଁ । ପୌରପାଳିକାର ଟିକସ ଯଥା ସମୟରେ ପୈଠ କରନ୍ତୁ । ଗୃହପାଳିତ ପଶୁମାନଙ୍କୁ ଏଣେତେଣେ ବୁଲିବାକୁ ଛାଡନ୍ତୁ ନାହିଁ । ବର୍ଜ୍ୟବସ୍ତୁର ସୁପରିଚାଳନା ନିମନ୍ତେ ପୌରପାଳିକାକୁ ସହଯୋଗ କରନ୍ତୁ । ପୌରପାଳିକା ବିନା ଅନୁମତିରେ ଗୃହ ନିର୍ମାଣ କରନ୍ତୁ ନାହିଁ ।

ସ୍ୱଚ୍ଛ ଆନନ୍ଦପୁର ସୁସ୍ଥ ଆନନ୍ଦପୁର

ଶ୍ରୀ ଦେବ ପ୍ରସାଦ ବଳ, ନିର୍ବାହୀ ଅଧିକାରୀ, ଆନନ୍ଦପୁର ପୌରପାଳିକା | ଶ୍ରୀଯୁକ୍ତ ଦୁର୍ଗାଚରଣ ଦଳେଇ, ଉପାଧ୍ୟକ୍ଷ ଓ ପାରିଷଦବୃନ୍ଦ, ଆନନ୍ଦପୁର ପୌରପାଳିକା | ଶୁଶ୍ରୀ ରଜନୀରାଣୀ ଖଟୁଆ, ଅଧ୍ୟକ୍ଷା, ଆନନ୍ଦପୁର ପୌରପାଳିକା

## ପ୍ରଗତିପଥେ ଫୁଲବାଣୀ ପୌର ପରିଷଦ, ଫୁଲବାଣୀ

• ଫୁଲବାଣୀ ପୌର ପରିଷଦ ପରିସୀମା ମଧ୍ୟରେ ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ପରିଷଦର ବିଧିବଦ୍ଧ ଅନୁମତି ନେଇ ନିର୍ମାଣ କରନ୍ତୁ। • ରାସ୍ତାକଡ଼ର ନାଳ ଉପରେ ଉଠା ଦୋକାନ ବା କ୍ୟାବିନ ପକାଇ ଜବରଦଖଲ କରନ୍ତୁ ନାହିଁ। • ଅଳିଆ ଆବର୍ଜନା ଏଣେ ତେଣେ ନ ପକାଇ ପରିଷଦ ପକ୍ଷରୁ ଯୋଗାଇ ଦିଆଯାଇଥିବା ଗାଡ଼ିରେ ଦିଅନ୍ତୁ। • ରାସ୍ତା ଏବଂ ଡ୍ରେନ୍ ଉପରେ ନିର୍ମାଣାଧୀନ ସାମଗ୍ରୀ ଯଥା: ବାଲି, ଗୋଡ଼ି, ଇଟା, ମେଟାଲ ଇତ୍ୟାଦି ଜମା କରନ୍ତୁ ନାହିଁ। • ଗାଈ ଗୋରୁ ଓ ଅନ୍ୟ ଗୃହପାଳିତ ପଶୁମାନଙ୍କୁ ରାସ୍ତା ଉପରକୁ ନ ଛାଡ଼ି ନିଜ ହେପାଜତରେ ରଖନ୍ତୁ। • ଫୁଲବାଣୀ ପୌର ପରିଷଦ ଦ୍ୱାରା ନିର୍ଦ୍ଧାରିତ ଟିକସ ସଠିକ୍ ସମୟରେ ପଇଠ କରନ୍ତୁ। • ସର୍ବସାଧାରଣ ରାସ୍ତା ଉପରେ କୌଣସି ସାର୍ବଜନୀନ ସ୍ଥାନରେ ବିନା ଅନୁମତିରେ ଖାଲ କରିବା କିମ୍ବା ତୋରଣ ନିର୍ମାଣ କାମରୁ ନିବୃତ୍ତ ରୁହନ୍ତୁ। • ଫୁଲବାଣୀ ପୌର ପରିଷଦ ପରିସୀମା ମଧ୍ୟରେ କୌଣସି ସାଇନବୋର୍ଡ, ହୋର୍ଡିଂ ଇତ୍ୟାଦି ଲଗାଇବା ପୂର୍ବରୁ ପରିଷଦର ବିଧିବଦ୍ଧ ଅନୁମତି ନିଅନ୍ତୁ। • ପ୍ରତ୍ୟେକ ଶନିବାର ଦିନ ଘରୁ ବାହାରୁଥିବା ଇଲେକ୍ଟ୍ରିକ୍ ବର୍ଜ୍ୟବସ୍ତୁ ଏଣେ ତେଣେ ନ ପକାଇ ପରିଷଦ ପକ୍ଷରୁ ଯୋଗାଇ ଦିଆଯାଉଥିବା ଗାଡ଼ିମାନଙ୍କରେ ଦିଅନ୍ତୁ। • ଫୁଲବାଣୀ ପୌର ପରିଷଦରେ ଫେକାଲ୍ ସ୍ଲେଜ୍ ମ୍ୟାନେଜମେଣ୍ଟର ଅପରେସନ ମଡେଲ ନିର୍ମାଣ ହୋଇଅଛି, ଯେଉଁଠି ସହରର ପରିମଳ ସଂଗ୍ରହ ହେବା ସେବା ସହ ପରିମଳକୁ ଖତ ରୂପେ ପରିବର୍ତ୍ତନ କରାଯାଉଅଛି। • ଘରେ ରହି ପୌର ପରିଷଦର ବିଭିନ୍ନ ସେବା ଯଥା ନିର୍ମାଣ ଅନୁମତି ଅନୁମୋଦନ, ଜନସାଧାରଣ ଅଭିଯୋଗ ସମାଧାନ, ବାଣିଜ୍ୟ ଲାଇସେନ୍ସ ସମ୍ପତ୍ତି କର, ଜଳ ଏବଂ ଜଳ ନିଷ୍କାସନ ଏବଂ ବିବାହ ପଞ୍ଜୀକରଣ ସେବା ପାଇବା ପାଇଁ https://sujog.odisha.gov.in/ ୱେବ୍‌ସାଇଟ୍ ଯାଇ ସେବା ନିଅନ୍ତୁ।

ନିର୍ବାହୀ ଅଧିକାରୀ, ଫୁଲବାଣୀ ପୌର ପରିଷଦ | ଉପାଧ୍ୟକ୍ଷା, ଫୁଲବାଣୀ ପୌର ପରିଷଦ

# ବାଟୋଇ

**ଗଳ୍ପ**

**ଦୀପ୍ତି ଖଣ୍ଡୁଆଳ**



ଅନୀତା ଯେଉଁଠି ଶୋଇଥିଲା, ସେ ଖଟ ଉପରେ ଚଉପାଶ ବେଢ଼ି ବସିଥିଲେ ସାଇପଡ଼ିଶା। କିଏ ମୁଣ୍ଡ ଚିପି ଦେଉଥିଲା ତ କିଏ ଗୋଡ଼ ଆଉଁଶି ଦେଉଥିଲା। ଆଉ କିଏ ଶାଗୁ ତିଆରି କରିବାରେ ଲାଗି ପଡ଼ିଥିଲା ଅଗଣାର ହିଟରରେ। ସମସ୍ତଙ୍କର ଭାଳେଣି। କାରବାର ଘର ନୁହେଁ ତ, ଚାରି ପ୍ରାଣୀର ମାମଲା। ବୋହୂର ହଠାତ୍ ଦେହ ଖରାପ ନେଇ ବୁଢ଼ାବୁଢ଼ୀ ଚିନ୍ତିତ ହୋଇପଡ଼ିବା ସ୍ୱାଭାବିକ।

ଶ୍ୱଶୁର ବୁଢ଼ା ମଥାରେ ହାତ ଦେଇ ବସିଥିଲେ ପିଣ୍ଡାରେ। ଗତକାଲି ଧୋବାଘର ବୁଢ଼ୀ ଆସିଥିଲା ବୋହୂ ଦେହ କଥା ଶୁଣି। ବୋହୂକୁ ଦେଖି ସାରି ଅଗଣାରେ ବସୁ ବସୁ ତା' ପୁରୁଖା ଭାବ ସାବ୍ୟସ୍ତ କଲା- ''କେତେ ଛୋପରା ହେଉଛ ତମେ। ଅଲେଖ ମଉସାକୁ ଡାକି ଟିକେ ଝଡ଼ାଫୁଙ୍କା କରିଦେଉନା? ମନ୍ତୁରା ବିଭୂତି ଟିକେ ତା' ପାଟିରେ ମାରିଦବ। ଯାହା ବଳିବ ତାକୁ ପୁଡ଼ିଆ କରି ତା' ତକିଆ ତଳେ ରଖିଦବ...। ତା' ହାବଭାବରୁ ମୁଁ ଜାଣିପାରୁଚି ସେ କେଉଁଠି ଡରିଚି। ହାତଗୋଡ଼ ଖାଇ ଡାଆଣୀଟା ତା' ମୁଣ୍ଡରେ ବସିଛି ପରା! ଜାଣିପାରୁନା? କେମିତି ମଣିଷ ଦେଖି ଆଖିତରାଟୁଚି?''

ଗାଁରେ ଗୋଟିଏ ପିଲା ବିଏ ପଢୁଆ। ତା' ସାଙ୍ଗରେ ବୁଢ଼ାଙ୍କର ବସାଉଠା। ବୁଢ଼ା ତାକୁ ଡାକି ଆଣିଥିଲେ। ସେ ସଙ୍ଗେ ସଙ୍ଗେ ବାହାରିଲା, ତାଙ୍କ ଗାଁଠାରୁ ଚାରି କୋଶ ଦୂରରେ ଥିବା ଡାକ୍ତରଖାନାକୁ ଅନୀତାକୁ ଘେନିଯିବା ପାଇଁ। ବୁଢ଼ା ବାରଣ କରିବାରୁ ରହିଲା। ତା' ହାତରେ ବୁଢ଼ା କିଛି ଟଙ୍କା ଦେଇଥିଲେ ଯେ, ସେ ଡାକ୍ତରଙ୍କୁ ପଚାରି ଓଷଦପତର ଆଣି ଦେଇଥିଲା। ସେଥିରେ କଉଁ ଦିହ ଭଲ ହଉଚି?

ଗଲା ଦୁଇ ଚାରି ଦିନ ହେବ, ପୁଅ ରମେଶ ବାଲେଶ୍ୱରରୁ ବୋହୂ କତିକି ଚିଠି ଦେଇଥିଲା। କ'ଣ ନେଖିଥେଲା କେଜାଣି। ସବୁ ଥରକ ପରି ଏଥରକ ବୋହୂ ତାଙ୍କ ଆଗରେ ଚିଠି ପଢ଼ିନି। ସେ କେମିତି ଜାଣିବେ ଯେ!

ପାଠପଢୁଆ ବୋହୂ, ସେ ନେଇଁ ପରା ସିଏ ମଙ୍ଗୁ ନଥିଲେ ବୋହୂକୁ ଗାଁ ମୁକାମରେ ରଖିବାକୁ। ବାଆରକୁ ବାଆର ରମେଶକୁ କହନ୍ତି, ବୋହୂକୁ ସାଥିରେ ନେଇଯିବାକୁ। ତାଙ୍କ ବେଳ ଥେଲା ନିଆରା। ଅୟସରେ ପିଲାଦିନ କାଟିଥିବା ବୋହୂକୁ ଇଠି ଚଳେଇବାକୁ ତାଙ୍କର ହଲକ କାଇଁ? ଦେହ ପା' ଭଲ ମନ୍ଦ ଅଛି, ସହଜେ ଗାଁରେ ପାଣି କାଦୁଅ, କଚ୍ଛାଘର...।

ରମେଶ କ'ଣ ସମଝିଲା? ଏକା ଜିଦ୍ ଧରିଲା, ଅନୀତା ଏଇଠି ଗାଁରେ ରହିବ। ମୋ' ବାପା ମଜୁରି ଲାଗି କେତେ କଷ୍ଟ ସ୍ୱୀକାର କରିଛନ୍ତି ମୋତେ ପାଠ ପଢ଼ାଇବା ପାଇଁ। ସମାଜରେ ମୋର ପ୍ରତିଷ୍ଠା ଲାଭ ପଛରେ ଅଛି ବାପାଙ୍କ ଅଧ୍ୟବସାୟ ଆଉ ବୋଉର ଶ୍ରଦ୍ଧା। ମୋତେ ଛାଡ଼ିଲେ ତାଙ୍କର ଆଉ କିଏ ଅଛି ଯେ! ଯେ ବୟସରେ ତାଙ୍କର ଟିକେ ସେବା ଯତ୍ନ ଦରକାର। ଅନୀତା ଗାଁରେ ରହୁ। ତାଙ୍କୁ, ତା'ବୋଉକୁ ଆଉ ଅନୀତାକୁ ବୋଧ ଦେଇ ଚାଲିଗଲା। ଅବଶ୍ୟ ବୁଢ଼ା ବିଭୋର ହୋଇ ଯାଇଥିଲେ ଆଜିକାଲିକା ଯୁଗରେ ପୁଣି ପୁଅର ଏପରି ଆଦର୍ଶ କଥା ଶୁଣି।

ବୁଢ଼ା ମନମାରି କ'ଣ ଭାବୁଥିବାର ଦେଖି ବୁଢ଼ୀ ଯାଇ ତାଙ୍କ ପାଖରେ ନିଃଶବ୍ଦରେ ଠିଆ ହେଲେ। ବୋହୂର ଦିହ କ'ଣ ଖରାପ ହେଇଚି, ଭୁଲ ହେଉ ବା ଠିକ୍ ହେଉ, ବିପଦ ଆପଦରେ ମରଦକୁ ବାଟ ବତାଇବା ମାଇପିପଣିଆ। ବୁଢ଼ୀ ପ୍ରସ୍ତାବ ବାଢ଼ିଲେ- 'କି ରୋଗ କେଜାଣି ଲୋ ମା', କାଲି ରମାଠୁ ଚିଠି ପାଇଲା। କଞ୍ଚା ବଅସ। ଖୁସି ହବାକଥା। ହେଲେ କଉଁ ଆଡୁ ଯେ ଅଲକ୍ଷଣା ବେମାରଟା ମାଡ଼ିବସିଲା ବୋହୂକୁ ମୋର। ଗଲାସନରୁ କିଛି ନଥେଲା...। ହେଇଟି, ମୋ' ମନ କାଇଁ କେମିତି କେମିତି ନାଗୁଚି। ଝଅଟ ରମା କତିକି ତାର କଲ। ସିଏ ଆସି ଅନୀକି ବଡ଼ ଡାକତରଖାନାକୁ ଘେନିଯାଉ। ସିଏ ଆମ ଅମଳ ହେଇନି ଯେ ଗୁଣିଗାରେଡ଼ିରେ ରୋଗ ଥମିଯିବ। ଆଉ ଆମର ଲୋଡ଼ା ନାହିଁ ସେବା ଯତନ। ଦିଅଣ୍ଡା ଫୁଟାଇଲେ ଖାଇବାକୁ ନୋକ ନାଇଁ। ହର୍ଦ୍ଦମେ କଇଲି ହେ ଅନୀକୁ କତିରେ ରଖନା। କାଇଁ ଗୋଟାଏ ବୋଝ ମୁଣ୍ଡାଇଚ ଭଲା?

ବୁଢ଼ା ଭଲ କରି ଜାଣନ୍ତି ଅଧର୍ଯ୍ୟ ହେବା ମାଇପିଙ୍କର ଦସ୍ତୁର୍। ବୁଢ଼ା ମନ ଭିତରେ ବ୍ୟସ୍ତ ହେଉଥିଲେ ବି ହଲକ ଧରି କଳରେ କାହିଁ କେତେବେଳୁ ଜାକିଥିବା ପାନକୁ ପାକୁଳି କଲେ- 'ହଉ ହଉ, ତୋ କଥା ହେଲା।'

ରମେଶ ତାର ପାଇ ଘରକୁ ଆସି ବୋହୂକୁ ଡାକ୍ତର ଦେଖାଇବା ପାଇଁ ନିଜ ପାଖକୁ ବାଲେଶ୍ୱର ନେଇଗଲା। ଗଲାବେଳେ ବୁଢ଼ାବୁଢ଼ୀଙ୍କୁ କହି ଯାଇଥିଲା ଯେ, ଅନୀତା ସାଥିରେ କେହି ଯିବା ଲୋଡ଼ା ନାହିଁ। କାରଣ ଘରେ ଆଉ କିଏ ଅଛି ଯେ!

ରମେଶର ଦୂରଦୃଷ୍ଟିକୁ ବୁଢ଼ାବୁଢ଼ୀ ମନେମନେ ପ୍ରଶଂସା କଲେ। ରମେଶ ତରତର ହୋଇ ଅନୀତାକୁ ସାଥିରେ ନେଇ ଚାଲିଯିବାର କିଛି ସମୟ ପରେ ବୁଢ଼ାଙ୍କର ହୋବ୍ ହେଲା ଯେ ଅନୀତା ଖାଉଥିବା ଔଷଧପତ୍ର ଛାଡ଼ିଦେଇ ଯାଇଛି। ସେ ଗଲାବେଳେ ବଳକା ଔଷଧ ସାଥିରେ ନେଇଯିବା ପାଇଁ ବୁଢ଼ୀ କାଇଁକି ମନେପକାଇଲା ନାହିଁ? ସେହି ଦୋଷରୁ ତା' ଉପରେ ବୁଢ଼ା ଚିଡ଼ିଚିଡ଼ି ହେଲେ। କି ଓଷଦ ଇଠି ଖାଉଥେଲା, ସେଠି ଡାକ୍ତର ନ ଜାଣିଲେ ଅସୁବିଧା ହେବ ନାହିଁ? କଥାକୁ ଜରୁରୀ ମନେକରି ତହିଁ ଆରଦିନ କାଉ କା' କଲାବେଳକୁ ବୁଢ଼ା ଅବଶିଷ୍ଟ ଔଷଧପତ୍ର ବ୍ୟାଗ୍‌ରେ ଭର୍ତ୍ତିକରି ବାହାରିଗଲେ ବାଲେଶ୍ୱର।

ପୁଅ ରହୁଥିବା ବସାର ପୋର୍ଟିକୋରେ ବୁଢ଼ା ହାଜର ହୁଅନ୍ତେ ଘର ଭିତରୁ ହସ ଶୁଭିଲା। ବିସ୍ମୟରେ ବୁଢ଼ା ନିମିଷେ ଥମିଗଲେ ସେଇଠି। ଇଏତ ବୋହୂର ହସ! ଚେନାଏ ଖୁସି ସଞ୍ଚରିଗଲା ମନରେ। ବୁଢ଼ା ମନେମନେ ଠାକୁରଙ୍କୁ ବଧେଇ ଜଣାଇଲେ- 'ବୋହୂ ଦିହ ସୁନା କରିଦିଅ ଠାକୁରେ।'

ପୁନଶ୍ଚ ଝରକା ଦେଇ ଶୁଭିଲା, ରମେଶର ସ୍ୱର- 'ଦେଖିଲ ତ? କେମିତି ହେଲା ପ୍ଲାନ?'

ଭାସି ଆସିଲା ଅନୀତାର ବେଶ୍ ସୁସ୍ଥ ସ୍ୱର- 'ବାହାଘର ଆମର ଦୁଇ ବର୍ଷ ହେଲାଣି, ଏ ପ୍ଲାନ ତୁମର କେଉଁଠି ଥିଲା? ତମେ ସର୍ଭିସ କରିବ ଟାଉନରେ, ମୁଁ ରୁରାଲରେ, ଏ ପ୍ଲାନ ପ୍ରୋଜେକ୍ଟ ନ କଲେ ଲାଇଫ୍‌କୁ କ'ଣ ଏଞ୍ଜୟ କରି ହେବ?' ଚୂନାଚୂନା ହସ ଝରି ପଡୁଥିଲା।

ବୋହୂ ହସ ସାଙ୍ଗରେ ଆପଣା ହସକୁ ଯୋଡୁଯୋଡୁ ରମେଶ କହିଲା- 'ଏକ୍‌ଜାକ୍ଟଲି, ଯେମିତି ରୋଗକୁ ସେମିତି ଔଷଧ। ନତୁବା ତୁମ ସାନ୍ନିଧ ହୋଇଥାନ୍ତା ଦୁଷ୍ପ୍ରାପ୍ୟ।

ବୁଢ଼ା ଖୁସି ହୋଇଗଲେ, ସେଇ ପୋର୍ଟିକୋ କାନ୍ଥରେ ମୁଣ୍ଡିଆ ମାରିଲେ। ବୁଢ଼ୀ ପରା ଠିକ୍ କହେ। ତାଙ୍କ ବେଳ କ'ଣ ଅଇଁଛା ଅଛି ଯେ, ଗୁଣିଗାରେଡ଼ି, ଚେରମୂଳରେ ଏ ବେମାର ଭଲ ହବ? ରମେଶ କାଲି ବୋହୂକୁ ଆଣି ନିଶ୍ଚୟ ବଡ଼ ଡାକ୍ତର ଦେଖାଇଛି। ଯେମିତି ରୋଗ ସେମିତି ଓଷଦ ଦେଇଛି। ବୋହୂ କଥା କଇଲାଣି! ହସିଲାଣି!

ବ୍ୟାଗ୍‌ରେ ଧରିଥିବା ପଥିକୁ ବୁଢ଼ା ହାତରେ ଧରିଲେ। ଅନୀତା ତ ଭଲ ହୋଇଗଲାଣି। ଏ ପଥି ପତର କ'ଣ ଲୋଡ଼ା ହେବ! ପୁଣି ରମେଶ ଯଦି ତାଙ୍କୁ ଦେଖିପକାଏ ହୁଏତ ଜିଦ୍ କରିବ ଯେ ଅନୀତା ତ ଭଲ ହୋଇଗଲାଣି, ତମର ଭଲମନ୍ଦ ପାନାହାର ଦେଖାଶୁଣା କରିବା ପାଇଁ ତାକୁ ସାଥିରେ ଗାଁକୁ ନେଇଯାଅ ବୋଲି।

ତେଣୁ ରମେଶକୁ ଦେଖା ନ କରି ସେହି ପୋର୍ଟିକୋରୁ ଫେରିଯିବାକୁ ବୁଢ଼ା ପାଞ୍ଚ କଲେ। ହେଲେ ଘରେ ବୁଢ଼ୀ ଏ କଥା ଶୁଣିଲେ ତାଙ୍କ ଉପରେ ଖପ୍ପା ହବ। କହିବ, ଏତେ ବାଟ ଗଲ, ପୁଅ ବୋହୂକୁ ମୋର ଦେଖାକଲ ନେଇଁ?

ଦୋ' ଦୋ' ପାଞ୍ଚ ହୋଇ ବୁଢ଼ା ବାଟଭୁଲା ବାଟୋଇ ପାଲଟି ଯାଉଥିଲେ ଧୀରେ ଧୀରେ...।

ମୋ: ୯୯୩୮୧୪୫୫୩୪

## ପୁସ୍ତକ ପରିଚୟ

### କାଲିଫର୍ଣ୍ଣିଆ ଡାଏରୀ




**ଲେଖକ:** ଡ. ପ୍ରମୋଦ କୁମାର ଦ୍ୱିବେଦୀ
**ପ୍ରକାଶକ:** ଏଥେନା ବୁକ୍‌ସ, ଭୁବନେଶ୍ୱର-୨
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୩୦୦/-

ଆଲୋଚ୍ୟ ଭ୍ରମଣ କାହାଣୀଟି ଲେଖକଙ୍କର ଦୁଇଥରରେ କାଲିଫର୍ଣ୍ଣିଆ ଗସ୍ତର ଅପୂର୍ବ ବର୍ଣ୍ଣନା ସମ୍ବଳିତ ଏକ ଭ୍ରମଣ-ଗ୍ରନ୍ଥ। ଏଥିରେ ମୋଟ ୩୪ଟି ପରିଚ୍ଛେଦ ରହିଛି। ଏହିସବୁ ପରିଚ୍ଛେଦ ମଧ୍ୟଦେଇ ଲେଖକ ଆମେରିକାରେ ବୁଲିଥିବା ଓ ବିଭିନ୍ନ ସ୍ଥାନ ସମ୍ପର୍କରେ ଅର୍ଜନ କରିଥିବା ଅନୁଭୂତିକୁ ସୁଖପାଠ୍ୟ ଶୈଳୀରେ ବ୍ୟକ୍ତ କରିଛନ୍ତି। ବହିଟିର ଆରମ୍ଭରେ ସେ ଆମେରିକାର ଭୌଗୋଳିକ ଅବସ୍ଥିତି, ଦେଶ ବିଭାଜନ, ସଂସ୍କୃତି, ପ୍ରାକୃତିକ ସୌନ୍ଦର୍ଯ୍ୟ, କ୍ରୀଡ଼ା ଓ ମନୋରଞ୍ଜନ ଆଦି ବିଷୟରେ ସୂଚନା ପ୍ରଦାନ କରିଛନ୍ତି। 'ଆମେରିକା ଯାତ୍ରାର ଶୁଭାରମ୍ଭ' ଶୀର୍ଷକ ଲେଖାରେ ସେ ତାଙ୍କ ରୋମାଞ୍ଚକର ଯାତ୍ରାର ଯେଉଁ ବିବରଣ ଦେଇଛନ୍ତି, ତାହା ଉପନ୍ୟାସ ପଢ଼ିବା ପରି ଲାଗେ। ଏଥିରେ ସେ ଆମେରିକାର ଟ୍ରାଫିକ୍ ବ୍ୟବସ୍ଥା କିପରି ସୁବ୍ୟବସ୍ଥିତ ଉଲ୍ଲେଖ କରି କହିଛନ୍ତି: ''ପଥଚାରୀମାନେ ରାସ୍ତା ଅତିକ୍ରମ କରିବା ପାଇଁ ଏଠାରେ ସୁନ୍ଦର ନିୟମ ରହିଛି। ରାସ୍ତାର ଟ୍ରାଫିକ୍ ଛକଗୁଡ଼ିକରେ ପଥଚାରୀମାନେ ରାସ୍ତା ପାରି ହେବା ପାଇଁ ସୂଚନା ଦିଆଯାଇଥାଏ। ଏକ ପାର୍ଶ୍ୱରେ ଥିବା ପଥଚାରୀ ସୁଇଚ୍ ଟିପିଲେ ଅପରପାର୍ଶ୍ୱରୁ ଅନୁମତି ସ୍ୱରୂପ ଚାଲୁଥିବା ମଣିଷର ଚିତ୍ର ଦେଖାଦେବ ଏବଂ ସେଠାରେ ସୂଚିତ ହୋଇଥିବା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ରାସ୍ତା ଅତିକ୍ରମ କରିବାକୁ ପଡ଼ିବ। ରାସ୍ତାର ଓସାର ଅନୁସାରେ ଏହି ସମୟ ୧ ମିନିଟ୍‌ରୁ ୧ ମିନିଟ୍ ୩୦ ସେକେଣ୍ଡ ପର୍ଯ୍ୟନ୍ତ ନିର୍ଦ୍ଧାରିତ ହୋଇଥାଏ। ଏହି ସମୟ ମଧ୍ୟରେ ସମସ୍ତ ଗାଡ଼ି ଚଳାଚଳ ବନ୍ଦ ରହେ। ମୁଖ୍ୟ ରାସ୍ତାରେ କେବଳ ଚାରିଚକିଆ କାର୍ ବ୍ୟତୀତ ଟ୍ରକ୍, ମୋଟରସାଇକେଲ ବା ସାଇକେଲ ସଂଖ୍ୟା ଖୁବ୍ କମ୍। ଆଇନଶୃଙ୍ଖଳା ସମ୍ବନ୍ଧରେ ସମସ୍ତେ ଏତେ ସଚେତନ ଯେ ଏଠାରେ ଦୁର୍ଘଟଣା ସଂଖ୍ୟା ଅତି ନଗଣ୍ୟ। x x ଭାରତରେ ରାସ୍ତା ପାରିହେବା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ।'' ଏହିପରି ବହିଟିର ସବୁଯାକ ଅଧ୍ୟାୟ କେବଳ ଆନନ୍ଦଦାୟୀ ନୁହେଁ, ଶିକ୍ଷଣୀୟ ବି। ଭାରତ ଓ ଆମେରିକା ମଧ୍ୟରେ ଥିବା ନାନା ପାର୍ଥକ୍ୟ ବହିଟିରୁ ପାଠକେ ଜାଣିପାରିବେ।

### କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ :ଏକ ଅଧ୍ୟୟନ ଓ ଅନୁବାଦ




**ଲେଖକ:** ଡେଭିଡ୍ ଡେନେନ୍
**ପ୍ରକାଶକ:** ବିଦ୍ୟାପୁରୀ, ବାଲୁବଜାର, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୩୦୦/-

ବହିଟିର ଇଂଲିଶ୍ ଶୀର୍ଷକ: "Kisoracandrananda Campu : A Study and Translation." ମୁଖବନ୍ଧକୁ ଛାଡ଼ି ଏଥିରେ ଛ'ଟି ପରିଚ୍ଛେଦ ରହିଛି। ଏସବୁ ପରିଚ୍ଛେଦରେ ପୁସ୍ତକର ଐତିହାସିକ ପୃଷ୍ଠଭୂମି, ସମୀକ୍ଷା, ପୁସ୍ତକ ସମ୍ବନ୍ଧୀୟ ବିତର୍କ ଓ ଛନ୍ଦ ସମ୍ପର୍କରେ ବିଶଦ ଆଲୋଚନା ହୋଇଛି। ବହିର ଇଂଲିଶ୍ ଅନୁବାଦ ସହିତ ଅନୁବାଦ ସମ୍ପର୍କୀୟ ସୂଚନା ଓ ଏକ ଶବ୍ଦାର୍ଥସୂଚୀ ରହିଛି। 'ଚମ୍ପୂ' ଶୈଳୀ ସମ୍ପର୍କରେ କୁହାଯାଇଛି ଯେ "A campu is a composition of mixed prose and verse. It is generally thought that prose and poetry should be somewhat proportionate in Campu." (P.35) 'କ'ରୁ 'କ୍ଷ'ଯାଏ ଅକ୍ଷର ନିୟମରେ 'କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ' କବିସୂର୍ଯ୍ୟ ଲେଖିଛନ୍ତି। ଓଡ଼ିଆରେ ଶବ୍ଦବିଧାନ ଓ ସଂଗୀତ ସଂଯୋଜନା ଯୋଗୁଁ ତାହା ଅତ୍ୟନ୍ତ ପ୍ରେମରସାପ୍ଳୁତ କାବ୍ୟରୂପ ଗ୍ରହଣ କରିଛି, ଯାହା ପାଠକଙ୍କ ପାଇଁ ସର୍ବକାଳୀନ ଆବେଦନ ରଖେ। କିନ୍ତୁ ଏହାର ଇଂଲିଶ୍ ଅନୁବାଦରେ କେବଳ ଆକ୍ଷରିକ ଅର୍ଥ ବ୍ୟତୀତ ମୂଳ ରଚନାର ମାଧୁର୍ଯ୍ୟ ପାଠକ ପାଖରେ ଉପଲବ୍ଧ ହୋଇପାରେ ନାହିଁ। ମୂଳ ଓଡ଼ିଆ ଓ ଅନୁବାଦର ତୁଳନା ଉପଲକ୍ଷେ ଗୋଟିଏ ପଦର ଉଦାହରଣ ଦିଆଯାଇପାରେ। 'ଗ' ଗୀତରେ ଅଛି- ''ଗଲାଣି ତ ଗଲା କଥାରେ ସଂଗାତ, ଗଲାଣି ତ ଗଲା କଥା/ ଗୁପତେ ସିନା ମୁଁ ତୋତେ ପଚାରିଲି, ବଳିପଡ଼ିବାରୁ ବ୍ୟଥା।'' ଏହାର ଇଂଲିଶ୍ ଅନୁବାଦ: "of the matter that just occurred, O friend,/ Only secretely I asked you, because (I have) fallen victim to agony (refrain)." ମୂଳ ପାଠରୁ ଅନୁବାଦର ଆବେଦନଗତ ଅନ୍ତର ସତ୍ତ୍ୱେ ଏହି ଅନୁବାଦ କବିସୂର୍ଯ୍ୟଙ୍କ ଅତୁଳନୀୟ କବିପ୍ରତିଭା ସମ୍ପର୍କରେ ଯେ ଅଣଓଡ଼ିଆଭାଷୀଙ୍କୁ ଏକ ସକାରାତ୍ମକ ବାର୍ତ୍ତା ଦେବ, ଏଥିରେ ସନ୍ଦେହ ନାହିଁ।

## କବିତା

### ଶ୍ରାବଣ

**ଜସ୍ମିନ୍ ମହାପାତ୍ର**

ଶ୍ରାବଣରେ ଝରୁଥିଲା ମେଘର ପାଖୁଡ଼ା
କେବେ ଟିପିଟିପି ପୁଣି କେବେ ଝିପିଝିପି।

ଲାଗୁଥିଲା ସତେ କିଏ କାନ୍ଦୁଛି କେଉଁଠି
ମେଘର ଉହାଡ଼େ ଅବା ପର୍ବତ ଶିଖରେ
ଗଛପତ୍ର ଭିଜୁଥିଲା ସୁଖର ଲୁହରେ
ଅବା ମର୍ମାନ୍ତିକ ଅକୁହା କୋହରେ।

ଯେତେ ଯାହା ଲେଖା ଥିଲା
ସମୟ ଦେହରେ
କେତେ ଚନ୍ଦ୍ର, କେତେ ତାରା
କାମନାର କୁନିକୁନି କଇଁଫୁଲ
ଝୁଡ଼ିଝୁଡ଼ି ସୁଖର ପସରା।

ମେଘ ତ ନ ଥିଲା ସେଠି
କେଉଁଠୁ ଆସିଲା, ଏତେ ଲୁହ
ନଦୀ ଆଉ ସମୁଦ୍ରର
ଛାତିଥରା କୋହ।

ଆଞ୍ଜୁଳାଏ ମିଠା ପାଣି
ଢେର୍ ଥିଲା ଏ ଜୀବନ ପାଇଁ
ଲବଣାକ୍ତ ହୋଇଗଲା ପୁଣି କାହିଁ ପାଇଁ!

ମୋ: ୯୭୭୬୮୬୮୦୫୬

### ହଜିଥିବା ପାଉଁଜି ଓ ବର୍ଷା

**କିଶୋର ମିଶ୍ର**

ପଟେ ପାଉଁଜି ତୁମର ହଜିଛି
କେଉଁଠି ଖୋଜିବି?
ଏବେ ରାତିର ପାଉଁଜି
ତୁମ ପାଦରେ ଛମ୍‌ଛମ୍
ଗଭୀର ଗଜରା
ମଲ୍ଲୀ ମଲ୍ଲୀ ବାସୁଛି ରାତିସାରା
ଛାତି ତଳେ ନହକା ନହକା ଢେଉ
ଏ ବେଳ ରହୁ କି ନ ରହୁ କଥା ରହୁ।

ତୁମେ ଆସିବ ତ ଆସ!
ପାହାଡ଼ ସେପଟର ଉପତ୍ୟକାରେ ବର୍ଷା
ଏଠି ମୁଁ ଅପେକ୍ଷା କରିଛି ବର୍ଷାକୁ
ଛାତ ଉପରେ ଏକାନ୍ତରେ।

ପ୍ରାର୍ଥନା କରୁଛି
ବର୍ଷା ତା'ର ପଣତ ଟିକିଏ ଲହରାଉ
ଟିକିଏ ମେଘମନସ୍କ ହୁଅନ୍ତୁ
ମୋ' କବିତାର ଶବ୍ଦ ସବୁ।
ଏବେ କେଉଁଠି ଖୋଜିବି
ନଈପଠାରେ ତୁମ ପାଉଁଜିକୁ?
ଥାଉ!

କଳାମେଘ ଘୋଡ଼ାଇ ଦେଲାଣି ଜହ୍ନକୁ
ବର୍ଷିବ ବର୍ଷିବ ହେଉଛି
ତୁମ ଆଖି ବର୍ଷୁ।
ଏ ବର୍ଷାକୁ କିନ୍ତୁ କେହି ନ ଦେଖୁ।
ତୁମ ପାଉଁଜି ସେମିତି ହଜିଥାଉ
ନଈପଠା ପାଉଁଜିର
ରୁଣୁଝୁଣୁ କବିତା ଗାଉଗାଉ।

ମୋ: ୯୪୩୭୩୨୭୫୦୨

### ଅଭେଦାଭେଦ

**ରଜନୀକାନ୍ତ ମହାନ୍ତି**

ଆଖି ପଛରେ କିଏ ଆସୁଛି ଜଣାନାହିଁ।
ସେ ହୁଏତ ବର୍ବାଦ ହେଇଥିବା ସ୍ୱପ୍ନ
ବା
ହୃଦୟଟିକୁ ଚିହ୍ନେଇ ପାରୁନଥିବା
ଲାବରେଟୋରିର କଙ୍କାଳ।

ଆଖି ଆଗରେ କିଏ ଆସୁଛି ଜଣାନାହିଁ।
ସେ ହୁଏତ ଠିକଣା ଜାଣିନଥିବା ସ୍ୱପ୍ନ
ଅପେକ୍ଷା କରିଛି କାହାର ଡାକରା।
ମୁଁ ସେଠି ଅନିଦ୍ରା ହେଇ
ଧାଡ଼ିରେ ଠିଆ ହେଇଥିବା ଲୋକ!

ମୋ: ୮୭୬୬୯୪୪୮୫୮

### ବର୍ଷା ଗୋ' ତୁମେ ବରଷନା ଏବେ

**ବିଷ୍ଣୁମୋହନ**

ବର୍ଷା ଗୋ' ତୁମେ!
ବର୍ଷଣ-ମୁଖର ହୁଅନାହିଁ ଏବେ
ବରଷିଲେ ଭିଜିଯିବ, ଏ ଅନ୍ତର ମୃତ୍ତିକା
ଆଉ ସେ ଭିଜାମାଟିର ଗନ୍ଧ
ମୋତେ କରିବ ପାଗଳ, ହୋଇଯିବି କାମନାର
ଭରା ନଈଟିଏ, ନ ମାନି କିଛି ଥଳକୂଳ।

ଉଷର ଭୂମି ପାଲଟିଥିବା ଏ ଜୀବନ, ଭରିଯିବ
କାମନାର ତୀବ୍ର ଅନଳରେ
ଅଥୟ କରିବ ମିଶାଇବାକୁ ଦେହରେ ଦେହକୁ
ମିଶିଯାଏ ଯେପରି ଶୁଭ୍ର ତଟିନୀର ଦେହ,
ପ୍ରଣୟ-ବିଭୋର ସାଗରର ବାହୁବନ୍ଧନରେ।

ସେ ଭିଜାମାଟିର ଗନ୍ଧ କରିବ ବାଚାଳ
ଭୁଲିଯିବି ତୁମ କୁମାରୀତ୍ୱର ଅଭିଷେକ
ତୁମ ପାଇଁ ଜଣେ ଅଜଣା ବର୍ବର,
ଶୋଷିବ ପ୍ରିୟା ତୁମର
ରକ୍ତ ମାଂସର ଶରୀର,
ନିର୍ଲିପ୍ତ କରିଦେବ ଜୀବନ-ମୂର୍ଚ୍ଛନା
ଆସନ୍ତାକାଲିର ଆଲୋକ,
କେବେ ହେବ ଆମ ପାଇଁ
ପୂନେଇଁର ଜହ୍ନ, ଆଉ କେବେ ପୁଣି ଅନ୍ଧକାରର
ଘନ ବିଭୀଷିକା।

ମୋ: ୭୨୦୫୭୫୮୨୫୫

## କାଳକାଳକୁ

''ସବୁବେଳେ ନିଶାଗ୍ରସ୍ତ ରୁହ।
ସେ ନିଶା ମଦ୍ୟ ନା କବିତା
ନା ସଦାଚାର, ନିଷ୍ପତ୍ତି ତୁମର।''
- ଚାର୍ଲସ୍ ବୋଦ୍‌ଲେୟାର୍



**ଚାର୍ଲସ୍ ବୋଦ୍‌ଲେୟାର୍‌ଙ୍କ** ଜନ୍ମ ୯ ଏପ୍ରିଲ ୧୮୨୧ରେ ଓ ପରଲୋକ ୩୧ ଅଗଷ୍ଟ ୧୮୬୭ରେ, ଫ୍ରାନ୍‌ସର ପ୍ୟାରିସ୍‌ରେ। ସେ ଏକାଧାରରେ କବି, ନିବନ୍ଧକାର, ଅନୁବାଦକ ଓ କଳା-ସମୀକ୍ଷକ। 'ଲେସ୍ ଫ୍ଲିଉରସ୍ ଡୁ ମଲ୍' (ଦ' ଫ୍ଲାୱାର୍ସ ଅଫ୍ ଇଭିଲ୍) ପୁସ୍ତକରେ ଦ୍ରୁତ ଶିଳ୍ପାୟନ ଯୋଗୁଁ ପ୍ୟାରିସ୍‌ରେ ଘଟୁଥିବା ପ୍ରକୃତି ପରିବର୍ତ୍ତନର ରୂପରେଖ ଅଂକିତ। ପଲ୍ ଭର୍‌ଲେନ୍, ଆର୍ଥର ର୍‌ୟାମ୍ବୋ ଓ ଷ୍ଟିଫେନ୍ ମାଲାର୍ମେ ପ୍ରମୁଖ ବୋଦ୍‌ଲେୟାର୍‌ଙ୍କ ମୌଳିକ ଗଦ୍ୟ-କବିତା ଦ୍ୱାରା ବହୁଳ ଭାବେ ପ୍ରଭାବିତ ହୋଇଥିଲେ। କ୍ଷଣଭଂଗୁର ନଗରଜୀବନକୁ ବ୍ୟକ୍ତ କରୁଥିବା ସାହିତ୍ୟ ଓ ସେଥିପ୍ରତି ଥିବା ଲେଖକଙ୍କ କଳାତ୍ମକ ଦାୟବୋଧକୁ ସେ 'ଆଧୁନିକ' ଶବ୍ଦରେ ପରିଭାଷିତ କରିଥିଲେ। ମାର୍ଶାଲ ବର୍ମନ ତାଙ୍କୁ ପ୍ରଥମ ଆଧୁନିକତାବାଦୀର ଶ୍ରେୟ ଦେଇଥିଲେ। ବୋଦ୍‌ଲେୟାର୍ କହୁଥିଲେ: ''ସବୁବେଳେ କବି ହୋଇ ରୁହ, ଗଦ୍ୟରେ ବି!''

# ଲୋ ରେବୀ

**ଲଘୁଗଳ୍ପ**

**ପ୍ରତାପ ବିଶ୍ୱାଳ**

ରେବୀ ପଚାରିଲା: ମା' ମୁଁ କେବେ ଶାଢ଼ି ପିନ୍ଧିବି?

ମା' କହିଲା : ଆଉ ଟିକେ ବଡ଼ ହୋଇ ଯା।

ମା' ସବୁଦିନେ ବାଡ଼ିପାଖ ଆମ୍ବଗଛ ମୂଳେ ପାଣି ଢାଳୁଥିଲା। ଗଛ ଛୋଟରୁ ଆସ୍ତେ ଆସ୍ତେ ବଡ଼ ହେଉଥିଲା।

ରେବୀ କାନ୍ଥରେ ଚକ୍‌ରେ ଗାର କାଟି ମାପୁଥିଲା ଉଚ୍ଚତା। ଚାରିଫୁଟ ପାଞ୍ଚ ଇଞ୍ଚ।

ମା' ସବୁଦିନେ ଆମ୍ବଗଛ ମୂଳେ ପାଣି ଦେଇ ବସନ୍ତର ଅପେକ୍ଷାରେ ଥିଲା। ଗଛରେ ବଉଳ ହେବ। ଆମ୍ବ ଫଳିବ। ଅଭାବୀ ସଂସାରକୁ ଆମର ଦୁଇପଇସା ରୋଜଗାର ଦେବ।

ରେବୀ ସ୍କୁଲରେ ଶ୍ରେଣୀ ପରେ ଶ୍ରେଣୀ ଉଠୁଥିଲା। ଅଷ୍ଟମ। ନବମ। ଦଶମ। କାନ୍ଥରେ ଏବେ ଆଉ ଚକ୍‌ରେ ଗାର ନ କାଟି ପେନ୍‌ସିଲରେ ଗାର କାଟି ଉଚ୍ଚତା ମାପୁଥିଲା। ପାଞ୍ଚଫୁଟ। ପାଞ୍ଚଫୁଟ ତିନିଇଞ୍ଚ। ପାଞ୍ଚଫୁଟ ଛ ଇଞ୍ଚ। ପାଞ୍ଚଫୁଟ ଆଠ ଇଞ୍ଚର ଅପେକ୍ଷାରେ ଥିଲା।

ରେବୀ ଏବେ ସ୍କୁଲ ପାଠ ଛାଡ଼ି ଶାଢ଼ି ପିନ୍ଧି ଛାତିରେ ବହି ଜାକି କଲେଜ ଗଲାଣି। ମା' କହିଲା: ମନଦେଇ ପାଠ ପଢ଼। ଚାକିରି କରି ରୋଜଗାର କରିବୁ।

ଆମ୍ବଗଛ ବଡ଼ ହେଉଥିଲା। ଛନଛନିଆ ପତ୍ରରେ ସୁନ୍ଦର ଦିଶୁଥିଲା। କେତେବେଳେ କେମିତି ଉଡ଼ା ଚଢ଼େଇ କେତେଟା ଆସି ତା' ଉପରେ ବସି ଗୀତ ଗାଇଲା ପରି ସ୍ୱରରେ ରାବୁଥିଲେ। ମା' ଭାବୁଥିଲା ଏବର୍ଷ ବସନ୍ତରେ ଗଛଟାରେ ବଉଳ ଧରିବ ନିଶ୍ଚୟ।

ରେବୀ କାନ୍ଥରେ ପାଞ୍ଚଫୁଟ ଆଠଇଞ୍ଚର ଗାର କାଟି ନିଜକୁ ମାପି



ଚାଲୁଥିଲା।

ସତକୁ ସତ ବସନ୍ତ ଋତୁ ଆସୁ ଆସୁ ଆମ୍ବଗଛରେ ବସି କୋଇଲି ରାବିଲା। ଆମ୍ବ ବଉଳିଲା।

ଦିନେ ସନ୍ଧ୍ୟାବେଳେ ଗଛମୂଳକୁ ପାଣିଦେବାକୁ ଯାଇ ଦେଖେ ତ ଆମ୍ବଡାଳରେ ଗୋଟିଏ ହେଲେ ବଉଳ ନାହିଁ। ଆଶ୍ଚର୍ଯ୍ୟ ହୋଇ ଏଣିକି ତେଣିକି ଚାହିଁ ଦେଖେ ତ କିଛି ଦୂରରେ ଥିବା ଚାକୁଣ୍ଡା ଗଛଟାରେ ହନୁ ମାଙ୍କଡ଼ଟେ ବସି ତାକୁ ଚାହିଁଛି। ବହେ ସମ୍ଭାଳିଲା। ଅପେକ୍ଷା କଲା ରେବୀକୁ। ବେଳ ଗଡ଼ିଗଲାଣି ଝିଅ କାହିଁ କଲେଜରୁ ଫେରିନି। ସମୟ ଗଡୁଥିଲା। ସନ୍ଧ୍ୟା ହୋଇ ଆସୁଥିଲା। ଝିଅର ଦେଖା ନ ଥିଲା। ଦାଣ୍ଡପିଣ୍ଡାରେ ବସି ଝିଅ ଆସିବା ବାଟକୁ ଚାହିଁ ରହିଲା। ଏହି ସମୟରେ ଗାଁରେ ରେବୀ ସାଙ୍ଗରେ ପଢୁଥିବା ନରିଆ ତା' ଆଡ଼କୁ ଆସୁଥିବାର ଦେଖି ପଚାରିଲା: ରେବୀକୁ ଦେଖିଛୁ କି? କାହିଁ ଏପର୍ଯ୍ୟନ୍ତ ତ ଆସିନି।

ନରିଆ ତା' ପିଠିପଟେ ଝୁଲାଇଥିବା ବ୍ୟାଗକୁ ଆଗକୁ ଆଣି ଚେନ୍ ଖୋଲି ଚାରି ଚଉତା କାଗଜ ଖଣ୍ଡେ ବଢ଼ାଇ ଦେଉ ଦେଉ କହିଲା: ନେ ରେବତୀ ଦେଇଛି ତୋତେ ଦେବାକୁ।

ସେ ଆଶ୍ଚର୍ଯ୍ୟ ହୋଇ କହିଲା: ଚିଠି! କି ଚିଠି! ପଢ଼ିଲୁ ପଢ଼ିଲୁ କ'ଣ ହୋଇଛି।

ନରିଆ ପଢ଼ିଲା ''ମା' ମୋତେ ଆଉ ଖୋଜିବୁନି। ମୁଁ ସବୁଦିନ ପାଇଁ ତୋ ଜୋଇଁ ସାଥିରେ ଯାଉଛି।''

ମା' ମାଟି ଦରାଣ୍ଡି ସମ୍ଭି ଚାଲିଲା- ଲୋ ରେବୀ.... ଲୋ ନିଆଁ ଲାଗି... ବାଡ଼ିପଶି... ତୁ ସିଆଡ଼େ ମରଲୋ ସବାଖାଇ। ତୁ କ'ଣ ଏଇଆ କରିବୁ ବୋଲି ବାପା ମଲାପରେ ପେଟରୁ କାଟି ଏତେ ଦୁଃଖକଷ୍ଟ ସହି ପାଠ ପଢ଼ାଉଥିଲି।

ସନ୍ଧ୍ୟାର ଅନ୍ଧାର ଆହୁରି ପାକଳ ହେଉଥିଲା। ବୁଢ଼ୀ ଆଖିରୁ ଲୁହ ଶୁଖୁ ନ ଥିଲା।

ମୋ: ୯୪୩୭୭୪୫୯୮୩

# ଗିରଫ ସଂସ୍କୃତ ଶିକ୍ଷକ ନିଲମ୍ବିତ

ଦେବଗଡ଼,୩୦।୮(ଶଶାଙ୍କ ଶେଖର ଝାଙ୍କର)

ନବମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ ଓ ମାଡ ଅଭିଯୋଗରେ ଦେବଗଡ ଆଦର୍ଶ ଥାନା ପୋଲିସ ଦ୍ୱାରା ଗତ ୨୪ ତାରିଖରେ ଗିରଫ ହୋଇ ଜେଲଯାଇଥିବା ସଂସ୍କୃତ ଶିକ୍ଷକ ଗିରିଧାରୀ ଦ୍ୱିବେଦୀ(୫୯)ଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି। ୨୯ ତାରିଖରେ ଦେବଗଡ ଜିଲା ଶିକ୍ଷା ଅଧିକାରୀ ଡାକ୍ତର ରାଧାକାନ୍ତ ଗଡତିଆ ତାଙ୍କୁ କାର୍ଯ୍ୟାଳୟ ଆଦେଶ ନମ୍ବର ୩୭୫୩/ତା ୨୯।୮।୨୦୨୪ ରିଖରେ ଓସିଏସ(ସିସିଏ)-୧୯୬୨ର ରୁଲ ୧୨ (ବି)ଅନୁଯାୟୀ କାର୍ଯ୍ୟରୁ ନିଲମ୍ବିତ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ଗତ ୨୦ ତାରିଖରେ ସଂସ୍କୃତ ଶିକ୍ଷକ ଦ୍ୱିବେଦୀ ନବମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ ପ୍ରଦର୍ଶନ କରିଥିଲେ। ଏ ନେଇ ଛାତ୍ରୀ ଆପତି ଉଠାଇବାରୁ ଶିକ୍ଷକ ଦ୍ୱିବେଦୀ ତାଙ୍କୁ ଧମକ ଦେବା ସହ ମାଡ ମଧ ମାରିଥିଲେ। ଛାତ୍ରୀ ପରିବାର ଲୋକଙ୍କୁ ଜଣାଇବା ପରେ ସେମାନେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଏକଥା ପ୍ରଘଟ ହେବା ପରେ ଅଞ୍ଚଳବାସୀଙ୍କ ମଧରେ ତୀବ୍ର ଉତେଜନା ପ୍ରକାଶ ପ୍ରକାଶ ପାଇଥିଲା। ସେମାନେ ସମ୍ପୃକ୍ତ ଶିକ୍ଷକ ଦ୍ୱିବେଦୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ବିଦ୍ୟାଳୟ ପୁରାତନ ଛାତ୍ର, ବିଦ୍ୟାଳୟ ପରିଚାଳନା ସମିତି ସଦସ୍ୟ ସଦସ୍ୟା, ଅଭିଭାବକ ଓ ଗ୍ରାମବାସୀଙ୍କୁ ନେଇ ପ୍ରଧାନ ଶିକ୍ଷକଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଶିକ୍ଷକ ଦ୍ୱିବେଦୀ କ୍ଷମା ପ୍ରାର୍ଥନା କରିବା ସହ କଥାକୁ ଆଗକୁ ନ ବଢାଇବା ପାଇଁ ନିବେଦନ କରିଥିଲେ। ମାତ୍ର ଦ୍ୱିବେଦୀଙ୍କ ବିରୋଧରେ



## ଛାତ୍ରୀଙ୍କୁ ଅସଦାଚରଣ, ମାଡ଼ ଘଟଣା

ପୂର୍ବରୁ ମଧ ଏଭଳି ଅଭିଯୋଗ ରହିଥିବାରୁ ଏ ନେଇ ଦେବଗଡ ଜିଲାପାଳ, ଜିଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ସୂଚନା ପ୍ରଦାନ ସହ ଦେବଗଡ ଥାନାରେ ଅଭିଯୋଗ ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ନିଷ୍ପତି ଅନୁଯାୟୀ ପ୍ରଧାନ ଶିକ୍ଷକ ଏ ନେଇ ଜିଲାପାଳ, ଜିଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ସୂଚନା ପ୍ରଦାନ କରିଥିଲେ। ସେହିପରି ୨୨ ତାରିଖ ସନ୍ଧ୍ୟାରେ ପୀଡିତାଙ୍କ ବାପା ପ୍ରଧାନ ଶିକ୍ଷକଙ୍କ ସହ ଦେବଗଡ ଆଦର୍ଶ ଥାନାରେ ଶିକ୍ଷକ ଦ୍ୱିବେଦୀଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଦେବଗଡ ଆଦର୍ଶ ଥାନା ପୋଲିସ ସଂସ୍କୃତ ଶିକ୍ଷକଙ୍କ ବରୋଧରେ ଭାରତୀୟ ନ୍ୟାୟ ସଂହିତାର ଧାରା-୨୯୬,୭୪,୭୫,୧୧୫(୨)ସହିତ ୧୦ ଓ ୧୨ ପୋକ୍ସୋ ଆକ୍ଟରେ ଏକ ମାମଲା ରୁଜୁ କରି ୨୪ ତାରିଖରେ ଗିରଫ କରି କୋର୍ଟଚାଲାଣ କରିଥିଲା।

# ଦେଶୀ ବନ୍ଧୁକ ଜବତ: ୨ ଶିକାରୀ ଗିରଫ

ସୋନପୁର/ଉଲୁଣ୍ଡା, ୩୦।୮ (ମୃତ୍ୟୁଞ୍ଜୟ ଶତପଥୀ/ଉରୁକ୍ରମ ପାଣ୍ଡିଆ)

ସୁବର୍ଣ୍ଣପୁର ବନଖଣ୍ଡ ଅନ୍ତର୍ଗତ ଉଲୁଣ୍ଡା ବନ କ୍ଷେତ୍ରାଞ୍ଚଳର ସିଂହାସନ ସଂରକ୍ଷିତ ଜଙ୍ଗଲରେ ଗୁରୁବାର ରାତିରେ ବନବିଭାଗର ଟିମ୍ ଚଢାଉ କରିଥିଲା। ଠିକ୍ ସମୟରେ ଚଢାଉ ଯୋଗୁ ଶିକାରୀ ବନ୍ୟପ୍ରାଣୀ ଶିକାର କରିବା ପୂର୍ବରୁ ବନ ବିଭାଗ ହାତରେ ଧରା ପଡିଛନ୍ତି। ଏହି ଘଟଣାରେ ଉଲୁଣ୍ଡା ଥାନା ସୁଲିଆ ଅଞ୍ଚଳର ଶରତ ମହାନ୍ତ(୧୯) ଓ ମନାଲି ବାରିକ(୨୫)ଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ଏକ ଦେଶୀ ହାତ ତିଆରି ବନ୍ଧୁକ ଓ ପାଇପ୍ ଜବତ ହୋଇଛି। ଏ ସମ୍ପର୍କରେ ଉଲୁଣ୍ଡା ବନ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି। ଶିକାରୀ ଦ୍ୱୟଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ସିଂହାସନ ସଂରକ୍ଷିତ ଜଙ୍ଗଲରେ ହରିଣ, କୁଟ୍ରା ଓ ବାର୍ହା ଆଦି ବନ୍ୟପ୍ରାଣୀ ଅଛନ୍ତି। ସେମାନଙ୍କ ଉପରେ ଶିକାରୀଙ୍କ ଲୋଲୁପ ଦୃଷ୍ଟି ପଡିଛି। ଶିକାରୀମାନେ ନିୟମିତ ଜଙ୍ଗଲରେ ପ୍ରବେଶ କରି ନିରୀହ ବନ୍ୟପ୍ରାଣୀଙ୍କୁ ଶିକାର କରିବା ପରେ ଜନବସତିରେ ଲୁଚାଛପାରେ ମାଂସ ବିକ୍ରି କରୁଛନ୍ତି। ବନ ବିଭାଗର କର୍ମଚାରୀମାନେ ଶିକାରୀଙ୍କ ଗତିବିଧି ଉପରେ ନଜର ରଖିଥିଲେ। ଗୁରୁବାର ରାତିରେ ଶରତ ଓ ମନାଲି ସଂରକ୍ଷିତ ଜଙ୍ଗଲରେ ପ୍ରବେଶ କରି ବନ୍ୟପ୍ରାଣୀ ଶିକାର ପାଇଁ ଉଦ୍ୟମ କରୁଥିବାବେଳେ ବନ ବିଭାଗର ଟିମ୍ ହାତରେ ଧରା ପଡିଥିଲେ। ଉଲୁଣ୍ଡା ବନକ୍ଷେତ୍ରାଧିକାରୀ ସଞ୍ଜିବ କୁମାର ରାଉତଙ୍କ ନିର୍ଦ୍ଦେଶ କ୍ରମେ ସୁଲିଆ ବନପାଳ ବିନୋଦ ବିହାରୀ ସାହୁ, ଯାଲୋଏ ବନପାଳ ପ୍ରଦୀପ କୁମାର ଜେନା, ବନରକ୍ଷୀ ରାଜୀବ ସାହୁ ଓ ଏଲିଫ୍ୟାଣ୍ଟ ସ୍କ୍ୱାର୍ଡର କର୍ମଚାରୀ ଏହି ଚଢାଉରେ ସାମିଲ ହୋଇଥିଲେ।

## ସିଂହାସନ ସଂରକ୍ଷିତ ଜଙ୍ଗଲରେ ବନ ବିଭାଗର ଚଢ଼ାଉ

# ଡୁକଲାରେ ବ୍ୟାପୁଛି ଝାଡ଼ାବାନ୍ତି

ଖଡ଼ିଆଳ,୩୦।୮ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକର ଡୁକଲା ଗ୍ରାମରେ ୩ଦିନ ମଧରେ ୪୦ରୁ ଅଧିକ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ଏହା ମଧ୍ୟରୁ ଡୁକଲାଠାରେ ଥିବା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର (ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର)ରେ କିଛି ଲୋକ ଭର୍ତ୍ତି ହୋଇଥିବା ବେଳେ ଆଉ କେତେଜଣ ଖଡ଼ିଆଳ ଉପଖଣ୍ଡ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ପ୍ରାଥମିକ ଚିକିତ୍ସା ପରେ କିଛି ରୋଗୀ ଆରୋଗ୍ୟ ହୋଇଥିବା ଜଣାପଡିଛି। ଗ୍ରାମର ପରେଶ ଦାଶଙ୍କୁ ରାୟପୁର ଓ କ୍ଷେତ୍ର ପଟେଲଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଡୁକଲା ନିକଟ ମାଲପଡ଼ା ଗ୍ରାମର ଭୀମସେନ ମେହେର ନାମକ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଦୂଷିତ ପାଣି ବ୍ୟବହାର ଯୋଗୁ ଏହି ରୋଗ ବ୍ୟାପୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଡୁକଲା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଇନ୍‌ଚାର୍ଜ ଡାକ୍ତର ଅହିସା ଦାସଙ୍କୁ ପଚାରିବାରୁ ସମସ୍ତଙ୍କୁ ଚିକିତ୍ସା କରାଯିବା ସହ ସ୍ୱାସ୍ଥ୍ୟ ସଚେତନ କରାଯାଉଛି ବୋଲି କହିଥିଲେ। ଖଡ଼ିଆଳ ଉପଖଣ୍ଡ ଅଧିକାରୀ ଡା. ରଞ୍ଜିତ କୁମାର ରାଉତଙ୍କୁ ପଚାରିବାରୁ ବର୍ତ୍ତମାନ ସ୍ଥିତି ସୁଧୁରିଛି ବୋଲି ପ୍ରକାଶ କରିଛନ୍ତି।

# ଟ୍ରେଲର ଧକ୍କାରେ ସ୍କୁଟି ଆରୋହୀଙ୍କ ମୃତ୍ୟୁ

## ଟ୍ରେଲର ଜବତ, ଚାଳକ ଅଟକ

ସମ୍ବଲପୁର,୩୦।୮ (ପ୍ରମୋଦ ବହିଦାର)

ବରେଇପାଲି ଥାନା ଅନ୍ତର୍ଗତ ଜାତୀୟ ରାଜପଥ(୫୩)ରେ ବରେଇପାଲି ଛକ ଓ ରେମେଡ଼ଛକ ମଝିରେ ଏକ ଟ୍ରଲର ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ଜଣକ ହୀରାକୁଦର ନିଖିଳେଶ୍ୱର ଟପ୍‌ନୋ(୫୦) ବୋଲି ଜଣାପଡ଼ିଛି। ନିଖିଳେଶ୍ୱର ସ୍କୁଟି ଓଡି-୧୫-ଟି-୩୮୯୫ରେ ଅଇଁଠାପାଲିରୁ ନିଜ ଘର ହୀରାକୁଦ ଅଭିମୁଖେ ଯାଇଥିଲେ। ଏହି ସମୟରେ ଏକ ଟ୍ରଲର ପଛରୁ ଆସି ସ୍କୁଟି ଆରୋହୀ ନିଖିଳେଶ୍ୱରଙ୍କୁ ଧକ୍କା ଦେବାରୁ ସେ ଟ୍ରଲର ଚକତଳେ ପଡ଼ିଯାଇଥିଲେ। ଫଳରେ ଟ୍ରଲର ଚକ ତାଙ୍କ ମୁଣ୍ଡ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ବରେଇପାଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରିବା ସହ ଦୁର୍ଘଟଣାଗ୍ରସ୍ତ ଟ୍ରଲକୁ ଜବତ କରି ଚାଳକଙ୍କୁ ଅଟକ ରଖିଛି। ଏହା ସହ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହାକୁ ନେଇ ବରେଇପାଲି ଥାନାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ପୋଲିସ।


## ଅଭିଯୁକ୍ତ ବ୍ୟକ୍ତିଙ୍କ ହାଜିରା ଆବଶ୍ୟକ କରୁଥିବା ଉଦ୍‌ଘୋଷଣା

(ଧାରା 82 Cr.P.C. ଦେଖନ୍ତୁ)

ମୋ ଇଜିଲାସରେ ଅଭିଯୋଗ କରାଯାଇଛି ଯେ ଅଭିଯୁକ୍ତ ମେସର୍ସ ସାଇ କୃଷ୍ଣ ଏଣ୍ଟରପ୍ରାଇଜେସ୍ ନିଜର ପ୍ରୋ. ଶ୍ରୀ ଅଜାଗସେ କୁମାର ନରଜକ ପୁତ୍ର ଶ୍ରୀ ଜାରା ଢାକରୀ ନାୟକଙ୍କ ମାଧମରେ କାନାପୁର ପିଏସ୍ ନିନାପଡ଼ା ବନାମ ସେଞ୍ଚ ଆଇଓ ଓଲିକ ଓନା ଏନଆର୍ ତାରିଣୀ ମନ୍ଦିର ପୁରୀ, ଓଡ଼ିଶା-752114, ଅନ୍ୟ ଠିକଣା: ୱାର୍ଡ ନମ୍ବର ପିୟୁ-ସି ଏନ୍‌ଆର୍ ଖେଲର ଏମ୍/ସିଟି, ଭିଲକୋଣା ପୁରୀ, ଓଡ଼ିଶା-752114 ଏଫ୍‌ଆଇଆର୍ ନଂ./ସିସି ନଂ. 3452/2019 ଅନ୍ତର୍ଗତ ଧାରା 138 ଏନ୍‌ଆଇ ଆକ୍ଟ, ଥାନା ପଟେଲ ନଗର, ନୂଆଦିଲ୍ଲୀ ଅଧୀନରେ ଦଣ୍ଡନୀୟ ଅପରାଧ କରିଛନ୍ତି (କିମ୍ବା କରିଥିବାର ସନ୍ଦେହ କରାଯାଉଛି) ଏବଂ ସେ ବାବଦରେ ଜାରି କରାଯାଇଥିବା ଗିରଫ ୱାରେଣ୍ଟକୁ ଏହା ଲେଖି ଫେରାଇଦିଆଯାଇଛି ଯେ ଉକ୍ତ ଅଭିଯୁକ୍ତ ଶ୍ରୀ ଅଜାଗସେ କୁମାର ନରଜକଙ୍କ ସନ୍ଧାନ ମିଳୁନାହିଁ, ଏବଂ ମୋତେ ସମାଧାନପ୍ରଦ ରୂପେ ଦର୍ଶିତ କରିଦିଆଯାଇଛି କି ଉକ୍ତ ଅଭିଯୁକ୍ତ ଶ୍ରୀ ଅଜାଗସେ କୁମାର ନରଜକ ଫେରାର ହୋଇଯାଇଛନ୍ତି (କିମ୍ବା ଉକ୍ତ ୱାରେଣ୍ଟକୁ ଏଡ଼ାଇବା ପାଇଁ ନିଜକୁ ଲୁକ୍କାୟିତ ରଖିଛନ୍ତି); ଏଥିପାଇଁ ଏତଦ୍ୱାରା ଉଦ୍‌ଘୋଷଣା କରାଯାଉଛି କି, ଏଫ୍‌ଆଇଆର୍ ନଂ./ସିସି ନଂ. 3452/2019 ଅନ୍ତର୍ଗତ ଧାରା 138 ଏନ୍‌ଆଇ ଆକ୍ଟ, ଥାନା ପଟେଲ ନଗର, ନୂଆଦିଲ୍ଲୀର ଉକ୍ତ ଅଭିଯୁକ୍ତ ଶ୍ରୀ ଅଜାଗସେ କୁମାର ନରଜକଙ୍କୁ ଆଦେଶ ଦିଆଯାଉଅଛି କି, ସେ ଏହି ନ୍ୟାୟାଳୟ ସମ୍ମୁଖରେ (କିମ୍ବା ମୋ ସମ୍ମୁଖରେ) ଉକ୍ତ ଅଭିଯୋଗର ଉତ୍ତର ଦେବା ପାଇଁ 30.09.2024 ପୂର୍ବାହ୍ନ 10.00 ଘଟିକା କିମ୍ବା ତାହା ପୂର୍ବରୁ ହାଜିର ହୁଅନ୍ତୁ।

ଆଦେଶକ୍ରମେ
ଶ୍ରୀ କରଣବୀର ସିଂହ
ମହାନଗର ଦଣ୍ଡାଧିକାରୀ (ଏନ୍‌ଆଇ ଆକ୍ଟ-05)
ପ୍ରକୋଷ୍ଠ ନଂ. 04, ତିସ୍ ହଜାରୀ ନ୍ୟାୟାଳୟ, ଦିଲ୍ଲୀ

DP/11392/CD/2024
(ନ୍ୟାୟାଳୟ ମାମଲା)

## କର୍ମଚାରୀ ଭବିଷ୍ୟନିଧି ସଂଗଠନ

(ଶ୍ରମ ଏବଂ ରୋଜଗାର ମନ୍ତ୍ରାଳୟ, ଭାରତ ସରକାର)
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭବିଷ୍ୟନିଧି ଭବନ, ପାନପୋଷ ରୋଡ଼, ରାଉରକେଲା- ୭୬୯୦୧୨, ଜିଲ୍ଲା - ସୁନ୍ଦରଗଡ଼

### ପ୍ରେସ୍ ବିଜ୍ଞପ୍ତି

ଆଞ୍ଚଳିକ ଇ.ପି.ଏଫ୍. କାର୍ଯ୍ୟାଳୟ ପକ୍ଷରୁ ଆସନ୍ତା ସେପଟେମ୍ବର ମାସ ପାଇଁ "ନିଧି ଆପ୍‌କେ ନିକଟ" ଏବଂ "ପେନ୍‌ସନ୍ ଅଦାଲତ" ତା.୧୦.୦୯.୨୦୨୪ରିଖ ମଙ୍ଗଳବାର ଦିନ ଆୟୋଜିତ ହେବାକୁ ଯାଉଛି। ଏହି ଅବସରରେ ପି.ଏଫ ଏବଂ ପେନ୍‌ସନ୍ ସଂପର୍କିତ ସମସ୍ୟାଗୁଡ଼ିକର ଶୁଣାଣି ଏବଂ ସମାଧାନ କରାଯିବ। ପୂର୍ବାହ୍ନ ୧୧ଟାରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଭାଗନେବାପାଇଁ, ଆପତ୍ତି ଅଭିଯୋଗଥିବା ସମସ୍ତ ପେନ୍‌ସନଧାରୀ ତଥା ଇ.ପି.ଏଫ୍. ଅଂଶୀଦାରମାନେ ସେମାନଙ୍କ ସମସ୍ୟାର ପଞ୍ଜିକରଣ ନିଜର ଠିକଣା ଏବଂ ଫୋନ୍ ନମ୍ବର ସହ ଲିଖିତ ଭାବେ ପୋଷ୍ଟ ମାଧ୍ୟମରେ କିମ୍ବା ଅଫିସ୍‌ରେ ଥିବା ଡ୍ରପ୍ ବକ୍ସରେ ଦାଖଲ କରିବାକୁ ନିବେଦନ କରାଯାଇଛି। ଏଥିସହିତ ପ୍ରୋଭିଡେଣ୍ଟ ଫଣ୍ଡ ଆକାଉଣ୍ଟର ସବିଶେଷ ବିବରଣୀ କିମ୍ବା ପି.ପି.ଓ ନମ୍ବର ଇତ୍ୟାଦି ଆସନ୍ତା ୦୫.୦୯.୨୦୨୪ ତାରିଖ ପୂର୍ବରୁ ଦାଖଲ କରିବାକୁ ହେବ ବୋଲି ଆଞ୍ଚଳିକ ପି.ଏଫ୍. କମିଶନର୍ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।

କ୍ଷେତ୍ରୀୟ ଭବିଷ୍ୟନିଧି ଆୟୁକ୍ତ
ଆଞ୍ଚଳିକ ଭବିଷ୍ୟନିଧି କାର୍ଯ୍ୟାଳୟ, ରାଉରକେଲା

SAI/RKL/0135/24

## OFFICE OF THE SUPERINTENDENT, PLACE OF SAFETY: ROURKELA- 4, DIST; - SUNDARGARH

**ADVERTISEMENT**

Place of Safety, Rourkela(CCI) is a Govt. Run Institution- Aid by Govt. of Odisha,Women & Child Development inviting application for different contractual post urgently. Interested candidate having requisite qualification and experience may apply online through the Link:https://forms.gle/1HGjafPopW2TQeBS8. The completely filled up application form and same should reach to this office addressed to The Superintendent, At- Place of Safety, Near Special Jail, Rourkela, Dist.-Sundargarh, PIN-769004 by Speed Post/Register Post on or before 25 days 5:30 PM from the date of Advertisement. For details go through the district website of Sundargarh i.e.: www.sundargarh.odisha.gov.in

Sd/-
Secretary
Place of Safety, Rourkela

## PARADIP PORT AUTHORITY
MATERIALS MANAGEMENT DIVISION

**e-TENDER CALL NOTICE No.11/2024**

No.EM/MM/OE/MISC/CONT-01/2024/19
Date : 27.08.2024

Name of the work : "Providing assistance in Central Stores and MM Office to execute different works on job work basis for a period of two years".

Estimated Cost : Rs.1,12,34,968/-.

Last Date & time of submission : 17.09.2024 at 17:00 Hrs.

Refer our website for details : https://eprocure.gov.in/eprocure/app.

Sr.Dy.Materials Manager, PPA
PPA/PR/30/2024-2025 / 29.08.2024

## idco | ODISHA NEW OPPORTUNITIES

No. CAD-969

**OFFICE OF THE DIVISIONAL HEAD (ELECTRICAL-II), IDCO, IDCO TOWER, BHUBANESWAR**

Tender Call Notice No.- BBSR/ELECT-II/E-275/24-25/3277 Dt. 27.08.2024

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work :-** Repair & Renovation work for Air Conditioning system at Multi Activity Centre inside BPUT Campus, Rourkela.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect-II), IDCO, IDCO Tower, Janpath, Bhubaneswar | Bid ID No. BBSR/ ELECT-II/e-05/24-25 | 03.09.2024 at 12.00 Hrs. | 11.09.2024 at 16.00 Hrs. |

Further details can be seen from the e-Procurement Portal www.tendersorissa.gov.in. Corrigendum or Addendum, if any will not be published in newspapers and can be seen in **e-procurement portal** as well as in **IDCO website**.

Sd./- Divisional Head (Elect-II)
IDCO, Bhubaneswar

OIPR-14003/11/0054/2425

## कार्यपालक अभियंता का कार्यालय
ग्रामीण कार्य विभाग, कार्य प्रमंडल, डालटनगंज ।
पत्रांक..........दिनांक................

प्रेष विज्ञप्ति
PR NO.-333576

ग्रामीण कार्य विभाग, कार्य प्रमंडल, डालटनगंज के अधीन अल्पकालीन ई0 निविदा सूचना संख्या–01RIII/ 2024–25/EE/ RWD/DALTONGANJ, दिनांक 23.08.2024 के द्वारा आमंत्रित निविदा में क्रमांक

3. ई–निविदा प्राप्ति की अंतिम तिथि एवं समय : 02.09.2024 up to 5.00 PM के स्थान पर तिथि एवं समय : 04.09.2024 to 5.00PM

4. निविदा खोलने की तिथि एवं समय 04.08.2024 पूर्वाह्न 3.30 बजे के स्थान पर तिथि एवं समय : 06.09.2024 अपराह्न 3.30 बजे पढ़ा जाए ।

शेष नियम एवं शर्ते यथावत रहेगा ।

कार्यपालक अभियंता,
ग्रामीण कार्य विभाग,
कार्य प्रमंडल, डालटनगंज ।

PR 334138 Rural Development(24-25)D

## CAREER APPOINTMENT
ON EVERY WEDNESDAY & SATURDAY

B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

## STAR MANAGEMENT COLLEGE
Govt. of Odisha Recognised Under Utkal University

Faculties required for **B.Sc** (Comp.Sc.), **BBA, BCA, PMIR, BHM & MHM (10Post). Marketing Manager (4Nos), Telecaller (15Nos), Front Office** (Exp. in Educational Institutions) **(2Nos), Peon (4Nos), Driver (2Nos) & Admin.(2Nos)**(Exp. in Education Institutions)

167, Forest Park, Bhubaneswar, Mail id - starmgtcollege@gmail.com
Contact: 9040090530, 9040090543, 9861444447, 9937337659

## SALES EXECUTIVE
FOR ODISHA

- Agri Machinery Business (Power Weeder / Brush Cutter)
- Product knowledge Required

Contact - 9011953025
Mail - vkavajare@gmail.com
Co. - Vijay Krushi Avajare

## ୟୁକୋ ବ୍ୟାଙ୍କ

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, କଟକ ମୁଖ୍ୟ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ. ୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, କଟକ ମୁଖ୍ୟ ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ।

| କଟକ ମୁଖ୍ୟ ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ମେସର୍ସ ମହାବୀର ଫୁଡ ପ୍ରଡକ୍ଟସ୍, ସ୍ୱତ୍ୱାଧିକାରୀ: ଶ୍ରୀମତୀ ଡିମ୍ପଲ ଶର୍ମା। / ଗ୍ୟାରେଣ୍ଟିଦାତା: ଶ୍ରୀ ବାସୁଦେବ ଯୋଶୀ, ଉଭୟଙ୍କ ଠିକଣା- ସା/ପୋ: ଉତମାପୁର, ତେନ୍ତୁଳିନାଳି ୟୁପି ସ୍କୁଲ ନିକଟ, ଗୋପାଳପୁର, କଟକ ସଦର, କଟକ | ତା.୩୧.୦୩.୨୦୨୪ରିଖ ସୁଦ୍ଧା ଟ.୧,୪୬,୯୩,୭୦୮.୯୪ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୩୦.୦୫.୨୦୨୪ / ୨୯.୦୮.୨୦୨୪ | ଶ୍ରୀମତୀ ଡିମ୍ପଲ ଶର୍ମା, ସ୍ୱାମୀ: ୰ ବ୍ରିଜ୍ ମୋହନ ଶର୍ମାଙ୍କ ନାମରେ ଥିବା ଜମିର ପରିମିତ କ୍ଷେତ୍ର: ୫୨୨୭.୨୦ ବର୍ଗଫୁଟ ସହିତ ବିଲ୍ଡିଂ(ଗୃହ) ଯାହାର ମୌଜା: ଉତମାପୁର, ପ୍ଲଟ୍ ନଂ.: ୭୪/୧୧୫୪୩, ଖାତା ନଂ.: ୨୪୭/୩୮୫, ପୋ: ଗୋପାଳପୁର, ଥାନା: କଟକ ସଦର ନଂ.: ୩୭, ତେନ୍ତୁଳିନାଳି ୟୁପି ସ୍କୁଲ ନିକଟ, ଜିଲ୍ଲା: କଟକ, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା ଏବଂ ଏସ୍ କେ ପଣ୍ଡା (ଭି.ଏଲ), ପୂର୍ବ: ଗୋଚର ଏବଂ ରାସ୍ତା, ଦକ୍ଷିଣ: ଶ୍ରୀ ମହାପାତ୍ର, ପଶ୍ଚିମ: ଶ୍ରୀ ନିରଞ୍ଜନ ନାୟକ |

ସ୍ଥାନ: ଭୁବନେଶ୍ୱର, ତାରିଖ : ୩୦.୦୮.୨୦୨୪
କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

## GOVERNMENT OF CHHATTISGARH, WATER RESOURCES DEPARTMENT
OFFICE OF THE EXECUTIVE ENGINEER
WATER RESOURCES DIVISION KOTA, DISTT. - BILASPUR (C.G.)

e-Procurement Tender Notice
eProcurement Portal : https://eproc.cgstate.gov.in

Online tenders are invited for the following works up to 19-09-2024 at 17:30 Hour

| System Tender No. | NIT No. & Date | Name of Work | Probable Amount of Contract (In Lakhs) | Tender Call |
|---|---|---|---|---|
| 158105 | 03/SAC/2024-25 dtd. 29.08.2024 | Construction of Gunsari Anicut Scheme | 284.76 | First Call |
| 158106 | 04/SAC/2024-25 dtd. 29.08.2024 | R.B.C. Repair & Renovation of Ghongha Medium Scheme | 606.27 | First Call |

The details can be viewed and downloaded online directly from the Government of Chhattisgarh Integrated e-Procurement Portal (https://eproc.cgstate.gov.in) from Date 05.09.2024 at 17:31 Hours. (IST) onwards.
Note : All eligible/intrested contractors/bidders are mandated to get enrolled on the Integrated e-procurement portal (https://eproc.cgstate.gov.in) and get approval on specific vendor class from PWD under Centralized Contractor/ Supplier Registration in order to download the tender documents and participate in the subsequent bidding process. Other terms and condition of this tender visit WRD website https://eproc.cgstate.gov.in under Live tender available.

Sd./- Executive Engineer
Water Resources Division Kota, Distt.-Bilaspur (C.G.)

G-242502127/4

## GOVERNMENT OF JHARKHAND
Agriculture, Animal Husbandry & Co-operative Department
(Co-Operative Division)
OFFICE OF THE REGISTRAR, CO-OPERATIVE SOCIETIES JHARKHAND, RANCHI
INTEGRATED CO-OPERATIVE DEVELOPMENT PROJECT (I.C.D.P.) CELL, RANCHI

**Very Short e-Tender Notice**

Tender Reference No:- ICDP/RANCHI/14/RE-1/2024-25 DATE:- 29.08.2024

| SL No. | Name of work | No Of Unit | Estimated Value of Work (in Rs) | Cost Of BoQ (in Rs) | Earnest Money (in Rs) | Time Of Completion Of Work |
|---|---|---|---|---|---|---|
| 01. | Construction of 500 MT Capacity Godown in Lamps/Pacs Of Districts Bokaro | 08 | 6,44,20,000.00 | 10,000.00 | 6,44,200.00 | 12 Months |
| 02. | Date Of Publication of on Website | 03.09.2024 AT 11:00 AM | | | | |
| 03. | Last Date & Time of Submission of bids | 10.09.2024 AT 05:00 PM | | | | |
| 04. | Name & Address of Office Inviting Tender | State Monitoring Officer, ICDP Cell, Ranchi, Pasupalan - Sahkarita Bhawan Singh More Hatia, Ranchi. 834003 | | | | |
| 05. | Contact No of Procurement Officer | 7979760612, 7250895727 | | | | |

06. Bid document with details terms and conditions will be available online on e-tendering portal, http://Jharkhandtenders.gov.in from 03.09.2024 at 11:00 AM to 10.09.2024 up to 05:00 PM. Bids must be Submitted online only at the e- tendering portal http:// Jharkhandtender.gov.in on or before 05:00 PM on 10.09.2024. Tender Fee and EMD Will be received through online mode only. Bidders can use internet banking facility for faster processing of tender fee and EMD. Alternatively, bidders can use NEFT/RTGS challan generated for the tender from jharhandtenders.gov.in portal. Technical Bid received online will be opened at 05:00 PM on 11.09.2024.
07. Estimate Cost May Vary.
08. Corrigendum/Amendment if any will be published only on the above mentioned website.

Sd/-
State monitoring Officer
ICDP Cell, Ranchi

PR 334227 Co-opretive(24-25)#D

## DIRECTORATE OF STATE INSTITUTE OF HEALTH & FAMILY WELFARE, ODISHA

No.E-254

Nayapalli, Bhubaneswar - 751012
Advertisement Reference No. 3161, dated 29/08/2024

### TRAINING OF GOVERNMENT DOCTORS

Applications are invited as per the following criteria from interested and committed regular in service State Govt. MBBS doctors for 1 Year course of Post Graduate Diploma in Public Health Management for the year 2024-25. The candidates applying for the above courses must not have completed/ undergone any PG degree, Diploma, DNB course in any subject or any such similar course viz LSAS /EmOC / USG Training / Chemotherapy / Mental Health / ICU / CPS Diploma / NBE etc.

| Name of the Training | Duration | Training Organizing institute | Eligibility Criteria |
|---|---|---|---|
| PG Diploma in Public Health Management | 1 year | Indian Institute of Public Health, Bhubaneswar | Minimum 3 (Three) years of service completed and five years to retire as on 31st August'2024. |

All interested MBBS Doctors (OPSC confirmed) are requested to apply to the Director, SIHFW, Odisha, Nayapalli, Unit-8, Bhubaneswar-751012, through proper channel (CDM&PHO of the districts / Superintendent of Medical Colleges or respective authorities) in the prescribed format available on website www.sihfwodisha.nic.in / www.nhmodisha.gov.in / www.health.odisha.gov.in / www.odisha.gov.in through registered post, courier or in person. The application form can also be obtained from respective CDM&PHO office / Superintendent Govt. Medical Colleges. **Last date for receipt of application is 25th September 2024.** No application will be entertained after the last date. For further clarification Director, SIHFW, Odisha can be contacted in sihfwodisha@gmail.com, phone no - 0674-2394336.

Sd/-
Director, SIH&FW (Odisha)
Bhubaneswar.

OIPR-10003/11/0066/2425

ଧରିତ୍ରୀ DHARITRI
ଧରିତ୍ରୀ 50 Years
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଅଗଷ୍ଟ ୩୧/୨୦୨୪ Bhubaneswar, Saturday, August 31/ 2024

# ସୁନ୍ଦରଗଡ଼-କଟକ ଫାଇନାଲ

**ବରଗଡ,୩୦।୮ (ପ୍ରେମାନନ୍ଦ ଖମାରୀ)**

ବରଗଡ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଚାଲିଥିବା ଆନ୍ତଃ ଜିଲା ସିନିୟର ପି.ସି. ବେହେରା ମହିଳା ଫୁଟବଲ ପ୍ରତିଯୋଗିତାରେ ଶୁକ୍ରବାର ଅନୁଷ୍ଠିତ ଦୁଇଟି ସେମିଫାଇନାଲ୍‌ରେ ସୁନ୍ଦରଗଡ ଓ କଟକ ଦଳ ନିଜ ନିଜ ମ୍ୟାଚ୍ ଜିତି ଫାଇନାଲରେ ପ୍ରବେଶ କରିଛନ୍ତି। ସୁନ୍ଦରଗଡ ଓ କେନ୍ଦୁଝର ମଧ୍ୟରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ଖୁବ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ପ୍ରଥମାର୍ଦ୍ଧ ସମ୍ପୂର୍ଣ୍ଣ ଗୋଲ ଶୂନ୍ୟ ଥିବାବେଳେ ଦ୍ୱିତୀୟାର୍ଦ୍ଧରେ ୬୬ ତମ ମିନିଟରେ ସୁନ୍ଦରଗଡର ପ୍ରମିଳା କିଶାନ ବିଜୟୀ ଗୋଲ ସ୍କୋର କରିଥିଲେ। ମ୍ୟାଚ୍‌କୁ ପୂର୍ବତନ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ଅଲିମ୍ପିକ ଆସୋସିଏଶନର ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, ଜିଲା କ୍ରୀଡା ସଂସଦ ଉପସଭାପତି ଯୁଗଳ ପ୍ରସାଦ ସିଂ, ସମ୍ପାଦକ କିଶୋର କୁମାର ମିଶ୍ର,



ସେମିଫାଇନାଲ ମ୍ୟାଚ ପୂର୍ବରୁ ଅତିଥିଙ୍କ ଗହଣରେ ଖେଳାଳି ଓ ଅଫିସିଆଲ।

## ଆନ୍ତଃଜିଲା ସିନିୟର ମହିଳା ଫୁଟ୍‌ବଲ

ଫାଓ ଉପସଭାପତି ରବି ପଣ୍ଡା, କ୍ରୀଡ଼ା ସଂସଦ କୋଷାଧ୍ୟକ୍ଷ ଡ. ଶୁଭ୍ରାଂଶୁ ଶେଖର ମହାପାତ୍ର, ଆଉଟଡୋର ଗେମ୍ସ ସମ୍ପାଦକ ସୁରେଶ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ମ୍ୟାଚ୍ ପରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବରଗଡର ବରିଷ୍ଠ ଡାକ୍ତର ଏଟମ ସାହୁ ଅତିଥି ଭାବେ ଯୋଗଦେଇ ସୁନ୍ଦରଗଡ଼ ଦଳର ପ୍ରମିଳା କିଶାନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରିଥିଲେ। କଟକ ଓ ଜଗତ୍‌ସିଂହପୁର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍ ମଧ୍ୟ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଶେଷରେ କଟକ ଦଳ ୨-୧ରେ ଜିତି ଫାଇନାଲରେ ପ୍ରବେଶ କରିଥିଲା। ଜଗତ୍‌ସିଂହପୁର ପକ୍ଷରୁ ଏକମାତ୍ର ଗୋଲଟି ଅଙ୍କିତା ନାୟକ ଦେଇଥିବା ବେଳେ କଟକ ପକ୍ଷରୁ ଲକ୍ଷ୍ମୀପ୍ରିୟା ଲେଙ୍କା ଓ ବର୍ଷା ମହାକୁଡ ଗୋଟିଏ ଲେଖାଏ ଗୋଲ କରିଥିଲେ। ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବରଗଡ ଧନୁଯାତ୍ରା ମହୋତ୍ସବର କଂସ ଅଭିନେତା ହୃଷୀକେଶ ଭୋଇ କ୍ରୀଡ଼ା ସଂସଦ ଉପ ସଭାପତି ଯୁଗଳ ପ୍ରସାଦ ସିଂ, କ୍ରୀଡା ସମ୍ପାଦକ ହରଦୀପ ସିଂ, କାଉନ୍‌ସିଲ ସଦସ୍ୟ ପ୍ରଦୀପ ସାହୁ, ଆଜୀବନ ସଦସ୍ୟ ଗିରିଜା ପ୍ରସାଦ ନାଥ, ଜ୍ଞାନରଞ୍ଜନ ପୂଜାରୀ ପ୍ରମୁଖ କଟକ ଦଳର ସୁନୀତା ସ୍ୱାଇଁଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରିଥିଲେ। ଆସନ୍ତା ସେପ୍ଟେମ୍ବର ୧ତାରିଖ ଅପରାହ୍ନ ୩ଟା ସମୟରେ ସୁନ୍ଦରଗଡ ଓ କଟକ ଦଳ ମଧ୍ୟରେ ଫାଇନାଲ ହେବ।

# ରିଫ୍ୟୁଜି ପାରାଲିମ୍ପିକ୍ସ ଟିମ୍‌କୁ ପ୍ରଥମ ପଦକ



**ପ୍ୟାରିସ, ୩୦।୮ (ଏପି):** ରିଫ୍ୟୁଜି ପାରାଲିମ୍ପିକ୍ସ ଟିମ୍ ପାଇଁ ପ୍ରଥମ ଆଥଲେଟ ଭାବେ ଗୋଟିଏ ପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି ଆଫଗାନିସ୍ତାନର ଜାକିଆ ଖୁଦାଦାଦି। ସେଣ୍ଟ୍ରାଲ ପ୍ୟାରିସର ଗ୍ରାଣ୍ଡ ପାଲାଇସଠାରେ ଗୁରୁବାର କହିଲା ୪୭କେଜି କାଟେଗୋରୀ ମହିଳା ଟାଏକୋଣ୍ଡୋରେ ତୁର୍କୀର ଇକିନ୍‌ସି ନୁର୍ସିହାନ୍‌ଙ୍କୁ ପରାସ୍ତ କରି ସେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଫାଇନାଲ ବଜର ବାଜିବା ମାତ୍ରେ ଖୁଦାଦାଦି ଉତ୍‌ଫୁଲ୍ଲିତ ହୋଇ ତାଙ୍କ ହେଲମେଟ ଓ ମାଉଥ୍‌ପିସ୍‌କୁ ଉପରକୁ ଫିଙ୍ଗି ଦେଇଥିଲେ। ଖୁଦାଦାଦି ଜନ୍ମ ହେବା ବେଳେ ତାଙ୍କ ଗୋଟିଏ ହାତର ଅଗ୍ରଭାଗ ନ ଥିଲା। ତାଙ୍କୁ ଯେତେବେଳେ ମାତ୍ର ୧୧ ବର୍ଷ ବୟସ ହୋଇଥିଲା, ଆଫଗାନିସ୍ତାନର ପଶ୍ଚିମାଞ୍ଚଳ ସହର ହେରାତରେ ଗୋପନ ଭାବେ ଏକ ଜିମ୍‌ରେ ସେ ଟାଏକୋଣ୍ଡୋ ଅଭ୍ୟାସ ଚଳାଇଥିଲେ। ୨୦୨୧ରେ ତାଲିବାନ ସରକାର କ୍ଷମତାସୀନ ହେବାପରେ ତାଙ୍କୁ ଆଫଗାନିସ୍ତାନ ଛାଡ଼ିବାକୁ ପଡ଼ିଥିଲା। ତେବେ ଇଣ୍ଟରନ୍ୟାଶନାଲ କମ୍ୟୁନିଟିର ହସ୍ତକ୍ଷେପ ଯୋଗୁ ତାଙ୍କୁ ନିଜ ଦେଶରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ମିଳିଥିଲା। ଏହି ପ୍ରତିଯୋଗିତା ପରେ ସେ ଯାଇ ପ୍ୟାରିସରେ ବାସ କରିଥିଲେ। ପରେ ତାଙ୍କୁ ପ୍ୟାରିସ ୨୦୨୪ ପାରାଲିମ୍ପିକ୍ସରେ ରିଫ୍ୟୁଜି ଟିମ୍‌ରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ମିଳିଥିଲା। ଖୁଦାଦାଦି କହିଛନ୍ତି, ଏହି ପଦକଟି ହେଉଛି ଆଫଗାନିସ୍ତାର ସମସ୍ତ ମହିଳା ଏବଂ ବିଶ୍ୱର ସମସ୍ତ ରିଫ୍ୟୁଜିଙ୍କ ପାଇଁ। ଦିନ ଆସିବ ଦେଶରେ ଶାନ୍ତି ଫେରିବ ବୋଲି ସେ ଆଶା କରନ୍ତି।

# ଦ୍ୱିତୀୟ ରାଉଣ୍ଡରୁ ଅଲକାରାଜଙ୍କ ବିଦାୟ

**ନ୍ୟୁୟର୍କ, ୩୦।୮ (ଏପି)**

ସ୍ପାନିଶ ପ୍ରଫେଶନାଲ ଟେନିସ ଖେଳାଳି କାର୍ଲୋସ ଅଲକାରାଜ ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଫଳରେ ତାଙ୍କର ଗ୍ରାଣ୍ଡସ୍ଲାମ୍ ୧୫ ମ୍ୟାଚ ବିଜୟ ଧାରାରେ ବ୍ରେକ୍ ଲାଗିଛି। ବିଶ୍ୱର ୭୪ତମ ର୍‍ୟାଙ୍କିଂପ୍ରାପ୍ତ ଡଚ୍ ଟେନିସ ଖେଳାଳି ୨୮ ବର୍ଷୀୟ ବୋଟିକ୍ ଭାନ୍ ଡି ଜାଣ୍ଡସ୍କଲ୍ପଙ୍କ ନିକଟରୁ ସେ ୬-୧, ୭-୫, ୬-୪ ସେଟରେ ହାରିଯାଇଛନ୍ତି। ଅନ୍ୟପକ୍ଷରେ ମହିଳା ସିଙ୍ଗଲ୍ସରେ କାରୋଲିନା ମୁଚୋଭାଙ୍କଠାରୁ ୟୁଏସ୍ ଓପନ ଚାମ୍ପିୟନ ନାଓମି ଓସାକା ପରାଜିତ ହୋଇ ବିଦାୟ ନେଇଛନ୍ତି। ଚଳିତବର୍ଷ ଫ୍ରେଞ୍ଚ ଓପନ, ୱିମ୍ବଲଡନ ସମେତ ପ୍ୟାରିସ ଅଲିମ୍ପିକ ରୌପ୍ୟ ବିଜେତା ୨୧ ବର୍ଷୀୟ ଅଲକାରାଜଙ୍କୁ ଏହି ପରାଜୟ ଗଭୀର ଦୁଃଖ ପହଞ୍ଚାଇଛି। ଏଠାରେ ତାଙ୍କର ଯଥେଷ୍ଟ ଶକ୍ତିର ଅଭାବ ଥିଲା ବୋଲି ସେ ପ୍ରକାଶ କରିଛନ୍ତି। ଜାଣ୍ଡସ୍କଲ୍ପ ପୂର୍ବରୁ ଥରେ ମାତ୍ର ୨୦୨୧ ୟୁଏସ୍ ଓପନରେ ଏକ ଗ୍ରାଣ୍ଡସ୍ଲାମର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିପାରିଥିଲେ।





## ବୋପାନ୍ନା-ଇବ୍‌ଡେନ ଦ୍ୱିତୀୟ ରାଉଣ୍ଡରେ

ଭାରତର ରୋହନ ବୋପାନ୍ନା ଏବଂ ତାଙ୍କ ଅଷ୍ଟ୍ରେଲୀୟ ପାର୍ଟନର ମାଥ୍ୟୁ ଇବଡେନ୍ ୟୁଏସ୍ ଓପନ ପୁରୁଷ ଡବଲ୍ସ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଏହି ଯୋଡ଼ି ଗୁରୁବାର ରାତିରେ ସେମାନଙ୍କ ଓପନିଂ ରାଉଣ୍ଡରେ ନେଦରଲାଣ୍ଡ୍ସର ସାଣ୍ଡର ଆରେଣ୍ଡ୍ସ ଓ ରବିନ ହାସ୍‌ଙ୍କୁ ୬-୩, ୭-୫ ସିଧାସଳଖ ସେଟ୍‌ରେ ହରାଇ ଦେଇଛନ୍ତି।

# ଏଆଇଟିଏ-ଓଟିଏ ଚାମ୍ପିୟନଶିପ୍ ସିରିଜ



ଅତିଥିଙ୍କ ଗହଣରେ ପୁରସ୍କୃତ ଟେନିସ ଖେଳାଳିମାନେ।

## ଆହାନ, ଶାଜଫାଙ୍କୁ ତ୍ରିମୁକୁଟ

**ଭୁବନେଶ୍ୱର, ୩୦।୮ (ତପନ ସ୍ୱାଇଁ)**

ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ସହଯୋଗରେ ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମ ପରିସରରେ ୧୪ ଓ ୧୬ ବର୍ଷରୁ କମ୍ ଏଆଇଟିଏ-ଓଟିଏ ଚାମ୍ପିୟନଶିପ୍ ସିରିଜ (ସିଏସ୭) ଟେନିସ ଟୁର୍ନାମେଣ୍ଟ ଶୁକ୍ରବାର ଶେଷ ହୋଇଛି। ୨୬ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଉତ୍ତର ପ୍ରଦେଶ, ଆନ୍ଧ୍ର ପ୍ରଦେଶ, ବିହାର, ତାମିଲନାଡୁ, ମହାରାଷ୍ଟ୍ର, ଗୁଜରାଟ, ଆସାମ, ତେଲେଙ୍ଗାନା ଓ ଆୟୋଜକ ଓଡ଼ିଶାରୁ ୭୫ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଓଡ଼ିଶାର ଆହାନ ମିଶ୍ର ଓ ଶାଜଫା ସେକ୍ ଯଥାକ୍ରମେ ବାଳକ ଓ ବାଳିକା ବର୍ଗରେ ତ୍ରିମୁକୁଟ ହାସଲ କରିଛନ୍ତି। ବାଳକ ୧୪ ବର୍ଷରୁ କମ୍ ସିଙ୍ଗଲ୍ସ ଫାଇନାଲରେ ଆହାନ ମହାରାଷ୍ଟ୍ରର ଅରଭ ପଟେଲଙ୍କୁ ୬-୧, ୬-୧ରେ ପରାସ୍ତ କରିଥିଲେ। ସେହିପରି ୧୬ ବର୍ଷରୁ କମ୍ ସିଙ୍ଗଲ୍ସ ଫାଇନାଲରେ ସେ ଅନ୍ୟତମ ଓଡ଼ିଶା ଖେଳାଳି ଆଦିତ୍ୟ ବିର୍କମ ଆଚାର୍ଯ୍ୟଙ୍କୁ ୬-୦, ୬-୧ରେ ହରାଇଥିଲେ। ୧୬ ବର୍ଷରୁ କମ୍ ବାଳକ ଡବଲ୍ସରେ ସେ ଓ ସତଭ୍ୟା କର୍ମକାର ଯୋଡ଼ି ଅନ୍ୟତମ ଓଡ଼ିଶା ଯୋଡ଼ି ଆଦିତ୍ୟ ବିକ୍ରମ ଆଚାର୍ଯ୍ୟ ଓ ଅନିକେତ ସାହୁଙ୍କୁ ୪-୬, ୬-୩, (୧୦-୩)ରେ ପରାସ୍ତ କରିଥିଲେ। ସେହିପରି ବାଳିକା ୧୪ ବର୍ଷରୁ କମ୍ ସିଙ୍ଗଲ୍ସ ଫାଇନାଲରେ ଶାଜଫା ପଶ୍ଚିମବଙ୍ଗର ଜାରା ହୁମରା ହାଇଦରଙ୍କୁ ୭-୬(୫), ୬-୨ରେ ଏବଂ ୧୬ ବର୍ଷରୁ କମ୍ ବାଳିକା ଫାଇନାଲରେ ଓଡ଼ିଶାର ସଂରଚନା ଦାସଙ୍କୁ ୬-୩, ୬-୦ ସେଟ୍‌ରେ ପରାସ୍ତ କରିଥିଲେ। ୧୬ ବର୍ଷରୁ କମ୍ ଡବଲ୍ସ ଫାଇନାଲରେ ଶାଜଫା-ପ୍ରେରଣା ସାନ୍ତ୍ରା (ପଶ୍ଚିମବଙ୍ଗ) ଯୋଡ଼ି ତାମିଲନାଡୁର ସୁହାନି ଭାସିନ ଓ ପଶ୍ଚିମବଙ୍ଗର ସୁଦୀକ୍ଷା ବାନାର୍ଜୀଙ୍କୁ ୬-୧, ୬-୩ରେ ହରାଇ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଓଟିଏ ସଭାପତି ଅସିତ ତ୍ରିପାଠୀ, ଯୁଗ୍ମ ସମ୍ପାଦକ ସଞ୍ଜୀବ ପଣ୍ଡା ପୁରସ୍କାର ବିତରଣ କରିଥିଲେ। ଓଟିଏର ପ୍ରଶାସନିକ ଅଧିକାରୀ ସମ୍ବିତ ପଟ୍ଟନାୟକ, କୋଷାଧ୍ୟକ୍ଷ ସତ୍ୟଜିତ ମହାନ୍ତି, ଟୁର୍ନାମେଣ୍ଟ ରେଫରି ଯତୀନ ବୈଶ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟର ବିଜେତା ଓ ରନରଅପ୍ ଖେଳାଳି ଯଥାକ୍ରମେ ୨୫ ଓ ୨୦ ଏଆଇଟିଏ ର୍‍ୟାଙ୍କିଙ୍ଗ୍ ପଏଣ୍ଟ ହାସଲ କରିଛନ୍ତି।

# ଡୋପ୍ ଟେଷ୍ଟରେ ବିଫଳ ହେଲେ ପରଭେଜ

**ନୂଆଦିଲ୍ଲୀ, ୩୦।୮ (ପି.ଟି.):** ନିକଟରେ ଯୁକ୍ତରାଷ୍ଟ୍ର ଆମେରିକାସ୍ଥିତ ଏନସିଏଏ ସର୍କିଟରେ ଚମତ୍କାର ପ୍ରଦର୍ଶନ କରି ଦେଶରେ ଚହଳ ସୃଷ୍ଟି କରିଥିବା ଭାରତର ଟପ୍ ମିଡଲ ଡିଷ୍ଟାନ୍ସ ରନର ପରଭେଜ ଖାନ୍ ଡୋପ୍ ଟେଷ୍ଟରେ ବିଫଳ ହୋଇଛନ୍ତି। ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ନାଡା) ତାଙ୍କୁ ସାମୟିକ ସସ୍‌ପେଣ୍ଡ କରିଛି। ଡୋପିଙ୍ଗରେ ଦୋଷୀ ସାବ୍ୟସ୍ତ ହେଲେ ୧୯ବର୍ଷୀୟ ଖାନ୍ ସର୍ବାଧିକ ୪ ବର୍ଷ ବାସନ୍ଦ ହୋଇପାରନ୍ତି। ଡୋପ୍ ଟେଷ୍ଟରେ କେଉଁ ନିଷିଦ୍ଧ ଉପାଦାନ ପାଇଁ ତାଙ୍କର ଫଳାଫଳ ପଜିଟିଭ ଆସିଥିଲା ତାହା ସ୍ପଷ୍ଟ କରାଯାଇ ନାହିଁ। ଏହାଛଡ଼ା ତାଙ୍କ ପାଇଁ ଦଣ୍ଡ ବେକବେଠାରୁ ଲାଗୁ କରାଯାଇଛି ସେ ସମ୍ପର୍କରେ ମଧ୍ୟ କୌଣସି ସୂଚନା ନାହିଁ। ତେବେ ୨୦୨୩ ଜୁନ୍‌ରେ ଭୁବନେଶ୍ୱରରେ ଅନୁଷ୍ଠିତ ଜାତୀୟ ଆନ୍ତଃ-ରାଜ୍ୟ ଚାମ୍ପିୟନଶିପ୍ ପରେ ପଞ୍ଚକୁଲାରେ (ଜୁନ୍ ୨୭ରୁ ୩୦)ରେ ଅନୁଷ୍ଠିତ ଜାତୀୟ ଆନ୍ତଃରାଜ୍ୟ ଚାମ୍ପିୟନଶିପ ବେଳେ ପରଭେଜଙ୍କଠାରୁ ଡୋପ୍ ସାମ୍ପଲ ନିଆଯାଇଥିଲା। ସେ ପଞ୍ଚକୁଲାରେ ପୁରୁଷ ୧୫୦୦ ମିଟର ଦୌଡ଼ରେ ୩ ମିନିଟ ୪୨.୯୫ ସେକେଣ୍ଡ ଟାଇମିଂରେ ସ୍ୱର୍ଣ୍ଣ ଜିତିଥିଲେ। ମାତ୍ର ସେ ପ୍ୟାରିସ ଅଲିମ୍ପିକ୍ସ କ୍ୱାଲିଫାଇଂ ଟାଇମ ୩:୩୩.୫୦ରୁ ପଛରେ ରହିଯାଇଥିଲେ। ଚଳିତବର୍ଷ ପ୍ରାରମ୍ଭରେ ଆମେରିକାର ଅନୁଷ୍ଠିତ ଏନ୍‌ସିଏଏ ଚାମ୍ପିୟନଶିପ୍‌ର ଟ୍ରାକ୍ ଇଭେଣ୍ଟରେ ଭାରତର ପ୍ରଥମ ଆଥଲେଟ ଭାବେ ଫାଇନାଲ ପାଇଁ ଯୋଗ୍ୟତା ହାସଲ କରିବା ଦ୍ୱାରା ଲୋକେ ସେତେବେଳେ ପରଭେଜଙ୍କୁ ଭାରତର ନୂଆ ଟ୍ରାକ୍ ସେନସେସନ ବୋଲି କହିଥିଲେ। ପରଭେଜ ହେଉଛନ୍ତି ହରିୟାଣାର ମିୱାତ ଅଞ୍ଚଳ ଅନ୍ତର୍ଗତ ଚହଲ୍‌କା ଗ୍ରାମର ଏକ ଗରିବ କୃଷକ ପରିବାରରେ ଜନ୍ମ। ୨୦୨୨ରେ ଗାନ୍ଧୀନଗରରେ ଅନୁଷ୍ଠିତ ଜାତୀୟ କ୍ରୀଡ଼ା ୧୫୦୦ ମିଟର ଦୌଡ଼ରେ ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ୩.୪୦.୮୯ ସହ ଏକ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୦୧୯ରେ ଆନ୍ଧ୍ର ପ୍ରଦେଶର ମଙ୍ଗଳାଗିରିଠାରେ ଅନୁଷ୍ଠିତ ୧୬ ବର୍ଷରୁ କମ୍ ଜାତୀୟ ପ୍ରତିଯୋଗିତା ୮୦୦ ମିଟର ରେସ୍‌ରେ ଏକ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ପରବର୍ତ୍ତୀ ବର୍ଷ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ (୧୮ ବର୍ଷରୁ କମ୍) ସମାନ ଦୂରତା ଇଭେଣ୍ଟରେ ସେ ଏକ ବ୍ରୋଞ୍ଜ ପାଇଥିଲେ।

# ତୀରନ୍ଦାଜୀରୁ ଶୁଟିଂ

## ସଂକ୍ଷେପରେ ଅଭନି ଲେଖରା...



ଭାରତର ଅଭନି ଲେଖରା ପ୍ୟାରିସ୍‌ରେ ଚାଲିଥିବା ପାରାଲିମ୍ପିକ୍ସରେ ୧୦ମିଟର ଏୟାର ରାଇଫଲସ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରି ଦେଶକୁ ଗୌରବାନ୍ୱିତ କରିଛନ୍ତି। ଟୋକିଓରେ ଅନୁଷ୍ଠିତ ଗତ ସଂସ୍କରଣରେ ମଧ୍ୟ ସେ ସମାନ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିଲେ। ପଛକୁ ପଛ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିବାରେ ସେ ପ୍ରଥମ ଭାରତୀୟ ମହିଳା ବିବେଚିତ ହୋଇଛନ୍ତି। ୨୦୦୧ ନଭେମ୍ବର ୮ରେ ରାଜସ୍ଥାନର ଜୟପୁରରେ ଲେଖରା ଜନ୍ମଗ୍ରହଣ କରିଥିଲେ। ତାଙ୍କୁ ଏବେ ୨୨ବର୍ଷ ବୟସ। ୨୦୧୨ରେ ଏକ କାର୍ ଦୁର୍ଘଟଣାରେ ଲେଖରା ଗୁରୁତର ଭାବେ ଆଘାତପ୍ରାପ୍ତ ହୋଇଥିଲେ। ସେଥିରେ ତାଙ୍କ ଗୋଡ଼ ସମ୍ପୂର୍ଣ୍ଣ ଅଚଳ ହୋଇଯାଇଥିଲା। ଖେଳରେ ଯୋଗଦାନ ପାଇଁ ତାଙ୍କ ପିତା ଉତ୍ସାହିତ କରିଥିଲେ। ପ୍ରଥମେ ସେ ତୀରନ୍ଦାଜୀରେ ଟ୍ରେନିଂ ନେଉଥିଲେ। ପରେ ସେ ଏହି ଖେଳ ଛାଡ଼ି ଶୁଟିଂରେ ପାଦ ଥାପିଥିଲେ, ଯାହାପ୍ରତି ତାଙ୍କର ବିଶେଷ ଆଗ୍ରହ ଥିଲା। ଜୟପୁରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ସମୟରେ ସେ ଆଞ୍ଚଳିକ ମ୍ୟାଚରେ ତାଙ୍କର ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ୨୦୨୦ ଗ୍ରୀଷ୍ମକାଳୀନ ପାରାଲିମ୍ପିକ୍ସରେ ସେ ଏୟାର ରାଇଫଲ ଷ୍ଟାଣ୍ଡିଂରେ ଏକ ସ୍ୱର୍ଣ୍ଣ ଏବଂ ୫୦ ମିଟର ରାଇଫଲ-୩ ପୋଜିଶନରେ ଏକ ବ୍ରୋଞ୍ଜ ଜିତିଥିଲେ। ବର୍ତ୍ତମାନ ସେ ମହିଳା ୧୦ ମିଟର ଏୟାର ରାଇଫଲ ଏସ୍‌ଏଚ୍-୧ ୱାର୍ଲ୍ଡ ଶୁଟିଂ ପାରା ସ୍ପୋର୍ଟ୍ସ ର୍‍ୟାଙ୍କିଙ୍ଗରେ ନମ୍ବର-୧ ଅଛନ୍ତି। ଲେଖରା ତାଙ୍କ କ୍ୟାରିୟରରେ ଆହୁରି ଅନେକ ସଫଳତା ହାସଲ କରିଛନ୍ତି। ଫ୍ରାନ୍ସରେ ୨୦୨୨ ବିଶ୍ୱକପ୍‌ରେ ସେ ୧୦ମିଟର ଏୟାର ରାଇଫଲ ଏସ୍‌ଏଚ୍-୧ ଏବଂ ୫୦ମିଟର ରାଇଫଲ ୩-ପୋଜିଶନ ଏସ୍‌ଏଚ୍-୧ରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଜିତିଥିବା ବେଳେ ଦକ୍ଷିଣ କୋରିଆରେ ସେହିବର୍ଷ ୧୦ମିଟର ଏୟାର ରାଇଫଲ ଏସ୍‌ଏଚ୍-୧ରେ ରୌପ୍ୟ ପଦକ ପାଇଥିଲେ। ପାରାଲିମ୍ପିକ ଶୁଟିଂ ପାଇଁ ସେ ୨୦୨୧ରେ ଦେଶର ସର୍ବୋଚ୍ଚ କ୍ରୀଡ଼ା ପୁରସ୍କାର ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ୨୦୨୨ରେ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ମଧ୍ୟ ସମ୍ମାନିତ କରାଯାଇଛି। ବର୍ତ୍ତମାନ ସେ ରାଜସ୍ଥାନ ବିଶ୍ୱବିଦ୍ୟାଳୟରେ ଆଇନଶାସ୍ତ୍ର ଅଧ୍ୟୟନ କରୁଛନ୍ତି। ରାଜସ୍ଥାନ ସରକାର ତାଙ୍କୁ ରାଜ୍ୟ ବନ୍ୟ ବିଭାଗରେ ଆସିଷ୍ଟାଣ୍ଟ କଞ୍ଜରଭେଟର ପଦବୀରେ ନିଯୁକ୍ତି ପ୍ରଦାନ କରିଛନ୍ତି।

## ଦେଶ ପାଇଁ ପଦକ ଜିତିଥିବାରୁ ବହୁତ ଖୁସି: ଅଭନି

"ଦେଶ ପାଇଁ ପଦକ ଜିତିଥିବାରୁ ମୁଁ ବହୁତ ଖୁସି। ଏଥିପାଇଁ ମୁଁ ପୂରା ଟିମ୍, ମୋ କୋଚ୍ ଓ ପରିବାରବର୍ଗଙ୍କୁ ଧନ୍ୟବାଦ ଜଣାଉଛି" ବୋଲି ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ଅଭନି। ଯେଉଁ ଆଥଲେଟ୍‌ଙ୍କର ବାହୁ ପ୍ରଭାବିତ ହୋଇଥାଏ, ଗୋଡ଼ କିମ୍ବା ଗୋଟିଏ ଅଙ୍ଗ ନ ଥାଏ ସେମାନେ ଏସ୍‌ଏଚ୍୧ ବର୍ଗରେ ଅଂଶଗ୍ରହଣ କରିଥାନ୍ତି। ଅଭନି ପ୍ରଥମ ଭାରତୀୟ ଶୁଟରଭାବେ ଟୋକିଓ ପାରାଲିମ୍ପିକ୍ସରେ ଶୁଟିଂରୁ ପଦକ ଅର୍ଜନ କରିଥିଲେ। ପ୍ୟାରିସ୍‌ରେ ଅଭନି ଏକଦା ଲୀ'ଙ୍କଠାରୁ ପଛରେ ମଧ୍ୟ ପଡ଼ି ଯାଇଥିଲେ। ମାତ୍ର ଚାପ ସ୍ଥିତିରେ ଏକାଗ୍ରତା ରକ୍ଷା କରି ବାଜି ମାରିଥିଲେ। ଲୀ'ଙ୍କ ଶେଷ ଶୁଟ୍ ୬.୮ ପଏଣ୍ଟ ରହିଥିବାବେଳେ ଅଭନି ୧୦.୫ ପଏଣ୍ଟ ହାସଲ କରି ସ୍ୱର୍ଣ୍ଣ ପଦକ ପକ୍କା କରି ଦେଇଥିଲେ। ଅଭନି ଏହାପରେ ୫୦ ମିଟର ରାଇଫଲ ୩-ପୋଜିଶନ୍ସରେ ଅଂଶଗ୍ରହଣ କରିବେ। ସେଥିରେ ମଧ୍ୟ ସେ ପଦକ ହାସଲର ପ୍ରବଳ ଦାବିଦାର ଅଛନ୍ତି।



କୋଚ୍ ସୁମା ଶିରୁରଙ୍କ ସହ ଅଭନି।

# ଟ୍ରାକ୍ ଇଭେଣ୍ଟରୁ ଭାରତକୁ ପ୍ରଥମ ପଦକ





ପ୍ରୀତି ପାଲ ପାରାଲିମ୍ପିକ୍ସର ଟ୍ରାକ୍ ଇଭେଣ୍ଟରୁ ଭାରତ ପାଇଁ ପ୍ରଥମ ପଦକ ଜିତିଛନ୍ତି। ଏଠାରେ ଅନୁଷ୍ଠିତ ଟି୩୫ ବର୍ଗ ମହିଳା ୧୦୦ ମିଟର ଇଭେଣ୍ଟରେ ସେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହା ପୂର୍ବରୁ ପାରାଲିମ୍ପିକ୍ସର ଆଥ୍‌ଲେଟିକ୍ସରୁ ଭାରତ ପଦକ ଜିତିଥିଲେ ହେଁ ତାହା ଫିଲ୍ଡ ଇଭେଣ୍ଟରୁ ଆସିଥିଲା। ୨୩ ବର୍ଷୀୟା ପ୍ରୀତି ଜଣେ କୃଷକଙ୍କ ଝିଅ। ତାଙ୍କ ଘର ଉତ୍ତର ପ୍ରଦେଶର ମୁଜାଫରନଗର। ପାରାଲିମ୍ପିକ୍ସର ଦ୍ୱିତୀୟ ଦିବସରେ ସେ ଭାରତ ପାଇଁ ଆଥ୍‌ଲେଟିକ୍ସରୁ ପଦକ ଖାତା ଖୋଲିଛନ୍ତି। ଗତ ମେ'ରେ ଅନୁଷ୍ଠିତ ବିଶ୍ୱ ପାରା ଆଥ୍‌ଲେଟିକ୍ସରେ ପ୍ରୀତି ବ୍ରୋଞ୍ଜ ପଦକ ହାସଲ କରିଥିଲେ। ପ୍ରୀତିଙ୍କୁ ଅଭିନନ୍ଦନ ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହା ଯୁବ ଆଥ୍‌ଲେଟ୍‌ଙ୍କୁ ମୋଟିଭେଟ କରିବ ବୋଲି ମୋଦି ଟୁଇଟ କରିଛନ୍ତି। "ଏହା ମୋର ପ୍ରଥମ ପାରାଲିମ୍ପିକ୍ସ। ମୁଁ ପଦକ ଜିତିଛି ବୋଲି ଏବେ ମଧ୍ୟ ବିଶ୍ୱାସ କରିପାରୁନି। ଭାରତ ପାଇଁ ଟ୍ରାକ୍ ଇଭେଣ୍ଟରେ ପ୍ରଥମ ପାରାଲିମ୍ପିକ୍ସ ପଦକ ଜିତିଥିବାରୁ ବହୁତ ଗର୍ବ ଅନୁଭବ କରୁଛି" ବୋଲି ପ୍ରୀତି ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଏହାପରେ ପ୍ରୀତି ଟି୩୫ ବର୍ଗର ୨୦୦ ମିଟର ଇଭେଣ୍ଟରେ ଅଂଶଗ୍ରହଣ କରିବେ। ସେ ଏହି ଇଭେଣ୍ଟରେ ମଧ୍ୟ ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ଜିତିଥିଲେ।

ପ୍ରୀତି ଜନ୍ମବେଳରୁ ଶାରୀରିକ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ। ଜନ୍ମ ହେବାପରେ ତାଙ୍କ ଶରୀରର ନିମ୍ନଅଂଶ ୬ ଦିନ ପର୍ଯ୍ୟନ୍ତ ପ୍ଲାଷ୍ଟର ହୋଇ ରହିଥିଲା। ପାଦ କ୍ରମଶଃ ଦୁର୍ବଳ ହେବା ସହିତ ସେ ଏକାଧିକ ରୋଗରେ ପୀଡ଼ିତ ହୋଇଥିଲେ। ଗୋଡ଼କୁ ଶକ୍ତ କରିବା ପାଇଁ ସେ ଅନେକ ପାରମ୍ପରିକ ଚିକିତ୍ସା କରିଥିଲେ। ଏପରି କି ସେ ୫ ବର୍ଷର ହୋଇଥିବାବେଳେ ୮ ବର୍ଷ ପର୍ଯ୍ୟନ୍ତ କାଲିପର୍ସ (ମାନ ନିର୍ଦ୍ଧାରଣ ଯନ୍ତ୍ର) ପରିଧାନ କରିଥିଲେ। ୧୭ ବର୍ଷର ହୋଇଥିବାବେଳେ ସୋସିଆଲ ମିଡିଆରେ ପାରାଲିମ୍ପିକ୍ସ ଗେମ୍ସ ଦେଖିବାପରେ ତାଙ୍କ ଆଭିମୁଖ୍ୟ ବଦଳିଥିଲା। ମାତ୍ର ପାରାଲିମ୍ପିକ୍ ଆଥ୍‌ଲେଟ ଫତିମା ଖାତୁନଙ୍କ ସଂସ୍ପର୍ଶରେ ଆସିବାପରେ ତାଙ୍କ ଜୀବନର ଗତିପଥ ବଦଳିଥିଲା। ଫତିମା ତାଙ୍କୁ ପାରା-ଆଥ୍‌ଲେଟିକ୍ସରେ ସମ୍ପୃକ୍ତ କରାଇଥିଲେ। ଫତିମାଙ୍କ ସମର୍ଥନରେ ପ୍ରୀତି ୨୦୧୮ରୁ ରାଜ୍ୟ ଏବଂ ଜାତୀୟ ପ୍ରତିଯୋଗିତାଗୁଡ଼ିକରେ ଅଂଶଗ୍ରହଣ କରିବାକୁ ଲାଗିଲେ। ସେଥିରେ ଭଲ ପ୍ରଦର୍ଶନ କରି ସେ ଗତବର୍ଷ ଚାଇନାରେ ଅନୁଷ୍ଠିତ ଏସିଆନ ପାରା ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ସେଥିରେ ସେ ଉଭୟ ୧୦୦ ଓ ୨୦୦ ମିଟର ସ୍ପ୍ରିଣ୍ଟରେ ୪ର୍ଥ ସ୍ଥାନରେ ରହିଥିଲେ। ଏହାପରେ ସେ ଦିଲ୍ଲୀ ଯାଇ କୋଚ୍ ଗଜେନ୍ଦ୍ର ସିଂଙ୍କ ନିକଟରୁ ଟ୍ରେନିଂ ନେଇଥିଲେ। ଏହାପରେ ତାଙ୍କ ପ୍ରଦର୍ଶନରେ ଉନ୍ନତି ଆସିବାରେ ଲାଗିଲା ଏବଂ ସେ ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ଉଭୟ ୧୦୦ ଓ ୨୦୦ ମିଟରରେ ବ୍ରୋଞ୍ଜ ପଦକ ହାସଲ କଲେ। ସେ ସମ୍ପ୍ରତି କେନ୍ଦ୍ର ସରକାରଙ୍କ ଟାର୍ଗେଟ ଅଲିମ୍ପିକ୍ ପୋଡିୟମ ସ୍କିମ୍‌ରେ ସାମିଲ ଅଛନ୍ତି।

## ଖେଳରତ୍ନ ମନୀଷ



୨୦୦୧ ଅକ୍ଟୋବର ୧୭ରେ ଜନ୍ମିତ ମନୀଷ ନରୱାଲ ହେଉଛନ୍ତି ଜଣେ ଭାରତୀୟ ପାରା ଶୁଟର। ବିଶ୍ୱ ଶୁଟିଂ ପାରା ସ୍ପୋର୍ଟ୍ସ ର୍‍ୟାଙ୍କିଙ୍ଗ୍‌ର ପୁରୁଷ ୧୦ ମିଟର ଏୟାର ପିସ୍ତଲ ଏସଏଚ୍୧ ବର୍ଗରେ ସେ ୪ର୍ଥ ସ୍ଥାନରେ ରହିଛନ୍ତି। ପ୍ୟାରିସ ପାରାଲିମ୍ପିକ୍ସରେ ରୌପ୍ୟ ପଦକ ଜିତିଥିବା ମନୀଷ ସମ୍ପ୍ରତି ଅଲିମ୍ପିକ୍ ଗୋଲ୍ଡ କୋଷ୍ଟରୁ ସହାୟତା ପାଉଛନ୍ତି। ୨୦୧୬ରେ ସେ ହରିୟାଣାର ବଲଭଗଡ଼ରେ ଶୁଟିଂ ଆରମ୍ଭ କରିଥିଲେ। ୨୦୨୧ ପାରା ଶୁଟିଂ ବିଶ୍ୱକପର ପି୪ ମିକ୍ସଡ ୫୦ ମିଟର ପିସ୍ତଲ ଏସଏଚ୧ ଇଭେଣ୍ଟରେ ବିଶ୍ୱରେକର୍ଡ ସହ ସ୍ୱର୍ଣ୍ଣ ପଦକ ହାସଲ କରି ସେ ଇତିହାସ ରଚିଥିଲେ। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସେ ଅନେକ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଛନ୍ତି। ୨୦୨୦ରେ ସେ ଅର୍ଜୁନ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ୨୦୨୦ ଟୋକିଓ ପାରାଲିମ୍ପିକ୍ସର ମିକ୍ସଡ ପି୪-୫୦ ମିଟର ପିସ୍ତଲ ଏସଏଚ୍୧ ଇଭେଣ୍ଟରେ ସେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏବେ ପ୍ୟାରିସରେ ରୌପ୍ୟ ପଦକ ଜିତି ନିଜ କ୍ୟାରିୟରକୁ ଏକ ଭିନ୍ନ ସୋପାନରେ ସେ ପହଞ୍ଚାଇଛନ୍ତି। ୨୦୨୧ରେ ତାଙ୍କୁ ଭାରତର ସର୍ବୋଚ୍ଚ ଖେଳରତ୍ନ ପୁରସ୍କାର ପ୍ରଦାନ କରାଯାଇଥିଲା।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ